# ଶ୍ରୀଶ୍ରୀରାମକୃଷ୍ଣ କଥାମୃତ

## ଶ୍ରୀମ–କଥିତ

## ଦ୍ୱିତୀୟ ଭାଗ

''ତବ କଥାମୃତଂ ତପ୍ତଜୀବନଂ କବିଭିରୀଡ଼ିତଂ କଲ୍ମଷାପହମ୍ ।
ଶ୍ରବଣମଙ୍ଗଳଂ ଶ୍ରୀମଦାତତଂ ଭୁବି ଗୃଣନ୍ତି ଯେ ଭୂରିଦା ଜନାଃ ॥''
—ଶ୍ରୀମଭାଗବତ, ଗୋପୀଗୀତା

ରାମକୃଷ୍ଣ ମଠ
ଭୁବନେଶ୍ୱର

ପ୍ରକାଶକ
ସ୍ୱାମୀ ଆତ୍ମପ୍ରଭାନନ୍ଦ
ଅଧ୍ୟକ୍ଷ, ରାମକୃଷ୍ଣ ମଠ
ବିବେକାନନ୍ଦ ମାର୍ଗ
ଭୁବନେଶ୍ୱର — ୭୫୧ ୦୦୨
ଫୋନ୍ - (୦୬୭୪) ୨୪୩ ୨୦୨୮, ୨୪୩ ୦୦୫୯
Email : rkmbbsr@gmail.com

ସର୍ବସ୍ୱତ୍ୱ ସଂରକ୍ଷିତ

ପ୍ରଥମ ସଂସ୍କରଣ : ୧୯୮୩
ଚତୁର୍ଥ ପୁନର୍ମୁଦ୍ରଣ : ୧୭.୦୮.୨୦୧୪
ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ
୧୦୦୦

ମୂଲ୍ୟ – ଟ. ୯୦.୦୦

ମୁଦ୍ରାକର :
ହିନ୍ଦୁସ୍ଥାନ ପ୍ରିଣ୍ଟିଙ୍ଗ୍ ଏଣ୍ଡ୍ ବାଇଣ୍ଡିଂ ୱାର୍କସ୍
ଏ/୪୮, ରାମେଶ୍ୱର ପାଟଣା
ଭୁବନେଶ୍ୱର — ୭୫୧ ୦୦୨

***SRI SRI RAMAKRISHNA KATHAMRUTA Vol. - II*** : Published by Ramakrishna Math, Vivekananda Marg, Bhubaneswar – 2; 1st Edition, 4th Reprint on 17th August 2014; **Price : ₹. Ninety only.**

## ଶ୍ରୀଶ୍ରୀମା'ଙ୍କର ଆଶୀର୍ବାଦ

ବାବାଜୀବନ

...ତାଙ୍କ ନିକଟରୁ ଯାହା ଶୁଣିଥିଲ, ସେହି କଥା ହିଁ ସତ୍ୟ । ଏଥିରେ ତୁମର କୌଣସି ଭୟ ନାହିଁ । ସେତେବେଳେ ସେ ହିଁ ତୁମ ନିକଟରେ ଏ ସମସ୍ତ କଥା ରଖିଥିଲେ; ଏବେ ପ୍ରୟୋଜନ ଅନୁସାରେ ସେ ପ୍ରକାଶ କରାଉଛନ୍ତି । ଏ ସମସ୍ତ କଥା ବ୍ୟକ୍ତ ନ କଲେ ଲୋକଙ୍କର ଚୈତନ୍ୟ ହେବ ନାହିଁ, ଜାଣିବ । ତୁମ ନିକଟରେ ତାଙ୍କର ଯେଉଁସବୁ କଥା ଅଛି, ତାହା ସମସ୍ତ ସତ୍ୟ । ମୁଁ ଦିନେ ତୁମ ମୁହଁରୁ ଶୁଣି ମୋର ବୋଧ ହେଲା ଯେ, ସେ ହିଁ ଏସମସ୍ତ କଥା କହୁଛନ୍ତି ।

—ଜୟରାମବାଟୀ, ୨୧ ଆଷାଢ଼, ୧୩୦୪

**ମା**, ଠାକୁରଙ୍କର ଜନ୍ମ-ମହୋତ୍ସବ ଉପସ୍ଥିତ । ଏହି ଆନନ୍ଦର ଦିନରେ ଆମମାନଙ୍କର ଏହି ନୈବେଦ୍ୟ ଗ୍ରହଣ କରନ୍ତୁ । ଶ୍ରୀଶ୍ରୀରାମକୃଷ୍ଣ କଥାମୃତ ଆମର ଏହି ନୂତନ ନୈବେଦ୍ୟ ।

୧ ଫାଲଗୁନ ୧୩୦୮ }
୧୯୦୨ ଖ୍ରୀଷ୍ଟାବ୍ଦ }

ଆଶୀର୍ବାଦାକାଙ୍କ୍ଷୀ
ଆପଣଙ୍କର ପ୍ରଣତ ଅକୃତୀ ସନ୍ତାନଗଣ

Thanks ! 100000 Master ! You have hit Ramakristo in the right point. Few alas, few understand him !!

NARENDRANATH

Antpore,[1] 26 March 1889.

My heart leaps in joy—and it is a wonder that I do not go mad when I find any body thoroughly launched into the midst of the doctrine which is to shower peace on Earth hereafter,

October 1897, c/o Lals Hansaraj, Rawlpindi

Dear M., Cest bon mon ami-Now you are doing just the thing. Come out man. No sleeping all life, Time is flying Bravo, that is the way.

Many many thanks for your publication. Only I am afraid it will not pay its way in a pamphlet form...Never mind—pay or no pay. Let it see the blaze of day-light. You will have many blessings on you and many more curses—but.

1. Antpore is a village in the Hughly district, the birthplace of Premananda. The Swamiji and many of his fellow disciples were at this time staying as guests at the house of Swami Premananda (Baburam).

'ଐସାହି ସଦା କାଲ୍ ବନ୍‌ତା ସାହେବ !' (That is always the way of the world, sir.) This is the time

VIVEKANANDA

Dehara Dun, 24th NoV. 1897

"My dear M., many thanks for your second leaflet. It is indeed wonderful. The move is quite original and never was the life of a great teacher brought before the public untarnished by the writer's mind as you are doing. The language also is beyond all praise-so fresh, so pointed and withal so plain and easy. I cannot express in adequate terms how I have enjoyed them. I am really in a transport when I read them. Strange, isn't ? Our Teacher and Lord was so original and each one of us will have to be original or nothing. I now understand why none of us attempted his life before. It has been reserved for you—this great work. He is with you evidently. With love and namaskar, yours in the Lord.

VIVEKANANDA

"P. S.—Socratic Dialogues are Plato all over. You are entirely hidden. Moreover, the dramatic part is infinitely beautiful. Everybody likes it, here or in the West."

VIVEKANANDA

**Srijut Girish Chandra Ghosh** in a letter dated 22nd March 1909 says—"If my humble opinion goes for anything I not only fully endorse the opinion of the great Swamy (Vivekananda), but add in a loud voice that Kathamrita has been my very existence during my protracted illness for the last three years. ...You deserve the gratitude of the whole human race to the end of days."

**Swami Ramakrishnananda** (Sasi Maharaj), Belur Math, then at the Madras Math, in a letter dated 27th October 1904 says—"You have left whole humanity in debt by publishing these invaluable pages fraught with the best wisdom of the greatest Avatar of God."

# ନିବେଦନ

ଭଗବାନ ଶ୍ରୀରାମକୃଷ୍ଣଦେବଙ୍କ କୃପାରୁ ତାଙ୍କର ମୁଖନିଃସୃତ ଭାଗବତୀ ବାଣୀ 'ଶ୍ରୀଶ୍ରୀରାମକୃଷ୍ଣ କଥାମୃତ' ପୁସ୍ତକର ଦ୍ୱିତୀୟ ଭାଗର ପ୍ରଥମ ସଂସ୍କରଣର ଚତୁର୍ଥ ପୁନର୍ମୁଦ୍ରଣ ପ୍ରକାଶିତ ହେଲା । ସ୍ୱାମୀ ଭକ୍ତ୍ୟାନନ୍ଦ ଏହି ପୁସ୍ତକଟିକୁ ମୂଳ ବଙ୍ଗଳାରୁ ଓଡ଼ିଆ ଭାଷାରେ ଅନୁବାଦ କରି ଓଡ଼ିଶାବାସୀଙ୍କର ଯଥାର୍ଥ କଲ୍ୟାଣକାରୀ ହୋଇଛନ୍ତି ।

ଶ୍ରୀଶ୍ରୀରାମକୃଷ୍ଣ କଥାମୃତ ବର୍ତ୍ତମାନ ପୃଥିବୀର ପ୍ରାୟ ସମସ୍ତ ପ୍ରଧାନ ଭାଷାରେ ଅନୂଦିତ ହୋଇ ଅତ୍ୟନ୍ତ ଜନପ୍ରିୟ ଗ୍ରନ୍ଥରୂପେ ପରିଚିତ । ଓଡ଼ିଶାର ଜନସାଧାରଣ ଓ ଭକ୍ତମାନଙ୍କ ନିକଟରେ ଏହି ଭାଗଟି ବିଶେଷ ଆଦୃତ ହେବ ବୋଲି ଆମର ଦୃଢ଼ ବିଶ୍ୱାସ ।

ଏହି ପରିମାର୍ଜିତ ସଂସ୍କରଣର ପ୍ରକାଶନରେ ଯେଉଁମାନେ ସହଯୋଗ କରିଛନ୍ତି, ସେମାନଙ୍କର ଉତ୍ତରୋତ୍ତର ଆଧ୍ୟାତ୍ମିକ ଉନ୍ନତି ପାଇଁ ଶ୍ରୀଭଗବାନଙ୍କ ନିକଟରେ ଆମେ ଆନ୍ତରିକ ପ୍ରାର୍ଥନା କରୁଛୁ ।

ସମସ୍ତଙ୍କର କଲ୍ୟାଣ ହେଉ—ଏହା ହିଁ ଭଗବାନଙ୍କ ନିକଟରେ ଆନ୍ତରିକ ପ୍ରାର୍ଥନା ।

ବିନୀତ

୧୭ ଅଗଷ୍ଟ ୨୦୧୪ **ପ୍ରକାଶକ**

# ସୂଚୀପତ୍ର


| ପରିଚ୍ଛେଦ | ବିଷୟ | ପୃଷ୍ଠା |
|---|---|---|
| ପ୍ରଥମ | ଦକ୍ଷିଣେଶ୍ୱର ମନ୍ଦିରରେ ଭକ୍ତମାନଙ୍କ ସଙ୍ଗରେ | ୧ |
| ଦ୍ୱିତୀୟ | ଦକ୍ଷିଣେଶ୍ୱର ମନ୍ଦିରରେ ଭକ୍ତଙ୍କ ସଙ୍ଗରେ | ୧୦ |
| ତୃତୀୟ | ଦକ୍ଷିଣେଶ୍ୱର ମନ୍ଦିରରେ ରତନ ପ୍ରଭୃତି ଭକ୍ତଙ୍କ ସଙ୍ଗରେ ଶ୍ରୀରାମକୃଷ୍ଣଙ୍କର ଏକ ଚିନ୍ତା ଓ ଏକ କଥା, ଈଶ୍ୱର — 'ସା ଚାତୁରୀ ଚାତୁରୀ' | ୧୬ |
| ଚତୁର୍ଥ | ବାଳକର ବିଶ୍ୱାସ — ଅସ୍ପୃଶ୍ୟ ଜାତି ଓ ଶଙ୍କରାଚାର୍ଯ୍ୟ — ସାଧୁର ହୃଦୟ | ୨୪ |
| ପଞ୍ଚମ | ଦକ୍ଷିଣେଶ୍ୱରରେ ଶ୍ରୀରାମକୃଷ୍ଣ ରାଖାଲ ପ୍ରଭୃତି ଭକ୍ତଙ୍କ ସଙ୍ଗରେ | ୩୫ |
| ଷଷ୍ଠ | ଅଧରଙ୍କ ଘରେ ଦୁର୍ଗାପୂଜା ମହୋତ୍ସବରେ ଶ୍ରୀରାମକୃଷ୍ଣ | ୪୩ |
| ସପ୍ତମ | ଦକ୍ଷିଣେଶ୍ୱରରେ ଲକ୍ଷ୍ମୀପୂର୍ଣ୍ଣିମା (କୁମାର ପୂର୍ଣ୍ଣିମା) | ୫୦ |
| ଅଷ୍ଟମ | ସିନ୍ଦୂରିଆପଟି ବ୍ରାହ୍ମସମାଜରେ ଶ୍ରୀରାମକୃଷ୍ଣ ବିଜୟକୃଷ୍ଣ ଗୋସ୍ୱାମୀ ପ୍ରଭୃତିଙ୍କ ସହ କଥୋପକଥନ | ୫୭ |
| ନବମ | କେଶବଙ୍କ ଘର ଆଗରେ — 'ପଶ୍ୟତି ତବ ପନ୍ଥାନମ୍' | ୬୫ |
| ଦଶମ | ଠାକୁର ଶ୍ରୀରାମକୃଷ୍ଣ ଦକ୍ଷିଣେଶ୍ୱର କାଳୀମନ୍ଦିରରେ ଭକ୍ତମାନଙ୍କ ସଙ୍ଗରେ — ଭକ୍ତିଯୋଗ, ସମାଧିତତ୍ତ୍ୱ ଓ ମହାପ୍ରଭୁଙ୍କ ଅବସ୍ଥା | ୮୦ |
| ଏକାଦଶ | ଦକ୍ଷିଣେଶ୍ୱରରେ ଭକ୍ତମାନଙ୍କ ସଙ୍ଗରେ ଠାକୁର ଶ୍ରୀରାମକୃଷ୍ଣ | ୮୬ |
| ଦ୍ୱାଦଶ | ଦକ୍ଷିଣେଶ୍ୱରରେ ଗୁରୁରୂପୀ ଶ୍ରୀରାମକୃଷ୍ଣ ଅନ୍ତରଙ୍ଗମାନଙ୍କ ସଙ୍ଗରେ ପ୍ରହ୍ଲାଦ ଚରିତ-ଶ୍ରବଣ ଓ ଭାବାବେଶ — ଯୋଷିତ୍ ସଙ୍ଗ ନିନ୍ଦା | ୯୬ |
| ତ୍ରୟୋଦଶ | ବିଲ୍ୱବୃକ୍ଷ ମୂଳରେ ଓ ପଞ୍ଚବଟୀରେ ଶ୍ରୀରାମକୃଷ୍ଣ | ୧୧୦ |
| ଚତୁର୍ଦ୍ଦଶ | ଦକ୍ଷିଣେଶ୍ୱର ମନ୍ଦିରରେ ଗୁରୁରୂପୀ ଶ୍ରୀରାମକୃଷ୍ଣ ଭକ୍ତମାନଙ୍କ ସଙ୍ଗରେ | ୧୨୦ |

| ପରିଚ୍ଛେଦ | ବିଷୟ | ପୃଷ୍ଠା |
| --- | --- | --- |
| ପଞ୍ଚଦଶ | ଶ୍ରୀଯୁକ୍ତ ରାମଚନ୍ଦ୍ରଙ୍କ ବଗିଚାରେ ଶ୍ରୀରାମକୃଷ୍ଣ ଭକ୍ତମାନଙ୍କ ସଙ୍ଗରେ | ୧୩୩ |
| ଷୋଡ଼ଶ | ଦକ୍ଷିଣେଶ୍ୱରରେ ଭକ୍ତଙ୍କ ସଙ୍ଗରେ — ତାନ୍ତ୍ରିକ ଭକ୍ତ ପ୍ରଭୃତି | ୧୪୭ |
| ସପ୍ତଦଶ | ଦକ୍ଷିଣେଶ୍ୱର ମନ୍ଦିରରେ ରାଖାଲ, ଲାଟୁ, ମାଷ୍ଟର, ମହିମା ପ୍ରଭୃତିଙ୍କ ସଙ୍ଗରେ | ୧୬୦ |
| ଅଷ୍ଟାଦଶ | ଦକ୍ଷିଣେଶ୍ୱର ମନ୍ଦିରରେ ରାଖାଲ, ମାଷ୍ଟର, ମଣିଲାଲ ପ୍ରଭୃତିଙ୍କ ସଙ୍ଗରେ | ୧୭୨ |
| ଊନବିଂଶ | ଦକ୍ଷିଣେଶ୍ୱର ମନ୍ଦିରରେ ନରେନ୍ଦ୍ରାଦି ଭକ୍ତମାନଙ୍କ ସଙ୍ଗରେ | ୧୭୭ |
| ବିଂଶ | ଦକ୍ଷିଣେଶ୍ୱରରେ ମଣିଲାଲ ପ୍ରଭୃତି ଭକ୍ତମାନଙ୍କ ସଙ୍ଗରେ | ୧୮୪ |
| ଏକବିଂଶ | ଠାକୁର ଶ୍ରୀରାମକୃଷ୍ଣ ଦକ୍ଷିଣେଶ୍ୱର ମନ୍ଦିରରେ ରାଖାଲ, ରାମ, ନିତ୍ୟ, ଅଧର, ମାଷ୍ଟର, ମହିମା ପ୍ରଭୃତି ଭକ୍ତଙ୍କ ସଙ୍ଗରେ | ୧୯୩ |
| ଦ୍ୱାବିଂଶ | ଦକ୍ଷିଣେଶ୍ୱରରେ ପ୍ରାଣକୃଷ୍ଣ, ମାଷ୍ଟର ପ୍ରଭୃତି ଭକ୍ତମାନଙ୍କ ସଙ୍ଗରେ | ୨୦୬ |
| ତ୍ରୟୋବିଂଶ | ଦକ୍ଷିଣେଶ୍ୱରରେ ଶ୍ରୀରାମକୃଷ୍ଣ — ଫଳହାରିଣୀ ପୂଜା ଓ ବିଦ୍ୟାସୁନ୍ଦର ଯାତ୍ରା | ୨୨୩ |
| ଚତୁର୍ବିଂଶ | ଠାକୁର ଶ୍ରୀରାମକୃଷ୍ଣ ଦକ୍ଷିଣେଶ୍ୱର ମନ୍ଦିରରେ, ଜନ୍ମୋତ୍ସବ ଦିବସରେ, ବିଜୟ, କେଦାର, ରାଖାଲ, ସୁରେନ୍ଦ୍ର ପ୍ରଭୃତି ଭକ୍ତଙ୍କ ସଙ୍ଗରେ | ୨୩୯ |
| ପଞ୍ଚବିଂଶ | ଶ୍ରୀଯୁକ୍ତ ସୁରେନ୍ଦ୍ରଙ୍କ ଉଦ୍ୟାନରେ ମହୋତ୍ସବ | ୨୪୯ |
| ଷଡ଼ବିଂଶ | ଠାକୁର ଶ୍ରୀରାମକୃଷ୍ଣ ଦକ୍ଷିଣେଶ୍ୱର ମନ୍ଦିରରେ ସୁରେନ୍ଦ୍ର, ଭବନାଥ, ରାଖାଲ, ଲାଟୁ, ମାଷ୍ଟର, ଅଧର ପ୍ରଭୃତି ଭକ୍ତଙ୍କ ସଙ୍ଗରେ | ୨୬୭ |

# ଶ୍ରୀଶ୍ରୀରାମକୃଷ୍ଣ କଥାମୃତ

## ପ୍ରଥମ ପରିଚ୍ଛେଦ

## (୧)

### ଦକ୍ଷିଣେଶ୍ୱର ମନ୍ଦିରରେ ଭକ୍ତମାନଙ୍କ ସଙ୍ଗରେ

ଠାକୁର ଶ୍ରୀରାମକୃଷ୍ଣ ଦକ୍ଷିଣେଶ୍ୱର ମନ୍ଦିରରେ ଭକ୍ତମାନଙ୍କ ସଙ୍ଗରେ । ଆଜି ରବିବାର ଶ୍ରାବଣ କୃଷ୍ଣା ପ୍ରତିପଦ, ୧୯ ଅଗଷ୍ଟ ୧୮୮୩ ଖ୍ରୀଷ୍ଟାବ୍ଦ । ବର୍ତ୍ତମାନ ଭୋଗାଳତି ସମୟରେ ସାନାଇ ବାଜୁଥିଲା । ଠାକୁର ଘର ବନ୍ଦ ହେଲା । ଠାକୁର ଶ୍ରୀରାମକୃଷ୍ଣ ମଧ୍ୟ ପ୍ରସାଦ ପାଇବା ପରେ କିଞ୍ଚିତ୍ ବିଶ୍ରାମ କରୁଛନ୍ତି । ବିଶ୍ରାମ ପରେ—ବର୍ତ୍ତମାନ ମଧ୍ୟାହ୍ନ ସମୟ—ସେ ତାଙ୍କ ଘରେ ଛୋଟ ଖଟ ଉପରେ ବସିଛନ୍ତି । ଏହି ସମୟରେ ମାଷ୍ଟର ଆସି ପ୍ରଣାମ କଲେ । କିଛିକ୍ଷଣ ପରେ ତାଙ୍କ ସହିତ ବେଦାନ୍ତ ସମ୍ବନ୍ଧରେ କଥା ହେବାକୁ ଲାଗିଲା ।

### ବେଦାନ୍ତବାଦୀମାନଙ୍କର ମତ—କୃଷ୍ଣ କିଶୋରର କଥା

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି) — ଦେଖ, ଅଷ୍ଟାବକ୍ର-ସଂହିତାରେ ଆତ୍ମଜ୍ଞାନର କଥା ଅଛି । ଆତ୍ମଜ୍ଞାନୀମାନେ କହନ୍ତି 'ସୋଽହମ୍' ଅର୍ଥାତ୍ 'ମୁଁ ସେହି ପରମାତ୍ମା ।' ଏସବୁ ବେଦାନ୍ତବାଦୀ ସନ୍ନ୍ୟାସୀମାନଙ୍କର ମତ, ସଂସାରୀ ପକ୍ଷରେ ଏ ମତ ଠିକ୍ ନୁହେଁ । ସବୁ ତ କରାଯାଉଛି, ଅଥଚ 'ମୁଁ କେବଳ ସେହି ନିଷ୍କ୍ରିୟ ପରମାତ୍ମା'—ଏହା କିପରି ହୋଇପାରେ ? ବେଦାନ୍ତବାଦୀମାନେ କହନ୍ତି, ଆତ୍ମା ନିର୍ଲିପ୍ତ । ସୁଖଦୁଃଖ, ପାପପୁଣ୍ୟ ଏସବୁ ଆତ୍ମାର କୌଣସି ଅପକାର କରିପାରେ ନାହିଁ—ତେବେ ଦେହାଭିମାନୀ ଲୋକଙ୍କୁ କଷ୍ଟ ଦେଇପାରେ । ଧୂଆଁ କାନ୍ଥକୁ ମଇଳା କରେ, ଆକାଶର କିଛି କରିପାରେ ନାହିଁ । କୃଷ୍ଣକିଶୋର ଜ୍ଞାନୀମାନଙ୍କ ପରି କହୁଥିଲେ, ମୁଁ 'ଖ'—ଅର୍ଥାତ୍ ଆକାଶବତ୍ । ତେବେ ସେ ପରମ ଭକ୍ତ, ତାଙ୍କ ମୁହଁରେ ସେପରି କଥା ଶୋଭା ପାଏ, କିନ୍ତୁ ସମସ୍ତଙ୍କ ମୁହଁରେ ନୁହେଁ ।

### ପାପ ଓ ପୁଣ୍ୟ—ମାୟା ନା ଦୟା

''କିନ୍ତୁ 'ମୁଁ ମୁକ୍ତ' ଏ ଅଭିମାନ ଖୁବ୍ ଭଲ । 'ମୁଁ ମୁକ୍ତ' ଏ କଥା କହୁ କହୁ ମଣିଷ ମୁକ୍ତ ହୋଇଯାଏ । ଆଉ 'ମୁଁ ବଦ୍ଧ' ଏ କଥା କହୁ କହୁ ସେ ବ୍ୟକ୍ତି ବଦ୍ଧ ହୋଇଯାଏ । ଯେ କେବଳ କହେ, 'ମୁଁ ପାପୀ', 'ମୁଁ ପାପୀ' ସେ ଶଳା ନିଶ୍ଚୟ ପାପୀ ହୋଇଯାଏ । ବରଂ କହିବାକୁ ହୁଏ—'ମୁଁ ତାଙ୍କର ନାମ ନେଇଛି, ମୋର ପୁଣି ପାପ କଅଣ, ବନ୍ଧନ କଅଣ' ?''

ଶ୍ରୀରାମକୃଷ୍ଣ(ମାଷ୍ଟରଙ୍କୁ)—''ଦେଖ, ମୋ ମନଟା ଭାରୀ ଖରାପ ହୋଇଛି । ହୃଦୁ[୧] ଚିଠି ଲେଖିଛି, ତାର ଦେହ ଭାରୀ ଖରାପ । ଏ କଅଣ ମାୟା ନା ଦୟା ?

ମାଷ୍ଟର କଅଣ କହିବେ ସ୍ଥିର କରି ନ ପାରି ଚୁପ୍ ରହିଲେ ।

ଶ୍ରୀରାମକୃଷ୍ଣ—ମାୟା କାହାକୁ କହନ୍ତି ଜାଣ ? ବାପା-ମା, ଭାଇ-ଭଉଣୀ, ସ୍ତ୍ରୀ-ପୁତ୍ର, ଭଣଜା-ଭାଣିଜୀ, ପୁତୁରା-ଝିଆରୀ, ଏହିସବୁ ଆତ୍ମୀୟଙ୍କ ପ୍ରତି ମମତା । ଆଉ ଦୟା ଅର୍ଥ—ସର୍ବଭୂତେ ପ୍ରେମ । ମୋର ଏଇଟା କଅଣ ହେଲା, ମାୟା ନା ଦୟା ? ହୃଦୁ କିନ୍ତୁ ମୋର ବହୁତ କରିଥିଲା । ବହୁତ ସେବା କରିଥିଲା—ହାତରେ ମଳ ପରିଷ୍କାର କରୁଥିଲା । ଆଉ ସେହିପରି ଶେଷରେ ଶାସ୍ତି ମଧ୍ୟ ଦେଇଥିଲା । ଏତେ ଶାସ୍ତି ଦେଉଥିଲା ଯେ, ବନ୍ଧ ଉପରକୁ ଯାଇ ଗଙ୍ଗାରେ ଝାସ ଦେବାକୁ ଯାଇଥିଲି । କିନ୍ତୁ ମୋର ବହୁତ ସେବା କରିଥିଲା—ବର୍ତ୍ତମାନ ସେ କିଛି (ଟଙ୍କା) ପାଇଲେ ମୋ ମନଟା ସ୍ଥିର ହୁଅନ୍ତା । କିନ୍ତୁ କେଉଁ ବାବୁଙ୍କୁ କହିବାକୁ ଯିବି ? କିଏ କହି ବୁଲିବ ?''

## (୨)

## ମୃଣ୍ମୟ ଆଧାରରେ ଚିନ୍ମୟୀ ଦେବୀ—ବିଷ୍ଣୁପୁରରେ ମୃଣ୍ମୟୀଦର୍ଶନ

ଦିନ ଦୁଇଟା କି ତିନିଟାବେଳେ ଭକ୍ତବୀର ଶ୍ରୀଯୁକ୍ତ ଅଧରଚନ୍ଦ୍ର ସେନ୍ ଓ ଶ୍ରୀଯୁକ୍ତ ବଳରାମ ବସୁ ଆସି ପହଞ୍ଚିଲେ ଓ ପରମହଂସଦେବଙ୍କୁ ଭୂମିଷ୍ଠ ପ୍ରଣାମ କରି ଆସନ ଗ୍ରହଣ କଲେ । ସେମାନେ ପଚାରିଲେ, ''ଆପଣ କିପରି ଅଛନ୍ତି ?''

ଠାକୁର କହିଲେ, ''ହଁ ଦେହ ଭଲ ଅଛି, ତେବେ ମୋ ମନରେ ଟିକିଏ କଷ୍ଟ ହୋଇଛି ।'' ହୃଦୁର ପୀଡ଼ା ସମ୍ବନ୍ଧରେ କୌଣସି କଥା ମଧ୍ୟ ଉତ୍ଥାପନ କଲେ ନାହିଁ ।

ବଡ଼ବଜାରରେ ମଲ୍ଲିକଙ୍କ ସିଂହବାହିନୀ ଦେବୀ-ବିଗ୍ରହଙ୍କ କଥା ପଡ଼ିଲା ।

ଶ୍ରୀରାମକୃଷ୍ଣ—ମୁଁ ସିଂହବାହିନୀଙ୍କୁ ଦେଖିବାକୁ ଯାଇଥିଲି । ଚାଷାଧୋବାପଡ଼ାର ଜଣେ ମଲ୍ଲିକଙ୍କ ଘରେ ଦେବୀଙ୍କୁ ଦେଖିଲି । ଭଙ୍ଗା ଘର । ସେମାନେ ଗରିବ ହୋଇ ଯାଇଛନ୍ତି । ଏଠାରେ ପାରାଗୁହ, ସେଠାରେ ଶିଉଳି, ଏଠାରେ ଝୁର୍ ଝୁର୍ ହୋଇ ବାଲି ଖସୁଛି । ଅନ୍ୟ ମଲ୍ଲିକଙ୍କ ଘରେ ଯେପରି ଦେଖିଛି, ଏ ଘରେ ସେ ଶ୍ରୀ ନାହିଁ । (ମାଷ୍ଟରଙ୍କୁ) ଆଚ୍ଛା, ଏହାର ଅର୍ଥ କଅଣ, କହିଲ ଦେଖି । (ମାଷ୍ଟର ଚୁପ୍ ରହିଲେ) ।

''କ'ଣ ଜାଣ, ଯାହାର କର୍ମରେ ଯାହା ଭୋଗ ଅଛି, ତାହା ତାକୁ କରିବାକୁ ହୁଏ । ସଂସ୍କାର, ପ୍ରାରବ୍ଧ ଏସବୁ ମାନିବାକୁ ହୁଏ ।

୧. ହୃଦୟ (ଡାକ ନାମ 'ହୃଦୁ') ୧୮୮୧ ଖ୍ରୀଷ୍ଟାବ୍ଦର ସ୍ନାନଯାତ୍ରା ପର୍ଯ୍ୟନ୍ତ ଦକ୍ଷିଣେଶ୍ୱର କାଳୀମନ୍ଦିରରେ ପ୍ରାୟ କୋଡ଼ିଏ ବର୍ଷ ପରମହଂସଦେବଙ୍କର ସେବା କରିଥିଲେ । ସମ୍ପର୍କରେ ହୃଦୟ ତାଙ୍କର ଭଣଜା ।

'ଆଉ ଭଙ୍ଗା ଘରେ ଦେଖିଲି ଯେ, ସେଠାରେ ମା ସିଂହବାହିନୀଙ୍କ ମୁଖମଣ୍ଡଳ ଦିବ୍ୟାଲୋକରେ ଉଦ୍‌ଭାସିତ । ଆବିର୍ଭାବ ମାନିବାକୁ ହୁଏ ।

''ମୁଁ ଥରେ ବିଷ୍ଣୁପୁର ଯାଇଥିଲି । ରାଜାଙ୍କର ବେଶ୍ ମନ୍ଦିର ସବୁ ଅଛି । ସେଠାରେ ଭଗବତୀଙ୍କର ମୂର୍ତ୍ତି ଅଛି, ନାମ ମୃଣ୍ମୟୀ । ମନ୍ଦିର ସମ୍ମୁଖରେ ବୃହତ୍ ସରୋବର । (ମାଷ୍ଟରଙ୍କ ପ୍ରତି) ଆଚ୍ଛା, ପୋଖରୀରେ ଇଠାଫଳର (ମୁଣ୍ଡଘଷା) ଗନ୍ଧ ପାଇଲି, କାହିଁକି କୁହ ତ ? ମୁଁ ତ ଜାଣି ନ ଥିଲି ଯେ, ସ୍ତ୍ରୀଲୋକମାନେ ମୃଣ୍ମୟୀ ଦର୍ଶନ ବେଳେ ତାଙ୍କୁ ଇଠାଫଳ ଦିଅନ୍ତି । ଆଉ ପୋଖରୀ ପାଖରେ ମୋର ଭାବ—ସମାଧି ହେଲା, ସେପର୍ଯ୍ୟନ୍ତ ବିଗ୍ରହ ଦେଖି ନାହିଁ । ଆବେଶରେ ସେହି ପୋଖରୀ ପାଖରେ ମୃଣ୍ମୟୀ ଦର୍ଶନ ହେଲା—ଅଣ୍ଟା ପର୍ଯ୍ୟନ୍ତ ।''

## ଭକ୍ତର ସୁଖଦୁଃଖ—ଭାଗବତ ଓ ମହାଭାରତର କଥା

ସେତେବେଳେକୁ ଆଉ ସବୁ ଭକ୍ତମାନେ ଆସି ଜୁଟି ଯାଇଛନ୍ତି । କାବୁଲର ରାଜବିପ୍ଲବ ଓ ଯୁଦ୍ଧ କଥା ଉଠିଲା । ଜଣେ କହୁଛନ୍ତି ଯେ, ୟାକୁବ୍ ଖାଁ ସିଂହାସନଚ୍ୟୁତ ହୋଇଛନ୍ତି । ସେ ପରମହଂସଦେବଙ୍କୁ ସମ୍ବୋଧନ କରି କହିଲେ, ''ଆଜ୍ଞା ! ୟାକୁବ୍ ଖାଁ କିନ୍ତୁ ଜଣେ ବଡ଼ ଭକ୍ତ ।''

ଶ୍ରୀରାମକୃଷ୍ଣ—କଅଣ ଜାଣ, **ସୁଖ-ଦୁଃଖ ଦେହଧାରଣର ଧର୍ମ** । କବିକଙ୍କଣ ଚଣ୍ଡୀରେ ଅଛି ଯେ, କାଲୁବୀର ଜେଲ୍ ଯାଇଥିଲା; ତା'ଛାତିରେ ପଥର ଚାପି ରଖିଥିଲେ । କିନ୍ତୁ କାଲୁବୀର ଭଗବତୀଙ୍କର ବରପୁତ୍ର । ଦେହ ଧାରଣ କଲେ ହିଁ ସୁଖଦୁଃଖ ଭୋଗ ଅଛି ।

''ଶ୍ରୀମନ୍ତ ବଡ଼ ଭକ୍ତ । ଆଉ ତା'ର ମା' ଖୁଲ୍ଲଣାକୁ ଭଗବତୀ କେତେ ଭଲ ପାଉଥିଲେ ! ପୁଣି ସେହି ଶ୍ରୀମନ୍ତର କେତେ ବିପଦ ! କାଟିବା ପାଇଁ ମଶାଣୀକୁ ନେଇ ଯାଇଥିଲେ ।

''ଜଣେ କାଠୁରିଆ ପରମ ଭକ୍ତ, ଭଗବତୀଙ୍କ ଦର୍ଶନ ପାଇଲା । ସେ କେତେ ଭଲ ପାଇଲେ, କେତେ କୃପା କଲେ । କିନ୍ତୁ ତା'ର କାଠକଟା କାମ ଆଉ ଗଲା ନାହିଁ । ସେହି କାଠ କାଟି ଖାଇବାକୁ ହୁଏ । ଦେବକୀଙ୍କର କାରାଗାରରେ ଚତୁର୍ଭୁଜ ଶଙ୍ଖଚକ୍ର ଗଦାପଦ୍ମଧାରୀ ଭଗବାନଙ୍କର ଦର୍ଶନ ହେଲା; କିନ୍ତୁ କାରାଗାରରୁ ମୁକ୍ତି ହେଲା ନାହିଁ ।''

ମାଷ୍ଟର—ଖାଲି କାରାଗାରରୁ ମୁକ୍ତି କାହିଁକି ? ଦେହ ତ ଯେତେ ଜଞ୍ଜାଳର ମୂଳ । ଦେହଟା ଚାଲିଯିବା ଉଚିତ୍ ଥିଲା ।

ଶ୍ରୀରାମକୃଷ୍ଣ—କ'ଣ ଜାଣ, ପ୍ରାରବ୍ଧ କର୍ମର ଭୋଗ । ଯେଉଁ କେତେ ଦିନ ଭୋଗ ଅଛି, ଦେହଧାରଣ କରିବାକୁ ହୁଏ । ଜଣେ କଣା ଗଙ୍ଗାସ୍ନାନ କଲା । ପାପ ସବୁ ଚାଲିଗଲା; କିନ୍ତୁ କଣା ଆଖି ଭଲ ହେଲା ନାହିଁ । (ସମସ୍ତଙ୍କର ହାସ୍ୟ) ପୂର୍ବଜନ୍ମର କର୍ମ ଥିଲା, ତାହାର ଭୋଗ ।

ମାଷ୍ଟର — ଯେଉଁ ବାଣଟି ମରା ହେଲା, ତାହା ଉପରେ ଆଉ କୌଣସି ଆୟତ୍ତ ନ ଥାଏ ।

ଶ୍ରୀରାମକୃଷ୍ଣ — ଦେହର ସୁଖଦୁଃଖ ଯାହା ହେଉ, ଭକ୍ତର ଜ୍ଞାନ ଓ ଭକ୍ତିର ଐଶ୍ୱର୍ଯ୍ୟ ରହେ । ସେ ଐଶ୍ୱର୍ଯ୍ୟ କେବେହେଲେ ଯିବାର ନୁହେଁ । ଦେଖୁନ, ପାଣ୍ଡବମାନଙ୍କର କେତେ ବିପଦ ! କିନ୍ତୁ ଏତେ ବିପଦରେ ମଧ୍ୟ ସେମାନେ ଥରେ ହେଲେ ଚୈତନ୍ୟ ହରାଇ ନାହାନ୍ତି । ସେମାନଙ୍କ ପରି ଜ୍ଞାନୀ, ସେମାନଙ୍କ ପରି ଭକ୍ତ କାହାନ୍ତି ?

## (୩)

### ସମାଧି ମନ୍ଦିରରେ — କ୍ୟାପ୍‌ଟେନ୍ ଓ ନରେନ୍ଦ୍ରଙ୍କର ଆଗମନ

ଏହି ସମୟରେ ନରେନ୍ଦ୍ର ଓ ବିଶ୍ୱନାଥ ଉପାଧ୍ୟାୟ ଆସି ଉପସ୍ଥିତ ହେଲେ । ବିଶ୍ୱନାଥ ନେପାଳ ରାଜାଙ୍କର ଓକିଲ — ରାଜପ୍ରତିନିଧି । ପରମହଂସଦେବ ତାଙ୍କୁ 'କ୍ୟାପ୍‌ଟେନ୍' ବୋଲି କହନ୍ତି । ନରେନ୍ଦ୍ରଙ୍କର ବୟସ ବାଇଶ । ବି.ଏ. ପଢୁଛନ୍ତି । ମଝିରେ ମଝିରେ, ବିଶେଷତଃ ରବିବାର ଦିନ, ଦର୍ଶନ କରିବାକୁ ଆସନ୍ତି ।

ସେମାନେ ପ୍ରଣାମ କରି ଉପବିଷ୍ଟ ହେଲେ । ପରମହଂସଦେବ ନରେନ୍ଦ୍ରଙ୍କୁ ଗୀତ ଗାଇବାକୁ ଅନୁରୋଧ କଲେ । ଘରର ପଶ୍ଚିମ ପାର୍ଶ୍ୱରେ ତାନ୍‌ପୁରାଟିଏ ଝୁଲୁଥିଲା । ନରେନ୍ଦ୍ର ସେହି ତାନ୍‌ପୁରାଟି ନେଇ ତାହାର ସ୍ୱର ବାନ୍ଧିବାକୁ ଲାଗିଲେ । ସମସ୍ତେ ଏକଦୃଷ୍ଟିରେ ଗାୟକଙ୍କ ଆଡ଼କୁ ଚାହିଁ ରହିଲେ — ଡୁବି ଓ ତବଲାର ସ୍ୱର ବନ୍ଧାଗଲା — କେତେବେଳେ ଗୀତ ହେବ ।

ଶ୍ରୀରାମକୃଷ୍ଣ (ନରେନ୍ଦ୍ରଙ୍କୁ) — ଦେଖ ଏ ଆଉ ସେପରି ବାଜେ ନାହିଁ ।

କ୍ୟାପ୍‌ଟେନ୍ — ପୂର୍ଣ୍ଣ ହୋଇ ବସିଛି, ତେଣୁ ଶବ୍ଦ ହୁଏ ନାହିଁ । (ସମସ୍ତଙ୍କର ହାସ୍ୟ) ପୂର୍ଣ୍ଣକୁମ୍ଭ ।

ଶ୍ରୀରାମକୃଷ୍ଣ (କ୍ୟାପ୍‌ଟେନ୍‌ଙ୍କ ପ୍ରତି) — କିନ୍ତୁ ନାରଦାଦି ?

କ୍ୟାପ୍‌ଟେନ୍ — ସେମାନେ ପରଦୁଃଖରେ କଥା କହିଥିଲେ ।

ଶ୍ରୀରାମକୃଷ୍ଣ — ହଁ ନାରଦ, ଶୁକଦେବ ଏମାନେ ସମାଧି ପରେ ଓହ୍ଲାଇ ଆସିଥିଲେ — ଦୟା ଯୋଗୁଁ, ପରର ହିତ ପାଇଁ ସେମାନେ କଥା କହିଥିଲେ ।

ନରେନ୍ଦ୍ର ଗୀତ ଆରମ୍ଭ କଲେ —

''ସତ୍ୟଂ ଶିବ ସୁନ୍ଦର ରୂପ ଭାତି ହୃଦିମନ୍ଦିରେ ।

ଆନନ୍ଦ ଅମୃତରୂପେ ଉଦିବେ ହୃଦୟ ଆକାଶେ । ..... ଇତ୍ୟାଦି''

'ଆନନ୍ଦ ଅମୃତରୂପେ' ଏହି କଥା କହୁ ନ କହୁଣୁ ଠାକୁର ଶ୍ରୀରାମକୃଷ୍ଣ ଗଭୀର ସମାଧିରେ ନିମଗ୍ନ ହେଲେ । ଆସନରେ କର ଯୋଡ଼ି ବସିଛନ୍ତି । ପୂର୍ବାଭିମୁଖ । ଦେହ ଉନ୍ନତ । ଆନନ୍ଦମୟୀଙ୍କ ରୂପସାଗରରେ ନିମଗ୍ନ

ହୋଇଯାଇଛନ୍ତି । ବାହ୍ୟଜ୍ଞାନ ଏକାବେଳକେ ନାହିଁ । ନିଃଶ୍ୱାସ ବହୁଛି କି ନାହିଁ । ସ୍ପନ୍ଦହୀନ । ନିମେଷଶୂନ୍ୟ । ଚିତ୍ରାର୍ପିତ ପରି ବସିଛନ୍ତି । ଯେପରି ଏ ରାଜ୍ୟ ଛାଡ଼ି କେଉଁଠାକୁ ଚାଲିଯାଇଛନ୍ତି ।

## (୪)

### ସଚ୍ଚିଦାନନ୍ଦ ଲାଭର ଉପାୟ—ଜ୍ଞାନୀ ଓ ଭକ୍ତର ପ୍ରଭେଦ

ସମାଧି ଭଙ୍ଗ ହେଲା । ଏହା ପୂର୍ବରୁ ନରେନ୍ଦ୍ର ଶ୍ରୀରାମକୃଷ୍ଣଙ୍କୁ ସମାଧିସ୍ଥ ଦେଖି କକ୍ଷ ତ୍ୟାଗ କରି ପୂର୍ବଦିଗର ବାରଣ୍ଡାକୁ ଚାଲି ଯାଇଛନ୍ତି । ସେଠାରେ ହାଜରା ମହାଶୟ କମ୍ବଳ ଆସନରେ ହରିନାମର ମାଳା ହାତରେ ଧରି ବସିଛନ୍ତି । ତାଙ୍କ ସଙ୍ଗରେ ନରେନ୍ଦ୍ର କଥାବାର୍ତ୍ତା କରୁଛନ୍ତି । ଏଣେ ଘର ଭିତର ଘରଭର୍ତ୍ତି ଲୋକ । ଶ୍ରୀରାମକୃଷ୍ଣ ସମାଧିଭଙ୍ଗ ପରେ ଭକ୍ତମାନଙ୍କ ଆଡ଼କୁ ଦୃଷ୍ଟିପାତ କଲେ । ଦେଖିଲେ ନରେନ୍ଦ୍ର ନାହାନ୍ତି । ଶୂନ୍ୟ ତାନ୍‌ପୁରା ପଡ଼ି ରହିଛି ଏବଂ ଭକ୍ତଗଣ ସମସ୍ତେ ତାଙ୍କ ଆଡ଼କୁ ଔତ୍ସୁକ୍ୟ ସହକାରେ ଚାହିଁ ରହିଛନ୍ତି ।

ଶ୍ରୀରାମକୃଷ୍ଣ—ନିଆଁ ଜାଳି ଯାଇଛି; ଏବେ ରହିଲା ଆଉ ଗଲା । (କ୍ୟାପ୍‌ଟେନ୍ ଓ ଅନ୍ୟାନ୍ୟ ଭକ୍ତମାନଙ୍କ ପ୍ରତି) ଚିଦାନନ୍ଦ ଆରୋପ କର, ତୁମମାନଙ୍କର ମଧ୍ୟ ଆନନ୍ଦ ହେବ । ଚିଦାନନ୍ଦ ତ ଅଛନ୍ତି—କେବଳ ଆବରଣ ଓ ବିକ୍ଷେପ । ବିଷୟାସକ୍ତି ଯେତେ କମିବ, ଈଶ୍ୱରଙ୍କଠାରେ ସେତେ ମତି ହେବ ।

କ୍ୟାପ୍‌ଟେନ୍—କଲିକତା ଆଡ଼କୁ ଯେତେ ଆସିବ, କାଶୀଠାରୁ ସେତିକି ଦୂରେଇ ଯିବ; ଆଉ କାଶୀ ଆଡ଼କୁ ଯେତେ ଯିବ, କଲିକତାରୁ ସେତିକି ଦୂରେଇ ଯିବ ।

ଶ୍ରୀରାମକୃଷ୍ଣ—ଶ୍ରୀମତୀ ଯେତେ କୃଷ୍ଣଙ୍କ ଆଡ଼କୁ ଆଗଉଥିଲେ, ସେତେ ଅଧିକ କୃଷ୍ଣଙ୍କ ଦେହର ଗନ୍ଧ ପାଉଥିଲେ । ଈଶ୍ୱରଙ୍କ ଆଡ଼କୁ ଯେତେ ଆଗେଇବ, ସେତେ ତାଙ୍କଠାରେ ଭାବଭକ୍ତି ହେବ । ନଦୀ ଯେତେ ସମୁଦ୍ର ନିକଟକୁ ଯାଏ, ଜୁଆର-ଭଟ୍ଟା ସେତେବେଶୀ ଦେଖାଯାଏ ।

"ଜ୍ଞାନୀ ଭିତରେ ଗୋଟିଏ ଦିଗକୁ ଗଙ୍ଗା ବହୁଥାଏ । ତା'ପକ୍ଷରେ ସବୁ ସ୍ୱପ୍ନବତ୍ । ସେ ସର୍ବଦା ସ୍ୱ-ସ୍ୱରୂପରେ ରହେ । ଭକ୍ତ ଭିତରେ ସ୍ରୋତ ଗୋଟିଏ ଦିଗକୁ ନୁହେଁ, ଜୁଆର-ଭଟ୍ଟା ହୁଏ । ହସେ, କାନ୍ଦେ, ନାଚେ, ଗାଏ । ଭକ୍ତ ତାଙ୍କ ସହିତ ବିଳାସ କରିବାକୁ ଭଲ ପାଏ—କେତେବେଳେ ପହଁରେ, କେତେବେଳେ ବୁଡ଼େ, କେତେବେଳେ ଉଠେ—ଯେପରି ଜଳ ମଧ୍ୟରେ ବରଫ 'ଟୁପୁରୁ ଟାପୁରୁ' 'ଟୁପୁରୁ ଟାପୁରୁ' ହୁଏ । (ହାସ୍ୟ)

**ସଚ୍ଚିଦାନନ୍ଦ ଓ ସଚ୍ଚିଦାନନ୍ଦମୟୀ—ବ୍ରହ୍ମ ଓ ଆଦ୍ୟାଶକ୍ତି ଅଭେଦ**

''ଜ୍ଞାନୀ ବ୍ରହ୍ମଙ୍କୁ ଜାଣିବାକୁ ଚାହେଁ । ଭକ୍ତର ଭଗବାନ—ଷଡ଼ୈଶ୍ୱର୍ଯ୍ୟପୂର୍ଣ୍ଣ, ସର୍ବଶକ୍ତିମାନ ଭଗବାନ । କିନ୍ତୁ ବସ୍ତୁତଃ ବ୍ରହ୍ମ ଓ ଶକ୍ତି ଅଭେଦ—ଯେ ସଚ୍ଚିଦାନନ୍ଦ, ସେ ହିଁ ସଚ୍ଚିଦାନନ୍ଦମୟୀ । ଯେପରି ମଣିର ଜ୍ୟୋତିଃ ଓ ମଣି; ମଣିର ଜ୍ୟୋତିଃ କହିଲେ ହିଁ ମଣିକୁ ବୁଝାଏ, ମଣି କହିଲେ ଜ୍ୟୋତିଃକୁ ବୁଝାଏ । ମଣିକୁ ନ ଭାବିଲେ ମଣିର ଜ୍ୟୋତିଃକୁ ଭାବି ହୁଏ ନାହିଁ—ଜ୍ୟୋତିଃ ନ ଭାବିଲେ ମଣିକୁ ଭାବି ହୁଏ ନାହିଁ ।''

''ଏକ ସଚ୍ଚିଦାନନ୍ଦ, ଶକ୍ତିଭେଦରେ ଉପାଧିଭେଦ—ତେଣୁ ନାନାରୂପ—'ସେ ତ ତୁମେ ହିଁ ଗୋ ତାରା ।' ଯେଉଁଠାରେ କାର୍ଯ୍ୟ (ସୃଷ୍ଟି, ସ୍ଥିତି, ପ୍ରଳୟ) ସେହିଠାରେ ଶକ୍ତି । କିନ୍ତୁ ଜଳ ସ୍ଥିର ଥିଲେ ବି ଜଳ—ତରଙ୍ଗ, ବୁଦ୍‌ବୁଦ୍ ହେଲେ ମଧ୍ୟ ଜଳ । ସେହି ସଚ୍ଚିଦାନନ୍ଦ ହିଁ ଆଦ୍ୟାଶକ୍ତି—ଯିଏ ସୃଷ୍ଟି-ସ୍ଥିତି-ପ୍ରଳୟ କରନ୍ତି । ଯେପରି କ୍ୟାପ୍‌ଟେନ୍—ଯେତେବେଳେ କୌଣସି କାର୍ଯ୍ୟ କରନ୍ତି ନାହିଁ, ସେତେବେଳେ ଯିଏ, ଆଉ କ୍ୟାପ୍‌ଟେନ୍ ପୂଜା କରୁଛନ୍ତି, ସେତେବେଳେ ମଧ୍ୟ ସିଏ ଆଉ କ୍ୟାପ୍‌ଟେନ୍ ଲାଟ୍‌ସାହେବଙ୍କ ପାଖକୁ ଯାଉଛନ୍ତି, ସେତେବେଳେ ମଧ୍ୟ ସେହି କ୍ୟାପ୍‌ଟେନ୍—**କେବଳ ଉପାଧିବିଶେଷ ।**''

କ୍ୟାପ୍‌ଟେନ୍—ଆଜ୍ଞା ହଁ ।

ଶ୍ରୀରାମକୃଷ୍ଣ—ମୁଁ ଏହି କଥା କେଶବ ସେନ୍‌କୁ କହିଥିଲି ।

କ୍ୟାପ୍‌ଟେନ୍—କେଶବ ସେନ୍ ଭ୍ରଷ୍ଟାଚାର, ସ୍ୱେଚ୍ଛାଚାର, ସେ ବାବୁ, ସାଧୁ ନୁହନ୍ତି ।

ଶ୍ରୀରାମକୃଷ୍ଣ (ଭକ୍ତଙ୍କ ପ୍ରତି)—କ୍ୟାପ୍‌ଟେନ୍ ମୋତେ ବାରଣ କରନ୍ତି କେଶବ ସେନ୍‌ର ସେଠାକୁ ଯିବାକୁ ।

କ୍ୟାପ୍‌ଟେନ୍—ଆଜ୍ଞା, ଆପଣ ଯିବେ, ସେଥିରେ ମୁଁ ଆଉ କଅଣ କରିବି ?

ଶ୍ରୀରାମକୃଷ୍ଣ(ବିରକ୍ତ ହୋଇ)—ତୁମେ ଟଙ୍କା ପାଇଁ ଲାଟ୍‌ସାହେବଙ୍କ ପାଖକୁ ଯାଇପାର, ଆଉ ମୁଁ କେଶବ ସେନ୍ ନିକଟକୁ ଯାଇ ପାରିବି ନାହିଁ ? ସେ ଈଶ୍ୱର ଚିନ୍ତା କରେ ! ହରିନାମ କରେ; ତୁମେ ପରା କୁହ, 'ଈଶ୍ୱର-ମାୟା-ଜୀବ-ଜଗତ୍'—ଯେ ଈଶ୍ୱର, ସେ ହିଁ ଏହିସବୁ ଜୀବଜଗତ୍ ହୋଇଛନ୍ତି ।

(୫)

**ନରେନ୍ଦ୍ରଙ୍କ ସଙ୍ଗରେ—ଜ୍ଞାନଯୋଗ ଓ ଭକ୍ତିଯୋଗର ସମନ୍ୱୟ**

ଏହା କହି ଠାକୁର ହଠାତ୍ ଘରୁ ଉତ୍ତର-ପୂର୍ବ ବାରଣ୍ଡାକୁ ଚାଲିଗଲେ । କ୍ୟାପ୍‌ଟେନ୍ ଓ ଅନ୍ୟାନ୍ୟ ଭକ୍ତମାନେ ଘରେ ବସି ତାଙ୍କର ପ୍ରତ୍ୟାଗମନ

ପ୍ରତୀକ୍ଷା କରୁଛନ୍ତି । ମାଷ୍ଟର ତାଙ୍କ ସହିତ ଏହି ବାରଣ୍ଡାକୁ ଆସିଲେ । ଉତ୍ତର-ପୂର୍ବ ବାରଣ୍ଡାରେ ନରେନ୍ଦ୍ର ହାଜରାଙ୍କ ସହିତ କଥାବାର୍ତ୍ତା କରୁଥିଲେ । ଠାକୁର ଶ୍ରୀରାମକୃଷ୍ଣ ଜାଣନ୍ତି, ହାଜରା ଖାଲି ଶୁଷ୍କ ଜ୍ଞାନବିଚାର କରନ୍ତି, କହନ୍ତି, "ଜଗତ ସ୍ୱପ୍ନବତ୍—ପୂଜା, ନୈବେଦ୍ୟ ଏସବୁ ମନର ଭୁଲ—କେବଳ ସ୍ୱ-ସ୍ୱରୂପକୁ ଚିନ୍ତା କରିବା ହିଁ ଉଦ୍ଦେଶ୍ୟ; ଆଉ 'ମୁଁ ସେହି' ।"

ଶ୍ରୀରାମକୃଷ୍ଣ(ସହାସ୍ୟ)—କଅଣ ହେ ! ତୁମର କଅଣ ସବୁ କଥା ହେଉଛି ?

ନରେନ୍ଦ୍ର(ସହାସ୍ୟ)—ଆମର କେତେ କଅଣ କଥା ହେଉଛି—'ଲମ୍ବା' 'ଲମ୍ବା' କଥା ।

ଶ୍ରୀରାମକୃଷ୍ଣ (ସହାସ୍ୟ)—କିନ୍ତୁ **ଶୁଦ୍ଧଜ୍ଞାନ ଆଉ ଶୁଦ୍ଧାଭକ୍ତି ଏକ ।** ଶୁଦ୍ଧଜ୍ଞାନ ଯେଉଁଠାକୁ, ଶୁଦ୍ଧାଭକ୍ତି ମଧ୍ୟ ସେହିଠାକୁ ନେଇଯାଏ । ଭକ୍ତିପଥ ବେଶ୍ ସହଜ ପଥ ।

ନରେନ୍ଦ୍ର—'କାମ ନାହିଁ ଆଉ ଜ୍ଞାନ ବିଚାରେ, ଦେ ମା' ମୋତେ ପାଗଳ କରି' । (ମାଷ୍ଟରଙ୍କ ପ୍ରତି) ଦେଖନ୍ତୁ, ହାମିଲଟନ୍ (Hamilton) ରେ ପଢ଼ିଲି—ଲେଖିଛନ୍ତି, "A learned ignorance is the end of Philosophy and the beginning of religion."

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି)—ଏହାର ମାନେ କଅଣ ହେ ?

ନରେନ୍ଦ୍ର—ଦର୍ଶନଶାସ୍ତ୍ର ପଢ଼ା ଶେଷ ହେଲେ ମନୁଷ୍ୟ ପଣ୍ଡିତ ମୂର୍ଖ ହୋଇଯାଏ । ସେତେବେଳେ ଧର୍ମର ଆରମ୍ଭ ହୁଏ ।

ଶ୍ରୀରାମକୃଷ୍ଣ (ହସି ହସି)—ଥ୍ୟାଙ୍କ୍ ୟୁ ! ଥ୍ୟାଙ୍କ୍ ୟୁ ! (ସମସ୍ତଙ୍କର ହାସ୍ୟ)

## (୬)

### ସନ୍ଧ୍ୟା ସମାଗମରେ ହରିଧ୍ୱନି

କିଛି ସମୟ ପରେ ସନ୍ଧ୍ୟା ହେବା ଆଗରୁ ଅଧିକାଂଶ ଲୋକ ଘରକୁ ଚାଲିଗଲେ । ନରେନ୍ଦ୍ର ମଧ୍ୟ ବିଦାୟ ନେଲେ । ବେଳ ଗଡ଼ି ଆସିଲା । ସନ୍ଧ୍ୟା ହେଲା । ମନ୍ଦିର ଚାରିପାଖରେ ଆଲୋକ ଜଳା ହେଉଛି । କାଳୀଘର ଓ ବିଷ୍ଣୁଘରର ଦୁଇଜଣ ପୂଜାରୀ ଗଙ୍ଗାରେ ଅର୍ଦ୍ଧନିମଗ୍ନ ହୋଇ ବାହ୍ୟ ଓ ଅନ୍ତର ଶୁଚି କରୁଛନ୍ତି; ଶୀଘ୍ର ଯାଇ ଆଳତି ଓ ଠାକୁରଙ୍କର ରାତ୍ରିକାଳୀନ ଭୋଗ ଦେବାକୁ ହେବ । ଦକ୍ଷିଣେଶ୍ୱର ଗ୍ରାମବାସୀ ଯୁବକବୃନ୍ଦ—କାହା ହାତରେ ଛଡ଼ି, କେହି ବନ୍ଧୁ ସଙ୍ଗରେ—ବଗିଚା ବୁଲିବାକୁ ଆସିଛନ୍ତି । ସେମାନେ ବନ୍ଧ ଉପରେ ବିଚରଣ କରୁଛନ୍ତି ଓ କୁସୁମଗନ୍ଧବାହୀ ନିର୍ମଳ ସାନ୍ଧ୍ୟ ସମୀରଣ ସେବନ କରି କରି ଶ୍ରାବଣ

ମାସର ଖରସ୍ରୋତା ଈଷତ୍‌ବୀଚିବିକମ୍ପିତ ଗଙ୍ଗାପ୍ରବାହ ଦେଖୁଛନ୍ତି । ତନ୍ମଧ୍ୟରୁ ହୁଏତ କେହି ଅପେକ୍ଷାକୃତ ଚିନ୍ତାଶୀଳ, ପଞ୍ଚବଟୀର ବିଜନଭୂମିରେ ପଦଚାରଣ କରୁଛନ୍ତି । ଭଗବାନ ଶ୍ରୀରାମକୃଷ୍ଣ ମଧ୍ୟ ପଶ୍ଚିମ ବାରଣ୍ଡାରୁ ଗଙ୍ଗାଦର୍ଶନ କରିବାକୁ ଲାଗିଲେ ।

ସନ୍ଧ୍ୟା ହେଲା । ଆଲୁଅ ସବୁ ଜଳାଇ ଦିଆଗଲା । ପରମହଂସଦେବଙ୍କ ଘରେ ଦାସୀ ଆସି ପ୍ରଦୀପ ଜାଳି ଝୁଣା ଦେଲା । ଏଣେ ଦ୍ୱାଦଶ ମନ୍ଦିରରେ ଶିବଙ୍କର ଆଳତି, ତପ୍ରରେ ବିଷ୍ଣୁଘର ଓ କାଳୀମନ୍ଦିରରରେ ଆଳତି ଆରମ୍ଭ ହେଲା । ଘଣ୍ଟା, ଘଣ୍ଟ ପ୍ରଭୃତି ମଧୁର ଓ ଗମ୍ଭୀର ନିନାଦ କରିବାକୁ ଲାଗିଲେ—ମଧୁର ଓ ଗମ୍ଭୀର—କାରଣ, ମନ୍ଦିର ପାର୍ଶ୍ୱରେ ହିଁ କଳକଳନାଦିନୀ ଗଙ୍ଗା ।

ଶ୍ରାବଣର କୃଷ୍ଣା ପ୍ରତିପଦ । ଟିକିଏ ପରେ ଚନ୍ଦ୍ର ଉଇଁଲେ । ବୃହତ୍ ପ୍ରାଙ୍ଗଣ ଓ ଉଦ୍ୟାନ-ସ୍ଥିତ ବୃକ୍ଷଶୀର୍ଷ କ୍ରମେ ଚନ୍ଦ୍ରକିରଣରେ ପ୍ଲାବିତ ହେଲା । ଏଣେ ଜ୍ୟୋତ୍ସ୍ନାସ୍ପର୍ଶରେ ଭାଗୀରଥୀ ସଲିଳ ଯେପରି କେତେ ଆନନ୍ଦରେ ପ୍ରବାହିତ ହେଉଛି ।

ସନ୍ଧ୍ୟା ପରେ ଠାକୁର ଶ୍ରୀରାମକୃଷ୍ଣ ଜଗନ୍ମାତାଙ୍କୁ ନମସ୍କାର କରି, ହାତତାଳି ଦେଇ ହରିଧ୍ୱନି କଲେ । କକ୍ଷ ମଧ୍ୟରେ ଅନେକ ଦେବଦେବୀଙ୍କ ଛବି, ଧ୍ରୁବ ପ୍ରହ୍ଲାଦଙ୍କର ଛବି, ରାଜା ରାମଚନ୍ଦ୍ରଙ୍କର ଛବି, ମା' କାଳୀଙ୍କର ଛବି, ରାଧାକୃଷ୍ଣଙ୍କର ଛବି । ସମସ୍ତ ଦେବତାଙ୍କୁ ସେମାନଙ୍କର ନାମ ଉଚ୍ଚାରଣ କରି କରି ସେ ପ୍ରଣାମ କରୁଛନ୍ତି । ଆଉ କହୁଛନ୍ତି, ''ବ୍ରହ୍ମ-ଆତ୍ମା-ଭଗବାନ୍; ଭାଗବତ-ଭକ୍ତ-ଭଗବାନ୍; ବ୍ରହ୍ମ-ଶକ୍ତି; ଶକ୍ତି-ବ୍ରହ୍ମ; ବେଦ, ପୁରାଣ, ତନ୍ତ୍ର; ଗୀତା, ଗାୟତ୍ରୀ । ଶରଣାଗତ, ଶରଣାଗତ; ନାଽହଂ, ନାଽହଂ; ତୁହୁଁ ତୁହୁଁ; ମୁଁ ଯନ୍ତ୍ର, ତୁମେ ଯନ୍ତ୍ରୀ ! ଇତ୍ୟାଦି । ନାମ ପରେ କର ଯୋଡ଼ି ଜଗନ୍ମାତାଙ୍କର ଚିନ୍ତା କରୁଛନ୍ତି ।

ଦୁଇ ଚାରିଜଣ ଭକ୍ତ ସନ୍ଧ୍ୟାଗମରେ ଉଦ୍ୟାନ ମଧ୍ୟରେ ଗଙ୍ଗାକୂଳରେ ବୁଲୁଥିଲେ । ଦିଅଁଙ୍କ ଆଳତି ସରିବା ପରେ ସେମାନେ ପରମହଂସଦେବଙ୍କ ଘରେ କ୍ରମେ କ୍ରମେ ଆସି ବସୁଛନ୍ତି । ପରମହଂସଦେବ ଖଟରେ ଉପବିଷ୍ଟ । ମାଷ୍ଟର, ଅଧର, କିଶୋରୀ ଇତ୍ୟାଦି ତଳେ ସମ୍ମୁଖରେ ବସିଛନ୍ତି ।

## ନରେନ୍ଦ୍ରର କେତେ ଗୁଣ

ଶ୍ରୀରାମକୃଷ୍ଣ(ଭକ୍ତଙ୍କ ପ୍ରତି)—ନରେନ୍ଦ୍ର, ଭବନାଥ, ରାଖାଲ, ଏମାନେ ସମସ୍ତେ ନିତ୍ୟସିଦ୍ଧ, ଈଶ୍ୱରକୋଟୀ । ଏମାନଙ୍କର ଶିକ୍ଷା ଅତି ଉଚ୍ଚକୋଟୀର । ଦେଖୁନ, ନରେନ୍ଦ୍ର କାହାରିକୁ ବି କେୟାର କରେ ନାହିଁ । ମୋ ସଙ୍ଗରେ କ୍ୟାପ୍‌ଟେନ୍‌ର ଗାଡ଼ିରେ ଯାଉଥିଲା—କ୍ୟାପ୍‌ଟେନ୍ ଭଲ ଜାଗାରେ ବସିବାକୁ କହିଲା—ସେ ଚାହିଁଲା ବି ନାହିଁ । ମୋର ବି ଅପେକ୍ଷା ରଖେ ନାହିଁ । ଆଉ ଯାହା ଜାଣେ, ତାହା ମଧ୍ୟ କହେ ନାହିଁ—କାଳେ ମୁଁ ଲୋକଙ୍କ ପାଖରେ କହି ବୁଲିବି ଯେ ନରେନ୍ଦ୍ର ଏତେ ବିଦ୍ୱାନ । ମାୟାମୋହ ନାହିଁ—ଯେପରି କୌଣସି ବନ୍ଧନ ନାହିଁ ।

ଖୁବ୍ ଭଲ ଆଧାର । ଏକାଧାରରେ ଅନେକ ଗୁଣ, ଗାଇବାରେ, ବଜାଇବାରେ, ଲେଖାପଢ଼ାରେ, ଏଣେ ଜିତେନ୍ଦ୍ରିୟ — କହିଛି, ବିବାହ କରିବ ନାହିଁ । ନରେନ୍ଦ୍ର ଆଉ ଭବନାଥ, ଏହି ଦୁଇ ଜଣଙ୍କ ଭିତରେ ଭାରୀ ମେଳ — ଯେପରି ସ୍ତ୍ରୀ-ପୁରୁଷ । ନରେନ୍ଦ୍ର ବେଶୀ ଆସେ ନାହିଁ । ସେ ଭଲ । ବେଶୀ ଆସିଲେ ମୁଁ ବିହ୍ୱଳ ହୁଏ ।

# ଦ୍ୱିତୀୟ ପରିଚ୍ଛେଦ

## (୧)

### ଦକ୍ଷିଣେଶ୍ୱର ମନ୍ଦିରରେ ଭକ୍ତଙ୍କ ସଙ୍ଗରେ

ଠାକୁର ଶ୍ରୀରାମକୃଷ୍ଣ ଛୋଟ ଖଟଟିରେ ବସି ମଶାରି ଭିତରେ ଧ୍ୟାନ କରୁଛନ୍ତି । ରାତ୍ରି ପ୍ରାୟ ୮ଟା ହେବ । ମାଷ୍ଟର ଓ ତାଙ୍କର ଜଣେ ବନ୍ଧୁ ହରିବାବୁ ତଳେ ବସିଛନ୍ତି । ଆଜି ସୋମବାର ୨୦ ଅଗଷ୍ଟ, ୧୮୮୩ ଶ୍ରାବଣ କୃଷ୍ଣା ଦ୍ୱିତୀୟା ।

ଆଜିକାଲି ଏଠାରେ ହାଜରା ରହନ୍ତି, ରାଖାଲ ପ୍ରାୟ ରହନ୍ତି— ବେଳେବେଳେ ଅଧରଙ୍କ ଘରେ ଯାଇ ରହନ୍ତି । ନରେନ୍ଦ୍ର, ଭବନାଥ, ଅଧର, ବଳରାମ, ରାମ, ମନମୋହନ, ମାଷ୍ଟର ପ୍ରଭୃତି ପ୍ରାୟ ପ୍ରତି ସପ୍ତାହରେ ଆସିଥାଆନ୍ତି ।

ହୃଦୟ ଠାକୁରଙ୍କର ଅନେକ ସେବା କରିଥିଲେ । ଗାଆଁରେ ଅସୁସ୍ଥ ହୋଇଥିବାର ଶୁଣି ଠାକୁର ଖୁବ୍ ଚିନ୍ତିତ । ତେଣୁ ଜଣେ ଭକ୍ତ ଶ୍ରୀଯୁକ୍ତ ରାମ ଚାଟାର୍ଜିଙ୍କ ହାତରେ ଆଜି ଦଶଟି ଟଙ୍କା ଦେଇଛନ୍ତି—ହୃଦୟଙ୍କ ପାଖକୁ ପଠାଇବାକୁ । ଦେବା ସମୟରେ ଠାକୁର ସେଠାରେ ଉପସ୍ଥିତ ନ ଥିଲେ । ଭକ୍ତଟି ଗୋଟିଏ ସାନ ଡାବ ଆଣିଛନ୍ତି—ଠାକୁର କହିଥିଲେ, "ଏଠାପାଇଁ ଗୋଟିଏ ସାନ ଡାବ ଆଣିବ, ଭକ୍ତମାନେ ପାଣି ପିଇବେ ।"

ମାଷ୍ଟରଙ୍କର ବନ୍ଧୁ ହରିବାବୁଙ୍କର ପ୍ରାୟ ଏଗାର ବର୍ଷ ହେଲା ପତ୍ନୀବିୟୋଗ ହୋଇଛି । ଆଉ ବିବାହ କରି ନାହାନ୍ତି । ତାଙ୍କର ମାଆ, ବାପା, ଭାଇ, ଭଉଣୀ ସମସ୍ତେ ଅଛନ୍ତି । ସେ ସେମାନଙ୍କୁ ସ୍ନେହ ମମତା କରନ୍ତି ଓ ସେମାନଙ୍କର ସେବା କରନ୍ତି । ତାଙ୍କର ବୟସ ୨୮/୨୯ । ଭକ୍ତମାନେ ଆସି ବସିଲା ମାତ୍ରକେ ଠାକୁର ମଶାରିରୁ ବାହାରିଲେ । ମାଷ୍ଟର ପ୍ରଭୃତି ସମସ୍ତେ ଭୂମିଷ୍ଠ ହୋଇ ପ୍ରଣାମ କଲେ । ଠାକୁରଙ୍କର ମଶାରି ଉଠାଇ ଦିଆଗଲା । ସେ ଛୋଟ ଖଟଟିରେ ବସିଛନ୍ତି ଓ କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ(ମାଷ୍ଟରଙ୍କ ପ୍ରତି)—ମଶାରି ଭିତରେ ଧ୍ୟାନ କରୁଥିଲି । ଭାବିଲି, କେବଳ ଗୋଟିଏ ରୂପ କଳ୍ପନା ଛଡ଼ା ତ ଆଉ କିଛି ନୁହେଁ, ତେଣୁ ଭଲ ଲାଗିଲା ନାହିଁ । ସେ ଯଦି ଦପ୍‌କରି ଦେଖାଇ ଦିଅନ୍ତି, ତେବେ ହୁଏ । ପୁଣି ଭାବିଲି; କିଏ ବା ଧ୍ୟାନ କରେ, କାହାର ବା ଧ୍ୟାନ କରିବି !

ମାଷ୍ଟର—ଆଜ୍ଞା ହଁ । ଆପଣ କହିଛନ୍ତି ଯେ, ସେ ହିଁ ଜୀବ, ଜଗତ୍ ଏସବୁ ହୋଇଛନ୍ତି—ଯେ ଧ୍ୟାନ କରେ ସେ ମଧ୍ୟ ସେହି ।

ଶ୍ରୀରାମକୃଷ୍ଣ—ଆଉ ସେ ନ କରାଇଲେ ତ କିଛି ହେବ ନାହିଁ । ସେ ଧ୍ୟାନ କରାଇଲେ ତେବେ ତ ଧ୍ୟାନ ହେବ । ତୁମେ କଅଣ କହୁଛ ?

ମାଷ୍ଟର — ଆଜ୍ଞା, ଆପଣଙ୍କ ଭିତରେ 'ମୁଁ' ନାହିଁ, ତେଣୁ ଏପରି ହେଉଛି । ଯେଉଁଠାରେ 'ମୁଁ' ନାହିଁ, ସେଠାରେ ଏହିପରି ହୁଏ ।

ଶ୍ରୀରାମକୃଷ୍ଣ — କିନ୍ତୁ 'ମୁଁ ଦାସ, ସେବକ' ଏ ଟିକକ ରହିବା ଭଲ । ଯେଉଁଠାରେ 'ମୁଁ ସବୁ କାର୍ଯ୍ୟ କରୁଛି' ବୋଧ, ସେଠାରେ 'ମୁଁ ଦାସ, ତୁମେ ପ୍ରଭୁ' ଏ ଭାବ ଖୁବ୍ ଭଲ । ସବୁ କରାଯାଉଛି, ତେଣୁ ସେବ୍ୟ — ସେବକ ଭାବରେ ରହିବା ହିଁ ଭଲ ।

**(ମଣିମୋହନଙ୍କୁ ଶିକ୍ଷା–ବ୍ରହ୍ମ ଦର୍ଶନର ଲକ୍ଷଣ–ଧ୍ୟାନ ଯୋଗ)**

ମଣିମୋହନ ପରଂବ୍ରହ୍ମ କଅଣ ତାହା ସର୍ବଦା ଚିନ୍ତା କରନ୍ତି । ଠାକୁର ତାଙ୍କୁ ଲକ୍ଷ୍ୟ କରି କହୁଛନ୍ତି ।

ଶ୍ରୀରାମକୃଷ୍ଣ — ବ୍ରହ୍ମ ଆକାଶବତ୍ । ବ୍ରହ୍ମ ଭିତରେ ବିକାର ନାହିଁ । ଯେପରି ଅଗ୍ନିର କୌଣସି ରଙ୍ଗ ନାହିଁ । ତେବେ ଶକ୍ତିରେ ସେ ବହୁ ହୋଇଛନ୍ତି । ସତ୍ତ୍ୱ, ରଜଃ, ତମଃ ଏହି ତିନିଗୁଣ ଶକ୍ତିର ହିଁ ଗୁଣ । ନିଆଁରେ ଯଦି ଧଳା ରଙ୍ଗ ପକାଇଦିଅ ଧଳା ଦେଖାଯିବ । ଯଦି ନାଲିରଙ୍ଗ ପକାଇଦିଅ ନାଲି ଦେଖାଯିବ । ଯଦି କଳାରଙ୍ଗ ପକାଇଦିଅ କଳା ଦେଖାଯିବ । ବ୍ରହ୍ମ — ସତ୍ତ୍ୱ, ରଜଃ, ତମଃ ତିନି ଗୁଣର ଅତୀତ । ସେ ଯେ କ'ଣ, ମୁହଁରେ କହି ହୁଏ ନାହିଁ । ସେ ବାକ୍ୟର ଅତୀତ । ନେତି ନେତି କରି ଯାହା ବାକି ରହେ, ଆଉ ଯେଉଁଠାରେ ଆନନ୍ଦ, ତାହା ହିଁ ବ୍ରହ୍ମ ।

''ଗୋଟିଏ କନ୍ୟାର ସ୍ୱାମୀ ଆସିଛି, କେତେ ଜଣ ସମବୟସ୍କ ପିଲାଙ୍କ ସହିତ ବାହାର ଘରେ ବସିଛି । ଏଣେ ଏହି କନ୍ୟା ଓ ତାର ସମବୟସ୍କା ଝିଅମାନେ ଝରକା ବାଟେ ଦେଖୁଛନ୍ତି । ସେମାନେ ବରକୁ ଚିହ୍ନନ୍ତି ନାହିଁ — କନ୍ୟାଟିକୁ ପଚାରୁଛନ୍ତି, ଇଏ କ'ଣ ତୋର ବର ? ସେତେବେଳେ ସେ ଟିକିଏ ହସିଦେଇ କହୁଛି, ନା । ଆଉ ଜଣକୁ ଦେଖାଇ ପଚାରୁଛନ୍ତି, ଇଏ କ'ଣ ତୋର ବର ? ସେ ପୁଣି କହୁଛି, ନା । ଆଉ ଜଣକୁ ଦେଖାଇ ପଚାରୁଛନ୍ତି, ଇଏ କ'ଣ ତୋର ବର ? ସେ ପୁଣି କହୁଛି, ନା । ଶେଷରେ ତା'ର ସ୍ୱାମୀକୁ ଲକ୍ଷ୍ୟ କରି ପଚାରିଲେ, ଇଏ ତୋର ବର ? ସେତେବେଳେ ସେ ହଁ କହିଲା ନାହିଁ, କି ନା ବି କହିଲା ନାହିଁ — କେବଳ ଟିକିଏ ମୁରୁକି ହସି ଚୁପ୍ କରି ରହିଲା । ସେତେବେଳେ ସମବୟସ୍କାମାନେ ବୁଝିଲେ ଯେ ସେ ହିଁ ତା'ର ସ୍ୱାମୀ । ଯେତେବେଳେ ଠିକ୍ ଠିକ୍ ବ୍ରହ୍ମଜ୍ଞାନ, ସେତେବେଳେ ଚୁପ୍ ।''

**ସତ୍‌ସଙ୍ଗ ଗୃହୀର କର୍ତ୍ତବ୍ୟ**

ଶ୍ରୀରାମକୃଷ୍ଣ(ମଣିଙ୍କ ପ୍ରତି) — ଆଚ୍ଛା,ମୁଁ କାହିଁକି ଏତେ କଥା କହୁଛି ?

ମଣି — ଆପଣ ଯେପରି କହିଛନ୍ତି, ତାତିଲା ଘିଅରେ ଯଦି ପୁଣି କଞ୍ଚା ଲୁଚି ପଡ଼େ ତେବେ ଆଉ ଥରେ ଚେଁ କଡ଼୍ କଡ଼୍ ହୁଏ । ଭକ୍ତଙ୍କର ଚୈତନ୍ୟ ହେବା ପାଇଁ ଆପଣ କଥା କହୁଛନ୍ତି ।

ଠାକୁର ମାଷ୍ଟରଙ୍କ ସହିତ ହାଜରା ମହାଶୟଙ୍କ କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ — ସତ୍ ଲୋକର କିପରି ସ୍ୱଭାବ ଜାଣ ? ସେ କାହାରିକୁ କଷ୍ଟ ଦିଏ ନାହିଁ — ବ୍ୟତିବ୍ୟସ୍ତ କରେ ନାହିଁ । ନିମନ୍ତ୍ରଣରେ ଯାଇଛି, କାହାର ଏପରି ସ୍ୱଭାବ — ହୁଏତ କହେ — ମୁଁ ଅଲଗା ବସିବି । ଈଶ୍ୱରଙ୍କଠାରେ ଠିକ୍ ଭକ୍ତି ଥିଲେ ବେତାଳରେ ପାଦପଡ଼େ ନାହିଁ — କାହାରିକୁ ବୃଥା କଷ୍ଟ ଦିଏ ନାହିଁ ।

''ଅସତ୍ ଲୋକର ସଙ୍ଗ ଭଲ ନୁହେଁ । ସେମାନଙ୍କ ନିକଟରୁ ଦୂରରେ ରହିବାକୁ ହୁଏ ! ଦେହ ବଞ୍ଚାଇ ଚାଲିବାକୁ ହୁଏ । (ମଣିଙ୍କ ପ୍ରତି) କଅଣ କହୁଛ ?''

ମଣି — ଆଜ୍ଞା, ଅସତ୍ ସଙ୍ଗରେ ମନଟା ତଳକୁ ଖସି ଆସେ । ତେବେ ଆପଣ କହିଛନ୍ତି, ବୀରର କଥା ଅଲଗା ।

ଶ୍ରୀରାମକୃଷ୍ଣ — କିପରି ?

ମଣି — କମ୍ ନିଆଁରେ କାଠ ଟିକିଏ ଠେଲି ଦେଲେ ଲିଭିଯାଏ । ଯେତେବେଳେ ନିଆଁ ଦାଉ ଦାଉ ହୋଇ ଜଳେ, ସେତେବେଳେ କଦଳୀ ଗଛଟାଏ ପକାଇ ଦେଲେ ମଧ୍ୟ କିଛି ହୁଏ ନାହିଁ । କଦଳୀଗଛ ପୋଡ଼ି ଭସ୍ମ ହୋଇଯାଏ ।

ଠାକୁର ମାଷ୍ଟରଙ୍କ ବନ୍ଧୁ ହରିବାବୁଙ୍କ କଥା ପଚାରୁଛନ୍ତି ।

ମାଷ୍ଟର — ଆପଣଙ୍କୁ ସେ ଦର୍ଶନ କରିବାକୁ ଆସିଛନ୍ତି । ତାଙ୍କର ବହୁ ଦିନ ହେଲା ପତ୍ନୀବିୟୋଗ ହୋଇଛି ।

ଶ୍ରୀରାମକୃଷ୍ଣ — ତୁମେ କଅଣ କରୁଛ ?

ମାଷ୍ଟର — କିଛି କରନ୍ତି ନାହିଁ କହିଲେ ଚଳେ । ତେବେ ଘରର ଭାଇଭଉଣୀ, ବାପା-ମା' — ଏମାନଙ୍କର ଖୁବ୍ ସେବା କରନ୍ତି ।

ଶ୍ରୀରାମକୃଷ୍ଣ(ସହାସ୍ୟ) — କାହିଁକି ହେ ? ତୁମେ ଯେ 'କଖାରୁକଟା ଦେଢ଼ଶୁର' ହେଲ । ତୁମେ ନା ସଂସାରୀ ନା ହରିଭକ୍ତ । ଏ ଭଲ ନୁହେଁ । କାହା କାହା ଘରେ ଜଣେ ପୁରୁଷ ଥା'ନ୍ତି, — ସ୍ତ୍ରୀଲୋକଙ୍କୁ ନେଇ ଦିନରାତି ଥାଆନ୍ତି, ଆଉ ବାହାର ଘରେ ବସି ଭୁଡୁ ଭୁଡୁ କରି ହୁକ୍କା ଟାଣନ୍ତି ନିଷ୍କର୍ମା ହୋଇ ବସିଥାଆନ୍ତି । ତେବେ ବେଳେବେଳେ ଘର ଭିତରକୁ ଯାଇ କଖାରୁ କାଟି ଦିଅନ୍ତି । ସ୍ତ୍ରୀଲୋକମାନେ କଖାରୁ କାଟନ୍ତି ନାହିଁ; ତେଣୁ ପିଲାମାନଙ୍କ ଦ୍ୱାରା ସେମାନେ କହି ପଠାନ୍ତି, ଦେଢ଼ଶୁରଙ୍କୁ ଡାକିଆଣ । ସେ କଖାରୁଟା ଦୁଇ ଖଣ୍ଡ କରିଦେଇ ଯିବେ । ସେ ସେତେବେଳେ ଆସି କଖାରୁଟାକୁ ଦୁଇ ଖଣ୍ଡ କରିଦିଅନ୍ତି; ଏତିକି ମାତ୍ର ପୁରୁଷଙ୍କର କାମ । ତେଣୁ ନାମ ହୋଇଛି 'କଖାରୁକଟା ଦେଢ଼ଶୁର' ।

''ତୁମେ ଏପଟେ ବି କର — ସେପଟେ ବି କର । ଈଶ୍ୱରଙ୍କ ପାଦପଦ୍ମରେ ମନ ରଖି ସଂସାରର କାର୍ଯ୍ୟ କର । ଆଉ ଯେତେବେଳେ ଏକା ରହିବ, ସେତେବେଳେ ପଢ଼ିବ ଭକ୍ତିଶାସ୍ତ୍ର — ଶ୍ରୀମଦ୍ଭାଗବତ ବା ଚୈତନ୍ୟଚରିତାମୃତ — ଏସବୁ ପଢ଼ିବ ।''

ରାତି ପ୍ରାୟ ଦଶଟା ହେବ । ବର୍ତ୍ତମାନ ସୁଦ୍ଧା କାଳୀମନ୍ଦିର ବନ୍ଦ ହୋଇନାହିଁ । ମାଷ୍ଟର ରାମ ଚାଟାର୍ଜିଙ୍କ ସଙ୍ଗରେ କଥା କହୁ କହୁ ପ୍ରଥମେ ରାଧାକାନ୍ତଙ୍କ ମନ୍ଦିର, ପରେ ମା' କାଳୀଙ୍କ ମନ୍ଦିରକୁ ଯାଇ ପ୍ରଣାମ କଲେ । ଚନ୍ଦ୍ର ଉଠିଛି, ଶ୍ରାବଣର କୃଷ୍ଣା ଦ୍ୱିତୀୟା — ପ୍ରାଙ୍ଗଣ, ମନ୍ଦିରଶୀର୍ଷ ଅତି ସୁନ୍ଦର ଦେଖା ଯାଉଛି ।

ଠାକୁରଙ୍କ ଘରକୁ ଫେରି ଆସି ମାଷ୍ଟର ଦେଖିଲେ ଠାକୁର ଖାଇବାକୁ ବସୁଛନ୍ତି । ଦକ୍ଷିଣାସ୍ୟ ହୋଇ ବସିଲେ । ଖାଦ୍ୟ ମଧ୍ୟରେ ଟିକିଏ ସୁଜିର ପାୟସ୍ ଆଉ ଖଣ୍ଡେ ଦୁଇ ଖଣ୍ଡ ଲୁଚି । ଟିକିଏ ପରେ ମାଷ୍ଟର ଓ ତାଙ୍କର ବନ୍ଧୁ ଠାକୁରଙ୍କୁ ପ୍ରଣାମ କରି ବିଦାୟ ଗ୍ରହଣ କଲେ । ଆଜି କଲିକତା ଫେରିଯିବେ ।

## (୨)

### ଗୁରୁ–ଶିଷ୍ୟ ସମ୍ବାଦ — ଗୁହ୍ୟ କଥା

ଠାକୁର ଶ୍ରୀରାମକୃଷ୍ଣ ତାଙ୍କର ସେହି ପୂର୍ବପରିଚିତ ଘରେ ଛୋଟ ଖଟଟିରେ ବସି ମଣିଙ୍କ ସହିତ ନିଭୃତରେ କଥା କହୁଛନ୍ତି । ମଣି ତଳେ ବସିଛନ୍ତି । ଆଜି ଶୁକ୍ରବାର, ୭ ସେପ୍‌ଟେମ୍ବର ୧୮୮୩, ଭାଦ୍ର ମାସ ଶୁକ୍ଳା ଷଷ୍ଠୀ । ସନ୍ଧ୍ୟା ପ୍ରାୟ ସାଢ଼େ ସାତଟା ।

ଶ୍ରୀରାମକୃଷ୍ଣ — ସେଦିନ କଲିକତା ଗଲି । ଗାଡ଼ିରେ ଯାଉ ଯାଉ ଦେଖିଲି, ସବୁ ଜୀବଙ୍କର ନିମ୍ନଦୃଷ୍ଟି — ସମସ୍ତଙ୍କର ପେଟଚିନ୍ତା । ସମସ୍ତେ ପେଟ ପାଇଁ ଦୌଡ଼ୁଛନ୍ତି ! ସମସ୍ତଙ୍କର ମନ କାମିନୀ-କାଞ୍ଚନରେ । ତେବେ ଜଣେ ଦୁଇଜଣ ଦେଖିଲି ଊର୍ଦ୍ଧ୍ୱଦୃଷ୍ଟି — ଈଶ୍ୱରଙ୍କ ଆଡ଼କୁ ମନ ଅଛି ।

ମଣି — ଆଜିକାଲି ପେଟଚିନ୍ତା ଆହୁରି ବଢ଼ିଯାଉଛି । ଇଂରେଜମାନଙ୍କୁ ଅନୁକରଣ କରିବାକୁ ଯାଇ ଲୋକଙ୍କର ବିଳାସ ଆଡ଼କୁ ଆହୁରି ମନ ଯାଉଛି; ତେଣୁ ଅଭାବ ବଢୁଛି ।

ଶ୍ରୀରାମକୃଷ୍ଣ — ସେମାନଙ୍କର ଈଶ୍ୱରଙ୍କ ସମ୍ବନ୍ଧରେ ମତ କ'ଣ ?

ମଣି — ସେମାନେ ନିରାକାରବାଦୀ ।

### ପୂର୍ବକଥା — ଶ୍ରୀରାମକୃଷ୍ଣଙ୍କର ବ୍ରହ୍ମଜ୍ଞାନ ଅବସ୍ଥାରେ ଅଭେଦ ଦର୍ଶନ ।

### (ଇଂରେଜ, ହିନ୍ଦୁ, ଅନ୍ତ୍ୟଜଜାତି (Depressed Classes), ପଶୁ, କୀଟ, ବିଷ୍ଠା, ମୂତ୍ର — ସର୍ବଭୂତରେ ଏକ ଚୈତନ୍ୟ ଦର୍ଶନ)

ଶ୍ରୀରାମକୃଷ୍ଣ — ଆମର ଏଠାରେ ମଧ୍ୟ ସେହି ମତ ରହିଛି ।

କିଛି ସମୟ ଦୁଇଜଣ ଚୁପ୍ ହୋଇ ବସିଛନ୍ତି । ଠାକୁର ଏଥର ନିଜ ବ୍ରହ୍ମଜ୍ଞାନର ଅବସ୍ଥା ବର୍ଣ୍ଣନା କରୁଛନ୍ତି ।

ଶ୍ରୀରାମକୃଷ୍ଣ — ମୁଁ ଦିନେ ଦେଖିଲି, **ଏକ ଚୈତନ୍ୟ, ଅଭେଦ** । ପ୍ରଥମେ ଦେଖାଇଲେ, ଅସଂଖ୍ୟ ମନୁଷ୍ୟ, ଜୀବଜନ୍ତୁ ରହିଛନ୍ତି — ସେମାନଙ୍କ ଭିତରେ

ବାବୁମାନେ ବି ଅଛନ୍ତି, ଇଂରେଜ, ମୁସଲମାନ, ମୁଁ ନିଜେ, ମଡାଚଣ୍ଡିଆ, କୁକୁର ପୁଣି ଜଣେ ଦାଢ଼ିଆ ମୁସଲମାନ ହାତରେ ଗୋଟିଏ ସାନ୍‌କି (ଖାଇବା ଥାଳି), ସେଥିରେ ଭାତ ରହିଛି । ସେହି ସାନ୍‌କିରୁ ଭାତ ଆଣି ସମସ୍ତଙ୍କ ମୁଖରେ ଟିକିଏ ଟିକିଏ ଦେଇଗଲା, ମୁଁ ବି ଟିକିଏ ଆସ୍ୱାଦ କଲି ।

''ଆଉ ଦିନେ ଦେଖାଇଲେ—ବିଷ୍ଠା, ମୂତ୍ର ଓ ଅନ୍ନବ୍ୟଞ୍ଜନ, ଆଦି ନାନା ପ୍ରକାର ଖାଇବା ଜିନିଷ ସବୁ ରହିଛି । ହଠାତ୍ ଭିତରୁ ଜୀବାତ୍ମା ବାହାରି ଯାଇ ଗୋଟିଏ ଅଗ୍ନିଶିଖା ପରି ସବୁ ଆସ୍ୱାଦ କଲା—ଯେପରି ଜିହ୍ୱା ଲହ ଲହ ହୋଇ ସବୁ ଜିନିଷ ଥରେ ଥରେ ଆସ୍ୱାଦ କଲା । ବିଷ୍ଠା, ମୂତ୍ର—ସବୁ ଆସ୍ୱାଦ କଲା । ଦେଖାଇଲେ ଯେ, ସବୁ ଏକ—ଅଭେଦ ।''

### ପାର୍ଷଦଗଣଙ୍କର ଦର୍ଶନ—ଠାକୁର କଣ ଅବତାର

ଶ୍ରୀରାମକୃଷ୍ଣ(ମଣିଙ୍କ ପ୍ରତି)—ପୁଣି ଥରେ ଦେଖାଇଲେ ଯେ, ଏଠାରେ ବହୁ ଭକ୍ତ ଅଛନ୍ତି—ପାର୍ଷଦ, ନିଜ ଲୋକ । ଯେତେବେଳେ ଆଳତିର ଶଙ୍ଖ-ଘଣ୍ଟା ବାଜି ଉଠୁଥିଲା, ସେତେବେଳେ କୋଠିର ଛାତ ଉପରକୁ ଉଠି ବ୍ୟାକୁଳ ହୋଇ ଚିତ୍କାର କରି ଡାକୁଥିଲି, 'ଆରେ, ତୁମେ ସବୁ କିଏ କେଉଁଠାରେ ଅଛ ଆସ ! ତୁମମାନଙ୍କୁ ଦେଖିବା ପାଇଁ ଯେ ମୁଁ ଛଟପଟ ହେଉଛି ।'

''ଆଚ୍ଛା, ମୋର ଏସବୁ ଦର୍ଶନ ବିଷୟରେ ତୁମର କ'ଣ ମନେ ହୁଏ ?''

ମଣି—ଆପଣ ତାଙ୍କର ବିଳାସର ସ୍ଥାନ !—ଏତିକି ବୁଝିଛି, ଆପଣ ଯନ୍ତ୍ର, ସେ ଯନ୍ତ୍ରୀ । ଜୀବମାନଙ୍କୁ ଯେପରି ସେ କଳରେ ପକାଇ ତିଆରି କରିଛନ୍ତି, କିନ୍ତୁ ଆପଣଙ୍କୁ ସେ ନିଜ ହାତରେ ଗଢ଼ିଛନ୍ତି ।

ଶ୍ରୀରାମକୃଷ୍ଣ—ଆଚ୍ଛା, ହାଜରା କହେ, ଦର୍ଶନ ପରେ ଷଡ଼ୈଶ୍ୱର୍ଯ୍ୟ ହୁଏ ।

ମଣି—ଯେଉଁମାନେ ଶୁଦ୍ଧାଭକ୍ତି ଚାହାଁନ୍ତି, ସେମାନେ ଈଶ୍ୱରଙ୍କର ଐଶ୍ୱର୍ଯ୍ୟ ଦେଖିବାକୁ ଚାହାଁନ୍ତି ନାହିଁ ।

ଶ୍ରୀରାମକୃଷ୍ଣ—ବୋଧହୁଏ ହାଜରା ପୂର୍ବଜନ୍ମରେ ଦରିଦ୍ର ଥିଲା, ତେଣୁ ଏତେ ଐଶ୍ୱର୍ଯ୍ୟ ଦେଖିବାକୁ ଚାହେଁ । ଏବେ ପୁଣି ହାଜରା କହିଛି, 'ପୂଜାରୀ ବ୍ରାହ୍ମଣ ସଙ୍ଗରେ ମୁଁ କ'ଣ କଥା କହେ !' ପୁଣି କହେ, 'ମୁଁ ଖାଜାଞ୍ଚିଙ୍କୁ କହି ତୁମକୁ ଏହିସବୁ ଜିନିଷ ଦିଆଇବି ।' (ମଣିଙ୍କର ଉଚ୍ଚହାସ୍ୟ)

(ସହାସ୍ୟ)—''ସେ ଏହିସବୁ କଥା କହୁଥାଏ, ଆଉ ମୁଁ ଚୁପ୍ ରହିଥାଏ ।''

**(ମନୁଷ୍ୟ-ଅବତାର ଭକ୍ତର ସହଜରେ ଧାରଣା ହୁଏ-ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟ)**

ମଣି—ଆପଣ ବହୁ ଥର କହିଛନ୍ତି ଯେ, ଶୁଦ୍ଧଭକ୍ତ ଐଶ୍ୱର୍ଯ୍ୟ ଦେଖିବାକୁ ଚାହେଁ ନାହିଁ । ଯେ ଶୁଦ୍ଧଭକ୍ତ, ସେ ଈଶ୍ୱରଙ୍କୁ ଗୋପାଳ ଭାବରେ ଦେଖିବାକୁ ଚାହେଁ । ପ୍ରଥମେ ଈଶ୍ୱର ଚୁମ୍ବକ-ପଥର ହୁଅନ୍ତି, ଆଉ ଭକ୍ତ ଛୁଞ୍ଚି ହୁଅନ୍ତି—

ଶେଷରେ ଭକ୍ତ ହିଁ ଚୁମ୍ବକ-ପଥର ହୁଅନ୍ତି, ଆଉ ଈଶ୍ୱର ଛୁଞ୍ଚ ହୁଅନ୍ତି—ଅର୍ଥାତ୍ ଭକ୍ତଙ୍କ ପାଖରେ ଈଶ୍ୱର ଛୋଟ ହୋଇଯାଆନ୍ତି ।

ଶ୍ରୀରାମକୃଷ୍ଣ—ଯେପରି ଠିକ୍ ସୂର୍ଯ୍ୟୋଦୟ ବେଳର ସୂର୍ଯ୍ୟ । ସେ ସୂର୍ଯ୍ୟକୁ ଅନାୟାସରେ ଦେଖି ହୁଏ—ଆଖି ଝଲସି ଯାଏ ନାହିଁ—ବରଂ ଚକ୍ଷୁର ତୃପ୍ତି ହୁଏ । ଭକ୍ତ ପାଇଁ ଭଗବାନଙ୍କର ନରମ ଭାବ ହୋଇଯାଏ—**ସେ ଐଶ୍ୱର୍ଯ୍ୟ ତ୍ୟାଗ କରି ଭକ୍ତ ପାଖକୁ ଆସନ୍ତି ।**

ଦୁହେଁ ପୁଣି ଚୁପ୍ ହୋଇ ବସିଛନ୍ତି ।

ମଣି—ଭାବୁଛି, ଏସବୁ ଦର୍ଶନ କାହିଁକି ସତ୍ୟ ନ ହେବ—ଯଦି ଏସବୁ ଅସତ୍ୟ ହୁଏ, ଏ ସଂସାର ଆହୁରି ଅସତ୍ୟ—କାରଣ ମନ ଓ ଯନ୍ତ୍ର ଏକ । ସେସବୁ ଦର୍ଶନ ଶୁଦ୍ଧ ମନରେ ହେଉଛି, ଏବଂ ସଂସାରର ବସ୍ତୁ ଏହି ଅଶୁଦ୍ଧ ମନରେ ଦେଖା ହେଉଛି ।

ଶ୍ରୀରାମକୃଷ୍ଣ—ଏଥର ଦେଖୁଛି, ତୁମର ଖୁବ୍ ଅନିତ୍ୟ ବୋଧ ହୋଇଛି । ଆଚ୍ଛା, ହାଜରା କିପରି କହିଲ ।

ମଣି—ସେ ଗୋଟିଏ ପ୍ରକାରର ଲୋକ ! (ଠାକୁରଙ୍କର ହାସ୍ୟ)

ଶ୍ରୀରାମକୃଷ୍ଣ—ଆଚ୍ଛା, ମୋ ସଙ୍ଗରେ ଆଉ କାହାର ମେଳ ଅଛି ?

ମଣି—ଆଜ୍ଞା ନା ।

ଶ୍ରୀରାମକୃଷ୍ଣ—କୌଣସି ପରମହଂସଙ୍କ ସଙ୍ଗରେ ?

ମଣି—ଆଜ୍ଞା ନା । ଆପଣଙ୍କର ତୁଳନା ନାହିଁ ।

ଶ୍ରୀରାମକୃଷ୍ଣ(ସହାସ୍ୟ)—ଅଚିହ୍ନା ଗଛ ଶୁଣିଛ ?

ମଣି—ଆଜ୍ଞା ନା ।

ଶ୍ରୀରାମକୃଷ୍ଣ—ଗୋଟିଏ ପ୍ରକାରର ଗଛ ଅଛି—ତାକୁ ଦେଖି କେହି ଚିହ୍ନି ପାରେ ନାହିଁ ।

ମଣି—ଆଜ୍ଞା, ଆପଣଙ୍କୁ ଚିହ୍ନିବାର ଉପାୟ ନାହିଁ । **ଆପଣଙ୍କୁ ଯେ ଯେତେ ବୁଝିବ ସେ ସେତେ ଉନ୍ନତ ହେବ ।**

ମଣି ଚୁପ୍ ହୋଇ ଭାବୁଛନ୍ତି, ଠାକୁର 'ସୂର୍ଯ୍ୟୋଦୟ ବେଳର ସୂର୍ଯ୍ୟ' ଆଉ 'ଅଚିହ୍ନା ଗଛ' ଏସବୁ କଥା ଯାହା କହିଲେ, ଏହାର ନାମ କଅଣ ଅବତାର ? ଏହାର ନାମ କଅଣ ନରଲୀଳା ? ଠାକୁର କଅଣ ଅବତାର ? ତେଣୁ ପାର୍ଷଦମାନଙ୍କୁ ଦେଖିବା ପାଇଁ ବ୍ୟାକୁଳ ହୋଇ କୋଠିର ଛାତରେ ଠିଆ ହୋଇ ଡାକୁଥିଲେ 'ଆରେ, ତୁମେ ସବୁ କିଏ କେଉଁଠାରେ ଅଛ ଆସ ।'

# ତୃତୀୟ ପରିଚ୍ଛେଦ

## (୧)

## ଦକ୍ଷିଣେଶ୍ୱର ମନ୍ଦିରରେ ରତନ ପ୍ରଭୃତି ଭକ୍ତଙ୍କ ସଙ୍ଗରେ ଶ୍ରୀରାମକୃଷ୍ଣଙ୍କର ଏକ ଚିନ୍ତା ଓ ଏକ କଥା, ଈଶ୍ୱର— 'ସା ଚାତୁରୀ ଚାତୁରୀ'

ଶ୍ରୀରାମକୃଷ୍ଣ କାଳୀ ମନ୍ଦିରରେ ସେହି ପୂର୍ବପରିଚିତ ଘରେ ଛୋଟ ଖଟଟିରେ ବସିଛନ୍ତି । ସହାସ୍ୟ ବଦନ । ଭକ୍ତମାନଙ୍କ ସହିତ କଥା କହୁଛନ୍ତି । ତାଙ୍କର ଆହାର ହୋଇ ଯାଇଛି । ସମୟ ଗୋଟାଏ ଦୁଇଟା ହେବ ।

ଆଜି ରବିବାର, ୯ ସେପ୍‌ଟେମ୍ବର ୧୮୮୩, ଭାଦ୍ର ଶୁକ୍ଳା ସପ୍ତମୀ । ଘର ଚଟାଣରେ ରାଖାଲ, ମାଷ୍ଟର, ରତନ ବସିଛନ୍ତି । ଶ୍ରୀଯୁକ୍ତ ରାମଲାଲ, ଶ୍ରୀଯୁକ୍ତ ରାମ ଚାଟାର୍ଜି, ଶ୍ରୀଯୁକ୍ତ ହାଜରା ମଝିରେ ମଝିରେ ଆସୁଛନ୍ତି ଓ ବସୁଛନ୍ତି । ରତନ ଶ୍ରୀଯୁକ୍ତ ଯଦୁ ମଲ୍ଲିକଙ୍କର ବଗିଚାର ତତ୍ତ୍ୱାବଧାନ କରନ୍ତି । ଠାକୁରଙ୍କୁ ଭକ୍ତି କରନ୍ତି ଓ ମଝିରେ ମଝିରେ ଆସି ଦର୍ଶନ କରନ୍ତି । ଠାକୁର ତାଙ୍କ ସହିତ କଥା କହୁଛନ୍ତି । ରତନ କହୁଛନ୍ତି, ଯଦୁ ମଲ୍ଲିକଙ୍କ କଲିକତା ଘରେ ନୀଳକଣ୍ଠଙ୍କର ଯାତ୍ରା ହେବ ।

ରତନ—ଆପଣଙ୍କୁ ଯିବାକୁ ହେବ । ସେମାନେ କହି ପଠାଇଛନ୍ତି, ଅମୁକ ଦିନ ଯାତ୍ରା ହେବ ।

ଶ୍ରୀରାମକୃଷ୍ଣ—ଖୁବ୍ ଭଲ, ମୋର ଯିବାର ଇଚ୍ଛା ଅଛି । ଆହା ! ନୀଳକଣ୍ଠ ଭକ୍ତି ସହକାରେ କିପରି ଗୀତ ଗାଏ !

ଜଣେ ଭକ୍ତ—ଆଜ୍ଞା ହଁ ।

ଶ୍ରୀରାମକୃଷ୍ଣ—ଗୀତ ଗାଉ ଗାଉ ସେ ଆଖି ଲୁହରେ ଭାସିଯାଏ । (ରତନ ପ୍ରତି) ଭାବୁଛି, ରାତିରେ ରହିଯିବି ।

ରତନ—ତେବେ ତ ବେଶ୍ ଭଲ କଥା ।

ରାମ ଚାଟାର୍ଜି ପ୍ରଭୃତି ଅନେକେ କଠଉ ଚୋରି କଥା ପଚାରିଲେ ।

ରତନ—ଯଦୁବାବୁଙ୍କ ଘର-ଦିଅଁଙ୍କର ସୁନାର କଠଉ ଚୋରି ହୋଇଛି । ସେଥିପାଇଁ ଘରେ ଭାରୀ ହୁଲସ୍ଥୁଲ୍ ପଡ଼ିଯାଇଛି । ଥାଳି ଚଲା ହେବ । ସମସ୍ତେ ବସି ରହିବେ, ଯେ ନେଇଛି ତାହାରି ଆଡ଼କୁ ଥାଳି ଚାଲିଯିବ ।

ଶ୍ରୀରାମକୃଷ୍ଣ(ସହାସ୍ୟ)—କିପରି ଥାଳି ଚାଲେ ?—ନିଜେ ଚାଲେ ?

ରତନ—ନା, ଜଣେ ହାତ ରଖିଥାଏ ।

ଭକ୍ତ—କଅଣ ଗୋଟାଏ କୌଶଳ ଅଛି—ହାତର ଚାତୁରୀ ଅଛି ।

ଶ୍ରୀରାମକୃଷ୍ଣ—ଯେଉଁ ଚାତୁରୀରେ ଭଗବାନଙ୍କୁ ଲାଭ କରାଯାଏ, ସେହି ଚାତୁରୀ ହିଁ ଚାତୁରୀ । **'ସା ଚାତୁରୀ ଚାତୁରୀ !'**

## (୨)

### ତାନ୍ତ୍ରିକ ସାଧନ ଓ ଶ୍ରୀରାମକୃଷ୍ଣଙ୍କର ସନ୍ତାନଭାବ

କଥାବାର୍ତ୍ତା ଚାଲିଛି ଏହି ସମୟରେ କେତେ ଜଣ ବଙ୍ଗାଳୀ ଭଦ୍ରଲୋକ ଘର ଭିତରକୁ ଆସି ଠାକୁରଙ୍କୁ ପ୍ରଣାମ କଲେ ଓ ଆସନ ଗ୍ରହଣ କଲେ । ସେମାନଙ୍କ ମଧ୍ୟରେ ଜଣେ ଠାକୁରଙ୍କ ପୂର୍ବପରିଚିତ । ଏମାନେ ତନ୍ତ୍ର ସାଧନ କରନ୍ତି— ପଞ୍ଚମକାର ସାଧନ । ଠାକୁର ଅନ୍ତର୍ଯ୍ୟାମୀ, ସେମାନଙ୍କର ସମସ୍ତ ଭାବ ବୁଝିଛନ୍ତି । ସେମାନଙ୍କ ମଧ୍ୟରେ ଜଣେ ଧର୍ମ ନାମରେ ପାପାଚରଣ କରନ୍ତି; ତାହା ମଧ୍ୟ ଶୁଣିଛନ୍ତି । ସେହି ବ୍ୟକ୍ତି ଜଣେ ବଡ଼ଲୋକଙ୍କର ଭାଇଙ୍କ ବିଧବା ସହିତ ଅବୈଧ ପ୍ରଣୟ କରିଛନ୍ତି ଓ ଧର୍ମ ନାମରେ ତାଙ୍କ ସହିତ ପଞ୍ଚମକାର ସାଧନ କରନ୍ତି, ଏହା ମଧ୍ୟ ଶୁଣିଛନ୍ତି ।

ଶ୍ରୀରାମକୃଷ୍ଣଙ୍କର ସନ୍ତାନଭାବ । ପ୍ରତ୍ୟେକ ସ୍ତ୍ରୀଲୋକଙ୍କୁ ମା' ବୋଲି ଜାଣନ୍ତି — ବେଶ୍ୟା ପର୍ଯ୍ୟନ୍ତ ! — ଭଗବତୀଙ୍କର ଗୋଟିଏ ଗୋଟିଏ ରୂପ ବୋଲି ଜାଣନ୍ତି ।

ଶ୍ରୀରାମକୃଷ୍ଣ(ସହାସ୍ୟ) — ଅଚଳାନନ୍ଦ କେଉଁଠାରେ ? କାଲୀକିଙ୍କର ସେଦିନ ଆସିଥିଲା — ଆଉ ଜଣେ କି ସିଙ୍ଗି — (ମାଷ୍ଟର ପ୍ରଭୃତିଙ୍କ ପ୍ରତି) ଅଚଳାନନ୍ଦ ଓ ତାଙ୍କର ଶିଷ୍ୟମାନଙ୍କର ଭାବ ଅଲଗା । ମୋର ସନ୍ତାନଭାବ ।

ଆଗନ୍ତୁକ ବାବୁମାନେ ଚୁପ୍ ହୋଇ ବସିଛନ୍ତି, ମୁହଁରେ କୌଣସି କଥା ନାହିଁ ।

### ପୂର୍ବକଥା — ଅଚଳାନନ୍ଦଙ୍କର ତାନ୍ତ୍ରିକ ସାଧନା

ଶ୍ରୀରାମକୃଷ୍ଣ — ମୋର ସନ୍ତାନଭାବ । ଅଚଳାନନ୍ଦ ଏଠାରେ ଆସି ମଝିରେ ମଝିରେ ରହୁଥିଲା । ଖୁବ୍ କାରଣ ପିଏ । ମୋର ସନ୍ତାନଭାବ ଶୁଣି ଶେଷରେ ଜିଦ୍ କରି କହିବାକୁ ଲାଗିଲା 'ସ୍ତ୍ରୀଲୋକ ନେଇ ବୀରଭାବରେ ସାଧନ ତୁମେ କାହିଁକି ମାନିବ ନାହିଁ ? ଶିବଙ୍କର କଲମ ମାନିବ ନାହିଁ ? ଶିବ ତନ୍ତ୍ର ଲେଖି ଯାଇଛନ୍ତି, ସେଥିରେ ସବୁ ଭାବର ସାଧନ ଅଛି — ବୀର ଭାବର ସାଧନ ମଧ୍ୟ ଅଛି ।'

"ମୁଁ କହିଲି — କେଜାଣି ବାବୁ, ମୋତେ ସେସବୁ କିଛି ଭଲ ଲାଗେ ନାହିଁ, ମୋର ସନ୍ତାନଭାବ ।"

### ପିତାର କର୍ତ୍ତବ୍ୟ — ସିଦ୍ଧି ଓ ପଞ୍ଚମକାରର ନିନ୍ଦା — ଟଙ୍କାର ବ୍ୟବହାର

"ଅଚଳାନନ୍ଦ ପିଲାପିଲିଙ୍କର ଖବର ନିଏ ନାହିଁ । ମୋତେ କହେ, 'ପିଲାଙ୍କୁ ଈଶ୍ୱର ଦେଖିବେ — ଏ ସବୁ ଈଶ୍ୱରଙ୍କର ଇଚ୍ଛା ।' ମୁଁ ଶୁଣି ଚୁପ୍ କରି ରହୁଥିଲି । କି କଥା ! ପିଲାମାନଙ୍କୁ ଦେଖେ କିଏ ? ପିଲାପିଲି ଓ ସ୍ତ୍ରୀକୁ ତ୍ୟାଗ କରିଛି କହି

ଟଙ୍କା ରୋଜଗାରର ଗୋଟିଏ ଫିକର କରେ । ଲୋକ ଭାବିବେ ଇଏ ସବୁ ତ୍ୟାଗ କରିଛନ୍ତି ତେଣୁ ଅନେକ ଟଙ୍କା ଆସି ପଡ଼ିବ ।''

''ମକଦ୍ଦମା ଜିତିବି, ଖୁବ୍ ଟଙ୍କା ହେବ, ମକଦ୍ଦମା ଜିତାଇ ଦେବି, ବିଷୟଲାଭ କରାଇ ଦେବି—ଏଥିପାଇଁ ସାଧନା ? ଏହା ଭାରୀ ହୀନ ବୁଦ୍ଧିର କଥା !''

''ଟଙ୍କାରେ ଖାଇବା ପିଇବା ହୁଏ ରହିବା ପାଇଁ ଗୋଟିଏ ଜାଗା ହୁଏ, ଦେବତାଙ୍କର ସେବା ହୁଏ, ସାଧୁ ଭକ୍ତଙ୍କର ସେବା ହୁଏ, ଆଗରେ କେହି ଗରିବ ପଡ଼ିଲେ ତା'ର ଉପକାର ହୁଏ, ଏ ସବୁ ଟଙ୍କାର ସଦ୍‌ବ୍ୟବହାର । ଐଶ୍ୱର୍ଯ୍ୟ ଭୋଗ ପାଇଁ ଟଙ୍କା ନୁହେଁ । ଦେହସୁଖ ପାଇଁ ଟଙ୍କା ନୁହେଁ । ଲୋକମାନ୍ୟ ପାଇଁ ଟଙ୍କା ନୁହେଁ ।''

''ଅଲୌକିକ କ୍ଷମତା (ସିଦ୍ଧି) ପାଇଁ ପଞ୍ଚମକାର ତନ୍ତ୍ରସାଧନ କରନ୍ତି; କିନ୍ତୁ କି ହୀନ ବୁଦ୍ଧି । କୃଷ୍ଣ ଅର୍ଜୁନଙ୍କୁ କହିଥିଲେ, 'ଭାଇ ! ଅଷ୍ଟସିଦ୍ଧିରୁ ଗୋଟିଏ ସିଦ୍ଧି ରହିଲେ ତୁମର ଟିକିଏ ଶକ୍ତି ବଢ଼ିପାରେ—କିନ୍ତୁ ମୋତେ ପାଇବ ନାହିଁ । ସିଦ୍ଧି ରହିଲେ ମାୟା ଯାଏ ନାହିଁ—ମାୟାରୁ ପୁଣି ଅହଙ୍କାର । କି ହୀନବୁଦ୍ଧି ! ଘୃଣାର ସ୍ଥାନରୁ ତିନି ଢୋକି କାରଣବାରି ପିଇ କଅଣ ଲାଭ ହେଲା ?—ନା ମକଦ୍ଦମା ଜିତିବା ।''

## ଦୀର୍ଘାୟୁ ହେବା ପାଇଁ ହଠଯୋଗ କ'ଣ ଦରକାର ?

''ଦେହ, ଅର୍ଥ, ଏ ସବୁ ଅନିତ୍ୟ । ଏହାପାଇଁ—ଏତେ କାହିଁକି ? ଦେଖ ନା, ହଠଯୋଗୀମାନଙ୍କର ଦଶା ! ଦେହ କିପରି ଦୀର୍ଘାୟୁ ହେବ ଏହି ଆଡ଼କୁ ନଜର ! ଈଶ୍ୱରଙ୍କ ପ୍ରତି ଲକ୍ଷ୍ୟ ନାହିଁ ! ନେତି, ଧୌତ—କେବଳ ପେଟ ସଫା କରୁଛନ୍ତି ! ନଳ ଦେଇ ଦୁଧ ଗ୍ରହଣ କରୁଛନ୍ତି ।''

''ଜଣେ ବଣିଆ, ତାହାର ତାଳୁକୁ ଜିଭ ଓଲଟି ଯାଇଥିଲା, ସେତେବେଳେ ତା'ର ଜଡ଼-ସମାଧି ପରି ହୋଇଗଲା—ଆଉ ହଲଚଲ ନାହିଁ । ଅନେକ ଦିନ ଏହି ଭାବରେ ଥିଲା, ସମସ୍ତେ ଆସି ପୂଜା କରୁଥିଲେ । କିଛି ବର୍ଷ ପରେ ତା'ର ଜିଭ ହଠାତ୍ ସିଧା ହୋଇଗଲା । ସେତେବେଳେ ପୂର୍ବ ପରି ଚୈତନ୍ୟ ହେଲା, ପୁଣି ବଣିଆ କାମ କରିବାକୁ ଲାଗିଲା ! (ସମସ୍ତଙ୍କର ହାସ୍ୟ)''

''ସେ ସବୁ ଦେହର କାର୍ଯ୍ୟ, ସେଥିରେ ଭଗବାନଙ୍କ ସହିତ ପ୍ରାୟ ସମ୍ବନ୍ଧ ନ ଥାଏ । ଶାଳଗ୍ରାମର ଭାଇ (ତା'ପୁଅ ବଂଶଲୋଚନର ବ୍ୟବସାୟ ଥିଲା)—ବୟାଶୀ ପ୍ରକାର ଆସନ ଜାଣିଥିଲା, ଆଉ ନିଜେ ଯୋଗସମାଧି ସମ୍ବନ୍ଧରେ କେତେ କଥା କହୁଥିଲା ! କିନ୍ତୁ ଭିତରେ ଭିତରେ କାମିନୀ-କାଞ୍ଚନରେ ମନ । ଦେବାନ ମଦନଭଟ୍ଟଙ୍କର କେତେ ହଜାର ଟଙ୍କାର ଖଣ୍ଡେ ନୋଟ ପଡ଼ିଥିଲା । ଟଙ୍କାଲୋଭରେ ସେ ଟପ୍ କରି ଖାଇ ପକାଇଛି—ଗିଳି ପକାଇଛି—ପରେ କୌଣସି ପ୍ରକାରେ

ବାହାର କରିବ, କିନ୍ତୁ ନୋଟ ଆଦାୟ ହେଲା । ଶେଷରେ ତିନି ବର୍ଷ ମିଆଦ ! ମୁଁ ସରଳ ବୁଦ୍ଧିରେ ଭାବୁଥିଲି, ବୋଧହୁଏ ସେ ସାଧନାରେ ବେଶୀ ଆଗେଇ ଯାଇଛି—ରାଣ ଅଛି !''

**ମହେନ୍ଦ୍ର ପାଲଙ୍କ ଟଙ୍କା ଫେରାଇବା—ଭଗବତୀ ତେଲୀ, କର୍ତ୍ତାଭଜା—ସ୍ତ୍ରୀଲୋକ ନେଇ ସାଧନର ନିନ୍ଦା**

''ଏଠାରେ ସିଁଥିର ମହେନ୍ଦ୍ର ପାଲ ପାଞ୍ଚଟି ଟଙ୍କା ଦେଇ ଯାଇଥିଲା, ରାମଲାଲ ପାଖରେ । ସେ ଚାଲିଗଲା ପରେ ରାମଲାଲ ମୋତେ କହିଲା । ମୁଁ ପଚାରିଲି, କାହିଁକି ଦେଇଛି ? ରାମଲାଲ କହିଲା, ଏଠା ପାଇଁ ଦେଇଛି । ସେତେବେଳେ ମନେ ହେଲା ଯେ—ଦୁଧର ଦେଣା ରହିଛି, ନୋହିଲେ କିଛିଟା ଶୁଝି ଦିଆଯିବ । କିନ୍ତୁ ରାତିରେ ଶୋଇଛି, ହଠାତ୍ ଉଠିପଡ଼ିଲି । ଏକଦମ୍ ଛାତି ଭିତରେ ବିରାଡ଼ି ରାମ୍ପୁଡ଼ିଲା ପରି ଲାଗିଲା । ସେତେବେଳେ ରାମଲାଲକୁ ଯାଇ ପଚାରିଲି, କାହାକୁ ଦେଇଛି ? ତୋର ଖୁଡ଼ୀକୁ କ'ଣ ଦେଇଛି ? ରାମଲାଲ କହିଲା—ନା, ଆପଣଙ୍କ ପାଇଁ ଦେଇଛି । ସେତେବେଳେ କହିଲି—ନା, ଏକ୍ଷଣି ଟଙ୍କା ଫେରାଇ ଦେଇ ଆ, ତାହା ନ ହେଲେ ମୋର ଶାନ୍ତି ହେବ ନାହିଁ ।

''ରାମଲାଲ ଭୋରରୁ ଉଠି ଟଙ୍କା ଫେରାଇ ଦେଇ ଆସିଲା—ତେବେ ଯାଇ ହେଲା !''

''ସେ ଦେଶରେ ଭଗି ତେଲୀ, କର୍ତ୍ତାଭଜା ଦଳର । ଏହି ସ୍ତ୍ରୀଲୋକ ନେଇ ସାଧନା । ଜଣେ ପୁରୁଷ ନ ହେଲେ ସ୍ତ୍ରୀଲୋକର ସାଧନ ଭଜନ ହେବ ନାହିଁ ! ସେହି ପୁରୁଷଟିକୁ କହେ ରାଗକୃଷ୍ଣ । ତିନି ଥର ପଚାରେ, କୃଷ୍ଣ ପାଇଛୁ ? ସେ ସ୍ତ୍ରୀଲୋକଟି ତିନି ଥର କହେ, ପାଇଛି ।''

''ଭଗି (ଭଗବତୀ) ଶୂଦ୍ର, ତେଲୀ । ସମସ୍ତେ ଯାଇ ତା'ପାଦଧୂଳି ନେଇ ନମସ୍କାର କରୁଥିଲେ । ସେତେବେଳେ ଜମିଦାରର ଭାରୀ ରାଗ ହେଲା । ମୁଁ ତାକୁ ଦେଖିଛି । ଜମିଦାର ଜଣେ ଦୁଷ୍ଟ ଲୋକକୁ ପଠାଇ ଦେଲା—ତା'ପାଲରେ ପଡ଼ି ତା'ର ପେଟରେ ପିଲା ହେଲା ।''

''ଦିନେ ଜଣେ ବଡ଼ ଲୋକ ଆସିଥିଲା । ମୋତେ କହିଲା, ଆଜ୍ଞା, ଏହି ମକଦ୍ଦମାଟିରେ ଆପଣ ମୋତେ ଜିତାଇ ଦିଅନ୍ତୁ । ଆପଣଙ୍କ ନାମ ଶୁଣି ଆସିଛି । ମୁଁ କହିଲି, 'ବାବୁ, ସେ ମୁଁ ନୁହେଁ—ତୁମର ଭୁଲ ହୋଇଛି—ସେ ଅଚଳାନନ୍ଦ ।''

''ଯାହାର ଈଶ୍ୱରଙ୍କଠାରେ ଠିକ୍ ଠିକ୍ ଭକ୍ତି ଅଛି ସେ ଦେହ, ଟଙ୍କା—ଏସବୁ ଗ୍ରାହ୍ୟ କରେ ନାହିଁ । ସେ ଭାବେ, ଦେହସୁଖ ପାଇଁ, କି ଲୋକମାନ୍ୟ ପାଇଁ, କି ଟଙ୍କା ପାଇଁ ପୁଣି ଜପତପ କଅଣ ! ଏସବୁ ଅନିତ୍ୟ, ଦିନେ ଦୁଇଦିନ ପାଇଁ ।''

ଆଗନ୍ତୁକ ବାବୁମାନେ ଏଥର ଗାତ୍ରୋତ୍ଥାନ କଲେ ଓ ନମସ୍କାର କରି କହିଲେ, ତେବେ ଆମେ ଆସୁଛୁ ! ସେମାନେ ଚାଲିଗଲେ । ଠାକୁର

ଶ୍ରୀରାମକୃଷ୍ଣ ଈଷତ୍ ହସି ମାଷ୍ଟରଙ୍କୁ କହୁଛନ୍ତି, ''ଚୋର ଶୁଣେ ନା ଧର୍ମର କାହାଣୀ ।''(ସମସ୍ତଙ୍କର ହାସ୍ୟ)

## (୩)

### ନିଜ ଉପରେ ଶ୍ରଦ୍ଧାର ମୂଳ ଈଶ୍ୱର ବିଶ୍ୱାସ

ଶ୍ରୀରାମକୃଷ୍ଣ(ମଣିଙ୍କ ପ୍ରତି, ସହାସ୍ୟ)—ଆଚ୍ଛା ନରେନ୍ଦ୍ର କିପରି ?

ମଣି—ଆଜ୍ଞା ଖୁବ୍ ଭଲ ।

ଶ୍ରୀରାମକୃଷ୍ଣ—ଦେଖ, ତାର ଯେପରି ବିଦ୍ୟା ସେହିପରି ବୁଦ୍ଧି । ପୁଣି ଗାଇବା ବଜାଇବାରେ ଉତ୍ସାହ । ଏଣେ ଜିତେନ୍ଦ୍ରିୟ, କହେ ବିବାହ କରିବ ନାହିଁ ।

ମଣି—ଆପଣ କହିଛନ୍ତି, ନିଜକୁ ଯେ ପାପୀ ପାପୀ ବୋଲି ଭାବେ, ସେ ପାପୀ ହୋଇଯାଏ—ଆଉ ଉଠିପାରେ ନାହିଁ । ମୁଁ ଈଶ୍ୱରଙ୍କ ସନ୍ତାନ—ଏ ବିଶ୍ୱାସ ରହିଲେ ଶୀଘ୍ର ଶୀଘ୍ର ଉନ୍ନତି ହୁଏ ।

### ପୂର୍ବକଥା—କୃଷ୍ଣକିଶୋର ଓ ହଳଧାରୀର ପିତାଙ୍କର ବିଶ୍ୱାସ

ଶ୍ରୀରାମକୃଷ୍ଣ—ହଁ, ବିଶ୍ୱାସ ।

''କୃଷ୍ଣକିଶୋରର କି ବିଶ୍ୱାସ । କହୁଥିଲା, ଥରେ ତାଙ୍କର ନାମ କରିଛି, ମୋର ପୁଣି ପାପ କଅଣ ? ମୁଁ ଶୁଦ୍ଧ ନିର୍ମଳ ହୋଇଛି । ହଳଧାରୀ କହିଥିଲା, 'ଅଜାମିଳ ପୁଣି ନାରାୟଣଙ୍କ ତପସ୍ୟାରେ ଯାଇଥିଲା, ତପସ୍ୟା ନ କଲେ କଅଣ ତାଙ୍କର କୃପା ହୁଏ ! ଖାଲି ଥରେ ନାରାୟଣ କହିଦେଲେ କଅଣ ହୋଇଯିବ !' ଏହି କଥା ଶୁଣି କୃଷ୍ଣକିଶୋରର କି ରାଗ ! ଏହି ବଗିଚାକୁ ଫୁଲ ତୋଳିବାକୁ ଆସିଥିଲା, ହଳଧାରୀ ଆଡ଼କୁ ଚାହିଁଲା ବି ନାହିଁ ।''

''ହଳଧାରୀର ବାପ ଭାରୀ ଭକ୍ତ ଥିଲେ । ଗାଧୋଇବା ବେଳେ ଅଣ୍ଟାଏ ପାଣିକୁ ଯାଇ ଯେତେବେଳେ ମନ୍ତ୍ର ଉଚ୍ଚାରଣ କରୁଥିଲେ—'ରକ୍ତବର୍ଣ୍ଣଂ ଚତୁର୍ମୁଖମ୍'—ଏସବୁ ଧ୍ୟାନ ଯେତେବେଳେ କରୁଥିଲେ—ସେତେବେଳେ ଚକ୍ଷୁରୁ ପ୍ରେମାଶ୍ରୁ ଗଡୁଥିଲା ।

''ଦିନେ ଏଁଡ଼େଦାର ଘାଟକୁ ଜଣେ ସାଧୁ ଆସିଥିଲେ । ଆମେ ସବୁ ଦେଖିବାକୁ ଯିବାର କଥା ହେଲା । ହଳଧାରୀ କହିଲା, 'ସେହି ପଞ୍ଚଭୂତର ଖୋଳଟାକୁ ଦେଖିବାକୁ ଯାଇ କଅଣ ହେବ ?' ତା'ପରେ ସେହି କଥା କୃଷ୍ଣକିଶୋର ଶୁଣି କହିଲା, କଅଣ ! ସାଧୁଙ୍କୁ ଦର୍ଶନ କରି କଅଣ ହେବ, ଏହି କଥା କହିଲା !—ଯେ କୃଷ୍ଣ ନାମ କରେ ବା ରାମ ନାମ କରେ, ତାହାର ଚିନ୍ମୟ ଦେହ ହୁଏ । ଆଉ ସେ ସବୁ ଚିନ୍ମୟ ଦେଖେ—**'ଚିନ୍ମୟ ଶ୍ୟାମ', 'ଚିନ୍ମୟ ଧାମ'** । କହିଥିଲା, 'ଥରେ କୃଷ୍ଣ ନାମ କିମ୍ବା ଥରେ ରାମ ନାମ କଲେ ଶହେ ଥର ସନ୍ଧ୍ୟାର ଫଳ ମିଳେ ।' ତା'ର ଯେତେବେଳେ ଗୋଟିଏ ପୁଅ ମରିଗଲା, ପ୍ରାଣ ଯିବାବେଳେ ରାମ ନାମ

କହିଥିଲା । କୃଷ୍ଣକିଶୋର କହିଥିଲା, 'ସେ ରାମନାମ କରିଛି, ତା'ର ଆଉ ଚିନ୍ତା କଅଣ ।' ତେବେ ମଝିରେ ମଝିରେ ଥରେ ଥରେ କାନ୍ଦୁଥିଲା । ପୁତ୍ରଶୋକ !''

''ବୃନ୍ଦାବନରେ ଶୋଷ ଲାଗିଛି; ମୋଚିକୁ କହିଲା, ତୁ କହ ଶିବ । ସେ ଶିବନାମ କରି ପାଣି ଟେକିଦେଲା । ଏପରି ଆଚାରୀ ବ୍ରାହ୍ମଣ ସେହି ପାଣି ପିଇଲା ! କି ବିଶ୍ୱାସ !

''ବିଶ୍ୱାସ ନାହିଁ; ଅଥଚ ପୂଜା, ଜପ, ସନ୍ଧ୍ୟାଦି କର୍ମ କରୁଛ—ସେଥିରେ କିଛି ଫଳ ହୁଏ ନାହିଁ । କଅଣ କହୁଛ ?

ମଣି—ଆଜ୍ଞା ହଁ ।

ଶ୍ରୀରାମକୃଷ୍ଣ(ସହାସ୍ୟ)—**ଗଙ୍ଗାଘାଟକୁ** ଗାଧୋଇବାକୁ ଆସନ୍ତି, ଦେଖିଛି । ଯେତେ ରାଜ୍ୟର କଥା ! ବିଧବା ପିଉସୀ କହୁଛି—ମା', ଦୁର୍ଗାପୂଜା ମୁଁ ନ ହେଲେ ହୁଏ ନାହଁ—ଶ୍ରୀଟି ଗଢ଼ିବା ପର୍ଯ୍ୟନ୍ତ ! ଘରେ ବିଭାବ୍ରତ ହେଲେ ସବୁ ମୋତେ କରିବାକୁ ପଡ଼ିବ ମା', ତେବେ ହେବ ! ମଧୁଶଯ୍ୟାର ଯୋଗାଡ଼, ଖଇରର ବଗିଚା ପର୍ଯ୍ୟନ୍ତ !

ମଣି—ଆଜ୍ଞା, ଏମାନଙ୍କର ବା ଦୋଷ କଅଣ ! କଅଣ ନେଇ ବା ରହିବେ !

ଶ୍ରୀରାମକୃଷ୍ଣ(ସହାସ୍ୟ)—ଛାତ ଉପରେ ଦିଅଁଙ୍କ ଘର, ନାରାୟଣ ପୂଜା ହେଉଛି । ପୂଜାର ନୈବେଦ୍ୟ, ଚନ୍ଦନ ଘୋରା, ଏହିସବୁ ହେଉଛି । କିନ୍ତୁ ଈଶ୍ୱରଙ୍କର କଥା ପଦେ ହେଲେ ନାହିଁ । କଅଣ ରାନ୍ଧିବାକୁ ହେବ—ଆଜି ବଜାରରେ କିଛି ପାଇଲି ନାହିଁ—କାଲି ଅମୁକ ତରକାରୀଟା ବେଶ୍ ହୋଇଥିଲା ! ସେ ପିଲାଟି ମୋର କକେଇପୁଅ ଭାଇ ହୁଏ—ହଇରେ, ତୋର ସେ ଚାକିରୀ ଅଛି ?—ଆଉ ମୁଁ କିପରି ଅଛି ! ମୋର ହରି ନାହିଁ ! ଏହିସବୁ କଥା ।

''ଦେଖ ଦେଖି, ଦିଅଁଙ୍କ ଘରେ ପୂଜାବେଳେ ଏହିସବୁ କଥାବାର୍ତ୍ତା !''

ମଣି—ଆଜ୍ଞା, ଅଧିକାଂଶ ହିଁ ଏହିପରି । ଆପଣ ଯେପରି କହନ୍ତି, ଈଶ୍ୱରଙ୍କଠାରେ ଯାହାର ଅନୁରାଗ, ତାହାର ଅଧିକ ଦିନ କଅଣ ପୂଜା—ସନ୍ଧ୍ୟା କରିବାକୁ ହୁଏ !

## (୪)

### ଚିନ୍ମୟ ରୂପ—ବ୍ରହ୍ମଜ୍ଞାନ ପରେ ବିଜ୍ଞାନ—ଈଶ୍ୱର ହିଁ ବସ୍ତୁ

ଠାକୁର—ମଣିଙ୍କ ସହିତ ନିଭୃତରେ କଥା କହୁଛନ୍ତି ।

ମଣି—ଆଜ୍ଞା, ସେ ହିଁ ଯଦି ସବୁ ହୋଇଛନ୍ତି, ଏପରି ନାନାଭାବ କାହିଁକି ?

ଶ୍ରୀରାମକୃଷ୍ଣ—ବିଭୁରୂପରେ ସେ ସର୍ବଭୂତରେ ଅଛନ୍ତି କିନ୍ତୁ **ଶକ୍ତିବିଶେଷ** । କେଉଁଠାରେ ବିଦ୍ୟାଶକ୍ତି, କେଉଁଠାରେ ଅବିଦ୍ୟାଶକ୍ତି । କେଉଁଠାରେ ବେଶୀ ଶକ୍ତି,

କେଉଁଠାରେ କମ୍ ଶକ୍ତି । ଦେଖୁନ, ଲୋକଙ୍କ ଭିତରେ ଠକ ଜୁଆଚୋର ଅଛନ୍ତି, ପୁଣି ବାଘ ପରି ଭୟଙ୍କର ଲୋକ ମଧ୍ୟ ଅଛନ୍ତି । ମୁଁ କହେ, ଠକ-ନାରାୟଣ, ବାଘ-ନାରାୟଣ ।

ମଣି(ସହାସ୍ୟ) — ଆଜ୍ଞା, ସେମାନଙ୍କୁ ଦୂରରୁ ନମସ୍କାର କରିବାକୁ ହୁଏ । ବାଘ-ନାରାୟଣ ନିକଟକୁ ଯାଇ ଆଲିଙ୍ଗନ କଲେ ଖାଇଯିବ ।

ଶ୍ରୀରାମକୃଷ୍ଣ — ସେ ଆଉ ତାଙ୍କର ଶକ୍ତି, ବ୍ରହ୍ମ ଆଉ ଶକ୍ତି ବ୍ୟତୀତ ଆଉ କିଛି ନାହିଁ । ନାରଦ ରାମଚନ୍ଦ୍ରଙ୍କୁ ସ୍ତବ କରୁ କରୁ କହିଲେ, 'ହେ ରାମ, ତୁମେ ହିଁ ଶିବ, ସୀତା ଭଗବତୀ; ତୁମେ ବ୍ରହ୍ମା, ସୀତା ବ୍ରହ୍ମାଣୀ; ତୁମେ ଇନ୍ଦ୍ର, ସୀତା ଇନ୍ଦ୍ରାଣୀ; ତୁମେ ନାରାୟଣ, ସୀତା ଲକ୍ଷ୍ମୀ; ପୁରୁଷ ବାଚକ ଯାହା କିଛି ଅଛି ସବୁ ତୁମେ, ସ୍ତ୍ରୀ-ବାଚକ ସବୁ ସୀତା ।'

ମଣି — ଆଉ ଚିନ୍ମୟ ରୂପ ?

ଶ୍ରୀରାମକୃଷ୍ଣ — ଟିକିଏ ଚିନ୍ତା କରୁଛନ୍ତି । ଆସ୍ତେ ଆସ୍ତେ କହୁଛନ୍ତି, କିପରି ଜାଣ — ଯେପରି ଜଳର — ଏସବୁ ସାଧନା କଲେ ଜଣାଯାଏ ।

''**ତୁମେ 'ରୂପରେ' ବିଶ୍ୱାସ ରଖ** । ବ୍ରହ୍ମଜ୍ଞାନ ହେଲେ ଯାଇ ଅଭେଦ — ବ୍ରହ୍ମ ଆଉ ଶକ୍ତି ଅଭେଦ । ଯେପରି ଅଗ୍ନି ଆଉ ତା'ର ଦାହିକା ଶକ୍ତି । ଅଗ୍ନିକୁ ଭାବିଲେ ହିଁ ଦାହିକା ଶକ୍ତି ଭାବିବାକୁ ହୁଏ, ଆଉ ଦାହିକା ଶକ୍ତିକୁ ଭାବିଲେ ହିଁ ଅଗ୍ନି ଭାବିବାକୁ ହୁଏ । ଦୁଗ୍ଧ ଓ ଦୁଗ୍ଧର ଧବଳତ୍ୱ । ଜଳ ଓ ତା'ର ହିମଶକ୍ତି ।''

''**କିନ୍ତୁ ବ୍ରହ୍ମଜ୍ଞାନ ପରେ ମଧ୍ୟ ଅଛି । ଜ୍ଞାନ ପରେ ବିଜ୍ଞାନ** । ଯାହାର ଜ୍ଞାନ ଅଛି ବୋଲି ବୋଧ ହୋଇଛି, ତାହାର ଅଜ୍ଞାନ ମଧ୍ୟ ଅଛି । ବଶିଷ୍ଠ ଶତ ପୁତ୍ରଙ୍କ ଶୋକରେ କାତର ହେଲେ । ଲକ୍ଷ୍ମଣ ପଚାରିବାରୁ ରାମ କହିଲେ, 'ଭାଇ ଜ୍ଞାନ ଅଜ୍ଞାନର ଉପରକୁ ଯାଅ; ଯାହାର ଜ୍ଞାନ ଅଛି ତାହାର ଅଜ୍ଞାନ ଅଛି । ପାଦରେ ଯଦି କଣ୍ଟା ଫୁଟେ, ଆଉ ଗୋଟିଏ କଣ୍ଟା ଆଣି ସେହି କଣ୍ଟାଟିକୁ କାଢ଼ିବାକୁ ହୁଏ । ତାପରେ ଦ୍ୱିତୀୟ କଣ୍ଟାଟିକୁ ମଧ୍ୟ ଫିଙ୍ଗି ଦିଆଯାଏ ।''

ମଣି — ଅଜ୍ଞାନ ଓ ଜ୍ଞାନ ଦୁଇଟିଯାକ ଫିଙ୍ଗି ଦେବାକୁ ହୁଏ ?

ଶ୍ରୀରାମକୃଷ୍ଣ — ହଁ, ସେଥିପାଇଁ ବିଜ୍ଞାନର ପ୍ରୟୋଜନ ।

''ଦେଖୁନ, ଯାହାର ଆଲୁଅ-ଜ୍ଞାନ ଅଛି, ତାହାର ଅନ୍ଧାର-ଜ୍ଞାନ ଅଛି; ଯାହାର ସୁଖ-ବୋଧ ଅଛି; ତାହାର ଦୁଃଖ-ବୋଧ ଅଛି; ଯାହାର ପୁଣ୍ୟ-ବୋଧ ଅଛି; ତାହାର ପାପ-ବୋଧ ଅଛି; ଯାହାର ଭଲ-ବୋଧ ଅଛି; ତାହାର ମନ୍ଦ-ବୋଧ ଅଛି; ଯାହାର ଶୁଚି-ବୋଧ ଅଛି; ତାହାର ଅଶୁଚି-ବୋଧ ଅଛି; ଯାହାର ମୁଁ-ବୋଧ ଅଛି; ତାହାର ତୁମେ-ବୋଧ ମଧ୍ୟ ଅଛି;''

''ବିଜ୍ଞାନ — ଅର୍ଥାତ୍ ତାଙ୍କୁ ବିଶେଷରୂପରେ ଜାଣିବା । କାଠରେ ନିଆଁ ଅଛି, ଏହି ବୋଧ — ଏହି ବିଶ୍ୱାସର ନାମ **ଜ୍ଞାନ** । ସେହି ନିଆଁରେ ଭାତରାନ୍ଧି

ଖାଇବା, ଖାଇ ହୃଷ୍ଟପୁଷ୍ଟ ହେବାର ନାମ **ବିଜ୍ଞାନ** । **ଈଶ୍ୱରଅଛନ୍ତି–ଏହା ଭଲ ଭାବରେ** ବୋଧ କରିବାର ନାମ ଜ୍ଞାନ; ତାଙ୍କ ସଙ୍ଗରେ ଆଳାପ, ତାଙ୍କୁ ନେଇ ଆନନ୍ଦ କରିବା—ବାତ୍ସଲ୍ୟଭାବରେ, ସଖ୍ୟଭାବରେ, ଦାସ୍ୟଭାବରେ, ମଧୁରଭାବରେ—ଏହାର ନାମ **ବିଜ୍ଞାନ** । ସେ ହିଁ ଜୀବ-ଜଗତ ହୋଇଛନ୍ତି—ଏହିଟି ଦର୍ଶନ କରିବାର ନାମ ବିଜ୍ଞାନ ।''

''ଗୋଟିଏ ମତରେ ଦର୍ଶନ ହୁଏ ନାହିଁ—କିଏ କାହାକୁ ଦର୍ଶନ କରେ । ନିଜେ ହିଁ ନିଜକୁ ଦେଖେ । କଳାପାଣିକୁ ଜାହାଜ ଗଲେ ଫେରେ ନାହିଁ—ଆଉ ଫେରି ଖବର ଦିଏ ନାହିଁ ।''

ମଣି—ଆପଣ ଯେପରି କହିଲେ, ମନୁମେଣ୍ଟ୍ ଉପରକୁ ଉଠିଲେ ଆଉ ତଳ ଜିନିଷର ଖବର ରହେ ନାହିଁ—ଗାଡ଼ି, ଘୋଡ଼ା, ମେମ୍, ସାହେବ, ଘରଦ୍ୱାର, ଦୋକାନ, ଅଫିସ ଇତ୍ୟାଦି ।

ଶ୍ରୀରାମକୃଷ୍ଣ—ଆଚ୍ଛା, ଆଜିକାଲି କାଳୀଙ୍କ ପାଖକୁ ଯାଏ ନାହିଁ; କିଛି ଅପରାଧ ହେବ କି ?—ନରେନ୍ଦ୍ର କହୁଥିଲା, ଇଏ ଏବେ ବି କାଳୀମନ୍ଦିରକୁ ଯାଆନ୍ତି ।

ମଣି—ଆଜ୍ଞା, ଆପଣଙ୍କର ନୂଆ ନୂଆ ଅବସ୍ଥା—ଆପଣଙ୍କର ପୁଣି ଅପରାଧ କଅଣ ?

ଶ୍ରୀରାମକୃଷ୍ଣ—ଆଚ୍ଛା, ହୃଦୁ ପାଇଁ ସେନ୍‌କୁ ସେମାନେ କହିଥିଲେ, 'ହୃଦୁ ଭାରୀ ଅସୁସ୍ଥ, ଆପଣ ତାଙ୍କ ପାଇଁ ଦୁଇଖଣ୍ଡ ଲୁଗା, ଦୁଇଟି ଜାମା ଆଣିବେ; ଆମେମାନେ ତାଙ୍କ ଗାଁଆକୁ (ସିଓଡ଼କୁ) ପଠାଇଦେବୁ ।' ସେନ୍ ଆଣିଥିଲେ ଦୁଇଟି ଟଙ୍କା ! ଏ କଅଣ କହିଲ ଦେଖି—ଏତେ ଟଙ୍କା ! କିନ୍ତୁ, ଏଇ ଦେବା ! କୁହ ନା !

ମଣି—ଆଜ୍ଞା, ଯେଉଁମାନେ ଈଶ୍ୱରଙ୍କୁ ଜାଣିବା ପାଇଁ ଆଗ୍ରହୀ ସେମାନେ ଏପରି କରି ପାରନ୍ତି ନାହିଁ—ଯେଉଁମାନଙ୍କର ଉଦ୍ଦେଶ୍ୟ ଜ୍ଞାନଲାଭ ।

ଶ୍ରୀରାମକୃଷ୍ଣ—**ଈଶ୍ୱର ହିଁ ବସ୍ତୁ, ଆଉ ସବୁ ଅବସ୍ତୁ ।**

# ଚତୁର୍ଥ ପରିଚ୍ଛେଦ

## (୧)

### (ଶ୍ରୀଯୁକ୍ତ ଅଧରଙ୍କ ଘରେ ରାଖାଲ, ଈଶାନ ପ୍ରଭୃତି ଭକ୍ତଙ୍କ ସଙ୍ଗରେ ଶ୍ରୀରାମକୃଷ୍ଣ ।)

### ବାଳକର ବିଶ୍ୱାସ—ଅସ୍ପୃଶ୍ୟ ଜାତି ଓ ଶଙ୍କରାଚାର୍ଯ୍ୟ—ସାଧୁର ହୃଦୟ

ଶ୍ରୀରାମକୃଷ୍ଣ କଲିକତାସ୍ଥ ଅଧରଙ୍କ ଘରକୁ ଶୁଭାଗମନ କରିଛନ୍ତି । ଠାକୁର ଅଧରଙ୍କ ବୈଠକଖାନାରେ ବସିଛନ୍ତି । ଉପରଓଳି । ରାଖାଲ, ଅଧର, ମାଷ୍ଟର, ଈଶାନ୍ ପ୍ରଭୃତି ଓ ସେହି ପଡ଼ାର ଅନେକ ଲୋକ ଉପସ୍ଥିତ ।

ଶ୍ରୀଯୁକ୍ତ ଈଶାନଚନ୍ଦ୍ର ମୁଖୋପାଧ୍ୟାୟଙ୍କୁ ଠାକୁର ଭଲ ପାଉଥିଲେ । ସେ ଏ.ଜି. ଅଫିସ୍‌ରେ ଜଣେ ସୁପରିଟେଣ୍ଡେଣ୍ଟ୍ ଥିଲେ । ଅବସର ଗ୍ରହଣ ପରେ ଦାନ ଧ୍ୟାନ ପ୍ରଭୃତି ନେଇ ରହୁଥିଲେ ଓ ଠାକୁରଙ୍କୁ ମଝିରେ ମଝିରେ ଦର୍ଶନ କରୁଥିଲେ । ମେଛୁଆବଜାର ଷ୍ଟ୍ରୀଟ୍‌ରେ ଥିବା ତାଙ୍କ ଘରକୁ ଦିନେ ଠାକୁର ଆସି ନରେନ୍ଦ୍ର ପ୍ରଭୃତି ଭକ୍ତମାନଙ୍କ ସଙ୍ଗରେ ଆହାରାଦି କରିଥିଲେ ଓ ପ୍ରାୟ ସମସ୍ତ ଦିନ ରହିଥିଲେ । ସେହି ଉପଲକ୍ଷେ ଈଶାନ ବହୁ ଭକ୍ତଙ୍କୁ ନିମନ୍ତ୍ରଣ କରିଥିଲେ ।

ନରେନ୍ଦ୍ରଙ୍କର ଆସିବାର କଥା ଥିଲା; କିନ୍ତୁ ସେ ଆସିପାରି ନାହାନ୍ତି । ଈଶାନ ଚାକିରୀରୁ ଅବସର ନେବା ପରେ ଠାକୁରଙ୍କ ନିକଟକୁ ପ୍ରାୟ ଯାତାୟାତ କରନ୍ତି ଓ ଭାଟପଡ଼ାରେ ଗଙ୍ଗାତୀରରେ ନିର୍ଜନରେ ମଝିରେ ମଝିରେ ଈଶ୍ୱରଚିନ୍ତା କରନ୍ତି । ସମ୍ପ୍ରତି ଭାଟପଡ଼ାରେ ଗାୟତ୍ରୀ ପୁରଶ୍ଚରଣ କରିବା ଇଚ୍ଛା ଥିଲା ।

ଆଜି ଶନିବାର, ୨୨ ସେପ୍‌ଟେମ୍ବର ୧୮୮୩, ୬ ଆଶ୍ୱିନ ।

ଶ୍ରୀରାମକୃଷ୍ଣ (ଈଶାନଙ୍କ ପ୍ରତି)–ତୁମର ସେହି ଗପଟି କୁହତ; ପିଲାଟିଏ ଚିଠି ପଠାଇଥିଲା ।

ଈଶାନ(ସହାସ୍ୟ)—ଗୋଟିଏ ପିଲା ଶୁଣିଲା ଯେ, ଈଶ୍ୱର ଆମମାନଙ୍କୁ ସୃଷ୍ଟି କରିଛନ୍ତି । ତେଣୁ ସେ ପ୍ରାର୍ଥନା ଜଣାଇବା ପାଇଁ ଈଶ୍ୱରଙ୍କ ପାଖକୁ ଖଣ୍ଡିଏ ଚିଠି ଲେଖି ଡ଼ାକବାକ୍ସରେ ପକାଇ ଦେଇଥିଲା । ଠିକଣା ଲେଖିଥିଲା ସ୍ୱର୍ଗ । (ସମସ୍ତଙ୍କର ହାସ୍ୟ)

ଶ୍ରୀରାମକୃଷ୍ଣ(ସହାସ୍ୟ)—ଦେଖିଲ । ଏହି ବାଳକ ପରି ବିଶ୍ୱାସ[୧] ତେବେ (ଈଶାନଙ୍କ ପ୍ରତି) ଆଉ ସେହି କର୍ମତ୍ୟାଗ କଥା ?

---

୧. The kingdom of heaven is revealed unto babes but is hidden from the wise and the prudent—Bible

ଈଶାନ—ଭଗବାନ ଲାଭ ହେଲେ ସନ୍ଧ୍ୟାଦି କର୍ମ ତ୍ୟାଗ ହୋଇଯାଏ । ଗଙ୍ଗା-କୂଳରେ ସମସ୍ତେ ସନ୍ଧ୍ୟା କରୁଛନ୍ତି, ଜଣେ କରୁନାହିଁ । ତାକୁ ପଚାରିବାରୁ ସେ କହିଲା, ମୋର ଅଶୌଚ ହୋଇଛି, ସନ୍ଧ୍ୟା କରିବା କଥା ନୁହେଁ । ମରଣାଶୌଚ ଓ ଜନ୍ମାଶୌଚ ଦୁଇଟିଯାକ ହୋଇଛି । ଅବିଦ୍ୟା—ମା'ର ମୃତ୍ୟୁ ହୋଇଛି, ଆତ୍ମାରାମର ଜନ୍ମ ହୋଇଛି ।

ଶ୍ରୀରାମକୃଷ୍ଣ—ଆଉ **ଆତ୍ମଜ୍ଞାନ** ହେଲେ ଜାତିଭେଦ ରହେ ନାହିଁ, ସେହି କଥାଟି ?

ଈଶାନ—କାଶୀରେ ଗଙ୍ଗାସ୍ନାନ କରି ଶଙ୍କରାଚାର୍ଯ୍ୟ ପାହାଚରେ ଉଠୁଛନ୍ତି—ଏତିକିବେଳେ କୁକୁରପାଳକ ଚଣ୍ଡାଳକୁ ଆଗରେ ଦେଖି କହିଲେ, 'ଏଇ । ତୁ ମୋତେ ଛୁଇଁଲୁ ?' ଚଣ୍ଡାଳ କହିଲା, ପ୍ରଭୁ, ତୁମେ ମୋତେ ଛୁଇଁ ନାହଁ କି ମୁଁ ମଧ୍ୟ ତୁମକୁ ଛୁଇଁ ନାହିଁ । ସମସ୍ତଙ୍କର ଆତ୍ମା ଅନ୍ତର୍ଯ୍ୟାମୀ ଓ ନିର୍ଲିପ୍ତ । ସୁରାରେ ସୂର୍ଯ୍ୟର ପ୍ରତିବିମ୍ବ ଓ ଗଙ୍ଗାଜଳରେ ସୂର୍ଯ୍ୟଙ୍କର ପ୍ରତିବିମ୍ବ ଏ ଦୁଇଟି ଭିତରେ କ'ଣ ପାର୍ଥକ୍ୟ ଅଛି ?

ଶ୍ରୀରାମକୃଷ୍ଣ(ସହାସ୍ୟ)—ଆଉ ସେହି ସମନ୍ୱୟର କଥା—ସବୁ ମତରେ ତାଙ୍କୁ ମିଳେ ?[୧]

ଈଶାନ(ସହାସ୍ୟ)—ହରି-ହରଙ୍କର ଏକ ଧାତୁ, କେବଳ ପ୍ରତ୍ୟୟର ଭେଦ । ଯେ ହରି, ସେ ହିଁ ହେଉଛନ୍ତି ହର । ବିଶ୍ୱାସ ରହିଲେ ହେଲା ।

ଶ୍ରୀରାମକୃଷ୍ଣ(ସହାସ୍ୟ)—ଆଉ ସେହି କଥାଟା—ସାଧୁର ହୃଦୟ ସବୁଠାରୁ ବଡ଼ ? ଈଶାନ୍ (ସହାସ୍ୟ)—ସମସ୍ତଙ୍କଠାରୁ ବଡ଼ ପୃଥିବୀ, ତା'ଠାରୁ ବଡ଼ ସାଗର, ତା'ଠାରୁ ବଡ଼ ଆକାଶ । କିନ୍ତୁ ଭଗବାନ ବିଷ୍ଣୁ ଏକ ପଦରେ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ, ତ୍ରିଭୁବନ ଅଧିକାର କରିଥିଲେ । ସେହି ବିଷ୍ଣୁପଦ ସାଧୁର ହୃଦୟ ମଧ୍ୟରେ । ତେଣୁ ସାଧୁର ହୃଦୟ ସବୁଠାରୁ ବଡ଼ ।

ଏହି ସମସ୍ତ କଥା ଶୁଣି ଭକ୍ତମାନେ ଆନନ୍ଦିତ ହେଉଛନ୍ତି ।

## (୨)

### ଆଦ୍ୟାଶକ୍ତିଙ୍କର ଉପାସନାରେ ହିଁ ବ୍ରହ୍ମଙ୍କର ଉପାସନା—
### ବ୍ରହ୍ମ ଓ ଶକ୍ତି ଅଭେଦ

ଈଶାନ ଭାଟପଡ଼ାରେ ଗାୟତ୍ରୀ ପୁରଶ୍ଚରଣ କରିବେ । ଗାୟତ୍ରୀ ବ୍ରହ୍ମମନ୍ତ୍ର । ବିଷୟବୁଦ୍ଧି ସମ୍ପୂର୍ଣ୍ଣ ନ ଗଲେ ବ୍ରହ୍ମଜ୍ଞାନ ହୁଏ ନାହିଁ । କିନ୍ତୁ କଳିରେ ଅନ୍ନଗତ ପ୍ରାଣ, ବିଷୟବୁଦ୍ଧି ଯାଏ ନାହିଁ । ରୂପ, ରସ, ଗନ୍ଧ, ସ୍ପର୍ଶ, ଶବ୍ଦ—ମନ ଏହିସବୁ ବିଷୟ

୧. ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂସ୍ତଥୈବ ଭଜାମ୍ୟହମ୍ ।—ଗୀତା, ୪/୧୧

ନେଇ ସଦା ସର୍ବଦା ରହିଥାଏ । ତେଣୁ ଶ୍ରୀରାମକୃଷ୍ଣ କହନ୍ତି—କଳିରେ ବେଦମତ ଚଳେ ନାହିଁ ।

ଯେ ବ୍ରହ୍ମ ସେ ହିଁ ଶକ୍ତି । ଶକ୍ତିଙ୍କର ଉପାସନା କଲେ ହିଁ ବ୍ରହ୍ମଙ୍କର ଉପାସନା ହୁଏ । ଯେତେବେଳେ ସୃଷ୍ଟି, ସ୍ଥିତି, ପ୍ରଳୟ କରନ୍ତି ସେତେବେଳେ ତାଙ୍କୁ ଶକ୍ତି କୁହାଯାଏ । ଏ ଦୁଇଟି ଅଲଗା ପଦାର୍ଥ ନୁହେଁ—ଏକ ବସ୍ତୁ ।

### ଈଶାନଙ୍କର ବ୍ରହ୍ମ-ଅନ୍ବେଷଣ—ବେଦାନ୍ତର ସୋଽହଂ

ଶ୍ରୀରାମକୃଷ୍ଣ(ଈଶାନଙ୍କ ପ୍ରତି)—''କାହିଁକି ତୁମେ 'ନେତି' 'ନେତି' କରି ବୁଲୁଛ ? ବ୍ରହ୍ମ ସମ୍ବନ୍ଧରେ କିଛି କହି ହୁଏ ନାହିଁ । କେବଳ କୁହାଯାଏ, 'ଅସ୍ତି ମାତ୍ରମ୍' କେବଳଃ ରାମଃ ।

ଆମେ ଯାହା କିଛି ଦେଖୁଛୁ, ଚିନ୍ତା କରୁଛୁ, ସବୁ ସେହି ଆଦ୍ୟାଶକ୍ତିଙ୍କର ସେହି ଚିତ୍‌ଶକ୍ତିଙ୍କର ଐଶ୍ୱର୍ଯ୍ୟ—ସୃଷ୍ଟି, ପାଳନ, ସଂହାର; ଜୀବ, ଜଗତ; ପୁଣି ଧ୍ୟାନ, ଧ୍ୟାତା; ଭକ୍ତି, ପ୍ରେମ—ସବୁ ତାଙ୍କର ଐଶ୍ୱର୍ଯ୍ୟ ।''

''କିନ୍ତୁ ବ୍ରହ୍ମ ଆଉ ଶକ୍ତି ଅଭେଦ । ଲଙ୍କାରୁ ଫେରି ଆସିବା ପରେ ହନୁମାନ ରାମଙ୍କୁ ସ୍ତବ କରୁଛନ୍ତି—କହୁଛନ୍ତି, 'ହେ ରାମ ତୁମେ ହିଁ ପରଂବ୍ରହ୍ମ ଏବଂ ସୀତା ତୁମର ଶକ୍ତି । କିନ୍ତୁ ତୁମେ ଦୁଇଜଣ ଅଭେଦ ।' ଯେପରି ସାପ ଓ ତା'ର ତିର୍ଯ୍ୟକ୍ ଗତି—ସାପର ଗତିକଥା ଭାବିବାକୁ ଗଲେ ହିଁ ସାପକୁ ଭାବିବାକୁ ହେବ; ଏବଂ ସାପକୁ ଭାବିବାକୁ ଗଲେ ହିଁ ସାପର ଗତିକୁ ଭାବିବାକୁ ପଡ଼ିବ । ଦୁଧକୁ ଭାବିଲେ ଦୁଧର ରଙ୍ଗ ମଧ୍ୟ ଭାବିବାକୁ ହୁଏ, ଧବଳତ୍ୱ । ଦୁଧପରି ଧଳା ଭାବିବାକୁ ଗଲେ ହିଁ ଦୁଧକୁ ଭାବିବାକୁ ହୁଏ । ଜଳର ହିମଶକ୍ତି ଭାବିଲେ ହିଁ ଜଳକୁ ଭାବିବାକୁ ହୁଏ; ପୁଣି ଜଳକୁ ଭାବିଲେ ହିଁ ଜଳର ହିମଶକ୍ତିକୁ ଭାବିବାକୁ ହୁଏ ।''

''ଏହି **ଆଦ୍ୟାଶକ୍ତି ବା ମହାମାୟା** ବ୍ରହ୍ମକୁ ଆବରଣ କରି ରଖିଛନ୍ତି । ଆବରଣ ଗଲେ 'ଯାହା ଥିଲି, ତାହା ହେଲି' । ମୁଁ ହିଁ ତୁମେ, 'ତୁମେ ହିଁ ମୁଁ' ।''

''ଯେପର୍ଯ୍ୟନ୍ତ ଆବରଣ ରହିଛି, ସେପର୍ଯ୍ୟନ୍ତ ବେଦାନ୍ତବାଦୀମାନଙ୍କର ସୋଽହମ୍ ଅର୍ଥାତ୍ 'ମୁଁ ହିଁ ସେହି ପରଂବ୍ରହ୍ମ' ଏକଥା ଠିକ୍ ହୁଏ ନାହିଁ । ଜଳର ହିଁ ତରଙ୍ଗ, ତରଙ୍ଗର ତ ଆଉ ଜଳ ନୁହେଁ । ଯେପର୍ଯ୍ୟନ୍ତ ଆବରଣ ରହିଛି, ସେପର୍ଯ୍ୟନ୍ତ ମା' ମା' ବୋଲି ଡାକିବା ଭଲ । ତୁମେ ମା, ମୁଁ ତୁମର ସନ୍ତାନ; ତୁମେ ପ୍ରଭୁ, ମୁଁ ତୁମର ଦାସ । ସେବ୍ୟ-ସେବକ ଭାବ ଭଲ । ଏହି ଦାସ୍ୟ ଭାବରୁ ପୁଣି ସବୁ ଭାବ ଆସେ—ଶାନ୍ତ, ସଖ୍ୟ ପ୍ରଭୃତି । ମୁନିବ ଯଦି ଦାସକୁ ଭଲପାଏ, ତାହାହେଲେ କହେ—ଆ, ମୋ ପାଖରେ ବସ; ତୁ ଯାହା, ମୁଁ ବି ତାହା । କିନ୍ତୁ ଦାସ ଯଦି ମୁନିବ ପାଖରେ ନିଜ ମନକୁ ମନ ଯାଇ ବସେ, ମୁନିବ ରାଗିବ ନାହିଁ ?

**ଆଦ୍ୟାଶକ୍ତି, ଅବତାର-ଲୀଳା ଓ ଈଶାନ — ବେଦ ପୁରାଣ ତନ୍ତ୍ରର ସମନ୍ୱୟ**

''ଅବତାର-ଲୀଳା — ଏସବୁ ଚିତ୍‌ଶକ୍ତିର ଐଶ୍ୱର୍ଯ୍ୟ । ଯେ ବ୍ରହ୍ମ, ସେ ହିଁ ପୁଣି ରାମ, କୃଷ୍ଣ, ଶିବ ।''

ଈଶାନ— ହରି ହର ଏକ ଧାତୁ, କେବଳ ପ୍ରତ୍ୟୟର ଭେଦ । (ସମସ୍ତଙ୍କର ହାସ୍ୟ)

ଶ୍ରୀରାମକୃଷ୍ଣ — ହଁ, ଗୋଟିଏ ଛଡ଼ା ଦୁଇ ନାହିଁ । ବେଦରେ **ଓଁ ସଚ୍ଚିଦାନନ୍ଦଃ ବ୍ରହ୍ମ,** ପୁରାଣ କହେ **ଓଁ ସଚ୍ଚିଦାନନ୍ଦଃ କୃଷ୍ଣଃ,** ପୁଣି ତନ୍ତ୍ର କହେ **ଓଁ ସଚ୍ଚିଦାନନ୍ଦଃ ଶିବଃ ।**

''ସେହି ଚିତ୍‌ଶକ୍ତି ମହାମାୟା ରୂପରେ ସମସ୍ତଙ୍କୁ ଅଜ୍ଞାନ କରି ରଖିଛନ୍ତି । ଆଧ୍ୟାତ୍ମ ରାମାୟଣରେ ଅଛି, ରାମଙ୍କୁ ଦର୍ଶନ କରି ଋଷିମାନେ ସମସ୍ତେ ଗୋଟିଏ କଥା ହିଁ କହିଛନ୍ତି — ହେ ରାମ ! ତୁମର ଭୁବନମୋହିନୀ ମାୟାରେ ମୁଗ୍ଧ କର ନାହିଁ ।''

ଈଶାନ — ଏ ମାୟା କଅଣ ?

ଶ୍ରୀରାମକୃଷ୍ଣ — ଯାହା କିଛି ଦେଖୁଛ, ଶୁଣୁଛ, ଚିନ୍ତା କରୁଛ, ସବୁ ମାୟା । ଗୋଟିଏ କଥାରେ କହିବାକୁ ଗଲେ, କାମିନୀ-କାଞ୍ଚନ ହିଁ ମାୟାର ଆବରଣ ।

''ପାନ ଖାଇବା, ମାଛ ଖାଇବା, ତମାଖୁ ଖାଇବା, ତେଲ ଲଗାଇବା ଏସବୁଥିରେ ଦୋଷ ନାହିଁ । କେବଳ ଏସବୁ ତ୍ୟାଗ କଲେ କଅଣ ହେବ ? କାମିନୀ-କାଞ୍ଚନ ତ୍ୟାଗ ହିଁ ଦରକାର । ସେହି ତ୍ୟାଗ ହିଁ ତ୍ୟାଗ । ଗୃହୀମାନେ ମଝିରେ ମଝିରେ ନିର୍ଜନରେ ଯାଇ ସାଧନଭଜନ କରି, ଭକ୍ତି ଲାଭ କରି, ମନରେ ତ୍ୟାଗ କରିବେ । ସନ୍ନ୍ୟାସୀ ବାହାରେ ତ୍ୟାଗ, ମନରେ ତ୍ୟାଗ ଦୁଇଟିଯାକ କରିବେ ।''

**କେଶବଚନ୍ଦ୍ର ଓ ତ୍ୟାଗ — 'ନବ ବିଧାନ'**

''କେଶବ ସେନ୍‌କୁ କହିଥିଲି, ଯେଉଁଘରେ ପାଣିମାଠିଆ ଆଚାରହାଣ୍ଡି ଓ ତେନ୍ତୁଳି ସେହି ଘରେ ବିକାରରୋଗୀ ରହିଲେ କିପରି ଭଲ ହେବ ? ମଝିରେ ମଝିରେ ନିର୍ଜନକୁ ଯିବା ଦରକାର ।''

ଜଣେ ଭକ୍ତ — ମହାଶୟ **ନବ ବିଧାନ** କ'ଣ ? ଯେପରି ଡାଲି-ଖେଚୁଡ଼ି ।

ଶ୍ରୀରାମକୃଷ୍ଣ — କେହି କେହି କହନ୍ତି ଆଧୁନିକ । ମୁଁ ଭାବେ ବ୍ରହ୍ମଜ୍ଞାନୀର ଈଶ୍ୱର କ'ଣ ଆଉ ଗୋଟିଏ ଈଶ୍ୱର ? କହନ୍ତି ନବବିଧାନ, ନୂଆ ବିଧାନ; ହୋଇପାରେ ! ଯେପରି ଛଅଟା ଦର୍ଶନ ଅଛି, ଷଡ଼ଦର୍ଶନ, ସେହିପରି ଆଉ ଗୋଟାଏ କିଛି ହେବ ।

''ତେବେ ନିରାକାରବାଦୀଙ୍କର ଭୁଲ୍ କଅଣ ଜାଣ ? ଭୁଲ୍ ଏହି ଯେ — ସେମାନେ କହନ୍ତି, ସେ ନିରାକାର, ଆଉ ସବୁ ମତ ଭୁଲ୍ ।

ମୁଁ ଜାଣେ ସେ ସାକାର, ନିରାକାର ଉଭୟ ଆହୁରି କେତେ କଅଣ ହୋଇପାରନ୍ତି । **ସେ ସବୁ ହୋଇପାରନ୍ତି ।**[୧]

**ଅସ୍ପୃଶ୍ୟ ଭିତରେ ଈଶ୍ୱର**

(ଈଶାନଙ୍କ) ''ସେହି ଚିତ୍‌ଶକ୍ତି, ସେହି ମହାମାୟା ଚତୁର୍ବିଂଶତି ତତ୍ତ୍ୱ ହୋଇ ରହିଛନ୍ତି । ମୁଁ ଧ୍ୟାନ କରୁଥିଲି; ଧ୍ୟାନ କରୁ କରୁ ମନ ଚାଲିଗଲା ରସିକ ଘରକୁ । ରସିକ ହାଡ଼ି । ମନକୁ କହିଲି—ରହିଥା ଶଳା, ଏଇଠି ରହିଥା । ମା' ଦେଖାଇଦେଲେ, ତା' ଘରର ଲୋକବାକ ସବୁ ବୁଲୁଛନ୍ତି, ଖୋଳମାତ୍ର, ଭିତରେ ସେହି ଏକ କୁଳକୁଣ୍ଡଳିନୀ, ଏକ ଷଟ୍‌ଚକ୍ର !''

''ସେହି ଆଦ୍ୟାଶକ୍ତି ସ୍ତ୍ରୀ ନା ପୁରୁଷ ? ମୁଁ ସେଦେଶରେ ଦେଖିଲି, ଲାହା ବାବୁଙ୍କ ଘରେ କାଳୀ ପୂଜା ହେଉଛି । ମାଆଙ୍କ କାନ୍ଧରେ ପଇତା । ଜଣେ ପଚାରିଲା, ମାଆଙ୍କ କାନ୍ଧରେ ପଇତା କାହିଁକି ? ଗୃହକର୍ତ୍ତା ତାକୁ କହିଲା, 'ଭାଇ ! ତୁ ମାଆଙ୍କୁ ଠିକ୍ ଠିକ୍ ଚିହ୍ନିଛୁ, କିନ୍ତୁ ମୁଁ ଜାଣେ ନାହିଁ, ମା' ପୁରୁଷ କି ସ୍ତ୍ରୀ ।

''ଏପରି ଅଛି ଯେ, ସେହି ମହାମାୟା ଶିବଙ୍କୁ ଚାକ୍‌କୁ କରି ଗିଳି ଦେଲେ । ମାଆଙ୍କ ଭିତରେ ଷଟ୍‌ଚକ୍ରର ଜ୍ଞାନ ହେବାରୁ ମାଆଙ୍କର ଉରୁ ବାଟେ ବାହାରି ଆସିଲେ, ସେତେବେଳେ ଶିବ ତନ୍ତ୍ରର ସୃଷ୍ଟି କଲେ ।''

''ସେହି ଚିତ୍‌ଶକ୍ତିଙ୍କର, ସେହି ମହାମାୟାଙ୍କର ଶରଣାଗତ ହେବାକୁ ହୁଏ ।''

ଈଶାନ—ଆପଣ କୃପା କରନ୍ତୁ ।

**ଈଶାନଙ୍କୁ ଶିକ୍ଷା 'ବୁଡ'—ଗୁରୁଙ୍କ ପ୍ରୟୋଜନ—କେବଳ ପାଣ୍ଡିତ୍ୟ**

ଶ୍ରୀରାମକୃଷ୍ଣ—ସରଳଭାବରେ କୁହ, ହେ ଈଶ୍ୱର, ଦେଖା ଦିଅ ଆଉ କାନ୍ଦି କାନ୍ଦି କୁହ, ହେ ଈଶ୍ୱର, କାମିନୀକାଞ୍ଚନରୁ ମନ କାଢ଼ି ନିଅ ।

''**ଆଉ ତଳକୁ ବୁଡ଼** । ଉପରେ ଉପରେ ଭାସିଲେ ବା ପହଁରିଲେ କ'ଣ ରତ୍ନ ମିଳେ ? ବୁଡ଼ିବାକୁ ହୁଏ ।''

''ଗୁରୁଙ୍କ ପାଖରୁ ସନ୍ଧାନ ନେବାକୁ ହୁଏ । ଜଣେ ବାଣଲିଙ୍ଗ ଶିବ ଖୋଜୁଥିଲା । କିଏ ଜଣେ କହିଦେଲା, ଅମୁକ ନଦୀ କୂଳକୁ ଯିବ, ସେଠାରେ ଗୋଟିଏ ଗଛ ଦେଖିବ, ସେହି ଗଛ ପାଖରେ ଗୋଟିଏ ଘୂର୍ଣ୍ଣୀ ଗଣ୍ଡ ଅଛି, ସେହିଠାରେ ବୁଡ଼ି ଖୋଜିଲେ ବାଣଲିଙ୍ଗ ଶିବ ପାଇବ । ସେଥିପାଇଁ ଗୁରୁଙ୍କ ନିକଟରୁ ସନ୍ଧାନ ଜାଣିନେବାକୁ ହୁଏ ।''

ଈଶାନ—ଆଜ୍ଞା ହଁ ।

ଶ୍ରୀରାମକୃଷ୍ଣ—''**ସଚ୍ଚିଦାନନ୍ଦ ହିଁ ଗୁରୁରୂପରେ ଆସନ୍ତି** । ମନୁଷ୍ୟ ଗୁରୁଙ୍କ ପାଖରୁ ଯଦି କେହି ଦୀକ୍ଷା ନିଏ, ତାଙ୍କୁ ମଣିଷ ବୋଲି ଭାବିଲେ କିଛି

୧. ନାନ୍ତୋଽସ୍ତି ମମ ଦିବ୍ୟାନାଂ ବିଭୁତୀନାଂ ପରନ୍ତପ !—ଗୀତା, ୧୦/୪୦

ହେବ ନାହିଁ । ତାଙ୍କୁ ସାକ୍ଷାତ ଈଶ୍ୱର ବୋଲି ଭାବିବାକୁ ହୁଏ, ତେବେ ତ ମନ୍ତ୍ରରେ ବିଶ୍ୱାସ ହେବ । ବିଶ୍ୱାସ ହେଲେ ହିଁ ସବୁ ହୋଇଗଲା । ଶୂଦ୍ର (ଏକଲବ୍ୟ) ମାଟିର ଦ୍ରୋଣଙ୍କୁ ପୂଜା କରୁଥିଲା, ସାକ୍ଷାତ୍ ଦ୍ରୋଣାଚାର୍ଯ୍ୟ ଜ୍ଞାନରେ ସେହିଥିରେ ହିଁ ସେ ଅସ୍ତ୍ରଶିକ୍ଷାରେ ସିଦ୍ଧ ହେଲା ।''

''ତୁମେ ଆଉ ବ୍ରାହ୍ମଣ ପଣ୍ଡିତମାନଙ୍କ ସହ ବେଶୀ ମିଶାମିଶି କର ନାହିଁ । ସେମାନଙ୍କର ଚିନ୍ତା ହୁଇପଇସା ପାଇବା ପାଇଁ ।''

''ମୁଁ ଦେଖିଛି, ବ୍ରାହ୍ମଣ ସ୍ୱସ୍ତ୍ୟୟନ କରିବାକୁ ଆସିଛି, ଚଣ୍ଡୀପାଠ କି ଆଉ କ'ଣ ପାଠ କରୁଛି । ଦେଖିଛି, ଅଧେ ପୃଷ୍ଠା ଓଲଟେଇ ଯିବେ । (ସମସ୍ତଙ୍କର ହାସ୍ୟ)''

''ନିଜକୁ ମାରିବା ପାଇଁ ଗୋଟିଏ ନହୁରୁଣୀ ଯଥେଷ୍ଟ । ପରକୁ ମାରିବାକୁ ଗଲେ ଢାଲ-ତରବାରୀ-ଶସ୍ତ୍ରାଦି ଦରକାର ।''

''ନାନା ଶାସ୍ତ୍ରର କିଛି ଦରକାର ନାହିଁ । ଯଦି ବିବେକ ନ ଥାଏ, କେବଳ ପାଣ୍ଡିତ୍ୟରେ କିଛି ହୁଏ ନାହିଁ । ଷଡ୍‌ଦର୍ଶନ ପଢ଼ିଲେ ମଧ୍ୟ କିଛି ହୁଏ ନାହିଁ । ନିର୍ଜନରେ ଗୋପନରେ କାନ୍ଦି କାନ୍ଦି ତାଙ୍କୁ ଡାକ, ସେ ହିଁ ସବୁ କରିଦେବେ ।''

## ଗୋପନରେ ସାଧନ—ଶୁଚିବାଇ ଓ ଈଶାନ

ଈଶାନ ଭାଟପଡ଼ାରେ ପୁରଶ୍ଚରଣ କରିବା ପାଇଁ ଗଙ୍ଗାକୂଳରେ ଛାମୁଣ୍ଡିଆ ବାନ୍ଧୁଥିଲେ, ଏହି କଥା ଠାକୁର ଶୁଣିଛନ୍ତି ।

ଶ୍ରୀରାମକୃଷ୍ଣ—(ବ୍ୟସ୍ତ ହୋଇ ଈଶାନଙ୍କ ପ୍ରତି)—ହଇହେ ଘର କ'ଣ ତିଆରି ହୋଇଛି ? କ'ଣ ଜାଣ, ସେସବୁ କାମ ଲୋକଙ୍କ ଆଖିକୁ ଯେତେ ନ ଆସେ, ସେତେ ଭଲ । ଯେଉଁମାନେ ସତ୍ତ୍ୱ ଗୁଣୀ, ସେମାନେ ଧ୍ୟାନ କରନ୍ତି ମନେ, କୋଣେ, ବନେ । ବେଳେ ବେଳେ ମଶାରି ଭିତରେ ଧ୍ୟାନ କରନ୍ତି ।

ହାଜରାଙ୍କୁ ଈଶାନ ମଝିରେ ମଝିରେ ଭାଟପଡ଼ାକୁ ନେଇ ଯାଆନ୍ତି । ହାଜରା ମହାଶୟ ଶୁଚିବାଇ ଥିଲାପରି ବ୍ୟବହାର କରନ୍ତି । ଠାକୁର ଶ୍ରୀରାମକୃଷ୍ଣ ତାଙ୍କୁ ସେପରି କରିବାକୁ ମନା କରିଥିଲେ ।

ଶ୍ରୀରାମକୃଷ୍ଣ(ଈଶାନଙ୍କ ପ୍ରତି)—ଆଉ ଦେଖ, ବେଶୀ ଆଚାର କର ନାହିଁ । ଜଣେ ସାଧୁକୁ ଭାରୀ ଶୋଷ ହେଉଥିଲା । ଭିସ୍ତୀ ପାଣି ନେଇ ଯାଉଥିଲା, ସାଧୁକୁ ପାଣି ଦେବାକୁ ଚାହିଁଲା । ସାଧୁ କହିଲା—ତୁମର ସେ ଭିସ୍ତି (ଚମଡ଼ାନିର୍ମିତ ପାଣି ରଖିବା ଥଳି) କ'ଣ ପରିଷ୍କାର ? ଭିସ୍ତୀ କହିଲା—ମହାରାଜ, ମୋର ଭିସ୍ତି ଖୁବ୍ ପରିଷ୍କାର, କିନ୍ତୁ ତୁମ ମୁଣା ଭିତରେ ମଳମୂତ୍ର ବହୁପ୍ରକାରର ମଇଳା ଅଛି । ସେଥିପାଇଁ କହୁଛି, ମୋର ମୁଣାରୁ ପାଣି ପିଅ ଏଥିରେ ଦୋଷ ହେବ ନାହିଁ । ତୁମର ମୁଣା ଅର୍ଥାତ୍ ତୁମର ଦେହ, ତୁମର ପେଟ !

ତାଙ୍କ ନାମରେ ବିଶ୍ୱାସ କର । ତା'ହେଲେ ଆଉ ତୀର୍ଥାଦିର ମଧ୍ୟ ପ୍ରୟୋଜନ ହେବ ନାହିଁ ।

ଏହା କହି ଠାକୁର ଭାବବିହ୍ୱଳ ହୋଇ ଗାଇଲେ—

''ଗୟା ଗଙ୍ଗା ପ୍ରଭାସାଦି କାଶୀ କାଞ୍ଚି କେବା ଚାୟ ।...''

ଈଶାନ ସବୁ ଶୁଣି ଚୁପ୍ ହୋଇ ବସିଛନ୍ତି ।

**ଈଶାନଙ୍କୁ ଶିକ୍ଷା : ବାଳକ ପରି ବିଶ୍ୱାସ—ଜନକଙ୍କ ପରି ଆଗେ ସାଧନ, ତେବେ ସଂସାରରେ ଈଶ୍ୱରଲାଭ**

ଶ୍ରୀରାମକୃଷ୍ଣ(ଈଶାନଙ୍କ ପ୍ରତି)—ଆଉ କିଛି ସନ୍ଦେହ ଥାଏ ତ ପଚାର ।

ଈଶାନ—ଆଜ୍ଞା, ଯାହା କହୁଥିଲେ, **ବିଶ୍ୱାସ** ।

ଶ୍ରୀରାମକୃଷ୍ଣ—ଠିକ୍ ବିଶ୍ୱାସ ଦ୍ୱାରା ହିଁ ତାଙ୍କୁ ଲାଭ କରାଯାଏ । ଆଉ ସବୁ ବିଶ୍ୱାସ କଲେ ଆହୁରି ଶୀଘ୍ର ହୁଏ । ଗାଈ ଯଦି ବାଛି ବାଛି ଖାଏ, ତା' ହେଲେ ଦୁଧ କମ୍ ଦିଏ; ସବୁ ପ୍ରକାରର ଡ଼ାଳପତ୍ର ଖାଇଲେ ବହୁତ ଦୁଧ ଦିଏ ।

''ରାଜକୃଷ୍ଣ ବାନାର୍ଜିର ପୁଅ ଗପ କହୁଥିଲା ଯେ ଜଣକ ପ୍ରତି ଆଦେଶ ହେଲା—ଦେଖ୍, ଏହି ମେଣ୍ଢାଟିରେ ତୋର ବିଷ୍ଣୁଙ୍କୁ ଦେଖ୍ । ସେ ତାହା ହିଁ ବିଶ୍ୱାସ କଲା । ସର୍ବଭୂତରେ ଯେ ସେ ହିଁ ରହିଛନ୍ତି ।''

''ଗୁରୁ ଭକ୍ତକୁ କହି ଦେଇଥିଲେ ଯେ, 'ରାମ ଘଟ୍ ଘଟ୍‌ମେଁ ଲେଟା ।' ଭକ୍ତର ସେଥିରେ ବିଶ୍ୱାସ । ଯେତେବେଳେ ଗୋଟିଏ କୁକୁର ରୁଟି ନେଇ ପଳାଉଛି ସେତେବେଳେ ଭକ୍ତ ଘିଅପାତ୍ର ହାତରେ ଧରି ପଛେ ପଛେ ଦୌଡୁଛି, ଆଉ କହୁଛି 'ରାମ' ଟିକିଏ ରହ, ରୁଟିରେ ଘିଅ ଲଗା ହୋଇନି !''

''ଆଚ୍ଛା କୃଷ୍ଣକିଶୋରର କି ବିଶ୍ୱାସ ! କହୁଥାଏ, ଓଁ କୃଷ୍ଣ ! ଓଁ ରାମ ! ଏହି ମନ୍ତ୍ର ଉଚ୍ଚାରଣ କଲେ କୋଟିଏ ସନ୍ଧ୍ୟାର ଫଳ ମିଳେ ।''

''କୃଷ୍ଣକିଶୋର ମୋତେ ଚୁପ୍ ଚୁପ୍ କହୁଥିଲା, କାହାକୁ କୁହ ନାହିଁ, ମୋର ସନ୍ଧ୍ୟା-ଫନ୍ଧ୍ୟା ଭଲ ଲାଗେ ନାହିଁ ।''

''ମୋର ବି ଏପରି ହୁଏ । ମା' ଦେଖାଇ ଦିଅନ୍ତି ଯେ ସେ ହିଁ ସବୁ ହୋଇ ରହିଛନ୍ତି । ଶୌଚ ସାରି ଝାଉଁତଳ ଆଡୁ ଆସୁଛି, ପଞ୍ଚବଟୀ ଆଡ଼କୁ ଦେଖିଲି ସଙ୍ଗରେ ଗୋଟିଏ କୁକୁର ଆସୁଛି । ସେତେବେଳେ ପଞ୍ଚବଟୀ ପାଖରେ ଟିକିଏ ଠିଆହେଲି, ଭାବିଲି ଯେ, ମା' ଯଦି ଏହାକୁ ଦେଇ କିଛି କୁହାନ୍ତି ।''

''ତେଣୁ ତୁମେ ଯାହା କହିଲ, ବିଶ୍ୱାସରେ ସବୁ ମିଳେ ।''

ଈଶାନ—କିନ୍ତୁ ଆମେ ଯେ ସଂସାରରେ ରହିଛୁ ।

ଶ୍ରୀରାମକୃଷ୍ଣ—ତା'ହେଲେ ବି, ତାଙ୍କର କୃପା ହେଲେ ଅସମ୍ଭବ ସମ୍ଭବ ହୁଏ । ରାମପ୍ରସାଦ ଗାଇଥିଲା, 'ଏ ସଂସାର ଧୋକାର ଟାଟି' । ତାକୁ ଜଣେ ଉତ୍ତର ଦେଇଥିଲା ଆଉ ଗୋଟିଏ ଗୀତ ଛଳରେ—

'ଏ ସଂସାର ମଜାର କୋଠି, ମୁଁ ଯେ ଖାଇ ପିଇ ନିଏ ମଜା ଲୁଟି ।
ଜନକରାଜା ମହାତେଜା ତା'ର କାହିଁରେ ଥିଲା ତ୍ରୁଟି,
ସେ ଯେ ଏପାଖ ସେପାଖ ଦି' ପାଖ ରଖି ପିଇଥିଲା ଦୁଧବାଟି ।'

''କିନ୍ତୁ ଆଗେ ନିର୍ଜନରେ ଗୋପନରେ ସାଧନ-ଭଜନ କରି ଈଶ୍ୱରଲାଭ କରି ସଂସାରରେ ରହିଲେ, 'ଜନକ ରାଜା' ହୋଇପାର । ତା' ନ ହେଲେ କିପରି ହେବ !

''ଦେଖୁନ କାର୍ତ୍ତିକ, ଗଣେଶ, ଲକ୍ଷ୍ମୀ, ସରସ୍ୱତୀ ସମସ୍ତେ ରହିଛନ୍ତି; କିନ୍ତୁ ଶିବ କେତେବେଳେ ସମାଧିସ୍ଥ, ପୁଣି କେତେବେଳେ 'ରାମ' 'ରାମ' କହି ନୃତ୍ୟ କରୁଛନ୍ତି ।''

## (୩)

### ଦକ୍ଷିଣେଶ୍ୱରରେ ଭକ୍ତମାନଙ୍କ ସଙ୍ଗରେ

ଶ୍ରୀରାମକୃଷ୍ଣ ଦକ୍ଷିଣେଶ୍ୱର ମନ୍ଦିରରେ ବସିଛନ୍ତି । ରାଖାଲ, ମାଷ୍ଟର, ରାମ, ହାଜରା ପ୍ରଭୃତି ଭକ୍ତମାନେ ଉପସ୍ଥିତ ଅଛନ୍ତି । ହାଜରା ବାହାର ବାରଣ୍ଡାରେ ବସିଛନ୍ତି । ଆଜି ରବିବାର ୨୩ ସେପ୍‌ଟେମ୍ବର ୧୮୮୩, ଭାଦ୍ର କୃଷ୍ଣା ସପ୍ତମୀ ।

ନିତ୍ୟଗୋପାଳ, ତାରକ ପ୍ରଭୃତି ଭକ୍ତମାନେ ରାମଙ୍କ ଘରେ ରହୁଛନ୍ତି । ସେ ସେମାନଙ୍କୁ ଯତ୍ନରେ ରଖିଛନ୍ତି ।

ରାଖାଲ ମଝିରେ ମଝିରେ ଶ୍ରୀଯୁକ୍ତ ଅଧର ସେନ୍‌ଙ୍କ ଘରକୁ ଯାଇ ରହନ୍ତି । ନିତ୍ୟଗୋୋପାଳ ସର୍ବଦା ଭାବରେ ବିଭୋର । ତାରକଙ୍କର ଅବସ୍ଥା ଅନ୍ତର୍ମୁଖ; ସେ ଲୋକଙ୍କ ସହିତ ଆଜିକାଲି ବେଶୀ କଥା କହନ୍ତି ନାହିଁ ।

### ନରେନ୍ଦ୍ରଙ୍କ ଲାଗି ଶ୍ରୀରାମକୃଷ୍ଣଙ୍କର ଭାବନା

ଠାକୁର ଏଥର ନରେନ୍ଦ୍ରଙ୍କ ବିଷୟ କହୁଛନ୍ତି ।

ଶ୍ରୀରାମକୃଷ୍ଣ (ଜଣେ ଭକ୍ତଙ୍କ ପ୍ରତି)—ନରେନ୍ଦ୍ର ତୁମକୁ ମଧ୍ୟ 'ଲାଇକ୍' କରେ ନାହିଁ । (ମାଷ୍ଟରଙ୍କ ପ୍ରତି) କାହିଁ, ଅଧର ଘରକୁ ନରେନ୍ଦ୍ର ଆସିଲା ନାହିଁ କାହିଁକି ?

''ନରେନ୍ଦ୍ରର ଏକାଧାରରେ କେତେ ଗୁଣ ! ଗାଇବା, ବଜାଇବା, ଲେଖାପଢ଼ାରେ, ସବୁଥିରେ । ସେଦିନ କ୍ୟାପ୍‌ଟେନ୍‌ର ଗାଡ଼ିରେ ଏଠାରୁ ଯାଉଥିଲା; କ୍ୟାପ୍‌ଟେନ୍ ବହୁତ କହିଲା, ତା'ପାଖରେ ବସିବାକୁ । ନରେନ୍ଦ୍ର ସେପଟେ ଯାଇ ବସିଲା । କ୍ୟାପ୍‌ଟେନ୍ ଆଡ଼କୁ ଚାହିଁଲା ବି ନାହିଁ ।

### ଗୌରୀ ପଣ୍ଡିତ ଓ ଶ୍ରୀରାମକୃଷ୍ଣ

''କେବଳ ପାଣ୍ଡିତ୍ୟରେ କ'ଣ ହେବ ? ସାଧନ-ଭଜନ ଦରକାର । ଇଁଦେଶର ଗୌରୀ ପଣ୍ଡିତ ମଧ୍ୟ ଥିଲା, ସାଧକ ମଧ୍ୟ ଥିଲା । ଶକ୍ତି-ସାଧକ;

ମାଆଙ୍କ ଭାବରେ ବେଳେ ବେଳେ ଉନ୍ମତ୍ତ ହୋଇଯାଉଥିଲା । ମଝିରେ ମଝିରେ କହୁଥିଲା, 'ହାରେ, ରେ, ରେ ନିରାଲମ୍ବ ଲମ୍ବୋଦର–ଜନନୀ କଂ ଯାମି ଶରଣମ୍ !' ସେତେବେଳେ ପଣ୍ଡିତମାନେ ଜିଆ ପରି ହୋଇ ଯାଉଥିଲେ । ମୁଁ ମଧ୍ୟ ଆବିଷ୍ଟ ହୋଇଯାଉଥିଲି । ମୋର ଖାଇବା ଦେଖି କହୁଥିଲା, 'ତୁମେ ଭୈରବୀ ନେଇ ସାଧନ କରିଛ ?'

''ଜଣେ କର୍ତ୍ତାଭଜା ନିରାକାରର ବ୍ୟାଖ୍ୟା କଲା । ନିରାକାର ଅର୍ଥାତ୍ ନୀରର ଆକାର । ଗୌରୀ ସେ କଥା ଶୁଣି ଭୀଷଣ ରାଗିଗଲା ।''

ପ୍ରଥମେ ପ୍ରଥମେ ଟିକିଏ ଧର୍ମାନ୍ଧ ଶାକ୍ତ ଥିଲା; ତୁଳସୀପତ୍ର ଦୁଇଟି କାଠିରେ ଟୋଳୁଥିଲା, ଛୁଉଁ ନ ଥିଲା (ସମସ୍ତଙ୍କର ହାସ୍ୟ)—ତା'ପରେ ଘରକୁ ଗଲା; ଘରୁ ଫେରି ଆସି ଏପରି ଆଉ କରି ନାହିଁ ।''

''ମୁଁ ଗୋଟିଏ ତୁଳସୀଗଛ କାଳୀମନ୍ଦିର ଆଗରେ ପୋତିଥିଲି; ମରିଗଲା ! ଯେଉଁଠି ବୋଦା ବଳି ପଡ଼େ ସେଠାରେ କୁଆଡେ ହୁଏ ନାହିଁ ।''

''ଗୌରୀ ବେଶ୍ ସବୁ ବ୍ୟାଖ୍ୟା କରୁଥିଲା । 'ଏ ଐ ।' ବ୍ୟାଖ୍ୟା କରୁଥିଲା—ଏ ଶିଷ୍ୟ । ଐ (ଏଇ) ତୋର ଇଷ୍ଟ । ପୁଣି ରାବଣର ଦଶମୁଣ୍ଡ କହୁଥିଲା, ଦଶ ଇନ୍ଦ୍ରିୟ । ତମୋଗୁଣରେ କୁମ୍ଭକର୍ଣ୍ଣ, ରଜୋ ଗୁଣରେ ରାବଣ, ସତ୍ତ୍ୱ ଗୁଣରେ ବିଭୀଷଣ । ସେଥିପାଇଁ ବିଭୀଷଣ ରାମଙ୍କୁ ଲାଭ କରିଥିଲା ।''

## ରାମ, ତାରକ ଓ ନିତ୍ୟଗୋପାଳ

ଠାକୁର ମଧ୍ୟାହ୍ନ ସେବା ପରେ ଟିକିଏ ବିଶ୍ରାମ କରୁଛନ୍ତି । କଲିକତାରୁ ରାମ, ତାରକ (ଶିବାନନ୍ଦ) ପ୍ରଭୃତି ଭକ୍ତଗଣ ଆସି ପହଞ୍ଚିଲେ । ଠାକୁରଙ୍କୁ ପ୍ରଣାମ କରି ସେମାନେ ତଳେ ବସିଲେ । ମାଷ୍ଟର ମଧ୍ୟ ତଳେ ବସିଛନ୍ତି । ରାମ କହୁଛନ୍ତି, ଆମେ ଖୋଳ ବଜାଇବା ଶିଖୁଛୁ ।

ଶ୍ରୀରାମକୃଷ୍ଣ(ରାମଙ୍କ ପ୍ରତି)—ନିତ୍ୟଗୋପାଳ ବଜାଇ ଶିଖିଲାଣି ?

ରାମ—ନା, ଅଳ୍ପ ଟିକିଏ ବଜାଇପାରେ ।

ଶ୍ରୀରାମକୃଷ୍ଣ—ତାରକ ?

ରାମ—ସେ ବେଶୀ ପାରିବ ।

ଶ୍ରୀରାମକୃଷ୍ଣ—ତା' ହେଲେ ଆଉ ଏତେ ମୁଁହ ତଳକୁ ପୋତି ରହିବ ନାହିଁ । ଗୋଟିଏ ଆଡ଼େ ଖୁବ୍ ମନ ଦେଲେ ଈଶ୍ୱରଙ୍କ ଆଡ଼େ ଆଉ ସେତେ ରହେ ନାହିଁ ।

ରାମ—ମୁଁ ଭାବୁଛି, ମୁଁ ଯେ ଶିଖୁଛି, କେବଳ ସଂକୀର୍ତ୍ତନ ପାଇଁ ।

ଶ୍ରୀରାମକୃଷ୍ଣ(ମାଷ୍ଟରଙ୍କ ପ୍ରତି)—''ତୁମେ କୁଆଡ଼େ ଗୀତ ଶିଖିଛ ?''

ମାଷ୍ଟର(ସହାସ୍ୟ)—ଆଜ୍ଞା ନା, ମୁଁ ଉଁ ଆଁ କରେ ।

ଶ୍ରୀରାମକୃଷ୍ଣ — ତୁମର ତ ସେଇଟା ଅଭ୍ୟାସ ଅଛି ? ଅଛି ଯଦି ଗାଅନା 'ଆଉ କାମ ନାହିଁ ଜ୍ଞାନ-ବିଚାରେ, ଦେ ମା' ପାଗଳ କରେ ।'

''ଦେଖ ଏଇଟା ମୋର ଠିକ୍ ଭାବ ।''

**ହାଜରାଙ୍କୁ ଉପଦେଶ — ସର୍ବଭୂତେ ପ୍ରେମ ଘୃଣା ଓ ନିନ୍ଦା ତ୍ୟାଗ କର**

ହାଜରା କାହା କାହା ପ୍ରତି ଘୃଣା ପ୍ରକାଶ କରନ୍ତି ।

ଶ୍ରୀରାମକୃଷ୍ଣ (ରାମ ପ୍ରଭୃତି ଭକ୍ତଙ୍କ ପ୍ରତି) ସେ ଦେଶରେ ଜଣକ ଘରକୁ ପ୍ରାୟ ସବୁବେଳେ ଯାଇ ରହୁଥିଲି; ସେମାନେ ସମବୟସ୍କ; ସେମାନେ ସେଦିନ ଆସିଥିଲେ; ଏଠାରେ ଦୁଇ ତିନି ଦିନ ଥିଲେ । ସେମାନଙ୍କର ମା' ସମସ୍ତଙ୍କୁ ଏହିପରି ଘୃଣା କରୁଥିଲା । ଶେଷରେ ସେହି ମା'ର ଗୋଡ଼ର ଖିଲ କିପରି ଖସିଗଲା, ଆଉ ଗୋଡ଼ ପଚିବାକୁ ଲାଗିଲା । ଘରେ ଏତେ ପଚା ଗନ୍ଧ ହେଲା ଯେ ଲୋକେ ପଶିପାରିଲେ ନାହିଁ ।

''ହାଜରାଙ୍କୁ ତେଣୁ ଏହି କଥା କହେ, କାହାକୁ ନିନ୍ଦା କର ନାହିଁ ।''

ସମୟ ପ୍ରାୟ ୪ଟା ହେଲା; ଠାକୁର ମୁଖ ପ୍ରକ୍ଷାଳନ ପାଇଁ ଝାଉଁ ତଳକୁ ଗଲେ । ଠାକୁରଙ୍କ ଘରର ଦକ୍ଷିଣ-ପୂର୍ବ ବାରଣ୍ଡାରେ ସତରଞ୍ଜି ପରା ହେଲା । ସେଠାରେ ଠାକୁର ଝାଉଁତଳରୁ ଫେରିଆସି ବସିଲେ । ରାମ ପ୍ରଭୃତି ଭକ୍ତଗଣ ଉପସ୍ଥିତ ଅଛନ୍ତି । ଶ୍ରୀଯୁକ୍ତ ଅଧର ସେନ୍ ସୁବର୍ଣ୍ଣବଣିକ । ତାଙ୍କ ଘରେ ରାଖାଲ ଅନ୍ନଗ୍ରହଣ କରିଥିଲେ ବୋଲି ରାମବାବୁ କ'ଣ କହିଥିଲେ । ଅଧର ପରମଭକ୍ତ । ସେହିସବୁ କଥା ହେଉଛି ।

ସନ୍ଧ୍ୟା ହେଲା । ଅଗଣାରେ ଉତ୍ତର-ପଶ୍ଚିମ କୋଣରେ ଶ୍ରୀରାମକୃଷ୍ଣ ଦଣ୍ଡାୟମାନ ଓ **ସମାଧିସ୍ଥ** ।

ବହୁ ସମୟ ପରେ ବାହ୍ୟଜଗତକୁ ମନ ଆସିଲା । ଠାକୁରଙ୍କର କି ଆଶ୍ଚର୍ଯ୍ୟ ଅବସ୍ଥା । ଆଜିକାଲି ପ୍ରାୟ ସମାଧିସ୍ଥ । ସାମାନ୍ୟ ଉଦ୍ଦୀପନାରେ ବାହ୍ୟ ଜ୍ଞାନ ଶୂନ୍ୟ ହୋଇଯାଆନ୍ତି । ଭକ୍ତମାନେ ଯେତେବେଳେ ଆସନ୍ତି, ସେତେବେଳେ ଟିକିଏ କଥାବାର୍ତ୍ତା କରନ୍ତି; ନଚେତ୍ ସର୍ବଦା ହିଁ ଅନ୍ତର୍ମୁଖ । ପୂଜା ଜପାଦି କର୍ମ ଆଉ କରିପାରନ୍ତି ନାହିଁ ।

**ଶ୍ରୀରାମକୃଷ୍ଣଙ୍କର କର୍ମତ୍ୟାଗ ଅବସ୍ଥା**

ସମାଧି ଭଙ୍ଗ ପରେ ଠିଆ ହୋଇ ଜଗନ୍ମାତାଙ୍କ ସହିତ କଥା କହୁଛନ୍ତି । କହୁଛନ୍ତି, ''ମା' ! ପୂଜା ଗଲା, ଜପ ଗଲା; ଦେଖ ମା', ଯେପରି ଜଡ଼ କରି ନ ଦିଅ ! ସେବ୍ୟ-ସେବକ ଭାବ ରଖ । ମା', ଯେପରି କଥା କହିପାରେ । ଯେପରି ତୁମର ନାମ ନେଇପାରେ; ତୁମର ନାମଗୁଣ କୀର୍ତ୍ତନ କରିବି ମା', ଗୀତ ଗାଇବି ମା' ! ଦେହରେ ଟିକିଏ ବଳ ଦିଅ ମା' ! ଯେପରି ନିଜେ ଟିକିଏ ଚାଲିପାରେ;

ଯେଉଁଠାରେ ତୁମର କଥା ହେଉଛି, ଯେଉଁଠି ତୁମର ଭକ୍ତସବୁ ଅଛନ୍ତି । ସେହି ସବୁ ଜାଗାକୁ ଯାଇପାରେ !''

ଶ୍ରୀରାମକୃଷ୍ଣ—ଆଜି ସକାଳେ କାଳୀମନ୍ଦିରକୁ ଯାଇ ଜଗନ୍ମାତାଙ୍କ ପାଦପଦ୍ମରେ ପୁଷ୍ପାଞ୍ଜଳି ଦେଇଛନ୍ତି । ସେ ପୁଣି ଜଗନ୍ମାତାଙ୍କ ସହ କଥା କହୁଛନ୍ତି ।

ଠାକୁର କହୁଛନ୍ତି, ''ମା', ଆଜି ସକାଳେ ତୁମ ପାଦପଦ୍ମରେ ଦୁଇଟି ଫୁଲ ଦେଲି; ଭାବିଲି ଭଲ ହେଲା, ପୁଣି (ବାହ୍ୟ) ପୂଜା ଆଡ଼କୁ ମନ ଯାଉଛି; ତେବେ ମା', ପୁଣି କାହିଁକି ଏପରି ହେଲା ? ମୋତେ ଜଡ଼ ପରି କାହିଁକି କରି ଦେଉଛ ?''

ଭାଦ୍ର କୃଷ୍ଣା ସପ୍ତମୀ । ଏପର୍ଯ୍ୟନ୍ତ ଚନ୍ଦ୍ର ଉଇଁ ନାହାନ୍ତି । ଅନ୍ଧାର ରାତି । ଠାକୁର ଭାବାବିଷ୍ଟ; ସେହି ଅବସ୍ଥାରେ ନିଜ ଘରର ଛୋଟ ଖଟଟିରେ ବସିଲେ । ପୁଣି ଜଗନ୍ମାତାଙ୍କ ସହ କଥା କହୁଛନ୍ତି ।

## ଈଶାନଙ୍କୁ ଶିକ୍ଷା—କଳିରେ ବେଦମତ ଚଳେ ନାହିଁ—<br>ମାତୃଭାବରେ ସାଧନ କର

ବର୍ତ୍ତମାନ ବୋଧେ ଭକ୍ତମାନଙ୍କ ବିଷୟରେ ମା'ଙ୍କୁ କିଛି କହୁଛନ୍ତି । ଈଶାନ ମୁଖୋପାଧ୍ୟାୟଙ୍କ କଥା କହୁଛନ୍ତି । ଈଶାନ କହିଥିଲେ, 'ମୁଁ ଭାଟପଡ଼ାରେ ଯାଇ ଗାୟତ୍ରୀ ପୂରଶ୍ଚରଣ କରିବି । ଶ୍ରୀରାମକୃଷ୍ଣ ତାଙ୍କୁ କହିଥିଲେ ଯେ, **କଳିକାଳରେ ବେଦମତ ଚଳେ ନାହିଁ ।** ଜୀବର ଅନ୍ନଗତ ପ୍ରାଣ, ଆୟୁ କମ୍, ଦେହ ବୁଦ୍ଧି, ବିଷୟ ବୁଦ୍ଧି ସଂପୂର୍ଣ୍ଣ ଯାଏ ନାହିଁ । ସେଥିପାଇଁ ଈଶାନଙ୍କୁ ତନ୍ତ୍ରମତରେ ମାତୃଭାବରେ ସାଧନ କରିବାକୁ ଉପଦେଶ କରିଥିଲେ । ଆଉ ଈଶାନଙ୍କୁ କହିଥିଲେ, ଯିଏ ବ୍ରହ୍ମ, ସେ ହିଁ ମା, ସେ ହିଁ **ଆଦ୍ୟାଶକ୍ତି** ।

ଠାକୁର ଭାବାବିଷ୍ଟ ହୋଇ କହୁଛନ୍ତି, ''ପୁଣି ଗାୟତ୍ରୀର ପୁରଶ୍ଚରଣ ! ଏ ଚାଳରୁ ସେ ଚାଳକୁ ଡିଆଁ ଡେଇଁ ! ...କିଏ ତାକୁ ଏ କଥା କହିଲା ? ବୋଧହୁଏ ମନକୁ ମନ କରୁଛି ! ...ଆଚ୍ଛା, ଟିକିଏ ପୁରଶ୍ଚରଣ କରିବ ।''

(ମାଷ୍ଟରଙ୍କ ପ୍ରତି)—''ଆଚ୍ଛା, ମୋର ଏସବୁ ବାୟୁଦୋଷ ନା ଭାବ ?''

ମାଷ୍ଟର—ଅବାକ୍ ହୋଇ ଦେଖୁଛନ୍ତି ଯେ, ଠାକୁର ଶ୍ରୀରାମକୃଷ୍ଣ ଜଗଜ୍ଜନନୀଙ୍କ ସହ ଏହିପରି କଥା କହୁଛନ୍ତି । ସେ ଅବାକ୍ ହୋଇ ଦେଖୁଛନ୍ତି ! ଈଶ୍ୱର ଆମର ଅତି ନିକଟରେ, ବାହାରେ ପୁଣି ଭିତରେ । ଅତି ନିକଟରେ ନ ହେଲେ ଶ୍ରୀରାମକୃଷ୍ଣ ଚୁପ୍ ଚୁପ୍ ତାଙ୍କ ସହିତ କଥା କହୁଛନ୍ତି କିପରି !

# ପଞ୍ଚମ ପରିଚ୍ଛେଦ

## (୧)

## ଦକ୍ଷିଣେଶ୍ୱରରେ ଶ୍ରୀରାମକୃଷ୍ଣ ରାଖାଲ ପ୍ରଭୃତି ଭକ୍ତଙ୍କ ସଙ୍ଗରେ

ଠାକୁର ଶ୍ରୀରାମକୃଷ୍ଣ ଦକ୍ଷିଣେଶ୍ୱର କାଳୀମନ୍ଦିର ସମ୍ମୁଖସ୍ଥ ମଣ୍ଡପ ଉପରେ ବସିଛନ୍ତି । ଜଗନ୍ମାତାଙ୍କୁ କାଳୀ ପ୍ରତିମା ମଧ୍ୟରେ ଦର୍ଶନ କରୁଛନ୍ତି । ପାଖରେ ମାଷ୍ଟର ପ୍ରଭୃତି ଭକ୍ତମାନେ ବସିଛନ୍ତି । ଭାଦ୍ର କୃଷ୍ଣା ଦଶମୀ । ଆଜି ୨୬ ସେପ୍‌ଟେମ୍ବର ୧୮୮୩ ଖ୍ରୀଷ୍ଟାବ୍ଦ ସନ୍ଧ୍ୟା ।

କିଛି ସମୟ ପୂର୍ବରୁ ଠାକୁର କହୁଥିଲେ, ‘‘ଈଶ୍ୱରଙ୍କ ସମ୍ବନ୍ଧରେ କିଛି ହିସାବ କରିବାର ଉପାୟ ନାହିଁ । ତାଙ୍କର ଅନନ୍ତ ଐଶ୍ୱର୍ଯ୍ୟ । ମଣିଷ ମୁହଁରେ କ’ଣ କହିବ । ଗୋଟିଏ ପିମ୍ପୁଡ଼ି ଚିନିପାହାଡ଼ ପାଖକୁ ଯାଇ ଗୋଟିଏ ଦାନା ଚିନି ଖାଇଲା । ତା’ପେଟ ପୂରିଗଲା; ସେତେବେଳେ ସେ ଭାବିଲା, ଏଥର ଆସି ମୁଁ ପାହାଡ଼ଟାକୁ ଗାତ ଭିତରକୁ ନେଇଯିବି ।’’

‘‘ତାଙ୍କୁ କ’ଣ ବୁଝାଯାଏ ! ତେଣୁ ମୋର ବିରାଡ଼ିଛୁଆର ଭାବ, ମା’ ଯେଉଁଠି ରଖେ, ମୁଁ କିଛି ଜାଣେ ନାହିଁ । ଛୋଟ ପିଲା ମା’ର ଐଶ୍ୱର୍ଯ୍ୟ କେତେ ଜାଣେ ନାହିଁ ।’’

ଶ୍ରୀରାମକୃଷ୍ଣ କାଳୀମନ୍ଦିରର ମଣ୍ଡପରେ ବସି ସ୍ତବ କରୁଛନ୍ତି, ‘‘ମା’ ! ମା’ ! ଓଁକାରରୂପିଣୀ ! ମା’ ! ଏମାନେ କେତେ କ’ଣ କୁହନ୍ତି, ମା’ — କିଛି ବୁଝିପାରେ ନାହିଁ । କିଛି ଜାଣିନି ମା’ ! — ଶରଣାଗତ ! ଶରଣାଗତ ! କେବଳ ଏତିକି କର, ଯେପରି ତୁମ ଶ୍ରୀଚରଣରେ ଶୁଦ୍ଧା ଭକ୍ତି ହୁଏ ମା’ ! ଆଉ ଯେପରି ତୁମର ଭୁବନମୋହିନୀ ମାୟାରେ ମୁଗ୍ଧ ନ ହୁଏ, ମା’ ! ଶରଣାଗତ ! ଶରଣାଗତ !’’

ମନ୍ଦିରମାନଙ୍କରେ ଆଳତି ହୋଇଗଲା । ଶ୍ରୀରାମକୃଷ୍ଣ ତାଙ୍କ ଘରେ ଛୋଟ ଖଟଟି ଉପରେ ବସିଛନ୍ତି । ମହେନ୍ଦ୍ର ତଳେ ବସିଛନ୍ତି ।

ମହେନ୍ଦ୍ର ଆଗେ କେଶବ ସେନ୍‌ଙ୍କର ବ୍ରାହ୍ମସମାଜକୁ ସର୍ବଦା ଯାଉଥିଲେ । ଠାକୁରଙ୍କୁ ଦେଖିବା ପରଠାରୁ ସେଠାକୁ ଆଉ ଯାଆନ୍ତି ନାହିଁ । ଶ୍ରୀରାମକୃଷ୍ଣ ସର୍ବଦା ଜଗନ୍ମାତାଙ୍କ ସହିତ କଥା କୁହନ୍ତି; ତାହା ଦେଖି ସେ ଅବାକ୍ ହୋଇଯାଇଛନ୍ତି, ଆଉ ତାଙ୍କର ସର୍ବଧର୍ମ ସମନ୍ୱୟ କଥା ଶୁଣି ଓ ଈଶ୍ୱରଙ୍କ ପାଇଁ ବ୍ୟାକୁଳତା ଦେଖି ସେ ମୁଗ୍ଧ ହୋଇଛନ୍ତି ।

ମହେନ୍ଦ୍ର ଠାକୁରଙ୍କ ନିକଟକୁ ପ୍ରାୟ ଦୁଇବର୍ଷ ହେଲା ଯାତାୟାତ କରୁଛନ୍ତି ଏବଂ ତାଙ୍କର ଦର୍ଶନ ଓ କୃପା ଲାଭ କରୁଛନ୍ତି । ଠାକୁର ତାଙ୍କୁ ଓ ଅନ୍ୟାନ୍ୟ ଭକ୍ତମାନଙ୍କୁ ସର୍ବଦା କହନ୍ତି — ଈଶ୍ୱର ନିରାକାର ପୁଣି ସାକାର; ଭକ୍ତମାନଙ୍କ ପାଇଁ ରୂପ ଧାରଣ କରନ୍ତି । ଯେଉଁମାନେ ନିରାକାରବାଦୀ ସେମାନଙ୍କୁ ସେ କହନ୍ତି —

ତୁମର ଯାହା ବିଶ୍ୱାସ ତାହା ରଖିବ; କିନ୍ତୁ ଏକଥା ମଧ୍ୟ ଜାଣିବ ଯେ ତାଙ୍କ ପକ୍ଷରେ ସବୁ ସମ୍ଭବ; ସାକାର, ନିରାକାର; ଆହୁରି କେତେ କ'ଣ ସେ ହୋଇପାରନ୍ତି ।

### ଶ୍ରୀରାମକୃଷ୍ଣ ଓ ମହେନ୍ଦ୍ର—କର୍ତ୍ତବ୍ୟବୋଧ

(ଭକ୍ତ ପକ୍ଷରେ ଅବିଦ୍ୟାର ସଂସାର ମୃତ୍ୟୁ ଯନ୍ତ୍ରଣା)

ଶ୍ରୀରାମକୃଷ୍ଣ(ମହେନ୍ଦ୍ରଙ୍କ ପ୍ରତି)—ତୁମେ ତ ଗୋଟାଏ ଧରିଛ—ନିରାକାର ?

ମହେନ୍ଦ୍ର—ଆଜ୍ଞା ହଁ, ତେବେ ଆପଣ ଯେପରି କହନ୍ତି, ସବୁ ସମ୍ଭବ; ସାକାର ମଧ୍ୟ ସମ୍ଭବ ।

ଶ୍ରୀରାମକୃଷ୍ଣ—ବେଶ୍; ଆଉ ମଧ୍ୟ ଜାଣିବ ଯେ ସେ ଚୈତନ୍ୟ ରୂପରେ ଚରାଚର ବିଶ୍ୱରେ ବ୍ୟାପ୍ତ ହୋଇ ରହିଛନ୍ତି ।

ମହେନ୍ଦ୍ର—ମୁଁ ଭାବେ ସେ ଚେତନର ବି ଚେତୟିତା ।

ଶ୍ରୀରାମକୃଷ୍ଣ—''ଏବେ ଏହି ଭାବରେ ରହିଥାଅ । ଟାଣିଟୁଣି ଭାବ ବଦଳାଇବା ଦରକାର ନାହିଁ । କ୍ରମେ ଜାଣିପାରିବ ଯେ ଏହି ଚୈତନ୍ୟ ତାଙ୍କର ହିଁ ଚୈତନ୍ୟ । ସେ ହିଁ ଚୈତନ୍ୟସ୍ୱରୂପ ।''

''ଆଚ୍ଛା, ଟଙ୍କା ଐଶ୍ୱର୍ଯ୍ୟ ଏସବୁ ପ୍ରତି ତୁମର ଆସକ୍ତି ଅଛି ?''

ମହେନ୍ଦ୍ର—ନା, ତେବେ ନିଶ୍ଚିନ୍ତ ହେବା ପାଇଁ—ନିଶ୍ଚିନ୍ତ ହୋଇ ଭଗବାନଙ୍କୁ ଚିନ୍ତା କରିବା ପାଇଁ ।

ଶ୍ରୀରାମକୃଷ୍ଣ—ତା'ତ ନିଶ୍ଚୟ ।

ମହେନ୍ଦ୍ର—ଲୋଭ ନାହିଁ ।

ଶ୍ରୀରାମକୃଷ୍ଣ—ହଁ, ଠିକ୍ କଥା, ନ ହେଲେ ତୁମ ପିଲାପିଲିଙ୍କୁ କିଏ ଦେଖିବ ?

''ତୁମର ଯଦି **ଅକର୍ତ୍ତାଜ୍ଞାନ** ହୁଏ, ତା'ହେଲେ ପିଲାଙ୍କର କ'ଣ ଉପାୟ ହେବ ?''

ମହେନ୍ଦ୍ର—ଶୁଣିଛି, କର୍ତ୍ତବ୍ୟ ବୋଧ ଥିବା ପର୍ଯ୍ୟନ୍ତ ଜ୍ଞାନ ହୁଏ ନାହିଁ । କର୍ତ୍ତବ୍ୟ ମାର୍ତ୍ତଣ୍ଡ !

ଶ୍ରୀରାମକୃଷ୍ଣ—ଏବେ ଏହି ଭାବରେ ଥାଅ; ତା'ପରେ ଯେତେବେଳେ କର୍ତ୍ତବ୍ୟବୋଧ ଆପେ ଆପେ ଚାଲିଯିବ ସେତେବେଳେ ଅଲଗା କଥା ।

ସମସ୍ତେ ନୀରବରେ ବସିଛନ୍ତି ।

ମହେନ୍ଦ୍ର—ଜ୍ଞାନ ପରେ ସଂସାର ! ତାହା ଯେପରି ସଜ୍ଞାନରେ ମୃତ୍ୟୁ—ହଇଜାରେ ।

ଶ୍ରୀରାମକୃଷ୍ଣ—''ରାମ ! ରାମ !''

ମଲାବେଳେ ଜ୍ଞାନ ଥିଲେ ଲୋକର ଖୁବ୍ କଷ୍ଟ ହୁଏ; ଯେପରି ହଇଜାରେ ହୁଏ—ଏହି କଥା ବୋଧହୁଏ ମହେନ୍ଦ୍ର କହୁଛନ୍ତି । ଅବିଦ୍ୟାର ସଂସାର ଦାବାନଳ ତୁଲ୍ୟ—ସେଥିପାଇଁ ହୁଏତ ଠାକୁର 'ରାମ !' 'ରାମ !' କହୁଛନ୍ତି ।

ମହେନ୍ଦ୍ର—କିନ୍ତୁ ଯେ ବିକାର ରୋଗୀ, ସେ ଅଜ୍ଞାନ ହୋଇଯାଏ; ମୃତ୍ୟୁଯନ୍ତ୍ରଣା ବୋଧ ରହେ ନାହିଁ ।

ଶ୍ରୀରାମକୃଷ୍ଣ—ଦେଖୁ ନାହଁ, ଟଙ୍କା ଥିଲେ ବି କ'ଣ ହେବ ! ଜୟଗୋପାଳ ସେନ୍, ଏତେ ଟଙ୍କା ଅଛି; କିନ୍ତୁ ଦୁଃଖ କରେ, ପିଲାମାନେ ମାନନ୍ତି ନାହିଁ ।

ମହେନ୍ଦ୍ର—ସଂସାରରେ ଦାରିଦ୍ର୍ୟ କ'ଣ କେବଳ ମାତ୍ର ଦୁଃଖ ? ଏଣେ ଛଅ ରିପୁ, ପୁଣି ରୋଗ—ଶୋକ ।

ଶ୍ରୀରାମକୃଷ୍ଣ—ପୁଣି ମାନସଂଭ୍ରମ । ଲୋକମାନ୍ୟ ହେବାର ଇଚ୍ଛା ।

''ଆଚ୍ଛା, ମୋର କି ଭାବ ?''

ମହେନ୍ଦ୍ର—ନିଦ ଭାଙ୍ଗିଲେ ମଣିଷର ଯାହା ଯେପରି ହୁଏ, ସେହିପରି ଈଶ୍ୱରଙ୍କ ସଙ୍ଗରେ ସଦା ସର୍ବଦା ଯୋଗ ।

ଶ୍ରୀରାମକୃଷ୍ଣ—ତୁମେ ମୋତେ ସ୍ୱପ୍ନରେ ଦେଖ ?

ମହେନ୍ଦ୍ର—ହଁ, ଅନେକ ଥର ।

ଶ୍ରୀରାମକୃଷ୍ଣ—''କିପରି ? କିଛି ଉପଦେଶ ଦେବାର ଦେଖ ?''

ମହେନ୍ଦ୍ର ଚୁପ୍ ହୋଇ ବସିଛନ୍ତି ।

ଶ୍ରୀରାମକୃଷ୍ଣ—ଯଦି ମୋତେ ଶିକ୍ଷା ଦେବାର ଦେଖ, ତେବେ ଜାଣିବ ସେ ସଚ୍ଚିଦାନନ୍ଦ ।

ମହେନ୍ଦ୍ର—ସ୍ୱପ୍ନରେ ଯାହା ଯାହା ଦେଖିଥିଲେ, ସେ ସବୁ ବର୍ଣ୍ଣନା କଲେ । ଶ୍ରୀରାମକୃଷ୍ଣ ମନଯୋଗ ଦେଇ ସବୁ ଶୁଣିଲେ ।

ଶ୍ରୀରାମକୃଷ୍ଣ(ମହେନ୍ଦ୍ରଙ୍କ ପ୍ରତି)—''ଖୁବ୍ ଭଲ ! ତୁମେ ଆଉ ବିଚାର କର ନାହିଁ ତୁମେମାନେ ଶାକ୍ତ ।

## (୨)

### ପଣ୍ଡିତ ଓ ସାଧୁ ମଧ୍ୟରେ ପ୍ରଭେଦ—କଳିଯୁଗରେ ନାରଦୀୟ ଭକ୍ତି

ଦକ୍ଷିଣେଶ୍ୱରରେ ପୂର୍ବପରିଚିତ ଘରେ ଛୋଟ ଖଟଟି ଉପରେ ଠାକୁର ଶ୍ରୀରାମକୃଷ୍ଣ ବସିଛନ୍ତି । ସମୟ ଅପରାହ୍ଣ ତିନିଟା; ମାଷ୍ଟର ଆସି ଉପସ୍ଥିତ । ଏହି ସମୟରେ ରାଖାଲ ଓ ଲାଟୁ ଠାକୁରଙ୍କ ପାଖରେ ପ୍ରାୟ ରହୁ ଥାଆନ୍ତି । ଦୁଇ ଘଣ୍ଟା ପୂର୍ବରୁ କିଶୋରୀ ଆସିଛନ୍ତି । ମାଷ୍ଟର ଆସି ଭୂମିଷ୍ଠ ହୋଇ ପ୍ରଣାମ କଲେ । ଠାକୁର କୁଶଳ ପ୍ରଶ୍ନ କରି ନରେନ୍ଦ୍ରଙ୍କ ବିଷୟରେ ପଚାରିଲେ ।

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି)—କ'ଣ, ନରେନ୍ଦ୍ର ସଙ୍ଗରେ ଦେଖା ହୋଇଥିଲା ? (ସହାସ୍ୟ) ନରେନ୍ଦ୍ର କହିଛି, 'ସେ ଏବେ ବି କାଳୀମନ୍ଦିରକୁ ଯାଆନ୍ତି; ଯେତେବେଳେ ଠିକ୍ ହୋଇଯିବ, ସେତେବେଳେ ଆଉ ଯିବେ ନାହିଁ ।'

''ଏଠାକୁ ବେଳେବେଳେ ଆସେ ଆଉ କହେ ଯେ ଘରର ଲୋକମାନେ ବଡ଼ ବିରକ୍ତିକର । ସେଦିନ ଏଠାକୁ ଗାଡ଼ିରେ ଆସିଥିଲା । ସୁରେନ୍ଦ୍ର ଗାଡ଼ିଭଡ଼ା ଦେଇଥିଲା । ତେଣୁ ନରେନ୍ଦ୍ରର ପିଉସୀ ସୁରେନ୍ଦ୍ର ଘରକୁ ଝଗଡ଼ା କରିବାକୁ ଯାଇଥିଲା ।''

ଠାକୁର ନରେନ୍ଦ୍ରଙ୍କ କଥା କହୁ କହୁ ଗାତ୍ରୋତ୍ଥାନ କଲେ ଏବଂ ଉତ୍ତର ପୂର୍ବ ବାରଣ୍ଡାକୁ ଯାଇ ଠିଆ ହେଲେ । ସେଠାରେ ହାଜରା, କିଶୋରୀ, ରାଖାଲ ଆଦି ଭକ୍ତମାନେ ବସିଥିଲେ ।

ଶ୍ରୀରାମକୃଷ୍ଣ — ତୁମେ କିପରି ଆଜି ଚାଲିଆସିଲ ? କ'ଣ ସ୍କୁଲ୍ ଛୁଟି କି ?

ମାଷ୍ଟର — ଆଜି ସାଢ଼େ ଗୋଟାଏରେ ଛୁଟି ହୋଇଗଲା ।

ଶ୍ରୀରାମକୃଷ୍ଣ — ଏତେ ଶୀଘ୍ର କାହିଁକି ?

ମାଷ୍ଟର — ବିଦ୍ୟାସାଗର ସ୍କୁଲ ଦେଖିବାକୁ ଆସିଥିଲେ । ସ୍କୁଲଟି ବିଦ୍ୟାସାଗରଙ୍କର ତେଣୁ ସେ ଆସିଲେ ପିଲାଙ୍କ ଆନନ୍ଦ ପାଇଁ ଛୁଟି ଦିଆଯାଏ ।

## ବିଦ୍ୟାସାଗର ଓ ସତ୍ୟକଥା

ଶ୍ରୀରାମକୃଷ୍ଣ — ''ବିଦ୍ୟାସାଗର ସତ୍ୟକଥା କହେ ନାହିଁ କାହିଁକି ?''

''ସତ୍ୟବଚନ, ପର ସ୍ତ୍ରୀ ମାତୃସମାନ । ଐସେ ହରି ନା ମିଲେ ତୁଲସୀ ଝୁଟ୍ ଜବାନ ।'' — ସତ୍ୟରେ ରହିଲେ ଯାଇ ଭଗବାନଙ୍କୁ ଲାଭ କରାଯାଏ । ବିଦ୍ୟାସାଗର ସେଦିନ କହିଲା, ଏଠାକୁ ଆସିବ; କିନ୍ତୁ ଆସିଲା ନାହିଁ ।

''**ପଣ୍ଡିତ ଆଉ ସାଧୁ ଭିତରେ ଅନେକ ପାର୍ଥକ୍ୟ ।** ଯେ ଖାଲି ପଣ୍ଡିତ, ତା'ର କାମିନୀ-କାଞ୍ଚନରେ ମନ ଅଛି । ସାଧୁର ମନ ହରିଙ୍କର ପାଦପଦ୍ମରେ । ପଣ୍ଡିତ କହେ ଗୋଟିଏ ପ୍ରକାର ଆଉ କରେ ଅନ୍ୟ ଗୋଟିଏ ପ୍ରକାର । ସାଧୁର କଥା ଛାଡ଼ି ଦିଅ । ଯେଉଁମାନଙ୍କର ହରିପାଦପଦ୍ମରେ ମନ, ସେମାନଙ୍କର କଥା କାମ ସବୁ ଅଲଗା । କାଶୀରେ ଜଣେ ନାନକପନ୍ଥୀ ଯୁବକ ସାଧୁ ଦେଖିଥିଲି । ସେ ତୁମ ବୟସର ଥିଲା । ମୋତେ କହୁଥିଲା 'ପ୍ରେମୀ ସାଧୁ' । କାଶୀରେ ସେମାନଙ୍କର ମଠ ଅଛି ଦିନେ ମୋତେ ସେଠାକୁ ନିମନ୍ତ୍ରଣ କରି ନେଇଗଲା । ମହନ୍ତଙ୍କୁ ଦେଖିଲି ଯେପରି ଗୋଟିଏ ଘରଣୀ । ତାଙ୍କୁ ପଚାରିଲି, 'ଉପାୟ କ'ଣ ?' ସେ କହିଲେ, 'କଳିଯୁଗରେ ନାରଦୀୟ ଭକ୍ତି' । ପାଠ କରୁଥିଲେ, ପାଠ ଶେଷରେ କହିବାକୁ ଲାଗିଲେ — 'ଜଲେ ବିଷ୍ଣୁଃ ସ୍ଥଲେ ବିଷ୍ଣୁଃ ବିଷ୍ଣୁଃ ପର୍ବତମସ୍ତକେ । ସର୍ବଂ ବିଷ୍ଣୁମୟଂ ଜଗତ୍ ।' ସବା ଶେଷରେ କହିଲେ — ଶାନ୍ତିଃ ଶାନ୍ତିଃ ପ୍ରଶାନ୍ତି ।

## କଳିଯୁଗରେ ବେଦ ମତ ଚଳେ ନାହିଁ—ଜ୍ଞାନମାର୍ଗ

''ଦିନେ ଗୀତା ପାଠକଲେ । ଏମିତି ଜିଦ୍, ବିଷୟୀ ଲୋକ ଆଡ଼କୁ ଚାହିଁ ପଡ଼ିବେ ନାହିଁ । ମୋ ଆଡ଼କୁ ଚାହିଁ ପଢ଼ିଲେ । ମଥୁର ବାବୁ ଥିଲେ; ତାଙ୍କ ଆଡ଼କୁ ପଛ କରି ବସି ପଢ଼ିବାକୁ ଲାଗିଲେ । ସେହି ନାନକପନ୍ଥୀ ସାଧୁଟି କହିଥିଲେ— ଉପାୟ 'ନାରଦୀୟ ଭକ୍ତି' ।''

ମାଷ୍ଟର—ସେହି ସାଧୁମାନେ କ'ଣ ବେଦାନ୍ତବାଦୀ ନୁହଁନ୍ତି ?

ଶ୍ରୀରାମକୃଷ୍ଣ—ହଁ, ସେମାନେ ବେଦାନ୍ତବାଦୀ, କିନ୍ତୁ ଭକ୍ତିମାର୍ଗ ମଧ ମାନନ୍ତି । କ'ଣ ଜାଣ, ଏବେ କଳିଯୁଗରେ ବେଦ ମତ ଅଚଳ । ଜଣେ କହିଥିଲେ, ଗାୟତ୍ରୀର ପୁରଶ୍ଚରଣ କରିବି । ମୁଁ କହିଲି—କାହିଁକି ? କଳିରେ ତନ୍ତ୍ରୋକ୍ତ ମତ । ତନ୍ତ୍ର ମତରେ କ'ଣ ପୁରଶ୍ଚରଣ ହୁଏ ନାହିଁ ?

ବୈଦିକ କର୍ମ ବଡ଼ କଠିନ । ସେଥିରେ ପୁଣି ଦାସତ୍ୱ । କଥା ଅଛି ଯେ, କୁଆଡ଼େ ବାରବର୍ଷ ନା କେତେ ଏହିପରି ଦାସତ୍ୱ କଲେ, ଦାସ ହିଁ ହୋଇଯାଏ । ଯେଉଁମାନଙ୍କର ଏତେଦିନ ଦାସତ୍ୱ କଲା, ସେମାନଙ୍କର ସ୍ୱଭାବ ପରି ତା'ର ସ୍ୱଭାବ ହୋଇଯାଏ । ସେମାନଙ୍କର ରଜଃ ତମଃ ଗୁଣ, ଜୀବହିଂସା, ବିଳାସ ଏହିସବୁ ଆସି ଯାଏ—ସେମାନଙ୍କର ସେବା କରୁକରୁ । କେବଳ ଦାସତ୍ୱ ନୁହେଁ, ପୁଣି ପେନ୍‌ସନ୍ ପାଏ ।''

''ଜଣେ ବେଦାନ୍ତବାଦୀ ସାଧୁ ଆସିଥିଲା । ମେଘ ଦେଖି ନାଚୁଥିଲା, ଝଡ଼-ବର୍ଷାରେ ଖୁବ୍ ଆନନ୍ଦ । ଧ୍ୟାନ କରିବା ସମୟରେ କେହି ପାଖକୁ ଗଲେ ଖୁବ୍ ରାଗି ଯାଉଥିଲା । ମୁଁ ଦିନେ ଯାଇଥିଲି; ଯିବାରୁ ଭାରି ବିରକ୍ତ । ସବୁବେଳେ ବିଚାର କରୁଥିଲା—'ବ୍ରହ୍ମ ସତ୍ୟ, ଜଗତ୍ ମିଥ୍ୟା' । ମାୟାରେ ନାନାରୂପ ଦେଖାଯାଉଛି ।... କାଳେ ମାୟା ହେବ, ଆସକ୍ତି ହେବ, ତେଣୁ କୌଣସି ଜିନିଷ ଥରେ ଛଡ଼ା ଦୁଇଥର ଦେଖିବ ନାହିଁ । ଗାଧୋଇଲା ବେଳେ ପକ୍ଷୀ ଉଡ଼ୁଛି ଦେଖି ବିଚାର କରୁଥିଲା । ଦୁଇଜଣ ଝାଡ଼ା ଯାଇଥିଲୁ । ମୁସଲମାନ ପୋଖରୀ ଶୁଣି ଆଉ ଶୌଚ ହେଲା ନାହିଁ । ହଳଧାରୀ ପୁଣି ବ୍ୟାକରଣ ପଚାରିଲା; ବ୍ୟାକରଣ ଜାଣେ । ବ୍ୟଞ୍ଜନବର୍ଣ୍ଣର କଥା ହେଲା । ତିନିଦିନ ଏଠାରେ ଥିଲା । ଦିନେ ବନ୍ଧ ପାଖରୁ ସାନାଇର ଶବ୍ଦ ଶୁଣି କହିଲା—ଯାହାର ବ୍ରହ୍ମଦର୍ଶନ ହୁଏ, ତା'ର ଏହି ଶବ୍ଦ ଶୁଣି ସମାଧି ହୁଏ ।''

### (୩)

## ପରମହଂସ ଅବସ୍ଥା ପ୍ରଦର୍ଶନ

ଠାକୁର ଶ୍ରୀରାମକୃଷ୍ଣ ସାଧୁମାନଙ୍କ କଥା କହୁ କହୁ ପରମହଂସର ଅବସ୍ଥା ଦେଖାଇବାକୁ ଲାଗିଲେ । ଚାଲିଚଳନ ବାଳକ ପରି । ହସ ହସ ବଦନ । ଅଣ୍ଟାରେ

ଲୁଗା ନାହିଁ; ଦିଗମ୍ବର; ଚକ୍ଷୁରେ ପୂର୍ଣ୍ଣ ଆନନ୍ଦର ତରଙ୍ଗ । ଠାକୁର ଛୋଟ ଖଟଟିରେ ବସିଲେ । ପୁଣି ସେହି ମନୋମୁଗ୍‌ଧକରୀ କଥା ।

ଶ୍ରୀରାମକୃଷ୍ଣ(ମଣିଙ୍କ ପ୍ରତି)—'ଲଙ୍ଗଟୀ' (ତୋତାପୁରୀ) ପାଖରୁ ବେଦାନ୍ତ ଶୁଣିଥିଲି । ବ୍ରହ୍ମ ସତ୍ୟ ଜଗତ ମିଥ୍ୟା । ଯାଦୁକର ଆସି କେତେ ଯାଦୁ ଦେଖାଏ; ତାରା ଆମ୍ବ ଗଛ ହେଲା, ଆମ୍ବ ବି ଫଳିଲା । କିନ୍ତୁ ଏସବୁ ବାଜି । **ବାଜିକର ହିଁ ସତ୍ୟ ।**

ମଣି—ଜୀବନଟା ଯେପରି ଗୋଟିଏ ଦୀର୍ଘ ନିଦ୍ରା । ଏତିକି ବୁଝିପାରୁଛି ଯେ, ସବୁ ଠିକ୍ ଦେଖୁ ନାହିଁ । ଯେଉଁ ମନରେ ଆକାଶ ବୁଝିପାରୁ ନାହିଁ, ସେହି ମନ ନେଇ ତ ଜଗତ ଦେଖୁଛି; ଅତଏବ କିପରି ଠିକ୍ ଦେଖା ହେବ ?

ଶ୍ରୀରାମକୃଷ୍ଣ—ଆଉ ଏକ ପ୍ରକାରର ଅଛି । ଆକାଶକୁ ଆମେ ଠିକ୍ ଦେଖୁ ନାହୁଁ; ବୋଧହୁଏ, ଯେପରି ମାଟିରେ ମିଶିଯାଇଛି । ସେହିପରି, ମଣିଷ ଠିକ୍ ଦେଖିବ କିପରି ? ଭିତରେ ବିକାର । (ଠାକୁର ମଧୁର କଣ୍ଠରେ ଗାଉଛନ୍ତି)

''ଏ କି ବିକାର ଶଙ୍କରି !

କୃପା-ଚରଣ-ତରୀ ପାଇଲେ ଧନ୍ୱନ୍ତରୀ ।''... ଇତ୍ୟାଦି

''ବିକାର ନୁହେଁ ତ କଅଣ ? ଦେଖନା, ସଂସାରୀ ଲୋକେ କଳି କରନ୍ତି । କ'ଣ ନେଇ ଝଗଡ଼ା କରନ୍ତି, ତା'ର ଠିକ୍ ନାହିଁ । କଳିଆ କିପରି ! ତୋର ଅମୁକ ହେଉ, ତୋର ଅମୁକ କରିବି । କେତେ ପାଟିଗୋଳ, କେତେ ଗାଳିଗୁଲଜ !''

ମଣି—କିଶୋରୀକୁ କହିଥିଲି, ବାକ୍ସ ଖାଲି, ଭିତରେ କିଛି ନାହିଁ—ଅଥଚ ଦୁଇଜଣ ଟଣାଟଣି କରୁଛନ୍ତି—ଟଙ୍କା ଅଛି ବୋଲି ।

### ଦେହଧାରଣ ବ୍ୟାଧି—ସଂସାର ମଜାର କୋଠୀ

''ଦେହଟା ହେଉଛି ସବୁ ଅନର୍ଥର କାରଣ । ଏହିସବୁ ଦେଖାଇ ଜ୍ଞାନୀମାନେ ଭାବନ୍ତି, ଖୋଳଟା ଛାଡ଼ିଗଲେ ରକ୍ଷା ।''

ଠାକୁର କାଳୀମନ୍ଦିରକୁ ଯାଉଛନ୍ତି ।

ଶ୍ରୀରାମକୃଷ୍ଣ—କାହିଁକି ? ଦେହ ରହିଲେ ବା କ୍ଷତି କ'ଣ ? 'ସଂସାର ତ ମଜାର କୋଠୀ' ହୋଇପାରେ !

ମଣି—ନିରବଚ୍ଛିନ୍ନ ଆନନ୍ଦ କେଉଁଠି ?

ଶ୍ରୀରାମକୃଷ୍ଣ—ହଁ ତାହା ତ ସତ ।

ଠାକୁର କାଳୀମନ୍ଦିର ଆଗକୁ ଆସିଛନ୍ତି । ମାଆଙ୍କୁ ଭୂମିଷ୍ଠ ହୋଇ ପ୍ରଣାମ କଲେ । ମଣି ମଧ୍ୟ ପ୍ରଣାମ କଲେ । ଠାକୁର କାଳୀମନ୍ଦିର ସମ୍ମୁଖସ୍ଥ ମଣ୍ଡପରେ ମା' କାଳୀଙ୍କ ଆଡ଼କୁ ମୁହଁ କରି ବସିଛନ୍ତି । ଦେହରେ ଖଣ୍ଡିଏ ଲାଲଧଡ଼ି ଧୋତି, ତା'ର କିଛି ଅଂଶ ପିଠିରେ ଓ କାନ୍ଧରେ । ପଶ୍ଚାଦ୍ଦେଶରେ ନାଟମନ୍ଦିରର ଗୋଟିଏ ସ୍ତମ୍ଭ । ନିକଟରେ ମଣି ବସିଛନ୍ତି ।

ମଣି—ତାହା ଯଦି ହୁଏ, ତେବେ ଦେହଧାରଣ କ'ଣ ଦରକାର ? ତା'ହେଲେ ତ ଦେଖୁଛି, କେତେଗୁଡ଼ିଏ କର୍ମ ଭୋଗ କରିବା ପାଇଁ ଦେହ । କି ପ୍ରକାର କର୍ମ କିଏ ଜାଣେ ? ମଝିରେ ଆମେ ମରୁଛୁ ।

ଶ୍ରୀରାମକୃଷ୍ଣ—''ବୁଟ ବିଷ୍ଠାରେ ପଡ଼ିଲେ ବି ବୁଟଗଛ ହୁଏ ।''

ମଣି—ତା'ହେଲେବି ତ ଅଷ୍ଟବନ୍ଧନ ଅଛି !

### ସଚ୍ଚିଦାନନ୍ଦ ଗୁରୁ—ଗୁରୁଙ୍କ କୃପାରେ ମୁକ୍ତି

ଶ୍ରୀରାମକୃଷ୍ଣ—ଅଷ୍ଟବନ୍ଧନ ନୁହେଁ, ଅଷ୍ଟପାଶ । ତା'ରହିଲେବି ! ତାଙ୍କର କୃପା ହେଲେ ମହୂର୍ତ୍ତକେ ଅଷ୍ଟପାଶ ଛିନ୍ନ ହୋଇପାରେ । କିପରି ଜାଣ, ଯେପରି ହଜାର ବର୍ଷର ଅନ୍ଧକାର ଘର, ଆଲୁଅ ନେଇ ଆସିଲେ କ୍ଷଣକ ମଧ୍ୟରେ ଅନ୍ଧକାର ଦୂରେଇ ଯାଏ । ଟିକିଏ ଟିକିଏ କରିଯାଏ ନାହିଁ । ଭେଲକିବାଜି କରନ୍ତି, ଦେଖିଛ ? ଅନେକ ଗଣ୍ଠିପକା ଦଉଡ଼ି, ଗୋଟିଏ ପାଖ ଗୋଟିଏ ଜାଗାରେ ବାନ୍ଧେ, ଆଉ ଗୋଟିଏ ପାଖ ନିଜ ହାତରେ ଧରେ; ଧରି ଦଉଡ଼ିଟାକୁ ଥରେ ଦୁଇଥର ହଲାଇଦିଏ । ହଲାଇ ଦେବା ସଙ୍ଗେ ସଙ୍ଗେ ଗଣ୍ଠିସବୁ ଖୋଲିଯାଏ । କିନ୍ତୁ ଅନ୍ୟଲୋକ ସେହି ଗଣ୍ଠିକୁ ପ୍ରାଣପଣେ ଚେଷ୍ଟା କରି ମଧ୍ୟ ଖୋଲିପାରେ ନାହିଁ । ଗୁରୁଙ୍କର କୃପା ହେଲେ ସବୁ ଗଣ୍ଠି ମୁହୂର୍ତ୍ତକ ମଧ୍ୟରେ ଖୋଲିଯାଏ ।

### କେଶବ ସେନ୍‌ଙ୍କର ପରିବର୍ତ୍ତନର କାରଣ ଶ୍ରୀରାମକୃଷ୍ଣ

''ଆଚ୍ଛା, କେଶବ ସେନ୍ ଏତେ ବଦଳିଗଲା କାହିଁକି, କୁହ ତ ? ଏଠାକୁ କିନ୍ତୁ ଖୁବ୍ ଆସୁଥିଲା । ଏଠାରୁ ନମସ୍କାର କରି ଶିଖିଲା । ଦିନେ କହିଲି, ସାଧୁମାନଙ୍କୁ ସେହିପରି ଭାବରେ ନମସ୍କାର କରିବା କଥା ନୁହେଁ । ଦିନେ ଈଶାନ୍ ସହିତ କଲିକତାକୁ ଗାଡ଼ିରେ ଯାଉଥିଲି । ସେ କେଶବ ସେନ୍‌ର ସବୁକଥା ଶୁଣିଲା । ହରୀଶ ବେଶ୍ କହେ, 'ଏଠାରୁ ସବୁ ଚେକ୍ ପାଶ୍ କରାଇନେବାକୁ ହୁଏ; ତେବେ ଯାଇ ବ୍ୟାଙ୍କ୍‌ରୁ ଟଙ୍କା ମିଳିବ' ।'' (ଠାକୁରଙ୍କର ହାସ୍ୟ)

ମଣି ଅବାକ୍ ହୋଇ ଏହି ସମସ୍ତ କଥା ଶୁଣୁଛନ୍ତି । ବୁଝିଲେ ଗୁରୁରୂପେ ସଚ୍ଚିଦାନନ୍ଦ ଚେକ୍ ପାଶ୍ କରନ୍ତି ।

## ପୂର୍ବକଥା

### ଲଙ୍ଗୁଳୀର ଉପଦେଶ—ତାଙ୍କୁ ଜଣାଯାଏ ନାହିଁ

ଶ୍ରୀରାମକୃଷ୍ଣ—ବିଚାର କର ନାହିଁ । ତାଙ୍କୁ କିଏ ଜାଣି ପାରିବ ? ତୋତାପୁରୀଙ୍କ ଠାରୁ ଶୁଣିଛି—ତାଙ୍କର ଗୋଟିଏ ଅଂଶରେ ଏହି ବ୍ରହ୍ମାଣ୍ଡ ।

''ହାଜରାର ବିଚାରବୁଦ୍ଧି ବେଶୀ । ବେଶୀ ହିସାବ କରେ—ଏତିକି ଅଂଶ ଜଗତ ହେଲା, ଏତେଟା ବାକି ରହିଲା । ତା'ର ହିସାବ ଶୁଣି ମୋର ମୁଣ୍ଡ ଝିମ୍

ଝିମ୍ ହୁଏ । **ମୁଁ ଜାଣେ ଯେ ମୁଁ କିଛି ଜାଣେ ନାହିଁ ।** ତାଙ୍କୁ କେତେବେଳେ ଭଲ ଭାବେ, ପୁଣି କେତେବେଳେ ମନ୍ଦ ଭାବେ । ତାଙ୍କର ମୁଁ କ'ଣ ବୁଝିବି ?''

ମଣି — ଆଜ୍ଞା ହଁ, ତାଙ୍କୁ କ'ଣ ବୁଝାଯାଏ ? ଯା'ର ଯେପରି ବୁଦ୍ଧି, ସେହି ଟିକକ ନେଇ ମନେକରେ, ମୁଁ ସବୁ ବୁଝି ପାରିଛି । ଆପଣ ଯେପରି କହନ୍ତି, ଗୋଟିଏ ପିମ୍ପୁଡ଼ି ଚିନିର ପାହାଡ଼ ପାଖକୁ ଯାଇଥିଲା, ତା'ର ଗୋଟିଏ ଦାନାରେ ପେଟ ପୂରିଗଲା ବୋଲି ମନେକରେ ଯେ — ଏଥର ଆସି ପାହଡ଼ଟା ବସାକୁ ନେଇଯିବ ।

### ଈଶ୍ୱରଙ୍କୁ କ'ଣ ଜଣାଯାଏ — ଉପାୟ ଶରଣାଗତି

ଶ୍ରୀରାମକୃଷ୍ଣ — ତାଙ୍କୁ କିଏ ଜାଣିବ ? ମୁଁ ଜାଣିବା ପାଇଁ ଚେଷ୍ଟା କରେ ନାହିଁ । ମୁଁ କେବଳ ମା' ବୋଲି ଡାକେ । ମା' ଯାହା କରିବେ । ତାଙ୍କର ଇଚ୍ଛା ହେଲେ ଜଣାଇବେ, ଇଚ୍ଛା ନ ହେଲେ ନାହିଁ । ମୋର ବିରାଡ଼ିଛୁଆର ସ୍ୱଭାବ । ବିରାଡ଼ିଛୁଆ କେବଳ 'ମ୍ୟାଉଁ ମ୍ୟାଉଁ' ବୋବାଏ । ମା' ତାକୁ ଯେଉଁଠି ରଖୁ — କେତେବେଳେ ହାଣ୍ଡିଶାଳରେ, କେତେବେଳେ ଅବା ବାବୁଙ୍କର ବିଛଣାରେ । ଛୋଟ ଛୁଆ ମା'କୁ ଚାହେଁ । ମା'ର କେତେ ଐଶ୍ୱର୍ଯ୍ୟ, ସେ ଜାଣେ ନାହିଁ । ଜାଣିବାକୁ ଚାହେଁ ନାହିଁ ମଧ୍ୟ । ସେ ଜାଣେ, ମୋର ମା' ଅଛି, ମୋର ଭାବନା କ'ଣ ? ଚାକରାଣୀର ପୁଅ ବି ଜାଣେ, ମୋର ମା' ଅଛି । ବାବୁର ପୁଅ ସଙ୍ଗରେ ଝଗଡ଼ା ହେଲେ କହେ, 'ରହ, ମୁଁ ମା'କୁ କହିଦେବି । ମୋର ମା' ଅଛି ।' ମୋର ମଧ୍ୟ ସନ୍ତାନଭାବ ।

ହଠାତ୍ ଠାକୁର ଶ୍ରୀରାମକୃଷ୍ଣ ନିଜକୁ ଦେଖାଇ ନିଜ ଛାତିରେ ହାତ ଦେଇ ମଣିକୁ କହୁଛନ୍ତି, ''ଆଚ୍ଛା, ଏଥିରେ କିଛି ଅଛି ତୁମେ କ'ଣ କହୁଛ ?''

ସେ ଅବାକ୍ ହୋଇ ଠାକୁରଙ୍କୁ ଦେଖୁଛନ୍ତି ଓ ଭାବୁଛନ୍ତି ବୋଧ ହୁଏ — ଠାକୁରଙ୍କର ହୃଦୟ ମଧ୍ୟରେ କ'ଣ ସାକ୍ଷାତ୍ ମା' ଅଛନ୍ତି ! ମା' କ'ଣ ଦେହ ଧାରଣ କରି ଆସିଛନ୍ତି ? ଜୀବର ମଙ୍ଗଳ ପାଇଁ ?

# ଷଷ୍ଠ ପରିଚ୍ଛେଦ

## (୧)

## ଅଧରଙ୍କ ଘରେ ଦୁର୍ଗାପୂଜା ମହୋତ୍ସବରେ ଶ୍ରୀରାମକୃଷ୍ଣ

ଶ୍ରୀଯୁକ୍ତ ଅଧରଙ୍କ ଘରେ ନବମୀ ପୂଜା ଦିନ ଦେବୀମଣ୍ଡପରେ ଶ୍ରୀରାମକୃଷ୍ଣ ଦଣ୍ଡାୟମାନ । ସନ୍ଧ୍ୟାପରେ ଶ୍ରୀଶ୍ରୀଦୁର୍ଗାଙ୍କର ଆଳତି ଦର୍ଶନ କରୁଛନ୍ତି । ଅଧରଙ୍କ ଘରେ ଦୁର୍ଗାପୂଜା ଉତ୍ସବ, ତେଣୁ ସେ ଠାକୁରଙ୍କୁ ନିମନ୍ତ୍ରଣ କରି ଆଣିଛନ୍ତି ।

ଆଜି ବୁଧବାର, ୧୦ ଅକ୍ଟୋବର ୧୮୮୩, ୨୪ ଆଶ୍ୱିନ । ଶ୍ରୀରାମକୃଷ୍ଣ ଭକ୍ତମାନଙ୍କ ସଙ୍ଗରେ ଆସିଛନ୍ତି; ସେମାନଙ୍କ ମଧ୍ୟରେ ବଳରାମଙ୍କର ପିତା ଓ ଅଧରଙ୍କର ବନ୍ଧୁ ଅବସରପ୍ରାପ୍ତ ସ୍କୁଲ-ଇନସ୍‌ପେକ୍ଟର ସାରଦାବାବୁ ଆସିଛନ୍ତି । ପ୍ରତିବେଶୀ ଓ ଆତ୍ମୀୟମାନଙ୍କୁ ପୂଜା ଉପଲକ୍ଷେ ଅଧର ନିମନ୍ତ୍ରଣ କରିଛନ୍ତି । ସେମାନେ ମଧ୍ୟ ଅନେକେ ଆସିଛନ୍ତି ।

ଶ୍ରୀରାମକୃଷ୍ଣ ସନ୍ଧ୍ୟାଳତି ଦର୍ଶନ କରି ଭାବାବିଷ୍ଟ ହୋଇ ମଣ୍ଡପରେ ଠିଆ ହୋଇଛନ୍ତି । ଭାବାବିଷ୍ଟ ହୋଇ ମାଆଙ୍କୁ ଗୀତ ଶୁଣାଉଛନ୍ତି ।

ଅଧର ଗୃହୀଭକ୍ତ, ପୁଣି ଅନେକ ଗୃହୀଭକ୍ତ ଉପସ୍ଥିତ, ତ୍ରିତାପରେ ତାପିତ । ତେଣୁ ବୋଧହୁଏ ଶ୍ରୀରାମକୃଷ୍ଣ ସମସ୍ତଙ୍କର ମଙ୍ଗଳ ପାଇଁ ଜଗନ୍ମାତାଙ୍କୁ ସ୍ତବ କରୁଛନ୍ତି —

୧. ଏବାର ସତ୍ୱର, ତାରଣକର ମା' ତାରିଣୀ,
ତପନ-ତନୟ-ତ୍ରାସେ ତ୍ରାସିତ ମରୁଅଛି ଯେ ପ୍ରାଣୀ ।
ଜଗଦମ୍ବେ, ଜନ-ପାଳିନୀ, ଜନ-ମୋହିନୀ ଜଗଜ୍ଜନନୀ,
ହରି ଲୀଳାରେ ସହାୟ ହୋଇଲ ଯଶୋଦା ଜଠରୁ ଜନମି । ।
ବୃନ୍ଦାବନେ ରାଧାବିନୋଦିନୀ, ବ୍ରଜବଲ୍ଲଭ ବିହାରକାରିଣୀ ।
ରସମୟୀ ହୋଇ ରାସ କରିଲେ ଲୀଳା ପ୍ରକାଶ ରାସରଙ୍ଗିନୀ । ।
ଗିରିଜା ଗୋପଜା ଗୋବିନ୍ଦ ମୋହିନୀ ତୁମେ ମା' ଗଙ୍ଗା ଗତିଦାୟିନୀ ।
ଗାନ୍ଧର୍ବିକେ ଗୌରବରଣୀ ଜଗତ ତୁମର ଗୁଣ ବଖାଣି ॥
ଶିବେ ସନାତନୀ ସର୍ବାଣୀ ଈଶାନୀ ସଦାନନ୍ଦମୟୀ ସର୍ବସ୍ୱରୂପିଣୀ ।
ସଗୁଣା ନିର୍ଗୁଣା ସଦାଶିବପ୍ରିୟେ, ତୁମ ମହିମା କେ ପାରିବ ଜାଣି ॥

### ଭାବାବେଶରେ ଶ୍ରୀରାମକୃଷ୍ଣଙ୍କ ଜଗନ୍ମାତାଙ୍କ ସହ କଥା

ଶ୍ରୀରାମକୃଷ୍ଣ ଅଧରଙ୍କ ଦୁଇ ମହଲାର ବୈଠକଖାନାରେ ଯାଇ ବସିଛନ୍ତି । ସେହି ଘରେ ବହୁ ନିମନ୍ତ୍ରିତ ବ୍ୟକ୍ତି ବସିଛନ୍ତି ।

ବଳରାମଙ୍କ ପିତା ଓ ସାରଦାବାବୁ ପ୍ରଭୃତି ପାଖରେ ବସିଛନ୍ତି ।

ଠାକୁର ଏବେ ମଧ୍ୟ ଭାବାବିଷ୍ଟ । ନିମନ୍ତ୍ରିତ ବ୍ୟକ୍ତିମାନଙ୍କୁ ସମ୍ବୋଧନ କରି କହୁଛନ୍ତି, ''ହେ ବାବୁମାନେ, ମୁଁ ଖାଇଛି, ଏବେ ତୁମେମାନେ ଖାଅ ।''

ଅଧରଙ୍କର ନୈବେଦ୍ୟ ପୂଜା ମା' ଗ୍ରହଣ କରିଛନ୍ତି, ତେଣୁ କ'ଣ ଶ୍ରୀରାମକୃଷ୍ଣ ଜଗନ୍ମାତାଙ୍କର ଆବେଶରେ କହୁଛନ୍ତି—''ମୁଁ ଖାଇଛି, ଏବେ ତୁମେମାନେ ପ୍ରସାଦ ପାଅ ?''

ଠାକୁର ଜଗନ୍ମାତାଙ୍କୁ ଭାବାବିଷ୍ଟ ହୋଇ କହୁଛନ୍ତି, ''ମାଆ, ମୁଁ ଖାଇବି ? ନା, ତୁମେ ଖାଇବ ? ମା' କାରଣାନନ୍ଦରୂପିଣୀ !''

ଶ୍ରୀରାମକୃଷ୍ଣ କ'ଣ ଜଗନ୍ମାତାଙ୍କୁ ଓ ନିଜକୁ ଏକ ବୋଲି ଦେଖୁଛନ୍ତି ? ଯିଏ ମା' ସେହି କ'ଣ ସନ୍ତାନରୂପରେ ଲୋକଶିକ୍ଷା ପାଇଁ ଅବତୀର୍ଣ୍ଣ ହୋଇଛନ୍ତି ? ସେଥିପାଇଁ କ'ଣ ଠାକୁର 'ମୁଁ ଖାଇଛି' ବୋଲି କହୁଛନ୍ତି ?

ଏଥର ଭାବାବେଶରେ ଦେହ ମଧ୍ୟରେ ଷଟ୍‌ଚକ୍ର, ତା'ମଝିରେ ମା'ଙ୍କୁ ଦେଖୁଛନ୍ତି । ସେଥିପାଇଁ ଭାବରେ ବିଭୋର ହୋଇ ଗାଉଛନ୍ତି ।

''ଭୁବନ ଭୁଲାଇଲ ମା ହର-ମୋହିନୀ ।
ମୂଳାଧାରେ ମହୋତ୍ପଳେ ବୀଣାବାଦୀ—ବିନୋଦିନୀ । ।
ଆଧାର ଭୈରବାକାର, ଷଡ୍ ଦଳେ ଶ୍ରୀରାଗ ପୁଣି ।
ମଣିପୁରେ ଯେ ମହ୍ଲାର ବସନ୍ତେ ହୃଦ୍‌ପ୍ରକାଶିନୀ । ।
ବିଶୁଦ୍ଧ ହିଲ୍ଲୋଳ ସୁରେ, କର୍ଣ୍ଣାଟକ ଆଜ୍ଞାପୁରେ ।
ତାନ—ମାନ—ଲୟ—ସୁରେ ତ୍ରିସପ୍ତ—ସୁର ଭେଦିନୀ ।।....
ଠାକୁର ପୁଣି ଗାଉଛନ୍ତି—
''ଭାବ, କି ଭାବି ପରାଣ ଗଲା ।
ଯା'ର ନାମ ହରେ କାଳ, ଯା'ର ପଦେ ମହାକାଳ,
ତା'ର ରୂପ କିମ୍ବା କଳା ହେଲା ।।
କଳାରୂପ ଅନେକ ଅଛି, କିନ୍ତୁ ଏ ବଡ଼ ଆଶ୍ଚର୍ଯ୍ୟ କଳା ।
ଅନ୍ତରେ ଧ୍ୟାୟିଲେ ଯା'ରେ ହୃଦିପଦ୍ମ ପ୍ରକାଶିଲା ।।
ନାମେ କାଳୀ, ରୂପେ କାଳୀ, କଳାଠୁ ଅଧିକ କଳା ।
ଅନ୍ୟରୂପ ଲାଗେନା ଭଲ, ଯେ ଦେଖିଛି, ସେ ମଜିଲା ।।''
''ଭାବ କି ଭେବେ ପରାଣ ଗେଲ ।

ଅଭୟାଙ୍କର ଶରଣାଗତ ହେଲେ ସମସ୍ତ ଭୟ ଚାଲିଯାଏ, ତେଣୁ ବୋଧହୁଏ ଭକ୍ତମାନଙ୍କୁ ଅଭୟ ଦେଉଛନ୍ତି ଓ ଗୀତ ଗାଉଛନ୍ତି;

''ଅଭୟ ପଦେ ପ୍ରାଣ ସମ୍ପିଛି ।...''

ଶ୍ରୀଯୁକ୍ତ ସାରଦାବାବୁ ପୁତ୍ର ଶୋକରେ ଅଭିଭୂତ, ତେଣୁ ତାଙ୍କର ବନ୍ଧୁ ଅଧର ତାଙ୍କୁ ଠାକୁରଙ୍କ ପାଖକୁ ନେଇ ଆସିଛନ୍ତି । ସେ ଗୌରାଙ୍ଗଙ୍କ ଭକ୍ତ ।

ତାଙ୍କୁ ଦେଖି ଶ୍ରୀରାମକୃଷ୍ଣଙ୍କର ଶ୍ରୀ ଗୌରାଙ୍ଗଙ୍କ ଉଦ୍ଦୀପନ ହୋଇଛି । ଠାକୁର ଗାଉଛନ୍ତି—

''ମୋର ଅଙ୍ଗ କିମ୍ପା ଗୋରା ହେଲା ।
ଗୋରା ହେବାକୁ ଏବେବି ଦିନ କେତେ ଅଛି ବାକି ।
ଶେଷ ହୋଇନାହିଁ ପୁଣି ଦ୍ୱାପର ଲୀଳା
ଏ କି ହେଲାରେ,
କୋଇଲି ବି ଗୋରା ପୁଣି ମୟୂର ବି ଗୋରା ।
ଯେଦିଗେ ଚାହେଁ ସେଦିଗ ଦିଶେ ବଡ଼ ଗୋରା ।
ଏ କି ହେଲାରେ,
ମଥୁରାକୁ ବୋଧେ ଆସିଛି ରାଇ ।
ମୋ ଅଙ୍ଗ ତେଣୁ ଗୋରା ଦିଶଇ ।
ଏ କି ହେଲାରେ.......''

ଏଥର ଶ୍ରୀଗୌରାଙ୍ଗଙ୍କ ଭାବରେ ଆବିଷ୍ଟ ହୋଇ ଗାଉଛନ୍ତି । କହୁଛନ୍ତି, ''ସାରଦାବାବୁ ଏହି ଗୀତଟି ଖୁବ୍ ଭଲ ପାଆନ୍ତି;''

''ଭାବ ହେବ କି ରେ;
(ଭାବନିଧି ଶ୍ରୀଗୌରାଙ୍ଗରେ)
ଭାବେ ହସେ କାନ୍ଦେ ନାଚେ ଗାଏ ।।
ସୁରଧୁନୀ ଯମୁନା ପୁଣି, ଭାବେ ବୃନ୍ଦାବନ ଦେଖେ ବନେ ।
ଗୋରା ଭାବେ ବିଭୋର ହୁଏ; ହସି ପୁଣି କାନ୍ଦୁଥାଏ;
ଗୋରା, ନିଜ ପାଦ ନିଜେ ଧରେ ।।''
''ଅପବାଦ ଦିଏ, ସାହି ପଡ଼ିଶା—ଗୌର କଳଙ୍କିନୀ ।
ଭାବ ବୁଝେନା, ମନ ବୁଝେନା, ଲାଜେ ମରୁଛି ପ୍ରାଣସଜନୀ ।।''

ବଳରାମଙ୍କ ପିତା ବୈଷ୍ଣବ । ତେଣୁ ବୋଧହୁଏ ଏଥର ଶ୍ରୀରାମକୃଷ୍ଣ ଗୋପୀମାନଙ୍କର ଉଦ୍‌ଭ୍ରାନ୍ତ ପ୍ରେମର ଗୀତ ଗାଉଛନ୍ତି :

''ଶ୍ୟାମକୁ ନ ପାଇ ସହି
ଘରେ କି ସୁଖେ ପାରିବି ରହି
ଶ୍ୟାମ ଯଦି ହେବେ ମଥାର ଚୁଳ
ଯତନେ ବାନ୍ଧିବି ବେଣୀ ଦେଇ ବଉଳ ଫୁଲ ।''

## (୨)

### ସର୍ବଧର୍ମ ସମନ୍ୱୟ—ବଳରାମଙ୍କ ପିତାଙ୍କ ସହ କଥା

ବଳରାମଙ୍କ ପିତାଙ୍କର ଭଦ୍ରକ ପ୍ରଭୃତି ଓଡ଼ିଶାର ନାନା ସ୍ଥାନରେ ଜମିଦାରୀ ଅଛି ଓ ତାଙ୍କର ବୃନ୍ଦାବନ, ପୁରୀ, ଭଦ୍ରକ ପ୍ରଭୃତି ସ୍ଥାନରେ ଦେବସେବା ଅତିଥିଶାଳା ଅଛି । ସେ ଶେଷ ଜୀବନରେ ଶ୍ରୀବୃନ୍ଦାବନରେ ଶ୍ୟାମସୁନ୍ଦର-କୁଞ୍ଜରେ ତାଙ୍କର ସେବା ନେଇ ରହୁଥିଲେ ।

ବଳରାମଙ୍କ ପିତା ପୁରାତନ ବୈଷ୍ଣବ। ଶାକ୍ତ, ଶୈବ ଓ ବେଦାନ୍ତବାଦୀମାନଙ୍କ ପ୍ରତି ବହୁ ବୈଷ୍ଣବଙ୍କର ସହାନୁଭୂତି ନାହିଁ; କେହି କେହି ସେମାନଙ୍କୁ ବିଦ୍ୱେଷ କରନ୍ତି । ଶ୍ରୀରାମକୃଷ୍ଣ କିନ୍ତୁ ଏପରି ସଂକୀର୍ଣ୍ଣ ମତକୁ ଭଲ ପାଆନ୍ତି ନାହିଁ । ସେ କହନ୍ତି ଯେ, ବ୍ୟାକୁଳତା ଥିଲେ ସବୁ ପଥ ସବୁ ମତ ଦେଇ ଈଶ୍ୱରଙ୍କୁ ଲାଭ କରାଯାଇପାରେ । ବହୁ ବୈଷ୍ଣବ ଭକ୍ତ ଅଛନ୍ତି, ଯେଉଁମାନେ ବାହାରେ ମାଳା ଜପନ୍ତି, ଗ୍ରନ୍ଥ ପାଠ ଇତ୍ୟାଦି କରନ୍ତି, କିନ୍ତୁ ଭଗବାନଙ୍କୁ ପାଇବା ପାଇଁ ବ୍ୟାକୁଳତା ନାହିଁ । ସେଥିପାଇଁ ବୋଧହୁଏ ଠାକୁର ବଳରାମଙ୍କ ପିତାଙ୍କୁ ଉପଦେଶ ଦେଉଛନ୍ତି ।

### ପୂର୍ବକଥା—ଠାକୁରଙ୍କର ବୈଷ୍ଣବ-ବୈରାଗୀର ଭେକ ଗ୍ରହଣ ଓ ରାମମନ୍ତ୍ର ଗ୍ରହଣ

ଶ୍ରୀରାମକୃଷ୍ଣ(ମାଷ୍ଟରଙ୍କପ୍ରତି)—ଭାବିଲି, କାହିଁକି ଗୋଟିଏ ଭାବର ହେବି ! ମୁଁ ମଧ୍ୟ ବୃନ୍ଦାବନରେ ବୈଷ୍ଣବ-ବୈରାଗୀର ଭେକ ନେଇଥିଲି; ତିନିଦିନ ଏହି ଭାବରେ ଥିଲି । ପୁଣି ଦକ୍ଷିଣେଶ୍ୱରରେ ରାମମନ୍ତ୍ର ନେଇଥିଲି; ଲମ୍ବା ତିଳକ, ଗଳାରେ ହୀରା । ପୁଣି କେତେଦିନ ପରେ ସବୁ ଛାଡ଼ି ଦେଲି ।

### ବଳରାମଙ୍କ ପିତାଙ୍କୁ ଶିକ୍ଷା—ଈଶ୍ୱର ସଗୁଣ, ନିର୍ଗୁଣ, ସାକାର, ପୁଣି ନିରାକାର

''ଜଣେ ଲୋକର ଗୋଟିଏ କୁଣ୍ଡ ଥିଲା । ଲୋକମାନେ ତା' ପାଖକୁ ଲୁଗା ରଙ୍ଗେଇବାକୁ ଆସନ୍ତି । କୁଣ୍ଡରେ ରଙ୍ଗ ଗୋଳା ହୋଇଥାଏ; କିନ୍ତୁ ଯାହାର ଯେଉଁ ରଙ୍ଗ ଦରକାର, କୁଣ୍ଡରେ ଲୁଗା ବୁଡ଼ାଇଲେ ସେହି ରଙ୍ଗ ହୋଇଯାଏ । ଜଣେ ତାହା ଦେଖି ଅବାକ୍ ହୋଇ ରଙ୍ଗବାଲାକୁ କହିଲା, 'ତୁମେ ଯେଉଁ ରଙ୍ଗ ଗୋଳାଇଛ, ବର୍ତ୍ତମାନ ସେହି ରଙ୍ଗଟି ମୋତେ ଦିଅ' ।''

ଠାକୁର କ'ଣ କହୁଛନ୍ତି ଯେ, ସବୁ ଧର୍ମର ଲୋକେ ତାଙ୍କ ପାଖକୁ ଆସିବେ ଓ ଚୈତନ୍ୟ ଲାଭ କରିବେ ?

ଶ୍ରୀରାମକୃଷ୍ଣ—''ଗୋଟିଏ ଗଛରେ ବହୁରୂପୀଟିଏ ଥିଲା । ସେହି ବହୁରୂପୀକୁ ଜଣେ ଲୋକ ଦେଖିଗଲା ସବୁଜ, ଦ୍ୱିତୀୟ ବ୍ୟକ୍ତି ଦେଖିଲା କଳା, ତୃତୀୟ ବ୍ୟକ୍ତି ହଳଦିଆ; ଏହିପରି ବିଭିନ୍ନ ଲୋକ ଭିନ୍ନ ଭିନ୍ନ ରଙ୍ଗ ଦେଖି ଗଲେ ।

ସେହି ବହୁରୂପୀ ସମ୍ବନ୍ଧରେ ସେମାନେ ଯେତେବେଳେ ଆଲୋଚନା କଲେ, ସେମାନଙ୍କ ଭିତରେ ଝଗଡ଼ା ହେଲା—କିଏ କହିଲା ଶାଗୁଆ, କିଏ କହିଲା ନାଲି, କିଏ କହୁଛି ହଳଦିଆ ପ୍ରତ୍ୟେକର ଅଲଗା କଥା । ଗଛ ତଳେ ଗୋଟିଏ ଲୋକ ବସିଥିଲା, ତା ପାଖକୁ ସମସ୍ତେ ଗଲେ । ସେ କହିଲା, 'ମୁଁ ଏ ଗଛତଳେ ଦିନରାତି ଥାଏ, ମୁଁ ଜାଣେ ଏହା ଗୋଟିଏ ବହୁରୂପୀ । କ୍ଷଣେ କ୍ଷଣେ ରଙ୍ଗ ବଦଳାଏ । ପୁଣି ବେଳେ ବେଳେ ଆଦୌ କୌଣସି ରଙ୍ଗ ନ ଥାଏ ।''

ଶ୍ରୀରାମକୃଷ୍ଣ କ'ଣ କହୁଛନ୍ତି ଯେ ଈଶ୍ୱର ସଗୁଣ, ନାନା ରୂପ ଧରନ୍ତି ? ପୁଣି ନିର୍ଗୁଣ, କୌଣସି ରୂପ ନାହିଁ, ବାକ୍ୟ ମନର ଅତୀତ ! ଆଉ ସେ ଭକ୍ତିଯୋଗ, ଜ୍ଞାନଯୋଗ ସବୁ ପଥ ଦେଇ ଈଶ୍ୱରଙ୍କର ମାଧୁର୍ଯ୍ୟ ରସ ପାନ କରନ୍ତି ?

ଶ୍ରୀରାମକୃଷ୍ଣ(ବଳରାମଙ୍କ ପିତାଙ୍କ ପ୍ରତି)—**ବହି ଆଉ ପଢ଼ ନାହିଁ;** ତେବେ ଭକ୍ତି ଶାସ୍ତ୍ର ପଢ଼, ଯେପରି ଶ୍ରୀଚୈତନ୍ୟଚରିତାମୃତ ।

### ରାଧାକୃଷ୍ଣ—ଲୀଳାର ଅର୍ଥ—ରସ ଓ ରସିକ

''ସାରକଥା ହେଲା, ତାଙ୍କୁ ଭଲ ପାଇବା, ତାଙ୍କର ମାଧୁର୍ଯ୍ୟ ଆସ୍ୱାଦନ କରିବା । ସେ ରସ, ଭକ୍ତ—ରସିକ ସେହି ରସ ପାନ କରେ । ସେ ପଦ୍ମ, ଭକ୍ତ ଅଳି । ଭକ୍ତ ପଦ୍ମର ମଧୁପାନ କରେ ।''

''ଭକ୍ତ ଯେପରି ଭଗବାନ ନ ହେଲେ ରହିପାରେ ନାହିଁ, ଭଗବାନ ମଧ ଭକ୍ତ ନ ହେଲେ ରହିପାରନ୍ତି ନାହିଁ । ସେତେବେଳେ ଭକ୍ତ ହୁଏ ରସ, ଭଗବାନ ହୁଅନ୍ତି ରସିକ; ଭକ୍ତ ହୁଏ ପଦ୍ମ, ଭଗବାନ ହୁଅନ୍ତି ଅଳି । ସେ ନିଜର ମାଧୁର୍ଯ୍ୟ ଆସ୍ୱାଦନ କରିବା ପାଇଁ ଦୁଇ ହୋଇଛନ୍ତି; **ତେଣୁ ରାଧାକୃଷ୍ଣଲୀଳା ।''**

### ତୀର୍ଥାଦି କର୍ମ, ଗଳାରେ ମାଳା, ଭେକ ଆଚାର କେତେ ଦିନ ?

ତୀର୍ଥ, ଗଳାରେ ମାଳା, ଆଚାର ଏସବୁ ପ୍ରଥମେ ପ୍ରଥମେ କରିବାକୁ ହୁଏ । ବସ୍ତୁଲାଭ ହେଲେ, ଭଗବାନଙ୍କୁ ଦର୍ଶନ କଲେ, ବାହାରର ଆଡ଼ମ୍ବର କ୍ରମେ କମିଯାଏ । ସେତେବେଳେ କେବଳ ତାଙ୍କର ନାମ ନେବା ଓ ସ୍ମରଣ-ମନନ ।''[୧]

''ଷୋଳ ଟଙ୍କାର ପଇସା ଏତେ ଗୁଡ଼ାଏ; କିନ୍ତୁ ଷୋଳଟି ଟଙ୍କା ଏତେ ହୁଏ ନାହିଁ । ସେହି ଷୋଳଟଙ୍କା ବଦଳରେ ଯଦି ଗୋଟିଏ ମୋହର କରିବ, ସେତେବେଳେ ଆହୁରି କମ୍ ହୋଇଯିବ । ପୁଣି ସେଇଟିକୁ ବଦଳାଇ ଯଦି ଗୋଟିଏ ହୀରା କରିବ ତା'ହେଲେ ଲୋକେ ଆଦୌ ଟେର୍ ପାଇବେ ନାହିଁ ।''[୨]

---

୧. ଯସ୍ତ୍ୱାତ୍ମରତିରେବ ସ୍ୟାତ୍....କାର୍ଯ୍ୟଂନ ବିଦ୍ୟତେ ।—ଗୀତା୩/୧୭
ପରେ ବ୍ରହ୍ମଣି ବିଜ୍ଞାତେ ସମସ୍ତୈର୍ନିୟମୈରଲମ୍ ।
ତାଲବୃନ୍ତେନ କିଂ ପ୍ରୟୋଜନଂ ପ୍ରାପ୍ତେ ମଳୟମାରୁତେ ॥

୨. A merchantman sold all,wound up his business and bought a pearl of great price,—Bible, St. Mathew : 13/45/46

ବେକରେ କଣ୍ଠୀ ନିୟମ-ଆଚାର ଆଦି ନ ଥିଲେ ବୈଷ୍ଣବମାନେ ନିନ୍ଦା କରନ୍ତି । ତେଣୁ ଠାକୁର କ'ଣ କହୁଛନ୍ତି ଯେ, ଈଶ୍ୱର ଦର୍ଶନ ପରେ ଜପ ମାଳା, ଭେକ ଏସବୁଥିରେ ଆଉ ସେତେ ଆଣ୍ଟ ରହେ ନାହିଁ ? ବସ୍ତୁଲାଭ ହେଲେ ବାହାରର କର୍ମ କମିଯାଏ ।

ଶ୍ରୀରାମକୃଷ୍ଣ(ବଳରାମଙ୍କ ପିତାଙ୍କ ପ୍ରତି) — କର୍ତ୍ତାଭଜା ସମ୍ପ୍ରଦାୟ କହନ୍ତି, ପ୍ରବର୍ତ୍ତକ, ସାଧକ, ସିଦ୍ଧ, ସିଦ୍ଧର ସିଦ୍ଧ । ପ୍ରବର୍ତ୍ତକ ତିଳକ କରେ, ବେକରେ ମାଳା ପିନ୍ଧେ, ଆଉ ଆଚାରୀ । ସାଧକ — ସେମାନଙ୍କର ଏତେ ବାହାରର ଆଡ଼ମ୍ବର ନ ଥାଏ, ଯେପରି 'ବାଉଲ୍' । ସିଦ୍ଧ — ଯାହାର ଠିକ୍ ବିଶ୍ୱାସ ଯେ ଈଶ୍ୱର ଅଛନ୍ତି । ସିଦ୍ଧର ସିଦ୍ଧ — ଯେପରି ଚୈତନ୍ୟଦେବ । ଈଶ୍ୱରଙ୍କୁ ଦର୍ଶନ କରିଛନ୍ତି, ଆଉ ସର୍ବଦା କଥାବାର୍ତ୍ତା ଆଳାପ । ସିଦ୍ଧର ସିଦ୍ଧଙ୍କୁ ସେମାନେ 'ସାଇଁ' କହନ୍ତି । 'ସାଇଁ ପରେ ଆଉ ନାଇଁ ।'

## ସାତ୍ତ୍ୱିକ ସାଧନା, ସବୁଧର୍ମର ସମନ୍ୱୟ ଓ କୁସଂସ୍କାର ତ୍ୟାଗ କରିବା

"ସାଧକ ନାନା ପ୍ରକାରର । ସାତ୍ତ୍ୱିକ ସାଧନା ଗୋପନରେ; ସାଧକ ସାଧନଭଜନ ଗୋପନରେ କରେ; ଦେଖିଲେ ପ୍ରକୃତ ଲୋକ ପରି ବୋଧ ହୁଏ; ମଶାରୀ ଭିତରେ ଧ୍ୟାନ କରେ ।"

"ରାଜସିକ ସାଧକ ବାହାରେ ଆଡ଼ମ୍ବର ଦେଖାଏ, ଗଳାରେ ଜପମାଳା, ଭେକ, ଗେରୁଆ, ଚାଦର, ସୁନାର ଦାନା ଥିବା ଜପର ମାଳା । ଯେପରି ସାଇନ୍‌ବୋର୍ଡ଼ ମାରି ବସିବା ।"

ବୈଷ୍ଣବ ଭକ୍ତମାନଙ୍କର ବେଦାନ୍ତ ମତ ଅଥବା ଶାକ୍ତ ମତ ଉପରେ ସେତେ ଶ୍ରଦ୍ଧା ନାହିଁ । ବଳରାମଙ୍କ ପିତାଙ୍କୁ ଏ ପ୍ରକାର ସଂକୀର୍ଣ୍ଣ ଭାବ ପରିତ୍ୟାଗ କରିବା ପାଇଁ ଠାକୁର ଉପଦେଶ ଦେଉଛନ୍ତି ।

ଶ୍ରୀରାମକୃଷ୍ଣ (ବଳରାମଙ୍କ ପିତା ପ୍ରଭୃତିଙ୍କ ପ୍ରତି) — ଯେଉଁ ଧର୍ମ, ଯେଉଁ ମତ ହେଉ ନା କାହିଁକି, ସମସ୍ତେ ସେହି ଜଣେ ମାତ୍ର ଈଶ୍ୱରଙ୍କୁ ଡାକୁଛନ୍ତି; ତେଣୁ କୌଣସି ଧର୍ମ ବା ମତକୁ ଅଶ୍ରଦ୍ଧା କରିବା ଉଚିତ ନୁହେଁ । ବେଦ ତାଙ୍କୁ କହିଛନ୍ତି ସଚ୍ଚିଦାନନ୍ଦଃ ବ୍ରହ୍ମ; ଭାଗବତାଦି ପୁରାଣରେ ତାଙ୍କୁ ହିଁ କୁହାଯାଉଛି ସଚ୍ଚିଦାନନ୍ଦଃ କୃଷ୍ଣଃ; ତନ୍ତ୍ର କହୁଛି ସଚ୍ଚିଦାନନ୍ଦଃ ଶିବଃ । ସେହି **ଏକ ସଚ୍ଚିଦାନନ୍ଦ** ।

"ବୈଷ୍ଣବମାନଙ୍କର ଭିନ୍ନ ଭିନ୍ନ ଥାକ ଅଛି । ବେଦରେ ତାଙ୍କୁ ବ୍ରହ୍ମ କୁହାଯାଏ; ଦଳେ ବୈଷ୍ଣବ ତାଙ୍କୁ କହନ୍ତି 'ଅଲେଖ୍ ନିରଞ୍ଜନ' । ଅଲେଖ୍ ଅର୍ଥାତ୍ ଯାହାଙ୍କୁ ଲକ୍ଷ୍ୟ କରାଯାଏ ନାହିଁ, ଇନ୍ଦ୍ରିୟଦ୍ୱାରା ଦେଖାଯାଏ ନାହିଁ । ସେମାନେ କହନ୍ତି, ରାଧା ଆଉ କୃଷ୍ଣ 'ଅଲେଖ୍'ର ଦୁଇଟି ପାଖୁଡ଼ା ।"

**ବେଦାନ୍ତ ମତରେ ଅବତାର ନାହିଁ**, ବେଦାନ୍ତବାଦୀମାନେ କହନ୍ତି ରାମ, କୃଷ୍ଣ, ଏମାନେ ସଚ୍ଚିଦାନନ୍ଦ-ସାଗରର ଦୁଇଟି ଢେଉ ।

''ଗୋଟିଏ ଛଡ଼ା ତ ଦୁଇଟି ନାହିଁ; ଯେ ଯାହା କହେ, ଯଦି ଆନ୍ତରିକ ଈଶ୍ୱରଙ୍କୁ ଡାକେ, ତାଙ୍କ ପାଖରେ ନିଶ୍ଚୟ ପହଞ୍ଚିବ । ବ୍ୟାକୁଳତା ଥିଲେ ହେଲା ।''

ଶ୍ରୀରାମକୃଷ୍ଣ ଭାବରେ ବିଭୋର ହୋଇ ଭକ୍ତମାନଙ୍କ ପାଇଁ ଏହିସବୁ କଥା କହୁଥିଲେ । ଏଥର ଟିକିଏ ପ୍ରକୃତିସ୍ଥ ହୋଇଛନ୍ତି ଓ କହୁଛନ୍ତି, ''ତୁମେ ବଳରାମର ବାପ ?

### ବଳରାମଙ୍କ ପିତାଙ୍କୁ ଶିକ୍ଷା — ବ୍ୟାକୁଳ ହୁଅ

ସମସ୍ତେ ଚୁପ୍ ହୋଇ ବସିଛନ୍ତି ବଳରାମଙ୍କର ବୃଦ୍ଧ ପିତା ନିଃଶବ୍ଦରେ ହରିନାମର ମାଳା ଜପ କରୁଛନ୍ତି ।

ଶ୍ରୀରାମକୃଷ୍ଣ(ମାଷ୍ଟର ପ୍ରଭୃତିଙ୍କ ପ୍ରତି) — ଆଚ୍ଛା, ଏମାନେ ଏତେ ଜପ କରନ୍ତି, ଏତେ ତୀର୍ଥ କରିଛନ୍ତି, ତଥାପି ଏପରି କାହିଁକି ? ଯେପରି ଅଠର ମାସରେ ଏକ ବର୍ଷ ।

''ହରୀଶକୁ କହିଲି, କାଶୀ ଯିବା କ'ଣ ଦରକାର ଯଦି ବ୍ୟାକୁଳତା ନ ଥାଏ । **ବ୍ୟାକୁଳତା ଥିଲେ ଏହିଠାରେ ହିଁ କାଶୀ ।**

''ଏତେ ତୀର୍ଥ, ଏତେ ଜପ କରନ୍ତି, ହୁଏ ନାହିଁ କାହିଁକି ? ବ୍ୟାକୁଳତା ନାହିଁ । ବ୍ୟାକୁଳ ହୋଇ ତାଙ୍କୁ ଡାକିଲେ ସେ ଦେଖା ଦିଅନ୍ତି ।''

''ଯାତ୍ରା ଆରମ୍ଭରେ ନାନା ପ୍ରକାର ଖଟ୍‌ମଟ୍ କରନ୍ତି; ସେତେବେଳେ ଶ୍ରୀକୃଷ୍ଣଙ୍କୁ ଦେଖାଯାଏ ନାହିଁ । ତା'ପରେ ନାରଦ ଋଷି ଯେତେବେଳେ ବ୍ୟାକୁଳ ହୋଇ ବୃନ୍ଦାବନକୁ ଆସି ବୀଣା ବଜାଇ ବଜାଇ ଡାକନ୍ତି ଆଉ କୁହନ୍ତି, 'ପ୍ରାଣ ହେ ଗୋବିନ୍ଦ ମମ ଜୀବନ !' ସେତେବେଳେ କୃଷ୍ଣ ଆଉ ରହିପାରନ୍ତି ନାହିଁ । ବ୍ରଜବାଳକମାନଙ୍କ ସହିତ ଆଗକୁ ଆସନ୍ତି ଓ କହନ୍ତି, ଧବଳୀ ରହ ! ଧବଳୀ ରହ !''

# ସପ୍ତମ ପରିଚ୍ଛେଦ

## (୧)

(ରାଖାଲ, ବଳରାମଙ୍କର ପିତା, ବେଣୀ ପାଲ୍, ମାଷ୍ଟର, ମଣି ମଲ୍ଲିକ,ଈଶାନ, କିଶୋରୀ (ଗୁପ୍ତ) ପ୍ରଭୃତିଙ୍କ ସଙ୍ଗରେ)

## ଦକ୍ଷିଣେଶ୍ୱରରେ ଲକ୍ଷ୍ମୀପୂର୍ଣ୍ଣିମା (କୁମାର ପୂର୍ଣ୍ଣିମା)

ମଙ୍ଗଳବାର, ୧୬ ଅକ୍ଟୋବର ୧୮୮୩, ଆଶ୍ୱିନ ୩୦ଦିନ । ବଳରାମଙ୍କ ପିତା ଓ ଅନ୍ୟାନ୍ୟ ଭକ୍ତମାନେ ଅଛନ୍ତି । ବଳରାମଙ୍କ ପିତା ପରମ ବୈଷ୍ଣବ, ହାତରେ ହରିନାମର ମାଳା, ସର୍ବଦା ଜପ କରନ୍ତି ।

ରକ୍ଷଣଶୀଳ ବୈଷ୍ଣବମାନେ ଅନ୍ୟ ସଂପ୍ରଦାୟର ଲୋକମାନଙ୍କୁ ସେତେ ପସନ୍ଦ କରନ୍ତି ନାହିଁ । ବଳରାମଙ୍କର ପିତା ଶ୍ରୀରାମକୃଷ୍ଣଙ୍କୁ ମଝିରେ ମଝିରେ ଦେଖୁଛନ୍ତି; ତାଙ୍କର ଭାବ ରକ୍ଷଣଶୀଳ ବୈଷ୍ଣବମାନଙ୍କ ପରି ନୁହେଁ ।

ଶ୍ରୀରାମକୃଷ୍ଣ — ଯେଉଁମାନଙ୍କର ଉଦାର ଭାବ ସେମାନେ ସବୁ ଦେବତାଙ୍କୁ ମାନନ୍ତି — କୃଷ୍ଣ, କାଳୀ, ଶିବ, ରାମ ଇତ୍ୟାଦି ।

ବଳରାମଙ୍କ ପିତା — ହଁ, ଯେପରି ଏକ ସ୍ୱାମୀ ଭିନ୍ନ ପୋଷାକ ।

ଶ୍ରୀରାମକୃଷ୍ଣ — କିନ୍ତୁ ନିଷ୍ଠାଭକ୍ତି ଦରକାର । ଗୋପୀମାନେ ଯେତେବେଳେ ମଥୁରାକୁ ଯାଇଥିଲେ, ସେତେବେଳେ ପଗଡ଼ି-ବନ୍ଧା କୃଷ୍ଣଙ୍କୁ ଦେଖି ଓଢ଼ଣା ଦେଲେ; କହିଲେ, ''ଏ ପୁଣି କିଏ ? ଆମର ପୀତବସନ ମୋହନଚୂଡ଼ା କୃଷ୍ଣ କାହିଁ ?''

''ହନୁମାନର ନିଷ୍ଠାଭକ୍ତି । ଦ୍ୱାପର ଯୁଗରେ ଦ୍ୱାରକାକୁ ଯେତେବେଳେ ଆସିଲେ, କୃଷ୍ଣ ରୁକ୍ମିଣୀକୁ କହିଲେ, ହନୁମାନ ରାମରୂପ ନ ଦେଖିଲେ ସନ୍ତୁଷ୍ଟ ହେବ ନାହିଁ । ତେଣୁ ରାମରୂପ ଧରି ବସିଲେ ।''

## ଶ୍ରୀରାମକୃଷ୍ଣଙ୍କର ଅଦ୍ଭୁତ ଅବସ୍ଥା — ନିତ୍ୟ-ଲୀଳାଯୋଗ

''କିଏ ଜାଣେ ବାବା, ମୋର ଏହି ଗୋଟିଏ ପ୍ରକାରର ଅବସ୍ଥା । ମୁଁ କେବଳ ନିତ୍ୟରୁ ଲୀଳାକୁ ଓହ୍ଲାଇ ଆସେ, ପୁଣି ଲୀଳାରୁ ନିତ୍ୟକୁ ଯାଏ ।''

''ନିତ୍ୟରେ ପହଞ୍ଚିବାର ନାମ ବ୍ରହ୍ମଜ୍ଞାନ । ଅତି କଠିନ । ବିଷୟ-ବୁଦ୍ଧି ସଂପୂର୍ଣ୍ଣ ନ ଗଲେ ହୁଏ ନାହିଁ । ହିମାଳୟଙ୍କ ଘରେ ଯେତେବେଳେ ଭଗବତୀ ଜନ୍ମଗ୍ରହଣ କଲେ ସେତେବେଳେ ପିତାଙ୍କୁ ନାନା ରୂପରେ ଦର୍ଶନ ଦେଲେ । ହିମାଳୟ କହିଲେ, 'ମା', ମୋର ଇଚ୍ଛା, ବ୍ରହ୍ମଦର୍ଶନ କରିବି ।' ସେତେବେଳେ ଭଗବତୀ କହିଲେ, ପିତା, ଆପଣ ଯଦି ବ୍ରହ୍ମଜ୍ଞାନ ଚାହାଁନ୍ତି, ତେବେ ଆପଣଙ୍କୁ ସାଧୁସଙ୍ଗ କରିବାକୁ ହେବ । ସଂସାରରୁ ଅଲଗା ହୋଇ ନିର୍ଜନରେ ମଝିରେ ମଝିରେ ସାଧୁସଙ୍ଗ କରିବାକୁ ପଡ଼ିବ ।''

''ସେହି ଏକରୁ ଅନେକ ହୋଇଛି—ନିତ୍ୟରୁ ହିଁ ଲୀଳା । ଏକ ଅବସ୍ଥାରେ 'ଅନେକ' ଚାଲିଯାଏ, ପୁଣି 'ଏକ' ମଧ୍ୟ ଚାଲିଯାଏ—କାରଣ ଏକ ରହିଲେ ହିଁ ଦୁଇ । ସେ ଯେ ଉପମାରହିତ—ଉପମା ଦେଇ ବୁଝାଇ ହୁଏ ନାହିଁ । ଅନ୍ଧାର ଓ ଆଲୁଅ ମଝିରେ । ଆମେ ଯେଉଁ ଆଲୁଅ ଦେଖୁ ସେ ଆଲୁଅ ନୁହେଁ—ଏ ଜଡ଼ ଆଲୁଅ ନୁହେଁ ।''

''ପୁଣି ଯେତେବେଳେ ସେ ଅବସ୍ଥା ବଦଳାଇ ଦିଅନ୍ତି—ଯେତେବେଳ ମନକୁ ଲୀଳା ସ୍ତରକୁ ଓହ୍ଲାଇ ଆଣନ୍ତି—ସେତେବେଳେ ଦେଖେ 'ଈଶ୍ୱର-ମାୟା-ଜୀବ-ଜଗତ୍'-ସେ ସବୁ ହୋଇ ରହିଛନ୍ତି ।

## ଈଶ୍ୱର କର୍ତ୍ତା—ତୁମେ ଓ ତୁମର

''ପୁଣି କେତେବେଳେ ସେ ଦେଖାନ୍ତି ଯେ ସେ ଏହି ସମସ୍ତ ଜୀବ-ଜଗତ ସୃଷ୍ଟି କରିଛନ୍ତି—ଯେପରି ବାବୁ ଆଉ ତାଙ୍କର ବଗିଚା । 'ମୁଁ କର୍ତ୍ତା', 'ମୁଁ ଗୁରୁ', 'ମୁଁ ବାବା'—ଏହାର ନାମ ଅଜ୍ଞାନ । ଆଉ ମୋର ଏହି ସବୁ ଘରଦ୍ୱାର, ପରିବାର, ଧନ, ଜନ—ଏହାର ନାମ ଅଜ୍ଞାନ ।''

ବଳରାମଙ୍କ ପିତା—ଆଜ୍ଞା ହଁ ।

ଶ୍ରୀରାମକୃଷ୍ଣ—ଯେପର୍ଯ୍ୟନ୍ତ 'ତୁମେ କର୍ତ୍ତା' ଏହି ବୋଧ ନ ଆସିଛି, ସେପର୍ଯ୍ୟନ୍ତ ଫେରି ଫେରି ଆସିବାକୁ ହେବ—ପୁଣି ଜନ୍ମ ହେବ । 'ତୁମେ ହିଁ କର୍ତ୍ତା' ଏହି ବୋଧ ହେଲେ ଆଉ ପୁନର୍ଜନ୍ମ ହେବ ନାହିଁ ।'

''ଯେ ପର୍ଯ୍ୟନ୍ତ 'ତୁହୁଁ' ତୁହୁଁ ନ କରିଛ ସେ ପର୍ଯ୍ୟନ୍ତ ଛାଡ଼ିବ ନାହିଁ । ପୁନର୍ଜନ୍ମ ହେବ ହିଁ ହେବ—ମୁକ୍ତି ହେବ ନାହିଁ । ଆଉ 'ମୋର ମୋର' କହିଲେ ବି କ'ଣ ହେବ ! ବାବୁଙ୍କର ଗୁମାସ୍ତା କହେ, 'ଏଇଟା ଆମର ବଗିଚା, ଆମ ଖଟ, ଚଉକି ।' କିନ୍ତୁ ବାବୁ ଯେତେବେଳେ ତଡ଼ି ଦିଅନ୍ତି, ସେତେବେଳେ ନିଜର ଆମ୍ବକାଠର ସିନ୍ଦୁକଟା ବି ନେଇ ଯିବାର କ୍ଷମତା ନ ଥାଏ ।

ମୁଁ ଆଉ ମୋର—ସତ୍ୟକୁ ଆବରଣ କରି ରଖିଛି—ଜାଣିବାକୁ ଦିଏ ନାହିଁ ।

## ଅଦ୍ୱୈତଜ୍ଞାନ ଓ ଚୈତନ୍ୟଦର୍ଶନ

''ଅଦ୍ୱୈତଜ୍ଞାନ ନ ହେଲେ ଚୈତନ୍ୟଦର୍ଶନ ହୁଏ ନାହିଁ । ଚୈତନ୍ୟଦର୍ଶନ ହେଲେ ତେବେ ନିତ୍ୟାନନ୍ଦ । ପରମହଂସ ଅବସ୍ଥାରେ ଏହି ନିତ୍ୟାନନ୍ଦ ।

''ବେଦାନ୍ତ ମତରେ ଅବତାର ନାହିଁ । ସେହି ମତରେ ଚୈତନ୍ୟଦେବ ଅଦ୍ୱୈତର ଗୋଟିଏ ବୁଦ୍‌ବୁଦ । ଚୈତନ୍ୟଦର୍ଶନ କିପରି ? ଦିଆସିଲି ଜାଳିଲେ ଅନ୍ଧକାର ଘରେ ଯେପରି ହଠାତ୍ ଆଲୁଅ ।''

## ଅବତାର ବା 'ମଣିଷ-ରତନ'

''ଭକ୍ତିମତରେ ଅବତାର । କର୍ତ୍ତାଭଜା ସମ୍ପ୍ରଦାୟର ସ୍ତ୍ରୀଲୋକଟି ମୋର ଅବସ୍ଥା ଦେଖି କହିଗଲା — 'ବାବା, ଭିତରେ ବସ୍ତୁ ଲାଭ ହୋଇଛି, ଏତେ ଆଉ ନାଚଫାଚ କର ନାହିଁ; ଅଙ୍କୁରକୁ ତୁଳା ଉପରେ ଯତ୍ନରେ ରଖିବାକୁ ହୁଏ । ବୋହୂର ଗର୍ଭୋଦୟ ହେଲେ ଶାଶୁ କ୍ରମେ କ୍ରମେ କାମ କମାଇ ଦିଏ । ଭଗବାନ-ଦର୍ଶନର ଲକ୍ଷଣ, କ୍ରମେ କର୍ମତ୍ୟାଗ ହୁଏ । ଏହି ମଣିଷ ଭିତରେ ମଣିଷ-ରତନ ଅଛି ।

''ପୁଣି ଖାଇବାବେଳେ ସେ କହେ, 'ବାବା, ତୁମେ ଖାଉଛ, ନା କାହାକୁ ଖୁଆଉଛ ?''

''ଏହି 'ମୁଁ' ଜ୍ଞାନ ହିଁ ଆବରଣ କରି ରଖିଛି । ନରେନ୍ଦ୍ର କହିଥିଲା, 'ଏହି ମୁଁ ଯେତେ ଯିବ, ତାଙ୍କର ମୁଁ ସେତେ ଆସିବ ।' କେଦାର କହେ, 'କୁମ୍ଭ ଭିତରେ ଯେତିକି ମାଟି ଥିବ, ସେତିକି ପାଣି ଏ ଆଡ଼େ କମିଯିବ ।''

''କୃଷ୍ଣ ଅର୍ଜୁନଙ୍କୁ କହିଥିଲେ, 'ଭାଇ ! ଅଷ୍ଟସିଦ୍ଧିରୁ ଗୋଟିଏବି ଥିଲେ ମୋତେ ପାଇବ ନାହିଁ । ଟିକିଏ ଶକ୍ତି ହୋଇପାରେ । ଗୁଟିକା ସିଦ୍ଧି, ଝଡ଼ା ଫୁଙ୍କା, ଔଷଧଦିଆ ବ୍ରହ୍ମଚାରୀ ! ତେବେ ଲୋକଙ୍କର ଟିକିଏ ଉପକାର ହୁଏ । ନା କ'ଣ ?

''ତେଣୁ ମୁଁ ମାଆଙ୍କ ପାଖରେ କେବଳ ଶୁଦ୍ଧା ଭକ୍ତି ଚାହିଁଥିଲି; ଶକ୍ତି ଚାହିଁ ନାହିଁ ।'' ବଳରାମଙ୍କର ପିତା, ବେଣୀ ପାଲ, ମାଷ୍ଟର, ମଣି ମଲ୍ଲିକ ପ୍ରଭୃତିଙ୍କୁ ଏହି କଥା କହୁ କହୁ ଶ୍ରୀରାମକୃଷ୍ଣ ସମାଧିସ୍ଥ ହେଲେ । ବାହ୍ୟଜ୍ଞାନଶୂନ୍ୟ ଚିତ୍ରାର୍ପିତ ପରି ବସିଛନ୍ତି ।

ସମାଧିଭଙ୍ଗ ପରେ ଶ୍ରୀରାମକୃଷ୍ଣ ଗାଉଛନ୍ତି :

ହେଲି ଯାହା ପାଇଁ ପାଗଳ ମୁହିଁ, ବନ୍ଧୁରେ ! ତାଙ୍କୁ ପାଇଲି ନାହିଁ ।

ଏଥର ଶ୍ରୀଯୁକ୍ତ ରାମଲାଲକୁ ଗୀତ ଗାଇବାକୁ କହୁଛନ୍ତି । ସେ ଗାଉଛନ୍ତି, ପ୍ରଥମେ ଗୌରାଙ୍ଗ-ସନ୍ନ୍ୟାସ —

କି ଦେଖିଲିରେ, କେଶବ ଭାରତୀ କୁଟୀରେ,
ଅପରୂପ ଜ୍ୟୋତି, ଶ୍ରୀଗୌରାଙ୍ଗ ମୂରତି,
ନୟନୁ ବହେ ପ୍ରେମଅଶ୍ରୁ ଶତଧାରେ ।
ମତ୍ତ ମାତଙ୍ଗ ସମ ପ୍ରେମାବେଶେ ନାଚେ ଗାଏ,
ଗୌର ଲୋଟେ ଧରଣୀରେ ।
କାନ୍ଦୁଥାଏ ହରିବୋଲି, ସିଂହରବେ ସ୍ୱର୍ଗ ମର୍ତ୍ତ୍ୟ ଭେଦ କରି,
ଦାନ୍ତେ ପୁଣି ତୃଣ ଧରି, କୃତାଞ୍ଜଳି ହୋଇ ସେହି
ଦ୍ୱାରେ ଦ୍ୱାରେ ପ୍ରେମ ଭିକ୍ଷା କରେ ।।

ଚୈତନ୍ୟଦେବଙ୍କର ଏହି ପାଗଳ ପ୍ରେମୋନ୍ମାଦ ଅବସ୍ଥା ବର୍ଣ୍ଣନା ପରେ ଠାକୁରଙ୍କ ଇଙ୍ଗିତରେ ରାମଲାଲ ଗୋପୀମାନଙ୍କର ଉନ୍ମାଦ ଅବସ୍ଥା ଗାଉଛନ୍ତି :

ଧର ନା ଧର ନା ରଥଚକ୍ର, ରଥ କି ଚକ୍ରେ ଚଳେ ।
ଯେ ଚକ୍ରର ଚକ୍ରୀ ହରି ଯା' ଚକ୍ରେ ଜଗତ ଚଳେ ॥
ନବନୀରଦ ବରଣ ବଳି ମନୋହର ଶ୍ୟାମଚାନ୍ଦ ରୂପ ଚାହଁରେ ।
ରଙ୍ଗା ଅଧରେ ମଧୁର ହସେ, ମୋହନ ବଂଶୀ ଶୋଭେ ତା'ହସ୍ତେ ।
ଆହା ! କି ସୁନ୍ଦର ରୂପ ମନୋହର ଭୁବନ ଆଲୋକ କରେ ॥

(୨)

ହରିଭକ୍ତି ହେଲେ ଆଉ ଜାତିବିଚାର ରହେ ନାହିଁ । ଶ୍ରୀଯୁକ୍ତ ମଣି ମଲ୍ଲିକଙ୍କୁ କହୁଛନ୍ତି, ''ତୁମେ ତୁଳସୀ ଦାସଙ୍କର ସେହି କଥାଟି କୁହ ତ ।''

ମଣି ମଲ୍ଲିକ—ଚାତକ, ତୃଷ୍ଣାରେ ଛାତି ଫାଟିଯାଏ—ଗଙ୍ଗା, ଯମୁନା, ସରଯୂ ଓ ଆହୁରି କେତେ ନଦୀ, ପୋଖରୀ ରହିଛି, କିନ୍ତୁ ସେ କୌଣସିଠାରୁ ପାଣି ପିଇବ ନାହିଁ । କେବଳ ସ୍ୱାତୀନକ୍ଷତ୍ରର ବୃଷ୍ଟିଜଳ ପାଇଁ ଅପେକ୍ଷା କରି ରହିଥାଏ ।

ଶ୍ରୀରାମକୃଷ୍ଣ—ଅର୍ଥାତ୍ ତାଙ୍କର ପାଦପଦ୍ମରେ ଭକ୍ତି ହିଁ ସାର ଆଉ ସବୁ ମିଥ୍ୟା ।

### ଅସ୍ପୃଶ୍ୟ ଜାତି ହରିନାମରେ ଶୁଦ୍ଧ

ମଣି ମଲ୍ଲିକ—ଆଉ ଗୋଟିଏ ତୁଳସୀଦାସଙ୍କର କଥା—ଅଷ୍ଟଧାତୁ ପରଶମଣି ଛୁଆଇଁ ଦେଲେ ସୁନା ହୋଇଯାଏ । ସେହପରି ସବୁଜାତି—ଚମାର, ଚଣ୍ଡାଳ ପର୍ଯ୍ୟନ୍ତ ହରିନାମ କଲେ ଶୁଦ୍ଧ ହୋଇଯାଆନ୍ତି । ପୁନଶ୍ଚ 'ବିନା ହରିନାମ ଚାରି ଜାତି ଚମାର ।'

ଶ୍ରୀରାମକୃଷ୍ଣ—ଯେଉଁ ଚମଡ଼ା ଛୁଅନ୍ତି ନାହିଁ, ସେହି ଚମଡ଼ାକୁ ବ୍ୟବହାର ଉପଯୋଗୀ କରିବା ପରେ ଦିଅଁଙ୍କ ଘରକୁ ନେଇ ହୁଏ ।

''ଈଶ୍ୱରଙ୍କ ନାମରେ ମଣିଷ ପବିତ୍ର ହୁଏ । ତେଣୁ ନାମକୀର୍ତ୍ତନ ଅଭ୍ୟାସ କରିବାକୁ ହୁଏ । ମୁଁ ଯଦୁ ମଲ୍ଲିକର ମା'କୁ କହିଥିଲି, ଯେତେବେଳେ ମୃତ୍ୟୁ ଆସିବ, ସେତେବେଳେ ସେହି ସଂସାରର ଚିନ୍ତା ହିଁ ଆସିବ । ପରିବାର ପିଲାପିଲିଙ୍କର ଚିନ୍ତା—ଉଇଲ୍ କରିବାର ଚିନ୍ତା—ଏହିସବୁ ଆସିବ, ଭଗବାନଙ୍କର ଚିନ୍ତା ଆସିବ ନାହିଁ । ଉପାୟ—ତାଙ୍କର ନାମ-ଜପ, ନାମ-କୀର୍ତ୍ତନ ଅଭ୍ୟାସ କରିବା । ଏହି ଅଭ୍ୟାସ ଯଦି ଥାଏ, ମୃତ୍ୟୁ ବେଳକୁ ତାଙ୍କର ନାମ ମୁହଁରେ ଆସିବ । ବିରାଡ଼ି ଧରିଲେ ପକ୍ଷୀର କ୍ୟାଁ କ୍ୟାଁ ଶବ୍ଦ ହିଁ ବାହାରିବ, ସେତେବେଳେ ଆଉ 'ରାମ ରାମ' 'ହରେ କୃଷ୍ଣ' କହିବ ନାହିଁ ।''

''ମୃତ୍ୟୁ ସମୟ ପାଇଁ ପ୍ରସ୍ତୁତ ହେବା ଭଲ । ଶେଷ ବୟସରେ ନିର୍ଜନକୁ ଯାଇ କେବଳ ଈଶ୍ୱର-ଚିନ୍ତା ଓ ତାଙ୍କର ନାମ କରିବ । ହାତୀ ଗାଧୋଇ ପାଧୋଇ ଯଦି ହାତୀଶାଳାକୁ ଯାଏ, ତା'ହେଲେ ଆଉ ଧୂଳି କାଦୁଅ ହୋଇପାରେ ନାହିଁ ।''

ବଳରାମଙ୍କ ପିତା, ମଣି ମଲ୍ଲିକ, ବେଣୀ ପାଲ, ଏମାନଙ୍କର ବୟସ ହୋଇଛି; ତେଣୁ କ'ଣ ଠାକୁର, ସେମାନଙ୍କର ମଙ୍ଗଳ ପାଇଁ, ଏହିପରି ଉପଦେଶ ଦେଉଛନ୍ତି ?

ଶ୍ରୀରାମକୃଷ୍ଣ ପୁଣି ଭକ୍ତମାନଙ୍କୁ ସମ୍ବୋଧନ କରି କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ—ନିର୍ଜନରେ ତାଙ୍କର ଚିନ୍ତା ଓ ନାମ କରିବାକୁ କହୁଛି କାହିଁକି ? ସଂସାରରେ ଦିନ ରାତି ରହିଲେ ଅଶାନ୍ତି । ଦେଖୁନାହଁ, ହାତେ ଜମି ପାଇଁ ଭାଇ ଭାଇ ମଧ୍ୟରେ ହଣାହଣି । ଶିଖମାନେ କହନ୍ତି, ଜମି, ଜରୁ ଆଉ ଟଙ୍କା—ଏହି ତିନୋଟି ପାଇଁ ଯେତେ ଗୋଳମାଳ ଓ ଅଶାନ୍ତି ।

## ରାମଚନ୍ଦ୍ର, ସଂସାର ଓ ବଶିଷ୍ଠ

''ତୁମେ ସବୁ ସଂସାରରେ ଅଛ ଭୟ କ'ଣ ? ରାମ ଯେତେବେଳେ ସଂସାର ତ୍ୟାଗ କରିବା କଥା କହିଲେ, ଦଶରଥ ଚିନ୍ତିତ ହୋଇ ବଶିଷ୍ଠଙ୍କର ଶରଣାଗତ ହେଲେ । ବଶିଷ୍ଠ ରାମଙ୍କୁ କହିଲେ, 'ରାମ, ତୁମେ ସଂସାର କାହିଁକି ତ୍ୟାଗ କରିବ ? ମୋ ସହିତ ବିଚାର କର, ସଂସାର କ'ଣ ଈଶ୍ୱର-ଛଡ଼ା ? କ'ଣ ବା ତ୍ୟାଗ କରିବ, କ'ଣ ବା ଗ୍ରହଣ କରିବ ? ତାଙ୍କ ବିନା ତ କିଛି ନାହିଁ । ସେ ଈଶ୍ୱର-ମାୟା-ଜୀବ ଜଗତ' ରୂପେ ପ୍ରତୀୟମାନ ହେଉଛନ୍ତି ।''

ବଳରାମଙ୍କ ପିତା—ଭାରି କଠିନ ।

ଶ୍ରୀରାମକୃଷ୍ଣ—ସାଧନାବେଳେ ଏହି ସଂସାର 'ଧୋକାର ଟାଟୀ' ପୁଣି ଜ୍ଞାନ ଲାଭ ପରେ, ତାଙ୍କୁ ଦର୍ଶନ କରିବା ପରେ ଏ ସଂସାର 'ମଜାର କୋଠୀ' ।

## ଅବତାର ପୁରୁଷଙ୍କ ମଧ୍ୟରେ ଈଶ୍ୱରଦର୍ଶନ—ଅବତାର ଚୈତନ୍ୟଦେବ

''ବୈଷ୍ଣବଗ୍ରନ୍ଥରେ ଅଛି, 'ବିଶ୍ୱାସେ ମିଳଇ କୃଷ୍ଣ ତର୍କେ ବହୁଦୂର' ।

''**କେବଳ ବିଶ୍ୱାସ** ।''

''କୃଷ୍ଣ କିଶୋରର କି ବିଶ୍ୱାସ ! ବୃନ୍ଦାବନରେ ନୀଚ ଜାତି କୂଅରୁ ପାଣି କାଢ଼ି ଦେଲା; ତାକୁ କହିଲା—ତୁ କହ ଶିବ । ସେ ଶିବନାମ କରିବା ପରେ ସଙ୍ଗେ ସଙ୍ଗେ ପାଣି ପିଇଲା । ସେ କହୁଥିଲା, 'ଈଶ୍ୱରଙ୍କ ନାମ କରିଛି, ପୁଣି ପଇସା ଦେଇ ପ୍ରାୟଶ୍ଚିତ ! ଏ କ'ଣ !'

''ରୋଗାଦି ପାଇଁ ତୁଳସୀ ଦେଉଛନ୍ତି, କୃଷ୍ଣକିଶୋର ଦେଖି ଅବାକ୍ !''

''ସାଧୁ-ଦର୍ଶନକୁ ଯିବା କଥାରେ ହଳଧାରୀ କହିଥିଲା, 'କଅଣ ଆଉ ଦେଖିବାକୁ ଯିବି—ପଞ୍ଚଭୂତର ଖୋଳ ।' କୃଷ୍ଣକିଶୋର ରାଗି ଯାଇ କହିଲା, ଏପରି କଥା ହଳଧାରୀ କହିଛି । ସେ କଅଣ ଜାଣେ ନାହିଁ ଯେ ସାଧୁର ଚିନ୍ମୟ ଦେହ !''

"କାଳୀମନ୍ଦିର ଘାଟରେ ଆମକୁ କହିଥିଲା, 'ତୁମେମାନେ କୁହ — ରାମ, ରାମ କହୁ କହୁ ଯେପରି ମୋର ଦିନ ଯାଏ ।"

"ମୁଁ କୃଷ୍ଣକିଶୋର ଘରକୁ ଯେତେବେଳେ ଯାଉଥିଲି, ମୋତେ ଦେଖିବା ମାତ୍ରକେ ନାଚୁଥିଲା ।"

"ରାମଚନ୍ଦ୍ର ଲକ୍ଷ୍ମଣଙ୍କୁ କହିଲେ, 'ଭାଇ, ଯେଉଁଠି ଦେଖିବ ଉର୍ଜିତା ଭକ୍ତି, ଜାଣିବ ଯେ ମୁଁ ସେଠାରେ ଅଛି ।"

"ଯେପରି ଚୈତନ୍ୟଦେବ । ପ୍ରେମରେ ହସନ୍ତି, କାନ୍ଦନ୍ତି, ନାଚନ୍ତି, ଗାଆନ୍ତି । ଚୈତନ୍ୟଦେବ ଅବତାର — ଅବତୀର୍ଣ୍ଣ ଈଶ୍ୱର ।"

ଶ୍ରୀରାମକୃଷ୍ଣ ଗାଉଛନ୍ତି — "ଭାବ ହେବ କିରେ, ଭାବନିଧି ଶ୍ରୀଗୌରାଙ୍ଗରେ ଭାବେ ହସେ କାନ୍ଦେ, ନାଚେ ଗାଏ !"

## (୩)

ବଳରାମଙ୍କ ପିତା, ମଣି ମଲ୍ଲିକ, ବେଣୀ ପାଲ ପ୍ରଭୃତି ବିଦାୟ ଗ୍ରହଣ କରୁଛନ୍ତି । ସନ୍ଧ୍ୟା ପରେ କଂସାରୀପଡ଼ାର ହରିସଭାର ଭକ୍ତମାନେ ଆସିଛନ୍ତି ।

ସେମାନଙ୍କ ସହିତ ଶ୍ରୀରାମକୃଷ୍ଣ ମତ୍ତ ମାତଙ୍ଗ ପରି ନୃତ୍ୟ କରୁଛନ୍ତି ।

ନୃତ୍ୟ ପରେ ଭାବାବିଷ୍ଟ । କହୁଛନ୍ତି, ମୁଁ କିଛିଟା ନିଜେ ଯିବି ।

କିଶୋରୀ ଭାବାବସ୍ଥାରେ ପଦସେବା କରିବାକୁ ଯାଉଛନ୍ତି । ଶ୍ରୀରାମକୃଷ୍ଣ କାହାରିକୁ ସ୍ପର୍ଶ କରିବାକୁ ଦେଲେ ନାହିଁ ।

ସନ୍ଧ୍ୟା ପରେ ଈଶାନ ଆସିଛନ୍ତି । ଶ୍ରୀରାମକୃଷ୍ଣ ବସିଛନ୍ତି — ଭାବାବିଷ୍ଟ । କିଛିକ୍ଷଣ ପରେ ଈଶାନଙ୍କୁ କହୁଛନ୍ତି । ଈଶାନଙ୍କର ଇଚ୍ଛା ଗାୟତ୍ରୀର ପୁରଶ୍ଚରଣ କରିବେ ।

ଶ୍ରୀରାମକୃଷ୍ଣ — (ଈଶାନଙ୍କ ପ୍ରତି) — ତୁମର ଯାହା ମନୋଗତ, ତାହା ହିଁ କର । ମନରେ ଆଉ ସଂଶୟ ନାହିଁ ତ ?

### କଳିରେ ନିଗମର ପଥ ନୁହେଁ — ଆଗମର ପଥ

ଈଶାନ — ମୁଁ ଏକ ପ୍ରକାର ପ୍ରାୟଶ୍ଚିତ୍ତ ପରି ସଂକଳ୍ପ କରିଥିଲି ।

ଶ୍ରୀରାମକୃଷ୍ଣ — ଏ ପଥରେ (ଆଗମ ପଥରେ) କ'ଣ ତାହା ହେବ ନାହିଁ ? ଯେ ବ୍ରହ୍ମ ସେ ହିଁ ଶକ୍ତି, କାଳୀ । 'ମୁଁ ଯେ କାଳୀ ବ୍ରହ୍ମ ଜାଣି ମର୍ମ ଧର୍ମାଧର୍ମ ସବୁ ଛାଡ଼ିଛି ।'

ଈଶାନ — ଚଣ୍ଡୀଙ୍କ ସ୍ତବରେ ଅଛି, ବ୍ରହ୍ମ ହିଁ ଆଦ୍ୟାଶକ୍ତି । ବ୍ରହ୍ମ ଓ ଶକ୍ତି ଅଭେଦ ।

ଶ୍ରୀରାମକୃଷ୍ଣ — ଏ କଥା କେବଳ ମୁହଁରେ କହିଲେ ହୁଏ ନାହିଁ , ଧାରଣା ଯେତେବେଳେ ହେବ ସେତେବେଳେ ଠିକ୍ ହେବ ।

''ସାଧନା ପରେ ଚିତ୍ତଶୁଦ୍ଧି ହେଲେ ଠିକ୍ ବୋଧ ହେବ, ସେ ହିଁ କର୍ତ୍ତା, ସେ ହିଁ ମନ-ପ୍ରାଣ-ବୁଦ୍ଧି-ରୂପା । ଆମେ କେବଳ ଯନ୍ତ୍ରସ୍ୱରୂପ । ''ପଙ୍କେ ବଦ୍ଧ କର କରୀ, ପଙ୍ଗୁରେ ଲଙ୍ଘାଅ ଗିରି ।''

''ଚିତ୍ତଶୁଦ୍ଧି ହେଲେ ବୋଧ ହୁଏ , ପୁରଶ୍ଚରଣାଦି କର୍ମ ସେ ହିଁ କରାନ୍ତି । 'ଯାହାର କର୍ମ ସେହି କରେ ମା' ଆମେ ଭାବୁ କରୁ ବୋଲି ।'

''ତାଙ୍କୁ ଦର୍ଶନ କଲେ ସବୁ ସଂଶୟ ଚାଲିଯାଏ । ସେତେବେଳେ ଅନୁକୂଳ ପବନ ବହେ । ଅନୁକୂଳ ପବନ ବହିଲେ ମାଝି ଯେପରି ପାଲ ଟେକି ଦେଇ କେବଳ ମଙ୍ଗ ଧରି ବସିଥାଏ ଆଉ ତମାଖୁ ଖାଏ, ସେହିପରି ଭକ୍ତ ନିଶ୍ଚିନ୍ତ ହୁଏ ।''

ଈଶାନ ଗଲା ପରେ ଶ୍ରୀରାମକୃଷ୍ଣ ମାଷ୍ଟରଙ୍କ ସହିତ ଏକାନ୍ତରେ କଥା କହୁଛନ୍ତି । ପଚାରୁଛନ୍ତି, ''ନରେନ୍ଦ୍ର, ରାଖାଲ, ଅଧର, ହାଜରା ଏମାନଙ୍କୁ ତୁମର କିପରି ଲାଗେ, ସରଳ ନା ନାହିଁ ! ଆଉ ମୋତେ ତୁମର କ'ଣ ମନେ ହୁଏ !''

ମାଷ୍ଟର କହୁଛନ୍ତି, ''ଆପଣ **ସରଳ ପୁଣି ଗଭୀର**—ଆପଣଙ୍କୁ ବୁଝିବା ଦୁଃସାଧ୍ୟ ।''

ଶ୍ରୀରାମକୃଷ୍ଣ ହସୁଛନ୍ତି ।

# ଅଷ୍ଟମ ପରିଚ୍ଛେଦ

## (୧)

## ସିନ୍ଦୂରିଆପଟି ବ୍ରାହ୍ମସମାଜରେ ଶ୍ରୀରାମକୃଷ୍ଣ ବିଜୟକୃଷ୍ଣ ଗୋସ୍ୱାମୀ ପ୍ରଭୃତିଙ୍କ ସହ କଥୋପକଥନ

କାର୍ତ୍ତିକ ମାସ, କୃଷ୍ଣା ଏକାଦଶୀ, ୨୬ ନଭେମ୍ବର, ୧୮୮୩ ଖ୍ରୀଷ୍ଟାବ୍ଦ । ମଣିଲାଲ ମଲ୍ଲିକଙ୍କ ଘରେ ସିନ୍ଦୁରିଆପଟି ବ୍ରାହ୍ମସମାଜର ଆଜି ସାମ୍ବସରିକ ଅଧିବେଶନ । ଘରଟି ଚିତ୍‌ପୁର ରୋଡ଼ ଉପରେ; ରାଜପଥର ପାର୍ଶ୍ୱବର୍ତ୍ତୀ ଦୁଇ ମହଲାର ହଲ୍ ଘରେ ସମାଜର ଅଧିବେଶନ । ମଣିଲାଲ ଆଜି ମହୋତ୍ସବ କରିଛନ୍ତି ।

ଉପାସନା-ଗୃହ ଆଜି ଆନନ୍ଦପରିପୂର୍ଣ୍ଣ, ବାହାରେ ଓ ଭିତରେ ନାନା ହରିତ୍ ବୃକ୍ଷପଲ୍ଲବ, ପୁଷ୍ପ ଓ ପୁଷ୍ପମାଳାରେ ସୁଶୋଭିତ । ଘର ଭିତରେ ଭକ୍ତଗଣ ଆସନ ଗ୍ରହଣ କରି ପ୍ରତୀକ୍ଷା କରି ବସିଛନ୍ତି । ଶ୍ରୀରାମକୃଷ୍ଣ ପରମହଂସଦେବଙ୍କର ଆଜି ଶୁଭାଗମନ ହେବ । ତେଣୁ ଆଜି ଭକ୍ତମାନେ ତାଙ୍କର ଦର୍ଶନଲାଭ ପାଇଁ ବହୁ ଦୂରରୁ ଆସିଛନ୍ତି ।

### ଶିବନାଥ ଓ ସତ୍ୟ କଥା—ସମାଧି-ମନ୍ଦିରରେ ଶ୍ରୀରାମକୃଷ୍ଣ

ଉପାସନା ପୂର୍ବରୁ ବିଜୟକୃଷ୍ଣ ଗୋସ୍ୱାମୀ ପ୍ରଭୃତି ବ୍ରାହ୍ମ ଭକ୍ତମାନଙ୍କ ସହିତ ଶ୍ରୀରାମକୃଷ୍ଣ ସହାସ୍ୟ ବଦନରେ କଥା କହୁଛନ୍ତି । ସମାଜ-ଗୃହରେ ଆଲୁଅ ଜଳା ହେଲା; ଅଳ୍ପ ସମୟ ପରେ ଉପାସନା ଆରମ୍ଭ ହେବ ।

ଶ୍ରୀରାମକୃଷ୍ଣ କହୁଛନ୍ତି, ''ଆଚ୍ଛା, ଶିବନାଥ ଆସିବ ନାହିଁ ?''

ଜଣେ ବ୍ରାହ୍ମଭକ୍ତ କହୁଛନ୍ତି, ''ନା, ତାଙ୍କର ଆଜି ବହୁତ କାମ ଅଛି, ଆସିପାରିବେ ନାହିଁ ।''

ଶ୍ରୀରାମକୃଷ୍ଣ—ଶିବନାଥକୁ ଦେଖିଲେ ମୋର ଆନନ୍ଦ ହୁଏ; ଯେପରି ଭକ୍ତିରସରେ ବୁଡ଼ି ରହିଛି । ଆଉ ଯାହାଙ୍କୁ ଅନେକ ଲୋକ ମାନନ୍ତି, ତାଙ୍କଠାରେ ନିଶ୍ଚୟ କିଛି ଈଶ୍ୱରଙ୍କର ଶକ୍ତି ଅଛି । ତେବେ ଶିବନାଥର ଗୋଟିଏ ଦୋଷ ଅଛି—କଥାରେ ଠିକ୍ ନାହିଁ । ମୋତେ କହିଥିଲା ଯେ, ଥରେ ସେଠାକୁ (ଦକ୍ଷିଣେଶ୍ୱର କାଳୀମନ୍ଦିରକୁ) ଯିବ; କିନ୍ତୁ ଯାଇ ନାହିଁ କିମ୍ବା କୌଣସି ଖବର ପଠାଇ ନାହିଁ, ସେଇଟା ଭଲ ନୁହେଁ—ସତ୍ୟ କଥା କଳିର ତପସ୍ୟା । ସତ୍ୟକୁ ଦୃଢ଼ ଭାବରେ ଧରି ରହିଲେ ଭଗବାନ ଲାଭ ହୁଏ । ସତ୍ୟରେ ଦୃଢ଼ ନ ରହିଲେ କ୍ରମେ କ୍ରମେ ସବୁ ନଷ୍ଟ ହୋଇଯାଏ । ମୁଁ ଯଦି କେବେବେଳେ କହିପକାଏ ଯେ, ପୋଖରୀପାଣି ଯିବି, ଯଦିଓ ଦରକାର ନାହିଁ, ତଥାପି ଥରେ ଢାଳଟା ଧରି ଝାଉଁତଳକୁ ଯାଏ । ଭୟ ହୁଏ—କାଳେ ସତ୍ୟନିଷ୍ଠା ଚାଲିଯିବ ।

''ମୋର ଏହି ଅବସ୍ଥା ପରେ ହାତରେ ଫୁଲ ଧରି ମାଆଙ୍କୁ କହିଥିଲି, 'ମା' । ଏଇ ନିଅ ତୁମାର ଜ୍ଞାନ, ଏଇ ନିଅ ତୁମର ଅଜ୍ଞାନ, ମୋତେ ଶୁଦ୍ଧା ଭକ୍ତି ଦିଅ ମା'; ଏଇ ନିଅ ତୁମର ଶୁଚି, ଏଇ ନିଅ ତୁମର ଅଶୁଚି, ମୋତେ ଶୁଦ୍ଧା ଭକ୍ତି ଦିଅ ମା'; ଏଇ ନିଅ ତୁମର ଭଲ, ଏଇ ନିଅ ତୁମର ମନ୍ଦ, ମୋତେ ଶୁଦ୍ଧା ଭକ୍ତି ଦିଅ ମା'; । ଏଇ ନିଅ ତୁମର ପୁଣ୍ୟ, ଏଇ ନିଅ ତୁମର ପାପ, ମୋତେ ଶୁଦ୍ଧା ଭକ୍ତି ଦିଅ ମା' । ଯେତେବେଳ ଏହିସବୁ କହିଥିଲି, ସେତେବେଳେ ଏ କଥା କହି ପାରିନାହିଁ ଯେ—'ମା' ! ଏଇ ନିଅ ତୁମର ସତ୍ୟ, ଏଇ ନିଅ ତୁମର ଅସତ୍ୟ । 'ସବୁ ମା'କୁ ଦେଇ ପାରିଲି, 'ସତ୍ୟ' ଦେଇ ପାରିଲି ନାହିଁ ।''

ବ୍ରାହ୍ମସମାଜର ପଦ୍ଧତି ଅନୁସାରେ ଉପାସନା ଆରମ୍ଭ ହେଲା । ବେଦୀ ଉପରେ ଆଚାର୍ଯ୍ୟ । ଉଦ୍‌ବୋଧନ ପରେ ଆଚାର୍ଯ୍ୟ ପରଂବ୍ରହ୍ମଙ୍କ ଉଦ୍ଦେଶ୍ୟରେ ବେଦୋକ୍ତ ମହାମନ୍ତ୍ର ଉଚ୍ଚାରଣ କରିବାକୁ ଲାଗିଲେ । ବ୍ରାହ୍ମ ଭକ୍ତଗଣ ସମସ୍ୱରରେ ସେହି ପୁରାତନ ଆର୍ଯ୍ୟ ଋଷିଙ୍କର ଶ୍ରୀମୁଖନିଃସୃତ, ସେମାନଙ୍କର ସେହି ପବିତ୍ର ରସନାଦ୍ୱାରା ଉଚ୍ଚାରିତ ମନ୍ତ୍ର ଗାଇବାକୁ ଲାଗିଲେ । କହିବାକୁ ଲାଗିଲେ—''ସତ୍ୟଂ ଜ୍ଞାନମନନ୍ତଂ ବ୍ରହ୍ମ, ଆନନ୍ଦରୂପମମୃତମ୍ ଯଦ୍‌ବିଭାତି, ଶାନ୍ତଂ ଶିବମଦ୍ୱୈତମ୍, ଶୁଦ୍ଧମପାପବିଦ୍ଧମ୍ ।'' ପ୍ରଣବସଂଯୁକ୍ତ ଏହି ଧ୍ୱନି ଭକ୍ତମାନଙ୍କର ହୃଦୟାକାଶରେ ପ୍ରତିଧ୍ୱନିତ ହେବାକୁ ଲାଗିଲା । ଅନେକଙ୍କର ଅନ୍ତରରେ ବାସନା ନିର୍ବାପିତ ପ୍ରାୟ ହେଲା । ଚିତ୍ତ ବହୁ ପରିମାଣରେ ସ୍ଥିର ଓ ଧ୍ୟାନପ୍ରବଣ ହେବାକୁ ଲାଗିଲା । ସମସ୍ତଙ୍କର ଚକ୍ଷୁ ମୁଦ୍ରିତ—କିଛି ସମୟ ପାଇଁ ସମସ୍ତେ ବେଦୋକ୍ତ ସଗୁଣ ବ୍ରହ୍ମର ଚିନ୍ତା କରିବାକୁ ଲାଗିଲେ ।

ପରମହଂସ ଦେବ ଭାବରେ ନିମଗ୍ନ । ସ୍ପନ୍ଦହୀନ, ସ୍ଥିରଦୃଷ୍ଟି, ଅବାକ୍ ଚିତ୍ରପ୍ରତିମା ପରି ବସିଛନ୍ତି । ଆତ୍ମାପକ୍ଷୀ କେଉଁଠାରେ ଆନନ୍ଦରେ ବିଚରଣ କରୁଛି । ଆଉ ଦେହଟି ଶୂନ୍ୟ ମନ୍ଦିର ହୋଇ ପଡ଼ି ରହିଛି ।

ସମାଧିର ଅବ୍ୟବହିତ ପରେ ଆଖି ଖୋଲି ଚାରିଆଡ଼କୁ ଚାହୁଁଛନ୍ତି । ଦେଖିଲେ, ସଭାସ୍ଥ ସମସ୍ତେ ନିମୀଳିତ-ନେତ୍ର । ସେତେବେଳେ 'ବ୍ରହ୍ମ ବ୍ରହ୍ମ' କହି ଉଠି ଠିଆହେଲେ । ଉପାସନା ପରେ ବ୍ରାହ୍ମ ଭକ୍ତଗଣ ଖୋଳ କରତାଳ ନେଇ ସଂକୀର୍ତ୍ତନ କରୁଛନ୍ତି । ଶ୍ରୀରାମକୃଷ୍ଣ ପ୍ରେମାନନ୍ଦରେ ମତ୍ତ ହୋଇ ସେମାନଙ୍କର ସଙ୍ଗରେ ଯୋଗ ଦେଲେ, ଆଉ ନୃତ୍ୟ କରିବାକୁ ଲାଗିଲେ । ସମସ୍ତେ ମୁଗ୍ଧ ହୋଇ ସେହି ନୃତ୍ୟ ଦେଖୁଛନ୍ତି । ବିଜୟ ଓ ଅନ୍ୟାନ୍ୟ ଭକ୍ତମାନେ ତାଙ୍କୁ ଘେରି ନାଚୁଛନ୍ତି । ଅନେକ ଏହି ଅଦ୍ଭୁତ ଦୃଶ୍ୟ ଦେଖି ଓ କୀର୍ତ୍ତନାନନ୍ଦ ସମ୍ଭୋଗ କରି ଏକାବେଳକେ ସଂସାର ଭୁଲିଗଲେ—କ୍ଷଣକାଳ ପାଇଁ ହରି-ରସ-ମଦିରା ପାନ କରି ବିଷୟାନନ୍ଦ ଭୁଲିଗଲେ । ବିଷୟସୁଖର ରସ ତିକ୍ତ ବୋଧ ହେବାକୁ ଲାଗିଲା ।

କୀର୍ତ୍ତନାନ୍ତେ ସମସ୍ତେ ଆସନ ଗ୍ରହଣ କଲେ । ଠାକୁର କ'ଣ କହିବେ, ସେକଥା ଶୁଣିବା ପାଇଁ ସମସ୍ତେ ତାଙ୍କୁ ଘେରି ବସିଲେ ।

## (୨)

## ଗୃହସ୍ଥ ପ୍ରତି ଉପଦେଶ

ସମବେତ ବ୍ରାହ୍ମଗଣଙ୍କୁ ସମ୍ବୋଧନ କରି ସେ କହୁଛନ୍ତି, ''ନିର୍ଲିପ୍ତ ହୋଇ ସଂସାର କରିବା ଭାରୀ କଷ୍ଟ । ପ୍ରତାପ କହିଥିଲା, ଆଜ୍ଞା ଆମର ଜନକ ରାଜାଙ୍କ ମତ; ଜନକ ନିର୍ଲିପ୍ତ ହୋଇ ସଂସାର କରିଥିଲେ, ଆମେ ମଧ୍ୟ ସେହିପରି କରିବୁ ।'' ମୁଁ କହିଲି ମନେ ମନେ ଭାବିଲେ କ'ଣ କେହି ଜନକ ରାଜା ହୋଇଯାଏ ? ଜନକ ରାଜା କେତେ ତପସ୍ୟା କରି ଜ୍ଞାନ ଲାଭ କରିଥିଲେ । ଊର୍ଦ୍ଧ୍ୱପଦ ଓ ନିମ୍ନଶିର ହୋଇ ବହୁ ବର୍ଷ, ଘୋର ତପସ୍ୟା କରି ତା'ପରେ ସଂସାରକୁ ଫେରି ଆସିଥିଲେ ।

''ତେବେ ସଂସାରୀର କ'ଣ ଉପାୟ ନାହିଁ ? ଅବଶ୍ୟ ଅଛି । କିଛିଦିନ ନିର୍ଜନରେ ସାଧନ କରିବାକୁ ହୁଏ । ତେବେ ଭକ୍ତିଲାଭ ହୁଏ, ଜ୍ଞାନଲାଭ ହୁଏ; ତା'ପରେ ଯାଇ ସଂସାର କର, ଦୋଷ ନାହିଁ । ଯେତେବେଳେ ନିର୍ଜନରେ ସାଧନାକରିବ ସେତେବେଳେ ସଂସାରରୁ ଏକାବେଳକେ ଅଲଗା ରହିବ; ସେତେବେଳେ ଯେପରି ସ୍ତ୍ରୀ, ପୁତ୍ର, କନ୍ୟା, ମାତା, ପିତା, ଭାଇ, ଭଉଣୀ, ଆତ୍ମୀୟ, କୁଟୁମ୍ବ କେହି ପାଖରେ ନ ରହନ୍ତି । ନିର୍ଜନରେ ସାଧନା ସମୟରେ ଭାବିବ, ମୋର କେହି ନାହିଁ, ଈଶ୍ୱର ହିଁ ମୋର ସର୍ବସ୍ୱ । ଆଉ କାନ୍ଦି କାନ୍ଦି ତାଙ୍କ ନିକଟରେ ଜ୍ଞାନ-ଭକ୍ତି ପାଇଁ ପ୍ରାର୍ଥନା କରିବ ।''

''ଯଦି ପଚାର, କେତେ ଦିନ ସଂସାର ଛାଡ଼ି ନିର୍ଜନରେ ରହିବି ? ଦିନେ ବି ଯଦି ଏହିପରି କର, ତାହା ମଧ୍ୟ ଭଲ; ତିନି ଦିନ ରହିଲେ ଆହୁରି ଭଲ; କିମ୍ବା ବାର ଦିନ, ଏକମାସ, ତିନିମାସ, ଏକ ବର୍ଷ — ଯେ ଯେପରି ପାରେ । ଜ୍ଞାନ-ଭକ୍ତି ଲାଭ କରି ସଂସାରରେ ରହିଲେ ଆଉ ବେଶୀ ଭୟ ନାହିଁ ।

''ହାତରେ ତେଲ ଲଗାଇ ପଣସ ଭାଙ୍ଗିଲେ ହାତରେ ଅଠା ଲାଗେ ନାହିଁ । ଲୁଚକାଳି ଖେଳରେ, ବୁଢ଼ୀକୁ ଛୁଇଁଦେଲେ ଆଉ ଭୟ ନାହିଁ । ଥରେ ଯଦି ପରଶ ପଥରକୁ ଛୁଇଁ ସୁନା ହୁଅ, ଆଉ ସୁନା ହେବା ପରେ ଯଦି ହଜାର ବର୍ଷ ମାଟି ତଳେ ପୋତା ବି ହୁଏ ତଥାପି ମାଟିରୁ ବାହାର କରିବା ବେଳେ ସେହି ସୁନା ହିଁ ରହିବ ।

''ମନଟି ଦୁଧ ପରି । ସେହି ମନକୁ ଯଦି ସଂସାରରେ ରଖ, ଦୁଧ ପାଣିରେ ମିଶିଲା ଭଳି ତାହା ସଂସାରରେ ମିଶିଯିବ । ତେଣୁ ଦୁଧକୁ ନିର୍ଜନରେ ଦହି ପକାଇ ସେଥିରୁ ଲହୁଣୀ ବାହାର କରିବାକୁ ହୁଏ । ଯେତେବେଳେ ନିର୍ଜନରେ ସାଧନ କରି, ମନରୂପକ ଦୁଧରୁ ଜ୍ଞାନଭକ୍ତିରୂପକ ଲହୁଣୀ ବାହାରିବ, ସେତେବେଳେ ସେହି ଲହୁଣୀକୁ ଅନାୟାସରେ ସଂସାର-ଜଳରେ ରଖି ପାରିବ । ସେହି ଲହୁଣୀ କେବେ

ହେଲେ ସଂସାର-ଜଳରେ ମିଶିବ ନାହିଁ । ସଂସାର-ଜଳ ଉପରେ ନିର୍ଲିପ୍ତ ହୋଇ ଭାସିବ ।''

## (୩)

### ବିଜୟ ଗୋସ୍ୱାମୀଙ୍କର ନିର୍ଜନରେ ସାଧନ

ବିଜୟ ଗୋସ୍ୱାମୀ ଏବେ ଗୟାରୁ ଫେରିଛନ୍ତି । ସେଠାରେ ବହୁ ଦିନ ନିର୍ଜନରେ ବାସ ଓ ସାଧୁସଙ୍ଗ କରିଥିଲେ । ଏବେ ସେ ଗୈରିକ ବସ୍ତ୍ର ପିନ୍ଧୁଛନ୍ତି । ସାଧକର ଭାବ, ଯେପରି ସର୍ବଦା ଅନ୍ତର୍ମୁଖ । ପରମହଂସଦେବଙ୍କ ନିକଟରେ ମୁହଁ ତଳକୁ କରି ବସିଛନ୍ତି; ଯେପରି ମଗ୍ନ ହୋଇ କ'ଣ ଭାବୁଛନ୍ତି ।

ବିଜୟଙ୍କୁ ଦେଖି ଦେଖି ପରମହଂସଦେବ ତାଙ୍କୁ କହିଲେ, ''ବିଜୟ, ତୁମେ କ'ଣ ବସା ଠିକ୍ କରିଛ ?''

''ଦେଖ, ଦୁଇ ଜଣ ସାଧୁ ଭ୍ରମଣ କରୁ କରୁ ଗୋଟିଏ ସହରରେ ଆସି ପହଞ୍ଚିଲେ । ଜଣେ ବୁଲି ବୁଲି ଆନନ୍ଦରେ ସହରର ବଜାର, ଦୋକାନ, କୋଠାବାଡ଼ି ଦେଖୁଥିଲା; ଏତିକିବେଳେ ଅନ୍ୟ ସାଧୁଙ୍କ ସହିତ ଦେଖା ହେଲା । ସେତେବେଳେ ସେ ପ୍ରଥମ ସାଧୁଙ୍କୁ କହିଲା, 'ତୁମେ ନିଶ୍ଚିନ୍ତରେ ସହର ଦେଖୁଛ ତୁମ ଜିନିଷପତ୍ର କାହିଁ ?' ପ୍ରଥମ ସାଧୁଜଣଙ୍କ କହିଲା 'ମୁଁ ଆଗ ଗୋଟିଏ ବସା ଠିକ୍ କରି, କମ୍ବଳ ପ୍ରଭୃତି ରଖି, ଘରେ ଚାବି ଦେଇ ନିଶ୍ଚିନ୍ତ ହୋଇ ବାହାରିଛି; ଏବେ ସହରର ରଙ୍ଗ ଦେଖି ବୁଲୁଛି ।' ସେହିପରି ତୁମକୁ ମୁଁ ବି ପଚାରୁଛି, ତୁମେ କ'ଣ ବସା ଠିକ୍ କରିଛ ? (ମାଷ୍ଟର ପ୍ରଭୃତିଙ୍କ ପ୍ରତି) ଦେଖ ବିଜୟର ଏତେ ଦିନ ଝରଣାଟା ବନ୍ଦ ହୋଇ ରହିଥିଲା, ଏଥର ଖୋଲିଯାଇଛି ।''

### ବିଜୟ ଓ ଶିବନାଥ — ନିଷ୍କାମ କର୍ମ — ସନ୍ନ୍ୟାସୀର ବାସନା ତ୍ୟାଗ

ଶ୍ରୀରାମକୃଷ୍ଣ(ବିଜୟଙ୍କ ପ୍ରତି) — ଦେଖ, ଶିବନାଥର ଭାରୀ ଜଞ୍ଜାଳ । ଖବର କାଗଜରେ ଲେଖିବାକୁ ହୁଏ, ଆହୁରି ବହୁ ପ୍ରକାର କାମ କରିବାକୁ ହୁଏ । ବିଷୟ-କର୍ମ କଲେ ହିଁ ଅଶାନ୍ତି ହୁଏ, ବହୁଚିନ୍ତା ଆସି ଜୁଟେ ।

''ଶ୍ରୀମଦ୍‌ଭାଗବତରେ ଅଛି ଯେ, ଅବଧୂତ ଚବିଶ ଗୁରୁଙ୍କ ମଧ୍ୟରୁ ଚିଲକୁ ଗୋଟିଏ ଗୁରୁ କରିଥିଲେ । ଗୋଟିଏ ଜାଗାରେ କେଉଟମାନେ ମାଛ ଧରୁଥିଲେ । ଗୋଟିଏ ଚିଲ ଆସି ମାଛଟିଏ ଝାମ୍ପି ନେଇଗଲା । ପାଖରେ ମାଛକୁ ଦେଖି ପ୍ରାୟ ହଜାରେ କୁଆ ତା'ପଛରେ ଗୋଡ଼ାଇଲେ । ଆଉ 'କା' 'କା' କରି ତାକୁ ବ୍ୟତିବ୍ୟସ୍ତ କରିଦେଲେ । ମାଛଟିକୁ ଧରି ଯେଉଁ ଆଡ଼କୁ ଯାଏ, କୁଆଗୁଡ଼ିକ ମଧ୍ୟ ତାକୁ ଗୋଡ଼ାଇ ଗୋଡାଇ ସେହି ଆଡ଼କୁ ଯାଆନ୍ତି । ଶେଷରେ ବ୍ୟତିବ୍ୟସ୍ତ ହୋଇ ଉଡୁ ଉଡୁ ମାଛଟା ଚିଲ ପାଟିରୁ ଖସି ପଡ଼ିଲା । ସେତେବେଳେ କୁଆମାନେ ଚିଲକୁ ଛାଡ଼ି ମାଛ ଆଡ଼କୁ ଗଲେ । ସେତେବେଳେ ଚିଲ ନିଶ୍ଚିନ୍ତ ହୋଇ ଗୋଟିଏ ଗଛ

ଡାଳ ଉପରେ ଯାଇ ବସିଲା । ବସି ଭାବିବାକୁ ଲାଗିଲା — ଏହି ମାଛଟା ହିଁ ଏତେ ଅଶାନ୍ତି କରୁଥିଲା; ଏବେ ମାଛ ପାଖରେ ନାହିଁ, ମୁଁ ନିଶ୍ଚିନ୍ତ ହେଲି ।''

''ଅବଧୂତ ଚିଲ ନିକଟରୁ ଏହି ଶିକ୍ଷା କଲେ ଯେ ଯେପର୍ଯ୍ୟନ୍ତ ପାଖରେ ମାଛ ଥାଏ ଅର୍ଥାତ କାମନା ବାସନା ଥାଏ, ସେପର୍ଯ୍ୟନ୍ତ କର୍ମ ଥାଏ, ଏବଂ କର୍ମ ଯୋଗୁଁ ନାନା ଭାବନା, ଚିନ୍ତା ଓ ଅଶାନ୍ତି । ବାସନା ତ୍ୟାଗ ହେଲେ ହିଁ କର୍ମ କ୍ଷୟ ହୁଏ ଓ ଶାନ୍ତି ଆସେ ।

''ତେବେ ନିଷ୍କାମ କର୍ମ ଭଲ । ସେଥିରେ ଅଶାନ୍ତି ହୁଏ ନାହିଁ; କିନ୍ତୁ ନିଷ୍କାମ କର୍ମ କରିବା ଏତେ ସହଜ ନୁହେଁ । ହୁଏତ ନିଷ୍କାମ କର୍ମ କରୁଛି ବୋଲି ଭାବୁଛି, କିନ୍ତୁ କେଉଁଠାରୁ କାମନା ଆସି ଜୁଟେ, ଜାଣିବାକୁ ଦିଏ ନାହିଁ । ଯଦି ଆଗରୁ ସାଧନା ଥାଏ, ସାଧନା ବଳରେ କେହି କେହି ନିଷ୍କାମ କର୍ମ କରିପାରନ୍ତି । ଈଶ୍ୱର-ଦର୍ଶନ ପରେ ନିଷ୍କାମ କର୍ମ ଅନାୟାସରେ କରିହୁଏ । ଈଶ୍ୱର-ଦର୍ଶନ ପରେ ପ୍ରାୟ କର୍ମତ୍ୟାଗ ହୁଏ; ଜଣେ ଦୁଇଜଣ (ନାରଦାଦି) ଲୋକ ଶିକ୍ଷା ପାଇଁ କର୍ମ କରନ୍ତି ।''

**ସନ୍ନ୍ୟାସୀ ସଞ୍ଚୟ କରିବ ନାହିଁ — ପ୍ରେମ ହେଲେ କର୍ମତ୍ୟାଗ ହୁଏ**

ଶ୍ରୀରାମକୃଷ୍ଣ — ଅବଧୂତଙ୍କର ଆଉ ଗୋଟିଏ ଗୁରୁ ଥିଲା — ମହୁମାଛି । ମହୁମାଛି ବହୁ କଷ୍ଟରେ ବହୁଦିନ ଧରି ମହୁ ସଞ୍ଚୟ କରେ । କିନ୍ତୁ ସେ ମହୁ ସେ ନିଜେ ଭୋଗ କରିପାରେ ନାହିଁ । ଆଉ ଜଣେ ଆସି ଫେଣା ଭାଙ୍ଗି ମହୁ ନେଇଯାଏ । ମହୁମାଛି ନିକଟରୁ ଅବଧୂତ ଏହା ଶିଖିଲେ ଯେ, ସଞ୍ଚୟ କରିବା ଉଚିତ୍ ନୁହେଁ । ସାଧୁମାନେ ଈଶ୍ୱରଙ୍କ ଉପରେ ଷୋଳ ଅଣା ନିର୍ଭର କରିବେ । ସେମାନେ ସଞ୍ଚୟ କରିବେ ନାହିଁ ।

''ଏହା ସଂସାରୀ ପକ୍ଷରେ ନୁହେଁ । ସଂସାରୀକୁ ସଂସାର ପ୍ରତିପାଳନ କରିବାକୁ ହୁଏ । ତେଣୁ ତା'ପକ୍ଷରେ ସଞ୍ଚୟ ଦରକାର । 'ପଂଛୀ ଔର ଦରବେଶ୍' (ପକ୍ଷୀ ଓ ସାଧୁ) ସଞ୍ଚୟ କରନ୍ତି ନାହିଁ । କିନ୍ତୁ ପକ୍ଷୀର ଛୁଆ ହେଲେ ସଞ୍ଚୟ କରେ — ଛୁଆ ପାଇଁ ଥଣ୍ଟରେ ଖାଦ୍ୟ ଆଣେ ।

''ଦେଖ ବିଜୟ, ସାଧୁ ସଙ୍ଗରେ ଯଦି ପୁଟଳା ପୁଟୁଳି ଥାଏ, ପନ୍ଦରଟା ଲୁଗାବୁଜୁଳା ଥାଏ , ତା'ହେଲେ ସେମାନଙ୍କୁ ବିଶ୍ୱାସ କରିବ ନାହିଁ । ମୁଁ ବରଗଛ ମୂଳେ ଏହିପରି ସାଧୁ ଦେଖିଥିଲି । ଦୁଇ ତିନି ଜଣ ବସିଛନ୍ତି, କିଏ ଡାଲି ବାଛୁଛି, କିଏ ଲୁଗା ସିଲାଇ କରୁଛି, ଆଉ ବଡ଼ ଲୋକ ଘରର ଭୋଜି କଥା ଗପସପ ହେଉଛନ୍ତି । କହୁଛନ୍ତି, 'ଆରେ, ଓ ବାବୁନେ ଲାଖୋ ରୂପାୟା ଖରଚ କିୟା, ସାଧୁଲୋଗ୍‌କୋ ବହୁତ ଖିଲାୟା — ପୁରି, ଜିଲେବୀ, ପେଡ଼ା, ବରଫି, ମାଲପୁଆ, ବହୁତ୍ ଚିଜ୍ ତୈୟାର କିୟା' ।'' (ସମସ୍ତଙ୍କର ହାସ୍ୟ) ।

ବିଜୟ — ଆଜ୍ଞା ହଁ । ଗୟାରେ ଏ ପ୍ରକାର ସାଧୁ ଦେଖିଛି । ଗୟାରେ ଲୋଟାବାଲା ସାଧୁ । (ସମସ୍ତଙ୍କର ହାସ୍ୟ)

ଶ୍ରୀରାମକୃଷ୍ଣ (ବିଜୟଙ୍କ ପ୍ରତି) — ଈଶ୍ୱରଙ୍କ ପ୍ରତି ପ୍ରେମ ହେଲେ ଆପଣା ଛାଏଁ କର୍ମତ୍ୟାଗ ହୋଇଯାଏ । ଭଗବାନ ଯେଉଁମାନଙ୍କ ଦ୍ୱାରା କର୍ମ କରାଉଛନ୍ତି, ସେମାନେ କରନ୍ତୁ । ତୁମର ଏବେ ସମୟ ହୋଇଛି — ସବୁ ଛାଡ଼ି ତୁମେ କୁହ, 'ମନ, ତୁ ଦେଖ୍ ଆଉ ମୁଁ ଦେଖେ, ଆଉ ଯେପରି କେହି ନ ଦେଖେ ।'

ଏହା କହି ଶ୍ରୀରାମକୃଷ୍ଣ ସେହି ଅତୁଳନୀୟ କଣ୍ଠରେ ମାଧୁର୍ଯ୍ୟ ବର୍ଷଣ କରି ଗାଇ ଉଠିଲେ :—

ଯତନେ ହୃଦୟ ରଖ ଆଦରିଣୀ ଶ୍ୟାମ ମା'ରେ ।
ମନ ତୁ ଦେଖ୍ ଆଉ ମୁଁ ଦେଖେ, ଆଉ କେହି ଯେନ ନ ଦେଖେ ।
ଫାଙ୍କି ଦେଇ କାମାଦିରେ, ମନ ଦେଖ ନିରୋଳାରେ ।
ସଙ୍ଗେ ନିଅ ରସନାରେ, ମାଆ ବୋଲି ଡାକିବରେ ।
କୁରୁଚି କୁମନ୍ତ୍ରୀ ଯେତେ, ଆସିବାକୁ ଦିଅନା ପାଶେ ।
ପ୍ରହରୀ ରଖ ଜ୍ଞାନ-ନୟନେ ସଦା ତୁହି ସାବଧାନେ ।

ଶ୍ରୀରାମକୃଷ୍ଣ(ବିଜୟଙ୍କ ପ୍ରତି) — ''ଭଗବାନଙ୍କର ଶରଣାଗତ ହୋଇ ଏବେ ଲଜ୍ଜା, ଭୟ ଏସବୁ ତ୍ୟାଗ କର । 'ମୁଁ ହରିନାମରେ ଯଦି ନାଚେ ମୋତେ ଲୋକମାନେ କ'ଣ କହିବେ ।' ଏପରି ଭାବ ତ୍ୟାଗ କର ।

### ଲଜ୍ଜା, ଘୃଣା ଓ ଭୟ

''ଲଜ୍ଜା, ଘୃଣା ଓ ଭୟ, ଏ ତିନି ରହିବା ନୁହଁ । — ଲଜ୍ଜା, ଘୃଣା, ଭୟ, ଜାତି ଅଭିମାନ, ଗୋପନ-ଇଚ୍ଛା, ଏସବୁ ପାଶ । ଏସବୁ ଗଲେ ଜୀବର ମୁକ୍ତି ହୁଏ ।

''ପାଶବଦ୍ଧ ଜୀବ ପାଶମୁକ୍ତ ଶିବ । **ଭଗବତ୍-ପ୍ରେମ ଦୁର୍ଲ୍ଲଭ ବସ୍ତୁ** । ସ୍ତ୍ରୀର ଯେପରି ସ୍ୱାମୀ ପ୍ରତି ନିଷ୍ଠା ସେହିପରି ନିଷ୍ଠା ଯଦି ଈଶ୍ୱରଙ୍କ ପ୍ରତି ହୁଏ ତେବେ ଭକ୍ତି ହୁଏ । ଶୁଦ୍ଧା ଭକ୍ତି ହେବା ଦୁଃସାଧ୍ୟ । ଭକ୍ତିରେ ପ୍ରାଣ ମନ ଈଶ୍ୱରଙ୍କଠାରେ ଲୀନ ହୋଇଯାଏ ।

''ତା' ପରେ ଭାବ । ଭାବରେ ମନୁଷ୍ୟ ଅବାକ୍ ହୁଏ । ବାୟୁ ସ୍ଥିର ହୋଇଯାଏ । ମନକୁ ମନ କୁମ୍ଭକ ହୁଏ । ଯେପରି ବନ୍ଧୁକରେ ଗୁଳି ଫୁଟାଇବା ବେଳେ ଯେଉଁ ଲୋକ ଗୁଳି ଫୁଟାଏ, ସେ ବାକ୍‌ଶୂନ୍ୟ ହୁଏ ଓ ତା'ର ବାୟୁ ସ୍ଥିର ହୋଇଯାଏ ।

''ପ୍ରେମ ହେବା ବହୁ ଦୂରର କଥା । ଚୈତନ୍ୟଦେବଙ୍କର ପ୍ରେମ ହୋଇଥିଲା । ଈଶ୍ୱରଙ୍କ ପ୍ରତି ପ୍ରେମ ହେଲେ ବାହାରର ଜିନିଷ ଭୁଲ ହୋଇଯାଏ । ଜଗତ ଭୁଲ ହୋଇଯାଏ । ନିଜର ଦେହ ଯେ ଏତେ ପ୍ରିୟ ଜିନିଷ, ସେଇଟା ବି ଭୁଲ ହୋଇଯାଏ ।''

ଏହା କହି ପରମହଂସଦେବ ଗାଉଛନ୍ତି —

''ସେ ଦିନ କେବେ ଆସିବ ? ବୋଲିଲେ ହରି
ନୟନୁ ଅଶ୍ରୁ ପଡ଼ିବ ଝରି ସେ ଦିନ କେବେ ଆସିବ ।
ସଂସାର ବାସନା ଯିବ ଅଙ୍ଗ ପୁଲକିତ ହେବ ।
ସେଦିନ କେବେ ଆସିବ ।

## ମହାବାୟୁ ଉଠିଲେ ଭଗବତ୍-ଦର୍ଶନ — ଭାବ ଓ କୁମ୍ଭକ

ଏହିପରି କଥାବାର୍ତ୍ତା ଚାଲିଛି, ଏତିକିବେଳେ ଆଉ କେତେ ଜଣ ନିମନ୍ତ୍ରିତ ବ୍ରାହ୍ମ ଭକ୍ତ ଆସି ଉପସ୍ଥିତ ହେଲେ । ତନ୍ମଧ୍ୟରେ କେତେ ଜଣ ପଣ୍ଡିତ ଓ ଉଚ୍ଚପଦସ୍ଥ ରାଜ କର୍ମଚାରୀ । ତାଙ୍କ ମଧ୍ୟରୁ ଜଣେ ଶ୍ରୀରଜନୀନାଥ ରାୟ ।

ଠାକୁର କହୁଛନ୍ତି, ଭାବ ହେଲେ ବାୟୁ ସ୍ଥିର ହୁଏ । ଆଉ କହୁଛନ୍ତି, ''ଅର୍ଜୁନ ଯେତେବେଳେ ଲକ୍ଷ୍ୟ ବିନ୍ଧିଥିଲା, ସେତେବେଳେ କେବଳ ମାଛର ଆଖି ଉପରେ ତାର ଦୃଷ୍ଟି ନିବଦ୍ଧ ଥିଲା — ଆଉ କୌଣସି ଆଡ଼େ ଦୃଷ୍ଟି ନ ଥିଲା । ଏପରିକି ଆଖି ଛଡ଼ା ମାଛର ଅନ୍ୟ କୌଣସି ଅଙ୍ଗ ଦେଖିବାକୁ ପାଇ ନାହିଁ । ଏପରି ଅବସ୍ଥାରେ ବାୟୁ ସ୍ଥିର ହୁଏ, କୁମ୍ଭକ ହୁଏ ।

''ଈଶ୍ୱର-ଦର୍ଶନର ଗୋଟିଏ ଲକ୍ଷଣ — ଭିତରୁ ମହାବାୟୁ ଦ୍ରୁତ ଗତିରେ ଉଠି ତାଲୁ ଆଡ଼କୁ ଯାଏ । ସେତେବେଳେ ଯଦି ସମାଧି ହୁଏ, ଭଗବାନଙ୍କର ଦର୍ଶନ ହୁଏ ।''

## କେବଳ ପାଣ୍ଡିତ୍ୟ ମିଥ୍ୟା — ଐଶ୍ୱର୍ଯ୍ୟ, ବିଭବ, ମାନ, ପଦ ସବୁ ମିଥ୍ୟା

ଶ୍ରୀରାମକୃଷ୍ଣ (ଅଭ୍ୟାଗତ ବ୍ରାହ୍ମଭକ୍ତଙ୍କୁ ଦେଖି) — ''ଯେଉଁମାନେ କେବଳ ପଣ୍ଡିତ, ମାତ୍ର ଭଗବାନଙ୍କ ପ୍ରତି ଭକ୍ତି ନାହିଁ, ସେମାନଙ୍କର କଥା ଗୋଳମାଳିଆ । ସମାଧ୍ୟାୟୀ ବୋଲି ଜଣେ ପଣ୍ଡିତ କହିଥିଲା, 'ଈଶ୍ୱର ନୀରସ, ତୁମେମାନେ ନିଜର ପ୍ରେମ ଭକ୍ତି ଦେଇ ସରସ କର ।' ବେଦରେ ଯାହାଙ୍କୁ 'ରସସ୍ୱରୂପ' କହିଛି ତାଙ୍କୁ ପୁଣି ନୀରସ କୁହାଯାଉଛି । ଏଥିରୁ ଜଣାପଡୁଛି ଯେ, ଈଶ୍ୱର କି ବସ୍ତୁ ସେ ବିନ୍ଦୁମାତ୍ର ଜାଣେ ନାହିଁ । ତେଣୁ ଏପରି ଗୋଳମାଳିଆ କଥା ।''

''ଜଣେ କହିଥିଲା, 'ମୋ ମାମୁଁ ଘର ଗୁହାଳରେ ଅନେକ ଘୋଡ଼ା ଅଛନ୍ତି ।' ଏ କଥାରୁ ବୁଝିବାକୁ ହେବ ଯେ, ଘୋଡ଼ା ଆଦୌ ନାହିଁ; କାରଣ ଗୁହାଳରେ ଘୋଡ଼ା ରହନ୍ତି ନାହିଁ । (ସମସ୍ତଙ୍କର ହାସ୍ୟ)

''କେହି କେହି ଐଶ୍ୱର୍ଯ୍ୟର — ବିଭବ, ମାନ, ପଦ, ଏସବୁର ଅହଂକାର କରନ୍ତି । ଏସବୁ ଦୁଇଦିନ ପାଇଁ; କିଛି ସଙ୍ଗରେ ଯିବ ନାହିଁ । ଗୋଟିଏ ଗୀତରେ ଅଛି —

''ଭାବି ଦେଖ ମନ କେହି କା'ର ନୁହେଁ ମିଛେ ଭ୍ରମୁ ଭୂମଣ୍ଡଳେ ।
ନ ଭୁଲ ଦକ୍ଷିଣାକାଳୀ ବଦ୍ଧ ହୋଇ ମାୟାଜାଳେ ॥

ଯାହା ପାଇଁ ମରୁ ଭାବି ସେ କି ତୋର ସଙ୍ଗେ ଯିବ,
ଦୂରେଇ ଯିବ ପ୍ରେୟସୀ ଅମଙ୍ଗଳ ହେବ କାଳେ ।
ଦୁଇ ତିନି ଦିନ ପାଇଁ ଭାବ କର୍ତ୍ତା ବୋଲି ଦିଅନ୍ତି କହି,
ସେହି କର୍ତ୍ତାରେ, ଫିଙ୍ଗି ଦେବେ କାଳାକାଳର କର୍ତ୍ତା ଆସିଲେ ।

## ଅହଂକାର ମହୌଷଧି—ତା'ଠାରୁ ବଡ଼ ଅଛି

''ଟଙ୍କାର ଅହଂକାର କରିବା ଉଚିତ୍ ନୁହେଁ । ଯଦି କୁହ ମୁଁ ଧନୀ, ତେବେ ଧନୀ ଭିତରେ ପୁଣି ତା'ଠାରୁ ବଡ଼ ଧନୀଲୋକ ଅଛନ୍ତି । ସନ୍ଧ୍ୟା ପରେ ଯେତେବେଳେ ଜୁଳୁଜୁଳିଆ ପୋକ ବାହାରେ, ସେ ଭାବେ ମୁଁ ଏହି ଜଗତକୁ ଆଲୁଅ ଦେଉଛି; କିନ୍ତୁ ଆକାଶରେ ତାରା ଦେଖାଗଲେ ତା'ର ଗର୍ବ ପଳାଇଯାଏ । ସେତେବେଳେ ତାରାମାନେ ଭାବନ୍ତି, ଆମେ ଜଗତକୁ ଆଲୁଅ ଦେଉଛୁ । କିଛି ସମୟ ପରେ ଚନ୍ଦ୍ର ଉଇଁଲେ, ତାରାସବୁ ଲଜ୍ଜାରେ ମଳିନ ପଡ଼ଯାଆନ୍ତି । ଚନ୍ଦ୍ର ଭାବେ ଯେ, ମୋ ଆଲୋକରେ ଜଗତ ହସୁଛି, ମୁଁ ଜଗତକୁ ଆଲୁଅ ଦେଉଛି । ଦେଖୁ ଦେଖୁ ଅରୁଣୋଦୟ ହୁଏ, ସୂର୍ଯ୍ୟ ଉଠନ୍ତି । ଚନ୍ଦ୍ର ମଳିନ ହୋଇଯାଏ—କିଛି ସମୟ ପରେ ଆଉ ଦେଖାଯାଏ ନାହିଁ ।

''ଧନୀମାନେ ଯଦି ଏପରି ଭାବନ୍ତି, ତା' ହେଲେ ଧନର ଅହଂକାର ହୁଏ ନାହିଁ ।'' ଉତ୍ସବ ଉପଲକ୍ଷେ ମଣିଲାଲ ଅନେକ ଉପାଦେୟ ଖାଦ୍ୟ ସାମଗ୍ରୀର ଆୟୋଜନ କରିଛନ୍ତି । ସେ ବହୁ ଯତ୍ନ କରି ଶ୍ରୀରାମକୃଷ୍ଣ ଓ ସମବେତ ଭକ୍ତଗଣଙ୍କୁ ପରିତୋଷ କରି ଖୁଆଇଲେ । ଯେତେବେଳେ ସମସ୍ତେ ଘରକୁ ଫେରିଲେ, ସେତେବେଳକୁ ବହୁତ ରାତି; କିନ୍ତୁ କାହାର କୌଣସି କଷ୍ଟ ହୋଇ ନାହିଁ ।

# ନବମ ପରିଚ୍ଛେଦ

## (୧)

### କେଶବଙ୍କ ଘର ଆଗରେ — 'ପଶ୍ୟତି ତବ ପନ୍ଥାନମ୍'

(କେଶବ, ପ୍ରସନ୍ନ, ଅମୃତ, ଉମାନାଥ, କେଶବଙ୍କ ମାତା, ରାଖାଲ, ମାଷ୍ଟର)

କାର୍ତ୍ତିକ କୃଷ୍ଣା ଚତୁର୍ଦ୍ଦଶୀ, ୨୮ ନଭେମ୍ବର ୧୮୮୩ ବୁଧବାର । ଆଜି ଜଣେ ଭକ୍ତ କମଳକୁଟୀର ଫାଟକର ପୂର୍ବଦିଗର ଫୁଟପାଥ୍‌ରେ ପଦଚାରଣ କରୁଛନ୍ତି । କାହା ପାଇଁ ବ୍ୟାକୁଳ ହୋଇ ଯେପରି ଅପେକ୍ଷା କରୁଛନ୍ତି ।...

ଦିନ ଦୁଇଟା ବେଳୁ ସେ ଅପେକ୍ଷା କରିଛନ୍ତି । ଅପରାହ୍ନ ପ୍ରାୟ ପାଞ୍ଚଟା ହେଲା । ଠାକୁରଙ୍କର ଗାଡ଼ି ଆସି ଉପସ୍ଥିତ । ସାଙ୍ଗରେ ଲାଟୁ ଓ ଆଉ ଜଣେ ଦୁଇଜଣ ଭକ୍ତ । ମାଷ୍ଟର ଓ ରାଖାଲ ମଧ୍ୟ ଆସିଛନ୍ତି । କେଶବଙ୍କ ଘରର ଲୋକମାନେ ଆସି ଠାକୁରଙ୍କୁ ନେଇଗଲେ । ବୈଠକଖାନାର ଦକ୍ଷିଣ ପଟ ବାରଣ୍ଡାରେ ଗୋଟିଏ ଖଟ ପଡ଼ିଥିଲା । ତା' ଉପରେ ଠାକୁରଙ୍କୁ ବସାଗଲା ।

### ଶ୍ରୀରାମକୃଷ୍ଣ ସମାଧିସ୍ଥ–ଈଶ୍ୱରାବେଶରେ ମା'ଙ୍କ ସହିତ କଥା

ଠାକୁର ବହୁ ସମୟ ଧରି ବସିଛନ୍ତି । କେଶବଙ୍କୁ ଦେଖିବା ପାଇଁ ଅଧୈର୍ଯ୍ୟ ହେଉଛନ୍ତି । କେଶବଙ୍କ ଶିଷ୍ୟମାନେ ବିନୀତ ଭାବରେ କହୁଛନ୍ତି, ''ସେ ଏଇମାତ୍ର ଟିକିଏ ବିଶ୍ରାମ କରୁଛନ୍ତି; ଟିକିଏ ପରେ ଆସିବେ ।''

କେଶବଙ୍କର ସଙ୍କଟାପନ୍ନ ପୀଡ଼ା । ତେଣୁ ଶିଷ୍ୟଗଣ ଓ ଘରର ଲୋକମାନେ ଏତେ ସାବଧାନ । ଠାକୁର କିନ୍ତୁ କେଶବଙ୍କୁ ଦେଖିବାକୁ ଉତ୍ତରୋତ୍ତର ବ୍ୟସ୍ତ ହେଉଛନ୍ତି ।

ଶ୍ରୀରାମକୃଷ୍ଣ (କେଶବଙ୍କର ଶିଷ୍ୟମାନଙ୍କ ପ୍ରତି) — ତାଙ୍କର ଆସିବା କ'ଣ ଦରକାର ? ମୁଁ ଭିତରକୁ ଗଲେ କ'ଣ ହେବନାହିଁ ?

ପ୍ରସନ୍ନ (ବିନୀତ ଭାବେ) — ଆଜ୍ଞା, ଆଉ ଟିକିଏ ପରେ ସେ ଆସିବେ ।

ଶ୍ରୀରାମକୃଷ୍ଣ — ଯାଃ, ତୁମେ ସବୁ ଏପରି କରୁଛ । ମୁଁ ଭିତରକୁ ଯାଉଛି ।

ପ୍ରସନ୍ନ ଠାକୁରଙ୍କୁ ଭୁଲାଇ କେଶବଙ୍କ ବିଷୟ କହୁଛନ୍ତି ।

ପ୍ରସନ୍ନ — ତାଙ୍କର ଅବସ୍ଥା ଆଉ ଏକପ୍ରକାର ହୋଇଯାଇଛି । ଆପଣଙ୍କ ପରି ସେ ମା'ଙ୍କ ସଙ୍ଗରେ କଥା କହୁଛନ୍ତି । ମା' କ'ଣ କହନ୍ତି, ଶୁଣି ହସନ୍ତି, କାନ୍ଦନ୍ତି ।

କେଶବ ଜଗଜ୍ଜନନୀଙ୍କ ସହିତ କଥା କହୁଛନ୍ତି; ହସନ୍ତି, କାନ୍ଦନ୍ତି — ଏହି କଥା ଶୁଣିବାମାତ୍ରେ ଠାକୁର ଭାବାବିଷ୍ଟ ହେଉଛନ୍ତି । ଦେଖୁ ଦେଖୁ ସମାଧିସ୍ଥ ।

ଠାକୁର **ସମାଧିସ୍ଥ** । ଶୀତ ଦିନ; ଦେହରେ ସବୁଜ ରଙ୍ଗର ଗରମ ଜାମା । ଜାମା ଉପରେ ଗୋଟିଏ ଆଲୁଆନ୍ । ସଳଖ ଦେହ, ଦୃଷ୍ଟି ସ୍ଥିର । ଏକାବେଳକେ ମଗ୍ନ ! ଏହି ଅବସ୍ଥାରେ ବହୁ କ୍ଷଣ ଗଲା; ସମାଧିଭଙ୍ଗ ହେଉ ନାହିଁ ।

ସନ୍ଧ୍ୟା ହେଲା । ଠାକୁର ଟିକିଏ ପ୍ରକୃତିସ୍ଥ ହେଲେ । ବୈଠକଖାନାରେ ଆଲୁଅ ଜଳାହେଲା । ଠାକୁରଙ୍କୁ ସେହି ଘରେ ବସାଇବାର ଚେଷ୍ଟା ହେଉଛି ।

ବହୁ କଷ୍ଟରେ ତାଙ୍କୁ ବୈଠକଖାନା ଘରକୁ ନିଆଗଲା ।

ଘରେ ଅନେକଗୁଡ଼ିଏ ଆସବାବ—କାଉଚ୍, ଆରାମଚୌକି, ଆଲଣା, ଗ୍ୟାସ୍ ଆଲୁଅ । ଠାକୁରଙ୍କୁ ଗୋଟିଏ କାଉଚ୍ ଉପରେ ବସାଗଲା ।

କାଉଚ୍ ଉପରେ ବସି ଠାକୁର ପୁଣି ବାହ୍ୟଜ୍ଞାନ ଶୂନ୍ୟ, ଭାବାବିଷ୍ଟ । କାଉଚ୍ ଉପରେ ଦୃଷ୍ଟିପାତ କରି ଯେପରି ନିଶା ଜୋର୍‌ରେ କ'ଣ କହୁଛନ୍ତି—''ଆଗେ ଏସବୁର ଦରକାର ଥିଲା । ଏବେ ଆଉ କ'ଣ ଦରକାର ?''

(ରାଖାଲଙ୍କୁ ଦେଖି) ରାଖାଲ, ''ତୁ ଆସିଛୁ ?''

### ଜଗନ୍ମାତାଙ୍କୁ ଦର୍ଶନ ଓ ତାଙ୍କ ସହିତ କଥା—ଆତ୍ମା ଅମର

କହୁ କହୁ ଠାକୁର ପୁଣି କ'ଣ ଦେଖୁଛନ୍ତି ! କହୁଛନ୍ତି,

''**ଏଇ ଯେ, ମା' ଆସିଛ !** ପୁଣି ବନାରସୀ ଶାଢ଼ୀ ପିନ୍ଧି କ'ଣ ଦେଖାଉଛ ମା' । ହେଙ୍ଗାମା କରନି ମା' ! ବସ ମା' ବସ !''

ଠାକୁରଙ୍କର ମହାଭାବର ନିଶା ଚାଲିଛି । ଘର ଆଲୋକମୟ । ବ୍ରାହ୍ମ ଭକ୍ତଗଣ ଚାରିଆଡ଼େ ଘେରି ରହିଛନ୍ତି । ଲାଟୁ, ରାଖାଲ, ମାଷ୍ଟର ଇତ୍ୟାଦି ପାଖରେ ବସିଛନ୍ତି । ଠାକୁର ଭାବାବସ୍ଥାରେ ମନକୁ ମନ କହୁଛନ୍ତି,—

''ଦେହ ଆଉ ଆତ୍ମା । ଦେହ ହୋଇଛି, ପୁଣି ଯିବ । ଆତ୍ମାର ମୃତ୍ୟୁ ନାହିଁ । ଯେପରି ଗୁଆ; ପାଚିଲା ଗୁଆ ଚୋପାରୁ ଅଲଗା ହୋଇ ରହିଥାଏ; କଞ୍ଚାବେଳେ ଚୋପାରୁ ଫଳକୁ ଅଲଗା କରିବା ଭାରୀ କଷ୍ଟ । ତାଙ୍କୁ ଦର୍ଶନ କଲେ, ତାଙ୍କୁ ଲାଭ କଲେ ଦେହବୁଦ୍ଧି ଚାଲିଯାଏ । ସେତେବେଳେ ଦେହ ଓ ଆତ୍ମା ଅଲଗା ବୋଲି ବୋଧ ହୁଏ ।'' (କେଶବଙ୍କର ପ୍ରବେଶ)

କେଶବ ଘର ଭିତରକୁ ଆସୁଛନ୍ତି । ପୂର୍ବପଟ ଦ୍ୱାର ଦେଇ ପଶୁଛନ୍ତି । ଯେଉଁମାନେ ତାଙ୍କୁ ବ୍ରାହ୍ମସମାଜ-ମନ୍ଦିରରେ ବା ଟାଉନ୍ ହଲରେ ଦେଖିଥିଲେ, ସେମାନେ ତାଙ୍କର ଅସ୍ଥି ଚର୍ମସାର ମୂର୍ତ୍ତି ଦେଖି ଅବାକ୍ ହୋଇ ରହିଲେ । କେଶବ ଠିଆ ହୋଇ ପାରୁନାହାନ୍ତି କାନ୍ଥ ଧରି ଧରି ଆସୁଛନ୍ତି । ବହୁ କଷ୍ଟରେ କାଉଚ୍ ଆଗରେ ଆସି ବସିଲେ । ଠାକୁର ଇତି ମଧ୍ୟରେ କାଉଚ୍‌ରୁ ଓହ୍ଲାଇ ତଳେ ବସିଛନ୍ତି । ଠାକୁରଙ୍କର ଦର୍ଶନ ଲାଭ କରି କେଶବ ଭୂମିଷ୍ଠ ହୋଇ ବହୁ ସମୟ ଧରି ପ୍ରଣାମ କରୁଛନ୍ତି । ପ୍ରଣାମାନ୍ତର ଉଠି ବସିଲେ । ଠାକୁର ଏବେ ବି ଭାବାବସ୍ଥାରେ ମନକୁ ମନ କ'ଣ କହୁଛନ୍ତି । ଠାକୁର ମା'ଙ୍କ ସହିତ କଥା କହୁଛନ୍ତି ।

## (୨)

### ବ୍ରହ୍ମଶକ୍ତି ଅଭେଦ–ମନୁଷ୍ୟଲୀଳା

ଏଥର କେଶବ ଉଚ୍ଚ ସ୍ୱରରେ କହୁଛନ୍ତି, ''ମୁଁ ଆସିଛି ! ମୁଁ ଆସିଛି !'' ଏହା କହି ଠାକୁର ଶ୍ରୀରାମକୃଷ୍ଣଙ୍କର ବାମ ହାତ ଧାରଣ କଲେ ଓ ସେହି ହାତକୁ ଆଉଁଷିବାକୁ ଲାଗିଲେ । ଠାକୁର ଭାବରେ ଗର୍ଗର ମତୁଆଲା । ମନକୁମନ କେତେ କଥା କହୁଛନ୍ତି । ଭକ୍ତମାନେ ଅବାକ୍ ହୋଇ ଶୁଣୁଛନ୍ତି ।

ଶ୍ରୀରାମକୃଷ୍ଣ — ଯେପର୍ଯ୍ୟନ୍ତ ଉପାଧି, ସେପର୍ଯ୍ୟନ୍ତ ନାନା ବୋଧ । ଯେପରି କେଶବ, ପ୍ରସନ୍ନ, ଅମୃତ, ଏହିସବୁ । ପୂର୍ଣ୍ଣ ଜ୍ଞାନ ହେଲେ ଏକ ଚୈତନ୍ୟ ବୋଲି ବୋଧ ହୁଏ ।

''ପୁଣି ପୂର୍ଣ୍ଣ ଜ୍ଞାନରେ ଦେଖେ ଯେ, ସେହି ଏକ ଚୈତନ୍ୟ ହିଁ ଏହି ଜୀବଜଗତ ଓ ଚତୁର୍ବିଂଶତି ତତ୍ତ୍ୱ ହୋଇଛନ୍ତି ।

''ତେବେ ଶକ୍ତିବିଶେଷ । ଅବଶ୍ୟ ସେ ହିଁ ସବୁ ହୋଇଛନ୍ତି କିନ୍ତୁ କେଉଁଠାରେ ଶକ୍ତିର ବେଶୀ ପ୍ରକାଶ, କେଉଁଠାରେ ପୁଣି ଶକ୍ତିର କମ୍ ପ୍ରକାଶ ।

''ବିଦ୍ୟାସାଗର କହିଥିଲା, 'ଈଶ୍ୱର କ'ଣ କାହାକୁ ବେଶୀ ଶକ୍ତି, କାହାକୁ କମ୍ ଶକ୍ତି ଦେଇଛନ୍ତି ?' ମୁଁ କହିଲି, 'ତା ଯଦି ନ ହୋଇଥା'ନ୍ତା, ତେବେ ଜଣେ ଲୋକ ପଚାଶ ଜଣ ଲୋକଙ୍କୁ ହରାଇ ଦିଏ କିପରି ? ଆଉ ତୁମକୁ ଦେଖିବାକୁ ବା ଆମେ ଆସିଛୁ କାହିଁକି ! '

''ତାଙ୍କର ଲୀଳା ଯେଉଁ ଆଧାରରେ ପ୍ରକାଶ କରନ୍ତି, ସେଠାରେ ବିଶେଷ ଶକ୍ତି ।

''ଜମିଦାର ସବୁ ଜାଗାରେ ଥାଆନ୍ତି — କିନ୍ତୁ ଅମୁକ ବୈଠକଖାନାରେ ସେ ପ୍ରାୟ ବସନ୍ତି । ଭକ୍ତ ତାଙ୍କର ବୈଠକଖାନା; ଭକ୍ତ ହୃଦୟରେ ସେ ଲୀଳା କରିବାକୁ ଭଲ ପାଆନ୍ତି । ଭକ୍ତର ହୃଦୟରେ ତାଙ୍କର ବିଶେଷ ଶକ୍ତି ଅବତୀର୍ଣ୍ଣ ହୁଏ ।

''ତାହାର ଲକ୍ଷଣ କ'ଣ ? ଯେଉଁଠାରେ କାର୍ଯ୍ୟ ବେଶୀ, ସେଠାରେ ବିଶେଷ ଶକ୍ତିର ପ୍ରକାଶ ।''

ଏହି ଆଦ୍ୟାଶକ୍ତି ଓ ପରଂବ୍ରହ୍ମ ଅଭେଦ । ଗୋଟିକୁ ଛାଡ଼ି ଆଉ ଗୋଟିକୁ ଚିନ୍ତା କରି ହୁଏ ନାହିଁ । ଯେପରି ଜ୍ୟୋତି ଆଉ ମଣିକୁ । ମଣିକୁ ଛାଡ଼ି ମଣିର ଜ୍ୟୋତିକୁ ଭାବି ହୁଏ ନାହିଁ; ପୁଣି ଜ୍ୟୋତିକୁ ଛାଡ଼ି ମଣିକୁ ଭାବିବାର କୁ ନାହିଁ । ସାପକୁ ଛାଡ଼ି ଆଉ ତା'ର ତିର୍ଯ୍ୟକ୍‌ଗତି ଭାବି ହୁଏ ନାହିଁ; ପୁଣି ସାପର ତିର୍ଯ୍ୟକ୍‌ଗତିକୁ ଛାଡ଼ି ସାପକୁ ଭାବି ହୁଏ ନାହିଁ ।

### ବ୍ରାହ୍ମସମାଜ ଓ ମନୁଷ୍ୟ ଭିତରେ ଈଶ୍ୱରଦର୍ଶନ ସିଦ୍ଧ ଓ ସାଧକର ପ୍ରଭେଦ

''ଆଦ୍ୟାଶକ୍ତି ହିଁ ଏହି ଜୀବଜଗତ୍, ଏହି ଚତୁର୍ବିଂଶତି ତତ୍ତ୍ୱ ହୋଇଛନ୍ତି; ଅନୁଲୋମ, ବିଲୋମ । ରାଖାଲ, ନରେନ୍ଦ୍ର ଓ ଅନ୍ୟାନ୍ୟ ପିଲାମାନଙ୍କ ପାଇଁ

ବ୍ୟସ୍ତ ହୁଏ କାହିଁକି ? ହାଜରା କହିଲା, 'ତୁମେ ସେମାନଙ୍କ ପାଇଁ ବ୍ୟସ୍ତ ହୋଇ ବୁଲୁଛ, ଆଉ ଈଶ୍ୱରଙ୍କୁ ଭାବିବ କେତେବେଳେ ?' (କେଶବ ଓ ସମସ୍ତଙ୍କର ଈଷତ୍ ହାସ୍ୟ) ।

''ସେତେବେଳେ ଖୁବ୍ ଚିନ୍ତାରେ ପଡ଼ିଲି । ମାଆଙ୍କୁ ପଚାରିଲି—ମା', ହାଜରା କହେ ସେମାନଙ୍କ ପାଇଁ ମୁଁ ଏତେ କାହିଁକି ଭାବୁଛି ? ତା' ପରେ ଭୋଳାନାଥଙ୍କୁ ପଚାରିଲି । ଭୋଳାନାଥ କହିଲା, ମହାଭାରତରେ ଏ କଥା ଅଛି । ସମାଧିସ୍ଥ ଲୋକ ସମାଧିରୁ ଓହ୍ଲାଇ କଅଣ ନେଇ ରହିବେ ? ତେଣୁ ସତ୍ତ୍ୱଗୁଣୀ ଭକ୍ତଙ୍କୁ ନେଇ ରହନ୍ତି । ଭାରତର ଏହି ନଜିର ପାଇ ତେବେ ବଞ୍ଚିଲି ! (ସମସ୍ତଙ୍କର ହାସ୍ୟ) ।

''ହାଜରାର ଦୋଷ ନାହିଁ । ସାଧକ ଅବସ୍ଥାରେ 'ନେତି' 'ନେତି' କରି ତାଙ୍କ ଆଡ଼କୁ ମନ ନେବାକୁ ହୁଏ । ସିଦ୍ଧ ଅବସ୍ଥାରେ ଅଲଗା କଥା । ତାଙ୍କୁ ଲାଭ କରିବା ପରେ ଅନୁଲୋମ, ବିଲୋମ । ଘୋଳକୁ ଛାଡ଼ି ଲହୁଣୀ ପାଇଲେ, ସେତେବେଳେ ମନେ ହୁଏ, 'ଘୋଳର ହିଁ ଲହୁଣୀ, ଲହୁଣୀର ହିଁ ଘୋଳ ।' ସେତେବେଳେ ଠିକ୍ ବୋଧହୁଏ ଯେ ସେ ହିଁ ସବୁ ହୋଇଛନ୍ତି । କେଉଁଠାରେ ବେଶୀ ପ୍ରକାଶ, କେଉଁଠାରେ କମ୍ ପ୍ରକାଶ ।

''ଭାବ-ସମୁଦ୍ର ଉଚ୍ଛୁଳିଲେ ସ୍ଥଳଭାଗରେ କାତେ ପାଣି ! ଆଗେ ନଦୀ ବାଟେ ସମୁଦ୍ରକୁ ଆସିବାକୁ ହେଲେ ଅଙ୍କାବଙ୍କା ବାଟଦେଇ ଆସିବାକୁ ପଡୁଥିଲା । ବନ୍ୟା ଆସିଲେ ସ୍ଥଳରେ କାତେ ପାଣି । ସେତେବେଳେ ଡଙ୍ଗାକୁ ସିଧା ବାହିଦେଲେ ହେଲା; ଆଉ ବୁଲି ବୁଲି ଯିବାକୁ ହୁଏ ନାହିଁ । ଧାନକଟା ସରିଗଲେ ଆଉ ହିଡ଼ବାଟେ ବୁଲି ବୁଲି ଆସିବାକୁ ହୁଏ ନାହିଁ । ସିଧା ଗୋଟିଏ ବାଟରେ ଗଲେ ହେଲା ।

''ଭଗବାନ ଲାଭ ପରେ ତାଙ୍କୁ ସବୁଥିରେ ଦେଖାଯାଏ । ମନୁଷ୍ୟ ଭିତରେ ତାଙ୍କର ବେଶୀ ପ୍ରକାଶ । ମନୁଷ୍ୟ ମଧ୍ୟରେ ସତ୍ତ୍ୱଗୁଣୀ ଭକ୍ତ ଭିତରେ ଆହୁରି ବେଶୀ ପ୍ରକାଶ—ଯେଉଁ ମାନଙ୍କର କାମିନୀ-କାଞ୍ଚନ ଭୋଗ କରିବାର ଇଚ୍ଛା ଆଦୌ ନାହିଁ । (ସମସ୍ତେ ନିସ୍ତବ୍ଧ) । ସମାଧିସ୍ଥ ବ୍ୟକ୍ତି ଯଦି ଓହ୍ଲାଇ ଆସେ, ତେବେ ସେ କେଉଁଠାରେ ମନକୁ ରଖିବ ? ତେଣୁ କାମିନୀ-କାଞ୍ଚନତ୍ୟାଗୀ ସତ୍ତ୍ୱ ଗୁଣୀ ଶୁଦ୍ଧଭକ୍ତର ସଙ୍ଗ ଦରକାର ହୁଏ । ନ ହେଲେ ସମାଧିସ୍ଥ ବ୍ୟକ୍ତି କ'ଣ ନେଇ ରହିବେ ?

### ବ୍ରାହ୍ମସମାଜ ଓ ଈଶ୍ୱରଙ୍କର ମାତୃଭାବ-ଜଗତର ମା'

''ଯେ ବ୍ରହ୍ମ, ସେ ହିଁ ଆଦ୍ୟାଶକ୍ତି । ଯେତେବେଳେ ନିଷ୍କ୍ରିୟ ସେତେବେଳେ ତାଙ୍କୁ ବ୍ରହ୍ମ କହନ୍ତି, ପୁରୁଷ କହନ୍ତି । ଯେତେବେଳେ ସୃଷ୍ଟି, ସ୍ଥିତି ଓ ପ୍ରଳୟ କରନ୍ତି, ସେତେବେଳେ ତାଙ୍କୁ ଶକ୍ତି କହନ୍ତି, ପ୍ରକୃତି କହନ୍ତି । ପୁରୁଷ ଆଉ ପ୍ରକୃତି । ଯେ ପୁରୁଷ ସେ ହିଁ ପ୍ରକୃତି । ଆନନ୍ଦମୟ ଆଉ ଆନନ୍ଦମୟୀ ।''

''ଯାହାର ପୁରୁଷ ଜ୍ଞାନ ଅଛି, ତା'ର ସ୍ତ୍ରୀ ଜ୍ଞାନ ମଧ୍ୟ ଅଛି । ଯାହାର ବାପ ଜ୍ଞାନ ଅଛି, ତା'ର ମା' ଜ୍ଞାନ ମଧ୍ୟ ଅଛି । (କେଶବଙ୍କର ହାସ୍ୟ) ।''

''ଯାହାର ଅନ୍ଧାର ଜ୍ଞାନ ଅଛି, ତା'ର ଆଲୁଅର ଜ୍ଞାନ ମଧ୍ୟ ଅଛି । ଯାହାର ରାତି ଜ୍ଞାନ ଅଛି, ତା'ର ଦିନର ଜ୍ଞାନ ମଧ୍ୟ ଅଛି । ଯାହାର ସୁଖ ଜ୍ଞାନ ଅଛି, ତା'ର ଦୁଃଖ ଜ୍ଞାନ ମଧ୍ୟ ଅଛି । ତୁମେ ଏଇଟା ବୁଝିଛ ?''

କେଶବ (ସହାସ୍ୟ) — ହଁ ବୁଝିଛି ।

ଶ୍ରୀରାମକୃଷ୍ଣ — **ମା' — କିଏ ମା' ? ଜଗତର ମା' । ଯିଏ** ଜଗତ ସୃଷ୍ଟି କରିଛନ୍ତି, ପାଳନ କରୁଛନ୍ତି । ଯିଏ ତାଙ୍କର ପିଲାମାନଙ୍କୁ ସର୍ବଦା ରକ୍ଷା କରୁଛନ୍ତି; ଆଉ ଧର୍ମ, ଅର୍ଥ, କାମ, ମୋକ୍ଷ — ଯିଏ ଯାହା ଚାହେଁ, ତାହା ଦିଅନ୍ତି । ପୁଅ ମା' ଛଡ଼ା ରହିପାରେ ନାହିଁ । ତା'ର ମା' ସବୁ ଜାଣେ । ପୁଅ ଖାଏ ପିଏ ବୁଲେ ଅନ୍ୟ କିଛି କଥାରେ ମୁଣ୍ଡ ଖେଳାଏ ନାହିଁ ।

କେଶବ — ଆଜ୍ଞା ହଁ ।

## (୩)

### ବ୍ରାହ୍ମସମାଜ ଓ ଈଶ୍ୱରଙ୍କର ଐଶ୍ୱର୍ଯ୍ୟ ବର୍ଣ୍ଣନା — ପୂର୍ବକଥା

ଶ୍ରୀରାମକୃଷ୍ଣ କଥା କହୁ କହୁ ପ୍ରକୃତିସ୍ଥ ହୋଇଛନ୍ତି । କେଶବଙ୍କ ସହିତ ସହାସ୍ୟ କଥା କହୁଛନ୍ତି । ଘରଭର୍ତ୍ତି ଲୋକ ଉତ୍କଣ୍ଠ ହୋଇ ସମସ୍ତ ଶୁଣୁଛନ୍ତି ଓ ଦେଖୁଛନ୍ତି । ସମସ୍ତେ ଅବାକ୍ ଯେ 'ତୁମେ କିପରି ଅଛ' ଇତ୍ୟାଦି କଥା ଆଦୌ ହେଉ ନାହିଁ । କେବଳ ଈଶ୍ୱରଙ୍କ କଥା ।

ଶ୍ରୀରାମକୃଷ୍ଣ(କେଶବଙ୍କ ପ୍ରତି) — ବ୍ରହ୍ମଜ୍ଞାନୀମାନେ ଏତେ ସବୁ ମହିମା ବର୍ଣ୍ଣନା କରନ୍ତି କାହିଁକି ? ' ହେ ଈଶ୍ୱର, ତୁମେ ଚନ୍ଦ୍ର କରିଛ, ସୂର୍ଯ୍ୟ କରିଛ, ନକ୍ଷତ୍ର କରିଛ !' ଏସବୁ କଥା ଏତେ କ'ଣ ଦରକାର ? ଅନେକ ବଗିଚା ଦେଖି ତାରିଫ୍ କରନ୍ତି । ବାବୁଙ୍କୁ ଦେଖିବାକୁ ଚାହାଁନ୍ତି କେତେ ଜଣ ? ବଗିଚା ବଡ଼ ନା ବାବୁ ବଡ଼ ?

''ମଦ ପିଇବାକୁ ଯାଇ ଶୁଣ୍ଡି ଦୋକାନରେ କେତେ ମହଣ ମଦ ଅଛି, ସେ ହିସାବ ନେବା ମୋର କ'ଣ ଦରକାର ? ବୋତଲେ ମଦରେ ତ ମୋର କାମ ହୋଇଯିବ ।

### ପୂର୍ବକଥା — ବିଷ୍ଣୁଘରର ଗହଣା ଚୋରୀ ଓ ସେଜୋବାବୁ

''ନରେନ୍ଦ୍ରକୁ ଯେତେବେଳେ ଦେଖେ, କେବେହେଲେ ପଚାରି ନାହିଁ, 'ତୋ ବାପା ନାମ କ'ଣ ? ତୋ ବାପର କେତେଟା ଘର ?'

''କ'ଣ ଜାଣ ? ମଣିଷ ନିଜେ ଐଶ୍ୱର୍ଯ୍ୟର ଆଦର କରେ ବୋଲି ଭାବେ, ଈଶ୍ୱର ମଧ୍ୟ କରନ୍ତି । ଭାବେ, ତାଙ୍କର ଐଶ୍ୱର୍ଯ୍ୟର ପ୍ରଶଂସା କଲେ ସେ ଖୁସି ହେବେ । ଶମ୍ଭୁ କହିଥିଲା, 'ଏତିକି ଆଶୀର୍ବାଦ କରନ୍ତୁ, ଯେପରି ଏ ସମସ୍ତ ଐଶ୍ୱର୍ଯ୍ୟକୁ ତାଙ୍କର

ପାଦପଦ୍ମରେ ଦେଇ ମରିପାରେ ।' ମୁଁ କହିଲି 'ତୁମ ପାଇଁ ସେ ସବୁ ଐଶ୍ୱର୍ଯ୍ୟ; ତାଙ୍କୁ ତୁମେ କଅଣ ଦେବ । ତାଙ୍କ ପକ୍ଷରେ ଏଗୁଡ଼ାକ ମାଟିଗୋଡ଼ି ପରି !'

''ଯେତେବେଳେ ବିଷ୍ଣୁ ଘରୁ ଗହଣାସବୁ ଚୋରି ହୋଇଗଲା, ସେତେବେଳେ ସେଜୋବାବୁ ଆଉ ମୁଁ ଦିଅଁଙ୍କୁ ଦେଖିବାକୁ ଗଲୁ । ସେଜୋବାବୁ କହିଲେ, 'ତୁମେ କି ଦିଅଁ । ତୁମର କୌଣସି ଯୋଗ୍ୟତା ନାହିଁ । ତୁମ ଦେହରୁ ଗହଣାସବୁ ନେଇଗଲା, ଆଉ ତୁମେ କିଛି କରିପାରିଲ ନାହିଁ !' ମୁଁ ତାଙ୍କୁ କହିଲି, 'ଇଏ ତୁମର କିପରି କଥା ! ତୁମେ ଯାହାଙ୍କର ଗହଣା ଗହଣା କହୁଛ, ତାଙ୍କ ପକ୍ଷରେ ଏଗୁଡ଼ାକ ମାଟିଟେଳା । ଲକ୍ଷ୍ମୀ ଯାହାଙ୍କର ଶକ୍ତି, ସେ କଅଣ ତୁମର କେତୋଟି ଟଙ୍କା ଚୋରି ହୋଇଗଲା ବୋଲି ଆଁ କରି ଚାହିଁ ରହିଛନ୍ତି ? ଏପରି କଥା କହିବା ଉଚିତ୍ ନୁହେଁ ।

''ଈଶ୍ୱର କଅଣ ଐଶ୍ୱର୍ଯ୍ୟର ବଶ ? ସେ ଭକ୍ତିର ବଶ । ସେ କଅଣ ଚାହାଁନ୍ତି ! ଟଙ୍କା ନୁହେଁ । ଭାବ, ପ୍ରେମ, ଭକ୍ତି, ବିବେକ, ବୈରାଗ୍ୟ, ଏହିସବୁ ଚାହାଁନ୍ତି ।

### ଈଶ୍ୱରଙ୍କର ସ୍ୱରୂପ—ଉପାସକ-ଭେଦ—ତ୍ରିଗୁଣାତୀତ ଭକ୍ତ

''ଯାହାର ଯେପରି ଭାବ, ସେ ଈଶ୍ୱରଙ୍କୁ ସେହିପରି ଭାବରେ ଦେଖେ । ତମୋଗୁଣୀ ଭକ୍ତ ଦେଖେ, ମା' ବୋଦା ଖାଏ; ତେଣୁ ବଳିଦାନ ଦିଏ । ରଜୋଗୁଣୀ ଭକ୍ତ ଭାତ ତରକାରୀ ରାନ୍ଧି କରି ଦିଏ । ସତ୍ତ୍ୱ ଗୁଣୀ ଭକ୍ତଙ୍କ ପୂଜାର ଆଡ଼ମ୍ବର ନାହିଁ । ତା'ର ପୂଜା ଲୋକେ ଜାଣିପାରନ୍ତି ନାହିଁ । ଫୁଲ ନାହିଁ ତ ବେଲପତ୍ର, ଗଙ୍ଗାଜଳ ଦେଇ ପୂଜା କରେ । ଫେଣା ବା ଉଖୁଡ଼ା ଭୋଗ ଦିଏ । କେତେବେଳେ ଅବା ଟିକିଏ ପାୟସ୍ ତିଆରି କରି ଠାକୁରଙ୍କୁ ଭୋଗ ଦିଏ ।

''ଆଉ ଅଛି ତ୍ରିଗୁଣାତୀତ ଭକ୍ତ । ତା'ର ବାଳକ-ସ୍ୱଭାବ । ଈଶ୍ୱରଙ୍କ ନାମ କରିବା ହିଁ ତାଙ୍କର ପୂଜା । ଶୁଦ୍ଧ ତାଙ୍କର ନାମ ।''

## (୪)

### କେଶବଙ୍କ ସହିତ କଥା

### ଈଶ୍ୱରଙ୍କ ହାସ୍‌ପାତାଳରେ ଆତ୍ମାର ଚିକିତ୍ସା

ଶ୍ରୀରାମକୃଷ୍ଣ(କେଶବଙ୍କ ପ୍ରତି, ସହାସ୍ୟ)—ତୁମର ରୋଗ ହୋଇଛି କାହିଁକି, ତା'ର ମାନେ ଅଛି । ଦେହ ଭିତର ଦେଇ ଅନେକ ଭାବ ଚାଲି ଯାଇଛି, ତେଣୁ ଏପରି ଅବସ୍ଥା ହୋଇଛି । ଯେତେବେଳେ ଭାବ ହୁଏ, ସେତେବେଳେ କିଛି ବୁଝା ଯାଏ ନାହିଁ; ବହୁ ଦିନ ପରେ ଦେହରେ ଆଘାତ ଲାଗେ । ମୁଁ ଦେଖିଛି, ବଡ଼ ଜାହାଜ ଗଙ୍ଗାରେ ଯେତେବେଳେ ଚାଲିଗଲା, ସେତେବେଳେ କିଛି ଜଣା ପଡ଼ିଲା ନାହିଁ । କିନ୍ତୁ କିଛି ସମୟ ପରେ ଦେଖେ, କୂଳ ଉପରେ ପାଣି ଆସି ବାଡ଼େଇ

ହେଉଛି, ଆଉ ତୋଳପାଡ଼ କରୁଛି । ହୁଏତ କୂଳର କିଛି ଅଂଶ ଭାଙ୍ଗି ପାଣିରେ ପଡ଼ିଗଲା ।

''କୁଡ଼ିଆ ଘରେ ହାତୀ ପଶିଲେ ଘରକୁ ତୋଳପାଡ଼ କରେ ଓ ଭାଙ୍ଗି ଚୂରମାର କରିଦିଏ । ଭାବହସ୍ତୀ ଦେହଘରେ ପ୍ରବେଶ କରେ, ଆଉ ତୋଳପାଡ଼ କରେ ।

''କ'ଣ ହୁଏ ଜାଣ ? ନିଆଁ ଲାଗିଲେ କେତେଗୁଡ଼ାଏ ଜିନିଷ ପୂରାପୂରି ପୋଡ଼ି ପକାଏ ଆଉ ଗୋଟାଏ ହୁଲସ୍ଥୁଲ୍ କାଣ୍ଡ ଆରମ୍ଭ କରିଦିଏ । ଜ୍ଞାନାଗ୍ନି ପ୍ରଥମେ କାମ କ୍ରୋଧ ଏହି ସବୁ ରିପୁକୁ ନାଶ କରେ, ତା'ପରେ ଅହଂବୁଦ୍ଧିକୁ ନାଶ କରେ । ତା'ପରେ ଗୋଟାଏ ତୋଳପାଡ଼ ଆରମ୍ଭ କରେ ।

''ତୁମେ ଭାବୁଛ ସବୁ ସରିଗଲା । କିନ୍ତୁ ଯେପର୍ଯ୍ୟନ୍ତ ରୋଗ ପୂରା ଭଲ ନ ହୁଏ, ସେପର୍ଯ୍ୟନ୍ତ ସେ ଛାଡ଼ିବେ ନାହିଁ । **ହାସପାତାଳରେ** ଯଦି ତୁମେ ନାମ ଲେଖାଅ, ଆଉ ଚାଲି ଆସିବାର ଜୁ ନାହିଁ । ଯେପର୍ଯ୍ୟନ୍ତ ରୋଗର ଟିକିଏ ଦୋଷ ରହିଥାଏ, ସେପର୍ଯ୍ୟନ୍ତ ଡାକ୍ତର ସାହେବ ଚାଲି ଆସିବାକୁ ଦେବେ ନାହିଁ । ତୁମେ ନାମ ଲେଖାଇଲ କାହିଁକି ?'' (ସମସ୍ତଙ୍କର ହାସ୍ୟ)

କେଶବ ହାସପାତାଳର କଥା ଶୁଣି ବାରମ୍ବାର ହସୁଛନ୍ତି । ହାସ୍ୟ ସମ୍ବରଣ କରି ପାରୁନାହାନ୍ତି । ଅଟକନ୍ତି, ଅଟକନ୍ତି ପୁଣି ହସୁଛନ୍ତି । ଠାକୁର ପୁଣି କଥା କହୁଛନ୍ତି ।

### ପୂର୍ବକଥା–ଠାକୁରଙ୍କର ପୀଡ଼ା–ରାମ କବିରାଜର ଚିକିତ୍ସା

ଶ୍ରୀରାମକୃଷ୍ଣ(କେଶବଙ୍କ ପ୍ରତି)—ହୃଦୁ କହୁଥିଲା, 'ଏପରି ଭାବ ଦେଖି ନାହିଁ, କି ଏପରି ରୋଗ ମଧ୍ୟ ଦେଖି ନାହିଁ !' ସେତେବେଳେ ମୋର ଖୁବ୍ ବେମାର । ସରା ସରା ଝାଡ଼ା । ମୁଣ୍ଡ ଭିତରେ ଯେପରି ଦୁଇ ଲକ୍ଷ ପିମ୍ପୁଡ଼ି କାମୁଡୁଛନ୍ତି । କିନ୍ତୁ ଈଶ୍ୱରୀୟ କଥା ରାତିଦିନ ଚାଲିଛି । ନାଟାଗଡ଼ର ରାମ କବିରାଜ ଦେଖିବାକୁ ଆସିଲା । ସେ ଦେଖିଲା, ମୁଁ ବସି ବିଚାର କରୁଛି ! ସେ କହିଲା , 'ଏ କ'ଣ ପାଗଳ । ଦୁଇ ହାଡ଼ ନେଇ ବିଚାର କରୁଛି ।'

(କେଶବଙ୍କ ପ୍ରତି) ''ତାଙ୍କର ଇଚ୍ଛା—'ସକଳ ତୁମରି ଇଚ୍ଛା ।'

''ଶିଶିର ପାଇବ ବୋଲି ମାଳୀ ବଡ଼ ଗୋଲାପର ଚେର ସୁଦ୍ଧା ଉପାଡ଼ି ଦିଏ । ଶିଶିର ପାଇଲେ ଗଛ ଭଲ ଭାବରେ କଅଁଳିବ । ସେଇଥିପାଇଁ ବୋଧ ହୁଏ, ତୁମର ମୂଳ ସହିତ ଉପାଡ଼ି ଦେଉଛି । (ଠାକୁର ଓ କେଶବଙ୍କର ହାସ୍ୟ) । ଏହା ପରେ ବୋଧହୁଏ ଗୋଟାଏ ବଡ଼ କାଣ୍ଡ ହେବ ।

### କେଶବଙ୍କ ପାଇଁ ଶ୍ରୀରାମକୃଷ୍ଣଙ୍କର କ୍ରନ୍ଦନ ଓ ସିଦ୍ଧେଶ୍ୱରୀଙ୍କୁ ପଇଡ଼ ଚିନି ମାନସିକ

''ତୁମର ଦେହ ଖରାପ ହେଲେ ମୋର ପ୍ରାଣ ଅତ୍ୟନ୍ତ ବ୍ୟାକୁଳ ହୁଏ । ଆଗ ଥର ତୁମର ଯେତେବେଳେ ଦେହ ଖରାପ ହୋଇଥିଲା, ରାତି ଶେଷ

ପ୍ରହରରେ ମୁଁ କାନ୍ଦୁଥିଲି । କହୁଥିଲି, 'ମା' ! କେଶବର ଯଦି କିଛି ହୁଏ, ତେବେ କାହା ସହିତ କଥା କହିବି ।' ସେତେବେଳେ କଲିକତାକୁ ଆସି ସିଦ୍ଧେଶ୍ୱରୀଙ୍କୁ ପଇଡ଼ ଚିନି ଦେଇଥିଲି । ମାଆଙ୍କ ପାଖରେ ମାନସିକ କରିଥିଲି, ତୁମର ରୋଗ ଭଲ ହେବା ପାଇଁ ।''

କେଶବଙ୍କ ଉପରେ ଠାକୁରଙ୍କର ଏହି ଅକୃତ୍ରିମ ଭଲ ପାଇବା ଓ ତାଙ୍କ ପାଇଁ ବ୍ୟାକୁଳତା କଥା ସମସ୍ତେ ଅବାକ୍ ହୋଇ ଶୁଣୁଛନ୍ତି ।

ଶ୍ରୀରାମକୃଷ୍ଣ—ଏଥର କିନ୍ତୁ ଏତେ ହୋଇ ନାହିଁ । ଠିକ୍ କଥା କହିବି । ଦୁଇ ତିନି ଦିନ ଟିକିଏ ହୋଇଥିଲା ।

ପୂର୍ବପଟ ଦ୍ୱାରରେ, ଯେଉଁ ବାଟେ କେଶବ ବୈଠକଖାନାକୁ ଆସିଥିଲେ, କେଶବଙ୍କର ପୂଜନୀୟା ଜନନୀ ଆସି ଠିଆ ହୋଇଛନ୍ତି । ସେହି ଦ୍ୱାରରେ ରହି ଉମାନାଥ ଶ୍ରୀରାମକୃଷ୍ଣଙ୍କୁ ଉଚ୍ଚ ସ୍ୱରରେ କହୁଛନ୍ତି, ''ମାଆ ଆପଣଙ୍କୁ ପ୍ରଣାମ କରୁଛନ୍ତି ।'' ଠାକୁର ହସିବାକୁ ଲାଗିଲେ । ଉମାନାଥ କହୁଛନ୍ତି, ''ମାଆ କହୁଛନ୍ତି, କେଶବଙ୍କର ରୋଗ ଯେପରି ଭଲ ହୋଇଯାଏ ।''

ଠାକୁର କହୁଛନ୍ତି, ''ମାଆ ସୁବଚନି ଆନନ୍ଦମୟୀଙ୍କୁ ଡାକ, ସେ ଦୁଃଖ ଦୂର କରିବେ ।'' କେଶବଙ୍କୁ କହୁଛନ୍ତି—

''ଘର ଭିତରେ ଏତେ ରହ ନାହିଁ । ସ୍ତ୍ରୀ-ଲୋକମାନଙ୍କ ସଙ୍ଗରେ ରହିଲେ ଆହୁରି ବୁଡ଼ିଯିବ ଈଶ୍ୱରୀୟ କଥା ହେଲେ ବେଶୀ ଭଲ ରହିବ ।''

ଗମ୍ଭୀର ଭାବରେ କଥାଗୁଡ଼ିକ କହି ପୁଣି ବାଳକ ପରି ହସୁଛନ୍ତି । କେଶବଙ୍କୁ କହୁଛନ୍ତି, ''ଦେଖି ତୁମର ହାତଟା ଦେଖେ ।'' ଛୋଟପିଲା ପରି ହାତ ନେଇ ଯେପରି ଓଜନ କରୁଛନ୍ତି ।

ଶେଷରେ କହୁଛନ୍ତି, ''ନା, ତୁମର ହାତ ହାଲୁକା ଅଛି, ଖଳମାନଙ୍କର ହାତ ଭାରୀ ହୁଏ ।'' (ସମସ୍ତଙ୍କର ହାସ୍ୟ) ଉମାନାଥ ଦ୍ୱାରଦେଶରୁ ପୁଣି କହୁଛନ୍ତି, ''ମାଆ କହୁଛନ୍ତି, କେଶବଙ୍କୁ ଆଶୀର୍ବାଦ କରନ୍ତୁ ।''

ଶ୍ରୀରାମକୃଷ୍ଣ(ଗମ୍ଭୀର ସ୍ୱରରେ)—ମୋର କ'ଣ ସାଧ । ସେ ହିଁ ଆଶୀର୍ବାଦ କରିବେ । ''ତୁମର କର୍ମ ତୁମେ କର ମାଆ ଲୋକ କହେ କରେ ମୁହିଁ ।''

''**ଈଶ୍ୱର ଦୁଇଥର ହସନ୍ତି ।** ଥରେ ହସନ୍ତି ଯେତେବେଳେ ଦୁଇ ଭାଇ ଜମି ବାଣ୍ଟ କରନ୍ତି, ଆଉ ଦଉଡ଼ି ପକାଇ କହନ୍ତି, ' ଏ ପଟଟା ମୋର ଓ ସେ ପଟଟା ତୋର ।' ଈଶ୍ୱର ଏହା ଭାବି ହସନ୍ତି ଯେ, ମୋର ଜଗତ, ତା'ର କିଛି ମାଟି ନେଇ କହୁଛନ୍ତି, ଏପାଖଟା ମୋର ଆଉ ସେପାଖଟା ତୋର । ଈଶ୍ୱର ଆଉ ଥରେ ହସନ୍ତି । ପିଲା ଅସୁସ୍ଥ ସଙ୍କଟାପନ୍ନ । ମା' କାନ୍ଦୁଛି । ବୈଦ୍ୟ ଆସି କହୁଛି, 'ଭୟ କଅଣ ମା' । ମୁଁ ଭଲ କରିଦେବି ।' ବୈଦ୍ୟ ଜାଣେ ନାହିଁ ଯେ, ଈଶ୍ୱର ମାରିଲେ ରକ୍ଷା କରିବାକୁ କାହାର ସାଧ ନାହିଁ ।'' (ସମସ୍ତେ ନିସ୍ତବ୍ଧ)

ଠିକ୍ ଏତିକିବେଳେ କେଶବ ବହୁ ସମୟ ଧରି କାଶିବାକୁ ଲାଗିଲେ । ସେ କାଶ ଆଉ ବନ୍ଦ ହେଉ ନାହିଁ । ସେ କାଶର ଶବ୍ଦ ଶୁଣି ସମସ୍ତଙ୍କର କଷ୍ଟ ହେଉଛି । ବହୁ କ୍ଷଣ ପରେ ଓ ଅନେକ କଷ୍ଟରେ କାଶ ଟିକିଏ ବନ୍ଦ ହେଲା । କେଶବ ଆଉ ରହି ପାରୁ ନାହାନ୍ତି । ଠାକୁରଙ୍କୁ ଭୂମିଷ୍ଠ ହୋଇ ପ୍ରଣାମ କଲେ । ପ୍ରଣାମ କରି ବହୁ କଷ୍ଟରେ କାନ୍ଥକୁ ଧରି ଧରି ସେହି ଦ୍ୱାର ବାଟେ ନିଜ ଘରକୁ ଗଲେ ।

## (୫)

### ବ୍ରାହ୍ମସମାଜ ଓ ବେଦୋଲ୍ଲିଖିତ ଦେବତା — ଗୁରୁଗିରି — ନୀଚ ବୁଦ୍ଧି

(ଅମୃତ, କେଶବଙ୍କର ବଡ଼ ପୁଅ, ଦୟାନନ୍ଦ ସରସ୍ୱତୀ)

ଠାକୁର ଶ୍ରୀରାମକୃଷ୍ଣ କିଛି ଜଳଯୋଗ କରି ଯିବେ । କେଶବଙ୍କ ବଡ଼ ପୁଅ ପାଖରେ ଆସି ବସିଛନ୍ତି ।

ଅମୃତ କହିଲେ, ''ଏଇଟି ବଡ଼ ପୁଅ । ଆପଣ ଆଶୀର୍ବାଦ କରନ୍ତୁ । ମୁଣ୍ଡରେ ହାତ ଦେଇ ଆଶୀର୍ବାଦ କରନ୍ତୁ ।

ଠାକୁର ଶ୍ରୀରାମକୃଷ୍ଣ କହିଲେ, ''ମୋର ଆଶୀର୍ବାଦ କରିବା କଥା ନୁହେଁ ।'' ଏହା କହି ସହାସ୍ୟେ ପିଲାଟି ଦେହରେ ହାତ ବୁଲାଇବାକୁ ଲାଗିଲେ ।

ଅମୃତ(ସହାସ୍ୟ) — ଆଚ୍ଛା, ତେବେ ଦେହରେ ହାତ ବୁଲାନ୍ତୁ । (ସମସ୍ତଙ୍କର ହାସ୍ୟ) । ଠାକୁର ଅମୃତାଦି ବ୍ରାହ୍ମଭକ୍ତଙ୍କ ସହିତ କେଶବଙ୍କ କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ(ଅମୃତ ପ୍ରଭୃତିଙ୍କ ପ୍ରତି) — 'ରୋଗ ଭଲ ହେଉ' — ଏସବୁ କଥା ମୁଁ କହିପାରେ ନାହିଁ । ସେ କ୍ଷମତା ମୁଁ ମା' ପାଖରୁ ଚାହିଁ ନାହିଁ । ମୁଁ ମାଆକୁ କେବଳ କହେ, 'ମା, ମୋତେ କେବଳ ଶୁଦ୍ଧା ଭକ୍ତି ଦିଅ ।'

''ଏ କ'ଣ କମ୍ ଲୋକ କି ହେ । ଯେଉଁମାନେ ଟଙ୍କା ଚାହାଁନ୍ତି, ସେମାନେ ମଧ୍ୟ ମାନନ୍ତି, ପୁଣି ସାଧୁମାନେ ମଧ୍ୟ ମାନନ୍ତି । ଦୟାନନ୍ଦଙ୍କୁ ଦେଖିଥିଲି । ସେତେବେଳେ ବଗିଚାରେ ଥିଲା । କେଶବ ସେନ୍, କେଶବ ସେନ୍ ହୋଇ ଘର ବାହାର ହେଉଥିଲା — କେତେବେଳେ କେଶବ ଆସିବ । ସେଦିନ ବୋଧ ହୁଏ କେଶବର ଯିବାର କଥା ଥିଲା ।''

ଦୟାନନ୍ଦ ବଙ୍ଗଳା ଭାଷାକୁ କହୁଥିଲା — ''ଗୌଡ଼ାଣ୍ଡ ଭାଷା ।''

''ଏ ବୋଧ ହୁଏ ଦେବତା ଓ ହୋମ ମାନୁ ନ ଥିଲେ । ତେଣୁ କହିଥିଲା, ଈଶ୍ୱର ଏତେ ଜିନିଷ କରିଛନ୍ତି, ଆଉ ଦେବତା କରିପାରିବେ ନାହିଁ ।''

ଠାକୁର କେଶବଙ୍କର ଶିଷ୍ୟମାନଙ୍କ ନିକଟରେ ତାଙ୍କର ସୁଖ୍ୟାତି କରୁଛନ୍ତି ।

ଶ୍ରୀରାମକୃଷ୍ଣ — କେଶବ ହୀନବୁଦ୍ଧି ନୁହଁନ୍ତି । ସେ ଅନେକଙ୍କୁ କହିଛନ୍ତି, 'ଯାହାର ଯାହା ସନ୍ଦେହ, ସେଠାକୁ ଯାଇ ପଚାରିବ ।' ମୋର ମଧ୍ୟ ଏହା ହିଁ ସ୍ୱଭାବ; ମୁଁ କହେ — ଏ ଆହୁରି କୋଟିଏ ଗୁଣରେ ବଢ଼ନ୍ତୁ । ମୁଁ ସମ୍ମାନ ନେଇ କ'ଣ କରିବି ?

''ଏ ବଡ଼ ଲୋକ । ଯେଉଁମାନେ ଟଙ୍କା ଚାହାଁନ୍ତି, ସେମାନେ ମଧ୍ୟ ମାନନ୍ତି ପୁଣି ସାଧୁମାନେ ବି ମାନନ୍ତି ।

ଠାକୁର କିଛି ଜଳଖିଆ ଖାଇ ଏଥର ଗାଡ଼ିରେ ଚଢ଼ିବେ । ବ୍ରାହ୍ମଭକ୍ତମାନେ· ସଙ୍ଗରେ ଆସି ଉଠାଇ ଦେଉଛନ୍ତି ।

ପାହାଚ ବାଟେ ଓହ୍ଲାଇବା ବେଳେ ଠାକୁର ଦେଖିଲେ, ତଳେ ଆଲୁଅ ନାହିଁ । ସେତେବେଳେ ଅମୃତାଦି ଭକ୍ତମାନଙ୍କୁ କହିଲେ, ଏସବୁ ଜାଗାରେ ଭଲ କରି ଆଲୁଅ ଦେବାକୁ ହୁଏ । ଆଲୁଅ ନ ଦେଲେ ଦାରିଦ୍ର୍ୟ ହୁଏ । ଏମିତି ଯେପରି ନ ହୁଏ ।

ଠାକୁର ଜଣେ ଦୁଇ ଜଣ ଭକ୍ତଙ୍କ ସଙ୍ଗରେ ସେହି ରାତିରେ ଜୟଗୋପାଳ ସେନ୍‌ଙ୍କ ଘରକୁ ଗମନ କଲେ ।

## (୬)

## ଜୟଗୋପାଳ ସେନ୍‌ଙ୍କ ଘରେ ଶ୍ରୀରାମକୃଷ୍ଣ

ମାଥାଘସା ଗଳିରେ ଜୟଗୋପାଳ ସେନ୍‌ଙ୍କ ଘର । କେଶବଙ୍କ ଘରୁ ବିଦାୟ ନେଇ କେତେଜଣ ଭକ୍ତଙ୍କ ସହିତ ତାଙ୍କ ଘରକୁ ସନ୍ଧ୍ୟା ସାତଟା ବେଳେ ଶ୍ରୀରାମକୃଷ୍ଣ ପରମହଂସଦେବ ଆସିଛନ୍ତି ।

ଠାକୁର ଶ୍ରୀରାମକୃଷ୍ଣ ଜୟଗୋପାଳଙ୍କ ବୈଠକଖାନାରେ ଭକ୍ତଙ୍କ ସହିତ ଉପବିଷ୍ଟ । ସମ୍ମୁଖରେ ଜୟଗୋପାଳ, ତାଙ୍କର ଆତ୍ମୀୟଗଣ ଓ କେତେ ଜଣ ପ୍ରତିବେଶୀ । ଜଣେ ପ୍ରତିବେଶୀ ବିଚାର କରିବେ ବୋଲି ପ୍ରସ୍ତୁତ ଥିଲେ । ସେ ଅଗ୍ରଣୀ ହୋଇ କଥା ଆରମ୍ଭ କଲେ । ଜୟଗୋପାଳଙ୍କ ଭ୍ରାତା ବୈକୁଣ୍ଠ ମଧ୍ୟ ଅଛନ୍ତି ।

### ଗୃହସ୍ଥାଶ୍ରମ ଓ ଶ୍ରୀରାମକୃଷ୍ଣ

ବୈକୁଣ୍ଠ—ଆମେମାନେ ସଂସାରୀ ଲୋକ, ଆମମାନଙ୍କୁ କିଛି କୁହନ୍ତୁ ।

ଶ୍ରୀରାମକୃଷ୍ଣ—ତାଙ୍କୁ ଜାଣି, ଗୋଟିଏ ହାତ ଈଶ୍ୱରଙ୍କର ପାଦପଦ୍ମରେ ରଖି ଆର ହାତରେ ସଂସାର କାମ କର ।

ବୈକୁଣ୍ଠ—ସଂସାର କ'ଣ ମିଥ୍ୟା ?

ଶ୍ରୀରାମକୃଷ୍ଣ—ଯେପର୍ଯ୍ୟନ୍ତ ତାଙ୍କୁ ଜଣା ନ ଯାଏ ସେପର୍ଯ୍ୟନ୍ତ ମିଥ୍ୟା ! ସେତେବେଳେ ତାଙ୍କୁ ଭୁଲି ମନୁଷ୍ୟ 'ମୋର ମୋର' କରେ; ମାୟାରେ ବାନ୍ଧି ହୋଇ କାମିନୀ-କାଞ୍ଚନରେ ମୁଗ୍ଧ ହୋଇ ଆହୁରି ବୁଡ଼ିଯାଏ । ମାୟାରେ ଏପରି ମଣିଷ ଅଜ୍ଞାନ ହୁଏ ଯେ ପଳାଇବାର ପଥ ଥିଲେ ମଧ୍ୟ ପଳାଇପାରେ ନାହିଁ । ଗୋଟିଏ ଗୀତ ଅଛି ।...

''ଏପରି ମହାମାୟାର ମାୟା, ରଖିଛି କି କୁହୁକ କରି ।...''

''ତୁମେ ତ ନିଜେ ନିଜେ ଦେଖୁଛ, ସଂସାର ଅନିତ୍ୟ । ଏଇ ଦେଖୁନ ! କେତେ ଲୋକ ଆସିଲେ ଆଉ ଗଲେ । କେତେ ଜନ୍ମିଲେ, କେତେ ଦେହତ୍ୟାଗ କଲେ । ସଂସାର ଏଇ ଅଛି, ଏଇ ନାହିଁ । ଅନିତ୍ୟ । ଯେଉଁସବୁକୁ ମୋର ମୋର କରୁଛ, ଆଖି ବୁଜିଲେ କିଛି ନାହିଁ, କେହି ନାହାନ୍ତି; ତଥାପି ନାତି ପାଇଁ, କାଶୀ ଯିବା ହୁଏ ନାହିଁ—ମୋ ହାରୁର କ'ଣ ହେବ ?''

''ଯାତାୟାତ ପଥ ଥାଏ, ବାହାରି ମାଛ କିନ୍ତୁ ନ ଯାଏ ।''

''ନିଜ ତିଆରି ଖୋଷାରେ, ଗୁଟିପୋକା ପୁଣି ନିଜେ ମରେ ।''

**ଏହିପରି ସଂସାର ମିଥ୍ୟା, ଅନିତ୍ୟ ।**

ପ୍ରତିବେଶୀ—ମହାଶୟ ! ଗୋଟିଏ ହାତ ଈଶ୍ୱରଙ୍କଠାର ଓ ଆଉ ଗୋଟିଏ ହାତ ସଂସାରରେ ରଖିବୁ କାହିଁକି ? ଯଦି ସଂସାର ଅନିତ୍ୟ, ଗୋଟିଏ ହାତ ବା ସଂସାରରେ ଦେବୁ କାହିଁକି ?

ଶ୍ରୀରାମକୃଷ୍ଣ—ତାଙ୍କୁ ଜାଣି ସଂସାର କଲେ ଅନିତ୍ୟ ନୁହେଁ । ଗୀତ ଶୁଣ—''ମନରେ କୃଷି କାର୍ଯ୍ୟ ଜାଣନା ।....''

## (୭)

## ଗୃହାସ୍ଥାଶ୍ରମରେ ଈଶ୍ୱରଲାଭ–ଉପାୟ

ଶ୍ରୀରାମକୃଷ୍ଣ—ଗୀତ ଶୁଣିଲ ? 'କାଳୀ ନାମେ ଦିଅରେ ବାଡ଼, ଫସଲ ତୋ ନଷ୍ଟ ହେବନା ।' ଈଶ୍ୱରଙ୍କର ଶରଣାଗତ ହୁଅ, ସବୁ ପାଇବ । 'ସେ ଯେ ମୁକ୍ତକେଶୀର ଶକ୍ତ ବାଡ଼, ତା' ପାଖରେ ଯମ ପଶେନା ।' ଶକ୍ତ ବାଡ଼ ! ତାଙ୍କୁ ଯଦି ଲାଭ କରିପାର, ସଂସାର ଅସାର ବୋଲି ବୋଧ ହେବ ନାହିଁ । ତାଙ୍କୁ ଯେ ଜାଣିଛି, ସେ ଦେଖେ ଜୀବଜଗତ ସେ ନିଜେ ହିଁ ହୋଇଛନ୍ତି । ପିଲାମାନଙ୍କୁ ଖୁଆଇବ, ଯେପରି ଗୋପାଳକୁ ଖୁଆଉଛ । ପିତାମାତାଙ୍କୁ ଈଶ୍ୱର–ଈଶ୍ୱରୀ ଭାବରେ ଦେଖିବ ଓ ସେବା କରିବ । ତାଙ୍କୁ ଜାଣି ସଂସାର କଲେ ବିବାହିତା ସ୍ତ୍ରୀ ସାଙ୍ଗରେ ପ୍ରାୟ ଐହିକ ସମ୍ବନ୍ଧ ନ ଥାଏ । ଦୁଇଜଣ ହିଁ ଭକ୍ତ, କେବଳ ଈଶ୍ୱରଙ୍କର କଥା ଈଶ୍ୱରଙ୍କର ପ୍ରସଙ୍ଗ ନେଇ ଥାଆନ୍ତି । ଭକ୍ତମାନଙ୍କର ସେବା କରନ୍ତି । ସର୍ବଭୂତରେ ସେ ଅଛନ୍ତି, ତାଙ୍କର ସେବା ଦୁଇଜଣଯାକ କରନ୍ତି ।

ପ୍ରତିବେଶୀ—ମହାଶୟ ! ଏପରି ସ୍ତ୍ରୀ ପୁରୁଷ ତ ଦେଖା ଯାଆନ୍ତି ନାହିଁ ।

ଶ୍ରୀରାମକୃଷ୍ଣ—ଅଛନ୍ତି—ଅତି ବିରଳ—ବିଷୟୀ ଲୋକମାନେ ତାଙ୍କୁ ଚିହ୍ନିପାରନ୍ତି ନାହିଁ । ତେବେ ଏପରି କ୍ଷେତ୍ରରେ ଦୁଇଜଣଙ୍କର ଭଲ ହେବା ଦରକାର । ଦୁଇଜଣଯାକ ଯଦି ସେହି ଈଶ୍ୱରାନନ୍ଦ ପାଇଥା'ନ୍ତି, ତା'ହେଲେ ଯାଇ ଏହା ସମ୍ଭବ ହୁଏ । ଭଗବାନଙ୍କର ବିଶେଷ କୃପା ଦରକାର । ନ ହେଲେ ସବୁବେଳେ ଅପଡ଼ ହୁଏ । ଜଣେ ଅଲଗା ହୋଇଯାଏ । ଯଦି ଏପରି ଅପଡ଼ ହୁଏ, ତେବେ ଭାରୀ

ଯନ୍ତ୍ରଣା । ସ୍ତ୍ରୀ ହୁଏତ ରାତିଦିନ କହେ—'ବାପା, କାହିଁକି ଏଠି ବାହା ଦେଲେ ! ନା ଖାଇବାକୁ ପାଇଲି, ନା ପିଲାଙ୍କୁ ଖୁଆଇପାରିଲି ନା ପିନ୍ଧିଲି, ନା ପିଲାଙ୍କୁ ପିନ୍ଧାଇପାରିଲି, ନା ଖଣ୍ଡେ ଗହଣା ! ତୁମେ ମୋତେ କେଉଁ ସୁଖରେ ରଖିଛ ? ଆଖି ବୁଜି ଈଶ୍ୱର ଈଶ୍ୱର କରୁଛନ୍ତି । ଏସବୁ ପାଗଳାମି ଛାଡ଼ ।'

ଭକ୍ତ—ଏସବୁ ପ୍ରତିବନ୍ଧକ ଅଛି । ପୁଣି ହୁଏତ ପିଲାମାନେ ଅବାଧ । ଆହୁରି ବି କେତେ ଆପଦ ଅଛି । ତାହାହେଲେ ଉପାୟ କ'ଣ ?

ଶ୍ରୀରାମକୃଷ୍ଣ—ସଂସାରରେ ରହି ସାଧନା କରିବା ଭାରୀ କଷ୍ଟ । ଅନେକ ପ୍ରକାର ବ୍ୟାଘାତ । ତା' ଆଉ ତୁମମାନଙ୍କୁ ବୁଝାଇବାକୁ ପଡ଼ିବ ନାହିଁ—ରୋଗ, ଶୋକ, ଦାରିଦ୍ର୍ୟ, ପୁଣି ସ୍ତ୍ରୀ ସହିତ ମନାନ୍ତର, ପୁଅ ଅବାଧ, ମୂର୍ଖ, ହୁଣ୍ଡା ।

''ତେବେ ଉପାୟ ଅଛି । ମଝିରେ ମଝିରେ ନିର୍ଜନକୁ ଯାଇ ତାଙ୍କୁ ପ୍ରାର୍ଥନା କରିବାକୁ ହୁଏ, ତାଙ୍କୁ ଲାଭ କରିବା ପାଇଁ ଚେଷ୍ଟା କରିବାକୁ ପଡ଼େ ।''

ପ୍ରତିବେଶୀ—ଘରୁ ବାହାରିଯିବାକୁ ହେବ ?

ଶ୍ରୀରାମକୃଷ୍ଣ—ଏକାବେଳକେ ନୁହେଁ । ଯେତେବେଳେ ଅବସର ପାଇବ, କୌଣସି ନିର୍ଜନ ସ୍ଥାନକୁ ଯାଇ ଦିନେ ଦୁଇଦିନ ରହିବ—ଯେପରି ସଂସାର ସହିତ କୌଣସି ସମ୍ବନ୍ଧ ନ ରହେ, ଯେପରି କୌଣସି ବିଷୟୀ ଲୋକଙ୍କ ସହିତ ସାଂସାରିକ କଥାବାର୍ତ୍ତା କରିବାକୁ ନ ପଡ଼େ । ହୁଏତ ନିର୍ଜନରେ ବାସ, ନଚେତ୍ ସାଧୁସଙ୍ଗ ।

ପ୍ରତିବେଶୀ—ସାଧୁ ବୋଲି ଆମେ ଚିହ୍ନିବୁ କିପରି ?

**ଶ୍ରୀରାମକୃଷ୍ଣ—ଯାହାର ମନ ପ୍ରାଣ ଅନ୍ତରାତ୍ମା ଈଶ୍ୱରଙ୍କଠାରେ ଗତ ହୋଇଛି ସେ ହିଁ ସାଧୁ । ଯେ କାମିନୀ-କାଞ୍ଚନତ୍ୟାଗୀ, ସେ ହିଁ ସାଧୁ ।** ଯେ ସାଧୁ, ସେ ସ୍ତ୍ରୀଲୋକଙ୍କୁ ଐହିକ ଆଖିରେ ଦେଖନ୍ତି ନାହିଁ; ସର୍ବଦା ଅନ୍ତର୍ମୁଖୀ—ଯଦି ସ୍ତ୍ରୀଲୋକଙ୍କ ପାଖକୁ ଆସନ୍ତି, ତେବେ ତାଙ୍କୁ ମାତୃବତ୍ ଦେଖନ୍ତି ଓ ପୂଜା କରନ୍ତି । ସାଧୁ ସର୍ବଦା ଈଶ୍ୱରଚିନ୍ତା କରନ୍ତି, ଈଶ୍ୱରୀୟ କଥା ଛଡ଼ା ଅନ୍ୟ କଥା କହନ୍ତି ନାହିଁ । ପୁଣି ସର୍ବଭୂତରେ ଈଶ୍ୱର ଅଛନ୍ତି ଜାଣି ସେମାନଙ୍କର ସେବା କରନ୍ତି । ମୋଟାମୋଟି ଏହିସବୁ ସାଧୁର ଲକ୍ଷଣ ।

ପ୍ରତିବେଶୀ—ନିର୍ଜନରେ କଅଣ ବରାବର ରହିବାକୁ ପଡ଼ିବ ?

ଶ୍ରୀରାମକୃଷ୍ଣ—ଫୁଟପାଥିରେ ଗଛ ଦେଖିଛ ? ଯେତେଦିନ ଚାରା, ସେତେଦିନ ଚାରିପାଖରେ ବାଡ଼ ଦେବାକୁ ହୁଏ । ନ ହେଲେ ଛେଳି, ଗୋରୁ ଖାଇଯିବେ । ଗଛର ଗଣ୍ଡି ମୋଟା ହେଲେ ଆଉ ବାଡ଼ର ପ୍ରୟୋଜନ ନାହିଁ । ସେତେବେଳେ ହାତୀ ବାନ୍ଧି ଦେଲେ ବି ଗଛ ଭାଙ୍ଗିବ ନାହିଁ । ଗଛ ଯଦି ବଡ଼ କରିଦେଇପାର ଆଉ ଭାବନା କ'ଣ, ଭୟ କଣ ? ପ୍ରଥମେ ବିବେକ ଲାଭ ପାଇଁ ଚେଷ୍ଟା କର ? ତେଲ ଲଗାଇ ପଣସ ଭାଙ୍ଗ, ହାତରେ ଅଠା ଲାଗିବ ନାହିଁ ।

ପ୍ରତିବେଶୀ—ବିବେକ କାହାକୁ କହନ୍ତି ?

ଶ୍ରୀରାମକୃଷ୍ଣ—ଈଶ୍ୱର ସତ୍, ଆଉ ସବୁ ଅସତ୍—ଏହି ବିଚାର । ସତ୍ ମାନେ ନିତ୍ୟ । ଅସତ୍—ଅନିତ୍ୟ । **ଯାହାର ବିବେକ ହୋଇଛି, ସେ ଜାଣେ ଈଶ୍ୱର ହିଁ ବସ୍ତୁ, ଆଉ ସବୁ ଅବସ୍ତୁ ।** ବିବେକ ଉଦୟ ହେଲେ ଈଶ୍ୱରଙ୍କୁ ଜାଣିବାର ଇଚ୍ଛା ହୁଏ । ଅସତ୍‌କୁ ଭଲ ପାଇଲେ ଯେପରି ଦେହସୁଖ, ଲୋକମାନ୍ୟ, ଟଙ୍କା—ଏସବୁକୁ ଭଲପାଇଲେ ସତ୍‌ସ୍ୱରୂପ ଭଗବାନଙ୍କୁ ଜାଣିବାକୁ ଇଚ୍ଛା ହୁଏ ନାହିଁ । ସଦସତ୍ ବିଚାର ଆସିଲେ ତେବେ ଈଶ୍ୱରଙ୍କୁ ଖୋଜିବା ପାଇଁ ଇଚ୍ଛା ହୁଏ । ଗୋଟିଏ ଗୀତ ଶୁଣ ।

''ଚାଲ ମନ ବୁଲି ଯିବା,
କାଳୀକଳ୍ପତରୁମୂଳେ ଚତୁଃବର୍ଗ ଫଳ ପାଇବା ।

''ମନରେ ନିବୃତ୍ତି ଆସିଲେ ତେବେ ବିବେକ ହୁଏ, ବିବେକ ହେଲେ ଯାଇ ତତ୍ତ୍ୱ କଥା ମନରେ ଉଠେ । ସେତେବେଳେ ମନର ବୁଲିଯିବାକୁ ଇଚ୍ଛା ହୁଏ, 'କାଳୀ-କଳ୍ପତରୁ ମୂଳେ' ।

ସେହି ଗଛମୂଳକୁ ଗଲେ, ଈଶ୍ୱରଙ୍କ ପାଖକୁ ଗଲେ, 'ଚାରି ଫଳ ଗୋଟାଇ ପାଇବ'-ଅନାୟାସରେ ପାଇବ, ଗୋଟାଇ ପାଇବ—ଧର୍ମ, ଅର୍ଥ, କାମ, ମୋକ୍ଷ । ତାଙ୍କୁ ପାଇଲେ ଧର୍ମ, ଅର୍ଥ, କାମ, ଯାହା ସଂସାରୀର ଦରକାର ତା' ମଧ୍ୟ ହୁଏ—ଯଦି କେହି ଚାହେଁ ।''

ପ୍ରତିବେଶୀ—ତେବେ ସଂସାରକୁ ମାୟା ବୋଲି କହନ୍ତି କାହିଁକି ?

## ବିଶିଷ୍ଟାଦ୍ୱୈତବାଦ ଓ ଶ୍ରୀରାମକୃଷ୍ଣ

ଶ୍ରୀରାମକୃଷ୍ଣ—ଯେପର୍ଯ୍ୟନ୍ତ ଈଶ୍ୱରଲାଭ ନ ହୋଇଛି, ସେ ପର୍ଯ୍ୟନ୍ତ ନେତି ନେତି କରି ତ୍ୟାଗ କରିବାକୁ ହୁଏ । ତାଙ୍କୁ ଯେଉଁମାନେ ପାଇଛନ୍ତି, ସେମାନେ ଜାଣନ୍ତି ଯେ, ସେ ହିଁ ସବୁ ହୋଇଛନ୍ତି । ସେତେବେଳେ ବୋଧ ହୁଏ ଈଶ୍ୱର-ମାୟା-ଜୀବ-ଜଗତ । ସେ ଜୀବ-ଜଗତ ସମନ୍ୱିତ । ଯଦି ଗୋଟିଏ ବେଲର ଖୋଳପା, ଶସ ଓ ମଞ୍ଜି ଅଲଗା କରି ଦିଆଯାଏ, ଆଉ ଜଣେ କହେ—ବେଲଟାର ଓଜନ କେତେ ଥିଲା ଦେଖ ତ; ତୁମେ କ'ଣ ଖୋଳପା ଓ ମଞ୍ଜିକୁ ବାଦ୍ ଦେଇ କେବଳ ଶସତକ ଓଜନ କରିବ ? ନା, ଓଜନ କରିବାକୁ ଗଲେ ଖୋଳପା, ମଞ୍ଜି ସମସ୍ତ ଧରିବାକୁ ହେବ । ଧରିଲେ ତେବେ କହିପାରିବ, ବେଲଟା ଏତେ ଓଜନର ଥିଲା । ଖୋଳଟା ଯେପରି ଜଗତ, ଜୀବଗୁଡ଼ିକ ଯେପରି ମଞ୍ଜି । ବିଚାର ବେଳେ ଜୀବ ଓ ଜଗତକୁ ଅନାତ୍ମା କହିଥିଲ, ଅବସ୍ତୁ କହିଥିଲ । ବିଚାର କରିବାବେଳେ ଶସକୁ ସାର ଏବଂ ଖୋଳପା ଓ ମଞ୍ଜିକୁ ଅସାର ବୋଲି ବୋଧ ହୁଏ । ବିଚାର ହୋଇଗଲେ, ସମସ୍ତଙ୍କୁ ଏକାଠି କରି ଏକ ବୋଲି ବୋଧହୁଏ । ଆଉ ବୋଧହୁଏ,

ଯେଉଁ ସତ୍ତାରେ ଶସ, ସେହି ସତ୍ତାରେ ହିଁ ଖୋଳପା ଓ ମଞ୍ଜି ହୋଇଛି । ବେଲ ବୁଝିବାକୁ ଗଲେ ସବୁଟା ବୁଝିବାକୁ ହେବ ।

''**ଅନୁଲୋମ ବିଲୋମ** । ଘୋଳର ଲହୁଣୀ ଓ ଲହୁଣୀର ଘୋଳ । ଯଦି ଘୋଳ ହୋଇଛି ତ ଲହୁଣୀ ମଧ୍ୟ ହୋଇଛି । ଯଦି ଲହୁଣୀ ହୋଇଥାଏ, ତେବେ ଘୋଳ ମଧ୍ୟ ହୋଇଛି । ଆତ୍ମା ଯଦି ଥାଆନ୍ତି, ତେବେ ଅନାତ୍ମା ମଧ୍ୟ ଅଛି ।''

''ଯାହାଙ୍କର ନିତ୍ୟ, ତାଙ୍କର ହିଁ ଲୀଳା (Phenomenal world); ଯାହାଙ୍କର ଲୀଳା ତାଙ୍କର ହିଁ ନିତ୍ୟ (Absolute); ଯେ ଈଶ୍ୱର ବୋଲି ଗୋଚର ହୁଅନ୍ତି, ସେ ହିଁ ଜୀବ-ଜଗତ ହୋଇଛନ୍ତି । ଯେ ଜାଣିଛି, ସେ ଦେଖେ ଯେ, ସେ ସବୁ ହୋଇଛନ୍ତି ବାପା, ମା', ପୁଅ, ପଡ଼ୋଶୀ, ଜୀବଜନ୍ତୁ, ଭଲ-ମନ୍ଦ, ଶୁଚି, ଅଶୁଚି ସମସ୍ତ ।''

### ପାପବୋଧ ଓ ଦାୟିତ୍ୱ

ପ୍ରତିବେଶୀ — ତେବେ ପାପପୁଣ୍ୟ ନାହିଁ ?

ଶ୍ରୀରାମକୃଷ୍ଣ — ଅଛି, ପୁଣି ନାହିଁ । ସେ ଯଦି ଅହଂତତ୍ତ୍ୱ (ego) ରଖି ଦିଅନ୍ତି, ତା' ହେଲେ ଭେଦ ବୁଦ୍ଧି ମଧ୍ୟ ରଖି ଦିଅନ୍ତି, ପାପ-ପୁଣ୍ୟର ଜ୍ଞାନ ମଧ୍ୟ ରଖି ଦିଅନ୍ତି । ସେ ଜଣେ ଦୁଇଜଣଙ୍କର ଅହଙ୍କାର ଏକାବେଳକେ ପୋଛି ଦିଅନ୍ତି — ସେମାନେ ପାପ-ପୁଣ୍ୟ, ଭଲ-ମନ୍ଦର ପାର ହୋଇଯାଆନ୍ତି । ଈଶ୍ୱର-ଦର୍ଶନ ଯେପର୍ଯ୍ୟନ୍ତ ନ ହୁଏ, ସେପର୍ଯ୍ୟନ୍ତ ଭେଦବୁଦ୍ଧି ଭଲମନ୍ଦ ଜ୍ଞାନ ରହିବ ହିଁ ରହିବ । ତୁମେ ମୁହଁରେ କହିପାର, 'ମୋର ପାପ-ପୁଣ୍ୟ ସମାନ ହୋଇଯାଇଛି, ସେ ଯେପରି କରାଉଛନ୍ତି, ସେପରି କରୁଛି ।' କିନ୍ତୁ ଭିତରେ ଜାଣିଛ ଯେ ଏସବୁ କଥା ମାତ୍ର; ମନ୍ଦ କାମଟିଏ କଲେ ମନ ଗୁଡ଼ୁପୁଡ଼ୁ ହେବ । ଈଶ୍ୱର-ଦର୍ଶନ ପରେ ମଧ୍ୟ ଯଦି ତାଙ୍କର ଇଚ୍ଛା ହୁଏ, ତେବେ ସେ 'ଦାସ ମୁଁ' ରଖି ଦିଅନ୍ତି । ସେହି ଅବସ୍ଥାରେ ଭକ୍ତ କହେ — ମୁଁ ଦାସ, ତୁମେ ପ୍ରଭୁ । ଈଶ୍ୱରୀୟ କଥା, ଈଶ୍ୱରୀୟ କାମ ସେହି ଭକ୍ତକୁ ଭଲ ଲାଗେ; ଈଶ୍ୱର ବିମୁଖ ଲୋକକୁ ସେ ଭଲ ପାଏ ନାହିଁ; ଈଶ୍ୱରଙ୍କ ସହ ଯୁକ୍ତ ନ ଥିବା କାମ ଭଲ ଲାଗେ ନାହିଁ । ତେବେ ଦେଖୁଛ, ଏପରି ଭକ୍ତଙ୍କ ଠାରେ ମଧ୍ୟ ସେ ଭେଦବୁଦ୍ଧି ରଖନ୍ତି ।

ପ୍ରତିବେଶୀ — ଆପଣ କହୁଛନ୍ତି ଯେ, ଈଶ୍ୱରଙ୍କୁ ଜାଣି ସଂସାର କର । ତାଙ୍କୁ କ'ଣ ଜଣାଯାଏ ?

### ଅଜ୍ଞାତ ଓ ଅଜ୍ଞେୟ

ଶ୍ରୀରାମକୃଷ୍ଣ — ତାଙ୍କୁ ଇନ୍ଦ୍ରିୟଦ୍ୱାରା ବା ଏ ମନ ଦ୍ୱାରା ଜଣାଯାଏ ନାହିଁ । ଯେଉଁ ମନରେ ବିଷୟ — ବାସନା ନାହିଁ, ସେହି ଶୁଦ୍ଧମନ ଦ୍ୱାରା ତାଙ୍କୁ ଜଣାଯାଏ ।

ପ୍ରତିବେଶୀ — ଈଶ୍ୱରଙ୍କୁ କିଏ ଜାଣିପାରେ ?

ଶ୍ରୀରାମକୃଷ୍ଣ — ଠିକ୍ କିଏ ଜାଣିବ ? ଆମର ଯେତିକି ଦରକାର, ସେତିକି ହେଲେ ହେଲା । କୂଅର ସବୁଯାକ ପାଣି ମୋର କ'ଣ ଦରକାର ! ଢାଳେ ପାଣି ହେଲେ ଯଥେଷ୍ଟ । ଚିନି-ପାହାଡ଼ ପାଖକୁ ଗୋଟିଏ ପିମ୍ପୁଡ଼ି ଯାଇଥିଲା । ତା'ର ସମୁଦାୟ ପାହାଡ଼ଟା କଅଣ ଦରକାର ? ଗୋଟିଏ ଦୁଇଟା ଦାନା ହେଲେ ହିଁ ତା'ର ହେଉଡ଼ି ହାକୁଟି ଉଠେ ।

ପ୍ରତିବେଶୀ — ଆମର ଯେ ବିକାର, ଢାଳେ ପାଣିରେ ହେଉଛି କେଉଁଠୁ ? ଇଚ୍ଛା ହୁଏ, ଈଶ୍ୱରଙ୍କୁ ସମ୍ପୂର୍ଣ୍ଣ ଜାଣି ନେବି ।

**ସଂସାର — ବିକାରରୋଗ ଔଷଧ — 'ମାମେକଂ ଶରଣଂ ବ୍ରଜ'**

ଶ୍ରୀରାମକୃଷ୍ଣ — ତା' ଅବଶ୍ୟ । କିନ୍ତୁ ବିକାରର ଔଷଧ ମଧ୍ୟ ଅଛି ।

ପ୍ରତିବେଶୀ — ମହାଶୟ, କି ଔଷଧ ?

ଶ୍ରୀରାମକୃଷ୍ଣ — ସାଧୁସଙ୍ଗ, ତାଙ୍କର ନାମଗୁଣ-ଗାନ ଓ ତାଙ୍କୁ ସର୍ବଦା ପ୍ରାର୍ଥନା । ମୁଁ କହିଥିଲି 'ମା' ! ମୁଁ ଜ୍ଞାନ ଚାହେଁ ନାହିଁ; ଏଇ ନିଅ ତୁମର ଜ୍ଞାନ, ଏଇ ନିଅ ତୁମର ଅଜ୍ଞାନ । ମା', ମୋତେ ତୁମର ପାଦପଦ୍ମରେ କେବଳ ଶୁଦ୍ଧାଭକ୍ତି ଦିଅ । ଆଉ ମୁଁ କିଛି ଚାହେଁ ନାହିଁ ।

''ଯେପରି ରୋଗ, ତା'ର ସେପରି ଔଷଧ । ଗୀତାରେ ସେ କହିଛନ୍ତି, 'ହେ ଅର୍ଜୁନ ତୁମେ ମୋର ଶରଣ ପଶ, ମୁଁ ତୁମକୁ ସବୁ ପାପରୁ ମୁକ୍ତ କରିଦେବି । ତାଙ୍କର ଶରଣାଗତ ହୁଅ, ସେ ସଦ୍‌ବୁଦ୍ଧି ଦେବେ; ସେ ସମସ୍ତ ଭାର ନେବେ । ସେତେବେଳେ ସବୁ ପ୍ରକାର ବିକାର ଦୂର ହୋଇଯିବ । ଏ ବୁଦ୍ଧି ଦ୍ୱାରା କ'ଣ ତାଙ୍କୁ ବୁଝାଯାଏ ! ସେରିକିଆ ଠେକିରେ କଅଣ ଚାରିସେର ଦୁଧ ଧରେ ! ଆଉ ସେ ବୁଝାଇ ନ ଦେଲେ କଅଣ ବୁଝା ଯାଏ ! ତେଣୁ କହୁଛି — ତାଙ୍କର ଶରଣାଗତ ହୁଅ — ତାଙ୍କର ଯାହା ଇଚ୍ଛା, ସେ ତାହା କରନ୍ତୁ । ସେ ଇଚ୍ଛାମୟ ! ମନୁଷ୍ୟର କ'ଣ ଶକ୍ତି ଅଛି ?''

# ଦଶମ ପରିଚ୍ଛେଦ

## (୧)

## ଠାକୁର ଶ୍ରୀରାମକୃଷ୍ଣ ଦକ୍ଷିଣେଶ୍ୱର କାଳୀମନ୍ଦିରରେ ଭକ୍ତମାନଙ୍କ ସଙ୍ଗରେ

ରବିବାର, ୯ ଡିସେମ୍ବର, ୧୮୮୩ ଖ୍ରୀଷ୍ଟାବ୍ଦ, ମାର୍ଗଶୀର ଶୁକ୍ଳାଦଶମୀ ତିଥି, ସମୟ ପ୍ରାୟ ଗୋଟାଏ ଦୁଇଟା ହେବ । ଠାକୁର ଶ୍ରୀରାମକୃଷ୍ଣ ନିଜ ଘରେ ସେହି ଛୋଟ ଖଟଟି ଉପରେ ବସି ଭକ୍ତମାନଙ୍କ ସଙ୍ଗରେ ହରିକଥା କହୁଛନ୍ତି । ଅଧର, ମନମୋହନ, ଠନ୍‌ଠନ୍‌ର ଶିବଚନ୍ଦ୍ର, ରାଖାଲ, ମାଷ୍ଟର, ହରୀଶ୍ ଇତ୍ୟାଦି ଅନେକେ ବସିଛନ୍ତି, ହାଜରା ମଧ୍ୟ ସେତେବେଳେ ସେହିଠାରେ ଥିଲେ । ଠାକୁର ମହାପ୍ରଭୁଙ୍କ ଅବସ୍ଥା ବର୍ଣ୍ଣନା କରୁଛନ୍ତି ।

### ଭକ୍ତିଯୋଗ, ସମାଧିତତ୍ତ୍ୱ ଓ ମହାପ୍ରଭୁଙ୍କ ଅବସ୍ଥା

ଶ୍ରୀରାମକୃଷ୍ଣ (ଭକ୍ତମାନଙ୍କ ପ୍ରତି) — ଚୈତନ୍ୟଦେବଙ୍କର ତିନୋଟି ଅବସ୍ଥା ହେଉଥିଲା ।

୧: ବାହ୍ୟଦଶା — ସେତେବେଳେ ତାଙ୍କର ମନ ସ୍ଥୂଳ ଆଉ ସୂକ୍ଷ୍ମରେ ରହୁଥିଲା ।

୨: ଅର୍ଦ୍ଧବାହ୍ୟ ଦଶା — ସେତେବେଳେ କାରଣ ଶରୀରରେ, କାରଣାନନ୍ଦଙ୍କୁ ମନ ଯାଇଛି ।

୩: ଅନ୍ତର୍ଦ୍ଦଶା — ସେତେବେଳେ ମହାକାରଣରେ ମନ ଲୟ ହେଉଥିଲା ।

''**ବେଦାନ୍ତର ପଞ୍ଚକୋଷ** ସଙ୍ଗରେ, ଏହାର ବେଶ୍ ମେଳ ଅଛି । ସ୍ଥୂଳଶରୀର ଅର୍ଥାତ୍ ଅନ୍ନମୟ ଓ ପ୍ରାଣମୟ କୋଷ । ସୂକ୍ଷ୍ମଶରୀର, ଅର୍ଥାତ୍ ମନୋମୟ ଓ ବିଜ୍ଞାନମୟ କୋଷ । କାରଣ ଶରୀର, ଅର୍ଥାତ୍ ଆନନ୍ଦମୟ କୋଷ । ମହାକାରଣ ପଞ୍ଚକୋଷର ଅତୀତ । ମହାକାରଣରେ ଯେତେବେଳେ ମନ ଲୀନ ହୁଏ, ସେତେବେଳେ ସମାଧିସ୍ଥ । ଏହାର ନାମ ନିର୍ବିକଳ୍ପ ବା ଜଡ଼ ସମାଧି ।

''ଚୈତନ୍ୟଦେବଙ୍କର ଯେତେବେଳେ ବାହ୍ୟଦଶା ହେଉଥିଲା ସେତେବେଳେ ସେ ନାମ-ସଂକୀର୍ତ୍ତନ କରୁଥିଲେ । ଅର୍ଦ୍ଧବାହ୍ୟ ଦଶାରେ ଭକ୍ତଙ୍କ ସଙ୍ଗରେ ନୃତ୍ୟ କରୁଥିଲେ । ଅନ୍ତର୍ଦ୍ଦଶାରେ ସମାଧିସ୍ଥ ରହୁଥିଲେ ।''

ମାଷ୍ଟର(ସ୍ୱଗତଃ) — ଠାକୁର କ'ଣ ନିଜର ସମସ୍ତ ଅବସ୍ଥା ଏହିପରି ଇଙ୍ଗିତ କରୁଛନ୍ତି ? ଚୈତନ୍ୟଦେବଙ୍କର ମଧ୍ୟ ଏହିପରି ହେଉଥିଲା ।

ଶ୍ରୀରାମକୃଷ୍ଣ — ଚୈତନ୍ୟ ଭକ୍ତିର ଅବତାର; ଜୀବକୁ ଭକ୍ତି ଶିଖାଇବାକୁ ଆସିଥିଲେ । ତାଙ୍କ ଉପରେ ଭକ୍ତି ହେଲା ତ ସବୁ ହୋଇଗଲା । ହଠଯୋଗର କିଛି ଦରକାର ନାହିଁ ।

### ହଠଯୋଗ ଓ ରାଜଯୋଗ

ଜଣେ ଭକ୍ତ — ଆଜ୍ଞା, ହଠଯୋଗ କଅଣ ?

ଶ୍ରୀରାମକୃଷ୍ଣ — ହଠଯୋଗରେ ଦେହ ଉପରେ ବେଶୀ ମନୋଯୋଗ ଦେବାକୁ ହୁଏ ବୋଲି ବାଉଁଶ ନଳ ସାହାଯ୍ୟରେ ଗୁହ୍ୟଦ୍ୱାର ପରିଷ୍କାର କରନ୍ତି । ଲିଙ୍ଗ ଦ୍ୱାରା ଦୁଧ ଘିଅ ଟାଣନ୍ତି । ଜିହ୍ୱା ସିଦ୍ଧି ଅଭ୍ୟାସ କରନ୍ତି । ଆସନ କରି ଶୂନ୍ୟକୁ ବେଳେ ବେଳେ ଉଠନ୍ତି । ସେସବୁ ବାୟୁର କାର୍ଯ୍ୟ । ଜଣେ କୁହୁକ ଦେଖାଉ ଦେଖାଉ ତାଲୁ ଭିତରକୁ ଜିହ୍ୱା ପୂରାଇ ଦେଇଥିଲା । ସଙ୍ଗେ ସଙ୍ଗେ ତା'ର ଦେହ ସ୍ଥିର ହୋଇଗଲା । ଲୋକମାନେ ଭାବିଲେ ମରି ଯାଇଛି । ତେଣୁ ତାକୁ ସମାଧି ଦେଇଦେଲେ । ବହୁକାଳ ପରେ ସେହି ସମାଧି କୌଣସି କାରଣରୁ ଭାଙ୍ଗିଗଲା । ସେତେବେଳେ ଲୋକଟିର ହଠାତ୍ ଚୈତନ୍ୟହେଲା । ଚୈତନ୍ୟ ହେବା ସଙ୍ଗେ ସଙ୍ଗେ ସେ ଚିତ୍କାର କରିବାକୁ ଲାଗିଲା, — ଲାଗ୍ ଭେଳକି ଲାଗ୍ ଭେଳକି । (ସମସ୍ତଙ୍କର ହାସ୍ୟ) । ଏ ସମସ୍ତ ବାୟୁର କାର୍ଯ୍ୟ ।

''ହଠଯୋଗକୁ ବେଦାନ୍ତବାଦୀମାନେ ମାନନ୍ତି ନାହିଁ ।''

''ହଠଯୋଗ ଆଉ ରାଜଯୋଗ । ରାଜଯୋଗରେ ମନ ଦ୍ୱାରା ଯୋଗ ହୁଏ — ଭକ୍ତି ଦ୍ୱାରା, ବିଚାର ଦ୍ୱାରା ଯୋଗ ହୁଏ । ସେହି ଯୋଗ ଭଲ । ହଠଯୋଗ ଭଲ ନୁହେଁ; କଳିରେ ଅନ୍ନଗତ ପ୍ରାଣ ।''

## (୨)

### ଠାକୁରଙ୍କର ତପସ୍ୟା — ଠାକୁରଙ୍କର ଆତ୍ମୀୟ ଓ ଭବିଷ୍ୟତ ମହାତୀର୍ଥ

ଠାକୁର ଶ୍ରୀରାମକୃଷ୍ଣ ନହବତ ପାଖ ରାସ୍ତାରେ ଠିଆ ହୋଇଛନ୍ତି । ଦେଖୁଛନ୍ତି ନହବତର ବାରଣ୍ଡାର ଗୋଟିଏ ପଟରେ ବସି, ବାଡ଼ ଆଢୁଆଳରେ ମଣି ଗଭୀର ଚିନ୍ତାମଗ୍ନ । ସେ କଅଣ ଭଗବାନଙ୍କୁ ଚିନ୍ତା କରୁଛନ୍ତି ? ଠାକୁର ଝାଉଁତଳକୁ ଯାଇଥିଲେ, ମୁହଁ ଧୋଇ ସେଠାରେ ଆସି ଠିଆହେଲେ ।

ଶ୍ରୀରାମକୃଷ୍ଣ — କଅଣ, ଏଠି ବସିଛ ! ତୁମର ଶୀଘ୍ର ହେବ । ଟିକିଏ କଲା ମାତ୍ରେ କେହି କହିଦେବେ, ଏଇ ଏଇ !

ଚମକି ପଡ଼ି ସେ ଠାକୁରଙ୍କ ଆଡ଼କୁ ଚାହିଁଲେ । ଏ ପର୍ଯ୍ୟନ୍ତ ଆସନ ତ୍ୟାଗ କରିନାହାନ୍ତି ।

ଶ୍ରୀରାମକୃଷ୍ଣ — ତୁମର ସମୟ ହୋଇଛି । ବେଳ ନ ହେଲେ ଚଢ଼େଇ ଅଣ୍ଡା ଫୁଟାଏ ନାହିଁ । ଯେଉଁ ଥାକ କହିଛି ତୁମେ ନିଶ୍ଚୟ ସେହି ଥାକର । ଏହା କହି ଠାକୁର ମଣିଙ୍କର 'ଥାକ' ବିଷୟ ପୁନର୍ବାର କହିଦେଲେ ।

''ସମସ୍ତଙ୍କୁ ଯେ ବେଶୀ ତପସ୍ୟା କରିବାକୁ ପଡ଼େ ତାହା ନୁହେଁ । ମୋତେ କିନ୍ତୁ ବହୁତ କଷ୍ଟ କରିବାକୁ ପଡ଼ିଥିଲା । ମାଟିର ଢ଼େଲା ମୁଣ୍ଡତଳେ ଦେଇ ପଡ଼ି ରହୁଥିଲି । କିପରି ଦିନ ଯାଉଥିଲା ଜାଣି ପାରୁ ନ ଥିଲି । କେବଳ ମା' ମା' ବୋଲି ଡାକୁଥିଲି, କାନ୍ଦୁଥିଲି ।''

ମଣି ଠାକୁରଙ୍କ ପାଖକୁ ପ୍ରାୟ ଦୁଇବର୍ଷ ହେଲା ଆସୁଛନ୍ତି । ସେ ଇଂରାଜୀ ପଢ଼ିଛନ୍ତି । ଠାକୁର ତା'ଙ୍କୁ ବେଳେବେଳେ ଇଂଲିଶ୍‌ମ୍ୟାନ୍ ବୋଲି ଡାକୁଥିଲେ । କଲେଜରେ ପଢ଼ିଛନ୍ତି । ବିବାହ କରିଛନ୍ତି ।

ସେ କେଶବ ଓ ଅନ୍ୟାନ୍ୟ ପଣ୍ଡିତମାନଙ୍କର ଲେକ୍ଚର ଶୁଣିବାକୁ, ଇଂରାଜୀ ଦର୍ଶନ ଓ ବିଜ୍ଞାନ ପଢ଼ିବାକୁ ଭଲ ପାଉଥିଲେ । କିନ୍ତୁ ଠାକୁରଙ୍କ ପାଖକୁ ଆସିବା ଦିନରୁ ଇଉରୋପୀୟ ପଣ୍ଡିତମାନଙ୍କର ଗ୍ରନ୍ଥ ଏବଂ ଇଂରାଜୀ ବା ଅନ୍ୟ ଭାଷାର ଲେକ୍ଚର ତାଙ୍କୁ ଅଲଣା ଲାଗୁଛି । ଏବେ କେବଳ ଠାକୁରଙ୍କୁ ରାତିଦିନ ଦେଖିବାକୁ ଓ ତାଙ୍କ ଶ୍ରୀମୁଖର କଥା ଶୁଣିବାକୁ ଭଲ ଲାଗୁଛି ।

ଆଜିକାଲି ସେ ଠାକୁରଙ୍କର ଗୋଟିଏ କଥା ସବୁବେଳେ ଭାବୁଛନ୍ତି । ଠାକୁର କହିଛନ୍ତି, **'ସାଧନ କଲେ ହିଁ ଈଶ୍ୱରଙ୍କୁ ଦେଖାଯାଏ ଏବଂ ଈଶ୍ୱର-ଦର୍ଶନ ହିଁ ମନୁଷ୍ୟ-ଜୀବନର ଉଦ୍ଦେଶ୍ୟ ।'**

ଶ୍ରୀରାମକୃଷ୍ଣ — ଟିକିଏ କଲେ ହିଁ କେହି କହିଦେବେ ଏଇ ଏଇ । ତୁମେ ଏକାଦଶୀ କର । ତୁମେମାନେ ନିଜ ଲୋକ, ଆତ୍ମୀୟ । ତା ନହେଲେ ଏତେ ଆସନ୍ତ କାହିଁକି ? କୀର୍ତ୍ତନ ଶୁଣୁ ଶୁଣୁ ରାଖାଲକୁ ଦେଖିଥିଲି ବ୍ରଜ-ମଣ୍ଡଳ ଭିତରେ ରହିଛି । ନରେନ୍ଦ୍ରର ଖୁବ୍ ଉଚ୍ଚସ୍ତର । ଆଉ ହୀରାନନ୍ଦ । ତା'ର କିପରି ବାଳକ ସ୍ୱଭାବ ! ତା'ର ଉତ୍ତମ ସ୍ୱଭାବ । ତାକୁ ବି ଦେଖିବାକୁ ଇଚ୍ଛା ହୁଏ ।

### ପୂର୍ବକଥା — ଗୌରାଙ୍ଗଙ୍କରସାଙ୍ଗୋପାଙ୍ଗ — ତୁଳସୀକାନନ — ସେଜୋବାବୁଙ୍କ ସେବା

''**ଗୌରାଙ୍ଗଙ୍କର ସାଙ୍ଗୋପାଙ୍ଗକୁ** ଦେଖିଥିଲି । ଭାବରେ ନୁହେଁ, ଏଇ ଆଖିରେ । ଆଗେ ଏପରି ଅବସ୍ଥା ଥିଲା ଯେ ଖାଲି ଆଖିରେ ସବୁ ଦର୍ଶନ ହେଉଥିଲା । ଏବେ ଭାବରେ ହୁଏ । **ଏଇ ଆଖିରେ ଗୌରାଙ୍ଗଙ୍କର ସାଙ୍ଗୋପାଙ୍ଗ ସମସ୍ତଙ୍କୁ ଦେଖିଥିଲି । ତାଙ୍କ ଭିତରେ ତୁମକୁ ମଧ୍ୟ ଦେଖିଥିଲି । ବଳରାମକୁ ବି ଦେଖିଥିଲି ।**

''କାହାକୁ ଦେଖିଲେ ହଠାତ୍ ଉଠି ଠିଆ ହୁଏ କାହିଁକି ଜାଣ; ଆତ୍ମୀୟମାନଙ୍କୁ ବହୁ ଦିନ ପରେ ଦେଖିଲେ ଏହିପରି ହୁଏ ।

''ମାଆଙ୍କୁ କାନ୍ଦି କାନ୍ଦି କହୁଥିଲି ମା' ! ଭକ୍ତମାନଙ୍କ ପାଇଁ ମୋର ପ୍ରାଣ ଛଟପଟ ହେଉଛି । ସେମାନଙ୍କୁ ଶୀଘ୍ର ଆଣି ଦେ । ଯାହା ଭାବୁଥିଲି ତାହା ଘଟୁଥିଲା ।

''ପଞ୍ଚବଟୀରେ ତୁଳସୀ-କାନନ କରିଥିଲି ଜପ-ଧ୍ୟାନ କରିବି ବୋଲି । ବାଉଁଶରେ ବାଡ଼ ଦେବା ପାଇଁ ଇଚ୍ଛା ହେଲା । ତା'ପରେ ଦେଖିଲି ଜୁଆରରେ ଗୋଟିଏ ବାଉଁଶ ଗୋଛା, କିଛି ଦଉଡ଼ି, ଠିକ୍ ପଞ୍ଚବଟୀ ଆଗରେ ଆସି ଲାଗିଛି । ମନ୍ଦିରର ମାଳୀ ନାଚି ନାଚି ଆସି ଖବର ଦେଲା ।

''ଯେତେବେଳେ ଏହି ଅବସ୍ଥା ହେଲା ଆଉ ପୂଜା କରିପାରିଲି ନାହିଁ । କହିଲି ମା' ! ମୋତେ କିଏ ଦେଖିବ ? ମୋର ଏପରି ଶକ୍ତି ନାହିଁ ଯେ ନିଜର ଭାର ନିଜେ ନେଇ ପାରିବି । ତୁମର କଥା ଶୁଣିବାକୁ ଓ ଭକ୍ତମାନଙ୍କୁ ଖୁଆଇବାକୁ ଇଚ୍ଛା ହୁଏ । କାହାକୁ ସାମନାରେ ଦେଖିଲେ କିଛି ଦେବାକୁ ଇଚ୍ଛା ହୁଏ । ଏସବୁ ମା', କିପରି ହେବ ? ମା' ତୁମେ ଜଣେ ବଡ଼ ଲୋକକୁ ମୋ ପଛରେ ଦିଅ । ସେଥିପାଇଁ ତ ସେଜୋବାବୁ ଏତେ ସେବା କଲା ।

''ପୁଣି କହିଥିଲି, ମା' ! ମୋର ତ ଆଉ ସନ୍ତାନ ହେବ ନାହିଁ କିନ୍ତୁ ଇଚ୍ଛା ହୁଏ ଗୋଟିଏ ଶୁଦ୍ଧଭକ୍ତ ପିଲା ମୋ ସଙ୍ଗରେ ସବୁବେଳେ ରହିବ । ଏପରି ଗୋଟିଏ ପିଲା ମୋତେ ଦିଅ । ସେଥିପାଇଁ ତ ରାଖାଲ ଆସିଲା । ଯେଉଁମାନେ ଆତ୍ମୀୟ, ସେମାନେ କେହି ଅଂଶ, କେହି କଳା ।''

ଠାକୁର ପୁଣି ପଞ୍ଚବଟୀ ଆଡ଼କୁ ଯାଉଛନ୍ତି । ମାଷ୍ଟର ସଙ୍ଗରେ ଅଛନ୍ତି, ଆଉ କେହି ନାହାନ୍ତି । ଠାକୁର ସହାସ୍ୟ ତାଙ୍କ ସହିତ ନାନା କଥା କହୁଛନ୍ତି ।

## ପୂର୍ବକଥା — ଅଦ୍ଭୁତ ମୂର୍ତ୍ତି ଦର୍ଶନ — ବରଗଛର ଡାଳ

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି) — ଦେଖ, ଦିନେ ଦେଖିଲି — କାଳୀଘର-ଠାରୁ ପଞ୍ଚବଟୀ ପର୍ଯ୍ୟନ୍ତ ଗୋଟିଏ ଅଦ୍ଭୁତ ମୂର୍ତ୍ତି । ଏହା ତୁମର ବିଶ୍ୱାସ ହୁଏ ?

ମାଷ୍ଟର ଅବାକ୍ ହୋଇ ରହିଲେ ।

ସେ ପଞ୍ଚବଟୀର ଶାଖାରୁ ଗୋଟିଏ ଦୁଇଟି ପତ୍ର ପକେଟ୍‌ରେ ରଖୁଛନ୍ତି ।

ଶ୍ରୀରାମକୃଷ୍ଣ — ଏହି ଡାଳ ପଡ଼ିଯାଇଛି, ଦେଖୁଛ ଏହା ତଳେ ମୁଁ ବସୁଥିଲି ।

ମାଷ୍ଟର — ମୁଁ ଏହାର ଖଣ୍ଡିଏ କଅଁଡାଳ ଭାଙ୍ଗି ନେଇଯାଇଛି — ଘରେ ରଖିଦେଇଛି ।

ଶ୍ରୀରାମକୃଷ୍ଣ (ସହାସ୍ୟ) — କାହିଁକି ?

ମାଷ୍ଟର — ଦେଖିଲେ ଆନନ୍ଦ ହୁଏ । ସବୁ ସରିଗଲେ ଏହି ସ୍ଥାନ ମହାତୀର୍ଥ ହେବ ।

ଶ୍ରୀରାମକୃଷ୍ଣ (ସହାସ୍ୟ) — କିପରି ତୀର୍ଥ ? କ'ଣ ପେନେଟୀ ପରି ?

ପେନେଟୀରେ ମହାସମାରୋହରେ ରାଘବ ପଣ୍ଡିତଙ୍କର ମହୋତ୍ସବ ହୁଏ । ଠାକୁର ଶ୍ରୀରାମକୃଷ୍ଣ ପ୍ରାୟ ପ୍ରତିବର୍ଷ ଏହି ମହୋତ୍ସବ ଦେଖିବାକୁ ଯାଆନ୍ତି ଓ ସଂକୀର୍ତ୍ତନ ମଧ୍ୟରେ ପ୍ରେମାନନ୍ଦରେ ନୃତ୍ୟ କରନ୍ତି, ଯେପରି ଶ୍ରୀଗୌରାଙ୍ଗ ଭକ୍ତଙ୍କ ଡାକ ଶୁଣି ସ୍ଥିର ରହି ନ ପାରି, ନିଜେ ଆସି ସଂକୀର୍ତ୍ତନ ମଧ୍ୟରେ ପ୍ରେମମୂର୍ତ୍ତି ଦେଖାଉଛନ୍ତି ।

## (୩)

### ହରିକଥା ପ୍ରସଙ୍ଗରେ

ସନ୍ଧ୍ୟା ହେଲା । ଠାକୁର ଶ୍ରୀରାମକୃଷ୍ଣ ଘରର ଛୋଟ ଖଟଟିରେ ବସି ମା'ଙ୍କର ଚିନ୍ତା କରୁଛନ୍ତି । କ୍ରମେ ମନ୍ଦିରରେ ଠାକୁରମାନଙ୍କର ଆଳତି ଆରମ୍ଭ ହେଲା । ଶଙ୍ଖ, ଘଣ୍ଟା ବାଜିବାକୁ ଲାଗିଲା । ମାଷ୍ଟର ଆଜି ରାତିରେ ରହିବେ ।

କିଛିକ୍ଷଣ ପରେ ଠାକୁର ମାଷ୍ଟରଙ୍କୁ ଭକ୍ତମାଳ ପାଠ କରି ଶୁଣାଇବାକୁ କହିଲେ । ମାଷ୍ଟର ପଢୁଛନ୍ତି —

### ଚରିତ୍ର — ଶ୍ରୀମହରାଜ ଶ୍ରୀଜୟମଲ

**ଜୟମଲ ନାମେ ଏକ ରାଜା ଶୁଦ୍ଧମତି । ଅନିର୍ବଚନୀୟ ତାଙ୍କ ଶ୍ରୀକୃଷ୍ଣ ପୀରତି । ।।**

ଭକ୍ତି-ଅଙ୍ଗ-ଯାଜନେ ସେ ସୁଦୃଢ଼ ନିୟମ । ପାଷାଣର ରେଖା ଯେହ୍ନେ ନାହିଁ ବେଶୀ କମ ।।
ଶ୍ୟାମଳ ସୁନ୍ଦର ନାମ ଶ୍ରୀବିଗ୍ରହ ସେବା । ସେଥିରେ ପ୍ରସନ୍ନ, ନାହିଁ ଜାଣେ ଦେବୀ ଦେବା ।।
ଦଶଦଣ୍ଡ-ବେଳା-ବଧି ତାଙ୍କରି ସେବାରେ । ନିଯୁକ୍ତ ରହନ୍ତି ସଦା ଦୃଢ଼ ନିୟମରେ ।।
ରାଜ୍ୟଧନ ଯାଏ କିବା ବଜ୍ରାଘାତ ହୁଏ । ତଥାପି ସେ ସେବା ଛାଡ଼ି ଫେରି ନ ଚକାଏ ।।
ପ୍ରତିଯୋଗୀ ରାଜା ଏହି ଖବର ଜାଣିଣ । ସେହି ଅବସରେ ସେ କଲା ଆକ୍ରମଣ ।।
ରାଜାର ହୁକୁମ ବିନା ସୈନ୍ୟ-ଆଦି-ଗଣ । ଯୁଦ୍ଧ କରି ନ ପାରନ୍ତି କରି ନିରୀକ୍ଷଣ ।।
କ୍ରମେ କ୍ରମେ ଘେରିଗଲେ ଆସି ରିପୁଗଣ । ତେବେ ତେଣେ ନ ଗଲାଟି ତାହାଙ୍କର ମନ ।।
ମାତା ତାଙ୍କ ଆସି କଲେ କେତେ ଉଚ୍ଚ ଧ୍ୱନି । ଉଦ୍‌ବିଗ୍ନ ହୋଇ ସେ ଶିରେ କର ଦେଲେ ଆଣି ।।
ସର୍ବସ୍ୱ ନେଲେ ତ ଆଉ ସର୍ବନାଶ ହେଲା । ତଥାପି ତୋହର କିଛି ଭୃକ୍ଷେପ ନ ହେଲା ।।
ଜୟମଲ କହେ ମାତା କିମ୍ପା ଦୁଃଖ ଭାବ । ଯିଏ ଦେଲା ସେହି ନେବ ମୋର କି କର୍ତ୍ତବ୍ୟ ।।
ସେହି ଯଦି ରଖେ ତେବେ କିଏ ନେଇପାରେ । ଅତଏବ ସବୁ ଆମ ଉଦ୍ୟମ ବୃଥାରେ ।।
ଶ୍ୟାମଳସୁନ୍ଦର ଅଶ୍ୱ ଆରୋହଣ ତେଣେ । ଯୁଦ୍ଧ କରିବାକୁ ଗଲେ ଅସ୍ତ୍ର ଧରି ରଣେ ।।
ଏକା ଏକା ଭକ୍ତ ରିପୁ-ସୈନ୍ୟଗଣ ମାରି । ଆସି ବାନ୍ଧି ଦେଲେ ଘୋଡ଼ା ଅନ୍ୟ ସ୍ଥାନୋପରି ।।
ସେବା ସମାପନେ ରାଜା ନିରୀକ୍ଷଣେ ଦେଖେ । ଘୋଡ଼ାର ସର୍ବାଙ୍ଗେ ଘର୍ମ ଶ୍ୱାସ ବହେ ନାକେ ।।
ପ୍ରଶ୍ନ କଲେ ମୋର ଅଶ୍ୱେ ଆରୋହୀ କେ ହେଲା । ଠାକୁର-ମନ୍ଦିରେ କେବା ଆଣିଣ ବାନ୍ଧିଲା ।।
ସକଳେ କହିଲେ କିଏ ଚଢ଼ିଲା ବାନ୍ଧିଲା । ଜାଣି ନାହୁଁ ଆମେ ତାହା କିଏ ବା ଆଣିଲା ।।
ସଂଶୟ ଚିତ୍ତରେ ରାଜା ଭାବି ଭାବି ଏବେ । ସଇନ ସାମନ୍ତ ସହ ଚାଲିଗଲେ ଯୁଦ୍ଧେ ।।
ଯୁଦ୍ଧସ୍ଥାନେ ଯାଇ ନିରିଖନ୍ତି ଶତ୍ରୁ ସୈନ୍ୟ । ରଣ ଶଯ୍ୟାରେ ସୁପ୍ତ ମାତ୍ର ଏକ ଭିନ୍ନ ।।

ପ୍ରଧାନ ଯେ ରାଜା ଏବେ ସେହି ମାତ୍ର ଅଛି । ବିସ୍ମୟେ ପୁଛିଲେ ଏଥି କି କାରଣ ଅଛି ॥
ଇତି ଅବସରେ ସେହି ପ୍ରତିଯୋଗୀ ରାଜା । ଗଳବସ୍ତ୍ର ହୋଇ କଲେଟି ବହୁ ପୂଜା ॥
ଆସି ଜୟମଲ ମହାରାଜାଙ୍କ ଅଗ୍ରତେ । ନିବେଦନ କରି କହେ ହୋଇ ଯୋଡ଼ ହାତେ ॥
କି କହିବି ଯୁଦ୍ଧେ ତବ ଏକ ଯେ ସିପାହୀ । ପରମ ଆଶ୍ଚର୍ଯ୍ୟ ସିଏ ତ୍ରୈଲୋକ୍ୟ ବିଜୟୀ ॥
ଅର୍ଥ ନାହିଁ ମାଗେ ମୁହଁ ରାଜ୍ୟ ନାହିଁ ଚାହେଁ । ବରଞ୍ଚ ମୋହର ରାଜ୍ୟ ଚାଲ ଦେବି କହେ ॥
ଶ୍ୟାମଳ ସିପାହୀ ସେହି ଯୁଦ୍ଧକୁ ଆସିଲା । ତବ ସଙ୍ଗେ ପ୍ରୀତି କି ତା ଖୋଲି କହ ଭଲା ॥
ସୈନ୍ୟ ଯେ ମାରିଲା ମୋର ତାହା ମୁହିଁ ପାରେ । ମୋ ଚିତ୍ତକୁ ହରି ନେଲା ଦର୍ଶନ ମାତ୍ରରେ ॥
ଜୟମଲ ବୁଝିଲେ ଏ ଶ୍ୟାମଳଙ୍କ କର୍ମ । ପ୍ରତିଯୋଗୀ ରାଜା ମଧ୍ୟ ବୁଝିଲେ ସେ ମର୍ମ ॥
ଜୟମଲଙ୍କର ପାଦ ଧରି ସ୍ତବ କରେ । ଯାହାର ପ୍ରସାଦେ କୃଷ୍ଣ କୃପା ତାଙ୍କଠାରେ ॥
ସେ ସକଳ ଶ୍ରୀଚରଣେ ଶରଣ ମୋହର । ଶ୍ୟାମଳ ସିପାହୀ ଯେହ୍ନେ କରନ୍ତୁ ସ୍ୱୀକାର ॥

## ଭକ୍ତମାଳାରେ ଏକତରଫା ଭାବ—ଅନ୍ତରଙ୍ଗ କିଏ ?

## ଜନକ ଓ ଶୁକଦେବ

ଶ୍ରୀରାମକୃଷ୍ଣ—ତୁମର ଏସବୁ ବିଶ୍ୱାସ ହୁଏ ? ସେ ସିପାହୀ ହୋଇ ସୈନ୍ୟ ବିନାଶ କରିଥିଲେ, ଏସବୁ ବିଶ୍ୱାସ ହୁଏ ?

ମାଷ୍ଟର—ଭକ୍ତ ବ୍ୟାକୁଳ ହୋଇ ଡାକିଥିଲା, ଏ ଅବସ୍ଥା ବିଶ୍ୱାସ ହୁଏ । କିନ୍ତୁ ସେ ସିପାହୀ ଭାବରେ ଆସିଥିଲେ ଏସବୁ ବୁଝିପାରୁ ନାହିଁ । ସେ ସିପାହୀ ହୋଇ ଆସିପାରନ୍ତି, ତେବେ ସେମାନେ ତାଙ୍କୁ ଠିକ୍ ଠିକ୍ ଦେଖିଥିଲେ କି ନାହିଁ । କିଏ ଜାଣେ ?

ଶ୍ରୀରାମକୃଷ୍ଣ(ସହାସ୍ୟ)—ବହିଖଣ୍ଡକରେ ଭକ୍ତମାନଙ୍କ କଥା ଅଛି । ତେବେ ଏକତରଫା ଭାବ । ଯେଉଁମାନଙ୍କର ଅନ୍ୟ ମତ, ସେମାନଙ୍କର ନିନ୍ଦା କରାହୋଇଛି ।

ପରଦିନ ସକାଳେ ଉଦ୍ୟାନ ପଥରେ ଠିଆ ହୋଇ ଠାକୁର କଥା କହୁଛନ୍ତି । ମଣି କହୁଛନ୍ତି, ମୁଁ ତା' ହେଲେ ଏଠାରେ ଆସି ରହିବି ।

ଶ୍ରୀରାମକୃଷ୍ଣ—ଆଚ୍ଛା, ତୁମେମାନେ ଯେ ଏତେ ଆସୁଛ ଏହାର କାରଣ କ'ଣ ! ଲୋକମାନେ ସାଧୁଙ୍କୁ ଖୁବ୍ ହେଲେ ଥରେ ଦେଖିଯାଆନ୍ତି । ତୁମେମାନେ ଏତେ ଆସୁଛ ଏହାର ମାନେ କ'ଣ ?

ମଣି ଅବାକ୍ । ଠାକୁର ନିଜେ ହିଁ ପ୍ରଶ୍ନର ଉତ୍ତର ଦେଉଛନ୍ତି ।

ଶ୍ରୀରାମକୃଷ୍ଣ(ମଣିଙ୍କ ପ୍ରତି)—ଅନ୍ତରଙ୍ଗ ନ ହେଲେ କଅଣ ଆସନ୍ତ । ଅନ୍ତରଙ୍ଗ ମାନେ ଆତ୍ମୀୟ, ଆପଣାର ଲୋକ—ଯେପରି ବାପ, ପୁଅ, ଭାଇ, ଭଉଣୀ ।

"ସବୁକଥା କହେ ନାହିଁ । ତା' ହେଲେ ଆଉ ଆସିବ କାହିଁକି ?

"ଶୁକଦେବ ବ୍ରହ୍ମଜ୍ଞାନ ପାଇଁ ଜନକଙ୍କ ପାଖକୁ ଯାଇଥିଲେ । ଜନକ କହିଲେ, ଆଗେ ଦକ୍ଷିଣା ଦିଅ । ଶୁକଦେବ କହିଲେ, ଆଗେ ଉପଦେଶ ନ

ପାଇଲେ, ଦକ୍ଷିଣା କିପରି ଦେବି ? ଜନକ ହସି ହସି କହିଲେ, ତୁମର ବ୍ରହ୍ମଜ୍ଞାନ ହେଲେ ଆଉ କଅଣ ଗୁରୁଶିଷ୍ୟ ବୋଧ ରହିବ ? ତେଣୁ ଆଗେ ଦକ୍ଷିଣା କଥା କହିଲି ।''

## (୪)

### ସେବକ-ହୃଦୟରେ

ଶୁକ୍ଳପକ୍ଷ । ଚନ୍ଦ୍ର ଉଠିଛନ୍ତି । କାଳୀମନ୍ଦିରରେ ଉଦ୍ୟାନ-ପଥରେ ମଣି ପଦଚାରଣ କରୁଛନ୍ତି । ରାସ୍ତାର ଗୋଟିଏ ପାଖରେ ଠାକୁର ଶ୍ରୀରାମକୃଷ୍ଣଙ୍କ ଘର, ନହବତଖାନା, ବଉଳ ଗଛ ଓ ପଞ୍ଚବଟୀ ଅନ୍ୟ ପାଖରେ ଭାଗୀରଥୀ—ଜ୍ୟୋସ୍ନାମୟୀ ।

ମଣି ମନକୁ ମନ କହୁଛନ୍ତି—''ସତରେ କଅଣ ଈଶ୍ୱର-ଦର୍ଶନ ହୁଏ ? ଠାକୁର ଶ୍ରୀରାମକୃଷ୍ଣ ତ କହୁଛନ୍ତି । କହିଲେ, ଟିକିଏ କିଛି କଲେ କେହି ଆସି କହିଦେବେ, 'ଏଇ ଏଇ' । ଅର୍ଥାତ୍ ଟିକିଏ ସାଧନାର କଥା କହିଲେ । ଆଚ୍ଛା, ବିବାହ, ପିଲାପିଲି ହୋଇଛି, ଏଥିରେ କଅଣ ତାଙ୍କୁ ଲାଭ କରାଯାଏ ? ଟିକିଏ ଚିନ୍ତା କରି ନିଶ୍ଚୟ କରାଯାଏ । ତା'ନ ହେଲେ ଠାକୁର କହୁଛନ୍ତି କାହିଁକି ? ତାଙ୍କର କୃପା ହେଲେ କାହିଁକି ନ ହେବ ?

''ସମ୍ମୁଖରେ ଏହି ଜଗତ—ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର ଜୀବ ଚତୁର୍ବିଂଶତିତତ୍ତ୍ୱ । ଏସବୁ କିପରି ହେଲା, ଏହାର କର୍ତ୍ତା ବା କିଏ, ମୁଁ ବା ତାଙ୍କର କିଏ—ଏହା ନ ଜାଣିଲେ ଜୀବନ ବୃଥା !

''ଠାକୁର ଶ୍ରୀରାମକୃଷ୍ଣ ପୁରୁଷଶ୍ରେଷ୍ଠ । ଏପରି ମହାପୁରୁଷ ଏ ପର୍ଯ୍ୟନ୍ତ ମୋ ଜୀବନରେ ଦେଖି ନାହିଁ । ସେ ନିଶ୍ଚୟ ଈଶ୍ୱରଙ୍କୁ ଦେଖିଛନ୍ତି । ତା ନ ହେଲେ, ମା' ମା' କହି କାହା ସଙ୍ଗରେ ଦିନରାତି କଥା ହୁଅନ୍ତି ! ନ ହେଲେ ଈଶ୍ୱରଙ୍କ ଉପରେ ତାଙ୍କର ଏତେ ଅନୁରାଗ କିପରି ହେଲା । ଏତେ ଅନୁରାଗ ଯେ ବାହ୍ୟଜ୍ଞାନ ଶୂନ୍ୟ ହୋଇ ପଡ଼ନ୍ତି । ସମାଧିସ୍ଥ, ଜଡ଼ପରି ହୋଇଯାଆନ୍ତି ! ପୁଣି ବେଳେବେଳେ ପ୍ରେମରେ ଉନ୍ମତ୍ତ ହୋଇ ହସନ୍ତି, କାନ୍ଦନ୍ତି, ନାଚନ୍ତି, ଗାଆନ୍ତି !''

# ଏକାଦଶ ପରିଚ୍ଛେଦ

## (୧)

## ଦକ୍ଷିଣେଶ୍ୱରରେ ଭକ୍ତମାନଙ୍କ ସଙ୍ଗରେ ଠାକୁର ଶ୍ରୀରାମକୃଷ୍ଣ

ମାର୍ଗଶୀର ପୂର୍ଣ୍ଣିମା ଓ ସଂକ୍ରାନ୍ତି; ଶୁକ୍ରବାର ୧୪ ଡିସେମ୍ବର ୧୮୮୩, ସକାଳ ନଅଟା । ଠାକୁର ଶ୍ରୀରାମକୃଷ୍ଣ ତାଙ୍କ ଘରର ଦ୍ୱାର ପାଖରେ ଦକ୍ଷିଣ-ପୂର୍ବ ବାରଣ୍ଡାରେ ଠିଆ ହୋଇଛନ୍ତି । ରାମଲାଲ ମଧ୍ୟ ନିକଟରେ ଠିଆ ହୋଇଛନ୍ତି । ରାଖାଲ, ଲାଟୁ ପାଖରେ ଅଛନ୍ତି । ମଣି ଆସି ଭୂମିଷ୍ଠ ହୋଇ ପ୍ରଣାମ କଲେ ।

ଠାକୁର କହିଲେ—''ଆସିଛ ? ଆଜି ଭଲ ଦିନ ।'' ସେ ଠାକୁରଙ୍କ ପାଖରେ କିଛିଦିନ ରହିବେ 'ସାଧନ' କରିବେ ।' ଠାକୁର କହିଛନ୍ତି, କିଛି କଲେ ହିଁ କେହି କହିଦେବେ, ଏଇ ଏଇ ।

ଠାକୁର କହି ଦେଇଛନ୍ତି, ଏଠାରେ ଅତିଥିଶାଳାର ଅନ୍ନ ତୁମ ପକ୍ଷରେ ପ୍ରତିଦିନ ଖାଇବା ଉଚିତ୍ ନୁହେଁ । ସାଧୁ, କାଙ୍ଗାଳଙ୍କ ପାଇଁ ସେସବୁ ହୋଇଛି । ତୁମେ ତୁମର ରାନ୍ଧିବା ପାଇଁ ଜଣେ ଲୋକ ଆଣିବ ତେଣୁ ସଙ୍ଗରେ ଜଣେ ଲୋକ ଆସିଛି ।

ତାଙ୍କର କେଉଁଠାରେ ରନ୍ଧା ହେବ ? ସେ କ୍ଷୀର ଖାଇବେ, ଠାକୁର ରାମଲାଲଙ୍କୁ ଗୋପାଳ ପାଖରେ ବନ୍ଦୋବସ୍ତ କରିଦେବାକୁ କହିଲେ ।

ଶ୍ରୀଯୁକ୍ତ ରାମଲାଲ ଅଧ୍ୟାତ୍ମ ରାମାୟଣ ପଢୁଛନ୍ତି ଓ ଠାକୁର ଶୁଣୁଛନ୍ତି । ମଣି ମଧ୍ୟ ବସି ଶୁଣୁଛନ୍ତି । ରାମଚନ୍ଦ୍ର ସୀତାଙ୍କୁ ବିବାହ କରି ଅଯୋଧ୍ୟାକୁ ଆସୁଛନ୍ତି । ବାଟରେ ପର୍ଶୁରାମଙ୍କ ସହ  ଦେଖାହେଲା । ରାମ ହରଧନୁ ଭଙ୍ଗ କରିଛନ୍ତି ଶୁଣି ପର୍ଶୁରାମ ଗୋଳମାଳ କରିବାକୁ ଲାଗିଲେ । ଦଶରଥ ଭୟରେ ଆକୁଳ । ପର୍ଶୁରାମ ଆଉ ଗୋଟିଏ ଧନୁ ରାମଙ୍କ ପାଖକୁ ଫିଙ୍ଗି ଦେଲେ । ସେହି ଧନୁରେ ଶର ସଂଯୋଜନା କରିବାକୁ କହିଲେ । ରାମ ଈଷତ୍ ହାସ୍ୟ କରି ବାମ ହସ୍ତରେ ଧନୁ ଗ୍ରହଣ କଲେ । ଶର ସଂଯୋଜନା କରି ଟଙ୍କାର ଶବ୍ଦ ସୃଷ୍ଟି କଲେ ! ଧନୁରେ ବାଣ ଯୋଜନା କରି ପର୍ଶୁରାମଙ୍କୁ କହିଲେ, 'ବର୍ତ୍ତମାନ ଏ ବାଣ କେଉଁଠାକୁ ନିକ୍ଷେପ କରିବି କୁହନ୍ତୁ ।'  ପର୍ଶୁରାମଙ୍କର ଦର୍ପ ଚୂର୍ଣ୍ଣ ହେଲା । ସେ ରାମଙ୍କୁ ପରଂବ୍ରହ୍ମ ଜାଣି ସ୍ତବ କରିବାକୁ ଲାଗିଲେ ।

ପର୍ଶୁରାମଙ୍କର ସ୍ତବ ଶୁଣୁ ଶୁଣୁ ଠାକୁର ଭାବାବିଷ୍ଟ ! ମଝିରେ ମଝିରେ ''ରାମ ! ରାମ !'' ଏହି ନାମ ମଧୁର କଣ୍ଠରେ ଉଚ୍ଚାରଣ କରୁଛନ୍ତି ।

ଶ୍ରୀରାମକୃଷ୍ଣ (ରାମଲାଲଙ୍କୁ)—ଟିକିଏ ଗୁହକ ଚଣ୍ଡାଳର କଥା କୁହତ !

ରାମଚନ୍ଦ୍ର ଯେତେବେଳେ 'ପିତୃସତ୍ୟ ପାଇଁ' ବନକୁ ଯାଇଥିଲେ, ଗୁହକରାଜ ବିବଶ ହୋଇ ଯାଇଥିଲେ । ରାମଲାଲ 'ଭକ୍ତମାଳ' ପଢୁଛନ୍ତି—

''ନୟନୁ ବହଇ ଧାରା ମନେ ଉତ୍ତରଳ । ଚମକି ରହିଲା ଚାହିଁ, ମୁଖେ ନାହିଁ ବୋଲ । ଅନିର୍ମେଷ ନେତ୍ର ସେ ଯେ ଅନାଇ ରହିଲା । କାଷ୍ଠର ପିତୁଳା ସମ ନିସ୍ପନ୍ଦ ହୋଇଲା ।''

ତା'ପରେ ଧୀରେ ଧୀରେ ରାମଙ୍କ ପାଖକୁ ଯାଇ କହିଲେ, ମୋ ଘରକୁ ଆସନ୍ତୁ । ରାମଚନ୍ଦ୍ର ତାଙ୍କୁ ମିତ୍ର ବୋଲି ଆଲିଙ୍ଗନ କଲେ ।

''ଗୁହକ ବୋଲଇ ଭଲ ତୁମେ ମୋର ମିତ । ତୁମକୁ ଅର୍ପିଲି ଦେହ ପରାଣ ସହିତ । ତୁମେ ମୋର ସର୍ବସ୍ୱ ପ୍ରାଣ ଧନ ରାଜ୍ୟ । ତୁମେ ମୋର ଭକ୍ତି ମୁକ୍ତି ତୁମେ ଶୁଭ କାର୍ଯ୍ୟ । ମୋର ପ୍ରାଣ କାନ୍ଦେ ତବ ବିପଦ କାରଣେ । ଦେହ ସମର୍ପିଲି ବନ୍ଧୁ ତୁମର ଚରଣେ ।''

ରାମଚନ୍ଦ୍ର ଚଉଦ ବର୍ଷ ବନକୁ ଯିବେ ଓ ଜଟା ବଲ୍‌କଳ ଧାରଣ କରିବେ ଶୁଣି ଗୁହକ ମଧ୍ୟ ଜଟା-ବଲ୍‌କଳ ଧାରଣ କରି ରହିଲେ ଓ ଫଳମୂଳ ବ୍ୟତୀତ ଅନ୍ୟ କିଛି ଆହାର କଲେ ନାହିଁ । ଚଉଦ ବର୍ଷ ପରେ ରାମ ଆସୁନାହାନ୍ତି ଦେଖି, ଗୁହକ ଅଗ୍ନି ପ୍ରବେଶ କରିବାକୁ ଯାଉଛନ୍ତି, ଏପରି ସମୟରେ ହନୁମାନ ଆସି ସମ୍ବାଦ ଦେଲେ । ସମ୍ବାଦ ପାଇ ଗୁହକ ମହାନନ୍ଦରେ ଭାସୁଛନ୍ତି । ରାମଚନ୍ଦ୍ର ଓ ସୀତା ପୁଷ୍ପକ-ରଥରେ ଆସି ଉପସ୍ଥିତ ହେଲେ ।

''ଦୟାଳୁ ପରମାନନ୍ଦ, ପ୍ରେମାଧୀନ ରାମଚନ୍ଦ୍ର, ଭକତବତ୍ସଳ ଗୁଣଧାମ ।
ପ୍ରିୟ ଭକ୍ତରାଜ ଗୁହ ନିରେଖି ପୁଲକେ ଦେହ, ଆଲିଙ୍ଗନ କଲେ ପ୍ରିୟତମ ।।
ଗାଢ଼ ଆଲିଙ୍ଗନେ ଦୁହେଁ, ପ୍ରଭୁ ଭୃତ୍ୟେ ଲାଗି ରହେ, ଅଶ୍ରୁଜଳେ ଦୁଇତନୁ ସିକ୍ତ ।
ଧନ୍ୟ ଗୁହ ମହାଶୟ, ଚାରିଦିଗେ ଜୟ ଜୟ, କୋଳାହଳ ବ୍ୟାପିଲା ସର୍ବତ୍ର । ।।''

## କେଶବ ସେନ୍‌ଙ୍କର ଯଦୃଚ୍ଛା ଲାଭ-ଉପାୟ-
## ତୀବ୍ର ବୈରାଗ୍ୟ ଓ ସଂସାରତ୍ୟାଗ

ଆହାରାନ୍ତେ ଠାକୁର ଶ୍ରୀରାମକୃଷ୍ଣ ଟିକିଏ ବିଶ୍ରାମ କରୁଛନ୍ତି । ମାଷ୍ଟର ପାଖରେ ବସିଛନ୍ତି । ଏହି ସମୟରେ ଶ୍ୟାମ ଡାକ୍ତର ଓ ଆଉ କେତେଜଣ ଲୋକ ଆସି ଉପସ୍ଥିତ ହେଲେ ।

ଠାକୁର ଶ୍ରୀରାମକୃଷ୍ଣ ଉଠି ବସିଲେ ଓ କଥା କହିବାକୁ ଲାଗିଲେ ।

ଶ୍ରୀରାମକୃଷ୍ଣ—କର୍ମ ଯେ ବରାବର କରିବାକୁ ହୁଏ ତାହା ନୁହେଁ । ଈଶ୍ୱରଲାଭ ହେଲେ ଆଉ କର୍ମ ରହେ ନାହିଁ । ଫଳ ହେଲେ ଫୁଲ ଆପଣା ଛାଏଁ ଖସିପଡ଼େ ।

''ଯାହାର ଈଶ୍ୱରଲାଭ ହୁଏ, ତାହାର ସନ୍ଧ୍ୟାଦି କର୍ମ ରହେ ନାହିଁ । ସନ୍ଧ୍ୟା ଗାୟତ୍ରୀରେ ଲୟ ହୁଏ । ସେତେବେଳେ ଗାୟତ୍ରୀ ଜପ କଲେ ହିଁ ହେଲା । ପୁଣି

ଗାୟତ୍ରୀ ଓଁକାରରେ ଲୟ ହୁଏ । ସେତେବେଳେ ଗାୟତ୍ରୀ ମଧ୍ୟ ଜପ କରିବାକୁ ହୁଏ ନାହିଁ । ସେ ଅବସ୍ଥାରେ କେବଳ ଓଁ କହିଲେ ହେଲା । ସନ୍ଧ୍ୟାଦି କର୍ମ କେତେ ଦିନ ? ଯେ ପର୍ଯ୍ୟନ୍ତ ହରିନାମରେ କିମ୍ବା ରାମ ନାମରେ ପୁଲକ ହୁଏ ନାହିଁ ଓ ଲୁହ ନ ଗଡ଼େ । ଟଙ୍କା ପଇସା ପାଇଁ, କି ମୋକଦ୍ଦମା ଜିତିବା ପାଇଁ, ପୂଜାଦି କର୍ମ ସେସବୁ ଭଲ ନୁହେଁ ।''

ଜଣେ ଭକ୍ତ — ଟଙ୍କା ପଇସାର ଚେଷ୍ଟା ତ ସମସ୍ତେ କରୁଛନ୍ତି । କେଶବ ସେନ୍ କିପରି ରାଜାଙ୍କ ସହିତ ଝିଅକୁ ବିବାହ ଦେଲେ ।

ଶ୍ରୀରାମକୃଷ୍ଣ — କେଶବର ଅଲଗା କଥା । ଯେ ଠିକ୍ ଭକ୍ତ, ସେ ଚେଷ୍ଟା ନ କଲେ ମଧ୍ୟ ଈଶ୍ୱର ତାଙ୍କୁ ସବୁ ଜୁଟାଇ ଦିଅନ୍ତି । ଯେ ପ୍ରକୃତ ରାଜାର ପୁଅ, ସେ ଭତ୍ତା ପାଏ । ଓକିଲ ଫୋକିଲଙ୍କର କଥା କହୁନାହିଁ । ଯେଉଁମାନେ କଷ୍ଟ କରନ୍ତି, ମଣିଷର ଦାସତ୍ୱ କରି ଟଙ୍କା ଆଣନ୍ତି । ମୁଁ କହୁଛି, ଠିକ୍ ରାଜାର ପୁଅ ଯାହାର କୌଣସି କାମନା ନାହିଁ; ସେ ଟଙ୍କା କଉଡ଼ି ଚାହେଁ ନାହିଁ, ଟଙ୍କା ଆପଣା ଛାଏଁ ଆସେ । ଗୀତାରେ ଅଛି — **ଯଦୃଚ୍ଛାଲାଭ** ।

''ସଦ୍‌ବ୍ରାହ୍ମଣ ଯାହାର କୌଣସି କାମନା ନାହିଁ, ସେ ହାଡ଼ି ଘରୁ ସିଦ୍ଧା ନେଇପାରେ । 'ଯଦୃଚ୍ଛାଲାଭ' । ସେ ଚାହେଁ ନାହିଁ କିନ୍ତୁ ଆପେ ଆପେ ଆସେ ।''

ଜଣେ ଭକ୍ତ — ଆଜ୍ଞା, ସଂସାରରେ କିପରି ଭାବରେ ରହିବାକୁ ହେବ ?

ଶ୍ରୀରାମକୃଷ୍ଣ — ପଙ୍କୁଆ ମାଛ ପରି ରହିବ । ସଂସାରରୁ ଦୂରରେ ରହି ନିର୍ଜନରେ ଈଶ୍ୱର-ଚିନ୍ତା ମଝିରେ ମଝିରେ କଲେ, ତାଙ୍କଠାରେ ଭକ୍ତି ଜନ୍ମେ । ସେତେବେଳେ ନିର୍ଲିପ୍ତ ହୋଇ ରହିପାରିବ । ପଙ୍କ ଅଛି, ପଙ୍କ ମଧ୍ୟରେ ରହିବାକୁ ହୁଏ, ତଥାପି ଦେହରେ ପଙ୍କ ଲାଗିବ ନାହିଁ । ସେ ଲୋକ ଅନାସକ୍ତ ହୋଇ ସଂସାରରେ ରହେ ।

ଠାକୁର ଦେଖୁଛନ୍ତି, ମଣି ବସି ମନଦେଇ ତାଙ୍କର ସବୁକଥା ଶୁଣୁଛନ୍ତି ।

ଶ୍ରୀରାମକୃଷ୍ଣ(ମଣିଙ୍କୁ ଦେଖି) — ତୀବ୍ର ବୈରାଗ୍ୟ ହେଲେ ଈଶ୍ୱରଲାଭ ହୁଏ । ଯାହାର ତୀବ୍ର ବୈରାଗ୍ୟ ହୁଏ, ତାହାର ବୋଧ ହୁଏ ସଂସାର ଯେପରି ଦାବାନଳ ! ଜଳୁଛି ! ସ୍ତ୍ରୀ-ପୁତ୍ର ଗଭୀର କୂପ ଭଳି ଦେଖାଯାଆନ୍ତି । ସେପରି ବୈରାଗ୍ୟ ଯଦି ଠିକ୍ ଠିକ୍ ହୁଏ, ତା'ହେଲେ ଘର ତ୍ୟାଗ ହୋଇଯାଏ । ଖାଲି ଅନାସକ୍ତ ହୋଇ ରହିବା କଥା ନୁହେଁ । **କାମିନୀ-କାଞ୍ଚନ ହିଁ ମାୟା** । ମାୟାକୁ ଯଦି ଚିହ୍ନି ପାରିବ । ତେବେ ସେ ଆପଣା ଛାଏଁ ଲାଜରେ ପଳାଇବ । ଜଣେ ବାଘ ଛାଲ ପିନ୍ଧି ଭୟ ଦେଖଉଛି । ଯାହାକୁ ଡରାଉଛି ସେ କହିଲା, ମୁଁ ତୋତେ ଚିହ୍ନିଛି — ତୁ ଆମରି 'ହରିଆ' । ସେତେବେଳେ ସେ ହସି ହସି ଚାଲିଗଲା — ଆଉ ଜଣକୁ ଭୟ ଦେଖାଇବାକୁ ଗଲା ।

''ଯେତେ ସ୍ତ୍ରୀଲୋକ ଦେଖିବ ସମସ୍ତେ ଶକ୍ତିରୂପା । ସେହି ଆଦ୍ୟାଶକ୍ତି ହିଁ ସ୍ତ୍ରୀ ହୋଇ ସ୍ତ୍ରୀ ରୂପ ଧରି ରହିଛନ୍ତି । ଆଧ୍ୟାତ୍ମ ରାମାୟଣରେ ଅଛି ରାମଙ୍କୁ ନାରଦାଦି ସ୍ତବ କରୁଛନ୍ତି, ହେ ରାମ, ଯେତେ ପୁରୁଷ ସବୁ ତୁମେ; ଆଉ ପ୍ରକୃତିର ଯେତେ ରୂପ, ସେ ସବୁ ସୀତା ଧାରଣ କରିଛନ୍ତି । ତୁମେ ଇନ୍ଦ୍ର, ସୀତା ଇନ୍ଦ୍ରାଣୀ; ତୁମେ ଶିବ, ସୀତା ଶିବାନୀ; ତୁମେ ନର, ସୀତା ନାରୀ । ବେଶୀ ଆଉ କ'ଣ କହିବି—ଯେଉଁଠାରେ ପୁରୁଷ, ସେଠାରେ ତୁମେ; ଯେଉଁଠାରେ ସ୍ତ୍ରୀ ସେଠାରେ ସୀତା ।

## ତ୍ୟାଗ ଓ ପ୍ରାରବ୍ଧ—ବାମାଚାର ସାଧନ ଠାକୁରଙ୍କର ନିଷେଧ

(ଭକ୍ତମାନଙ୍କ ପ୍ରତି)—''ଇଚ୍ଛା କଲେ ଯେ ତ୍ୟାଗ ହୋଇଥାଏ, ତାହା ନୁହେଁ । ପ୍ରାରବ୍ଧ, ସଂସ୍କାର ଏସବୁ ମଧ୍ୟ ଅଛି । ଜଣେ ରାଜାଙ୍କୁ ଜଣେ ଯୋଗୀ କହିଲେ, ତୁମେ ମୋ ପାଖରେ ବସି ବସି ଭଗବାନଙ୍କର ଚିନ୍ତା କର । ରାଜା କହିଲେ, ତାହା ହେବ ବୋଲି ଆଶା ନାହିଁ । ମୁଁ ରହିପାରେ କିନ୍ତୁ ମୋର ଏବେ ମଧ୍ୟ ଅନେକ ଭୋଗ ଅଛି । ଏହି ବଣରେ ଯଦି ରହେ, ହୁଏତ ବଣରେ ଗୋଟିଏ ରାଜ୍ୟ ହୋଇଯିବ । ମୋର ଆହୁରି ଭୋଗ ଅଛି ।

''ନଟବର ପାଁଜା ପିଲାବେଳେ ଏହି ବଗିଚାରେ ଗୋରୁ ଚରାଉଥିଲା । ତା'ର କିନ୍ତୁ ଭୋଗ ବାକିଥିଲା । ତେଣୁ ଆଜିକାଲି ତେଲ-କଳ ବସାଇ ଅନେକ ଟଙ୍କା କରିଛି । ଆଲାମବଜାରରେ ତେଲ-କଳ ବ୍ୟବସାୟ ଖୁବ୍ ଫାନ୍ଦିଛି ।

''ଗୋଟିଏ ମତରେ ସ୍ତ୍ରୀଲୋକ ନେଇ ସାଧନ କରିବାକୁ ହୁଏ । କର୍ତାଭଜା ସ୍ତ୍ରୀମାନଙ୍କ ଭିତରକୁ ମୋତେ ଥରେ ନେଇ ଯାଇଥିଲେ । ସେମାନେ ସବୁ ମୋ ପାଖରେ ଆସି ବସିଲେ । ମୁଁ ସେମାନଙ୍କୁ ମା', ମା' କହିବାରୁ ପରସ୍ପର କହିବାକୁ ଲାଗିଲେ, ଇଏ ପ୍ରବର୍ତ୍ତକ, ଏ ପର୍ଯ୍ୟନ୍ତ ଘାଟ ଚିହ୍ନି ନାହାନ୍ତି ! ସେମାନଙ୍କ ମତରେ କଞ୍ଚା ଅବସ୍ଥାକୁ ପ୍ରବର୍ତ୍ତକ କହନ୍ତି; ତା'ପରେ ସାଧକ, ତା'ପରେ ସିଦ୍ଧର ସିଦ୍ଧ ।

''ଜଣେ ସ୍ତ୍ରୀଲୋକ ବୈଷ୍ଣବଚରଣଙ୍କ ପାଖରେ ଯାଇ ବସିଲା । ବୈଷ୍ଣବଚରଣଙ୍କୁ ପଚାରିବାରୁ ସେ କହିଲେ, ଏହାର ବାଳିକା ଭାବ !

''ସ୍ତ୍ରୀ-ଭାବରେ ଶୀଘ୍ର ପତନ ହୁଏ । ମାତୃଭାବ ଶୁଦ୍ଧଭାବ ।''

କଂସାରୀପଡ଼ାରେ ଭକ୍ତମାନେ ଗାତ୍ରୋତ୍ଥାନ କଲେ ଓ କହିଲେ, ତେବେ ଆମେ ଯାଉଛୁ, ମା' କାଳୀ ଆଉ ଅନ୍ୟାନ୍ୟ ଠାକୁରଙ୍କୁ ଦର୍ଶନ କରିବୁ ।

(୭)

## ଠାକୁର ଶ୍ରୀରାମକୃଷ୍ଣ ଓ ପ୍ରତିମାପୂଜା—ବ୍ୟାକୁଳତା ଓ ଈଶ୍ୱରଲାଭ

ମଣି ପଞ୍ଚବଟୀ ଓ କାଳୀ ମନ୍ଦିରର ଅନ୍ୟାନ୍ୟ ସ୍ଥାନରେ ଏକାକୀ ବୁଲୁଛନ୍ତି । ଠାକୁର କହିଛନ୍ତି 'ଟିକିଏ ସାଧନ କଲେ ଈଶ୍ୱର-ଦର୍ଶନ ହୁଏ ।' ମଣି କଅଣ ତାହା ଭାବୁଛନ୍ତି ?

''ପୁଣି ତୀବ୍ର ବୈରାଗ୍ୟର କଥା । ଆଉ ମାୟାକୁ ଚିହ୍ନିଦେଲେ ସେ ଆପେ ପଳାଇଯାଏ ? ସମୟ ପ୍ରାୟ ଅପରାହ୍ନ ସାଢ଼େ ତିନିଟା । ଠାକୁର ଶ୍ରୀରାମକୃଷ୍ଣଙ୍କ ଘରେ ମଣି ପୁନର୍ବାର ବସିଛନ୍ତି । ବ୍ରାଉଟନ୍ ଇନଷ୍ଟିଚ୍ୟୁସନ୍‌ରୁ ଜଣେ ଶିକ୍ଷକ କେତେଜଣ ଛାତ୍ରଙ୍କୁ ନେଇ ଦର୍ଶନ କରିବାକୁ ଆସିଛନ୍ତି । ଠାକୁର ସେମାନଙ୍କ ସଙ୍ଗରେ କଥା କହୁଛନ୍ତି । ଶିକ୍ଷକ ଜଣକ ମଝିରେ ମଝିରେ ଗୋଟିଏ ଗୋଟିଏ ପ୍ରଶ୍ନ ପଚାରୁଛନ୍ତି । ପ୍ରତିମା ପୂଜା ସମ୍ବନ୍ଧରେ କଥା ହେଉଛି ।

''ଆହୁରି ଦେଖ, ଛୋଟ ଝିଅମାନେ କେତେଦିନ କଣ୍ଢେଇ ନେଇ ଖେଳନ୍ତି ? ଯେତେଦିନଯାଏ ବିବାହ ନ ହୋଇଛି ଏବଂ ସ୍ୱାମୀ ସହ ବାସ ନ କରିଛନ୍ତି । ବିବାହ ହେଲେ କଣ୍ଢେଇଗୁଡ଼ିକ ପେଡ଼ିରେ ରଖିଦିଅନ୍ତି । ଈଶ୍ୱରଲାଭ ହେଲେ ପ୍ରତିମାପୂଜାର ଆଉ କଅଣ ଦରକାର ?

ମଣିଙ୍କ ଆଡ଼କୁ ଚାହିଁ କହୁଛନ୍ତି —

''ଅନୁରାଗ ହେଲେ ଈଶ୍ୱର ଲାଭ ହୁଏ । ଖୁବ୍ ବ୍ୟାକୁଳତା ଦରକାର । ଖୁବ୍ ବ୍ୟାକୁଳତା ହେଲେ ସମସ୍ତ ମନ ତାଙ୍କଠାରେ ଗତ ହୁଏ ।

### ବାଳକର ବିଶ୍ୱାସ ଓ ଈଶ୍ୱରଲାଭ — ଗୋବିନ୍ଦସ୍ୱାମୀ, ଜଟିଳ ବାଳକ

''ଜଣେ ଲୋକର ଗୋଟିଏ ଝିଅ ଥିଲା । ଖୁବ୍ ଅଳ୍ପ ବୟସରେ ଝିଅଟି ବିଧବା ହୋଇଯାଇଥିଲା । ସ୍ୱାମୀ ମୁହଁ ଆଦୌ ଦେଖି ନାହିଁ । ଅନ୍ୟ ଝିଅମାନଙ୍କର ସ୍ୱାମୀଙ୍କୁ ଦେଖି, ଦିନେ କହିଲା, 'ବାପା, ମୋର ସ୍ୱାମୀ କାହିଁ ?' ତାହାର ବାପା କହିଲେ, 'ଗୋବିନ୍ଦ ତୋର ସ୍ୱାମୀ; ତାଙ୍କୁ ଡାକିଲେ ସେ ଦେଖା ଦେବେ । ଝିଅଟି ଏହି କଥା ଶୁଣି ଘରେ ଦ୍ୱାର ବନ୍ଦ କରି ଗୋବିନ୍ଦଙ୍କୁ ଡାକେ ଆଉ କାନ୍ଦେ କହେ 'ଗୋବିନ୍ଦ ! ତୁମେ ଆସ, ମୋତେ ଦେଖାଦିଅ, ତୁମେ କାହିଁକି ଆସୁନାହଁ । ଛୋଟି ଝିଅଟିର ସେଇ କାନ୍ଦ ଶୁଣି ଠାକୁର ସ୍ଥିର ରହିପାରିଲେ ନାହିଁ, ଆସି ଦେଖା ଦେଲେ ।

''**ବାଳକ ପରି ବିଶ୍ୱାସ** ! ବାଳକ ମାଆକୁ ଦେଖିବା ପାଇଁ ଯେପରି ବ୍ୟାକୁଳ ହୁଏ, ସେପରି ବ୍ୟାକୁଳତା । ଏହି ବ୍ୟାକୁଳତା ହେଲେ ତ ଅରୁଣ ଉଦୟ ହେଲା । ତା'ପରେ ସୂର୍ଯ୍ୟ ନିଶ୍ଚୟ ଉଠିବେ । ଏହି ବ୍ୟାକୁଳତା ପରେ ହିଁ ଈଶ୍ୱରଦର୍ଶନ ।

''ଜଟିଳ ବାଳକର କଥା ଅଛି । ସେ ପାଠଶାଳାକୁ ଯାଏ । ଜଙ୍ଗଲ ବାଟଦେଇ ତାକୁ ପାଠଶାଳା ଯିବାକୁ ପଡୁଥିଲା; ତେଣୁ ତାକୁ ଡର ମାଡୁଥିଲା । ମାଆକୁ କହିବାରୁ ମା' କହିଲେ, 'ତୋର ଭୟ କଅଣ ? ତୁ ମଧୁସୂଦନଙ୍କୁ ଡାକିବୁ ।' ପିଲାଟି ପଚାରିଲା 'ମଧୁସୂଦନ କିଏ ?' ମା' କହିଲେ, 'ମଧୁସୂଦନ ତୋର ଭାଇ ।' ତା'ପରେ ଏକା ଯାଉ ଯାଉ ଯେତେବେଳେ ତାକୁ ଡର ଲାଗିଲା, ସଙ୍ଗେ ସଙ୍ଗେ ଡାକିଲା, 'ମଧୁସୂଦନ ଭାଇ !' କେହି ଆସିଲେ ନାହିଁ । ସେତେବେଳେ

ବଡ଼ ପାଟିରେ କାନ୍ଦିକାନ୍ଦି କହିଲା, ''ମଧୁସୂଦନ ଭାଇ, ତୁମେ କେଉଁଠି ଅଛ ? ଶୀଘ୍ର ଆସ ମୋତେ ଭାରି ଡର ଲାଗୁଛି ।'' ଠାକୁର ସେତେବେଳେ ରହି ପାରିଲେ ନାହିଁ । ଆସି କହିଲେ, 'ଆରେ ମୁଁ ତ ରହିଛି, ତୋର ଭୟ କଅଣ ?' ଏହା କହି ସଙ୍ଗରେ ଘେନି ପାଠଶାଳାର ରାସ୍ତା ପର୍ଯ୍ୟନ୍ତ ପହଞ୍ଚାଇ ଦେଲେ ଏବଂ କହିଲେ, ''ତୁ ଯେତେବେଳେ ଡାକିବୁ, ମୁଁ ଆସିବି । ଭୟ କଅଣ ?'' ଏହିପରି ବାଳକର ବିଶ୍ୱାସ ! ଏହିପରି ବ୍ୟାକୁଳତା !

''ଜଣେ ବ୍ରାହ୍ମଣର ଘରେ ଠାକୁରସେବା ଥିଲା । ଦିନେ କୌଣସି କାର୍ଯ୍ୟ ଉପଲକ୍ଷେ ତା'ର ଅନ୍ୟସ୍ଥାନକୁ ଯିବାକୁ ପଡ଼ିଲା । ଛୋଟ ପୁଅଟିକୁ ସେ କହିଗଲା, 'ତୁ ଆଜି ଠାକୁରଙ୍କୁ ଭୋଗ ଦେବୁ; ତାଙ୍କୁ ଖୁଆଇବୁ । ପିଲାଟି ଠାକୁରଙ୍କୁ ଭୋଗ ଦେଲା । ଠାକୁର କିନ୍ତୁ ଚୁପ୍ ହୋଇ ବସିଛନ୍ତି । କଥା କହୁ ନାହାନ୍ତି କି ଖାଉ ବି ନାହାନ୍ତି । ପିଲାଟି ବହୁତ ବେଳ ବସି ବସି ଦେଖିଲା ଯେ ଠାକୁର ଉଠୁ ନାହାନ୍ତି ! ସେ ଠିକ୍ ଜାଣେ ଯେ, ଠାକୁର ଆସି ଆସନରେ ବସି ଖାଆନ୍ତି । ସେତେବେଳେ ସେ ବାରମ୍ବାର କହିବାକୁ ଲାଗିଲା, ଠାକୁର ଆସି ଖାଅ, ଅନେକ ଡେରି ହେଲାଣି ମୁଁ ଆଉ ବସି ପାରୁ ନାହିଁ । ଠାକୁର କଥା କହୁନାହାନ୍ତି ଦେଖି ପିଲାଟି କାନ୍ଦିବାକୁ ଲାଗିଲା । କହିଲା, 'ଠାକୁର ବାପା ତୁମଙ୍କୁ ଖୁଆଇବାକୁ କହି ଯାଇଛନ୍ତି; ତୁମେ କାହିଁକି ଆସିବ ନାହିଁ, କାହିଁକି ମୋ ହାତରୁ ଖାଇବ ନାହିଁ ?' ବ୍ୟାକୁଳ ହୋଇ କାନ୍ଦିବାରୁ ଠାକୁର ହସି ହସି ଆସି ଆସନରେ ବସି ଖାଇବାକୁ ଲାଗିଲେ ! ଠାକୁରଙ୍କୁ ଖୁଆଇ ଯେତେବେଳେ ଠାକୁର ଘରୁ ସେ ଗଲା, ଘରର ଲୋକମାନେ କହିଲେ, ଭୋଗ ହୋଇଯାଇଛି; ସବୁ ନେଇ ଆ' । ପିଲାଟି କହିଲା, 'ହଁ ହୋଇଯାଇଛି; ଠାକୁର ସବୁ ଖାଇ ଦେଇଛନ୍ତି ।' ସେମାନେ ଆଶ୍ଚର୍ଯ୍ୟ ହୋଇ କହିଲେ କଅଣ ହୋଇଛି । ପିଲାଟି ସରଳ ଭାବରେ କହିଲା, 'କାହିଁକି, ଠାକୁର ତ ସବୁ ଖାଇଛନ୍ତି ।' ସେତେବେଳେ ସମସ୍ତେ ଠାକୁର ଘରକୁ ଯାଇ ଦେଖି ଅବାକ୍ ହୋଇଗଲେ ।''

ସନ୍ଧ୍ୟା ହେବାକୁ ଡେରି ଅଛି । ଠାକୁର ଶ୍ରୀରାମକୃଷ୍ଣ ନହବତ୍‌ଖାନାର ଦକ୍ଷିଣ ପାର୍ଶ୍ୱରେ ଠିଆ ହୋଇ ମଣିଙ୍କ ସହିତ କଥା କହୁଛନ୍ତି । ସମ୍ମୁଖରେ ଗଙ୍ଗା । ଶୀତକାଳ, ଠାକୁରଙ୍କ ଦେହରେ ଗରମ ଚଦର ।

ଶ୍ରୀରାମକୃଷ୍ଣ — ପଞ୍ଚବଟୀର ଘରେ ଶୋଇବ ?

ମଣି — ନହବତ୍‌ଖାନାର ଉପର ଘରଟି କଅଣ ଦେବେ ନାହିଁ ?

ଠାକୁର ଖାଜାଞ୍ଚିଙ୍କୁ ମଣିଙ୍କ କଥା କହିବେ । ରହିବାର ଘର ଗୋଟିଏ ନିର୍ଦ୍ଦିଷ୍ଟ କରି ଦେବେ । ତାଙ୍କର ନହବତର ଉପର ଘରଟି ପସନ୍ଦ ହୋଇଛି । ସେ କବିତ୍ୱପ୍ରିୟ । ନହବତ୍‌ରୁ ଆକାଶ, ଗଙ୍ଗା, ଜହ୍ନ ଆଲୁଅ, ଫୁଲଗଛ ଏ ସବୁ ଦେଖାଯାଏ ।

ଶ୍ରୀରାମକୃଷ୍ଣ — ଦେବେ ନାହିଁ କାହିଁକି ? ତେବେ ପଞ୍ଚବଟୀ-ଘର କହୁଛି, କାରଣ ସେଠାରେ ବହୁତ ହରିନାମ, ଈଶ୍ୱରଚିନ୍ତା ହୋଇଛି ।

(୩)

**ଜୀବନର ଉଦ୍ଦେଶ୍ୟ — ଈଶ୍ୱରଙ୍କୁ ଭଲପାଇବା**

ଠାକୁର ଶ୍ରୀରାମକୃଷ୍ଣଙ୍କ ଘରେ ଝୁଣା ଦିଆଗଲା । ଛୋଟ ଖଟ ଉପରେ ବସି ଠାକୁର ଈଶ୍ୱର-ଚିନ୍ତା କରୁଛନ୍ତି । ମଣି ତଳେ ବସିଛନ୍ତି । ରାଖାଲ, ଲାଟୁ, ରାମଲାଲ ଏମାନେ ମଧ୍ୟ ଘରେ ବସିଛନ୍ତି ।

ଠାକୁର ମଣିଙ୍କୁ କହିଛନ୍ତି, 'କଥାଟା ଏଇ — ତାଙ୍କୁ ଭକ୍ତି କରିବା, ତାଙ୍କୁ ଭଲ ପାଇବା ।' ରାମଲାଲଙ୍କୁ ଗାଇବାକୁ କହିଲେ । ସେ ମଧୁର କଣ୍ଠରେ ଗାଉଛନ୍ତି । ଠାକୁର ଗୋଟିଏ ଗୀତ ଧରାଇ ଦେଉଛନ୍ତି ।

ଠାକୁର କହିବାରୁ ରାମଲାଲ ପ୍ରଥମେ ଶ୍ରୀଗୌରାଙ୍ଗ ସନ୍ନ୍ୟାସ ଗାଉଛନ୍ତି —

କି ଯେ ଦେଖିଲିରେ, କେଶବ ଭାରତୀ କୁଟୀରେ,

ଅପରୂପ ଜ୍ୟୋତି, ଶ୍ରୀଗୌରାଙ୍ଗ ମୂରତି, ଦି'ନୟନେ ପ୍ରେମ ବହେ ଶତଧାରେ ।

ଗୌର ମତ୍ତମାତଙ୍ଗ ପ୍ରାଏ, ପ୍ରେମାବେଶେ ନାଚେ ଗାଏ,<br>
କେବେ ଧୂଳିରେ ଲୋଟେ ନୟନ ଜଳେ ଭାସେରେ,<br>
କାନ୍ଦେ ଆଉ ବୋଲେ ହରି, ସ୍ୱର୍ଗ ମର୍ତ୍ତ୍ୟ ଭେଦ କରି, ସିଂହ ନାଦରେ,<br>
ପୁଣି ଦନ୍ତେ ତୃଣ ନେଇ, କୃତାଞ୍ଜଳି ପୁଟ ହୋଇ,<br>
ଦାସ୍ୟ ମୁକ୍ତି ମାଗନ୍ତି ବାରେ ବାରେରେ ।<br>
ମସ୍ତକେ କୁଞ୍ଚିତ କେଶ, ଧରିଛନ୍ତି ଯୋଗୀ ବେଶ,<br>
ଦେଖି ଭକ୍ତି ପ୍ରେମାବେଶ, ପ୍ରାଣ କାନ୍ଦି ଉଠେରେ<br>
ଜୀବ-ଦୁଃଖେ କାତର ହୋଇ,<br>
ଆସିଲ ସରଗ ତେଜି ପ୍ରେମ ବିତରିବା ପାଇଁ ରେ<br>
ପ୍ରେମଦାସର ବ୍ୟଥା ମନେ, ଶ୍ରୀଚୈତନ୍ୟ ଶ୍ରୀଚରଣେ,<br>
ଦାସ ହୋଇ ବୁଲେ ଦ୍ୱାରେ ଦ୍ୱାରେରେ ।

ରାମଲାଲ ପୁଣି ଗାଇଲେ, 'କାନ୍ଦି କାନ୍ଦି ଶଚୀ କହନ୍ତି ନିମାଇଁ ! ତୋତେ ଛାଡ଼ି ମୁହିଁ ରହିବି କାହିଁ ? ଠାକୁର କହିବାରୁ ପୁଣି ଗାଇଲେ

୧ — ମୁକ୍ତି ଦେବା ଲାଗି ମୁଁ କାତର ନୁହେଁ ।

୨ — ରାଧାଙ୍କ ଦେଖା କି ପାଆନ୍ତି ସକଳେ, ରାଧାଙ୍କ ପ୍ରେମ କି ପାଆନ୍ତି ସକଳେ ! ଅତି ସୁଦୁର୍ଲ୍ଲଭ ଧନ, ନ କରିଲେ ଆରାଧନ, ସାଧନ ବିନା ସେ ଧନ ଏ ଧନେ କି ମିଳେ ।

ଆମାବାସ୍ୟା ତିଥି ତୁଳାରାଶି ମାସେ,ସ୍ୱାତୀ ନକ୍ଷତ୍ରେ ଯେ ବାରି ବରଷେ ।
ଆଉ ଯେଉଁ ମାସେ ବାରି ବରଷେ,ସେ ବାରି କି ବରଷେ ବରଷା ଜଳେ ।
ଯୁବତୀ ସକଳେ ଶିଶୁ ଧରି କୋଳେ,ଆ' ଜହ୍ନ ମାମୁଁ ଡାକି ବାହୁ ଟୋଳେ ।
ଶିଶୁ ଭୁଲେ ସିନା ଚନ୍ଦ୍ର ତ ନ ଭୁଲେ,ଗଗନ ଛାଡ଼ି କି ଚାନ୍ଦ ଉଁଏ ଭୂ-ତଳେ ।

୩—ନବନୀରଦବରଣ

ଠାକୁର ରାମଲାଲଙ୍କୁ ପୁଣି କହୁଛନ୍ତି, ସେ ଗୀତଟି ଗାଅ ତ—

'ଗୌର ନିତାଇ ତୁମେ ଦୁଇ ଭାଇ ।' ରାମଲାଲଙ୍କ ସଙ୍ଗରେ ଠାକୁର ମଧ ସ୍ୱର ମିଳାଉଛନ୍ତି ।

ଗୌର ନିତାଇ ତୁମେ ଦୁଇ ଭାଇ, ପରମ ଦୟାଳୁ ହେ ପ୍ରଭୁ
(ତେଣୁ ମୁଁ ଶୁଣି ଆସିଛି ହେ ନାଥ)
ମୁଁ ଯାଇଥିଲି କାଶୀପୁରେ, ମୋତେ କହିଦେଲେ କାଶୀ ବିଶ୍ୱଶ୍ୱରେ,
ଆରେ ସେ ପରଂବ୍ରହ୍ମ ଶଚୀ ଘରେ, (ମୁଁ) ଚିହ୍ନିଛି ହେ ପରଂବ୍ରହ୍ମ
ଅନେକ ସ୍ଥାନେ ଗଲି ଧାଇଁ, କିନ୍ତୁ ଏପରି ଦୟାଳୁ ଦେଖି ନାହିଁ (ତୁମ ପରି)
ତୁମେ ବ୍ରଜେ ବଳରାମ କହ୍ନାଇଁ, ନବଦ୍ୱୀପେ ଏବେ ହେଲ ଗୌର ନିତାଇ ।
(ସେ ରୂପ ଲୁଚାଇ)
ବ୍ରଜର ଖେଳଥିଲା ଦୌଡ଼ା ଦୌଡ଼ି,
ନଦୀୟାର ଖେଳ ଏବେ ଧୂଳି ଗଡ଼ାଗଡ଼ି ।
(ହରିବୋଲ ବୋଲ ହେ) (ପ୍ରେମେ ମତ୍ତ ହୋଇ)
ଥିଲା ବ୍ରଜର ଖେଳ ଉଚ୍ଚରୋଳ, ଆଜି ନଦୀୟାର ଖେଳ ଖାଲି ହରିବୋଲ
(ଆହେ ପ୍ରାଣ ଗୌର)
ତୁମର ସବୁ ଅଙ୍ଗ ହୋଇଚି ଡଙ୍କା, କେବଳ ଅଛି ଦୁଇ ନୟନ ବଙ୍କା
(ଆହେ ପତିତ ପାବନ)
ତୁମର ପତିତପାବନ ନାମ ଶୁଣି, ଭରସା ପାଇଛି ମନେ ପୁଣି
(ଆହେ ପତିତ ପାବନ)
ବଡ଼ ଆଶା କରି ଆସିଲି ଧାଇଁ, ମୋତେ ରଖ ଶ୍ରୀଚରଣ ଛାୟା ଦେଇ ।
(ଆହେ ଦୟାଳୁ ଗୌର)
ଜଗାଇ ମାଧାଇ ଯାଇଛନ୍ତି ତରି, ପ୍ରଭୁ ସେ ଭରସା ଅଛି ମୋହରି ।
(ଆହେ ଅଧମ ତାରଣ)
ତୁମେ ସିନା ଆଚଣ୍ଡାଳେ ଦିଅ କୋଳ, କୋଳ ଦେଇ କହ ହରିବୋଲ !
(ଆହେ ପରମ ଦୟାଳୁ) (ଆହେ କାଙ୍ଗାଳର ଠାକୁର)

## ଶ୍ରୀରାମକୃଷ୍ଣଙ୍କ ଭକ୍ତମାନଙ୍କର ଗୋପନରେ ସାଧନ

ନହବ୍‌ତଖାନାର ଉପର ଘରେ ମଣି ଏକାକୀ ବସିଛନ୍ତି । ରାତ୍ରି ବେଶୀ ହୋଇଛି । ଆଜି ମାର୍ଗଶୀର ପୂର୍ଣ୍ଣିମା । ଆକାଶ, ଗଙ୍ଗା, କାଳୀମନ୍ଦିର, ମନ୍ଦିରଶୀର୍ଷ, ଉଦ୍ୟାନପଥ ଓ ପଞ୍ଚବଟୀ ଚନ୍ଦ୍ରର ଆଲୋକରେ ଉଦ୍ଭାସିତ ହୋଇଛି । ମଣି ଏକାକୀ ଠାକୁର ଶ୍ରୀରାମକୃଷ୍ଣଙ୍କୁ ଚିନ୍ତା କରୁଛନ୍ତି ।

ରାତି ପ୍ରାୟ ତିନିଟା ହେଲା; ସେ ଉଠିଲେ । ଉତ୍ତରାସ୍ୟ ହୋଇ ପଞ୍ଚବଟୀ ଅଭିମୁଖେ ଯାଉଛନ୍ତି । ଠାକୁର ଶ୍ରୀରାମକୃଷ୍ଣ ପଞ୍ଚବଟୀର କଥା କହିଛନ୍ତି । ଆଉ ନହବତ୍‌ଖାନା ଭଲ ଲାଗୁନାହିଁ । ସେ ପଞ୍ଚବଟୀ ଘରେ ରହିବେ ବୋଲି ସ୍ଥିର କଲେ ।

ଚତୁର୍ଦ୍ଦିଗ ନୀରବ ! ରାତି ଏଗାରଟା ସମୟରୁ ଜୁଆର ଆସିଛି । ଥରେ ଥରେ ଢେଉର ଶବ୍ଦ ଶୁଣାଯାଉଛି । ସେ ପଞ୍ଚବଟୀ ଦିଗକୁ ଅଗ୍ରସର ହେଉଛନ୍ତି ! — ଦୂରରୁ ଗୋଟିଏ ଶବ୍ଦ ଶୁଣିବାକୁ ପାଇଲେ । କିଏ ଯେପରି ପଞ୍ଚବଟୀର ବୃକ୍ଷ ମଣ୍ଡପ ଭିତରୁ ଆର୍ତ୍ତନାଦ କରି ଡାକୁଛନ୍ତି ।

''କେଉଁଠାରେ ଭାଇ ମଧୁସୂଦନ !''

ଆଜି ପୂର୍ଣ୍ଣିମା । ଚତୁର୍ଦ୍ଦିଗରେ ବଟବୃକ୍ଷର ଶାଖା-ପ୍ରଶାଖା ଭିତର ଦେଇ ଚନ୍ଦ୍ରକିରଣ ପଡ଼ିଛି ।

ପୁଣି ଅଗ୍ରସର ହେଲେ । ଟିକିଏ ଦୂରରୁ ଦେଖିଲେ ପଞ୍ଚବଟୀ ମଧ୍ୟରେ ଠାକୁରଙ୍କର ଜଣେ ଭକ୍ତ ବସିଛନ୍ତି । ସେ ନିର୍ଜନରେ ଏକାକୀ ଡାକୁଛନ୍ତି — **''କେଉଁଠାରେ ଭାଇ ମଧୁସୂଦନ ।''** ମଣି ନିଶବ୍ଦରେ ଦେଖୁଛନ୍ତି !

# ଦ୍ୱାଦଶ ପରିଛେଦ

## (୧)

### ଦକ୍ଷିଣେଶ୍ୱରରେ ଗୁରୁରୂପୀ ଶ୍ରୀରାମକୃଷ୍ଣ ଅନ୍ତରଙ୍ଗମାନଙ୍କ ସଙ୍ଗରେ

### ପ୍ରହ୍ଲାଦ ଚରିତ-ଶ୍ରବଣ ଓ ଭାବାବେଶ — ଯୋଷିତ୍ ସଙ୍ଗ ନିନ୍ଦା

ଠାକୁର ଶ୍ରୀରାମକୃଷ୍ଣ ଦକ୍ଷିଣେଶ୍ୱରରେ ସେହି ପୂର୍ବ ପରିଚିତ ଘରେ ବସି ପ୍ରହ୍ଲାଦ-ଚରିତ ଶୁଣୁଛନ୍ତି । ସକାଳ ପ୍ରାୟ ୮ଟା । ଶ୍ରୀଯୁକ୍ତ ରାମଲାଲ ଭକ୍ତମାଳ ଗ୍ରନ୍ଥ ମଧ୍ୟରୁ ପ୍ରହ୍ଲାଦ-ଚରିତ ପଢୁଛନ୍ତି ।

ଆଜି ଶନିବାର, ମାର୍ଗଶୀର ମାସ କୃଷ୍ଣପକ୍ଷ ପ୍ରତିପଦ, ୧୫ ଡିସେମ୍ବର, ୧୮୮୩ ଖ୍ରୀଷ୍ଟାବ୍ଦ । ମଣି ଦକ୍ଷିଣେଶ୍ୱରରେ ଠାକୁରଙ୍କ ସଙ୍ଗରେ ତାଙ୍କ ପଦଛାୟାରେ ବାସ କରୁଛନ୍ତି — ସେ ଠାକୁରଙ୍କ ପାଖରେ ବସି ପ୍ରହ୍ଲାଦଚରିତ ଶୁଣୁଛନ୍ତି । ଘରେ ଶ୍ରୀଯୁକ୍ତ ରାଖାଲ, ଲାଟୁ, ହରୀଶ୍ କେହି ବସି ଶୁଣୁଛନ୍ତି — କେହି ଯାତାୟାତ କରୁଛନ୍ତି । ହାଜରା ବାରଣ୍ଡାରେ ଅଛନ୍ତି ।

ଠାକୁର ପ୍ରହ୍ଲାଦ ଚରିତ ଶୁଣୁ ଶୁଣୁ ଭାବାବିଷ୍ଟ ହେଉଛନ୍ତି । ଯେତେବେଳେ ହିରଣ୍ୟକଶିପୁ ବଧ ହେଲା, ନୃସିଂହଙ୍କର ରୁଦ୍ରମୂର୍ତ୍ତି ଦେଖି ଓ ସିଂହନାଦ ଶୁଣି ବ୍ରହ୍ମାଦି ଦେବତାମାନେ ପ୍ରଳୟ ଆଶଙ୍କାରେ ପ୍ରହ୍ଲାଦଙ୍କୁ ନୃସିଂହଙ୍କ ପାଖକୁ ପଠାଇଦେଲେ । ବାଳକ ପ୍ରହ୍ଲାଦ ସ୍ତବ କରୁଛନ୍ତି । ଭକ୍ତବତ୍ସଳ ସ୍ନେହରେ ପ୍ରହ୍ଲାଦଙ୍କର ଦେହ ଚାଟୁଛନ୍ତି । ଠାକୁର ଭାବାବିଷ୍ଟ ହୋଇ କହୁଛନ୍ତି, 'ଆହା ! ଆହା ! ଭକ୍ତପ୍ରତି କି ପ୍ରୀତି !' କହୁ କହୁ ଠାକୁରଙ୍କର ଭାବ ସମାଧି ହେଲା । ସ୍ପନ୍ଦହୀନ, — ଚକ୍ଷୁ କୋଣରେ ପ୍ରେମାଶ୍ରୁ !

ଭାବ ଉପଶମ ପରେ ଠାକୁର ଛୋଟ ଖଟ ଉପରକୁ ଯାଇ ବସିଲେ । ମଣି ତଳେ ତାଙ୍କ ପାଦ ପାଖରେ ବସିଲେ । ଠାକୁର ତାଙ୍କ ସାଙ୍ଗରେ କଥା କହୁଛନ୍ତି । ଈଶ୍ୱରଙ୍କ ପଥରେ ରହି ଯେଉଁମାନେ ସ୍ତ୍ରୀ-ସଙ୍ଗ କରନ୍ତି, ସେମାନଙ୍କ ପ୍ରତି ଠାକୁର କ୍ରୋଧ ଓ ଘୃଣା ପ୍ରକାଶ କରୁଛନ୍ତି ।

ଶ୍ରୀରାମକୃଷ୍ଣ — ଲଜ୍ଜା ହେଉ ନାହିଁ । ପିଲା ହୋଇ ଯାଇଛି । ପୁଣି ସ୍ତ୍ରୀସଙ୍ଗ — ଘୃଣା ଲାଗେ ନାହିଁ — ପଶୁମାନଙ୍କ ପରି ବ୍ୟବହାର ! ନାଳ, ରକ୍ତ, ମଳ, ମୂତ୍ର ଏସବୁକୁ ଘୃଣା ଲାଗେ ନାହିଁ ! ଯେ ଭଗବାନଙ୍କର ପାଦପଦ୍ମ ଚିନ୍ତା କରେ, ତା'ର ପରମାସୁନ୍ଦରୀ ରମଣୀ ଚିତାଭସ୍ମ ପରି ବୋଧହୁଏ । ଯେଉଁ ଦେହ ରହିବ ନାହିଁ — ଯାହା ଭିତରେ କୃମି, କ୍ଲେଦ, ଶ୍ଲେଷ୍ମା ଯେତେ ପ୍ରକାର ଅପବିତ୍ର ପଦାର୍ଥ — ସେହି ଦେହ ନେଇ ଏତେ ଆନନ୍ଦ । ଲଜ୍ଜା ହୁଏ ନାହିଁ ।

### ଠାକୁରଙ୍କର ପ୍ରେମାନନ୍ଦ ଓ ମା'-କାଳୀଙ୍କ ପୂଜା

ମଣି ତିରସ୍କୃତ ହୋଇ ଚୁପ୍‌କରି ତଳକୁ ମୁହଁ କରି ବସିଛନ୍ତି । ଶ୍ରୀରାମକୃଷ୍ଣ ପୁଣି କହୁଛନ୍ତି — ତାଙ୍କ ପ୍ରେମର ଗୋଟିଏ ବିନ୍ଦୁ ଯଦି କେହି ପାଏ, ତାହାର

କାମିନୀ-କାଞ୍ଚନ ଅତି ତୁଚ୍ଛ ବୋଧହୁଏ । ମିଶ୍ରିପଣା ପିଇଲେ ପାଣିଗୁଡ଼ର ପଣା ତୁଚ୍ଛ ହୋଇଯାଏ । ତାଙ୍କୁ ବ୍ୟାକୁଳ ହୋଇ ପ୍ରାର୍ଥନା କଲେ, ତାଙ୍କର ନାମ ଗୁଣ ସର୍ବଦା କୀର୍ତ୍ତନ କଲେ — ତାଙ୍କ ପ୍ରତି କ୍ରମେ ସେହି ପ୍ରୀତି ହୁଏ । ଏହା କହି ଠାକୁର ପ୍ରେମୋନ୍ମତ୍ତ ହୋଇ ଘର ମଧ୍ୟରେ ନାଚି ବୁଲିବାକୁ ଲାଗିଲେ ଓ ଗୀତ ଗାଇଲେ-

ସୁରଧୁନୀର ତୀରେ ହରି ବୋଲେ କିଏ, ବୋଧେ ପ୍ରେମଦାତା ନିମାଇ ଆସିଛ ହେ ।

(ନିତାଇ ନ ହେଲେ ପ୍ରାଣ ରହେ କି ରେ) ।

ସକାଳ ପ୍ରାୟ ଦଶଟା ହେବ । ଶ୍ରୀଯୁକ୍ତ ରାମଲାଲ କାଳୀମନ୍ଦିରରେ ମା' କାଳୀଙ୍କର ନିତ୍ୟପୂଜା ଶେଷ କରିଛନ୍ତି । ଠାକୁର ମା'ଙ୍କୁ ଦର୍ଶନ କରିବା ପାଇଁ କାଳୀମନ୍ଦିରକୁ ଯାଉଛନ୍ତି । ମଣି ସଙ୍ଗରେ ରହିଛନ୍ତି । ମନ୍ଦିରରେ ପ୍ରବେଶ କରି ଠାକୁର ଆସନରେ ଉପବିଷ୍ଟ ହେଲେ । ଗୋଟିଏ ଦୁଇଟି ଫୁଲ ମା'ଙ୍କ ଚରଣରେ ଦେଲେ । ନିଜ ମୁଣ୍ଡରେ ଫୁଲ ଦେଇ ଧ୍ୟାନ କରୁଛନ୍ତି । ଏଥର ଗୀତ ଛଳରେ ମା'ଙ୍କର ସ୍ତବ କରୁଛନ୍ତି —

'ଭବତାରା ଭୟହରା ନାମ ଶୁଣିଛି ତୁମର,
ତେଣୁ ମୁଁ ଏଥର ଦେଇଛି ଭାର, ରଖିଲେ ରଖ ବା ନ ରଖ ଗୋ ମା' ।'

ଠାକୁର କାଳୀମନ୍ଦିରରୁ ଫେରି ତାଙ୍କ ଦକ୍ଷିଣ ପୂର୍ବ ବାରଣ୍ଡାରେ ବସିଛନ୍ତି । ଏପର୍ଯ୍ୟନ୍ତ ଠାକୁରମାନଙ୍କର ଭୋଗ ଓ ଭୋଗାଳତି ହୋଇ ନାହିଁ । ମା' କାଳୀ ଓ ରାଧାକାନ୍ତଙ୍କର ପ୍ରସାଦି ଘରର ଲହୁଣୀ ଏବଂ ଫଳମୂଳରୁ କିଛି ନେଇ ଠାକୁର ଜଳଯୋଗ କରିଛନ୍ତି । ରାଖାଲ ପ୍ରଭୃତି ଭକ୍ତମାନେ ମଧ୍ୟ କିଛି କିଛି ପାଇଛନ୍ତି ।

ଠାକୁରଙ୍କ ପାଖରେ ବସି ରାଖାଲ "Smiles' Self-Help" ପଢ଼ୁଛନ୍ତି — Lord Erskineଙ୍କ ବିଷୟ ।

## ନିଷ୍କାମ କର୍ମ-ପୂର୍ଣ୍ଣଜ୍ଞାନୀ ଗ୍ରନ୍ଥ ପଢ଼ନ୍ତି ନାହିଁ

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି) — ସେଥିରେ କ'ଣ ଅଛି ?

ମାଷ୍ଟର — ସାହେବ ଫଳାକାଙ୍‌କ୍ଷା ନ କରି କର୍ତ୍ତବ୍ୟ କର୍ମ କରୁଥିଲେ — ଏହି କଥା ରହିଛି । ନିଷ୍କାମ କର୍ମ ।

ଶ୍ରୀରାମକୃଷ୍ଣ — ତେବେ ତ ଭଲ ! କିନ୍ତୁ ପୂର୍ଣ୍ଣଜ୍ଞାନୀର ଲକ୍ଷଣ — ଖଣ୍ଡିଏ ମଧ୍ୟ ପୁସ୍ତକ ସଙ୍ଗରେ ରହିବ ନାହିଁ । ଯେପରି ଶୁକଦେବ — ତାଙ୍କର ସବୁ ମୁହଁରେ ।

"ବହିରେ — ଶାସ୍ତ୍ରରେ — ବାଲିରେ ଚିନି ମିଶାହୋଇ ରହିଛି — ସାଧୁ ଚିନିତକ ନେଇ ବାଲିକୁ ତ୍ୟାଗ କରେ । ସାଧୁ ସାର ଗ୍ରହଣ କରେ ।"

ଶୁକଦେବାଦିଙ୍କର ନାମ କରି ଠାକୁର କ'ଣ ନିଜର ଅବସ୍ଥା ଇଙ୍ଗିତ କରି ବୁଝାଉଛନ୍ତି ?

ବୈଷ୍ଣବଚରଣଙ୍କ କୀର୍ତ୍ତନ-ଦଳ ଆସିଛନ୍ତି । ସେ ସୁବଳ ମିଳନ କୀର୍ତ୍ତନ ଶୁଣାଇଲେ । କିୟତ୍‌କ୍ଷଣ ପରେ ଶ୍ରୀଯୁକ୍ତ ରାମଲାଲ ଥାଳିରେ ଠାକୁରଙ୍କ ପାଇଁ ପ୍ରସାଦ ଆଣି ଦେଲେ । ସେବା ପରେ ଠାକୁର କିଞ୍ଚିତ୍ ବିଶ୍ରାମ କଲେ ।

ରାତିରେ ମଣି ନହବତରେ ଶୋଇଲେ । ଶ୍ରୀଶ୍ରୀମା' ଯେତେବେଳେ ଦକ୍ଷିଣେଶ୍ୱରକୁ ଠାକୁରଙ୍କର ସେବା ପାଇଁ ଆସୁଥିଲେ, ସେତେବେଳେ ନହବତ୍‌ରେ ବାସ କରୁଥିଲେ । କେତେମାସ ହେବ ସେ କାମାରପୁକୁରକୁ ଶୁଭାଗମନ କରିଛନ୍ତି ।

## (୨)

### ଶ୍ରୀ ରାଖାଲ, ଲାଟୁ, ଜନାଇର ମୁଖାର୍ଜୀ ପ୍ରଭୃତି ଭକ୍ତମାନଙ୍କ ସଙ୍ଗରେ

ଠାକୁର ଶ୍ରୀରାମକୃଷ୍ଣ ମଣିଙ୍କ ସଙ୍ଗରେ ପଶ୍ଚିମରେ ଥିବା ଗୋଲ ବାରଣ୍ଡାରେ ବସିଛନ୍ତି । ସମ୍ମୁଖରେ ଦକ୍ଷିଣବାହିନୀ ଭାଗୀରଥି । ନିକଟରେ କରବୀ, ମଲ୍ଲୀ, ଯୁଇ, ଗୋଲାପ, କୃଷ୍ଣଚୂଡ଼ା ପ୍ରଭୃତି ନାନା କୁସୁମ-ବିଭୂଷିତ ପୁଷ୍ପବୃକ୍ଷ । ସମୟ ଦଶଟା ହେବ ।

ଆଜି ରବିବାର, ମାର୍ଗଶୀର କୃଷ୍ଣପକ୍ଷ ଦ୍ୱିତୀୟା, ୧୬ ଡିସେମ୍ବର ୧୮୮୩ ଖ୍ରୀଷ୍ଟାବ୍ଦ । ଠାକୁର ମଣିଙ୍କୁ ଦେଖୁଛନ୍ତି ଓ ଗୀତ ଗାଉଛନ୍ତି ।

ତାରିବାକୁ ହେବ ମା' ତାରା ହୋଇଛି ଶରଣାଗତ,
ହୋଇ ରହିଅଛି ଯେହ୍ନେ ପକ୍ଷୀ ପିଞ୍ଜରାଗତ ।
ଶତ ଅପରାଧୀ ମୁହିଁ, ଜ୍ଞାନଶୂନ୍ୟ ମିଛେ ଭ୍ରମି,
ବତ୍ସହରା ଗାଭୀ ପରି ମାୟାରେ ହୋଇ ମୋହିତ ।

### ରାମଚିନ୍ତା—ସୀତାଙ୍କ ପରି ବ୍ୟାକୁଳତା

''କାହିଁକି ? ପିଞ୍ଜରାର ପକ୍ଷୀ ପରି ହେବାକୁ ଯିବି କାହିଁକି ? ଛି ଛି !''

କଥା କହୁ କହୁ ଭାବାବିଷ୍ଟ—ଶରୀର, ମନ ସବୁସ୍ଥିର ଓ ଚକ୍ଷୁରେ ଅଶ୍ରୁଧାରା । କିଛିକ୍ଷଣ ପରେ କହୁଛନ୍ତି, 'ମା' ସୀତାଙ୍କ ପରି କରିଦିଅ—ଏକାବେଳକେ ସବୁ ଭୁଲ—ଦେହ ଭୁଲ୍, ଯୋନି, ହାତ ପାଦ, ସ୍ତନ—କୌଣସି ଦିଗରେ ହୋସ୍ ନାହିଁ । କେବଳ ଗୋଟିଏ ଚିନ୍ତା—କେଉଁଠାରେ ରାମ !'

କିପରି ବ୍ୟାକୁଳ ହେଲେ ଈଶ୍ୱର ଲାଭ ହୁଏ—ମଣିଙ୍କୁ ଏହା ଶିଖାଇବା ପାଇଁ କ'ଣ ଠାକୁରଙ୍କ ଭିତରେ ସୀତାଙ୍କ ଭାବ ଉଦ୍ଦୀପନା ହେଲା ? ସୀତା ରାମମୟ ଜୀବିତା—ରାମଚିନ୍ତା କରି ଉନ୍ମାଦିନୀ—ଦେହ ଯେ ଏପରି ପ୍ରିୟ ତାହା ମଧ୍ୟ ଭୁଲିଯାଇଛନ୍ତି ।

ସମୟ ଅପରାହ୍ଣ ୪ଟା । ଠାକୁର ଶ୍ରୀରାମକୃଷ୍ଣ ଭକ୍ତମାନଙ୍କ ସଙ୍ଗରେ ସେହି ଘରେ ବସିଛନ୍ତି । ଜନାଇର ମୁଖାର୍ଜୀବାବୁ ଆସିଛନ୍ତି—ସେ ଶ୍ରୀଯୁକ୍ତ ପ୍ରାଣକୃଷ୍ଣଙ୍କର ଜ୍ଞାତି । ତାଙ୍କ ସଙ୍ଗରେ ଜଣେ ଶାସ୍ତ୍ରଜ୍ଞ ବ୍ରାହ୍ମବନ୍ଧୁ । ମଣି, ରାଖାଲ, ଲାଟୁ, ହରୀଶ୍

ଓ ଯୋଗୀନ୍ ପ୍ରଭୃତି ଭକ୍ତମାନେ ଅଛନ୍ତି । ଯୋଗୀନ୍ ଦକ୍ଷିଣେଶ୍ୱରର ସାବର୍ଣ୍ଣ ଚୌଧୁରୀ ବଂଶର ପୁଅ । ସେ ଆଜିକାଲି ପ୍ରାୟ ପ୍ରତ୍ୟହ ଉପରବେଳା ଠାକୁରଙ୍କୁ ଦର୍ଶନ କରିବାକୁ ଆସନ୍ତି ଓ ରାତ୍ରିରେ ଚାଲିଯାଆନ୍ତି । ଯୋଗୀନ୍ ଏପର୍ଯ୍ୟନ୍ତ ବିବାହ କରିନାହାନ୍ତି ।

ମୁଖାର୍ଜୀ (ପ୍ରଣାମାନ୍ତର) — ଆପଣଙ୍କୁ ଦର୍ଶନ କରି ଭାରି ଆନନ୍ଦ ହେଲା ।

ଶ୍ରୀରାମକୃଷ୍ଣ — ସେ ସମସ୍ତଙ୍କ ମଧ୍ୟରେ ଅଛନ୍ତି । ସମସ୍ତଙ୍କ ଭିତରେ ସେହି ସୁନା, କେଉଁଠାରେ ବେଶୀ ପ୍ରକାଶ । ସଂସାରରେ ଗଭୀର ମାଟି ତଳେ ସୁନା ।

ମୁଖାର୍ଜୀ (ସହାସ୍ୟ) — ମହାଶୟ ! ଐହିକ ଓ ପାରତ୍ରିକରେ କ'ଣ ତଫାତ୍ ?

ଶ୍ରୀରାମକୃଷ୍ଣ — ସାଧନ ସମୟରେ ନେତି, ନେତି କରି ତ୍ୟାଗ କରିବାକୁ ହୁଏ ତାଙ୍କୁ ଲାଭ କରିବା ପରେ ବୁଝାଯାଏ, ସେ କେବଳ ସବୁ ହୋଇଛନ୍ତି ।

''ଯେତେବେଳେ ରାମଚନ୍ଦ୍ରଙ୍କର ବୈରାଗ୍ୟ ହେଲା । ଦଶରଥ ଖୁବ୍ ଚିନ୍ତାନ୍ୱିତ ହୋଇ ବଶିଷ୍ଠଦେବଙ୍କର ଶରଣାଗତ ହେଲେ — ଯେପରି ରାମ ସଂସାର ତ୍ୟାଗ ନ କରନ୍ତି । ବଶିଷ୍ଠ ରାମଚନ୍ଦ୍ରଙ୍କ ପାଖକୁ ଯାଇ ଦେଖନ୍ତି, ସେ ବିମନା ହୋଇ ବସିଛନ୍ତି — ଅନ୍ତରରେ ତୀବ୍ର ବୈରାଗ୍ୟ ! ବଶିଷ୍ଠ କହିଲେ, ରାମ, ତୁମେ ସଂସାର ତ୍ୟାଗ କରିବ କାହିଁକି ? ସଂସାର କ'ଣ ଈଶ୍ୱରଛଡ଼ା ? ମୋ ସଙ୍ଗରେ ବିଚାର କର । ରାମ ଦେଖିଲେ, ସଂସାର ସେହି ପରଂବ୍ରହ୍ମରୁ ହୋଇଛି, — ତେଣୁ ନୀରବ ରହିଲେ ।

''ଯେପରି ଯେଉଁ ଜିନିଷରୁ ଘୋଳଦହି, ସେହି ଜିନିଷରୁ ଲହୁଣୀ । ସେତେବେଳେ ଘୋଳଦହିର ଲହୁଣୀ, ଲହୁଣୀର ହିଁ ଘୋଳଦହି । ଅନେକ କଷ୍ଟ କରି ଲହୁଣୀ ବାହାର କଲେ (ଅର୍ଥାତ୍ ବ୍ରହ୍ମଜ୍ଞାନ ହେଲେ); ସେତେବେଳେ ଦେଖୁଛ ଯେ ଲହୁଣୀରେ ଘୋଳଦହି ଅଛି, — ଯେଉଁଠାରେ ଲହୁଣୀ ସେହିଠାରେ ହିଁ ଘୋଳଦହି । ବ୍ରହ୍ମ ଅଛନ୍ତି — ଏହି ବୋଧ ରହିଲେ ହିଁ ଜୀବ, ଜଗତ, ଚତୁର୍ବିଂଶତି ତତ୍ତ୍ୱ ମଧ୍ୟ ଅଛି ।

## ବ୍ରହ୍ମଜ୍ଞାନର ଏକମାତ୍ର ଉପାୟ

''ବ୍ରହ୍ମ ଯେ କି ବସ୍ତୁ ମୁହଁରେ କୁହାଯାଏ ନାହିଁ । ସବୁ ଜିନିଷ ଉଚ୍ଛିଷ୍ଟ ହୋଇଛି (ଅର୍ଥାତ୍ ମୁହଁରେ କୁହାଯାଇଛି); କିନ୍ତୁ ବ୍ରହ୍ମ ଯେ କ'ଣ ତାହା କେହି ମୁହଁରେ କହିପାରନ୍ତି ନାହିଁ । ତେଣୁ ଉଚ୍ଛିଷ୍ଟ ହୋଇ ନାହିଁ । ଏହି କଥାଟି ବିଦ୍ୟାସାଗରଙ୍କୁ କହିଥିଲି — ବିଦ୍ୟାସାଗର ଶୁଣି ଭାରି ଖୁସୀ ।

''ବିଷୟ ବୁଦ୍ଧି ସାମାନ୍ୟ ରହିଲେ ଏହି ବ୍ରହ୍ମଜ୍ଞାନ ହୁଏ ନାହିଁ । କାମିନୀ-କାଞ୍ଚନ ମନରେ ଆଦୌ ରହିବ ନାହିଁ, ତେବେ ଯାଇ ହେବ । ଗିରିରାଜଙ୍କୁ ପାର୍ବତୀ କହିଲେ, ବାପା, ବ୍ରହ୍ମଜ୍ଞାନ ଯଦି ଚାହୁଁଛ, ତା'ହେଲେ ସାଧୁସଙ୍ଗ କର ।''

ଠାକୁର କ'ଣ କହୁଛନ୍ତି, ସଂସାରୀ ଲୋକ ବା ସନ୍ୟାସୀ କାମିନୀ-କାଞ୍ଚନ ନେଇ ଯଦି ରହନ୍ତି, ତା'ହେଲେ ବ୍ରହ୍ମଜ୍ଞାନ ହୁଏ ନାହିଁ ?

**ଯୋଗଭ୍ରଷ୍ଟ — ବ୍ରହ୍ମଜ୍ଞାନ ପରେ ସଂସାର**

ଶ୍ରୀରାମକୃଷ୍ଣ ପୁଣି ମୁଖାର୍ଜୀଙ୍କୁ ସମ୍ବୋଧନ କରି କହୁଛନ୍ତି — ତୁମମାନଙ୍କର ଧନ ଐଶ୍ୱର୍ଯ୍ୟ ଅଛି, ଅଥଚ ଈଶ୍ୱରଙ୍କୁ ଡାକୁଛ, ଇଏ ଖୁବ୍ ଭଲ । ଗୀତାରେ ଅଛି, ଯେଉଁମାନେ ଯୋଗଭ୍ରଷ୍ଟ ସେମାନେ ହିଁ ଭକ୍ତ ହୋଇ ଧନୀ ଘରେ ଜନ୍ମଗ୍ରହଣ କରନ୍ତି ।

ମୁଖାର୍ଜୀ(ବନ୍ଧୁଙ୍କ ପ୍ରତି ସହାସ୍ୟ) — 'ଶୁଚୀନାଂ ଶ୍ରୀମତାଂ ଗେହେ ଯୋଗଭ୍ରଷ୍ଟୋଽଭିଜାୟତେ' ।

ଶ୍ରୀରାମକୃଷ୍ଣ — ସେ ମନେ କଲେ ଜ୍ଞାନୀଙ୍କୁ ମଧ୍ୟ ସଂସାରରେ ରଖିପାରନ୍ତି । ତାଙ୍କ ଇଚ୍ଛାରେ ଜୀବଜଗତ୍ ହୋଇଅଛି, ସେ ଇଚ୍ଛାମୟ ।

ମୁଖାର୍ଜୀ(ସହାସ୍ୟ) — ତାଙ୍କର ପୁଣି ଇଚ୍ଛା କ'ଣ ? ତାଙ୍କର କ'ଣ କିଛି ଅଭାବ ଅଛି ?

ଶ୍ରୀରାମକୃଷ୍ଣ(ସହାସ୍ୟ) — ସେଥିରେ ବା ଦୋଷ କ'ଣ ? ଜଳ ସ୍ଥିର ରହିଲେ ଜଳ, ତରଙ୍ଗ ହେଲେ ମଧ୍ୟ ସେଇ ଜଳ ।

**ଜୀବଜଗତ କି ମିଥ୍ୟା ?**

''ସାପ ଚୁପ୍ ହୋଇ କୁଣ୍ଡଳୀ ପକାଇ ରହିଲେ ବି ସାପ, — ଆଉ ତିର୍ଯ୍ୟକ୍ ଗତି କରି ଅଙ୍କା ବଙ୍କା ହୋଇ ଚାଲିଲେ ବି ସାପ ।''

''ବାବୁ ଯେତେବେଳେ ଚୁପ୍ କରି ରହିଛନ୍ତି ସେତେବେଳେ ଯେଉଁ ବ୍ୟକ୍ତି, — ଯେତେବେଳେ କାର୍ଯ୍ୟ କରୁଛନ୍ତି ସେତେବେଳେ ମଧ୍ୟ ସେହି ବ୍ୟକ୍ତି ।

''ଜୀବଜଗତକୁ ବାଦ୍ ଦେବ କିପରି — ତା'ହେଲେ ତ ଓଜନରେ କମ୍ ପଡ଼ିବ ! ବେଲର ମଞ୍ଜି ଓ ଖୋଳପା ବାଦ ଦେଲେ ପୁରା ବେଲଟିର ଓଜନ ମିଳିବ ନାହିଁ ।

''ବ୍ରହ୍ମ ନିର୍ଲିପ୍ତ । ବାୟୁରେ ସୁଗନ୍ଧ ଓ ଦୁର୍ଗନ୍ଧ ଉଭୟ ଥାଏ, କିନ୍ତୁ ବାୟୁ ନିର୍ଲିପ୍ତ । ବ୍ରହ୍ମ ଆଉ ଶକ୍ତି ଅଭେଦ । ସେହି ଆଦ୍ୟାଶକ୍ତିରେ ହିଁ ଜୀବଜଗତ ହୋଇଛି ।''

**ସମାଧି ଯୋଗର ଉପାୟ — କ୍ରନ୍ଦନ: ଭକ୍ତିଯୋଗ ଓ ଧ୍ୟାନଯୋଗ**

ମୁଖାର୍ଜୀ — କାହିଁକି ଯୋଗ ଭ୍ରଷ୍ଟ ହୁଏ ?

ଶ୍ରୀରାମକୃଷ୍ଣ — ଗର୍ଭରେ ଥିଲି, ଯୋଗରେ ଥିଲି, ଭୂମିରେ ପଡ଼ି ଖାଇଲି ମାଟି । ଆରେ ଧାତ୍ରୀ ତ କାଟିଛି ନାଡ଼ି, ମାୟା ଦଉଡ଼ି ମୁଁ କିପରି କାଟି ।

''କାମିନୀ-କାଞ୍ଚନ ହିଁ ମାୟା । ମନରୁ ଏହି ଦୁଇଟି ଦୂର ହେବା ମାତ୍ରେ ଯୋଗ । ଆତ୍ମା-ପରମାତ୍ମା ଚୁମ୍ବକ ପଥର । ଜୀବାତ୍ମା ଯେପରି ଗୋଟିଏ ଛୁଞ୍ଚି— ସିଏ ଟାଣିନେଲେ ଯୋଗ । କିନ୍ତୁ ଛୁଞ୍ଚିରେ ଯଦି ମାଟି ଲାଗିଥାଏ ଚୁମ୍ବକ ଟାଣେ ନାହିଁ—ମାଟି ସଫା କରିଦେଲେ ପୁଣି ଟାଣେ । କାମିନୀ-କାଞ୍ଚନରୂପକ ମାଟିକୁ ପରିଷ୍କାର କରିବାକୁ ହୁଏ ।''

ମୁଖାର୍ଜୀ—କିପରି ପରିଷ୍କାର ହୁଏ ?

ଶ୍ରୀରାମକୃଷ୍ଣ—ତାଙ୍କ ପାଇଁ କାନ୍ଦି ପାରିଲେ ଦର୍ଶନ ମିଳେ—ସମାଧି ହୁଏ । ଯୋଗରେ ସିଦ୍ଧ ହେଲେ ସମାଧି । କାନ୍ଦିଲେ କୁମ୍ଭକ ଆପେ ହୁଏ, ତା'ପରେ ସମାଧି ।

''ଆଉ ଗୋଟିଏ ହେଉଛି ଧ୍ୟାନ । ସହସ୍ରାରେ ଶିବ ବିଶେଷରୂପରେ ଅଛନ୍ତି । ତାଙ୍କ ଧ୍ୟାନ । ଶରୀର ସରା, ମନ-ବୁଦ୍ଧି ଜଳ । ଏହି ଜଳରେ ସେହି ସଚ୍ଚିଦାନନ୍ଦ ସୂର୍ଯ୍ୟଙ୍କର ପ୍ରତିବିମ୍ବ ପଡ଼େ । ସେହି ପ୍ରତିବିମ୍ବ ସୂର୍ଯ୍ୟର ଧ୍ୟାନ କରୁ କରୁ ସତ୍ୟ ସୂର୍ଯ୍ୟ ତାଙ୍କ କୃପାରୁ ଦର୍ଶନ ହୁଏ ।

### ସାଧୁସଙ୍ଗ କର ଓ ଓକିଲାତିନାମା ଦିଅ

''କିନ୍ତୁ ସଂସାରୀ ଲୋକର ସର୍ବଦା ସାଧୁସଙ୍ଗ ଦରକାର । ସମସ୍ତଙ୍କର ହିଁ ଦରକାର । ସନ୍ନ୍ୟାସୀର ମଧ୍ୟ ଦରକାର । ତେବେ ସଂସାରୀମାନଙ୍କର ବିଶେଷତଃ ରୋଗ ଲାଗି ରହିଛି—କାମିନୀ କାଞ୍ଚନ ମଧ୍ୟରେ ସର୍ବଦା ରହିବାକୁ ପଡ଼େ ।''

ମୁଖାର୍ଜୀ—ଆଜ୍ଞା ହଁ, ରୋଗ ଲାଗି ରହିଛି ।

ଶ୍ରୀରାମକୃଷ୍ଣ—ତାଙ୍କୁ ଓକିଲାତିନାମା ଦିଅ—ଯାହା କରିବାର କଥା ସେ କରନ୍ତୁ । ତୁମେ ବିରାଡ଼ିଛୁଆ ପରି କେବଳ ତାଙ୍କୁ ବ୍ୟାକୁଳ ହୋଇ ଡାକ । ତା'ର ମା' ଯେଉଁଠି ତାକୁ ରଖୁ—ସେ କିଛି ଜାଣେ ନାହିଁ;—କେତେବେଳେ ବିଛଣା ଉପରେ ରଖୁଛି—କେତେବେଳେ ବା ଚୁଲି ମୁଣ୍ଡରେ ।

### ପ୍ରବର୍ତ୍ତକ ଶାସ୍ତ୍ର ପଢ଼ନ୍ତି—ସାଧନା ପରେ ଯାଇ ଦର୍ଶନ

ମୁଖାର୍ଜୀ—ଗୀତା ପ୍ରଭୃତି ଶାସ୍ତ୍ର ପଢ଼ିବା ଭଲ ।

ଶ୍ରୀରାମକୃଷ୍ଣ—''ଖାଲି ପଢ଼ିଲେ ଶୁଣିଲେ କ'ଣ ହେବ ? କେହି ଦୁଧ ବୋଲି ଶୁଣିଛି, କେହି ଦୁଧ ଦେଖିଛି, କେହି ଦୁଧ ଖାଇଛି । ଈଶ୍ୱରଙ୍କୁ ଦର୍ଶନ କରାଯାଏ—ଆଉ ତାଙ୍କ ସଙ୍ଗରେ ଆଳାପ କରାଯାଏ ।''

''ପ୍ରଥମେ ପ୍ରବର୍ତ୍ତକ । ସେ ପଢ଼େ ଓ ଶୁଣେ, ତା'ପରେ ସାଧକ—ତାଙ୍କୁ ଡାକୁଛି, ଧ୍ୟାନ ଚିନ୍ତା କରୁଛି, ନାମ ଗୁଣ କୀର୍ତ୍ତନ କରୁଛି । ତା'ପରେ ସିଦ୍ଧ— ତାଙ୍କୁ ବୋଧରେ ବୋଧ କରୁଛି, ଦର୍ଶନ କରୁଛି, ତା'ପରେ ସିଦ୍ଧର ସିଦ୍ଧ; ଯେପରି ଚୈତନ୍ୟଦେବଙ୍କର ଅବସ୍ଥା; କେତେବେଳେ ବାତ୍ସଲ୍ୟ, କେତେବେଳେ ପୁଣି ମଧୁର ଭାବ ।''

ମଣି, ରାଖାଲ, ଯୋଗୀନ୍, ଲାଟୁ ପ୍ରଭୃତି ଭକ୍ତମାନେ ଏହି ସମସ୍ତ ଦେବଦୁର୍ଲ୍ଲଭ ତତ୍ତ୍ୱ କଥା ଅବାକ୍ ହୋଇ ଶୁଣୁଛନ୍ତି ।

ଏଥର ମୁଖାର୍ଜୀ ବିଦାୟ ନେବେ—ସେମାନେ ପ୍ରଣାମ କରି ଠିଆ ହେଲେ । ଠାକୁର ଯେପରି ସେମାନଙ୍କର ସମ୍ମାନାର୍ଥେ ଉଠି ଠିଆ ହେଲେ ।

ମୁଖାର୍ଜୀ(ସହାସ୍ୟ)—ଆପଣଙ୍କର ପୁଣି ଉଠାବସା ।

ଶ୍ରୀରାମକୃଷ୍ଣ(ସହାସ୍ୟ)—ଆଚ୍ଛା । ଉଠାବସାରେ କ୍ଷତି କ'ଣ ? ଜଳ ସ୍ଥିର ରହିଲେ ଜଳ—ଆଉ ହଲଚଲ ହେଲେ ମଧ୍ୟ ଜଳ । ଝଡ଼ରେ ଗୋଟିଏ ପତ୍ର—ପବନ ଯେଉଁ ଆଡ଼କୁ ଇଚ୍ଛା ନେଇଯାଏ । ମୁଁ ଯନ୍ତ୍ର ସେ ଯନ୍ତ୍ରୀ ।

## (୩)

## ଶ୍ରୀରାମକୃଷ୍ଣଙ୍କର ଦର୍ଶନ ଓ ବେଦାନ୍ତ ସମ୍ବନ୍ଧରେ ଗୁହ୍ୟ ବ୍ୟାଖ୍ୟା

## ଅଦ୍ୱୈତବାଦ ଓ ବିଶିଷ୍ଟାଦ୍ୱୈତବାଦ—ଜଗତ କ'ଣ ମିଥ୍ୟା

Identity of the Undifferentiated and differentiated

ଜନାଇର ମୁଖାର୍ଜୀ ପ୍ରଭୃତି ଚାଲିଗଲେ । ମଣି ଭାବୁଛନ୍ତି, ବେଦାନ୍ତ ଦର୍ଶନ ମତରେ 'ସବୁ ସ୍ୱପ୍ନବତ୍' । ତେବେ ଜୀବଜଗତ, ମୁଁ, ଏସବୁ କ'ଣ ମିଥ୍ୟା ?

ମଣି ଅଳ୍ପ ବେଦାନ୍ତ ପଢ଼ିଛନ୍ତି । ବେଦାନ୍ତର ଅସ୍ଫୁଟ ପ୍ରତିଧ୍ୱନି, ଆଉ କାଣ୍ଟ୍, ହେଗେଲ୍ ପ୍ରଭୃତି ଜର୍ମାନୀ ପଣ୍ଡିତମାନଙ୍କର ବିଚାର କିଛି ପଢ଼ିଛନ୍ତି । କିନ୍ତୁ ଠାକୁର ଶ୍ରୀରାମକୃଷ୍ଣ ଦୁର୍ବଳ ମନୁଷ୍ୟ ପରି ବିଚାର କରନ୍ତି ନାହିଁ—ଜଗନ୍ମାତା ତାଙ୍କୁ ସମସ୍ତ ଦର୍ଶନ[୧] କରାଇଛନ୍ତି । ମଣି ଏ ବିଷୟରେ ଭାବୁଛନ୍ତି ।

କିୟତ୍କ୍ଷଣ ପରେ ଶ୍ରୀରାମକୃଷ୍ଣ ମଣିଙ୍କ ସହିତ ଏକାକୀ ପଶ୍ଚିମପଟ ଗୋଲାକାର ବାରଣ୍ଡା ଉପରେ କଥା କହୁଛନ୍ତି । ସମ୍ମୁଖରେ ଗଙ୍ଗା—କୁଳୁ କୁଳୁ ନାଦ କରି ଦକ୍ଷିଣ ଦିଗରେ ପ୍ରବାହିତ ହେଉଛି । ଶୀତକାଳ—ସୂର୍ଯ୍ୟଦେବ ବର୍ତ୍ତମାନ ଦକ୍ଷିଣ-ପଶ୍ଚିମ କୋଣରେ ଦେଖାଯାଉଛନ୍ତି । ଯାହାଙ୍କର ଜୀବନ ବେଦମୟ—ଯାହାଙ୍କର ଶ୍ରୀମୁଖନିଃସୃତ ବାକ୍ୟ ବେଦାନ୍ତ ବାକ୍ୟ—ଯାହାଙ୍କର ଶ୍ରୀମୁଖ ଦେଇ ଭଗବାନ କଥା କହୁଛନ୍ତି—ଯାହାଙ୍କର କଥାମୃତକୁ ନେଇ ବେଦ, ବେଦାନ୍ତ, ଶ୍ରୀମଦ୍ଭାଗବତ ପ୍ରଭୃତି ଗ୍ରନ୍ଥ-ରୂପ ଧାରଣ କରିଛନ୍ତି, ସେହି ଅହେତୁକ କୃପାସିନ୍ଧୁ ପୁରୁଷ ଗୁରୁରୂପ ଧାରଣ କରି କଥା କହୁଛନ୍ତି ।

ମଣି—ଜଗତ କ'ଣ ମିଥ୍ୟା ?

ଶ୍ରୀରାମକୃଷ୍ଣ—ମିଥ୍ୟା କାହିଁକି ? ସେସବୁ ବିଚାରର କଥା ।

''ପ୍ରଥମେ, 'ନେତି' 'ନେତି' ବିଚାର କରିବା ସମୟରେ, ସେ ଜୀବ ନୁହଁନ୍ତି, ଜଗତ ନୁହଁନ୍ତି, ଚତୁର୍ବିଂଶତି ତତ୍ତ୍ୱ ନୁହଁନ୍ତି, ହୋଇଯାଏ;—'ଏହିସବୁ

---

୧. Revelation; Transcendental Perception, God vision,

ସ୍ୱପ୍ନବତ୍ ହୋଇଯାଏ ।' ତା'ପରେ ଅନୁଲୋମ ବିଲୋମ । ସେତେବେଳେ ସେ ହିଁ କେବଳ ଜୀବଜଗତ ହୋଇଛନ୍ତି ବୋଲି ବୋଧହୁଏ ।

''ତୁମେ ସିଡ଼ି ଧରି ଧରି ଛାତକୁ ଉଠିଲ । କିନ୍ତୁ ଯେତେକ୍ଷଣ ପର୍ଯ୍ୟନ୍ତ ଛାତ-ବୋଧ, ସେତେକ୍ଷଣ ପର୍ଯ୍ୟନ୍ତ ସିଡ଼ି ମଧ୍ୟ ଅଛି ।

''ପୁଣି ଛାତକୁ ଉଠି ଦେଖିଲ—ଯେଉଁ ଜିନିଷରେ ଛାତ ତିଆରି ହୋଇଛି—ଇଟା, ଚୂନ, ସୁରକି—ସେହି ଜିନିଷରେ ସିଡ଼ି ତିଆରି ହୋଇଛି ।

''ଆଉ ଯେପରି ବେଲର କଥା କହିଛି । ଯାହାର ଅଟଳ ଅଛି । ତାହାର ଟଳ ମଧ୍ୟ ଅଛି ।

''ମୁଁ ଯିବାର ନୁହେଁ । 'ମୁଁ ଘଟ' ଯେତେକ୍ଷଣ ରହିଛି, ସେତେକ୍ଷଣ ଜୀବଜଗତ ମଧ୍ୟ ରହିଛି । ତାଙ୍କୁ ଲାଭ କଲେ ଦେଖାଯାଏ, ସେ ହିଁ ଜୀବ ଜଗତ ହୋଇଛନ୍ତି । ଖାଲି ବିଚାରରେ ହୁଏ ନାହିଁ ।

''ଶିବଙ୍କର ଦୁଇଟି ଅବସ୍ଥା । ଯେତେବେଳେ ସମାଧିସ୍ଥ—ମହାଯୋଗରେ ବସିଛନ୍ତି—ସେତେବେଳେ ଆତ୍ମାରାମ । ଆଉ ଯେତେବେଳେ ସେ ସେହି ଅବସ୍ଥାରୁ ଅବତରଣ କରନ୍ତି—ଟିକିଏ 'ମୁଁ' ରହେ, ସେତେବେଳେ 'ରାମ' 'ରାମ' କହି ନୃତ୍ୟ କରନ୍ତି ।''

ଠାକୁର ଶିବଙ୍କର ଅବସ୍ଥା ବର୍ଣ୍ଣନା କରି, କ'ଣ ନିଜର ଅବସ୍ଥା ଇଙ୍ଗିତ କରି କହୁଛନ୍ତି ?

ସନ୍ଧ୍ୟା ହେଲା । ଠାକୁର ଜଗନ୍ମାତାଙ୍କର ନାମ ଓ ତାଙ୍କର ଚିନ୍ତା କରୁଛନ୍ତି । ଭକ୍ତମାନେ ମଧ୍ୟ ନିର୍ଜନରେ ଯାଇ ନିଜ ନିଜର ଧ୍ୟାନ ଆଦି କରିବାକୁ ଲାଗିଲେ । ଏଣେ ଦେବାଳୟର ମା'କାଳୀଙ୍କ ମନ୍ଦିରରେ, ଶ୍ରୀରାଧାକାନ୍ତଙ୍କ ମନ୍ଦିରରେ ଓ ଦ୍ୱାଦଶ ଶିବ ମନ୍ଦିରରେ ଆଳତି ହେବାକୁ ଲାଗିଲା ।

ଆଜି କୃଷ୍ଣ ପକ୍ଷର ଦ୍ୱିତୀୟା ତିଥି । ସନ୍ଧ୍ୟାର କିଛିକ୍ଷଣ ପରେ ଚନ୍ଦ୍ରୋଦୟ ହେଲା । ସେହି ଚନ୍ଦ୍ରକିରଣ ମନ୍ଦିର ଶୀର୍ଷରେ, ଚତୁର୍ଦ୍ଦିଗର ତରୁଲତା ଓ ମନ୍ଦିରର ପଶ୍ଚିମକୁ ଥିବା ଭାଗୀରଥି ବକ୍ଷରେ ପଡ଼ି ଅପୂର୍ବ ଶୋଭା ଧାରଣ କରିଅଛି । ଏହି ସମୟରେ ସେହି ପୂର୍ବ ପରିଚିତ ଘରେ ଭଗବାନ ଶ୍ରୀରାମକୃଷ୍ଣ ବସିଛନ୍ତି । ମଣି ତଳେ ବସିଛନ୍ତି । ମଣି ଅପରାହ୍ନରେ ବେଦାନ୍ତ ସମ୍ବନ୍ଧରେ ଯେଉଁ କଥାର ଅବତାରଣା କରିଥିଲେ, ଠାକୁର ପୁଣି ସେହି କଥା କହୁଛନ୍ତି ।

## ସବୁ ଚିନ୍ମୟ ଦର୍ଶନ—ମଥୁରଙ୍କୁ ମନ୍ଦିର ପରିଚାଳକଙ୍କର ପତ୍ର ଲେଖା

ଶ୍ରୀରାମକୃଷ୍ଣ(ମଣିଙ୍କ ପ୍ରତି)—ଜଗତ ମିଥ୍ୟା କାହିଁକି ହେବ ? ସେସବୁ ବିଚାରର କଥା । ତାଙ୍କୁ ଦର୍ଶନ କଲେ ସେତେବେଳେ ବୁଝାଯିବ ଯେ ସେ ହିଁ ଜୀବଜଗତ ହୋଇଛନ୍ତି ।

''ମୋତେ ମା' କାଳୀ ମନ୍ଦିରରେ ଦେଖାଇ ଦେଲେ ଯେ ମା' ହିଁ କେବଳ ସବୁ ହୋଇଛନ୍ତି । ଦେଖାଇ ଦେଲେ ଯେ ସବୁ ଚିନ୍ମୟ । ପ୍ରତିମା ଚିନ୍ମୟ । ଦେବୀ ଚିନ୍ମୟ । ଜଳପାତ୍ର ଚିନ୍ମୟ ! ଚୌକାଠ ଚିନ୍ମୟ ! ମାର୍ବଲର ପଥର — ସବୁ ଚିନ୍ମୟ ।

''ଘର ଭିତରେ ଦେଖେ — ସବୁ ଯେପରି ରସମୟ ହୋଇଛି ! ସଚ୍ଚିଦାନନ୍ଦ ରସରେ !

''କାଳୀମନ୍ଦିର ସମ୍ମୁଖରେ ଜଣେ ଦୁଷ୍ଟ ଲୋକକୁ ଦେଖିଲି — କିନ୍ତୁ ତା ଭିତରେ ତାଙ୍କର ଶକ୍ତି ଜଳ ଜଳ କରୁଛି ।

''ସେଥିପାଇଁ ତ ବିରାଡ଼ିକୁ ଭୋଗ ପାଇଁ ଥିବା ଲୁଚି ଖୁଆଇଥିଲି । ଦେଖିଲି ମା' ସବୁ ହୋଇଛନ୍ତି — ବିରାଡ଼ି ପର୍ଯ୍ୟନ୍ତ । ସେତେବେଳେ ମନ୍ଦିର ପରିଚାଳକ ମଥୁରବାବୁଙ୍କୁ ଚିଠି ଲେଖିଲେ ଯେ ଭଟ୍ଟାଚାର୍ଯ୍ୟ ମହାଶୟ ଭୋଗ ଲୁଚି ବିରାଡ଼ିକୁ ଖୁଆଇଛନ୍ତି । ମଥୁରବାବୁ ମୋର ଅବସ୍ଥା ବୁଝିପାରିଥିଲେ । ପତ୍ରର ଉତ୍ତରରେ ଲେଖିଲେ, 'ସେ ଯାହା ଇଚ୍ଛା ତାହା କରନ୍ତୁ, ସେଥିରେ କେହି ବାଧା ଦିଅ ନାହିଁ ।

''ତାଙ୍କୁ ଲାଭ କଲେ ଏଗୁଡ଼ିକ ଠିକ୍ ଦେଖାଯାଏ । ସେ ଜୀବ, ଜଗତ, ଚତୁର୍ବିଂଶତି ତତ୍ତ୍ୱ ହୋଇଛନ୍ତି ।

''ତେବେ ସେ ଯଦି 'ମୁଁ'କୁ ଏକାବେଳକେ ପୋଛି ଦିଅନ୍ତି, ସେତେବେଳେ ଯେ କଣ ହୁଏ ତାହା ମୁହଁରେ କହି ହୁଏ ନାହିଁ । ରାମପ୍ରସାଦ ଯେପରି କହିଛନ୍ତି — 'ସେତେବେଳେ ତୁମେ ଭଲ କି ମୁଁ ଭଲ ସେ କଥା ତୁମେ ବୁଝିବ; ସେ ଅବସ୍ଥା ମଧ୍ୟ ମୋର ଥରେ ଥରେ ହୁଏ ।' ବିଚାର କରି ଏକ ପ୍ରକାର ଦେଖାଯାଏ, ଆଉ ସେ ଯେତେବେଳେ ଦେଖାଇଦିଅନ୍ତି, ସେତେବେଳେ ଆଉ ଏକପ୍ରକାର ଦେଖାଯାଏ ।''

## (୪)

### ଜୀବନର ଉଦ୍ଦେଶ୍ୟ ଈଶ୍ୱର ଦର୍ଶନ — ଉପାୟ ପ୍ରେମ

ପରଦିନ ୧୭ ଡିସେମ୍ବର ୧୮୮୩ ସୋମବାର, ସମୟ ସକାଳ ୮ଟା ହେବ । ଠାକୁର ସେହି ଘରେ ବସିଛନ୍ତି । ରାଖାଲ, ଲାଟୁ ପ୍ରଭୃତି ଭକ୍ତମାନେ ମଧ୍ୟ ଅଛନ୍ତି । ମଣି ତଳେ ବସିଛନ୍ତି । ଶ୍ରୀଯୁକ୍ତ ମଧୁ ଡାକ୍ତର ଆସିଛନ୍ତି । ସେ ଠାକୁରଙ୍କ ପାଖରେ ସେହି ଛୋଟ ଖଟଟି ଉପରେ ବସିଛନ୍ତି । ମଧୁ ଡାକ୍ତର ପ୍ରବୀଣ । ଠାକୁର ଅସୁସ୍ଥ ହେଲେ ପ୍ରାୟ ସେ ଆସି ଦେଖନ୍ତି । ବଡ଼ ରସିକ ଲୋକ ।

ମଣି ଘରେ ପ୍ରବେଶ କରି ପ୍ରଣାମାନ୍ତରେ ଉପବେଶନ କଲେ ।

ଶ୍ରୀରାମକୃଷ୍ଣ (ମଣିଙ୍କ ପ୍ରତି) — କଥା ହେଉଛି — ସଚ୍ଚିଦାନନ୍ଦରେ ପ୍ରେମ ।

### ଠାକୁରଙ୍କର ସୀତାରୂପ ଦର୍ଶନ—ଗୌରୀ ପଣ୍ଡିତଙ୍କର କଥା

''କି ପ୍ରକାର ପ୍ରେମ ? ଈଶ୍ୱରଙ୍କୁ କିପରି ଭଲ ପାଇବାକୁ ହେବ । ଗୌରୀ କହୁଥିଲେ, ରାମଙ୍କୁ ଜାଣିବାକୁ ହେଲେ ସୀତାଙ୍କ ପରି ହେବାକୁ ହେବ । ଭଗବାନଙ୍କୁ ଜାଣିବାକୁ ହେଲେ ଭଗବତୀଙ୍କ ପରି ହେବାକୁ ପଡ଼ିବ । ଭଗବତୀ ଯେପରି ଶିବଙ୍କ ପାଇଁ କଠୋର ତପସ୍ୟା କରିଥିଲେ, ସେହିପରି ତପସ୍ୟା କରିବାକୁ ହେବ । ପୁରୁଷଙ୍କୁ ଜାଣିବାକୁ ହେଲେ ପ୍ରକୃତି ଭାବ ଆଶ୍ରୟ କରିବାକୁ ପଡ଼ିବ—ସଖୀଭାବ, ଦାସୀଭାବ, ମାତୃଭାବ ।

''ମୁଁ ସୀତା ରୂପ ଦର୍ଶନ କରିଥିଲି । ଦେଖିଲି ସମ୍ପୂର୍ଣ୍ଣ ମନଟା ରାମଙ୍କ ପାଖରେ ରହିଛି । ଯୋନି, ହାତ, ପାଦ, ବସନ, ଭୂଷଣ କେଉଁଥିରେ ହେଲେ ଦୃଷ୍ଟି ନାହିଁ । ଯେପରି ଜୀବନଟା ରାମମୟ । ରାମ ନ ରହିଲେ, ରାମଙ୍କୁ ନ ପାଇଲେ ଜୀବନ ରହିବ ନାହିଁ ।''

ମଣି—ଆଜ୍ଞା, ହଁ—ଯେପରି ପାଗଳିନୀ ।

ଶ୍ରୀରାମକୃଷ୍ଣ—ଉନ୍ମାଦିନୀ ! ଈଶ୍ୱରଙ୍କୁ ଲାଭ କରିବାକୁ ହେଲେ ପାଗଳ ପରି ହେବାକୁ ହୁଏ ।

''କାମିନୀ-କାଞ୍ଚନରେ ମନ ରହିଲେ ହୁଏ ନାହିଁ । କାମିନୀ ସଙ୍ଗରେ ରମଣ,—ସେଥିରେ କି ସୁଖ ! ଈଶ୍ୱରଦର୍ଶନ ହେଲେ ରମଣ ସୁଖର କୋଟିଗୁଣ ଆନନ୍ଦ ହୁଏ । ଗୌରୀ କହୁଥିଲେ, ମହାଭାବ ହେଲେ ଶରୀରର ସବୁ ଛିଦ୍ର—ଲୋମକୂପ ପର୍ଯ୍ୟନ୍ତ—ମହାଯୋନି ହୋଇଯାଏ । ଗୋଟିଏ ଗୋଟିଏ ଛିଦ୍ରରେ ଆତ୍ମା ସହିତ ରମଣ ସୁଖ ଅନୁଭବ କରାଯାଏ ।

### ଗୁରୁ ପୂର୍ଣ୍ଣଜ୍ଞାନୀ ହେବେ

ଶ୍ରୀରାମକୃଷ୍ଣ—ବ୍ୟାକୁଳ ହୋଇ ତାଙ୍କୁ ଡାକିବାକୁ ହୁଏ । ଗୁରୁଙ୍କ ମୁଖରୁ ଶୁଣି ନେବାକୁ ହୁଏ—କଅଣ କଲେ ତାଙ୍କୁ ଲାଭ କରାଯାଏ ।

**''ଗୁରୁ ନିଜେ ପୂର୍ଣ୍ଣଜ୍ଞାନୀ ହେଲେ ତେବେ ପଥ ଦେଖାଇ ଦେଇପାରନ୍ତି ।**

''ପୂର୍ଣ୍ଣଜ୍ଞାନ ହେଲେ ବାସନା ଚାଲିଯାଏ,—ପାଞ୍ଚ ବର୍ଷର ଶିଶୁ ପରି ସ୍ୱଭାବ ହୁଏ । ଦତ୍ତାତ୍ରେୟ ଏବଂ ଜଡ଼ ଭରତ—ଏମାନଙ୍କର ବାଳକ ପରି ସ୍ୱଭାବ ହୋଇଥିଲା ।''

ମଣି—ଆଜ୍ଞା, ଏମାନଙ୍କର ଖବର ଜଣା ଅଛି—ଆଉ ମଧ୍ୟ ଏମାନଙ୍କ ପରି କେତେ ଜ୍ଞାନୀ ଲୋକ ଅଛନ୍ତି ।

ଶ୍ରୀରାମକୃଷ୍ଣ—ହଁ । ଜ୍ଞାନୀର ସବୁ ବାସନା ଚାଲିଯାଏ । ଯାହା କିଛି ରହେ ତଦ୍ୱାରା କୌଣସି କ୍ଷତି ହୁଏ ନାହିଁ । ପରଶମଣି ଛୁଇଁ ତରବାରୀ ସୁବର୍ଣ୍ଣ ପାଲଟି ଯାଏ—ତା'ପରେ ସେ ତରବାରୀ ଦ୍ୱାରା ହିଂସା କାର୍ଯ୍ୟ ହୋଇପାରେ ନାହିଁ ।

ସେହିପରି ଜ୍ଞାନୀର କାମକ୍ରୋଧ କେବଳ ନାମକୁ ମାତ୍ର, ତଦ୍ଦ୍ୱାରା କୌଣସି ଅନିଷ୍ଟ ହୁଏ ନାହିଁ ।

ମଣି — ଆଜ୍ଞା, ଆପଣ ଯେପରି କହୁଥିଲେ, ଜ୍ଞାନୀ ତିନିଗୁଣର ଅତୀତ ହୁଏ । ସତ୍ତ୍ୱ, ରଜଃ ଓ ତମ । କୌଣସି ଗୁଣର ବଶ ନୁହେଁ । ଏମାନେ ତିନିଜଣଯାକ ଡକାୟତ ।

ଶ୍ରୀରାମକୃଷ୍ଣ — ଏପରି ଧାରଣା କରିବାକୁ ହୁଏ ।

ମଣି — ପୂର୍ଣ୍ଣଜ୍ଞାନୀ ପୃଥିବୀରେ ବୋଧହୁଏ ତିନି ଚାରିଜଣରୁ ବେଶୀ ନାହାନ୍ତି ।

ଶ୍ରୀରାମକୃଷ୍ଣ — କାହିଁକି, ପଶ୍ଚିମର ଥିବା ମଠରେ ଅନେକ ସାଧୁ—ସନ୍ନ୍ୟାସୀ ଦେଖାଯାଆନ୍ତି ।

ମଣି — ଆଜ୍ଞା, ସେପରି ସନ୍ନ୍ୟାସୀ ମୁଁ ମଧ୍ୟ ହୋଇପାରେ ।

ଶ୍ରୀରାମକୃଷ୍ଣ ଏଇ କଥାରେ କିଛିକ୍ଷଣ ମଣିଙ୍କୁ ଏକଦୃଷ୍ଟିରେ ଦେଖୁଛନ୍ତି ।

ଶ୍ରୀରାମକୃଷ୍ଣ(ମଣିଙ୍କ ପ୍ରତି) — କ'ଣ ସବୁ ଛାଡ଼ି ?

ମଣି — ମାୟା ନ ଗଲେ କ'ଣ ହେବ, ମାୟାକୁ ଯଦି ଜୟ ନ କରାଯାଏ, ଖାଲି ସନ୍ନ୍ୟାସୀ ହେଲେ କ'ଣ ହେବ ? ସମସ୍ତେ କିୟତକ୍ଷଣ ନିରବ ଅଛନ୍ତି ।

### ତ୍ରିଗୁଣାତୀତ ଭକ୍ତ — ଯେପରି ବାଳକ

ମଣି — ଆଜ୍ଞା, ତ୍ରିଗୁଣାତୀତ ଭକ୍ତ କାହାକୁ କହନ୍ତି ?

ଶ୍ରୀରାମକୃଷ୍ଣ — ସେ ଭକ୍ତି ହେଲେ ସବୁ ଚିନ୍ମୟ ଦେଖାଯାଏ । ଚିନ୍ମୟ ଶ୍ୟାମ । ଚିନ୍ମୟ ଧାମ । ଭକ୍ତ ଚିନ୍ମୟ । ସବୁ ଚିନ୍ମୟ । ଏ ଭକ୍ତି କମ୍ ଲୋକଙ୍କର ହୁଏ ।

ଡାକ୍ତର ମଧୁ (ସହାସ୍ୟ) — ତ୍ରିଗୁଣାତୀତ ଭକ୍ତ — ଅର୍ଥାତ୍ ଭକ୍ତ କୌଣସି ଗୁଣର ବଶୀଭୂତ ନୁହେଁ ।

ଶ୍ରୀରାମକୃଷ୍ଣ (ସହାସ୍ୟ) — ଠିକ୍ । ଯେପରି ପାଞ୍ଚବର୍ଷର ବାଳକ — କୌଣସି ଗୁଣର ବଶ ନୁହେଁ ।

ମଧ୍ୟାହ୍ନରେ ଆହାର ପରେ ଠାକୁର ଶ୍ରୀରାମକୃଷ୍ଣ ଟିକିଏ ବିଶ୍ରାମ କରୁଛନ୍ତି । ଶ୍ରୀଯୁକ୍ତ ମଣିଲାଲ ମଲ୍ଲିକ ଆସି ପ୍ରଣାମ କଲେ ଓ ତଳେ ଆସନ ଗ୍ରହଣ କଲେ । ମଣି ମଧ୍ୟ ତଳେ ବସିଛନ୍ତି । ଠାକୁର ଶୋଇ ରହି ମଣି ମଲ୍ଲିକଙ୍କ ସଙ୍ଗରେ ଗୋଟିଏ ଗୋଟିଏ କଥା କହୁଛନ୍ତି ।

ମଣି ମଲ୍ଲିକ — ଆପଣ କେଶବ ସେନଙ୍କୁ ଦେଖିବାକୁ ଯାଇଥିଲେ ।

ଶ୍ରୀରାମକୃଷ୍ଣ — ହଁ, ସେ କିପରି ଅଛନ୍ତି ?

ମଣି ମଲ୍ଲିକ — ବିଶେଷ ଭଲ ନାହାନ୍ତି ।

ଶ୍ରୀରାମକୃଷ୍ଣ — ଦେଖିଲି ବଡ଼ ରାଜସିକ — ଅନେକକ୍ଷଣ ବସେଇଥିଲେ — ତାହା ପରେ ଦେଖା ହେଲା ।

ଠାକୁର ଉଠି ବସିଲେ; ଭକ୍ତମାନଙ୍କ ସହିତ କଥା କହୁଛନ୍ତି ।

**ଶ୍ରୀମୁଖ-କଥିତ ଚରିତାମୃତ — ଠାକୁର ରାମ ରାମ କହି ପାଗଳ**

ଶ୍ରୀରାମକୃଷ୍ଣ (ମଣିଙ୍କ ପ୍ରତି)—ମୁଁ ରାମ ରାମ କହି ପାଗଳ ହୋଇଯାଇଥିଲି । ସାଧୁଙ୍କର ରାମଲାଲ ବିଗ୍ରହକୁ ନେଇ ବୁଲୁଥିଲି । ତାକୁ ସ୍ନାନ କରାଉଥିଲି, ଖୁଆଉଥିଲି ଓ ଶୁଆଉଥିଲି । ଯେଉଁଠାକୁ ଯିବି—ସଙ୍ଗରେ ନେଇ ଯାଉଥିଲି । ''ରାମଲାଲ । ରାମଲାଲ ।'' କହି ପାଗଳ ହୋଇଗଲି ।

**ଦକ୍ଷିଣେଶ୍ୱରରେ ଶ୍ରୀରାମକୃଷ୍ଣ ଭକ୍ତମାନଙ୍କ ସଙ୍ଗରେ**

ଶ୍ରୀରାମକୃଷ୍ଣ ସର୍ବଦା ସମାଧିସ୍ଥ; କେବଳ ରାଖାଲାଦି ଭକ୍ତମାନଙ୍କ ଶିକ୍ଷା ପାଇଁ ସେମାନଙ୍କୁ ନେଇ ବ୍ୟସ୍ତ—କିପରି ଚୈତନ୍ୟ ହେବ ।

ତାଙ୍କ ଘରର ପଶ୍ଚିମ ବାରଣ୍ଡାରେ ସକାଳବେଳା ବସିଛନ୍ତି । ଆଜି ପୌଷ ୪ ଦିନ ମଙ୍ଗଳବାର, ୧୮ ଡିସେମ୍ବର ୧୮୮୩ ଖ୍ରୀଷ୍ଟାବ୍ଦ । ଦେବେନ୍ଦ୍ରନାଥ ଠାକୁରଙ୍କର ଭକ୍ତି ଓ ବୈରାଗ୍ୟ ଗୁଣର ସେ ପ୍ରଶଂସା କରୁଛନ୍ତି । ରାଖାଲାଦି ଯୁବକ ଭକ୍ତମାନଙ୍କୁ ଦେଖି କହୁଛନ୍ତି, ସେ ଭଲ ଲୋକ; କିନ୍ତୁ ଯେଉଁମାନେ ସଂସାରରେ ପ୍ରବେଶ ନ କରି ପିଲାଦିନରୁ ଶୁକଦେବାଦିଙ୍କ ପରି ଅହର୍ନିଶି ଈଶ୍ୱରଙ୍କ ଚିନ୍ତା କରନ୍ତି, କୌମାର ବୈରାଗ୍ୟବାନ୍, ସେମାନେ ଧନ୍ୟ !

''ସଂସାରୀ ଲୋକମାନଙ୍କର ଗୋଟିଏ ନା ଗୋଟିଏ କାମନା ବାସନା ଥାଏ । ଏଣେ ଭକ୍ତି ମଧ ବେଶ୍ ଦେଖାଯାଏ । ମଥୁରବାବୁ କଅଣ ଗୋଟାଏ ମକଦ୍ଦମାରେ ପଡ଼ିଥିଲା—ମୋତେ କହୁଛି, ବାବା, ଏହି ଅର୍ଘ୍ୟଟି ମା'କାଳୀଙ୍କ ପାଖରେ ଦିଅ ତ—ମୁଁ ଉଦାର ମନରେ ଦେଲି ।

''ରତି ମା' କେତେ ଭକ୍ତିମତି ! ପ୍ରାୟ ଆସି କେତେ ସେବା କରୁଥିଲା । ରତି ମା' ବୈଷ୍ଣବୀ । କିଛିଦିନ ପରେ ଯହୁଁ ଦେଖିଲା ମୁଁ କାଳୀଙ୍କ ପ୍ରସାଦ ଖାଏ—ତା'ପରେ ଆଉ ଆସିଲା ନାହିଁ ! ଏକତରଫା ଲୋକଙ୍କୁ ଦେଖିଲେ ପ୍ରଥମେ ପ୍ରଥମେ ଚିହ୍ନା ଯାଏ ନାହିଁ ।''

ଶ୍ରୀରାମକୃଷ୍ଣ ଘର ଭିତରେ ପୂର୍ବଦିଗର ଦରଜା ନିକଟରେ ବସିଛନ୍ତି । ଶୀତକାଳ, ଦେହରେ ମୋଲସ୍କିନ୍‌ର ଚଦର । ହଠାତ୍ ସୂର୍ଯ୍ୟ ଦର୍ଶନ ଓ ସମାଧିସ୍ଥ । ନିଃସ୍ପନ୍ଦ ନୟନ ! ବାହ୍ୟ ଜ୍ଞାନ ଶୂନ୍ୟ !

ଏହା କଅଣ ଗାୟତ୍ରୀ ମନ୍ତ୍ରର ସାର୍ଥକତା—''ତତ୍ ସବିତୁର୍ବରେଣ୍ୟଂ ଭର୍ଗୋ ଦେବସ୍ୟ ଧୀମହି ?''

ଅନେକକ୍ଷଣ ପରେ ସମାଧି ଭଙ୍ଗ ହେଲା । ରାଖାଲ, ହାଜରା, ମାଷ୍ଟର ପ୍ରଭୃତି ପାଖରେ ବସିଛନ୍ତି ।

ଶ୍ରୀରାମକୃଷ୍ଣ (ହାଜରାଙ୍କ ପ୍ରତି)—ସମାଧି, ଭାବ, ସତକୁ ସତ ପ୍ରେମରୁ ହିଁ ହୁଏ । ସେ ଦେଶରେ (ଶ୍ୟାମବଜାରରେ) ନଟବର ଗୋସ୍ୱାମୀଙ୍କ ଘରେ

କୀର୍ତ୍ତନ ହେଉଥିଲା — ଶ୍ରୀକୃଷ୍ଣ ଓ ଗୋପୀଗଣଙ୍କୁ ଦର୍ଶନ କରି ସମାଧିସ୍ଥ ହେଲି ! ବୋଧ ହେଲା ମୋର ଲିଙ୍ଗ ଶରୀର (ସୂକ୍ଷ୍ମ ଶରୀର) ଶ୍ରୀକୃଷ୍ଣଙ୍କ ପାଦପାଖରେ ।

''ଜୋଡ଼ାସାକୋଁର ହରିସଭାରେ ଏହିପରି କୀର୍ତ୍ତନ ସମୟରେ ସମାଧି ହୋଇ ବାହ୍ୟଜ୍ଞାନଶୂନ୍ୟ । ସେଦିନ ଦେହତ୍ୟାଗର ସମ୍ଭାବନା ଥିଲା ।''

ଶ୍ରୀରାମକୃଷ୍ଣ ସ୍ନାନ କରିବାକୁ ଗଲେ । ସ୍ନାନ ପରେ ସେହି ଗୋପୀପ୍ରେମର ହିଁ କଥା କହୁଛନ୍ତି ।

(ମଣି ପ୍ରଭୃତିଙ୍କ ପ୍ରତି) — ଗୋପୀମାନଙ୍କର ସେହି ଟାଣଟିକକ ନେବାକୁ ହୁଏ ! ଏହିସବୁ ଗୀତ ଗାଇବ —

ସଖି ସେ ବନ କେତେଦୂରେ ! ଯେଠାରେ ମୋ ଶ୍ୟାମସୁନ୍ଦର<br>ମୁଁ ଯେ ଆଉ ଚାଲି ନ ପାରେ !<br>ଗୀତ — ମୁଁ ଆଉ ଯିବିନି ଘରେ !<br>ସୁଯୋଗ ନାହିଁ ତ ସେଠି କୃଷ୍ଣନାମ ଗାଇବାରେ ।

## (୫)

## ଠନ୍‌ଠନ୍ 'ସିଦ୍ଧେଶ୍ୱରୀ'–ମନ୍ଦିରରେ ଶ୍ରୀରାମକୃଷ୍ଣ

ଶ୍ରୀରାମକୃଷ୍ଣ ରାଖାଲଙ୍କ ପାଇଁ ସିଦ୍ଧେଶ୍ୱରୀଙ୍କୁ ପଇଡ଼–ଚିନି ମାନସିକ କରିଛନ୍ତି । ମଣିଙ୍କୁ କହୁଛନ୍ତି, ''ତୁମେ ପଇଡ଼, ଚିନିର ଦାମ ଦେବ ।''

ଉପରବେଳା ଶ୍ରୀରାମକୃଷ୍ଣ ରାଖାଲ, ମଣି ପ୍ରଭୃତିଙ୍କ ସଙ୍ଗରେ ଠନ୍‌ଠନ୍‌ର 'ସିଦ୍ଧେଶ୍ୱରୀ' ମନ୍ଦିର ଅଭିମୁଖେ ଗାଡ଼ି କରି ଆସୁଛନ୍ତି । ପଥରେ ସିମୁଳିୟା ବଜାର, ସେଠାରେ ପଇଡ଼ ଚିନି କିଣା ହେଲା ।

ମନ୍ଦିରକୁ ଆସି ଭକ୍ତମାନଙ୍କୁ କହୁଛନ୍ତି, ଗୋଟିଏ ପଇଡ଼ କାଟି ଚିନି ଦେଇ ମା'ଙ୍କ ପାଖରେ ଦିଅ ।

ଯେତେବେଳେ ମନ୍ଦିରରେ ଆସି ପହଞ୍ଚିଲେ, ପୂଜାରୀମାନେ ବନ୍ଧୁମାନଙ୍କ ସହିତ ମା' କାଳୀଙ୍କ ସମ୍ମୁଖରେ ତାସ ଖେଳୁଛନ୍ତି । ଠାକୁର ଏହା ଦେଖି ଭକ୍ତମାନଙ୍କୁ କହୁଛନ୍ତି, ଦେଖୁଛ, ଏସବୁ ସ୍ଥାନରେ ତାସ ଖେଳ ! ଏଠାରେ ଈଶ୍ୱରଚିନ୍ତା କରିବାକୁ ହୁଏ ।

ଏଥର ଶ୍ରୀରାମକୃଷ୍ଣ ଯଦୁ ମଲ୍ଲିକଙ୍କ ଘରକୁ ଆସିଛନ୍ତି । ତାଙ୍କ ସଙ୍ଗରେ କେତେଜଣ ବାବୁ ବସିଛନ୍ତି । ଯଦୁ କହୁଛନ୍ତି , 'ଆସ' 'ଆସ' । ପରସ୍ପର କୁଶଳ ପ୍ରଶ୍ନ ପରେ ଶ୍ରୀରାମକୃଷ୍ଣ କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ(ସହାସ୍ୟ) — ତୁମେ ଏତେ ଖୋସାମତିଆ ଲୋକ ରଖ କାହିଁକି ?

ଯଦୁ(ସହାସ୍ୟ) — ତୁମେ ଉଦ୍ଧାର କରିବ ବୋଲି (ସମସ୍ତଙ୍କର ହାସ୍ୟ) ।

ଶ୍ରୀରାମକୃଷ୍ଣ—ଖୋସାମତିଆମାନେ ମନେ କରନ୍ତି ବାବୁ ସେମାନଙ୍କୁ ଟଙ୍କା ଢାଳି ଦେବେ । କିନ୍ତୁ ବାବୁଙ୍କ ପାଖରୁ ଆଦାୟ କରିବା ବଡ଼ କଠିନ । ଗୋଟିଏ ଶୃଗାଳ ଗୋଟିଏ ବୃଷଭକୁ ଦେଖି ତାର ସଙ୍ଗ ଆଉ ଛାଡ଼େ ନାହିଁ । ସେ ଚରିବୁଲେ, ସେଟା ମଧ୍ୟ ସଙ୍ଗେ ସଙ୍ଗେ ଅଛି । ଶୃଗାଳଟା ମନେ କରିଛି ତାର ଅଣ୍ଡକୋଷଟା ଝୁଲୁଛି, ସେଇଟା କେତେବେଳେ ନା କେତେବେଳେ ପଡ଼ିଯିବ ଆଉ ମୁଁ ଖାଇବି । ବୃଷଭଟା ଯେତେବେଳେ ଶୁଏ, ସେ ମଧ୍ୟ ପାଖରେ ରହି ଶୁଏ; ଆଉ ଯେତେବେଳେ ଉଠି ଚରିବୁଲେ ସେ ମଧ୍ୟ ସଙ୍ଗେ ସଙ୍ଗେ ଥାଏ । କେତେଦିନ ଏହିପରି ଗଲା, କିନ୍ତୁ କୋଷଟା ପଡ଼ିଲା ନାହିଁ; ସେତେବେଳେ ସେ ନିରାଶ ହୋଇ ଚାଲିଗଲା । (ସମସ୍ତଙ୍କର ହାସ୍ୟ) ଖୋସାମତିଆମାନଙ୍କର ଏହିପରି ଅବସ୍ଥା ।

ଯଦୁ ଓ ତାଙ୍କର ମାତା ଠାକୁରାଣୀ ଶ୍ରୀରାମକୃଷ୍ଣ ଓ ଭକ୍ତମାନଙ୍କୁ ଜଳଯୋଗ କରାଇଲେ ।

# ତ୍ରୟୋଦଶ ପରିଚ୍ଛେଦ

## (୧)

### ବିଲ୍ୱବୃକ୍ଷ ମୂଳରେ ଓ ପଞ୍ଚବଟୀରେ ଶ୍ରୀରାମକୃଷ୍ଣ

ଠାକୁର ଶ୍ରୀରାମକୃଷ୍ଣ ବିଲ୍ୱବୃକ୍ଷ ନିକଟରେ ମଣିଙ୍କ ସହିତ କଥା କହୁଛନ୍ତି । ସମୟ ପ୍ରାୟ ନଅଟା ହେବ ।

ଆଜି ବୁଧବାର, ୧୯ ଡିସେମ୍ବର ୧୮୮୩ ଖ୍ରୀଷ୍ଟାବ୍ଦ । କୃଷ୍ଣପକ୍ଷ ପଞ୍ଚମୀ ତିଥି । ବିଲ୍ୱବୃକ୍ଷ ତଳେ ଠାକୁରଙ୍କର ସାଧନ ଭୂମି । ଅତି ନିର୍ଜନ ସ୍ଥାନ । ଉତ୍ତରରେ ବାରୁଦଖାନା ଓ ପ୍ରାଚୀର । ପଶ୍ଚିମରେ ଝାଉଁଗଛଗୁଡ଼ିକ ସର୍ବଦା ପ୍ରାଣ-ଉଦାସକାରୀ ସାଇଁ ସାଇଁ ଶବ୍ଦ କରୁଅଛି, ତା'ପରେ ଭାଗୀରଥି । ଦକ୍ଷିଣ ଦିଗରେ ପଞ୍ଚବଟୀ ଦେଖାଯାଉଛି । ଚତୁର୍ଦ୍ଦିଗରେ ଏତେ ଗଛପତ୍ର ଯେ, ଦେବାଳୟ ଗୁଡ଼ିକ ଦେଖାଯାଉ ନାହିଁ ।

ଶ୍ରୀରାମକୃଷ୍ଣ(ମଣିଙ୍କ ପ୍ରତି )—କାମିନୀ-କାଞ୍ଚନ ତ୍ୟାଗ ନ କଲେ କିନ୍ତୁ ହେବ ନାହିଁ ।

ମଣି—କାହିଁକି ? ବଶିଷ୍ଠଦେବ ତ ରାମଚନ୍ଦ୍ରଙ୍କୁ କହିଥିଲେ,—ରାମ, ସଂସାର ଯଦି ଈଶ୍ୱରଛଡ଼ା ହୁଏ ତା'ହେଲେ ସଂସାର ତ୍ୟାଗ କର ।

ଶ୍ରୀରାମକୃଷ୍ଣ(ଈଷତ୍ ହସି)—ସେସବୁ ରାବଣ ବଧ ପାଇଁ ।—ତେଣୁ ରାମଚନ୍ଦ୍ର ସଂସାରରେ ରହିଲେ—ବିବାହ କଲେ ।

ମଣି ନିର୍ବାକ୍ । କାଷ୍ଠ ପୁତ୍ତଳିକାସମ ଛିଡ଼ା ହୋଇ ରହିଲେ ।

ଠାକୁର ଶ୍ରୀରାମକୃଷ୍ଣ ଏହିକଥା କହି ନିଜ ଘରକୁ ଫେରିଯିବା ପାଇଁ ପଞ୍ଚବଟୀ ଅଭିମୁଖେ ଗମନ କଲେ ।

### ନିରାକାର ସାଧନ ବଡ଼ କଠିନ

ଠାକୁର ଶ୍ରୀରାମକୃଷ୍ଣ ପଞ୍ଚବଟୀ ତଳେ ମଣିଙ୍କ ସହିତ କଥା କହୁଛନ୍ତି । ସମୟ ପ୍ରାୟ ଦଶଟା ହେଲାଣି ।

ମଣି—ଆଜ୍ଞା ନିରାକାର ସାଧନ କ'ଣ ହୁଏ ନାହିଁ ?

ଶ୍ରୀରାମକୃଷ୍ଣ—ହେବ ନାହିଁ କାହିଁକି ? ସେ ସବୁ ବଡ଼ କଠିନ ।[୧] ପୂର୍ବକାଳରେ ଋଷିମାନେ ଅନେକ ତପସ୍ୟା ଦ୍ୱାରା ବୋଧରେ ବୋଧ କରୁଥିଲେ,—ବ୍ରହ୍ମ ଯେ କି ବସ୍ତୁ ଅନୁଭବ କରୁଥିଲେ । ଋଷିମାନେ ଅନେକ ପରିଶ୍ରମ କରୁଥିଲେ,—ସେମାନେ କୁଟୀରରୁ ସକାଳବେଳା ବାହାରି ଯାଉଥିଲେ । ସମସ୍ତ ଦିନ ତପସ୍ୟା

---

୧. କ୍ଲେଶୋଽଧିକତରସ୍ତେଷାମବ୍ୟକ୍ତାସକ୍ତଚେତସାମ୍ ।
ଅବ୍ୟକ୍ତା ହି ଗତିର୍ଦୁଃଖଂ ଦେହବଦ୍‌ଭିରବାପ୍ୟତେ ॥—ଗୀତା, ୧୨/୫

କରି ସନ୍ଧ୍ୟା ପରେ ପୁଣି ଫେରୁଥିଲେ । ତା'ପରେ ଆସି ସାମାନ୍ୟ ଫଳମୂଳ ଖାଉଥିଲେ ।

''ଏପରି ସାଧନରେ ଏକାବେଳକେ ବିଷୟ ବୁଦ୍ଧିର ଲେଶମାତ୍ର ଥିଲେ ହେବ ନାହିଁ । ରୂପ, ରସ, ଗନ୍ଧ, ସ୍ପର୍ଶ ଏସବୁ ବିଷୟ ମନରେ ଆଦୌ ରହିବ ନାହିଁ । ତେବେ ଯାଇ ମନ ଶୁଦ୍ଧ ହେବ । ଏହି ଶୁଦ୍ଧ ମନ ଯାହା ଶୁଦ୍ଧ ଆତ୍ମା ମଧ୍ୟ ତାହା । ମନରେ କାମିନୀ-କାଞ୍ଚନ ଭାବ ଆଦୌ ରହିବ ନାହିଁ ।

''ସେତେବେଳେ ଆଉ ଗୋଟିଏ ଅବସ୍ଥା ହୁଏ । 'ଈଶ୍ୱର ହିଁ କର୍ତ୍ତା ମୁଁ ଅକର୍ତ୍ତା' । ମୁଁ ନ ହେଲେ ଚଳିବ ନାହିଁ ଏପରି ଜ୍ଞାନ ରହିବ ନାହିଁ—ସୁଖରେ ବା ଦୁଃଖରେ ।

ଗୋଟିଏ ମଠରେ ସାଧୁଙ୍କୁ ଦୁଷ୍ଟ ଲୋକମାନେ ମାରିଥିଲେ,—ସେ ଅଜ୍ଞାନ ହୋଇ ଯାଇଥିଲେ । ଚୈତନ୍ୟ ହେଲାରୁ ଯେତେବେଳେ ତାଙ୍କୁ ପ୍ରଶ୍ନ କଲେ କିଏ ତୁମକୁ ଦୁଧ ପିଆଉଛନ୍ତି ? ସେ କହିଥିଲେ ଯେ, ଯିଏ ମୋତେ ମାରିଛନ୍ତି ସିଏ ଦୁଧ ଖୁଆଉଛନ୍ତି ।

ମଣି—ଆଜ୍ଞା ହଁ, ଜାଣେ ।

### ସ୍ଥିତ ସମାଧି ଓ ଉନ୍ମନା ସମାଧି

ଶ୍ରୀରାମକୃଷ୍ଣ—ନା, କେବଳ ଜାଣିଲେ ହେବ ନାହିଁ,—ଧାରଣା କରିବା ଦରକାର । ''ବିଷୟ ଚିନ୍ତା ମନକୁ ସମାଧିସ୍ଥ କରାଇ ଦିଏ ନାହିଁ ।''

ଏକାବେଳକେ ବିଷୟ ବୁଦ୍ଧି ତ୍ୟାଗ ହେଲେ ସ୍ଥିତ-ସମାଧି ହୁଏ । ମୋର ସ୍ଥିତ ସମାଧିରେ ପ୍ରାୟ ଦେହତ୍ୟାଗ ହୋଇପାରେ; କିନ୍ତୁ ଭକ୍ତି ଭକ୍ତ ନେଇ ଟିକିଏ ରହିବାର ବାସନା ଅଛି । ତେଣୁ ଟିକେ ଦେହ ଉପରେ ମନ ଅଛି ।

''ଆଉ ଏକ ପ୍ରକାର ଅଛି ଉନ୍ମନା ସମାଧି । ବିକ୍ଷିପ୍ତ ମନକୁ ହଠାତ୍ ଏକାଗ୍ର କରିବା । ସେଇଟା ତୁମେ ବୁଝିଛ ?''

ମଣି—ଆଜ୍ଞା ହଁ ।

ଶ୍ରୀରାମକୃଷ୍ଣ—ବିକ୍ଷିପ୍ତ ମନକୁ ହଠାତ୍ ଏକାଗ୍ର କରିବା । ବେଶୀ କ୍ଷଣ ଏ ସମାଧି ରହେ ନାହିଁ, ବିଷୟ ଚିନ୍ତା ଆସି ସମାଧି ଭଙ୍ଗ ହୁଏ । ଯୋଗୀର ଯୋଗ ଭଙ୍ଗ ହୁଏ ।

''ସେ ଦେଶରେ କାନ୍ଥ ଭିତରେ ଗର୍ତ୍ତରେ ନେଉଳ ରହେ । ଗର୍ତ୍ତରେ ଯେତେବେଳେ ଥାଏ ବେଶ୍ ଆରାମରେ ଥାଏ । କେହି କେହି ଲାଞ୍ଜରେ ଇଟା ବାନ୍ଧି ଦିଅନ୍ତି, ସେତେବେଳେ ଇଟା ଭାରରେ ଗର୍ତ୍ତରୁ ବାହାରି ପଡ଼େ । ଯେତେଥର ଗର୍ତ୍ତ ଭିତରେ ଯାଇ ଆରାମରେ ରହିବାକୁ ଚେଷ୍ଟା କରେ—ସେତେଥର ଇଟା ଭାରରେ ବାହାରକୁ ବାହାରି ପଡ଼େ—ବିଷୟ ଚିନ୍ତା ସହଜରେ ଯୋଗୀକୁ ଯୋଗଭ୍ରଷ୍ଟ କରେ ।

''ବିଷୟୀ ଲୋକମାନଙ୍କର ଥରେ ଥରେ ସମାଧି ଅବସ୍ଥା ହୋଇପାରେ । ସୂର୍ଯ୍ୟ ଉଦୟ ହେଲେ ପଦ୍ମ ଫୁଟେ, କିନ୍ତୁ ସୂର୍ଯ୍ୟ ମେଘରେ ଆଚ୍ଛାଦିତ ହେଲେ, ପୁଣି ପଦ୍ମ ମୁଦ୍ରିତ ହୋଇଯାଏ । ବିଷୟ ମେଘ ।''

ମଣି — ସାଧନ କଲେ ଜ୍ଞାନ ଆଉ ଭକ୍ତି ଉଭୟ କ'ଣ ହୁଏ ନାହିଁ ?

ଶ୍ରୀରାମକୃଷ୍ଣ — ଭକ୍ତି ନେଇ ରହିଲେ ଦୁଇଟିଯାକ ହୁଏ । ଦରକାର ହେଲେ, ସେ ବ୍ରହ୍ମଜ୍ଞାନ ଦିଅନ୍ତି । ଖୁବ୍ ବଡ଼ ଆଧାର ହେଲେ ଏକାଧାରରେ ଦୁଇଟିଯାକ ହୋଇପାରେ ।

## (୨)

**ଶ୍ରୀରାମକୃଷ୍ଣ ମଣିଙ୍କ ସଙ୍ଗରେ — ଜ୍ଞାନ ଭକ୍ତି ଦୁଇଟିଯାକ କ'ଣ ହୁଏ ନାହିଁ ?**

ବୁଧବାର, ୧୯ ଡିସେମ୍ବର ୧୮୮୩ ଖ୍ରୀଷ୍ଟାବ୍ଦ । ସମୟ ସକାଳ ୯ଟା । ଶ୍ରୀରାମକୃଷ୍ଣଙ୍କ ସହିତ ମଣି କଥା କହୁଛନ୍ତି ।

ମଣି(ଶ୍ରୀରାମକୃଷ୍ଣ ପ୍ରତି) — ଜ୍ଞାନ ଭକ୍ତି ଦୁଇଟିଯାକ କ'ଣ ହୁଏ ନାହିଁ ?

ଶ୍ରୀରାମକୃଷ୍ଣ — ଖୁବ୍ ଉଚ୍ଚ ଆଧାରର ହୁଏ । ଈଶ୍ୱରକୋଟୀଙ୍କର ହୁଏ । ଯେପରି ଚୈତନ୍ୟଦେବଙ୍କର । ଜୀବକୋଟୀଙ୍କର ଅଲଗା କଥା ।

''ଆଲୋକ(ଜ୍ୟୋତିଃ) — ପାଞ୍ଚ ପ୍ରକାର । ଦୀପ ଆଲୋକ ଅନ୍ୟାନ୍ୟ ଅଗ୍ନିର ଆଲୋକ, ଚନ୍ଦ୍ରାଲୋକ, ସୌରାଲୋକ ଓ ଚନ୍ଦ୍ର ସୌର ଏକାଧାରେ । ଭକ୍ତି ଚନ୍ଦ୍ର ଜ୍ଞାନ ସୂର୍ଯ୍ୟ ।

''ବେଳେବେଳେ ଆକାଶରେ ସୂର୍ଯ୍ୟ ଅସ୍ତ ଯାଉ ନ ଯାଉଣୁ ଚନ୍ଦ୍ରୋଦୟ ଦେଖାଯାଏ । ଅବତାରାଦି ଭକ୍ତି-ଚନ୍ଦ୍ର, ଜ୍ଞାନ-ସୂର୍ଯ୍ୟ ଏକାଧାରରେ ଦେଖାଯାଆନ୍ତି ।

''ମନେକଲେ କି କ'ଣ ସମସ୍ତଙ୍କର ଜ୍ଞାନ-ଭକ୍ତି ଏକାଧାରରେ ଦୁଇ ହୁଏ, **ଆଧାର ବିଶେଷ** । କୌଣସି ବାଉଁଶର ଛିଦ୍ର ବେଶୀ, କୌଣସି ବାଉଁଶର ଖୁବ୍ ସରୁ ଛିଦ୍ର । ଈଶ୍ୱର ବସ୍ତୁ ଧାରଣା କ'ଣ ସବୁ ଆଧାରରେ ହୁଏ । ସେରିକିଆ ଘଡ଼ିରେ କ'ଣ ଦୁଇସେର ଦୁଧ ଧରେ ?''

ମଣି — କାହିଁକି, ତାଙ୍କ କୃପାରେ ? ସେ କୃପା କଲେ ତ ଛୁଞ୍ଚି ଭିତରେ ଓଟ ଯାଇପାରେ ।

ଶ୍ରୀରାମକୃଷ୍ଣ — କିନ୍ତୁ କୃପା କ'ଣ ସହଜେ ହୁଏ ? ଭିକାରୀ ଯଦି ପଇସାଟିଏ ଚାହେଁ ଦିଆଯାଏ । କିନ୍ତୁ ଯଦି ସେ ରେଳ ଭଡ଼ା ଚାହେଁ !

ମଣି ନିଶବ୍ଦରେ ଦଣ୍ଡାୟମାନ । ଶ୍ରୀରାମକୃଷ୍ଣ ନୀରବ ଅଛନ୍ତି । ହଠାତ୍ କହୁଛନ୍ତି, ତାହା ଠିକ୍, କୌଣସି କୌଣସି ଆଧାରରେ ତାଙ୍କର କୃପା ହେଲେ ହୋଇପାରେ; ଦୁଇଟି ମଧ୍ୟ ହୋଇପାରେ ।

## ନିରାକାର ସାଧନା ବଡ଼ କଠିନ

ପ୍ରଣାମ ପୂର୍ବକ ମଣି ବେଲ ଗଛ ଆଡ଼କୁ ଯାଉଛନ୍ତି । ବେଲଗଛଠାରୁ ଫେରିଲା ବେଳକୁ ଦୁଇ ପ୍ରହର ହୋଇଯାଇଛି । ଡେରି ଦେଖି ଶ୍ରୀରାମକୃଷ୍ଣ ବେଲଗଛ ଆଡ଼କୁ ଆସୁଛନ୍ତି । ମଣି ସତରଞ୍ଚି, ଆସନ, ଜଳର ଲୋଟାନେଇ ଫେରୁଛନ୍ତି । ପଞ୍ଚବଟୀ ପାଖରେ ଠାକୁରଙ୍କ ସହିତ ଦେଖାହେଲା । ସେ ସଙ୍ଗେ ସଙ୍ଗେ ଭୂମିଷ୍ଠ ହୋଇ ଠାକୁରଙ୍କୁ ପ୍ରଣାମ କରୁଛନ୍ତି ।

ଶ୍ରୀରାମକୃଷ୍ଣ(ମଣିଙ୍କ ପ୍ରତି)—ମୁଁ ତୁମକୁ ଖୋଜିବା ପାଇଁ ଯାଉଥିଲି । ଭାବିଲି ଏତେ ସମୟ ହେଲାଣି, ମନେ ହେଲା ପାଚେରୀ ଡେଇଁ ପଳାଇଲ ! ତୁମ ଚକ୍ଷୁ ସେତେବେଳେ ଯାହା ଦେଖିଲି—ଭାବିଲି ବୋଧହୁଏ ନାରାୟଣ ଶାସ୍ତ୍ରୀ ପରି ପଳାଇଲ । ତା'ପରେ ଭାବିଲି, ନା ସେ ପଳାଇବ ନାହିଁ; ସେ ଅନେକ ଭାବିଚିନ୍ତି କାର୍ଯ୍ୟ କରେ ।

## (୩)

## ଶ୍ରୀରାମକୃଷ୍ଣ ମଣି ପ୍ରଭୃତି ଭକ୍ତଙ୍କ ସଙ୍ଗରେ

ପୁଣି ରାତିରେ ଶ୍ରୀରାମକୃଷ୍ଣ ମଣିଙ୍କ ସହିତ କଥା କହୁଛନ୍ତି । ରାଖାଲ, ଲାଟୁ, ହରୀଶ ପ୍ରଭୃତି ଅଛନ୍ତି ।

ଶ୍ରୀରାମକୃଷ୍ଣ(ମଣିଙ୍କ ପ୍ରତି)—ଆଚ୍ଛା, କେହି କେହି କୃଷ୍ଣ-ଲୀଳାର ଅଧ୍ୟାତ୍ମ ବ୍ୟାଖ୍ୟା କରନ୍ତି ତୁମେ କ'ଣ କହୁଛ ?

ମଣି—ନାନା ମତ ଅଛି । ମତ ଥିଲେ ବି କ'ଣ ହେଲା ? ଭୀଷ୍ମଦେବଙ୍କର କଥା ଆପଣ କହିଛନ୍ତି, ଶରଶଯ୍ୟାରେ ଦେହତ୍ୟାଗ ସମୟରେ କହିଥିଲେ, କାହିଁକି କାନ୍ଦୁଛି ? ଯନ୍ତ୍ରଣା ପାଇଁ ନୁହେଁ । ଯେତେବେଳେ ଭାବୁଛି, ସ୍ୱୟଂ ନାରାୟଣ ଅର୍ଜୁନଙ୍କର ସାରଥି ହୋଇଥିଲେ, ଅଥଚ ପାଣ୍ଡବମାନଙ୍କର ଏତେ ବିପଦ ! ତାଙ୍କ ଲୀଳା କିଛି ହେଲେ ବୁଝିପାରିଲି ନାହିଁ, ସେଥିପାଇଁ କାନ୍ଦୁଛି ।

''ଆଉ ହନୁମାନଙ୍କ କଥା ଆପଣ କହିଥିଲେ, ହନୁମାନ କହିଲେ, ମୁଁ ବାର, ତିଥି, ନକ୍ଷତ୍ର, ଏସବୁ ଜାଣେ ନାହିଁ । ମୁଁ କେବଳ ରାମଚିନ୍ତା କରେ ।''

''ଆପଣ ତ କହିଛନ୍ତି ଦୁଇଟି ଜିନିଷ ବ୍ୟତୀତ ଆଉ କିଛି ନାହିଁ । ବ୍ରହ୍ମ ଆଉ ଶକ୍ତି । ଆଉ କହିଛନ୍ତି ଜ୍ଞାନ (ବ୍ରହ୍ମଜ୍ଞାନ) ହେଲେ ଏହି ଦୁଇଟି ଏକ ବୋଧ ହୁଏ; **ଯେଉଁ ଏକର ଦୁଇ ନାହିଁ ।**''

ଶ୍ରୀରାମକୃଷ୍ଣ—ତାହା ସତ; ଜିନିଷ ନେବ ତ କଣ୍ଟାବଣ ଦେଇ ହେଉ ବା ଭଲ ରାସ୍ତା ଦେଇ ହେଉ ଯିବାକୁ ହେବ ।

''ନାନା ମତ ଅଛି । ଲଙ୍ଗୁଳି କହୁଥିଲେ, ମତ ପାଇଁ ସାଧୁସେବା ହେଲା ନାହିଁ । ଗୋଟିଏ ଜାଗାରେ ଭୋଜି ହେଉଥିଲା । ଅନେକ ସାଧୁ ସମ୍ପ୍ରଦାୟ;

ସମସ୍ତେ କହିଲେ ଆମମାନଙ୍କର ସେବା ଆଗେ, ତା'ପରେ ଅନ୍ୟ ସମ୍ପ୍ରଦାୟ । କିଛି ମୀମାଂସା ହେଲା ନାହିଁ; ଶେଷରେ ସମସ୍ତେ ଚାଲିଗଲେ । ଏଣେ ବେଶ୍ୟାମାନଙ୍କୁ ଖୁଆଇ ଦିଆଗଲା ।''

ମଣି — ତୋତାପୁରୀ ଭଲ ଲୋକ ।

ଶ୍ରୀରାମକୃଷ୍ଣ — ହାଜରା କହୁଥିଲେ ଜଣେ ସାଧାରଣ (ସାମାନ୍ୟ) ଲୋକ । ନାହିଁ ବାବୁ, କଥାରେ କାମ ହୁଏ ନାହିଁ — ସମସ୍ତେ କହନ୍ତି ମୋ ଘଡ଼ି ଠିକ୍ ଚାଲୁଛି ।

''ଦେଖ ନାରାୟଣଶାସ୍ତ୍ରୀଙ୍କର କିନ୍ତୁ ଖୁବ୍ ବୈରାଗ୍ୟ ହୋଇଥିଲା । ଏତେବଡ଼ ପଣ୍ଡିତ — ସ୍ତ୍ରୀକୁ ତ୍ୟାଗ କରି ନିରୁଦ୍ଦେଶ ହୋଇଥିଲେ । ମନରୁ ସମ୍ପୂର୍ଣ୍ଣ କାମିନୀ-କାଞ୍ଚନ ତ୍ୟାଗ କଲେ ତେବେ ଯୋଗ ହୁଏ । କାହାରି କାହାରି ଯୋଗୀର ଲକ୍ଷଣ ଦେଖାଯାଏ ।

''ତୁମକୁ ଷଟ୍‌ଚକ୍ରର ବିଷୟ କିଛି କହିଦେବାକୁ ହେବ । ଯୋଗୀମାନେ ଷଟ୍‌ଚକ୍ର ଭେଦ କରି ତାଙ୍କ କୃପାରୁ ତାଙ୍କୁ ଦର୍ଶନ କରନ୍ତି । ଷଟ୍‌ଚକ୍ର ଶୁଣିଛ ?''

ମଣି — ବେଦାନ୍ତ ମତରେ ସପ୍ତଭୂମି ।

ଶ୍ରୀରାମକୃଷ୍ଣ — ବେଦାନ୍ତ ନୁହେଁ, ବେଦ ମତ । ଷଟ୍‌ଚକ୍ର କି ରକମ ଜାଣ ? ସୂକ୍ଷ୍ମ ଦେହ ଭିତରେ ପଦ୍ମ ସବୁ ଅଛି — ଯୋଗୀମାନେ ଦେଖିପାରନ୍ତି । ଯେପରି ମହମ ଗଛର ଫଳ ପତ୍ର ।

ମଣି — ଆଜ୍ଞା ହଁ, ଯୋଗୀମାନେ ଦେଖିପାରନ୍ତି । ଗୋଟିଏ ବହିରେ ଅଛି, ଏକ ପ୍ରକାର କାଚ (Magnifier) ଅଛି, ତା' ସାହାଯ୍ୟରେ ଦେଖିଲେ ଖୁବ୍ ଛୋଟ ଜିନିଷ ବଡ଼ ଦେଖାଯାଏ । ସେହିପରି ଯୋଗ ଦ୍ୱାରା ଏସବୁ ସୂକ୍ଷ୍ମପଦ୍ମ ଦେଖାଯାଏ ।

ଶ୍ରୀରାମକୃଷ୍ଣ ପଞ୍ଚବଟୀ ଘରେ ରହିବାକୁ କହିଛନ୍ତି । ମଣି ସେହି ଘରେ ରାତ୍ରିବାସ କରୁଛନ୍ତି ।

ପ୍ରତ୍ୟୁଷରେ ଏକାକୀ ସେହି ଘରେ ଗୀତ ଗାଉଛନ୍ତି ।

ଗୌର ହେ, ମୁଁ ସାଧନ-ଭଜନହୀନ
ପରଶେ ପବିତ୍ର କର ମୁଁ ଦୀନହୀନ ।
(ନ ପାଇ ଗୌର ତୁମ ଶ୍ରୀଚରଣ !)
ମୋ'ର ଆଶାରେ ବିତିଲା ଦିନ !

ହଠାତ୍ ଝରକା ଆଡ଼କୁ ଦୃଷ୍ଟିପାତ କରି ଦେଖିଲେ, **ଶ୍ରୀରାମକୃଷ୍ଣ ଦଣ୍ଡାୟମାନ** । 'ପରଶେ ପବିତ୍ର କର ମୁହିଁ ଦୀନହୀନ !' ଏହି କଥା ଶୁଣି ତାଙ୍କର ଚକ୍ଷୁ ଅଶ୍ରୁପୂର୍ଣ୍ଣ ହୋଇଅଛି ! ପୁଣି ଗୋଟିଏ ଗୀତ ଗାଇଲେ ।

ମୁଁ ଗେରୁଆ ବସନ କରି ପରିଧାନ

ଶଙ୍ଖର କୁଣ୍ଡଳ ପୁଣି ।
ଯୋଗିନୀର ବେଶେ ଯିବି ସେହି ଦେଶେ,
ଯେଠାରେ ନିଷ୍ଠୁର ହରି ॥

ଶ୍ରୀରାମକୃଷ୍ଣଙ୍କ ସଙ୍ଗରେ ରାଖାଲ ବୁଲୁଛନ୍ତି ।

ପରଦିନ ଶୁକ୍ରବାର ୨୧ ଡିସେମ୍ବର, ସକାଳବେଳା ଶ୍ରୀରାମକୃଷ୍ଣ ଏକାକୀ ବେଲ ଗଛ ତଳେ ମଣିଙ୍କ ସଙ୍ଗରେ କଥା କହୁଛନ୍ତି । ସାଧନର ନାନା ଗୁହ୍ୟକଥା, କାମିନୀ-କାଞ୍ଚନ ତ୍ୟାଗର କଥା । ବେଳେବେଳେ ମନ ହିଁ ଗୁରୁ ହୁଏ । ଏସବୁ କଥା ହେଉଛି ।

ଆହାର ପରେ ପଞ୍ଚବଟୀ ଆଡ଼କୁ ଆସିଛନ୍ତି — ମନୋହର ପୀତାମ୍ବରଧାରୀ ! ପଞ୍ଚବଟୀକୁ ଦୁଇ ତିନିଜଣ ବୈଷ୍ଣବ ବାବାଜୀ ଆସିଛନ୍ତି । ଜଣେ ବାଉଲ୍ ସେ ବୈଷ୍ଣବଙ୍କୁ କହୁଛନ୍ତି, ତୋ'ର ଡୋର-କୌପୀନର ସ୍ୱରୂପ କହ ଦେଖି !

ଅପରାହ୍ଣରେ ନାନକପନ୍ଥୀ ସାଧୁ ଆସିଛନ୍ତି । ହରୀଶ୍, ରାଖାଲ ମଧ୍ୟ ଅଛନ୍ତି । ସାଧୁ ନିରାକାରବାଦୀ । ଠାକୁର ତାଙ୍କୁ ସାକାର ଚିନ୍ତା କରିବାକୁ କହୁଛନ୍ତି ।

ଶ୍ରୀରାମକୃଷ୍ଣ ସାଧୁଙ୍କୁ କହୁଛନ୍ତି, ବୁଡ଼ିଯାଅ; ଉପରେ ଉପରେ ଭାସିଲେ ରତ୍ନ ମିଳେ ନାହିଁ । ଈଶ୍ୱର ନିରାକାର ଏବଂ ସାକାର ମଧ୍ୟ । ସାକାର ଚିନ୍ତାକଲେ ଶୀଘ୍ର ଭକ୍ତି ହୁଏ । ସେତେବେଳେ ପୁଣି ନିରାକାର ଚିନ୍ତା । ଯେପରି ପତ୍ର ପାଠ କରିବା ପରେ ପତ୍ରକୁ ପକାଇ ଦିଅନ୍ତି । ତା'ପରେ ଲେଖା ଅନୁସାରେ କାର୍ଯ୍ୟ କରନ୍ତି ।

## ଦକ୍ଷିଣେଶ୍ୱରରେ ଭକ୍ତମାନଙ୍କ ସଙ୍ଗରେ — ବଳରାମଙ୍କ ପିତା ପ୍ରଭୃତି

ଆଜି ଶନିବାର ୨୨ ଡିସେମ୍ବର ୧୮୮୩ ଖ୍ରୀଷ୍ଟାବ୍ଦ । ବର୍ତ୍ତମାନ ସମୟ ପ୍ରାୟ ସକାଳ ୯ଟା ହେବ । ବଳରାମଙ୍କ ପିତା ଆସିଛନ୍ତି । ରାଖାଲ, ହରି, ମାଷ୍ଟର, ଲାଟୁ ଦକ୍ଷିଣେଶ୍ୱରରେ ବାସ କରୁଛନ୍ତି । ଶ୍ୟାମପୁକୁରର ଦେବେନ୍ଦ୍ର ଘୋଷ ଆସିଛନ୍ତି । ଶ୍ରୀରାମକୃଷ୍ଣ ଦକ୍ଷିଣ-ପୂର୍ବ ବାରଣ୍ଡାରେ ଭକ୍ତଙ୍କ ସଙ୍ଗରେ ବସିଛନ୍ତି ।

ଜଣେ ଭକ୍ତ ପଚାରୁଛନ୍ତି — ଭକ୍ତି କିପରି ହୁଏ ?

ଶ୍ରୀରାମକୃଷ୍ଣ(ବଳରାମଙ୍କର ପିତା ପ୍ରଭୃତି ଭକ୍ତମାନଙ୍କ ପ୍ରତି) — ଆଗେଇ ଯାଅ । ସାତ ଅଗଣା ପରେ ରାଜା ଅଛନ୍ତି । ସବୁ ଅଗଣା ପାର ହୋଇଗଲେ ତେବେ ତ ରାଜାଙ୍କୁ ଦେଖିବ ।

''ମୁଁ ଚାଣକ ନାମକ ସ୍ଥାନରେ ଅନ୍ନପୂର୍ଣ୍ଣା ପ୍ରତିଷ୍ଠା ସମୟରେ ଦ୍ୱାରୀକାବାବୁଙ୍କୁ କହିଥିଲି (୧୮୭୪-୭୫) ବଡ଼ ପୋଖରୀର ଗଭୀର ଜଳରେ ବଡ଼ ମାଛ ଅଛନ୍ତି । ଚାର ପକାଅ, ସେଇ ଚାର ଗନ୍ଧରେ ବଡ଼ ମାଛ ଆସିବେ । ଥରେ ଥରେ ଭୁଡ୍ଡୁଭୁଡ଼ି ଦେବେ । ପ୍ରେମ ଭକ୍ତିରୂପକ ଚାର ।

## ଶ୍ରୀରାମକୃଷ୍ଣ ଓ ଅବତାରତତ୍ତ୍ୱ

''ଈଶ୍ୱର ନର-ଲୀଳା କରନ୍ତି । ମନୁଷ୍ୟ ଭିତରେ ସେ ଅବତୀର୍ଣ୍ଣ ହୁଅନ୍ତି । ଯେପରି ଶ୍ରୀକୃଷ୍ଣ, ରାମଚନ୍ଦ୍ର, ଚୈତନ୍ୟଦେବ ।

''ମୁଁ କେଶବ ସେନ୍‌ଙ୍କୁ କହିଥିଲି ଯେ, ମନୁଷ୍ୟ ଭିତରେ ତାଙ୍କର ବେଶୀ ପ୍ରକାଶ । ଧାନ କ୍ଷେତରେ ହିଡ଼ମାନଙ୍କରେ ଛୋଟ ଛୋଟ ଗର୍ତ୍ତ ଥାଏ; ସେଗୁଡ଼ିକୁ କହନ୍ତି ଖୋଲ । ଖୋଲ ଭିତରେ ମାଛ କଙ୍କଡ଼ା ଥାଆନ୍ତି । ମାଛ କଙ୍କଡ଼ା ଖୋଜିବାକୁ ଗଲେ ସେହି ଖୋଲ ଭିତରେ ଖୋଜିବାକୁ ହୁଏ; ଈଶ୍ୱରଙ୍କୁ ଖୋଜିବାକୁ ହେଲେ ଅବତାରଙ୍କ ଭିତରେ ଖୋଜିବାକୁ ହୁଏ ।

''ସେହି ଚଉଦ ପାଆ ମଣିଷ ଭିତରେ ଜଗତର ମାତା ପ୍ରକାଶ ହୁଅନ୍ତି । ଗୀତରେ ଅଛି — ଶ୍ୟାମ ମା କି କଳ କରିଛି ।

ଚଉଦ ପାଆ କଳ ଭିତରେ କେତେ ରଙ୍ଗ ଦେଖାଉଛି ।
କଳ ଭିତରେ ନିଜେ ଥାଏ, କଳ ଡୋରି ଧରି କଳ ଘୁରାଏ !
କଳ ଭାବେ ନିଜେ ଘୂରେ, କେ ଘୂରାଏ ତାହା ଜାଣି ନ ପାରେ !

''କିନ୍ତୁ ଈଶ୍ୱରଙ୍କୁ ଜାଣିବାକୁ ହେଲେ ଅବତାରଙ୍କୁ ଚିହ୍ନିବାକୁ ହେଲେ ସାଧନାର ପ୍ରୟୋଜନ । ପୋଖରୀରେ ବଡ଼ ବଡ଼ ମାଛ ଅଛନ୍ତି, ଚାର ପକାଇବାକୁ ହୁଏ । ଦୁଧରେ ଲହୁଣୀ ଅଛି, ମନ୍ଥନ କରିବାକୁ ହୁଏ । ସୋରିଷ ଭିତରେ ତେଲ ଅଛି, ସୋରିଷକୁ ପେଷିବାକୁ ହୁଏ । ମେଥିରେ ହାତ ରଙ୍ଗ ହୁଏ, ମେଥି ବାଟିବାକୁ ହୁଏ ।''

## ନିରାକାର ସାଧନା ଓ ଶ୍ରୀରାମକୃଷ୍ଣ

ଭକ୍ତ(ଶ୍ରୀରାମକୃଷ୍ଣ ପ୍ରତି) — ଆଚ୍ଛା, ସେ ସାକାର ନା ନିରାକାର ?

ଶ୍ରୀରାମକୃଷ୍ଣ — ରହ, କଲିକତାକୁ ଆଗେ ଯାଅ, ତେବେ ତ ଜାଣିବ, କେଉଁଠାରେ ଗଡ଼ ପଡ଼ିଆ, କେଉଁଠାରେ ଏସିଆଟିକ୍ ସୋସାଇଟି, କେଉଁଠାରେ ବେଙ୍ଗଲ୍ ବ୍ୟାଙ୍କ୍ !

''ଖଡ଼ଦାର ବ୍ରାହ୍ମଣ ପଡ଼ାକୁ ଯିବାକୁ ହେଲେ ପ୍ରଥମେ ଖଡ଼ଦାରେ ପହଞ୍ଚିବାକୁ ହେବ ।

''ନିରାକାର ସାଧନା ହେବ ନାହିଁ କାହିଁକି ? ତେବେ ବଡ଼ କଠିନ । କାମିନୀ-କାଞ୍ଚନ ତ୍ୟାଗ ନ ହେଲେ କିଛି ହୁଏ ନାହିଁ । ବାହାରେ ତ୍ୟାଗ ଆଉ ଭିତରେ ତ୍ୟାଗ । ବିଷୟ-ବୁଦ୍ଧିର ଲେଶ ମାତ୍ର ରହିଲେ ହେବ ନାହିଁ ।

''ସାକାର ସାଧନା ସହଜ । ତେବେ ସେପରି ସହଜ ନୁହେଁ ।

''ନିରାକାର ସାଧନା, ଜ୍ଞାନଯୋଗର ସାଧନା, ଭକ୍ତମାନଙ୍କ ପାଖରେ କହିବା ଠିକ୍ ନୁହେଁ । ଅନେକ କଷ୍ଟରେ ଟିକିଏ ଭକ୍ତି ହେଉଛି । ସବୁ **ସ୍ୱପ୍ନବତ୍** କହିଲେ ଭକ୍ତିର କ୍ଷତି ହୁଏ ।

''କବୀର ଦାସ ନିରାକାରବାଦୀ । ଶିବ, କାଳୀ, କୃଷ୍ଣ ଏମାନଙ୍କୁ ମାନୁଥିଲେ । କବୀର କହୁଥିଲେ କାଳୀ ଚାଉଳ କଦଳୀ ଖାଆନ୍ତି; କୃଷ୍ଣ ଗୋପୀମାନଙ୍କର ହାତ ତାଳିରେ ମାଙ୍କଡ଼ ନାଚ ନାଚୁଥିଲେ । (ସମସ୍ତଙ୍କର ହାସ୍ୟ)

''ନିରାକାର ସାଧକ ହୁଏତ ପ୍ରଥମେ ଦଶଭୂଜା ଦର୍ଶନ କଲେ, ତା'ପରେ ଚତୁର୍ଭୁଜା, ତା'ପରେ ଦୁଇଭୁଜ ଗୋପାଳ, ଶେଷରେ ଅଖଣ୍ଡ ଜ୍ୟୋତିଃ ଦର୍ଶନକରି ସେଥିରେ ଲୀନ ।

''ଦତ୍ତାତ୍ରେୟ, ଜଡ଼ଭରତ ବ୍ରହ୍ମଦର୍ଶନ ପରେ ଆଉ ଫେରି ନଥିଲେ, ଏହିପରି ଅଛି ।

''ଏକ ମତରେ ଅଛି, ଶୁକଦେବ ସେହି ବ୍ରହ୍ମ ସମୁଦ୍ରର ଗୋଟିଏ ବିନ୍ଦୁମାତ୍ର ଆସ୍ୱାଦ କରିଥିଲେ । ସମୁଦ୍ରର ହିଲ୍ଲୋଳ-କଲ୍ଲୋଳ ଦର୍ଶନ, ଶ୍ରବଣ କରିଥିଲେ କିନ୍ତୁ ସମୁଦ୍ରରେ ବୁଡ଼ ଦେଇ ନ ଥିଲେ ।

''ଜଣେ ବ୍ରହ୍ମଚାରୀ କହିଥିଲେ, କେଦାରର ସେପଟକୁ ଗଲେ ଶରୀର ରହେ ନାହିଁ । ସେହିପରି ବ୍ରହ୍ମଜ୍ଞାନ ଲାଭ ପରେ ଆଉ ଶରୀର ରହେ ନାହିଁ । ଏକୋଇଶ ଦିନରେ ମୃତ୍ୟୁ ।

''ପ୍ରାଚୀରର ପର ପାରରେ ଏକ ବିସ୍ତୃତ ପଡ଼ିଆ । ଚାରିଜଣ ବନ୍ଧୁ ପ୍ରାଚୀର ସେପଟରେ କ'ଣ ଅଛି ଦେଖିବାକୁ ଚେଷ୍ଟା କଲେ । ଜଣେ ଜଣେ ପ୍ରାଚୀରର ଉପରକୁ ଉଠି, ସେହି ବିସ୍ତୃତ ପଡ଼ିଆ ଦେଖି ହୋ ହୋ କରି ହସି ସେପାରିରେ ପଡ଼ିଯିବାକୁ ଲାଗିଲେ । ତିନିଜଣ କୌଣସି ଖବର ଦେଲେ ନାହିଁ । ଜଣେ କେବଳ ଖବର ଦେଲେ । ତାଙ୍କର ବ୍ରହ୍ମଜ୍ଞାନ ପରେ ମଧ୍ୟ ଶରୀର ରହିଲା ଲୋକଶିକ୍ଷା ପାଇଁ । ଯେପରି ଅବତାରାଦିଙ୍କର ।

''ହିମାଳୟଙ୍କ ଘରେ ପାର୍ବତୀ ଜନ୍ମଗ୍ରହଣ କଲେ । ସେ ପିତାଙ୍କୁ ତାଙ୍କର ନାନା ରୂପ ଦେଖାଇବାକୁ ଲାଗିଲେ । ହିମାଳୟ କହିଲେ, ମା'ଏସବୁ ରୂପ ତ ଦେଖିଲି କିନ୍ତୁ ତୁମର ଗୋଟିଏ ବ୍ରହ୍ମସ୍ୱରୂପ ଅଛି—ସେଇଟିକୁ ଥରେ ଦେଖାଅ । ପାର୍ବତୀ କହିଲେ, ପିତା ତୁମେ ଯଦି ବ୍ରହ୍ମଜ୍ଞାନ ଚାହଁ, ତା'ହେଲେ ସଂସାର ତ୍ୟାଗ କରି ସାଧୁସଙ୍ଗ କରିବାକୁ ହେବ ।

''ହିମାଳୟ କୌଣସି ମତେ ଛାଡ଼ିଲେ ନାହିଁ; ସେତେବେଳେ ପାର୍ବତୀ ଥରେ ନିଜ ରୂପ ଦେଖାଇଲେ । ଦେଖିବା ସଙ୍ଗେ ସଙ୍ଗେ ଗିରିରାଜ ଏକାବେଳକେ ମୂର୍ଚ୍ଛିତ ।

### ଶ୍ରୀରାମକୃଷ୍ଣ ଓ ଭକ୍ତିଯୋଗ

''ଏସବୁ ଯାହା କହିଲି ସବୁ ବିଚାରର କଥା । ବ୍ରହ୍ମ ସତ୍ୟ ଜଗତ ମିଥ୍ୟା ଏହିପରି ବିଚାର । ସବୁ ସ୍ୱପ୍ନବତ୍ ! ବଡ଼ କଠିନ କଥା । ଏ ପଥରେ ତାଙ୍କର ଲୀଳା ସ୍ୱପ୍ନବତ୍ ଓ ମିଥ୍ୟା ହୋଇଯାଏ । ପୁଣି 'ମୁଁ'ଟା ମଧ୍ୟ ଉଡ଼ିଯାଏ । ଏ ପଥରେ

ଅବତାରଙ୍କୁ ମାନନ୍ତି ନାହିଁ । ବଡ଼ କଠିନ । ଏସବୁ ବିଚାରର କଥା । ଭକ୍ତମାନଙ୍କର ବେଶୀ ଶୁଣିବା ଠିକ୍ ନୁହେଁ ।

''ତେଣୁ ଈଶ୍ୱର ଅବତୀର୍ଣ୍ଣ ହୋଇ ଭକ୍ତିର ଉପଦେଶ ଦିଅନ୍ତି । ଶରଣାଗତ ହେବାକୁ କୁହନ୍ତି । ଭକ୍ତିରୁ ତାଙ୍କର କୃପାରେ ସବୁ ହୁଏ — ଜ୍ଞାନ ଓ ବିଜ୍ଞାନ ।

''ସେ ଲୀଳା କରୁଛନ୍ତି — ସେ ଭକ୍ତର ଅଧୀନ ।

''କେଉଁ କଳର ଭକ୍ତିଡୋରେ ନିଜେ ଶ୍ୟାମା ବନ୍ଧା ଅଛି ।

''କେତେବେଳେ ଈଶ୍ୱର ଚୁମ୍ବକ ହୁଅନ୍ତି, ଭକ୍ତ ଛୁଞ୍ଚି ହୁଏ । ପୁଣି କେତେବେଳେ ଭକ୍ତ ଚୁମ୍ବକ ହୁଏ, ସେ ଛୁଞ୍ଚି ହୁଅନ୍ତି, ଭକ୍ତ ତାଙ୍କୁ ଟାଣି ନିଏ — ସେ ଭକ୍ତ ବତ୍ସଳ ଭକ୍ତାଧୀନ ।

''ଏକ ମତରେ ଅଛି ଯଶୋଦାଦି ଗୋପୀଗଣ ପୂର୍ବଜନ୍ମରେ ନିରାକାରବାଦୀ ଥିଲେ । ସେମାନଙ୍କର ସେଥିରେ ତୃପ୍ତି ହୋଇନଥିଲା । ବୃନ୍ଦାବନ ଲୀଳାରେ ସେଥିପାଇଁ ଶ୍ରୀକୃଷ୍ଣଙ୍କୁ ନେଇ ଆନନ୍ଦ । ଶ୍ରୀକୃଷ୍ଣ ଦିନେ କହିଲେ, ତୁମମାନଙ୍କୁ ନିତ୍ୟଧାମ ଦର୍ଶନ କରାଇବି, ଆସ ଯମୁନାକୁ ସ୍ନାନ କରିବାକୁ ଯିବା । ସେମାନେ ବୁଡ ଦେବା ସଙ୍ଗେ ସଙ୍ଗେ ଗୋଲକ-ଦର୍ଶନ ତା'ପରେ ପୁଣି ଅଖଣ୍ଡ ଜ୍ୟୋତିଃ ଦର୍ଶନ । ଯଶୋଦା ସେତେବେଳେ କହିଲେ, କୃଷ୍ଣରେ ସେସବୁ ଆଉ ଦେଖିବାକୁ ଚାହେଁ ନାହିଁ — ବର୍ତ୍ତମାନ ତୋର ସେହି ମନୁଷ୍ୟ ରୂପକୁ ଦେଖିବି । ତୋତେ କୋଳ କରିବି, ଖୁଆଇବି ।

''ତେଣୁ ଅବତାରରେ ତାଙ୍କର ବେଶୀ ପ୍ରକାଶ । ଅବତାରଙ୍କର ଶରୀର ଥାଉ ଥାଉ ତାଙ୍କର ପୂଜା ସେବା କରିବାକୁ ହୁଏ —

'ସେ ଯେ ଘର ଭିତରେ ଗୁପତ ଘର,
ଲୁଚିବରେ ସେ ହୋଇଲେ ଭୋର ।'

''ଅବତାରଙ୍କୁ ସମସ୍ତେ ଚିହ୍ନିପାରନ୍ତି ନାହିଁ । ଦେହ ଧାରଣ କଲେ ରୋଗ, ଶୋକ, କ୍ଷୁଧା, ତୃଷ୍ଣା ସବୁ ହିଁ ରହିବ, ମନେ ହେବ, ଆମମାନଙ୍କ ପରି । ରାମ ସୀତାଙ୍କ ଶୋକରେ କାନ୍ଦିଥିଲେ — 'ପଞ୍ଚଭୂତର ଫାନ୍ଦେ, ବ୍ରହ୍ମ ପଡି କାନ୍ଦେ ।'

''ପୁରାଣରେ ଅଛି, ହିରଣାକ୍ଷ ବଧପରେ ବରାହ ଅବତାର ପିଲାପିଲି ଧରି ରହିଥିଲେ — ସେମାନଙ୍କୁ ଦୁଧ ଖୁଆଉଥିଲେ । (ସମସ୍ତଙ୍କର ହାସ୍ୟ) ସ୍ୱଧାମକୁ ଫେରିବା ନାଁ ଧରୁ ନାହାନ୍ତି । ଶେଷରେ ଶିବ ଆସି ତ୍ରିଶୂଳ ଦ୍ୱାରା ଶରୀର ନାଶ କଲେ, ସେ ହସି ହସି ସ୍ୱଧାମକୁ ଚାଲିଗଲେ ।''

## (୫)

### ଶ୍ରୀରାମକୃଷ୍ଣ, ଭବନାଥ, ମଣି, ଲାଟୁ ପ୍ରଭୃତିଙ୍କ ସଙ୍ଗରେ

ଉପରବେଳା ଭବନାଥ ଆସିଛନ୍ତି । ଘରେ ରାଖାଲ, ମାଷ୍ଟର, ହରୀଶ୍ ପ୍ରଭୃତି ଅଛନ୍ତି । ଶନିବାର ୨୨ ଡିସେମ୍ବର, ୧୮୮୩ ଖ୍ରୀଷ୍ଟାବ୍ଦ ।

ଶ୍ରୀରାମକୃଷ୍ଣ(ଭବନାଥଙ୍କ ପ୍ରତି)—ଅବତାରଙ୍କ ପ୍ରତି ପ୍ରୀତି ଥିଲେ ହେଲା । ଆହା ଗୋପୀମାନଙ୍କର କିପରି ପ୍ରୀତି !

ଏହା କହି ଗୋପୀମାନଙ୍କ ଭାବରେ ଗୀତ ଗାଉଛନ୍ତି ।

ଗୀତ—ଶ୍ୟାମ ତୁମେ ପରାଣର ପରାଣ ... ଇତ୍ୟାଦି ।

''ରାସ ମଧ୍ୟରୁ ଯେତେବେଳେ ଶ୍ରୀକୃଷ୍ଣ ଅନ୍ତର୍ହିତ ହେଲେ ଗୋପୀମାନେ ଏକାବେଳକେ ଉନ୍ମାଦିନୀ । ବୃକ୍ଷ ଦେଖି କହନ୍ତି, ତୁମେ ବୋଧେ ତପସ୍ୱୀ, ଶ୍ରୀକୃଷ୍ଣଙ୍କୁ ନିଶ୍ଚୟ ଦେଖିଛ । ତା'ନ ହେଲେ ନିଶ୍ଚଳ, ସମାଧିସ୍ଥ ହୋଇ ରହିଛ କାହିଁକି ? ତୃଣାଚ୍ଛାଦିତ ପୃଥିବୀକୁ ଦେଖି କହନ୍ତି, ହେ ପୃଥିବୀ ତୁମେ ନିଶ୍ଚୟ ତାଙ୍କୁ ଦର୍ଶନ କରିଛ । ନୋହିଲେ ରୋମାଞ୍ଚିତ ହୋଇ ରହିଛ କାହିଁକି ? ଅବଶ୍ୟ ତୁମେ ତାଙ୍କର ସ୍ପର୍ଶସୁଖ-ସମ୍ଭୋଗ କରିଛ । ପୁଣି ମାଧବୀଲତାକୁ ଦେଖି କହନ୍ତି, ଆରେ ମାଧବୀ ଆମକୁ ମାଧବ ଦିଅ । ଗୋପୀମାନଙ୍କର ପ୍ରେମୋନ୍ମାଦନ !

ଯେତେବେଳେ ଅକ୍ରୂର ଆସି, ଶ୍ରୀକୃଷ୍ଣ ବଳରାମଙ୍କୁ ମଥୁରା ଯିବା ପାଇଁ ତାଙ୍କ ରଥରେ ଉଠାଇଲେ, ସେତେବେଳେ ଗୋପୀମାନେ ରଥର ଚକକୁ ଧରି ରହିଲେ, ଯିବାକୁ ଦେବେ ନାହିଁ ।

ଏହା କହି ଶ୍ରୀରାମକୃଷ୍ଣ ପୁଣି ଗୀତ ଗାଉଛନ୍ତି—

'ଧରନା ଧରନା ରଥଚକ୍ର ରଥ କି ଚକ୍ରେ ଚଳେ !

ଯେ ଚକ୍ରର ଚକ୍ରୀ ହରି, ଯା' ଚକ୍ରେ ଜଗତ ଚଳେ !

ଶ୍ରୀରାମକୃଷ୍ଣ କହୁଛନ୍ତି, ''ରଥ କି ଚକ୍ରେ ଚଳେ । ଏ କଥାଗୁଡ଼ିକ ମୋତେ ବଡ଼ ସ୍ପର୍ଶ କରେ । 'ଯେ ଚକ୍ରେ ବ୍ରହ୍ମାଣ୍ଡ ଘୂରେ !' ରଥୀର ଆଜ୍ଞା ନେଇ ସାରଥି ଚଳାଏ ।''

# ଚତୁର୍ଦ୍ଦଶ ପରିଚ୍ଛେଦ

## ଦକ୍ଷିଣେଶ୍ୱର ମନ୍ଦିରରେ ଗୁରୁରୂପୀ ଶ୍ରୀରାମକୃଷ୍ଣ ଭକ୍ତମାନଙ୍କ ସଙ୍ଗରେ

## (୧)

**ସମାଧି ମନ୍ଦିରରେ — ଈଶ୍ୱର ଦର୍ଶନ ଓ ଠାକୁରଙ୍କର ପରମହଂସ ଅବସ୍ଥା ।**

ଠାକୁର ଶ୍ରୀରାମକୃଷ୍ଣ ତାଙ୍କ ଘରର ଦକ୍ଷିଣ-ପୂର୍ବ ବାରଣ୍ଡାରେ ରାଖାଲ, ଲାଟୁ, ହରୀଶ୍ ପ୍ରଭୃତି ଭକ୍ତମାନଙ୍କ ସଙ୍ଗରେ ବସିଛନ୍ତି । ସମୟ ସକାଳ ୯ଟା ହେବ । ରବିବାର, ମାର୍ଗଶୀର କୃଷ୍ଣପକ୍ଷ ନବମୀ ତିଥି ୨୩ ଡିସେମ୍ବର ୧୮୮୩ ଖ୍ରୀଷ୍ଟାବ୍ଦ । ମଣିଙ୍କର ଗୁରୁଗୃହ-ବାସର ଆଜି ୧୦ମ ଦିବସ ।

ଶ୍ରୀଯୁକ୍ତ ମନୋମୋହନ କୋନ୍ନଗରରୁ ସକାଳବେଳା ଆସିଛନ୍ତି । ଠାକୁରଙ୍କୁ ଦର୍ଶନ କରି ଓ କିୟତ୍‌କ୍ଷଣ ବିଶ୍ରାମ କରି ପୁଣି କଲିକତା ଫେରିଯିବେ । ହାଜରା ମଧ୍ୟ ଠାକୁରଙ୍କ ପାଖରେ ବସିଛନ୍ତି । ନୀଳକଣ୍ଠଙ୍କ ଗ୍ରାମର ଜଣେ ବୈଷ୍ଣବ ଠାକୁରଙ୍କୁ ଗୀତ ଶୁଣାଉଥିଲେ । ବୈଷ୍ଣବ ପ୍ରଥମେ ନୀଳକଣ୍ଠଙ୍କର ଗୀତ ଗାଇଲେ:

ଶ୍ରୀଗୌରାଙ୍ଗ ସୁନ୍ଦର ନବ-ନଟବର ତପତ କାଞ୍ଚନ ଦେହେ ।
କରେ ସ୍ୱରୂପ ବିଭିନ୍ନ, ଲୁଚାଇ ଯେ ଚିହ୍ନ, ଅବତୀର୍ଣ୍ଣ ନଦୀୟାରେ ॥

ପରବର୍ତ୍ତୀ ଗୀତଟି ମାନସ-ପୂଜା ସମ୍ବନ୍ଧରେ ।

ଶ୍ରୀରାମକୃଷ୍ଣ (ହାଜରାଙ୍କ ପ୍ରତି)—ଏ ଗୀତ (ମାନସପୂଜା) କିପରି ଲାଗିଲା ?

ହାଜରା—ଏ ସାଧକର ନୁହେଁ;—ଜ୍ଞାନ ଦୀପ, ଜ୍ଞାନ ପ୍ରତିମା !

**ପଞ୍ଚବଟୀରେ ତୋତାପୁରୀର କ୍ରନ୍ଦନ — ପଦ୍ମଲୋଚନଙ୍କର କ୍ରନ୍ଦନ**

ଶ୍ରୀରାମକୃଷ୍ଣ—ମୋତେ ସେପରି ଭଲ ଲାଗିଲା ନାହିଁ ।

''ଆଗର ସବୁ ଗୀତ ଠିକ୍ ଠିକ୍ । ପଞ୍ଚବଟୀରେ ଲଙ୍ଗଟିଙ୍କ ପାଖରେ ମୁଁ ଗୀତ ଗାଇଥିଲି—'ଜୀବ ସାଜ ସମରେ, ରଣବେଶେ କାଳ ପ୍ରବେଶେ ତୋର ଘରେ ।' ଆଉ ଗୋଟିଏ ଗୀତ—

'ଦୋଷ କା'ର ନୁହେଁ ଗୋ ମା',
ମୁଁ ସ୍ୱଖାତ ସଲୀଳେ ବୁଡ଼ି ମରେ ଶ୍ୟାମା ।'

''ଲଙ୍ଗଟି ଏତେ ଜ୍ଞାନୀ,—ଅର୍ଥ ନ ବୁଝି ମଧ୍ୟ କାନ୍ଦିବାକୁ ଲାଗିଲେ । ଏସବୁ ଗୀତରେ କିପରି ଠିକ୍ ଠିକ୍ କଥା—

''ଭାବ ଶ୍ରୀକାନ୍ତ ନରକାନ୍ତକାରୀରେ, ନିତାନ୍ତ କୃତାନ୍ତ ଭୟାନ୍ତ ହେବୁ ।

''ପଦ୍ମଲୋଚନ ମୋ ସମ୍ମୁଖରୁ ରାମ ପ୍ରସାଦଙ୍କ ଗୀତ ଶୁଣି କାନ୍ଦିବାକୁ ଲାଗିଲା । ଦେଖ ସେ ଏତେ ବଡ଼ ପଣ୍ଡିତ !''

(God Vision — One and Many; Unity and Diversity — )

## ଠାକୁର ଶ୍ରୀରାମକୃଷ୍ଣ ଓ ବିଶିଷ୍ଟାଦ୍ୱୈତବାଦ

ଆହାର ପରେ ଠାକୁର ଟିକିଏ ବିଶ୍ରାମ କରୁଛନ୍ତି । ତଳେ ମଣି ବସିଛନ୍ତି । ନହବତର ମାଙ୍ଗଳିକ ବାଜଣା ଶୁଣି ଶୁଣି ଠାକୁର ଆନନ୍ଦ ଲାଭ କରୁଛନ୍ତି ।

ଶ୍ରବଣ ପରେ ମଣିକୁ ବୁଝାଉଛନ୍ତି, ବ୍ରହ୍ମ ହିଁ ଜୀବଜଗତ ହୋଇଛନ୍ତି ।

ଶ୍ରୀରାମକୃଷ୍ଣ(ମଣିଙ୍କ ପ୍ରତି) — କେହି କହନ୍ତି, ଅମୁକ ସ୍ଥାନରେ ହରିନାମ ନାହିଁ । କହିବା ମାତ୍ରକେ ଦେଖିଲି, ସେ ହିଁ ସବୁଜୀବ[୧] ହୋଇଛନ୍ତି । ଯେପରି ଅସଂଖ୍ୟ ଜଳର ସ୍ଫୋଟକ — ଜଳର ବିମ୍ବ । ଆଉ ଦେଖୁଛି ଯେପରି ଅସଂଖ୍ୟ ପାଣି ଫୋଟକା !

"ସେ ଦେଶରୁ (କାମାରପୁକୁର) ବର୍ଦ୍ଧମାନ ଆସୁ ଆସୁ ଥରେ ଦୌଡ଼ି ପଡ଼ିଆ ଆଡ଼କୁ ଗଲି — ଭାବିଲି ଦେଖିବି, ଏଠାରେ ଜୀବମାନେ କିପରି ଖାଆନ୍ତି ଓ ରହନ୍ତି ! ଯାଇ ଦେଖିଲି ପଡ଼ିଆରେ ପିମ୍ପୁଡ଼ି ଯାଉଛନ୍ତି । ସବୁସ୍ଥାନ ହିଁ ଚୈତନ୍ୟମୟ !" ହାଜରା ଘରେ ପ୍ରବେଶ କରି ତଳେ ବସିଲେ ।

ଶ୍ରୀରାମକୃଷ୍ଣ — ଭିନ୍ନ ଭିନ୍ନ ଫୁଲ — ପାଖୁଡ଼ା ଥାକ ଥାକ[୨] ତା ମଧ ଦେଖୁଛି ! — ଛୋଟବିମ୍ବ ବଡ଼ବିମ୍ବ ।

ଏସବୁ ଈଶ୍ୱରୀୟ ରୂପ ଦର୍ଶନର କଥା କହୁ କହୁ ଠାକୁର ସମାଧିସ୍ଥ ହୋଇଛନ୍ତି । କହୁଛନ୍ତି, ମୁଁ ହୋଇଛି ! ମୁଁ ଆସିଛି !

ଏହି କଥା କହିବା ସଙ୍ଗେ ସଙ୍ଗେ ଏକାବେଳକେ ସମାଧିସ୍ଥ ହେଲେ । ସମସ୍ତ ସ୍ଥିର । ଅନେକକ୍ଷଣ ସମ୍ଭୋଗ ପରେ ବାହାରର ଟିକିଏ ହୋସ୍ ଆସୁଛି ।

ଏଥର ବାଳକ ପରି ହସୁଛନ୍ତି । ହସି ହସି ଘର ମଧରେ ପଦଚାରଣ କରୁଛନ୍ତି ।

## କ୍ଷୋଭ, ବାସନା ଗଲେ ହିଁ ପରମହଂସ ଅବସ୍ଥା — ସାଧନ କାଳରେ ବଟବୃକ୍ଷ ତଳେ ପରମହଂସ ଦର୍ଶନ — କଥା

ଅଦ୍ଭୁତ ଦର୍ଶନ ପରେ ଚକ୍ଷୁରୁ ଯେପରି ଆ୍ାନନ୍ଦ ଜ୍ୟୋତି ବାହାରେ, ସେପରି ଠାକୁରଙ୍କ ଚକ୍ଷୁର ଭାବ ହୋଇଛି । ମୁଖରେ ହାସ୍ୟ । ଶୂନ୍ୟ ଦୃଷ୍ଟି ।

ଠାକୁର ପଦଚାରଣ କରୁ କରୁ କହୁଛନ୍ତି —

"ବଟବୃକ୍ଷ ତଳେ ପରମହଂସ ଦେଖିଲି — ଏହିପରି ହସି ହସି ଚାଲୁଥିଲେ ! — ସେହିପରି କ'ଣ ମୋର ହେଲା ।"

---

୧. ସର୍ବଭୂତସ୍ଥମାତ୍ମାନମ୍ ସର୍ବଭୂତାନିଚାତ୍ମନି ।
ଈକ୍ଷତେ ଯୋଗଯୁକ୍ତାତ୍ମା ସର୍ବତ୍ରସମଦର୍ଶନ ॥ — ଗୀତା ୬/୨୯

୨. ଆତ୍ମନି ଚୈବଂ ବିଚିତ୍ରାଶ୍ଚହି । ବେଦାନ୍ତସୂତ୍ର — ୨/୧/୨୮

ଏହିପରି ପଦଚାରଣ ପରେ ଠାକୁର ଛୋଟ ଖଟ ଉପରେ ଯାଇ ବସିଛନ୍ତି ଓ ଜଗନ୍ମାତାଙ୍କ ସହିତ କଥା କହୁଛନ୍ତି ।

ଠାକୁର କହୁଛନ୍ତି — ''ଯାହା ହେଉ ମୁଁ ଜାଣିବାକୁ ଚାହେଁ ନାହିଁ । — ମା', ତୁମ ପାଦପଦ୍ମରେ ଯେପରି ଶୁଦ୍ଧା ଭକ୍ତି ରହେ ।''

(ମଣିଙ୍କ ପ୍ରତି) — **କ୍ଷୋଭ ବାସନା ଗଲେ ହିଁ ଏଇ ଅବସ୍ଥା ।** ପୁଣି ମା'ଙ୍କୁ କହୁଛନ୍ତି, ''ମା' ! ପୂଜା ଉଠାଇଦେଇଛ — ସବୁ ବାସନା ଯେପରି ନ ଯାଏ । ମା', ପରମହଂସ ତ ବାଳକ — ବାଳକର ମା' କ'ଣ ଦରକାର ନାହିଁ ? ତେଣୁ ତୁମେ ମା', ମୁଁ ସନ୍ତାନ । ମା'ର ସନ୍ତାନ ମା'ଙ୍କୁ ଛାଡ଼ି କିପରି ରହିବ !''

ଠାକୁର ଏପରି ଭାବରେ ମା'ଙ୍କ ସଙ୍ଗରେ କଥା କହୁଛନ୍ତି, — ପାଷାଣ ପର୍ଯ୍ୟନ୍ତ ତରଳି ଯିବ । ଆହୁରି ମା'ଙ୍କୁ କହୁଛନ୍ତି, — ''**ମା ! କେବଳ ଅଦ୍ୱୈତଜ୍ଞାନ !'' ଛିଃ, ଛିଃ ! !** ଯେତେକ୍ଷଣ 'ମୁଁ' ରଖିଛ, ସେତେକ୍ଷଣ 'ତୁମେ' । ପରମହଂସ ତ ବାଳକ, ବାଳକର ମା' କ'ଣ ଦରକାର ନାହିଁ ?'

ମଣି ଆଶ୍ଚର୍ଯ୍ୟ ହୋଇ ଠାକୁରଙ୍କର ଏହି ଦେବଦୁର୍ଲ୍ଲଭ ଅବସ୍ଥା ଦେଖୁଛନ୍ତି । ଭାବୁଛନ୍ତି ଠାକୁର ଅହେତୁକ କୃପାସିନ୍ଧୁ । ତାଙ୍କ ପ୍ରତି ବିଶ୍ୱାସ ପାଇଁ — ତାଙ୍କ ପ୍ରତି ଚେତନା ପାଇଁ — ଆଉ ଜୀବଶିକ୍ଷା ପାଇଁ; ଗୁରୁରୂପୀ ଠାକୁର ଶ୍ରୀରାମକୃଷ୍ଣଙ୍କର ଏହି ପରମହଂସ ଅବସ୍ଥା ।

ମଣି ପୁଣି ଭାବୁଛନ୍ତି — ଠାକୁର କହନ୍ତି, ଅଦ୍ୱୈତ — ଚୈତନ୍ୟ — ନିତ୍ୟାନନ୍ଦ । ଅଦ୍ୱୈତଜ୍ଞାନ ହେଲେ ଚୈତନ୍ୟ ହୁଏ — ତା'ପରେ ନିତ୍ୟାନନ୍ଦ ହୁଏ । ଠାକୁରଙ୍କର କେବଳ ଅଦ୍ୱୈତ ଜ୍ଞାନ ନୁହେଁ — ନିତ୍ୟାନନ୍ଦ ଅବସ୍ଥା । ଜଗନ୍ମାତାଙ୍କର ପ୍ରେମାନନ୍ଦରେ ସର୍ବଦା ହିଁ ବିହ୍ୱଳ ।

ହାଜରା ଠାକୁରଙ୍କର ଏହି ଅବସ୍ଥା ହଠାତ୍ ଦେଖି ହାତ ଯୋଡ଼ି ମଝିରେ ମଝିରେ କହିବାକୁ ଲାଗିଲେ — 'ଧନ୍ୟ ! ଧନ୍ୟ !'

ଶ୍ରୀରାମକୃଷ୍ଣ ହାଜରାଙ୍କୁ କହୁଛନ୍ତି — ''ତୁମର ବିଶ୍ୱାସ କାହିଁ । ତେବେ ତୁମେ ଏଠାରେ ଅଛ ଯେପରି ଜଟିଳା କୁଟିଳା — ଲୀଳା ପୁଷ୍ଟି ପାଇଁ !''

ଅପରାହ୍ନ ସମୟ । ମଣି ଏକାକୀ ଦେବାଳୟରେ ନିର୍ଜନରେ ବୁଲୁଛନ୍ତି । ଠାକୁର ଶ୍ରୀରାମକୃଷ୍ଣଙ୍କର ଏହି ଅଦ୍ଭୁତ ଅବସ୍ଥା ସମ୍ପର୍କରେ ଭାବୁଛନ୍ତି । ଆଉ ଭାବୁଛନ୍ତି, ଠାକୁର କାହିଁକି କହିଲେ, 'କ୍ଷୋଭ ବାସନା ଗଲେ ଏହି ଅବସ୍ଥା ।' ଏହି ଗୁରୁରୂପୀ ଠାକୁର ଶ୍ରୀରାମକୃଷ୍ଣ କିଏ ? ସ୍ୱୟଂ ଭଗବାନ କ'ଣ ଆମମାନଙ୍କ ପାଇଁ ଆସିଛନ୍ତି ? ଠାକୁର କହନ୍ତି, ଈଶ୍ୱରକୋଟି ଅବତାରାଦି — ନ ହେଲେ ଜଡ଼ ସମାଧିରୁ (ନିର୍ବିକଳ୍ପ ସମାଧି) କେହି ଅବତରଣ କରିପାରନ୍ତି ନାହିଁ ।

## (୨)

### ଗୁହ୍ୟ କଥା

ଆହୁସ୍ତ୍ୱାମୃଷୟଃ ସର୍ବେ ଦେବର୍ଷିର୍ନାରଦସ୍ତଥା ।
ଅସିତୋ ଦେବଲୋ ବ୍ୟାସଃ ସ୍ୱୟଂ ଚୈବ ବ୍ରବୀଷି ମେ । ଗୀତା — ୧୦, ୧୩

ପରଦିନ ଠାକୁର ଶ୍ରୀରାମକୃଷ୍ଣ ଝାଉଁଗଛ ତଳେ ମଣିଙ୍କ ସହିତ ଏକାକୀ କଥାବାର୍ତ୍ତା କରୁଛନ୍ତି । ସମୟ ସକାଳ ୮ଟା ହେବ । ସୋମବାର, କୃଷ୍ଣପକ୍ଷ ଦଶମୀ ତିଥି ୨୪ ଡିସେମ୍ବର ୧୮୮୩ ଖ୍ରୀଷ୍ଟାବ୍ଦ । ଆଜି ମଣିଙ୍କର ପ୍ରଭୁଙ୍କ ସଙ୍ଗରେ ଏକାଦଶ ଦିବସ ।

ଶୀତକାଳ । ସୂର୍ଯ୍ୟଦେବ ପୂର୍ବଦିଗରେ ଅଳ୍ପକ୍ଷଣ ହେବ ଉଇଁଛନ୍ତି । ଝାଉଁ ବୃକ୍ଷ ତଳେ ଓ ଝାଉଁଗଛର ପଶ୍ଚିମ ଦିଗରେ ଗଙ୍ଗା ବହି ଯାଉଛନ୍ତି । ବର୍ତ୍ତମାନ ଉତ୍ତର ବାହିନୀ ଜୁଆର ଆସିଅଛି । ଚତୁର୍ଦ୍ଦିଗରେ ବୃକ୍ଷଲତା । ଅନତି ଦୂରେ ସାଧନାର ସ୍ଥାନ ସେହି ବିଲ୍ୱ-ବୃକ୍ଷମୂଳ ଦେଖାଯାଉଛି । ଠାକୁର ପୂର୍ବମୁଖ ହୋଇ କଥା କହୁଛନ୍ତି । ମଣି ଉତ୍ତରାସ୍ୟ ହୋଇ ବିନୀତ ଭାବରେ ଶୁଣୁଛନ୍ତି । ଠାକୁରଙ୍କର ଦକ୍ଷିଣ ଦିଗରେ ପଞ୍ଚବଟୀ ଓ ହଂସ ପୋଖରୀ । ଶୀତକାଳ, ସୂର୍ଯ୍ୟୋଦୟରେ ଜଗତ ଯେପରି ହସୁଛି । ଠାକୁର ବ୍ରହ୍ମଜ୍ଞାନର କଥା କହୁଛନ୍ତି ।

### ତୋତାପୁରୀଙ୍କର ଠାକୁରଙ୍କ ପ୍ରତି ବ୍ରହ୍ମଜ୍ଞାନର ଉପଦେଶ

ଶ୍ରୀରାମକୃଷ୍ଣ — ନିରାକାର ସତ୍ୟ, ସାକାର ମଧ୍ୟ ସତ୍ୟ ।

''ଲଙ୍ଗୁଳି ଉପଦେଶ ଦେଉଥିଲେ, — ସଚ୍ଚିଦାନନ୍ଦ ବ୍ରହ୍ମ କିପରି ? ଯେପରି ଅନନ୍ତ ସାଗର — ଉର୍ଦ୍ଧ୍ୱରେ ନିମ୍ନରେ, ବାମରେ ଡାହାଣରେ, ସର୍ବତ୍ର ଜଳ । କାରଣ-ସଲିଳ । ଜଳ ସ୍ଥିର — କାର୍ଯ୍ୟ ହେଲେ ତରଙ୍ଗ । ସୃଷ୍ଟି, ସ୍ଥିତି, ପ୍ରଳୟ — କାର୍ଯ୍ୟ ।''

''ପୁଣି କହୁଥିଲେ, ଯେଉଁଠାରେ ବିଚାର କରୁ କରୁ ବନ୍ଦ ହୋଇଯାଏ ତାହା ହିଁ ବ୍ରହ୍ମ । ଯେପରି କର୍ପୂର ଜଳାଇଲେ ପୋଡ଼ିଯାଏ । ଟିକିଏ ପାଉଁଶ ମଧ୍ୟ ରହେ ନାହିଁ ।

''ବ୍ରହ୍ମ ବାକ୍ୟମନର ଅତୀତ । ଲୁଣର ପିତୁଳା ସମୁଦ୍ର ମାପିବାକୁ ଯାଇଥିଲା । ଆସି ଆଉ ଖବର ଦେଲାନାହିଁ । ସମୁଦ୍ରରେ ମିଳେଇଗଲା ।

''ଋଷିମାନେ ରାମଙ୍କୁ କହିଥିଲେ, 'ରାମ, ଭରଦ୍ୱାଜାଦି ତୁମକୁ ଅବତାର କହିପାରନ୍ତି । କିନ୍ତୁ ଆମ୍ଭେମାନେ ତାହା କହିବୁ ନାହିଁ । ଆମେ ଶବ୍ଦ ବ୍ରହ୍ମର ଉପାସନା କରୁ । ଆମେ ମନୁଷ୍ୟରୂପକୁ ଚାହୁଁ ନାହୁଁ ।' ରାମ ପ୍ରସନ୍ନ ହୋଇ ଟିକିଏ ହସି, ସେମାନଙ୍କର ପୂଜା ଗ୍ରହଣ କରି ଚାଲିଗଲେ ।

## ନିତ୍ୟ, ଲୀଳା — ଦୁଇ ହିଁ ସତ୍ୟ

''କିନ୍ତୁ ଯାହାଙ୍କର ନିତ୍ୟ ତାଙ୍କର ହିଁ ଲୀଳା । ଯେପରି କହିଥିଲି, ଛାତ ଆଉ ସିଡ଼ି । ଈଶ୍ୱରଲୀଳା, ଦେବଲୀଳା,ନରଲୀଳା, ଜଗତ୍‌ଲୀଳା । ନରଲୀଳାରେ ଅବତାର । ନରଲୀଳା କିପରି ଜାଣ ? ଯେପରି ଛାତର ଜଳ ନଳ ମଧ୍ୟ ଦେଇ ଗଳ ଗଳ ହୋଇ ପଡ଼ୁଛି, ସେହି ସଚ୍ଚିଦାନନ୍ଦ, ତାଙ୍କରି ଶକ୍ତି ଗୋଟିଏ ପ୍ରଣାଳୀ ଦେଇ — ନଳ ଭିତର ଦେଇ ଆସୁଛି । କେବଳ ଭରଦ୍ୱାଜାଦି ବାରଜଣ ଋଷି ରାମଚନ୍ଦ୍ରଙ୍କୁ ଅବତାର ବୋଲି ଚିହ୍ନିଥିଲେ । ଅବତାରଙ୍କୁ ସମସ୍ତେ ଚିହ୍ନିପାରନ୍ତି ନାହିଁ ।''

## ଠାକୁର ଶ୍ରୀରାମକୃଷ୍ଣ କଅଣ ଅବତାର ?

(ଶ୍ରୀମୁଖ — କଥିତ ଚରିତାମୃତ — କ୍ଷୁଦିରାମଙ୍କର ଗୟାଧାମରେ ସ୍ୱପ୍ନ — ଠାକୁରଙ୍କୁ ହୃଦୟର ମା'ଙ୍କ ପୂଜା — ଠାକୁରଙ୍କ ଭିତରେ ମଥୁରଙ୍କର ଈଶ୍ୱରଦର୍ଶନ — ଫୁଲୁଇ ଶ୍ୟାମବଜାରରେ ଶ୍ରୀଗୌରାଙ୍ଗଙ୍କ ଆଦେଶ ।)

ଶ୍ରୀରାମକୃଷ୍ଣ(ମଣିଙ୍କ ପ୍ରତି) — ସେ ଅବତାର ହୋଇ ଜ୍ଞାନ-ଭକ୍ତି ଶିକ୍ଷା ଦିଅନ୍ତି । ଆଚ୍ଛା, ମୋତେ ତୁମକୁ କିପରି ବୋଧ ହୁଏ ?

''ମୋର ବାପା ଗୟା ଯାଇଥିଲେ । ସେଠାରେ ରଘୁବୀର ସ୍ୱପ୍ନରେ ଦେଖା ଦେଇ କହିଲେ, ମୁଁ ତୁମର ସନ୍ତାନ ହେବି । ବାପା ସ୍ୱପ୍ନାବସ୍ଥାରେ କହିଲେ, ପ୍ରଭୁ, ମୁଁ ଦରିଦ୍ର ବ୍ରାହ୍ମଣ, ତୁମର କିପରି ସେବା କରିବି ! ରଘୁବୀର କହିଲେ — ସେସବୁ ହୋଇଯିବ ।

''ବଡ଼ ଭଉଣୀ — ହୃଦୟର ମା' — ମୋ ପାଦପୂଜା ଫୁଲ ଚନ୍ଦନ ଦେଇ କରୁଥିଲେ । ଦିନେ ତାଙ୍କର ମୁଣ୍ଡରେ ପାଦ ଦେଇ (ମା') କହିଲେ, ତୋର କାଶୀରେ ହିଁ ମୃତ୍ୟୁ ହେବ ।

''ମଥୁର ବାବୁ କହିଲେ, ବାବା, ତୁମ ଭିତରେ ଆଉ କେହି ନାହାଁନ୍ତି, — ସେହି ଈଶ୍ୱର ଅଛନ୍ତି । ଦେହଟା କେବଳ ଖୋଳ ମାତ୍ର, — ଯେପରି ବାହାରେ କଖାରୁର ଆକାର କିନ୍ତୁ ଭିତରେ, ଶସ, ମଞ୍ଜି କିଛି ନାହିଁ । ତୁମକୁ ଦେଖିଲି, ଯେପରି ଓଢ଼ଣା ଦେଇ କିଏ ଚାଲିଯାଉଛି ।

''ପୂର୍ବରୁ ସବୁ ଦେଖାଇ ଦିଅନ୍ତି । ବରଗଛ ତଳେ (ପଞ୍ଚବଟୀ ତଳେ) ଗୌରାଙ୍ଗଦେବଙ୍କର ସଂକୀର୍ତ୍ତନ ଦଳ ଦେଖିଥିଲି । ତା'ଭିତରେ ଯେପରି ବଳରାମଙ୍କୁ ଦେଖିଥିଲି — **ଆଉ ତୁମକୁ ମଧ୍ୟ ଦେଖିଥିଲି ।**

''ଗୌରାଙ୍ଗ ଦେବଙ୍କର ଭାବ ଜାଣିବାକୁ ଚାହିଁଥିଲି । କାମାରପୁକୁରରେ ଶ୍ୟାମ ବଜାରରେ — ଦେଖାଇଥିଲେ । ଗଛ ଉପରେ ପାଚେରୀ ଉପରେ ଲୋକ, — ଦିନ ରାତି ପାଖରେ ଲୋକ । ସାତଦିନ ପର୍ଯ୍ୟନ୍ତ ଝାଡ଼ା ଯିବାକୁ ବାଟ ନାହିଁ । ସେତେବେଳେ କହିଲି ମା' ଆଉ ଦରକାର ନାହିଁ । ତେଣୁ ବର୍ତ୍ତମାନ ଶାନ୍ତ ।

**ଆଉ ଥରେ ଆସିବାକୁ ହେବ ।** ସେଥିପାଇଁ ପାର୍ଷଦମାନଙ୍କୁ ସବୁ ଜ୍ଞାନ ଦେଉନାହିଁ । (ସହାସ୍ୟ) ତୁମମାନଙ୍କୁ ଯଦି ସବୁ ଜ୍ଞାନ ଦେଇଦିଏ—ତା'ହେଲେ ତୁମେମାନେ ଆଉ ସହଜରେ ମୋ ପାଖକୁ ଆସିବ ?

**ତୁମକୁ ଚିହ୍ନିଛି–ତୁମର ଚୈତନ୍ୟ ଭାଗବତ ପଢ଼ା ଶୁଣି ।** ତୁମେ ସବୁ ଆପଣାର ଲୋକ—ଏକ ସତ୍ତା—ଯେପରି ପିତା ଓ ପୁତ୍ର ଏଠାକୁ ସମସ୍ତେ ଆସୁଛନ୍ତି—ଯେପରି କଲମୀ ଲତା,—ଗୋଟିଏ ଜାଗାରେ ଟାଣିଲେ ସବୁଟା ଆସିଯାଏ । ପରସ୍ପର ସବୁ ଆତ୍ମୀୟ—ଯେପରି ଭାଇ ଭାଇ । ଜଗନ୍ନାଥ ଧାମକୁ ରାଖାଲ, ହରୀଶ ଫରିଶ୍ ଯାଇଛନ୍ତି, ଆଉ ତୁମେ ମଧ୍ୟ ଯାଇଛ—ତେବେ କ'ଣ ଅଲଗା ବସା ହେବ ?

ଯେତେଦିନ ପର୍ଯ୍ୟନ୍ତ ଏଠାକୁ ଆସି ନାହଁ ସେତେ ଦିନ ଭୁଲି ରହିଥିଲ; ବର୍ତ୍ତମାନ ନିଜକୁ ଚିହ୍ନିପାରିବ । ସେ ଗୁରୁ ରୂପରେ ଆସି ଜଣାଇ ଦିଅନ୍ତି ।

## ତୋତାପୁରୀଙ୍କ ଉପଦେଶ—ଗୁରୁରୂପୀ ଶ୍ରୀଭଗବାନ ସ୍ୱ–ସ୍ୱରୂପକୁ ଜଣାଇ ଦିଅନ୍ତି

''ଲଙ୍ଗୁଳି ବାଘ ଆଉ ଛେଳିପଲର ଗଳ୍ପ କହିଥିଲେ । ଗୋଟିଏ ବାଘୁଣୀ ଛେଳିପଲକୁ ଆକ୍ରମଣ କଲା । ଜଣେ ବ୍ୟାଧ ଦୂରରୁ ଦେଖି ତାକୁ ମାରିଦେଇଥିଲା । ତା'ପେଟରେ ଛୁଆ ଥିଲା, ସେଇଟା ପ୍ରସବ ହୋଇଗଲା । ସେହି ଛୁଆଟି ଛେଳିମାନଙ୍କ ସଙ୍ଗରେ ବଢ଼ିବାକୁ ଲାଗିଲା । ପ୍ରଥମେ ଛେଳିମାନଙ୍କଠାରୁ ଦୁଧ ଖାଉଥିଲା । —ତା'ପରେ ଟିକିଏ ବଡ଼ ହେବାରୁ ଘାସ ଖାଇବାକୁ ଆରମ୍ଭ କଲା । ଛେଳିମାନଙ୍କ ପରି ମେଁ ମେଁ କରେ । କ୍ରମେ ଖୁବ୍ ବଡ଼ ହୋଇଗଲା—କିନ୍ତୁ ଘାସ ଖାଏ ଆଉ ମେଁ ମେଁ କରେ । କୌଣସି ଜନ୍ତୁ ଆକ୍ରମଣ କଲେ ଛେଳିମାନଙ୍କ ପରି ଦୌଡ଼ି ପଳାଏ !''

''ଦିନେ ଗୋଟିଏ ଭୟଙ୍କର ବାଘ ଛେଳିପଲକୁ ଆକ୍ରମଣ କଲା । ସେ ଅବାକ୍ ହୋଇ ଦେଖିଲା ଯେ, ସେମାନଙ୍କ ଭିତରେ ଗୋଟିଏ ବାଘ ଘାସ ଖାଉଛି,—ଛେଳିମାନଙ୍କ ପରି ସଙ୍ଗେ ସଙ୍ଗେ ଦୌଡ଼ି ପଳାଇଯାଉଛି ! ସେତେବେଳେ ଛେଳିଗୁଡ଼ିକୁ କିଛି ନ କରି ସେହି ଘାସ ଖାଉଥିବା ବାଘକୁ ଧରିଲା । ସେ ମେଁ ମେଁ ଶବ୍ଦ କଲା । ଆଉ ପଳାଇବାକୁ ଚେଷ୍ଟା କଲା । ସେତେବେଳେ ସେ ତାକୁ ଗୋଟିଏ ଜଳାଧାର ପାଖକୁ ଟାଣି ନେଇଗଲା । ଆଉ କହିଲା, 'ଏହି ଜଳ ଭିତରେ ତୋର ମୁହଁ ଦେଖ୍ । ମୋର ଯେପରି ହାଣ୍ଡିପରି ମୁହଁ, ତୋର ମଧ୍ୟ ସେପରି ।' ତା'ପରେ ତା'ମୁହଁରେ କିଛି ମାଂସ ଗୁଞ୍ଜିଦେଲା । ପ୍ରଥମେ ସେ କୌଣସି ପ୍ରକାରରେ ଖାଇବାକୁ ଚାହିଁଲା ନାହିଁ,—ତା'ପରେ ଟିକିଏ ଆସ୍ୱାଦ ପାଇ ଖାଇବାକୁ ଲାଗିଲା । ସେତେବେଳେ ବାଘଟା କହିଲା, 'ତୁ ଛେଳିମାନଙ୍କ

ସଙ୍ଗରେ ଥିଲୁ ଆଉ ତୁ ସେମାନଙ୍କ ପରି ଘାସ ଖାଉଥିଲୁ ! ତୋତେ ଧିକ୍ ! ସେତେବେଳେ ସେ ଲଜ୍ଜିତ ହେଲା ।

''ଘାସ ଖାଇବା ଅର୍ଥାତ୍ କାମିନୀ-କାଞ୍ଚନ ନେଇ ରହିବା । ଛେଳିମାନଙ୍କ ପରି ମେଁ ମେଁ କରି ଡାକିବା, ଆଉ ପଳାଇବା — ସାମାନ୍ୟ ଜୀବ ପରି ଆଚରଣ କରିବା । ବାଘ ସଙ୍ଗରେ ଚାଲିଯିବା, — ଅର୍ଥାତ୍, ଗୁରୁ ଯେ କି ଚୈତନ୍ୟ କରାଇଲେ ତାଙ୍କର ଶରଣାଗତ ହେବା, ତାଙ୍କୁ ହିଁ ଆତ୍ମୀୟ ବୋଲି ଜାଣିବା ନିଜର ଠିକ୍ ମୁଖ ଦେଖିବା ଅର୍ଥାତ୍ ସ୍ୱସ୍ୱରୂପକୁ ଚିହ୍ନିବା ।

ଠାକୁର ଦଣ୍ଡାୟମାନ ହେଲେ । ଚତୁର୍ଦ୍ଦିଗ ନିସ୍ତବ୍ଧ । କେବଳ ଝାଉଁ ଗଛର ସୁ ସୁ ଶବ୍ଦ ଓ ଗଙ୍ଗାର କୁଳୁକୁଳୁ ଧ୍ୱନି ! ସେ ରେଳଲାଇନ୍ ପାର ହୋଇ ପଞ୍ଚବଟୀର ଭିତରେ ଦେଇ ନିଜର ଘର ଆଡ଼କୁ ମଣିଙ୍କ ସହିତ କଥା କହି କହି ଚାଲିଛନ୍ତି । ମଣି ମନ୍ତ୍ରମୁଗ୍ଧ ପରି ସଙ୍ଗେ ସଙ୍ଗେ ଯାଉଛନ୍ତି ।

## ଠାକୁର ଶ୍ରୀରାମକୃଷ୍ଣଙ୍କର ବଟବୃକ୍ଷ ମୂଳରେ ପ୍ରଣାମ

ପଞ୍ଚବଟୀଠାରେ ଠାକୁର ଆସି, ଯେଉଁଠାରେ ଡାଳଟି ପଡ଼ିଯାଇଛି, ସେଠାରେ ଠିଆ ହୋଇ ପୂର୍ବମୁଖ ହୋଇ ବଟବୃକ୍ଷ ତଳେ, ଚଉତରାରେ ମସ୍ତକଦ୍ୱାରା ସ୍ପର୍ଶ କରି ପ୍ରଣାମ କଲେ । ଏହି ସ୍ଥାନ ସାଧନାର ସ୍ଥାନ; — ଏଠାରେ କେତେ ବ୍ୟାକୁଳ ହୋଇ କ୍ରନ୍ଦନ — କେତେ ଈଶ୍ୱରୀୟ ରୂପ ଦର୍ଶନ, ଆଉ ମା'ଙ୍କ ସଙ୍ଗରେ କେତେ କଥା ହୋଇଯାଇଛି ! ତେଣୁ କ'ଣ ଠାକୁର ଏଠାକୁ ଯେତେବେଳେ ଆସନ୍ତି, ସେତେବେଳେ ପ୍ରଣାମ କରନ୍ତି ?

ବକୁଳବୃକ୍ଷ ବାଟ ଦେଇ ନହବତ ପାଖକୁ ଆସିଛନ୍ତି । ମଣି ସଙ୍ଗରେ ଅଛନ୍ତି ।

ନହବତ ପାଖକୁ ଆସି ହାଜରାକୁ ଦେଖିଲେ । ଠାକୁର ତାଙ୍କୁ କହୁଛନ୍ତି — 'ବେଶୀ ଖାଅ ନାହିଁ । ଆଉ ବେଶୀ ଛୁଆଁ ଛୁଇଁ ଭାବ ଛାଡ଼ । ଯେଉଁମାନଙ୍କର ବେଶୀ ଛୁଆଁ ଛୁଇଁ ଭାବ ସେମାନଙ୍କର ଜ୍ଞାନ ହୁଏ ନାହିଁ । ଛୁଆଁ ଛୁଇଁ ଯେତିକି ଦରକାର ସେତିକି କରିବ । ବେଶୀ ବଢ଼ାଇବ ନାହିଁ । ଠାକୁର ନିଜ ଘରକୁ ଯାଇ ଉପବେଶନ କଲେ ।

## (୩)

## ରାଖାଲ, ରାମ, ସୁରେନ୍ଦ୍ର, ଲାଟୁ, ପ୍ରଭୃତି ଭକ୍ତଙ୍କ ସଙ୍ଗରେ

ଆହାରାନ୍ତେ ଠାକୁର ଟିକିଏ ବିଶ୍ରାମ କରୁଛନ୍ତି । ଆଜି ୨୪ ଡିସେମ୍ବର । ବଡ଼ ଦିନ ଛୁଟି ଆରମ୍ଭ ହୋଇଛି । କଲିକତାରୁ ସୁରେନ୍ଦ୍ର, ରାମ ପ୍ରଭୃତି ଭକ୍ତମାନେ କ୍ରମେ କ୍ରମେ ଆସୁଛନ୍ତି ।

ସମୟ ୧ଟା ବାଜିବ । ମଣି ଏକାକୀ ଝାଉଁ ଗଛ ତଳେ ବୁଲୁଛନ୍ତି, ଏପରି ସମୟରେ ରେଳ ଲାଇନ୍ ନିକଟରେ ଛିଡ଼ା ହୋଇ ହରୀଶ୍ ଉଚ୍ଚ ସ୍ୱରରେ ମଣିଙ୍କୁ କହୁଛନ୍ତି—ଠାକୁର ଡାକୁଛନ୍ତି,—ଶିବସଂହିତା ପଢ଼ାହେବ ।

ଶିବ ସଂହିତାରେ ଯୋଗର କଥା ଅଛି;—ଷଡ଼ଚକ୍ରର କଥା ଅଛି ।

ମଣି ଠାକୁରଙ୍କ ଘରକୁ ଆସି ପ୍ରଣାମ କରି ଉପବେଶନ କଲେ । ଠାକୁର ଖଟ ଉପରେ ଓ ଭକ୍ତମାନେ ତଳେ ବସିଛନ୍ତି । ଶିବସଂହିତା ବର୍ତ୍ତମାନ ପଢ଼ା ହେଲା ନାହିଁ । ଠାକୁର ନିଜେ କଥା କହୁଛନ୍ତି ।

**ପ୍ରେମାଭକ୍ତି ଓ ଶ୍ରୀବୃନ୍ଦବନଲୀଳା—ଅବତାର ଓ ନରଲୀଳା**

ଶ୍ରୀରାମକୃଷ୍ଣ—ଗୋପୀମାନଙ୍କର ପ୍ରେମାଭକ୍ତି । ପ୍ରେମାଭକ୍ତିରେ ଦୁଇଟି ଜିନିଷ ଥାଏ—ଅହଂତା ଆଉ ମମତା । ମୁଁ କୃଷ୍ଣଙ୍କୁ ସେବା ନ କଲେ କୃଷ୍ଣଙ୍କର କଷ୍ଟ ହେବ,—ଏହାର ନାମ ଅହଂତା । ଏଥିରେ ଈଶ୍ୱରବୋଧ ରହେ ନାହିଁ ।

''ମମତା—'ମୋର ମୋର' କରିବା । କାଳେ ପାଦରେ କିଛି ଆଘାତ ଲାଗିବ, ଗୋପୀମାନଙ୍କର ଏତେ ମମତା, ସେମାନଙ୍କର ସୂକ୍ଷ୍ମ ଶରୀର ଶ୍ରୀକୃଷ୍ଣଙ୍କର ଚରଣ ତଳେ ରହୁଥିଲା ।

''ଯଶୋଦା କହନ୍ତି, ତୁମମାନଙ୍କର ଚିନ୍ତାମଣି କୃଷ୍ଣକୁ ଜାଣେନା,—ମୋର ଗୋପାଳ ! ଗୋପୀମାନେ ମଧ କହନ୍ତି, 'କେଉଁଠାରେ ମୋର ପ୍ରାଣବଲ୍ଲଭ !' ଈଶ୍ୱରବୋଧ ନାହିଁ ।

''ଯେପରି ଛୋଟ ବାଳକସବୁ କହନ୍ତି ଦେଖିଛି, 'ମୋର ବାପା' । ଯଦି କେହି କହେ ନା 'ତୋର ବାପା ନୁହେଁ';—ତା ହେଲେ କହିବ ନା, 'ମୋର ବାପା' !

''ନରଲୀଳାରେ ଅବତାରଙ୍କୁ ଠିକ୍ ମନୁଷ୍ୟପରି ଆଚରଣ କରିବାକୁ ପଡ଼େ, ତେଣୁ ଚିହ୍ନିପାରିବା କଠିନ । ମନୁଷ୍ୟ ହୋଇଛନ୍ତି ତ ଠିକ୍ ମନୁଷ୍ୟ । ସେହି କ୍ଷୁଧା, ତୃଷା, ରୋଗ, ଶୋକ, କେତେବେଳେ ବା ଭୟ—ଠିକ୍ ମନୁଷ୍ୟ ପରି । ରାମଚନ୍ଦ୍ର ସୀତାଙ୍କ ଶୋକରେ କାତର ହୋଇଥିଲେ । ଗୋପାଳ ନନ୍ଦଙ୍କର ଜୋତା ମୁଣ୍ଡରେ ନେଇଥିଲେ । ପିଢ଼ା ବୋହି ନେଇ ଯାଇଥିଲେ ।

''ଥିଏଟରରେ ସାଧୁ ସାଜନ୍ତି, ସାଧୁଙ୍କ ପରି ବ୍ୟବହାର କରିବେ,—ଯେ ରାଜା ସାଜିଛି ତା'ନିଜ ପରି ବ୍ୟବହାର କରିବ ନାହିଁ । ଯାହା ସାଜିଛି ତାହା ହିଁ ଅଭିନୟ କରିବ ।

''ଜଣେ ବହୁରୂପୀ ସାଜିଛି ତ୍ୟାଗୀ ସାଧୁ । ବେଶ ଠିକ୍ ହୋଇଛି ଦେଖି ବାବୁମାନେ ଗୋଟିଏ ଟଙ୍କା ଦେବାକୁ ଗଲେ । ସେ ନେଲା ନାହିଁ, ଉହୁଁ ଉହୁଁ କହି ଚାଲିଗଲା । ଦେହ, ହାତ, ପାଦ ଧୋଇ ଯେତେବେଳେ ସାଧାରଣ ବେଶରେ ଆସିଲା, ସେତେବେଳେ କହିଲା, 'ଟଙ୍କା ଦିଅ' । ବାବୁମାନେ କହିଲେ, 'ବର୍ତ୍ତମାନ

ତୁମେ ଟଙ୍କା ନେବ ନାହିଁ ବୋଲି କହି ଚାଲିଗଲ, ପୁଣି ଟଙ୍କା ମାଗୁଛ ?' ସେ କହିଲା, 'ସେତେବେଳେ ସାଧୁ ସାଜିଥିଲି, ଟଙ୍କା ନେବା ଠିକ୍ ନୁହେଁ ।'

''ସେହିପରି ଈଶ୍ୱର ଯେତେବେଳେ ମନୁଷ୍ୟ ହୁଅନ୍ତି ଠିକ୍ ମନୁଷ୍ୟ ପରି ବ୍ୟବହାର କରନ୍ତି ।

''ବୃନ୍ଦାବନକୁ ଗଲେ ଅନେକ ଲୀଳାର ସ୍ଥାନ ଦେଖାଯାଏ ।''

**ସୁରେନ୍ଦ୍ରଙ୍କ ପ୍ରତି ଉପଦେଶ — ଭକ୍ତସେବାର୍ଥେ ଦାନ ଓ ସତ୍ୟକଥା**

ସୁରେନ୍ଦ୍ର — ଆମେ ସବୁ ଛୁଟିରେ ଯାଇଥିଲୁ — 'ପଇସା ଦିଅ ପଇସା ଦିଅ କରନ୍ତି' । 'ଦିଅ' 'ଦିଅ' କରିବାକୁ ଲାଗିଲେ — ପଣ୍ଡାମାନେ ଆଉ ଅନ୍ୟ ଲୋକମାନେ । ସେମାନଙ୍କୁ କହିଲୁ, ଆମେମାନେ କାଲି କଲିକତା ଯିବୁ । କିନ୍ତୁ ସେହିଦିନ ହିଁ ପଳାୟନ ।

ଶ୍ରୀରାମକୃଷ୍ଣ — ସେ କ'ଣ ! ଛି, ଛି, କାଲି ଯିବୁ କହି ଆଜି ପଳାଇବା । ଛି !

(ସୁରେନ୍ଦ୍ର ଲଜ୍ଜିତ ହୋଇ) — ଜଙ୍ଗଲ ଭିତରେ ମଝିରେ ମଝିରେ ବାବାଜୀମାନଙ୍କୁ ଦେଖିଥିଲି । ନିର୍ଜନରେ ବସି ସାଧନ ଭଜନ କରୁଛନ୍ତି ।

ଶ୍ରୀରାମକୃଷ୍ଣ — ବାବାଜୀମାନଙ୍କୁ କିଛି ଦେଲ ?

ସୁରେନ୍ଦ୍ର — ଆଜ୍ଞା, ନା ।

ଶ୍ରୀରାମକୃଷ୍ଣ — ଏଇଟା ଭଲ କରି ନାହଁ । ସାଧୁ-ଭକ୍ତମାନଙ୍କୁ କିଛି ଦେବାକୁ ହୁଏ । ଯେଉଁମାନଙ୍କର ଟଙ୍କା ଅଛି, ସେମାନଙ୍କର ଏହିପରି ଲୋକ ସାମନାରେ ପଡ଼ିଲେ କିଛି ଦେବାକୁ ହୁଏ ।

**ଶ୍ରୀମୁଖ-କଥିତ ଚରିତାମୃତ — ମଥୁରଙ୍କ ସଙ୍ଗରେ**

**ଶ୍ରୀବୃନ୍ଦାବନ ଦର୍ଶନ — ୧୮୬୮**

''ମୁଁ ବୃନ୍ଦାବନକୁ ଯାଇଥିଲି — ମଥୁରବାବୁଙ୍କ ସଙ୍ଗରେ ।

''ମଥୁରାର ଧ୍ରୁବଘାଟକୁ ଯାଇ ଦେଖିଲି, ହଠାତ୍ ଦପ୍ କରି ଦର୍ଶନ ହେଲା, ବସୁଦେବ ଶ୍ରୀକୃଷ୍ଣଙ୍କୁ କୋଳରେ ନେଇ ଯମୁନା ପାର ହେଉଛନ୍ତି ।

''ପୁଣି ସନ୍ଧ୍ୟା ସମୟରେ ଯମୁନା କୂଳରେ ବୁଲୁଛି, ବାଲି ଉପରେ ଛୋଟ ଛୋଟ ଚାଳ ଘର । ବଡ଼ କୋଳିଗଛ । ଗୋଧୂଳି ସମୟରେ ଗାଈ ଗୋରୁ ଗୋଠରୁ ଫେରି ଆସୁଛନ୍ତି । ଦେଖିଲି ଚାଲି ଚାଲି ଯମୁନା ପାର ହେଉଛନ୍ତି । ତା'ପରେ କେତେଜଣ ଗୋପାଳ ଗାଈମାନଙ୍କୁ ନେଇ ପାର ହେଉଛନ୍ତି ।

ଏ ସବୁ ଦେଖିବା ମାତ୍ରେ 'କେଉଁଠାରେ କୃଷ୍ଣ !' କହି ବେହୋସ୍ ହୋଇଗଲି ।

''ଶ୍ୟାମକୁଣ୍ଡ, ରାଧାକୁଣ୍ଡ ଦର୍ଶନ କରିବାକୁ ଇଚ୍ଛା ହେଲା । ପାଲିଙ୍କି କରି ମୋତେ ପଠାଇଦେଲେ । ଅନେକ ରାସ୍ତା; ଲୁଚି, ଜିଲାପି, ପାଲିଙ୍କି ଭିତରେ ଦେଲେ । ପଡ଼ିଆ ପାର ହେବା ସମୟରେ ଏହା ଭାବି କାନ୍ଦିବାକୁ ଲାଗିଲି, 'କୃଷ୍ଣରେ ! ତୁ ନାହୁଁ, କିନ୍ତୁ ସେ ସବୁ ସ୍ଥାନ ରହିଛି ! ଏଇ ପଡ଼ିଆରେ ତୁ ଗୋରୁ ଚରାଉଥିଲୁ ।'

''ହୃଦୁ ରାସ୍ତାରେ ସଙ୍ଗେ ସଙ୍ଗେ ପଛରେ ଆସୁଥିଲା । ମୋ ଚକ୍ଷୁରୁ ଲୁହ ଗଡ଼ିବାକୁ ଲାଗିଲା । ବେହେରାମାନଙ୍କୁ ଅଟକାଇବାକୁ କହିପାରିଲି ନାହିଁ ।

''ଶ୍ୟାମକୁଣ୍ଡ ରାଧାକୁଣ୍ଡ ଯାଇ ଦେଖିଲି, ସାଧୁମାନେ ଗୋଟିଏ ଗୋଟିଏ କୁଡ଼ିଆ କରିଛନ୍ତି; — ତା' ଭିତରେ ପଛ କରି ସାଧନ-ଭଜନ କରୁଛନ୍ତି । କାରଣ ଲୋକଙ୍କ ଉପରେ ଦୃଷ୍ଟି ପଡ଼ିପାରେ । ଦ୍ୱାଦଶ ବନ ଦେଖିବା ଭଳି ଉପଯୁକ୍ତ ସ୍ଥାନ ।

ବଙ୍କୁବିହାରୀଙ୍କୁ ଦେଖି ଭାବ ହୋଇଗଲା । ମୁଁ ତାଙ୍କୁ ଧରିବାକୁ ଯାଇଥିଲି । ଗୋବିନ୍ଦଜୀଙ୍କୁ ଦୁଇଥର ଦେଖିବାକୁ ଇଚ୍ଛା କଲି ନାହିଁ । ମଥୁରାକୁ ଯାଇ ରାଖାଲ-କୃଷ୍ଣଙ୍କୁ ସ୍ୱପ୍ନ ଦେଖିଲି । ହୃଦୁ ଓ ମଥୁରବାବୁ ଦେଖିଥିଲେ ।

## ଦେବୀଭକ୍ତ ଶ୍ରୀଯୁକ୍ତ ସୁରେନ୍ଦ୍ର-ଯୋଗ ଓ ଭୋଗ

''ତୁମମାନଙ୍କର ଯୋଗ ବି ଅଛି, ଭୋଗ ବି ଅଛି ।

''ବ୍ରହ୍ମର୍ଷି, ଦେବର୍ଷି, ରାଜର୍ଷି । ବ୍ରହ୍ମର୍ଷି ଯେପରି ଶୁକଦେବ — ଖଣ୍ଡିଏ ମଧ୍ୟ ବହି ପାଖରେ ନାହିଁ । ଦେବର୍ଷି ଯେପରି ନାରଦ । ରାଜର୍ଷି ଜନକ, — ନିଷ୍କାମ କର୍ମ କରିଥିଲେ ।

''ଦେବୀଭକ୍ତ ଧର୍ମ ମୋକ୍ଷ ଉଭୟ ପାଏ । ଆଉ ଅର୍ଥ କାମ ମଧ୍ୟ ଭୋଗ କରେ ।

''ତୁମକୁ ଦିନେ ଦେବୀପୁତ୍ର ଭାବରେ ଦେଖିଥିଲି । ତୁମର ଦୁଇଟିଯାକ ଅଛି ଯୋଗ ଆଉ ଭୋଗ ! ନ ହେଲେ ତୁମର ଚେହେରା ଶୁଷ୍କ ହୋଇଥାଆନ୍ତା !

## ଘାଟରେ ଠାକୁରଙ୍କର ଦେବୀଭକ୍ତ ଦର୍ଶନ — ନବୀନ ନିୟୋଗୀର ଯୋଗ ଓ ଭୋଗ

''ସର୍ବତ୍ୟାଗୀର ଚେହେରା ଶୁଷ୍କ । ଜଣେ ଦେବୀଭକ୍ତଙ୍କୁ ଘାଟରେ ଦେଖିଥିଲି, ନିଜେ ଖାଉଛି ଆଉ ତା ସଙ୍ଗରେ ଦେବୀପୂଜା କରୁଛି । ସନ୍ତାନଭାବ ।

''ତେବେ ବେଶୀ ଟଙ୍କା ହେବା ଭଲ ନୁହେଁ; — ଯଦୁମଲ୍ଲିକଙ୍କୁ ବର୍ତ୍ତମାନ ଦେଖିଲି, ବୁଡ଼ିରହିଛି ! ବେଶୀ ଟଙ୍କା ହୋଇଛି କି ନା ।

''ନବୀନ ନିୟୋଗୀ, — ତା'ର ମଧ୍ୟ ଯୋଗ ଓ ଭୋଗ ଦୁଇ ଅଛି । ଦୁର୍ଗାପୂଜା ସମୟରେ ଦେଖିଲି ବାପ-ପୁଅ ଦୁଇଜଣ ମିଳି ଚାମର କରୁଛନ୍ତି ।''

ସୁରେନ୍ଦ୍ର — ଆଜ୍ଞା, ଧ୍ୟାନ ହୁଏ ନାହିଁ କାହିଁକି ?

ଶ୍ରୀରାମକୃଷ୍ଣ — ସ୍ମରଣ ମନନ ଅଛିତ ?

ସୁରେନ୍ଦ୍ର — ଆଜ୍ଞା, ମା' ମା' ବୋଲି କହି ଶୋଇପଡ଼େ ।

ଶ୍ରୀରାମକୃଷ୍ଣ — ଖୁବ୍ ଭଲ । **ସ୍ମରଣ ମନନ ରହିଲେ ହେଲା ।**

ଠାକୁର ସୁରେନ୍ଦ୍ରଙ୍କର ଭାର ନେଇଛନ୍ତି, ତାଙ୍କର ଆଉ ଭାବନା କ'ଣ ।

## (୪)

## ଠାକୁର ଶ୍ରୀରାମକୃଷ୍ଣ ଓ ଯୋଗ ଶିକ୍ଷା — ଶିବ ସଂହିତା

ସଂଧ୍ୟା ପରେ ଠାକୁର ଭକ୍ତମାନଙ୍କ ସଙ୍ଗରେ ବସିଛନ୍ତି । ମଣି ମଧ ଭକ୍ତମାନଙ୍କ ସହିତ ତଳେ ବସିଛନ୍ତି । ଯୋଗର ବିଷୟ — ଷଟ୍‌ଚକ୍ରର ବିଷୟ କଥା କହୁଛନ୍ତି । ଶିବସଂହିତାରେ ସେଇ ସବୁ କଥା ଅଛି ।

ଶ୍ରୀରାମକୃଷ୍ଣ — ଇଡ଼ା, ପିଙ୍ଗଳା, ସୁଷୁମ୍ନା — ସୁଷମ୍ନା ଭିତରେ ପଦ୍ମ ସବୁ ଅଛି ଚିନ୍ମୟ । ଯେପରି ମହମ ଗଛ, — ଡାଳ, ପତ୍ର, ଫଳ ସବୁ ମହମର । ମୂଳାଧାର ପଦ୍ମରେ କୁଳକୁଣ୍ଡଳିନୀ ଶକ୍ତି ଅଛି । ଚତୁର୍ଦଳ ପଦ୍ମ । ଯେ ଆଦ୍ୟାଶକ୍ତି ସେ ସମସ୍ତଙ୍କ ଦେହରେ କୁଳକୁଣ୍ଡଳିନୀ ରୂପରେ ଅଛନ୍ତି । ଯେପରି ଘୁମନ୍ତ ସାପ, କୁଣ୍ଡଳି ପକାଇ ରହିଛି । 'ପ୍ରସୁପ୍ତ ଭୁଜଗାକାରା ଆଧାର ପଦ୍ମବାସିନୀ !'

ମଣିଙ୍କ ପ୍ରତି — ''ଭକ୍ତି ଯୋଗରେ କୁଳକୁଣ୍ଡଳିନୀ ଶୀଘ୍ର ଜାଗ୍ରତ ହୁଏ । କିନ୍ତୁ ଏ ଜାଗ୍ରତ ନ ହେଲେ ଭଗବତ୍ ଦର୍ଶନ ହୁଏ ନାହିଁ । ଗୀତ ଗାଇବା ସମୟରେ ଏକାଗ୍ରତାର ସହିତ ଗାଇବ — ନିର୍ଜନରେ ଆଉ ଗୋପନରେ —

'ଜାଗ ମା କୁଳକୁଣ୍ଡଳିନୀ ! ତୁମେ ନିତ୍ୟାନନ୍ଦ ସ୍ୱରୂପିଣୀ,
ପ୍ରସୁପ୍ତ — ଭୁଜାଗାକାରା ଆଧାର ପଦ୍ମବାସିନୀ''

''ଗୀତରେ ରାମପ୍ରସାଦ ସିଦ୍ଧ । ବ୍ୟାକୁଳ ହୋଇ ଗୀତ ଗାଇଲେ ଈଶ୍ୱର ଦର୍ଶନ ହୁଏ ।

ମଣି — ଆଜ୍ଞା, ଏସବୁ ଥରେ କଲେ ମନର ଆଶା ମେଣ୍ଟିଯାଏ !

ଶ୍ରୀରାମକୃଷ୍ଣ — ଆହା ! ଆଶା ନିଶ୍ଚୟ ମେଣ୍ଟିଯାଏ !

''ଯୋଗ ବିଷୟରେ କେତୋଟି କଥା ମୋଟାମୋଟି ତୁମକୁ କହିଦେବାକୁ ହେବ ।

## ଗୁରୁ ହିଁ ସବୁ କରନ୍ତି — ସାଧନା ଓ ସିଦ୍ଧି — ନରେନ୍ଦ୍ର ସ୍ୱତଃସିଦ୍ଧ

''କ'ଣ ଜାଣ, ଡିମ୍ବ ଭିତରେ ଛୁଆ ବଡ଼ ନ ହେଲେ ପକ୍ଷୀ ଫୁଟାଏ ନାହିଁ । ସମୟ ହେଲେ ପକ୍ଷୀ ଡ଼ିମ୍ବ ଫୁଟାଏ ।

''ତେବେ ଟିକିଏ ସାଧନା କରିବା ଦରକାର । ଗୁରୁ ହିଁ ସବୁ କରନ୍ତି ତେବେ ଶେଷକୁ ଟିକିଏ ସାଧନା କରାଇ ନିଅନ୍ତି । ବଡ଼ ଗଛକୁ କାଟିବା ସମୟରେ ପ୍ରାୟ

ସବୁଟା କଟା ହୋଇଯିବା ପରେ ଟିକିଏ ଦୂରରେ ଠିଆ ହେବାକୁ ହୁଏ । ତା'ପରେ ଗଛଟି ମଡ଼ ମଡ଼ ଶବ୍ଦ କରି ଆପେ ଆପେ ଭାଙ୍ଗିପଡ଼େ ।

''ଯେତେବେଳେ ନାଳ ଖୋଳି ପାଣି ଆଣନ୍ତି, ଆଉ ଟିକିଏ ଖୋଳିଲେ ନଦୀ ସଙ୍ଗରେ ଯୋଗ ହୋଇଯିବ, ସେତେବେଳେ ଯିଏ ଖୋଳୁଥାଏ ସେ ଦୂରେଇ ଠିଆ ହୁଏ । ସେତେବେଳେ ମାଟିଟା ପାଣି ଭେଦି ଆପଣା ଛାଏଁ ପଡ଼ିଯାଏ । ନଦୀର ପାଣି କଳ କଳ କରି ବୋହିଆସେ ।

''ଅହଂକାର, ଉପାଧି, ଏହିସବୁ ତ୍ୟାଗ ନ କଲେ ଈଶ୍ୱରଙ୍କୁ ଦର୍ଶନ କରାଯାଏ ନାହିଁ । 'ମୁଁ ପଣ୍ଡିତ', 'ମୁଁ ଅମୁକର ପୁଅ', 'ମୁଁ ଧନୀ, 'ମୁଁ ମାନୀ' — ଏସବୁ ଉପାଧି ତ୍ୟାଗ କଲେ ଈଶ୍ୱର ଦର୍ଶନ ହୁଏ ।

''ଈଶ୍ୱର ସତ୍ୟ ଆଉ ସବୁ ଅନିତ୍ୟ, ସଂସାର ଅନିତ୍ୟ ଏହାର ନାମ ବିବେକ । ବିବେକ ନ ହେଲେ ଉପଦେଶ ଧରି ହୁଏ ନାହିଁ ।

''ସାଧନା କରୁ କରୁ ତାଙ୍କ କୃପାରୁ ସିଦ୍ଧାବସ୍ଥା ଲାଭ ହୁଏ । ଟିକିଏ ଚେଷ୍ଟା ଦରକାର । ତା'ପରେ ଦର୍ଶନ ଓ ଆନନ୍ଦ ଲାଭ ।

''ଅମୁକ ଜାଗାରେ ସୁନା ଗରା ପୋତା ଅଛି ଶୁଣି ମଣିଷ ଦୌଡ଼ିଯାଏ ଏବଂ ଖୋଳିବାକୁ ଆରମ୍ଭ କରେ । ଖୋଳୁ ଖୋଳୁ ଦେହରୁ ଝାଳ ବହେ । ଅନେକ ଖୋଳିବା ପରେ ଗୋଟାଏ ସ୍ଥାନରେ ଫାଉଡ଼ାରେ ଠଣ୍ କରି ଶବ୍ଦ ହୁଏ; ଫାଉଡ଼ା ପକାଇଦେଇ ଦେଖେ, ଗରା ବାହାରିଛି କି ନାହିଁ । ଗରା ଦେଖି ଆନନ୍ଦରେ ନାଚି ଉଠେ ।

''ଗରା ବାହାର କରି ମୋହରଗୁଡ଼ିକୁ ଢାଳେ, ହାତରେ ଗଣି ଖୁବ୍ ଆନନ୍ଦ, ଦର୍ଶନ, ସ୍ପର୍ଶନ, ସମ୍ଭୋଗ ! ଠିକ୍ କି ନା ?

ମଣି — ଆଜ୍ଞା ହଁ ।

ଠାକୁର ଟିକିଏ ଚୁପ୍ ଅଛନ୍ତି । ପୁଣି କଥା କହୁଛନ୍ତି —

**ମୋର ଆପଣାର ଲୋକ କିଏ ? ଏକାଦଶୀ କରିବାକୁ ଉପଦେଶ**

''ମୋର ଯେଉଁମାନେ ଆପଣାର ଲୋକ, ସେମାନଙ୍କୁ ଗାଳି ଦେଲେ ମଧ୍ୟ ପୁଣି ଆସିବେ ।

''ଆହା, ନରେନ୍ଦ୍ରର କିପରି ସ୍ୱଭାବ ! ଆଗେ ମା' କାଳୀଙ୍କୁ ଯାହା ଇଚ୍ଛା ତାହା କହୁଥିଲା; ମୁଁ ବିରକ୍ତ ହୋଇ ଦିନେ କହିଥିଲି, 'ଶଳା, ତୁ ଆଉ ଏଠାକୁ ଆସିବୁ ନାହିଁ ।' ସେତେବେଳେ ସେ ଆସ୍ତେ ଆସ୍ତେ ଯାଇ ତମାଖୁ ସାଜିଲା । ଯେ ଆପଣାର ଲୋକ, ତାକୁ ତିରସ୍କାର କଲେ ମଧ୍ୟ ରାଗ କରିବ ନାହିଁ । କଅଣ କହୁଛ ?

ମଣି — ଆଜ୍ଞା, ହଁ ।

ଶ୍ରୀରାମକୃଷ୍ଣ — ନରେନ୍ଦ୍ର ସ୍ୱତଃ ସିଦ୍ଧ, — ନିରାକାରରେ ନିଷ୍ଠା ।

ମଣି(ସହାସ୍ୟ)—ଯେତେବେଳେ ଆସେ ଗୋଟାଏ କାଣ୍ଡ ସଙ୍ଗରେ ଆଣେ ।

ଠାକୁର ଆନନ୍ଦରେ ହସୁଛନ୍ତି, କହୁଛନ୍ତି, ''ଗୋଟାଏ କାଣ୍ଡ ସତ ।''

* * * *

ପରଦିନ ମଙ୍ଗଳବାର, ୨୫ ଡିସେମ୍ବର ୧୮୮୩ କୃଷ୍ଣପକ୍ଷ ଏକାଦଶୀ ତିଥି । ସମୟ ପ୍ରାୟ ଏଗାରଟା ହେବ । ଠାକୁର ଏପର୍ଯ୍ୟନ୍ତ ଭୋଜନ କରି ନାହାନ୍ତି । ମଣି ଓ ରାଖାଲାଦି ଭକ୍ତମାନେ ଠାକୁରଙ୍କ ଘରେ ବସିଛନ୍ତି ।

ଶ୍ରୀରାମକୃଷ୍ଣ(ମଣିଙ୍କ ପ୍ରତି)—ଏକାଦଶୀ କରିବା ଭଲ । ସେଥିରେ ମନ ବଡ଼ ପବିତ୍ର ହୁଏ ଈଶ୍ୱରଙ୍କଠାରେ ଭକ୍ତି ହୁଏ । ନୁହେଁ କି ?

ମଣି—ଆଜ୍ଞା, ହଁ ।

ଶ୍ରୀରାମକୃଷ୍ଣ—ଖଇ-ଦୁଧ ଖାଇବ,—କିପରି ?

# ପଞ୍ଚଦଶ ପରିଚ୍ଛେଦ

## ଶ୍ରୀଯୁକ୍ତ ରାମଚନ୍ଦ୍ରଙ୍କ ବଗିଚାରେ ଶ୍ରୀରାମକୃଷ୍ଣ ଭକ୍ତମାନଙ୍କ ସଙ୍ଗରେ

ଶ୍ରୀରାମକୃଷ୍ଣ ଆଜି ରାମଚନ୍ଦ୍ରଙ୍କର ନୂତନ ବଗିଚା ଦେଖିବାକୁ ଯାଉଛନ୍ତି ୨୬ ଡିସେମ୍ବର ୧୮୮୩, ବୁଧବାର ।

ରାମ ଠାକୁରଙ୍କୁ ସାକ୍ଷାତ୍ ଅବତାର ଜ୍ଞାନରେ ପୂଜା କରନ୍ତି । ଦକ୍ଷିଣେଶ୍ୱରକୁ ପ୍ରାୟ ମଝିରେ ମଝିରେ ଆସନ୍ତି ଓ ଠାକୁରଙ୍କୁ ଦର୍ଶନ କରି ଯାଆନ୍ତି । ସୁରେନ୍ଦ୍ରଙ୍କ ବଗିଚା ପାଖରେ ସେ ନୂତନ ବଗିଚା କରିଛନ୍ତି । ତେଣୁ ଶ୍ରୀରାମକୃଷ୍ଣ ଦେଖିବାକୁ ଯାଉଛନ୍ତି ।

ଗାଡ଼ିରେ ମଣିଲାଲ ମଲ୍ଲିକ, ମାଷ୍ଟର ଓ ଆଉ ଜଣେ ଦୁଇଜଣ ଭକ୍ତ ଅଛନ୍ତି । ମଣିଲାଲ ମଲ୍ଲିକ ବ୍ରାହ୍ମ ସମାଜଭୁକ୍ତ । ବ୍ରାହ୍ମଭକ୍ତମାନେ ଅବତାର ମାନନ୍ତି ନାହିଁ ।

ଶ୍ରୀରାମକୃଷ୍ଣ (ମଣିଲାଲଙ୍କ ପ୍ରତି) — ତାଙ୍କୁ ଧ୍ୟାନ କରିବାକୁ ହେଲେ ପ୍ରଥମେ ଉପାଧିଶୂନ୍ୟ ତାଙ୍କୁ ଧ୍ୟାନ କରିବାକୁ ଚେଷ୍ଟା କରିବା ଉଚିତ୍ । ସେ ନିରୁପାଧି, ବାକ୍ୟ ମନର ଅତୀତ । କିନ୍ତୁ ଏ ଧ୍ୟାନରେ ସିଦ୍ଧ ହେବା ବଡ଼ କଠିନ ।

''ସେ ମନୁଷ୍ୟ ହୋଇ ଅବତୀର୍ଣ୍ଣ ହୁଅନ୍ତି, ସେତେବେଳେ ଧ୍ୟାନ କରିବାକୁ ସୁବିଧା । ମନୁଷ୍ୟ ଭିତରେ ନାରାୟଣ । ଦେହଟି ଆବରଣ, ଯେପରି ଲଣ୍ଠନ ଭିତରେ ଆଲୁଅ ଜଳୁଛି । ଅଥବା କାଚ ଭିତରେ ବହୁମୂଲ୍ୟ ଜିନିଷ ଦେଖୁଛି ।''

ଗାଡ଼ିରୁ ଅବତରଣ କରି ବଗିଚାରେ ପହଞ୍ଚି ରାମ ଓ ଭକ୍ତମାନଙ୍କ ସଙ୍ଗରେ ଠାକୁର ପ୍ରଥମେ ତୁଳସୀ-କାନନ ଦର୍ଶନ କରିବାକୁ ଯାଉଛନ୍ତି ।

ତୁଳସୀ-କାନନ ଦେଖି ଠାକୁର ଠିଆହୋଇ କହୁଛନ୍ତି, ''ବାଃ, ସୁନ୍ଦର ଜାଗା, ଏଠାରେ ବେଶ୍ **ଈଶ୍ୱରଚିନ୍ତା ହୁଏ** ।''

ଠାକୁର ଏଥର ସରୋବରର ଦକ୍ଷିଣ ଘରେ ଆସି ବସିଲେ । ରାମଚନ୍ଦ୍ର ଥାଳିରେ ବେଦନା, କମଳାଲେମ୍ବୁ ଓ କିଞ୍ଚିତ୍ ମିଷ୍ଟାନ୍ନ ଆଣି ଠାକୁରଙ୍କ ପାଖରେ ଦେଲେ । ଠାକୁର ଭକ୍ତମାନଙ୍କ ସଙ୍ଗରେ ଆନନ୍ଦ କରି କରି ଫଳାଦି ଖାଉଛନ୍ତି ।

କିୟତ୍କ୍ଷଣ ପରେ ସମସ୍ତ ବଗିଚା ପରିକ୍ରମା କରୁଛନ୍ତି । ବର୍ତ୍ତମାନ ନିକଟବର୍ତ୍ତୀ ସୁରେନ୍ଦ୍ରଙ୍କ ବଗିଚାକୁ ଯାଉଛନ୍ତି । ପଦବ୍ରଜରେ କିଛିଟା ଯାଇ ଗାଡ଼ିରେ ଉଠିଲେ । ଗାଡ଼ି କରି ସୁରେନ୍ଦ୍ରଙ୍କ ବଗିଚାକୁ ଯିବେ ।

ପଦବ୍ରଜରେ ଯେତେବେଳେ ଭକ୍ତଙ୍କ ସଙ୍ଗରେ ଯାଉଛନ୍ତି, ସେତେବେଳେ ଶ୍ରୀରାମକୃଷ୍ଣ ଦେଖିଲେ ଯେ ପାଖ ବଗିଚାରେ ଗଛ ତଳେ ଜଣେ ସାଧୁ ଏକାକୀ ଖଟିଆରେ ବସିଛନ୍ତି । ଦେଖିବା ମାତ୍ର ସେ ସାଧୁଙ୍କ ପାଖରେ ଉପସ୍ଥିତ ହୋଇ ଆନନ୍ଦରେ ତାଙ୍କ ସହିତ ହିନ୍ଦୀରେ କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ (ସାଧୁଙ୍କ ପ୍ରତି)—ଆପଣ କେଉଁ ସମ୍ପ୍ରଦାୟର—ଗିରି ବା ପୁରୀ କୌଣସି ଉପାଧି ଅଛି ?

ସାଧୁ - ଲୋକେ ମୋତେ ପରମହଂସ କହନ୍ତି ।

ଶ୍ରୀରାମକୃଷ୍ଣ—ବେଶ୍ ବେଶ୍ । ଶିବୋଽହଂ ଏ ବେଶ୍ । ତେବେ ଗୋଟିଏ କଥା ଅଛି । ଏହି ସୃଷ୍ଟି, ସ୍ଥିତି, ପ୍ରଳୟ ରାତି ଦିନ ହେଉଛି—ତାଙ୍କ ଶକ୍ତିରେ । ଏହି **ଆଦ୍ୟାଶକ୍ତି ଆଉ ବ୍ରହ୍ମ ଅଭେଦ** । ବ୍ରହ୍ମଙ୍କୁ ଛାଡ଼ି ଶକ୍ତି ହୁଏ ନାହିଁ । ଯେପରି ଜଳକୁ ଛାଡ଼ି ତରଙ୍ଗ ହୁଏ ନାହିଁ । ବାଦ୍ୟକୁ ଛାଡ଼ି ବାଜଣା ହୁଏ ନାହିଁ ।

''ଯେତେକ୍ଷଣ ସେ ଏହି ଲୀଳା ମଧରେ ରହିଛନ୍ତି, ସେତେକ୍ଷଣ ଦୁଇଟା ବୋଲି ବୋଧହୁଏ । ଶକ୍ତି କହିଲେ ହିଁ ବ୍ରହ୍ମ ଅଛନ୍ତି । ଯେପରି ରାତି ବୋଧ ରହିଲେ ହିଁ ଦିନ ବୋଧ ଅଛି । ଜ୍ଞାନବୋଧ ରହିଲେ ଅଜ୍ଞାନ ବୋଧ ଅଛି ।

''ଆଉ ଗୋଟିଏ ଅବସ୍ଥାରେ ସେ ଦେଖନ୍ତି ଯେ ବ୍ରହ୍ମ ଜ୍ଞାନ-ଅଜ୍ଞାନର ଅତୀତ, ମୁହଁରେ କିଛି କୁହାଯାଏ ନାହିଁ । ଯୋ ହ୍ୟାୟ ସୋ ହ୍ୟାୟ ।''

ଏହିପରି କିଛି ସଦାଳାପ ହେବା ପରେ ଶ୍ରୀରାମକୃଷ୍ଣ ଗାଡ଼ି ପାଖକୁ ଯାଉଛନ୍ତି । ସାଧୁଟି ମଧ ସଙ୍ଗେ ସଙ୍ଗେ ତାଙ୍କୁ ଗାଡ଼ିରେ ଉଠାଇ ଦେବାକୁ ଆସୁଛନ୍ତି । ଶ୍ରୀରାମକୃଷ୍ଣ ଯେପରି ଅନେକ ଦିନର ପରିଚିତ ବନ୍ଧୁ ସାଧୁଙ୍କ ବାହୁ ଭିତରେ ବାହୁ ଦେଇ ଗାଡ଼ି ପାଖକୁ ଯାଉଛନ୍ତି ।

ସାଧୁ ତାଙ୍କୁ ଗାଡ଼ିରେ ଉଠାଇ ଦେଇ ନିଜ ସ୍ଥାନକୁ ଚାଲି ଆସିଲେ ।

ଏଥର ସୁରେନ୍ଦ୍ରଙ୍କ ବଗିଚାକୁ ଶ୍ରୀରାମକୃଷ୍ଣ ଆସିଛନ୍ତି । ଭକ୍ତମାନଙ୍କ ସଙ୍ଗରେ ଆସନ ଗ୍ରହଣ କରି ପ୍ରଥମେ ସାଧୁଙ୍କ କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ—ସାଧୁଜଣକ ବେଶ୍ । (ରାମଙ୍କ ପ୍ରତି) ତୁମେ ଯେତେବେଳେ ଯିବ ସାଧୁଙ୍କୁ ଦକ୍ଷିଣେଶ୍ୱର ବଗିଚାକୁ ନେଇଯିବ ।

''ସାଧୁଜଣକ ଭଲ । ଗୋଟିଏ ଗୀତରେ ଅଛି—ସରଳ ଲୋକ ନ ହେଲେ ସରଳ ଲୋକଙ୍କୁ ବୁଝି ହୁଏ ନାହିଁ ।

''ନିରାକାରବାଦୀ—ତାହା ଭଲ । ସେ ନିରାକାର-ସାକାର ହୋଇଛନ୍ତି, ଆଉ ମଧ କେତେ ରକମ ! ଯାହାଙ୍କର ନିତ୍ୟ ତାଙ୍କର ହିଁ ଲୀଳା । ଯେ ବାକ୍ୟମନର ଅତୀତ, ସେ ନାନାରୂପ ଧରି ଅବତୀର୍ଣ୍ଣ ହୋଇ କାର୍ଯ୍ୟ କରୁଛନ୍ତି । ସେହି 'ଓଁ'ଠାରୁ 'ଓଁ ଶିବ' 'ଓଁ କାଳୀ' 'ଓଁ କୃଷ୍ଣ' ହୋଇଛନ୍ତି । ନିମନ୍ତ୍ରଣରେ କର୍ତ୍ତା ଗୋଟିଏ ଛୋଟ ପିଲାକୁ ପଠାଇ ଦେଇଛନ୍ତି—ତା'ର କେତେ ଆଦର; କାହିଁକି ନା ସେ ଅମୁକର ଦୌହିତ୍ର କିମ୍ବା ପୌତ୍ର ।''

ସୁରେନ୍ଦ୍ରଙ୍କ ବଗିଚାରେ କିଛି ଜଳଯୋଗ କରି ଶ୍ରୀରାମକୃଷ୍ଣ ଦକ୍ଷିଣେଶ୍ୱର ଅଭିମୁଖେ ଭକ୍ତମାନଙ୍କ ସଙ୍ଗରେ ଯାଉଛନ୍ତି ।

## (୨)

## ଠାକୁର ଶ୍ରୀରାମକୃଷ୍ଣଙ୍କର କଲିକତାରେ ନିମନ୍ତ୍ରଣ

ଶ୍ରୀଯୁକ୍ତ ଈଶାନ ମୁଖୋପାଧ୍ୟାୟଙ୍କ ଘରକୁ ଶୁଭାଗମନ । ଦକ୍ଷିଣେଶ୍ୱର କାଳୀମନ୍ଦିରରେ ମଙ୍ଗଳାଳତିର ମଧୁର ଶବ୍ଦ ଶୁଣା ଯାଉଛି । ତାହା ସହିତ ପ୍ରଭାତୀ ରାଗରେ ସାନାଇ ବାଜୁଅଛି । ଠାକୁର ଶ୍ରୀରାମକୃଷ୍ଣ ଗାତ୍ରୋତ୍‌ଥାନ କରି ମଧୁର ସ୍ୱରରେ ନାମ କରୁଛନ୍ତି । ଘରେ ଯେଉଁସବୁ ଦେବାଦେବୀଙ୍କ ମୂର୍ତ୍ତି ପଟରେ ଚିତ୍ରିତ ଥିଲା ଗୋଟି ଗୋଟି କରି ପ୍ରଣାମ କଲେ । ପଶ୍ଚିମପଟ ଗୋଲାକାର ବାରଣ୍ଡାକୁ ଯାଇ ଭାଗୀରଥିଙ୍କୁ ଦର୍ଶନ କରି ପ୍ରଣାମ କଲେ । ଭକ୍ତଙ୍କ ଭିତରୁ କେହି କେହି ଏଠାରେ ଅଛନ୍ତି । ସେମାନେ ପ୍ରାତଃକୃତ୍ୟ ସମାପନ କରି କ୍ରମେ କ୍ରମେ ଆସି ଠାକୁର ଶ୍ରୀରାମକୃଷ୍ଣଙ୍କୁ ପ୍ରଣାମ କଲେ ।

ରାଖାଲ ଠାକୁରଙ୍କ ସଙ୍ଗରେ ବର୍ତ୍ତମାନ ଏଠାରେ ଅଛନ୍ତି । ବାବୁରାମ ଗତ ରାତ୍ରିରେ ଆସିଛନ୍ତି । ମଣି ଠାକୁରଙ୍କ ପାଖରେ ଆଜକୁ ଚୌଦ ଦିନ ହେବ ଅଛନ୍ତି ।

ଆଜି ଗୁରୁବାର, ମାର୍ଗଶୀର କୃଷ୍ଣପକ୍ଷ ତ୍ରୟୋଦଶୀ ତିଥି, ୨୭ ଡିସେମ୍ବର ୧୮୮୩, ଖ୍ରୀଷ୍ଟାବ୍ଦ । ଆଜି ସକାଳୁ ସକାଳୁ ଠାକୁର ସ୍ନାନାଦି କରି କଲିକତାକୁ ଆସିବାର ଉଦ୍‌ଯୋଗ କରୁଛନ୍ତି ।

ଶ୍ରୀରାମକୃଷ୍ଣ ମଣିକୁ ଡାକି କହିଲେ, "ଈଶାନଙ୍କ ଘରକୁ ଆଜି ଯିବାକୁ କହିଛନ୍ତି । ବାବୁରାମ ଯିବ, ତୁମେ ମଧ୍ୟ ମୋ ସାଙ୍ଗରେ ଯିବ ।"

ମଣି ଯିବାପାଇଁ ପ୍ରସ୍ତୁତ ହେବାକୁ ଲାଗିଲେ ।

ଶୀତକାଳ । ସମୟ ୮ଟା, ନହବତ ପାଖରେ ଗାଡ଼ି ଆସି ଠିଆ ହେଲା; ଠାକୁରଙ୍କୁ ନେଇଯିବ । ଚତୁର୍ଦ୍ଦିଗରେ ଫୁଲଗଛ, ସମ୍ମୁଖରେ ଭାଗୀରଥି; ଦିଗ ସବୁ ପ୍ରସନ୍ନ; ଶ୍ରୀରାମକୃଷ୍ଣ ଦେବଦେବୀମାନଙ୍କର ଫଟୋପାଖକୁ ଯାଇ ପ୍ରଣାମ କଲେ ଓ ବିଦାୟବେଳେ ମା'ଙ୍କର ନାମ କରୁ କରୁ ଗାଡ଼ିରେ ଉଠିଲେ । ସଙ୍ଗରେ ବାବୁରାମ, ମଣି । ସେମାନେ ଠାକୁରଙ୍କ ଦେହରେ ଦେବା ବନାତ, ବନାତର କାନଢଙ୍କା ଟୋପି ଓ ମସଲାର ଥଳୀ ସଙ୍ଗରେ ନେଇଛନ୍ତି, କାରଣ ଶୀତକାଳ, ସଂଧ୍ୟା ସମୟରେ ଠାକୁର ଦେହରେ ଗରମ ଚାଦର ଦେବେ ।

ଠାକୁର ସହାସ୍ୟବଦନ; ସମସ୍ତ ପଥ ଆନନ୍ଦ କରି କରି ଆସୁଛନ୍ତି । ସମୟ ୯ଟା । ଗାଡ଼ି କଲିକତାକୁ ଆସି ଶ୍ୟାମବଜାର ଦେଇ କ୍ରମେ ମେଛୁଆ ବଜାର ଛକରେ ଆସି ଉପସ୍ଥିତ ହେଲା । ମଣି ଈଶାନଙ୍କ ଘର ଜାଣିଥିଲେ । ଛକଠାରେ ଗାଡ଼ିର ମୁହଁ ଫେରାଇ ଈଶାନଙ୍କ ଘର ସମ୍ମୁଖରେ ଛିଡ଼ା କରିବାକୁ କହିଲେ ।

ଈଶାନ ଆତ୍ମୀୟମାନଙ୍କ ସହିତ ସାଦରେ ସହାସ୍ୟବଦନରେ ଠାକୁରଙ୍କୁ ଅଭ୍ୟର୍ଥନା କରି ତଳ ବୈଠକଖାନା ଘରକୁ ନେଇଗଲେ । ଠାକୁର ଭକ୍ତମାନଙ୍କ ସଙ୍ଗରେ ଆସନ ଗ୍ରହଣ କଲେ ।

ପରସ୍ପର କୁଶଳ ପ୍ରଶ୍ନ ପରେ ଠାକୁର ଈଶାନ ପୁତ୍ର ଶ୍ରୀଶଙ୍କ ସଙ୍ଗରେ କଥା କହୁଛନ୍ତି । ଶ୍ରୀଶ, ଏମ୍.ଏ, ବି ଏଲ୍. ପାଶ୍ କରି ଆଲିପୁରରେ ଓକିଲାତି କରୁଛନ୍ତି । ଏନ୍ଟ୍ରାନ୍ସ ଓ ଏଫ୍.ଏ. ପରୀକ୍ଷାରେ ୟୁନିଭରସିଟିରେ ଫାଷ୍ଟ ହୋଇଥିଲେ, ଅର୍ଥାତ୍ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ବର୍ତ୍ତମାନ ତାଙ୍କର ବୟସ ପ୍ରାୟ ତିରିଶ ହେବ । ଯେପରି ପାଣ୍ଡିତ୍ୟ ସେପରି ବିନୟ, ଲୋକେ ଦେଖିଲେ ମନେ କରନ୍ତି ଏ କିଛି ଜାଣନ୍ତି ନାହିଁ । ହାତ ଯୋଡ଼ି ଶ୍ରୀଶ ଠାକୁରଙ୍କୁ ପ୍ରଣାମ କଲେ । ମଣି ଠାକୁରଙ୍କ ପାଖରେ ଶ୍ରୀଶଙ୍କର ପରିଚୟ ଦେଲେ ସେ କହିଲେ, ଏପରି ଶାନ୍ତ ପ୍ରକୃତିର ଲୋକ ଦେଖି ନାହିଁ ।

## କର୍ମବନ୍ଧନର ମହୌଷଧି ଓ ପାପକର୍ମ — କର୍ମଯୋଗ

ଶ୍ରୀରାମକୃଷ୍ଣ (ଶ୍ରୀଶଙ୍କ ପ୍ରତି) — ତୁମେ କଅଣ କରୁଛ ?

ଶ୍ରୀଶ — ଆଜ୍ଞା, ମୁଁ ଆଲିପୁର ବାହାରୁଛି । ଓକିଲାତି କରେ ।

ଶ୍ରୀରାମକୃଷ୍ଣ (ମଣିଙ୍କ ପ୍ରତି) — ଏପରି ଲୋକର ବି ଓକିଲାତି ? (ଶ୍ରୀଶଙ୍କ ପ୍ରତି) ଆଚ୍ଛା, ତୁମର କିଛି ପ୍ରଶ୍ନ ଅଛି ?

''ସଂସାରରେ ଅନାସକ୍ତ ହୋଇ ରହିବା ବିଷୟରେ, ନୁହେଁ ?''

ଶ୍ରୀଶ — କିନ୍ତୁ କାର୍ଯ୍ୟ କରିବାକୁ ଯାଇ ସଂସାରରେ କେତେ ଅନ୍ୟାୟ କରିବାକୁ ହୁଏ । କେହି ପାପକର୍ମ କରୁଛି ତ କେହି ପୁଣ୍ୟକର୍ମ । ଏସବୁ କ'ଣ ପୂର୍ବ କର୍ମର ଫଳ, ତେଣୁ କରିବାକୁ ହୁଏ ?

ଶ୍ରୀରାମକୃଷ୍ଣ — କର୍ମ କେତେଦିନ ପର୍ଯ୍ୟନ୍ତ ? ଯେତେଦିନ ଯାଏ ତାଙ୍କୁ ଲାଭ ନ କରାଯାଏ । ତାଙ୍କୁ ଲାଭ କଲେ ସବୁ ଶେଷ ହୁଏ । ସେତେବେଳେ ପାପ-ପୁଣ୍ୟର ପର ପାରିକୁ ଯାଏ ।

''ଫଳ ଦେଖା ଦେଲେ ଫୁଲ ଝଡ଼ିପଡ଼େ । ଫୁଲ ଦେଖାଦିଏ ଫଳ ହେବା ପାଇଁ ।

''ସଂଧ୍ୟାଦି କର୍ମ କେତେ ଦିନ ? ଯେତେଦିନ ଈଶ୍ୱରଙ୍କ ନାମରେ ରୋମାଞ୍ଚ ଓ ଚକ୍ଷୁରେ ଲୁହ ନ ଆସେ । ଏସବୁ ଅବସ୍ଥା ଈଶ୍ୱର ଲାଭର ଲକ୍ଷଣ, ଈଶ୍ୱରଙ୍କଠାରେ ଶୁଦ୍ଧା ଭକ୍ତି ଲାଭର ଲକ୍ଷଣ ।

**''ତାଙ୍କୁ ଜାଣିଲେ ପାପ-ପୁଣ୍ୟକୁ ପାରି ହେବାକୁ ପଡ଼େ ।**

''ପ୍ରସାଦ କହେ ଭକ୍ତି ମୁକ୍ତି ଉଭୟ ମସ୍ତକେ ରଖିଛି,
ମୁଁ ତ କାଳୀ ବ୍ରହ୍ମ ଜାଣି ମର୍ମ ଧର୍ମାଧର୍ମ ସବୁ ଛାଡ଼ିଛି ।

''ତାଙ୍କ ଆଡ଼କୁ ଯେତେ ଆଗେଇବ ସେ ସେତେ କର୍ମ କମାଇ ଦେବେ । ଗୃହସ୍ଥର ବୋହୂ ଅନ୍ତଃସତ୍ତ୍ୱା ହେଲେ ଶାଶୁ କ୍ରମେ କ୍ରମେ କାମ କମାଇ ଦିଏ । ଯେତେବେଳେ ଦଶମାସ ହୁଏ, ସେତେବେଳେ ଏକାବେଳକେ କାମ କମାଇ ଦିଏ । ସନ୍ତାନଲାଭ ହେଲେ ତାକୁ ନେଇ ଚଲାବୁଲା, ତାକୁ ନେଇ ଆନନ୍ଦ !''

ଶ୍ରୀଶ—ସଂସାରରେ ଥାଉ ଥାଉ ତାଙ୍କ ଆଡ଼କୁ ଯିବା ବଡ଼ କଠିନ ।

**ଗୃହସ୍ଥ ସଂସାରୀଙ୍କୁ ଶିକ୍ଷା—ଅଭ୍ୟାସଯୋଗ ଓ ନିର୍ଜନରେ ସାଧନ**

ଶ୍ରୀରାମକୃଷ୍ଣ—କାହିଁକି ? ଅଭ୍ୟାସ-ଯୋଗ ? ସେ ଦେଶରେ କେଉଟ ଘରର ସ୍ତ୍ରୀଲୋକମାନେ ଚୁଡ଼ା ବିକନ୍ତି । ସେମାନେ କେତେଆଡ଼ ସମ୍ଭାଳି କାର୍ଯ୍ୟ କରନ୍ତି ଶୁଣ । ଢିଙ୍କିର ପାହାର ପଡୁଛି, ହାତରେ ଧାନଗୁଡ଼ିକ ଠେଲି ଦେଉଛି, ଆଉ ଗୋଟିଏ ହାତରେ ପିଲାକୁ କୋଳରେ ରଖି ଦୁଧ ଖୁଆଉଛି । ପୁଣି ଖରିଦ୍‌ଦାର ଆସିଛି ଏପଟରେ ଢିଙ୍କି ପଡୁଛି, ଆଉ ଖରିଦ୍‌ଦାର ସଙ୍ଗରେ କଥା ମଧ୍ୟ ହେଉଛି । ଖରିଦ୍‌ଦାରକୁ କହୁଛି, ତା'ହେଲେ ତୁମର ଯେଉଁ ପଇସା ଧାର ଅଛି, ସେ ପଇସା ଦେଇ ଯାଅ ଓ ଜିନିଷ ନେଇ ଯାଅ !

''ଦେଖ—ପିଲାଙ୍କୁ ଦୁଧ ଦେବା, ଢିଙ୍କି ପଡୁଛି, ଧାନ ଠେଲି ଦେବା ଓ କୁଣ୍ଡାଧାନ ବାହାର କରିବା, ପୁଣି ଖରିଦ୍‌ଦାର ସଙ୍ଗରେ କଥା କହିବା, ଏକା ସଙ୍ଗରେ କରୁଛି । ଏହାର ନାମ ଅଭ୍ୟାସ-ଯୋଗ । କିନ୍ତୁ ପନ୍ଦର ଅଣା ମନ ଢିଙ୍କି ପାହାର ଉପରେ ରହିଛି, କାଳେ ହାତରେ ପଡ଼ିଯିବ । ଆଉ ଅଣାକରେ ପିଲାଙ୍କୁ ଦୁଧ ଦେବା ଏବଂ ଖରିଦ୍‌ଦାର ସହିତ କଥା କହିବା । ସେହିପରି ଯେଉଁମାନେ ସଂସାରରେ ଅଛନ୍ତି, ସେମାନଙ୍କର ପନ୍ଦର ଅଣା ମନ ଭଗବାନଙ୍କୁ ଦେବା ଉଚିତ । ନ ଦେଲେ ସର୍ବନାଶ—କାଳହାତରେ ପଡ଼ିବାକୁ ହେବ । ଆଉ ଅଣାକରେ ଅନ୍ୟାନ୍ୟ କର୍ମ କର ।

''ଜ୍ଞାନଲାଭ ପରେ ସଂସାରରେ ରହି ହୁଏ । କିନ୍ତୁ ପ୍ରଥମେ ଜ୍ଞାନ ଲାଭ କରିବାକୁ ହେବ । ସଂସାର-ରୂପ ଜଳରେ ମନ-ରୂପ ଦୁଧ ରଖିଲେ ମିଶିଯିବ, ତେଣୁ ମନ-ରୂପ ଦୁଧକୁ ଦହି ବସାଇ ନିର୍ଜନରେ ମନ୍ଥନ କରି—ଲହୁଣି ବାହାର କରି—ସଂସାର-ରୂପ ଜଳରେ ରଖିପାର ।

''ତାହାହେଲେ ହେଲା ଯେ, ସାଧନା ଦରକାର । ପ୍ରଥମାବସ୍ଥାରେ ନିର୍ଜନରେ ରହିବା ଖୁବ୍ ଦରକାର । ଅଶ୍ୱତ୍ଥ ଗଛ ଯେତେବେଳେ ଚାରା ଅବସ୍ଥାରେ ଥାଏ, ସେତେବେଳେ ବାଡ଼ ଦେବାକୁ ହୁଏ ତାହା ନହେଲେ ଛେଳି ଗୋରୁ ଖାଇଯିବେ, କିନ୍ତୁ ଗଛର ଗଣ୍ଡି ମୋଟା ହେଲେ ବାଡ଼ ଖୋଲି ଦିଆଯାଏ । ଏପରିକି ହାତୀ ବାନ୍ଧି ଦେଲେ ମଧ୍ୟ ଗଛର କିଛି କ୍ଷତି ହୁଏ ନାହିଁ ।

''ତେଣୁ ପ୍ରଥମାବସ୍ଥାରେ ମଝିରେ ମଝିରେ ନିର୍ଜନକୁ ଯିବାକୁ ହୁଏ । ସାଧନା ଦରକାର । ଭାତ ଖାଇବାକୁ ଇଚ୍ଛା ବସି ବସି କହୁଛ, କାଠରେ ଅଗ୍ନି ଅଛି, ସେହି ଅଗ୍ନିରେ ଭାତ ରନ୍ଧା ହୁଏ ଏହା କହିଲେ କ'ଣ ଭାତ ପ୍ରସ୍ତୁତ ହୁଏ ? ଆଉ ଖଣ୍ଡେ କାଠ ଆଣି କାଠକୁ କାଠ ଘସିବାକୁ ହୁଏ, ତେବେ ଅଗ୍ନି ବାହାରେ ।

''ଭାଙ୍ଗ ଖାଇଲେ ନିଶା ହୁଏ, ଆନନ୍ଦ ହୁଏ । ଖାଇଲ ନାହିଁ, କିଛି କଲ ନାହିଁ, ବସି ବସି କହୁଛ, ଭାଙ୍ଗ, ଭାଙ୍ଗ; ସେଥିରେ କ'ଣ ନିଶା ହେବ, ଆନନ୍ଦ ହେବ ?

### ଈଶ୍ୱର ଲାଭ — ଜୀବନର ଉଦ୍ଦେଶ୍ୟ — ପରା ଓ ଅପରା ବିଦ୍ୟା — ଦୁଧ ଖାଇବା

''ହଜାର ଲେଖାପଢ଼ା ଶିଖ, ଈଶ୍ୱରଙ୍କ ଠାରେ ଭକ୍ତି ନ ହେଲେ, ତାଙ୍କୁ ଲାଭ କରିବାର ଇଚ୍ଛା ନ ଥିଲେ — ସବୁ ମିଛ । କେବଳ ପଣ୍ଡିତ, ବିବେକ ବୈରାଗ୍ୟ ନାହିଁ — ତାଙ୍କର କାମିନୀ କାଞ୍ଚନରେ ନଜର ଥାଏ । ଶକୁନି ଖୁବ୍ ଉଚ୍ଚକୁ ଉଠେ, କିନ୍ତୁ ମଢ଼ ଉପରେ ନଜର । ଯେଉଁ ବିଦ୍ୟା ଲାଭ କଲେ ତାଙ୍କୁ ଜଣାଯାଏ, ତାହା ହିଁ ବିଦ୍ୟା, ଆଉ ସବୁ ମିଥ୍ୟା ।

''ଆଚ୍ଛା, ତୁମର ଈଶ୍ୱରଙ୍କ ବିଷୟରେ କି ଧାରଣା ?''

ଶ୍ରୀଶ — ଆଜ୍ଞା, ଏତିକି ମାତ୍ର ବୋଧ ହୋଇଛି ଯେ, ଜଣେ ଜ୍ଞାନମୟ ପୁରୁଷ ଅଛନ୍ତି, ତାଙ୍କର ସୃଷ୍ଟି ଦେଖିଲେ ତାଙ୍କ ଜ୍ଞାନର ପରିଚୟ ମିଳେ । ଆଚ୍ଛା, ଗୋଟାଏ କଥା କହୁଛି — ଶୀତପ୍ରଧାନ ଦେଶରେ ମାଛ ଓ ଅନ୍ୟାନ୍ୟ ଜଳଜନ୍ତୁଙ୍କୁ ବଞ୍ଚାଇ ରଖିବା  ପାଇଁ ତାଙ୍କର କୌଶଳ । ଯେତେ ଥଣ୍ଡା ପଡେ ସେତେ ଜଳର ଆୟତନ ସଙ୍କୋଚନ ହୁଏ । କିନ୍ତୁ, ଆଶ୍ଚର୍ଯ୍ୟ, ବରଫ ହେବାର ଟିକିଏ ପୂର୍ବରୁ ଜଳ ହାଲୁକା ହୁଏ ଓ ଜଳର ଆୟତନ ବୃଦ୍ଧି ହୁଏ ! ପୋଖରୀ ଜଳରେ ଅନାୟାସରେ ଖୁବ୍ ଶୀତ ହେଲେ ମଧ୍ୟ ମାଛ ରହିପାରେ । ଜଳର ଉପରିଭାଗ ସମସ୍ତ ବରଫ ହୋଇଯାଇଛି କିନ୍ତୁ ତଳେ ଯେପରି ଜଳ ସେହିପରି ଜଳ । ଯଦି ଖୁବ୍ ଥଣ୍ଡା ପବନ ବହେ, ସେ ପବନ ବରଫ ଉପରେ ଲାଗେ । ତଳର ଜଳ ଗରମ ଥାଏ ।

ଶ୍ରୀରାମକୃଷ୍ଣ — ସେ ଅଛନ୍ତି, ଜଗତ୍ ଦେଖିଲେ ବୁଝାଯାଏ । କିନ୍ତୁ ତାଙ୍କ ବିଷୟରେ ଶୁଣିବା ଏକ ପ୍ରକାର, ତାଙ୍କୁ ଦେଖିବା ଅନ୍ୟ ଏକ ପ୍ରକାର, ତାଙ୍କ ସଙ୍ଗେ ଆଳାପ କରିବା ଆଉ ଅନ୍ୟ ପ୍ରକାର । କେହି ଦୁଧ କଥା ଶୁଣିଛି, କେହି ଦୁଧ ଦେଖିଛି, କେହି ବା ଦୁଧ ଖାଇଛି । ଦେଖିଲେ ତେବେ ତ ଆନନ୍ଦ ହେବ, ଖାଇଲେ ତେବେ ତ ବଳ ହେବ, — ଲୋକ ହୃଷ୍ଟପୁଷ୍ଟ ହେବ । ଭଗବାନଙ୍କୁ ଦର୍ଶନ କଲେ ତେବେ ତ ଶାନ୍ତି ହେବ, ତାଙ୍କ ସଙ୍ଗରେ ଆଳାପ କଲେ ତେବେ ତ ଆନନ୍ଦ ଲାଭ ହେବ, ଶାନ୍ତି ବଢ଼ିବ ।

### ମୁମୁକ୍ଷୁତ୍ୱ ବା ଈଶ୍ୱରଙ୍କ ପାଇଁ ବ୍ୟାକୁଳତା ସମୟସାପେକ୍ଷ

ଶ୍ରୀଶ — ତାଙ୍କୁ ଡାକିବାକୁ ଅବସର ମିଳେ ନାହିଁ ।

ଶ୍ରୀରାମକୃଷ୍ଣ(ସହାସ୍ୟ) — ତା ଠିକ୍, ସମୟ ନ ହେଲେ କିଛି ହୁଏ ନାହିଁ । ଗୋଟିଏ ପିଲା ଶୋଇବାକୁ ଯିବା ସମୟରେ ମା'କୁ କହିଥିଲା, ମା' ମୋତେ ଯେତେବେଳେ ଝାଡ଼ା ମାଡ଼ିବ ଉଠାଇ ଦେବ । ମା' କହିଲେ, ବାପା, ଝାଡ଼ା ମାଡ଼ିବା ତୋତେ ଉଠାଇବ, ମୋତେ ଉଠାଇ ଦେବାକୁ ହେବ ନାହିଁ ।

''ଯାହାକୁ ଯାହା ଦେବାର ତାଙ୍କର ସବୁ ଠିକ୍ କରାଅଛି । ସରାରେ ମାପି ଶାଶୁ ବୋହୂମାନଙ୍କୁ ଭାତ ଦେଉଥିଲେ । ସେଥିରେ କିଛି ଭାତ କମ୍ ହେଉଥିଲା ।

ଦିନେ ସରାଟି ଭାଙ୍ଗିଯିବାରୁ ବୋହୂମାନେ ଆନନ୍ଦିତ ହେଲେ । ସେତେବେଳେ ଶାଶୁ କହିଲେ 'ବୋହୂମାନେ ନାଚ କୁଦ କର, ମୋର ହାତ ଅଟକଳ (ଅନ୍ଦାଜ) ଅଛି ।'

## ମୋକ୍ତାରନାମା ବା ଓକିଲାତିନାମା ଦିଅ

(ଶ୍ରୀଶଙ୍କ ପ୍ରତି)—''କଅଣ କରିବ ? ତାଙ୍କ ପାଦପଦ୍ମରେ ସବୁ ସମର୍ପଣ କର, ତାଙ୍କୁ ମୋକ୍ତାରନାମା ଦିଅ । ସେ ଯାହା ଭଲ ହେବ ତାହା କରନ୍ତୁ । ବଡ଼ଲୋକ ଉପରେ ଯଦି ଭାର ଦିଆଯାଏ, ସେ ଲୋକ କେବେହେଲେ ମନ୍ଦ କରିବେ ନାହିଁ । ସାଧନାର ପ୍ରୟୋଜନ ଅଛି, କିନ୍ତୁ ଦୁଇ ପ୍ରକାର ସାଧକ ଅଛନ୍ତି— ଏକପ୍ରକାର ସାଧକଙ୍କର ମାଙ୍କଡ଼ଛୁଆର ସ୍ୱଭାବ ଆଉ ଏକପ୍ରକାର ସାଧକଙ୍କର ବିରାଡ଼ିଛୁଆର ସ୍ୱଭାବ । ମାଙ୍କଡ଼ଛୁଆ ନିଜେ ଜୋର୍ କରି ମା'କୁ କୁଣ୍ଢାଇ ଧରେ । ସେହିପରି କୌଣସି କୌଣସି ସାଧକ ମନେ କରେ, ଏତେ ଜପ କରିବି, ଏତେ ଧ୍ୟାନ କରିବି, ଏତେ ତପସ୍ୟା କରିବି, ତେବେ ଭଗବାନଙ୍କୁ ପାଇବି । ଏ ସାଧକ ନିଜେ ଚେଷ୍ଟା କରିବ ଭଗବାନଙ୍କୁ ଧରିବାକୁ ଯାଏ ।

''ବିରାଡ଼ିଛୁଆ କିନ୍ତୁ ନିଜେ ମା'କୁ ଧରିପାରେ ନାହିଁ । ସେ ପଡ଼ିରହି ମିଆଁଉ ମିଆଁଉ କରି ଡ଼ାକେ ! ମା' ଯାହା କରିବ । ମା' କେତେବେଳେ ବିଛଣା ଉପରେ, କେତେବେଳେ ଛାତର ଉପର କାଠ ଆଡୁଆଳରେ ରଖି ଦେଉଛି, ମା' ତାକୁ ମୁହଁରେ ଧରି ଏଠାରେ ସେଠାରେ ରଖେ, ସେ ନିଜେ ମା'କୁ ଧରି ଜାଣେନାହିଁ । ସେହିପରି କୌଣସ କୌଣସି ସାଧକ ନିଜେ ହିସାବ କରି କେଉଁ ସାଧନ କରିପାରେ ନାହିଁ,—ଏତେ ଜପ କରିବି, ଏତେ ଧ୍ୟାନ କରିବି ଇତ୍ୟାଦି । ସେ କେବଳ ବ୍ୟାକୁଳ ହୋଇ କାନ୍ଦି କାନ୍ଦି ତାଙ୍କୁ ଡାକେ । ସେ ତାଙ୍କର କାନ୍ଦଣା ଶୁଣି ଆଉ ରହିପାରନ୍ତି ନାହିଁ, ଆସି ଦେଖା ଦିଅନ୍ତି ।''

## (୩)

ସମୟ ହୋଇଛି, ଗୃହସ୍ୱାମୀ ଅନ୍ନବ୍ୟଞ୍ଜନ ପ୍ରସ୍ତୁତ କରାଇ ଠାକୁରଙ୍କୁ ଖୁଆଇବେ । ବଡ ବ୍ୟସ୍ତ । ସେ ଘର ଭିତରକୁ ଯାଇଛନ୍ତି, ଖୁଆଇବାର ବନ୍ଦୋବସ୍ତ ଓ ତତ୍ତ୍ୱାବଧାନ କରୁଛନ୍ତି ।

ସମୟ ହେବାରୁ ଠାକୁର ବ୍ୟସ୍ତ ହେଉଛନ୍ତି । ସେ ଘର ଭିତରେ ଟିକିଏ ପଦଚାରଣ କରୁଛନ୍ତି । କିନ୍ତୁ ସହାସ୍ୟ ବଦନ । କେଶବ କୀର୍ତ୍ତନୀୟାଙ୍କ ସଙ୍ଗରେ ମଝିରେ ମଝିରେ କଥା କହୁଛନ୍ତି ।

## ଈଶ୍ୱର କର୍ତ୍ତା—ଅଥଚ କର୍ମ ପାଇଁ ଜୀବର ଦାୟିତ୍ୱ Responsibility

କେଶବ କୀର୍ତ୍ତନୀୟା—ସିଏ ହିଁ 'କରଣ' 'କାରଣ' । ଦୁର୍ଯ୍ୟୋଧନ କହିଥିଲେ, 'ତ୍ୱୟା ହୃଷୀକେଷ ହୃଦିସ୍ଥିତେନ ଯଥା ନିଯୁକ୍ତୋଽସ୍ମି ତଥା କରୋମି ।'

ଶ୍ରୀରାମକୃଷ୍ଣ(ସହାସ୍ୟେ)—ହଁ, ସେ ସବୁ କରାଉଛନ୍ତି, ସେ ହିଁ କର୍ତ୍ତା, ମନୁଷ୍ୟ ଯନ୍ତ୍ର ସ୍ୱରୂପ ।

''ଏହା ମଧ୍ୟ ଠିକ୍ ଯେ କର୍ମଫଳ ଅବଶ୍ୟ ଅଛି । ଲଙ୍କାମରିଚ ଖାଇଲେ ପେଟ ଜ୍ୱାଳା କରିବ, ସେ କହି ଦେଇଛନ୍ତି, ଯେ ଖାଇଲେ ପେଟ ଜ୍ୱାଳା କରିବ । ପାପ କଲେ ତାର ଫଳଟି ଭୋଗ କରିବାକୁ ହେବ ।

''ଯେଉଁ ବ୍ୟକ୍ତି ସିଦ୍ଧି ଲାଭ କରିଛି, ସେ ଈଶ୍ୱର ଦର୍ଶନ କରିଛି, ସେ କିନ୍ତୁ ପାପ କରିପାରେ ନାହିଁ । ସାଧନା କରିଥିବା ଲୋକର ବେତାଳରେ ପାଦ ପଡ଼େ ନାହିଁ । ଯିଏ ସ୍ୱର ସାଧନା କରିଛି, ତା'ର ସ୍ୱରରେ ସା, ରେ, ଗା, ମା, ଆସିଯାଏ ।''

ଅନ୍ନ ପ୍ରସ୍ତୁତ । ଠାକୁର ଭକ୍ତମାନଙ୍କ ସଙ୍ଗରେ ଭିତର-ଘରକୁ ଗଲେ ଓ ଆସନ ଗ୍ରହଣ କଲେ । ବ୍ରାହ୍ମଣ ଘର, ବ୍ୟଞ୍ଜନାଦି ଅନେକ ପ୍ରକାର ହୋଇଥିଲା । ପୁଣି ନାନାବିଧ ଉପାଦେୟ ମିଷ୍ଟାନ୍ନାଦିର ଆୟୋଜନ ହୋଇଥିଲା ।

ସମୟ ଅପରାହ୍ନ ୩ଟା । ଆହାରାନ୍ତେ ଶ୍ରୀରାମକୃଷ୍ଣ ଈଶାନଙ୍କ ବୈଠକଖାନାରେ ଆସି ବସିଲେ । ପାଖରେ ଶ୍ରୀଶ ଓ ମାଷ୍ଟର ବସିଛନ୍ତି । ଠାକୁର ଶ୍ରୀଶଙ୍କ ସଙ୍ଗରେ ପୁଣି କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ—ତୁମର କି ଭାବ ? ସୋଽହଂ ନା ସେବ୍ୟ-ସେବକ ?

## ଗୃହସ୍ଥର ଜ୍ଞାନଯୋଗ ନା ଭକ୍ତିଯୋଗ

''ସଂସାରୀ ପକ୍ଷରେ ସେବ୍ୟ-ସେବକ ଭାବ ଖୁବ୍ ଭଲ । ସବୁ କରାଯାଉଛି, ସେ ଅବସ୍ଥାରେ 'ମୁଁ ହିଁ ସେହି' ଏ ଭାବ କିପରି ଆସିବ । ଯେ କହେ, 'ମୁଁ ହିଁ ସେହି' ତା' ପକ୍ଷରେ ଜଗତ ସ୍ୱପ୍ନବତ୍, ତା'ର ଦେହ ମନ ମଧ୍ୟ ସ୍ୱପ୍ନବତ୍, ତା'ର 'ମୁଁ'ଟା ପର୍ଯ୍ୟନ୍ତ ସ୍ୱପ୍ନବତ୍, ସୁତରାଂ ସଂସାରର କାର୍ଯ୍ୟ ସେ କରି ପାରିବ ନାହିଁ । ତେଣୁ ସେବକ-ଭାବ, ଦାସ-ଭାବ ଖୁବ୍ ଭଲ ।

''ହନୁମାନର ଦାସ-ଭାବ ଥିଲା । ରାମକୁ ହନୁମାନ କହିଥିଲେ, 'ରାମ' କେତେବେଳେ ଭାବେ ତୁମେ ପୂର୍ଣ୍ଣ, ମୁଁ ଅଂଶ; ତୁମେ ପ୍ରଭୁ, ମୁଁ ଦାସ; ଆଉ ଯେତେବେଳେ ତତ୍ତ୍ୱ ଜ୍ଞାନ ହୁଏ, ସେତେବେଳେ ଦେଖେ 'ତୁମେ ହିଁ ମୁଁ, ମୁଁ ହିଁ ତୁମେ ।'

''ତତ୍ତ୍ୱ ଜ୍ଞାନ ସମୟରେ ସୋଽହମ୍ ହୋଇପାରେ, କିନ୍ତୁ ତାହା ଦୂରର କଥା ।''

ଶ୍ରୀଶ—ଆଜ୍ଞା ହଁ, ଦାସ-ଭାବରେ ମନୁଷ୍ୟ ନିଶ୍ଚିନ୍ତ ହୁଏ । ପ୍ରଭୁଙ୍କ ଉପରେ ସବୁ ନିର୍ଭର । ଯେପରି କୁକୁର ବଡ଼ ପ୍ରଭୁଭକ୍ତ, ତେଣୁ ପ୍ରଭୁଙ୍କ ଉପରେ ନିର୍ଭର କରି ନିଶ୍ଚିନ୍ତ ହୋଇଥାଏ ।

### ଯେ ସାକାର ସେ ହିଁ ନିରାକାର — ନାମ ମାହାତ୍ମ୍ୟ

ଶ୍ରୀରାମକୃଷ୍ଣ — ଆଚ୍ଛା, ତୁମକୁ ସାକାର ନା ନିରାକାର ଭଲ ଲାଗେ ? କଅଣ ଜାଣ, ଯେ ନିରାକାର, ସେ ହିଁ ସାକାର । ଭକ୍ତଙ୍କ ପାଖରେ ସେ ସାକାର ରୂପରେ ଦେଖା ଦିଅନ୍ତି । ଯେପରି ଅନନ୍ତ ଜଳରାଶି । ମହାସମୁଦ୍ର । ଥଳକୂଳ ନାହିଁ, ସେହି ଜଳରେ କେଉଁ କେଉଁ ସ୍ଥାନରେ ବରଫ ହୋଇଛି; ବେଶୀ ଥଣ୍ଡାରେ ବରଫ ହୁଏ । ଠିକ୍ ସେହିପରି ଭକ୍ତି-ହିମରେ ସାକାର ଦର୍ଶନ ହୁଏ । ଆଉ ଯେପରି ସୂର୍ଯ୍ୟ ଉଠିଲେ ବରଫ ତରଳି ଯାଏ — ଯେପରି ପୂର୍ବରୁ ଜଳ ଥିଲା ସେହିପରି ଜଳ, ଠିକ୍ ସେହିପରି ଜ୍ଞାନ-ପଥ — ବିଚାର-ପଥ — ଦେଇ ଗଲେ ସାକାର ରୂପରେ ଆଉ ଦେଖା ଯାଆନ୍ତି ନାହିଁ, ସବୁ ନିରାକାର । ଜ୍ଞାନ ସୂର୍ଯ୍ୟ ଉଦୟ ହେବାରୁ ସାକାର ବରଫ ତରଳି ଗଲା ।

''କିନ୍ତୁ ଦେଖ, ଯାହାଙ୍କର ନିରାକାର, ତାଙ୍କର ହିଁ ସାକାର ।''

ସଂଧ୍ୟା ହେବାକୁ ଯାଉଛି, ଠାକୁର ଗାତ୍ରୋତ୍ଥାନ କରିଛନ୍ତି; ଏଥର ଦକ୍ଷିଣେଶ୍ୱରକୁ ପ୍ରତ୍ୟାବର୍ତ୍ତନ କରିବେ । ବୈଠକଖାନା ଘରର ଦକ୍ଷିଣରେ ଯେଉଁ ପାହାଚ ଅଛି ତାହା ଉପରେ ଠିଆହୋଇ ଠାକୁର ଈଶାନଙ୍କ ସହିତ କଥା କହୁଛନ୍ତି । ସେହିଠାରେ ଜଣେ କହୁଛନ୍ତି ଯେ, ଭଗବାନଙ୍କର ନାମ ନେଲେ ଯେ ସବୁ ସମୟରେ ଫଳ ହୁଏ ଏପରି ଦେଖାଯାଏ ନାହିଁ ।

ଈଶାନ କହିଲେ, ସେ କଅଣ ! ଅଶ୍ୱତ୍ଥ ବୀଜ ଏତେ କ୍ଷୁଦ୍ର ସତ, କିନ୍ତୁ ତାହା ଭିତରେ ବଡ଼ ବଡ଼ ଗଛ ଅଛି । ଡେରିରେ ସେ ଗଛ ଦେଖାଯାଏ ।

ଶ୍ରୀରାମକୃଷ୍ଣ — ହଁ, ହଁ, ଡେରିରେ ଫଳ ହୁଏ ।

### ଈଶାନ ନିର୍ଲିପ୍ତ ସଂସାରୀ — ପରମହଂସ ଅବସ୍ଥା

ଈଶାନଙ୍କ ଘର, ତାଙ୍କ ଶ୍ୱଶୁର କ୍ଷେତ୍ରନାଥ ଚାଟାର୍ଜୀଙ୍କ ଘରର ପୂର୍ବପାଖକୁ ଲାଗିଛି । ଦୁଇ ଘର ମଧ୍ୟରେ ଯିବା ଆସିବାର ପଥ ଅଛି । ଚାଟାର୍ଜୀ ମହାଶୟଙ୍କ ଘର ଫାଟକ ପାଖରେ ଠାକୁର ଆସି ଠିଆ ହେଲେ । ଈଶାନ ସବାନ୍ଧବେ ଠାକୁରଙ୍କୁ ଗାଡ଼ିରେ ଉଠାଇ ଦେବାକୁ ଆସିଛନ୍ତି ।

ଠାକୁର ଈଶାନଙ୍କୁ କହୁଛନ୍ତି, ''ତୁମେ ଯେପରି ସଂସାରରେ ଅଛ, ଠିକ୍ ପଙ୍କୁଆ ମାଛ ପରି । ପୋଖରୀର ପଙ୍କରେ ସେ ଥାଏ, କିନ୍ତୁ ଦେହରେ ପଙ୍କ ଲାଗେ ନାହିଁ ।

''ଏହି ମାୟା ସଂସାରରେ ବିଦ୍ୟା ଅବିଦ୍ୟା ଉଭୟ ଅଛି । ପରମହଂସ କାହାକୁ କହନ୍ତି ? ଯିଏ ହଂସ ପରି ଦୁଧ ପାଣି ଏକାସଙ୍ଗରେ ରହିଲେ ମଧ୍ୟ ପାଣିକୁ ଛାଡ଼ି ଦୁଧକୁ ଗ୍ରହଣ କରିପାରନ୍ତି । ବାଲି ସହିତ ଚିନି ମିଶି ରହିଥିଲେ ମଧ୍ୟ ଯିଏ ପିମ୍ପୁଡ଼ି ପରି ବାଲିକୁ ଛାଡ଼ି ଚିନି ଗ୍ରହଣ କରିପାରନ୍ତି ।''

## (୪)

### ଶ୍ରୀରାମକୃଷ୍ଣ ଧର୍ମସମନ୍ୱୟ—ଈଶ୍ୱରକୋଟିଙ୍କର ଅପରାଧ ହୁଏ ନାହିଁ

ସଂଧ୍ୟା ହୋଇଛି । ଭକ୍ତ ଶ୍ରୀଯୁକ୍ତ ରାମଚନ୍ଦ୍ର ଦତ୍ତଙ୍କ ଘରକୁ ଠାକୁର ଆସିଛନ୍ତି ଏଠାରୁ ଦକ୍ଷିଣେଶ୍ୱର ଯିବେ ।

ରାମଙ୍କ ବୈଠକଖାନା ଘରଟିକୁ ଠାକୁର ଆଲୋକିତ କରି ଭକ୍ତମାନଙ୍କ ସଙ୍ଗରେ ବସିଛନ୍ତି । ଶ୍ରୀଯୁକ୍ତ ମହେନ୍ଦ୍ର ଗୋସ୍ୱାମୀଙ୍କ ସହିତ କଥା କହୁଛନ୍ତି । ଗୋସ୍ୱାମୀଙ୍କ ଘର ସେହି ପଡ଼ାରେ । ଠାକୁର ତାଙ୍କୁ ଭଲ ପାଆନ୍ତି । ସେ ରାମଙ୍କ ଘରକୁ ଆସିଲେ ଗୋସ୍ୱାମୀ ଆସି ପ୍ରାୟ ଦେଖା କରନ୍ତି ।

ଶ୍ରୀରାମକୃଷ୍ଣ—ବୈଷ୍ଣବ, ଶାକ୍ତ ସମସ୍ତଙ୍କର ପହଞ୍ଚିବାର ସ୍ଥାନ ଏକ; ତେବେ ପଥ ଅଲଗା । ଠିକ୍ ଠିକ୍ ବୈଷ୍ଣବମାନେ ଶକ୍ତିର ନିନ୍ଦା କରନ୍ତି ନାହିଁ ।

ଗୋସ୍ୱାମୀ(ସହାସ୍ୟେ)—ହରପାର୍ବତୀ ଆମମାନଙ୍କର ବାପା ମା' ।

ଶ୍ରୀରାମକୃଷ୍ଣ(ସହାସ୍ୟେ)—Thank you ବାପା ମା' ।

ଗୋସ୍ୱାମୀ—ତାହା ଛଡ଼ା କାହାକୁ ନିନ୍ଦା କରିବା, ବିଶେଷତଃ ବୈଷ୍ଣବମାନଙ୍କୁ ନିନ୍ଦା କରିବାରେ ଅପରାଧ ହୁଏ । ବୈଷ୍ଣବାପରାଧ । ସବୁ ଅପରାଧର ମାଫ୍ ଅଛି, ବୈଷ୍ଣବାପରାଧର ମାଫ୍ ନାହିଁ ।

ଶ୍ରୀରାମକୃଷ୍ଣ—ଅପରାଧ ସମସ୍ତଙ୍କର ହୁଏ ନାହିଁ । ଈଶ୍ୱରକୋଟିଙ୍କର ଅପରାଧ ହୁଏ ନାହିଁ । ଯେପରି ଚୈତନ୍ୟଦେବଙ୍କ ପରି ଅବତାରଙ୍କର ।

''ପିଲା ଯଦି ବାପାଙ୍କୁ ଧରି ହିଡ଼ ଉପର ଦେଇ ଚାଲେ, ତା' ହେଲେ ବରଂ ଖାତରେ ପଡ଼ିପାରେ । କିନ୍ତୁ ବାପା ଯଦି ପିଲାର ହାତ ଧରେ, ସେ ପିଲା କେବେହେଲେ ପଡ଼େ ନାହିଁ ।

''ଶୁଣ, ମୁଁ ମା'ଙ୍କ ପାଖରେ ଶୁଦ୍ଧା ଭକ୍ତି ଚାହିଁଥିଲି । ମା'ଙ୍କୁ କହିଥିଲି, ଏଇ ନିଅ ତୁମର ଧର୍ମ, ଏଇ ନିଅ ତୁମର ଅଧର୍ମ; ମୋତେ ଶୁଦ୍ଧା ଭକ୍ତି ଦିଅ । ଏଇ ନିଅ ତୁମର ଶୁଚି, ଏଇ ନିଅ ତୁମର ଅଶୁଚି; ମୋତେ ଶୁଦ୍ଧା ଭକ୍ତି ଦିଅ । ମା'ଏଇ ନିଅ ତୁମାର ପାପ, ଏଇ ନିଅ ତୁମର ପୁଣ୍ୟ; ମୋତେ ଶୁଦ୍ଧା ଭକ୍ତି ଦିଅ ।

ଗୋସ୍ୱାମୀ—ଆଜ୍ଞା ହଁ ।

ଶ୍ରୀରାମକୃଷ୍ଣ—ସବୁ ମତକୁ ନମସ୍କାର କରିବ, ତେବେ ଗୋଟିଏ ଅଛି ନିଷ୍ଠା ଭକ୍ତି । ସମସ୍ତଙ୍କୁ ପ୍ରଣାମ କରିବ କିନ୍ତୁ ଗୋଟିକୁ ପ୍ରାଣ ଢାଳି ଭଲପାଇବାର ନାମ ନିଷ୍ଠା ।

''ରାମ ରୂପ ଛଡ଼ା ଆଉ କୌଣସି ରୂପ ହନୁମାନଙ୍କୁ ଭଲ ଲାଗୁ ନଥିଲା ।

''ଗୋପୀମାନଙ୍କର ଏତେ ନିଷ୍ଠା ଯେ, ସେମାନେ ଦ୍ୱାରକାର ପଗଡ଼ି ବନ୍ଧା ଶ୍ରୀକୃଷ୍ଣଙ୍କୁ ଦେଖିବାକୁ ଇଚ୍ଛା କଲେ ନାହିଁ ।

''ପତ୍ନୀ, ଦେବର, ଦେଢ଼ଶ୍ବଶୁର ପ୍ରଭୃତିଙ୍କୁ ପାଦ ଧୋଇବା ପାଣି ଆସନାଦି ଦେଇ ସେବା କରେ, କିନ୍ତୁ ପତିକୁ ଯେପରି ସେବା କରେ, ସେପରି ସେବା ଆଉ କାହାକୁ କରେ ନାହିଁ । ପତି ସଙ୍ଗରେ ସମ୍ବନ୍ଧ ଅଲଗା ।''

ରାମ ଠାକୁରଙ୍କୁ କିଛି ମିଷ୍ଟାନ୍ନାଦି ଦେଇ ପୂଜା କଲେ ।

ଠାକୁର ବର୍ତ୍ତମାନ ଦକ୍ଷିଣେଶ୍ୱରକୁ ଯାତ୍ରା କରିବେ । ମଣିଙ୍କଠାରୁ ଦେହରେ ଦେବା ବନାତ ନେଲେ ଓ ଟୋପି ନେଇ ପିନ୍ଧିଲେ । ବନାତର କାନଢଙ୍କା ଟୋପି । ଠାକୁର ଭକ୍ତମାନଙ୍କ ସହିତ ଗାଡ଼ିରେ ଉଠିଲେ । ରାମାଦି ଭକ୍ତମାନେ ତାଙ୍କୁ ଉଠାଇଦେଲେ । ମଣି ମଧ୍ୟ ଗାଡ଼ିରେ ଉଠିଲେ, ଦକ୍ଷିଣେଶ୍ୱରକୁ ଫେରିଯିବେ ।

## (୫)

### ଦକ୍ଷିଣେଶ୍ୱର-ମନ୍ଦିରରେ ରାଖାଲ, ରାମ, କେଦାର ପ୍ରଭୃତି ଭକ୍ତମାନଙ୍କ ସଙ୍ଗରେ—ବେଦାନ୍ତବାଦୀ ସାଧୁଙ୍କ ସହିତ ବ୍ରହ୍ମଜ୍ଞାନ କଥା

ଠାକୁର ଶ୍ରୀରାମକୃଷ୍ଣ ଗାଡ଼ିରେ ଉଠୁଛନ୍ତି—'କାଳୀଘାଟ' ଦର୍ଶନ କରିବାକୁ ଯିବେ । ଶ୍ରୀଯୁକ୍ତ ଅଧର ସେନଙ୍କ ଘର ହୋଇ ଯିବେ—ଅଧର ମଧ୍ୟ ସେଠାରୁ ସଙ୍ଗରେ ଯିବେ । ଆଜି ଶନିବାର, ଅମାବାସ୍ୟା ତିଥି; ୨୯ ଡିସେମ୍ବର ୧୮୮୩, ଖ୍ରୀଷ୍ଟାବ୍ଦ । ସମୟ ଦିନ ୧ଟା ହେବ ।

ଗାଡ଼ି ତାଙ୍କ ଘରର ଉତ୍ତର ବାରଣ୍ଡା ପାଖରେ ଠିଆ ହୋଇଛି ।

ମଣି ଗାଡ଼ିର ଦ୍ୱାର ପାଖରେ ଆସି ଠିଆ ହୋଇଛନ୍ତି ।

ମଣି(ଶ୍ରୀରାମକୃଷ୍ଣଙ୍କ ପ୍ରତି)—ଆଜ୍ଞା, ମୁଁ କଅଣ ଯିବି ?

ଶ୍ରୀରାମକୃଷ୍ଣ—କାହିଁକି ?

ମଣି—କଲିକତା ବସାକୁ ଥରେ ଯାଇ ଆସନ୍ତି ।

ଶ୍ରୀରାମକୃଷ୍ଣ(ଚିନ୍ତିତ ହୋଇ)—ପୁଣି ଯିବ ? ଏଠାରେ ବେଶ୍ ଅଛ ।

ମଣି ଘରକୁ ଯିବେ—କେତେ ଘଣ୍ଟା ପାଇଁ; କିନ୍ତୁ ଠାକୁରଙ୍କର ମତ ନାହିଁ । ରବିବାର, ୩୦ ତାରିଖ ଡ଼ିସେମ୍ବର, ପୌଷ ଶୁକ୍ଳପକ୍ଷ ପ୍ରତିପଦ ତିଥି ।

ସମୟ ୩ଟା ବାଜିଛି । ମଣି ଗଛତଳେ ଏକାକୀ ବୁଲୁଛନ୍ତି,—ଜଣେ ଭକ୍ତ ଆସି କହିଲେ, ପ୍ରଭୁ ଡାକୁଛନ୍ତି ।

ଘରେ ଠାକୁର ଭକ୍ତମାନଙ୍କ ସଙ୍ଗରେ ବସିଛନ୍ତି । ମଣି ଯାଇ ପ୍ରଣାମ କଲେ ଓ ତଳେ ସେମାନଙ୍କ ସହିତ ବସିଲେ ।

କଲିକତାରୁ ରାମ, କେଦାର ପ୍ରଭୃତି ଭକ୍ତମାନେ ଆସିଛନ୍ତି । ସେମାନଙ୍କ ସଙ୍ଗରେ ଜଣେ ବେଦାନ୍ତବାଦୀ ସାଧୁ ଆସିଛନ୍ତି । ଠାକୁର ଯେଉଁଦିନ ରାମଙ୍କ ବଗିଚା ଦର୍ଶନ କରିବାକୁ ଯାଇଥିଲେ, ସେହିଦିନ ଏହି ସାଧୁଙ୍କ ସହିତ ଦେଖା ହୋଇଥିଲା । ସାଧୁ ପାଖ ବଗିଚାର ଗୋଟିଏ ଗଛ ତଳେ ଏକାକୀ ଖଟିଆ ଉପରେ

ବସିଥିଲେ । ରାମ ଆଜି ଠାକୁରଙ୍କ ନିର୍ଦ୍ଦେଶରେ ସେହି ସାଧୁଜଣଙ୍କୁ ସାଙ୍ଗରେ ନେଇ ଆସିଛନ୍ତି । ସାଧୁ ମଧ୍ୟ ଠାକୁରଙ୍କୁ ଦର୍ଶନ କରିବେ—ଇଚ୍ଛା କରିଛନ୍ତି ।

ଠାକୁର ସାଧୁଙ୍କ ସହିତ ଆନନ୍ଦରେ କଥା କହୁଛନ୍ତି ନିଜ ପାଖରେ ଛୋଟ ଖଟଟି ଉପରେ ସାଧୁଙ୍କୁ ବସାଇଛନ୍ତି । କଥାବାର୍ତ୍ତା ହିନ୍ଦୀରେ ହେଉଅଛି ।

ଶ୍ରୀରାମକୃଷ୍ଣ—ଏହିସବୁ ତୁମକୁ କିପରି ବୋଧହୁଏ ?

ବେଦାନ୍ତବାଦୀ-ସାଧୁ—ଏହା ସବୁ ସ୍ୱପ୍ନବତ୍ ।

ଶ୍ରୀରାମକୃଷ୍ଣ—ବ୍ରହ୍ମ ସତ୍ୟ, ଜଗତ୍ ମିଥ୍ୟା ? ଆଚ୍ଛା ଜୀ, ବ୍ରହ୍ମ କିପରି ?

ସାଧୁ—ଶବ୍ଦ ହିଁ ବ୍ରହ୍ମ । ଅନାହତ ଶବ୍ଦ ।

ଶ୍ରୀରାମକୃଷ୍ଣ—କିନ୍ତୁ ଜୀ, ଶବ୍ଦର ପ୍ରତିପାଦ୍ୟ ଗୋଟିଏ ଅଛି । କିପରି ?

ସାଧୁ—ବାଚ୍ୟ[୧] ଓଇ ହ୍ୟାୟ, ବାଚକ ଓଇ ହ୍ୟାୟ ।

ଏହି କଥା ଶୁଣୁ ଶୁଣୁ ଠାକୁର ସାମାଧିସ୍ଥ ହେଲେ । ସ୍ଥିର,—ଚିତ୍ରାର୍ପିତ ପରି ବସିଛନ୍ତି । ସାଧୁ ଓ ଭକ୍ତମାନେ ଅବାକ୍ ହୋଇ ଠାକୁଙ୍କର ଏହି ସମାଧି ଅବସ୍ଥା ଦେଖୁଛନ୍ତି । କେଦାର ସାଧୁଙ୍କୁ କହୁଛନ୍ତି—

"ଏଇ ଦେଖୋ ଜୀ ! ଇସ୍‌କୋ ସମାଧି ବୋଲତା ହ୍ୟାୟ ।"

ସାଧୁ ଗ୍ରନ୍ଥରେ ସମାଧିର କଥା ପଢ଼ିଛନ୍ତି, ସମାଧି କେବେହେଲେ ଦେଖିନାହାନ୍ତି ।

ଠାକୁର ଧିରେ ଧିରେ ପ୍ରକୃତିସ୍ଥ ହେଉଛନ୍ତି ଓ ଜଗନ୍ମାତାଙ୍କ ସହିତ କଥା କହୁଛନ୍ତି । କହୁଛନ୍ତି—ମା', ଭଲ ହେବି—ବେହୋସ୍ କର ନାହିଁ—ସାଧୁଙ୍କ ସଙ୍ଗରେ ସଚ୍ଚିଦାନନ୍ଦଙ୍କ କଥା କହିବି । ମା, ସଚ୍ଚିଦାନନ୍ଦଙ୍କ କଥା ନେଇ ବିଳାସ କରିବି ।

ସାଧୁ ଅବାକ୍ ହୋଇ ଦେଖୁଛନ୍ତି ଓ ଏହି ସବୁ କଥା ଶୁଣୁଛନ୍ତି । ଏଥର ଠାକୁର ସାଧୁଙ୍କ ସହିତ କଥା କହୁଛନ୍ତି—କହୁଛନ୍ତି—ଅବ୍ ସୋଽହଂ ଉଡାୟେ ଦାଓ । ଅବ୍ ହମ୍ ତୁମ୍;—ବିଲାସ ! (ଅର୍ଥାତ୍ ସୋଽହଂ—'ମୁଁ ସେହି' ଉଡ଼ାଇ ଦିଅ; ବର୍ତ୍ତମାନ 'ମୁଁ ତୁମେ'—ବିଳାସ)

ଯେତେବେଳଯାଏ ମୁଁ ଓ ତୁମେ ରହିଛି ସେତେବେଳଯାଏ ମା' ମଧ୍ୟ ଅଛନ୍ତି—ଆସ ତାଙ୍କୁ ନେଇ ଆନନ୍ଦ କରାଯାଉ । ଏହି କଥା କଅଣ ଠାକୁର କହୁଛନ୍ତି ?

କିୟତ୍‌କ୍ଷଣ କଥାବାର୍ତ୍ତା ପରେ ଠାକୁର ପଞ୍ଚବଟୀଠାରେ ବୁଲୁଛନ୍ତି;—ସଙ୍ଗରେ ରାମ, କେଦାର, ମାଷ୍ଟର ପ୍ରଭୃତି ।

## ଶ୍ରୀରାମକୃଷ୍ଣଙ୍କର କେଦାରଙ୍କ ପ୍ରତି ଉପଦେଶ—ସଂସାରତ୍ୟାଗ

ଶ୍ରୀରାମକୃଷ୍ଣ(ସହାସ୍ୟେ)—ସାଧୁଙ୍କୁ କି ରକମ ଦେଖିଲ ?

---

୧. 'ବାଚ୍ୟବାଚକଭେଦେନ ତ୍ୱମେବ ପରମେଶ୍ୱର'—ଆଧ୍ୟାତ୍ମରାମାୟଣ

କେଦାର—ଶୁଷ୍କ ଜ୍ଞାନ । ହାଣ୍ଡି ବସିଛି ମାତ୍ର—ବର୍ତ୍ତମାନ ଚାଉଳ ପଡ଼ି ନାହିଁ ।

ଶ୍ରୀରାମକୃଷ୍ଣ—ତାହା ଠିକ୍, କିନ୍ତୁ ତ୍ୟାଗୀ । ସଂସାର ଯେ ତ୍ୟାଗ କରିଛି ସେ ଅନେକଟା ଆଗେଇଛି ।

"ସାଧୁଜଣକ ପ୍ରବର୍ତ୍ତକର ଥାକ । ତାଙ୍କୁ ଲାଭ ନ କଲେ କିଛି ହେବ ନାହିଁ । ଯେତେବେଳେ ତାଙ୍କ ପ୍ରେମରେ ମତ୍ତ ହେବ, ଆଉ କିଛି ଭଲ ଲାଗିବ ନାହିଁ । ସେତେବେଳେ—

ଯତନେ ହୃଦୟେ ରଖ ଆଦରିଣୀ ଶ୍ୟାମା ମା'ରେ ।
ମନ ତୁ ଦେଖ ଆଉ ମୁଁ ଦେଖେ ଆଉ କେହି ଯେନ ନ ଦେଖେ !

ଠାକୁରଙ୍କ ଭାବରେ କେଦାର ଗୋଟିଏ ଗୀତର କଥା କହୁଛନ୍ତି—

ମନର କଥା କି କହିବି ସହି କହିବାକୁ ପରା ମନା—
ଦରଦୀ ନ ହେଲେ, ପ୍ରାଣ ବଞ୍ଚେନା
ମନର ମଣିଷ ହୁଏ ଯେଉଁ ଜନ ନୟନୁ ତା'ର ଯାଏ ଯେ ଚିହ୍ନା ।

ଠାକୁର ନିଜ କୋଠରୀକୁ ଫେରୁଛନ୍ତି । ସମୟ ୪ଟା ବାଜିଛି—ମା'କାଳୀଙ୍କ ମନ୍ଦିର ଖୋଲା ହୋଇଛି । ଠାକୁର ସାଧୁଙ୍କୁ ସଙ୍ଗରେ ଘେନି ମା'କାଳୀ ମନ୍ଦିରକୁ ଯାଉଛନ୍ତି । ମଣି ସଙ୍ଗରେ ଅଛନ୍ତି ।

ମନ୍ଦିରରେ ପ୍ରବେଶ କରି ଠାକୁର ଭକ୍ତିଭରେ ମା'ଙ୍କୁ ପ୍ରଣାମ କରୁଛନ୍ତି । ସାଧୁ ମଧ୍ୟ ହାତ ଯୋଡ଼ି ମୁଣ୍ଡ ନୁଆଁଇ ମା'ଙ୍କୁ ପୁନଃ ପୁନଃ ପ୍ରଣାମ କଲେ ।

ଶ୍ରୀରାମକୃଷ୍ଣ—କିପରି ଜୀ, ଦର୍ଶନ !

ସାଧୁ(ଭକ୍ତିଭରେ)—କାଳୀ ପ୍ରଧାନା ହ୍ୟାୟ ।

ଶ୍ରୀରାମକୃଷ୍ଣ—କାଳୀ ବ୍ରହ୍ମ ଅଭେଦ । କିପରି ଜୀ ?

ସାଧୁ—ଯେତେକ୍ଷଣ ବହିର୍ମୁଖ, ସେତେକ୍ଷଣ କାଳୀ ମାନିବାକୁ ହେବ ।

ଯେତେକ୍ଷଣ ବହିର୍ମୁଖ ସେତେକ୍ଷଣ ଭଲମନ୍ଦ; ସେତେକ୍ଷଣ ଏଇଟି ପ୍ରିୟ, ସେଇଟି ତ୍ୟାଜ୍ୟ ।

"ଦେଖନ୍ତୁ, ନାମରୂପ ତ ସବୁ ମିଥ୍ୟା, କିନ୍ତୁ ଯେତେକ୍ଷଣ ମୁଁ ବହିର୍ମୁଖ ସେତେକ୍ଷଣ ସ୍ତ୍ରୀଲୋକ ତ୍ୟାଜ୍ୟ । ଆଉ ଉପଦେଶ ପାଇଁ ଏଇଟି ଭଲ ସେଇଟି ମନ୍ଦ,—ନଚେତ୍ ଭ୍ରଷ୍ଟାଚାର ହେବ ।"

ଠାକୁର ସାଧୁଙ୍କ ସହିତ କଥା କହୁ କହୁ ଘର ଭିତରକୁ ଆସିଲେ ।

ଶ୍ରୀରାମକୃଷ୍ଣ(ମଣିଙ୍କ ପ୍ରତି)—ଦେଖିଲ, ସାଧୁ କାଳୀମନ୍ଦିରରେ ପ୍ରଣାମ କଲେ ।

ମଣି—ଆଜ୍ଞା, ହଁ !

ପରଦିନ ସୋମବାର, ୩୧ ଡିସେମ୍ବର ୧୮୮୩ । ସମୟ ଅପରାହ୍ଣ ୪ଟା । ଠାକୁର ଭକ୍ତମାନଙ୍କ ସଙ୍ଗରେ ଘରେ ବସିଛନ୍ତି । ବଳରାମ, ମଣି, ରାଖାଲ, ଲାଟୁ, ହରୀଶ ପ୍ରଭୃତି ଅଛନ୍ତି । ଠାକୁର ମଣିଙ୍କୁ ଓ ବଳରାମଙ୍କୁ କହୁଛନ୍ତି ।

## ମୁହଁରେ ଜ୍ଞାନର କଥା—ହଳଧାରୀଙ୍କୁ ଠାକୁରଙ୍କର ତିରସ୍କାର କଥା

''ହଳଧାରୀଙ୍କର ଜ୍ଞାନୀର ଭାବ ଥିଲା । ସେ ଅଧ୍ୟାତ୍ମ, ଉପନିଷଦ୍,— ଏହିସବୁ ରାତିଦିନ ପଢୁଥିଲା । ଏଣେ ସାକାର କଥାରେ ମୁହଁ ଫେରାଉଥିଲେ । ମୁଁ ଯେତେବେଳେ କାଙ୍ଗାଳୀମାନଙ୍କ ପତ୍ରରୁ ସାମାନ୍ୟ କିଛି ଖାଇଲି, ସେତେବେଳେ କହିଲେ, 'ତୋ ପିଲାମାନଙ୍କର ବିବାହ କିପରି ହେବ !' ମୁଁ କହିଲି, 'ଆରେ ଶଳା, ମୋର ପୁଣି ପିଲାପିଲି ହେବେ ! ତୋର ଗୀତା ବେଦାନ୍ତ ପଢ଼ା ମୁହଁରେ ନିଆଁ । ଦେଖତ, ଏଣେ କହୁଛି ଜଗତ୍ ମିଥ୍ୟା !—ପୁଣି ବିଷ୍ଣୁଘରେ ନାକଟେକା ଧ୍ୟାନ ।''

ସଂଧ୍ୟା ହେଲା । ବଳରାମାଦି ଭକ୍ତମାନେ କଲିକତାକୁ ଫେରିଯାଇଛନ୍ତି । ଘରେ ଠାକୁର ମା'ଙ୍କର ଚିନ୍ତା କରୁଛନ୍ତି । କିଛିକ୍ଷଣ ପରେ ଠାକୁର ମନ୍ଦିରରେ ଆଳତିର ସୁମଧୁର ଶବ୍ଦ ଶୁଣାଗଲା ।

ରାତ୍ରି ପାୟ ୮ଟା ହେବ । ଠାକୁର ଭାବରେ ସୁମଧୁର ସ୍ୱରରେ ସୁର କରି ମା'ଙ୍କ ସହିତ କଥା କହୁଛନ୍ତି । ମଣି ତଳେ ବସିଛନ୍ତି ।

## ଠାକୁର ଶ୍ରୀରାମକୃଷ୍ଣ ଓ ବେଦାନ୍ତ

ଠାକୁର ମଧୁର ନାମ ଉଚ୍ଚାରଣ କରୁଛନ୍ତି—ହରି ଓଁ ! ହରି ଓଁ ! ହରି ଓଁ ! ମା'ଙ୍କୁ କହୁଛନ୍ତି—''ହେ ମା' ! ବ୍ରହ୍ମଜ୍ଞାନ ଦେଇ ବେହୋସ କରି ରଖ ନାହିଁ ! ବ୍ରହ୍ମଜ୍ଞାନ ଚାହେଁ ନାହିଁ ମା' ! ମୁଁ ଆନନ୍ଦ କରିବି ! ବିଳାସ କରିବି !

ପୁଣି କହୁଛନ୍ତି,—''ବେଦାନ୍ତ ଜାଣେ ନାହିଁ ମା' ! ଜାଣିବାକୁ ଚାହେଁ ନାହିଁ ମା' !—ମା' ତୁମକୁ ପାଇଲେ ବେଦ-ବେଦାନ୍ତ ଅନେକ ତଳେ ପଡ଼ି ରହେ !

''କୃଷ୍ଣରେ ! ତୋତେ କହିବି, ଖା ରେ—ନେ ରେ—ବାପ ! କୃଷ୍ଣରେ ! କହିବି, ତୁ ମୋ ପାଇଁ ଦେହ ଧାରଣ କରି ଆସିଛୁ ବାପ ।''

# ଷୋଡ଼ଶ ପରିଚ୍ଛେଦ

## (୧)

### ଦକ୍ଷିଣେଶ୍ୱରରେ ଭକ୍ତଙ୍କ ସଙ୍ଗରେ—ତାନ୍ତ୍ରିକ ଭକ୍ତ ପ୍ରଭୃତି

ଆଜି ପୌଷ ଶୁକ୍ଳ ଚତୁର୍ଥୀ, ୨ ଜାନୁୟାରୀ ୧୮୮୪ ।

ଶ୍ରୀରାମକୃଷ୍ଣ ଭକ୍ତମାନଙ୍କ ସଙ୍ଗରେ ଦକ୍ଷିଣେଶ୍ୱର କାଳୀମନ୍ଦିରରେ ବାସ କରୁଛନ୍ତି । ଆଜିକାଲି ରାଖାଲ୍, ଲାଟୁ, ହରୀଶ୍, ରାମଲାଲ୍, ମାଷ୍ଟର ମଧ୍ୟ ଦକ୍ଷିଣେଶ୍ୱରରେ ଅଛନ୍ତି ।

ସମୟ ଅପରାହ୍ଣ ୩ଟା, ମଣି ବେଲତଳାଠାରୁ ଶ୍ରୀରାମକୃଷ୍ଣଙ୍କ ଦର୍ଶନ କରିବାକୁ ତାଙ୍କର ଘର ଅଭିମୁଖରେ ଆସୁଛନ୍ତି । ଶ୍ରୀରାମକୃଷ୍ଣ ଜଣେ ତାନ୍ତ୍ରିକ ଭକ୍ତ ସଙ୍ଗରେ ପଶ୍ଚିମ ଦିଗର ଗୋଲ ବାରଣ୍ଡାରେ ଉପବିଷ୍ଟ ଅଛନ୍ତି ।

ମଣି ଆସି ଠାକୁରଙ୍କୁ ଭୂମିଷ୍ଠ ପ୍ରଣାମ କଲେ । ଠାକୁର ତାଙ୍କୁ ପାଖରେ ବସିବାକୁ କହିଲେ । ବୋଧହୁଏ ତାନ୍ତ୍ରିକ ଭକ୍ତଙ୍କ ସହିତ କଥା କହୁ କହୁ ତାଙ୍କୁ ମଧ୍ୟ ଉପଦେଶ ଦେବେ । ଶ୍ରୀଯୁକ୍ତ ମହିମ ଚକ୍ରବର୍ତ୍ତୀ ତାନ୍ତ୍ରିକ ଭକ୍ତଟିକୁ ଠାକୁରଙ୍କ ଦର୍ଶନ କରିବାକୁ ପଠାଇଦେଇଛନ୍ତି । ଭକ୍ତଟି ଗେରୁଆ ବସ୍ତ୍ର ପିନ୍ଧିଛନ୍ତି ।

ଶ୍ରୀରାମକୃଷ୍ଣ(ତାନ୍ତ୍ରିକ ଭକ୍ତଙ୍କ ପ୍ରତି)—ଏସବୁ ତାନ୍ତ୍ରିକ ସାଧନାର ଅଙ୍ଗ, କପାଳି ପାତ୍ରରେ ସୁଧାପାନ କରିବା; ଏହି ସୁଧାକୁ କାରଣ-ବାରି କହନ୍ତି, ନୁହେଁ ?

ତାନ୍ତ୍ରିକ—ଆଜ୍ଞା ହଁ ।

ଶ୍ରୀରାମକୃଷ୍ଣ—ଏଗାରଟି ପାତ୍ର, ନା ?

ତାନ୍ତ୍ରିକ—ତିନିତୋଳା ପ୍ରମାଣ । ଶବସାଧନା ପାଇଁ ।

ଶ୍ରୀରାମକୃଷ୍ଣ—ମୋର ସୁରା ଛୁଇଁବାର ଶକ୍ତି ନାହିଁ ।

ତାନ୍ତ୍ରିକ—ଆପଣଙ୍କର ସହଜାନନ୍ଦ; ସେ ଆନନ୍ଦ ହେଲେ ଆଉ କିଛି ଦରକାର ନାହିଁ ।

ଶ୍ରୀରାମକୃଷ୍ଣ—ଦେଖ, ମୋତେ ଜପ, ତପ ମଧ୍ୟ ଭଲ ଲାଗେ ନାହିଁ । ତେବେ ସର୍ବଦା **ସ୍ମରଣ ମନନ** ଅଛି । ଆଚ୍ଛା ଷଡ଼ଚକ୍ର, ସେଇଟା କଅଣ ?

ତାନ୍ତ୍ରିକ—ଆଜ୍ଞା, ସେସବୁ ନାନା ତୀର୍ଥ ପରି ! ଗୋଟିଏ ଗୋଟିଏ ଚକ୍ରରେ ଶିବଶକ୍ତିଃ; ଚକ୍ଷୁରେ ଦେଖାଯାଏ ନାହିଁ, କାଟିଲେ ବାହାରେ ନାହିଁ । ପଦ୍ମର ମୃଣାଳ ଶିବଲିଙ୍ଗ; ପଦ୍ମ କର୍ଣ୍ଣିକାରେ ଆଦ୍ୟାଶକ୍ତି ଯୋନି ରୂପରେ ।

ମଣି ନିଃଶବ୍ଦରେ ସମସ୍ତ ଶୁଣୁଛନ୍ତି । ତାଙ୍କ ଆଡ଼କୁ ଅନାଇଁ ଶ୍ରୀରାମକୃଷ୍ଣ ତାନ୍ତ୍ରିକ ଭକ୍ତଙ୍କୁ କଅଣ ପ୍ରଶ୍ନ କରୁଛନ୍ତି ?

ଶ୍ରୀରାମକୃଷ୍ଣ(ତାନ୍ତ୍ରିକଙ୍କ ପ୍ରତି)—ଆଚ୍ଛା, ବୀଜମନ୍ତ୍ର ନ ପାଇଲେ କଅଣ ସିଦ୍ଧ ହୁଅନ୍ତି ?

ତାନ୍ତ୍ରିକ—ହୁଅନ୍ତି, ବିଶ୍ୱାସରେ । **ଗୁରୁବାକ୍ୟରେ ବିଶ୍ୱାସ ।**

ଶ୍ରୀରାମକୃଷ୍ଣ—(ମଣିଙ୍କ ଆଡ଼କୁ ଚାହିଁ ଓ ତାଙ୍କୁ ଇଙ୍ଗିତ କରି) । **ବିଶ୍ୱାସ ।**

ତାନ୍ତ୍ରିକ ଭକ୍ତ ଚାଲିଯିବା ପରେ ବ୍ରାହ୍ମସମାଜଭୁକ୍ତ ଶ୍ରୀଯୁକ୍ତ ଜୟଗୋପାଳ ସେନ୍ ଆସିଛନ୍ତି । ଶ୍ରୀରାମକୃଷ୍ଣ ତାଙ୍କ ସହିତ କଥା କହୁଛନ୍ତି । ରାଖାଲ, ମଣି ପ୍ରଭୃତି ଭକ୍ତମାନେ ପାଖରେ ଅଛନ୍ତି । ଅପରାହ୍ନ ।

ଶ୍ରୀରାମକୃଷ୍ଣ—(ଜୟଗୋପାଳଙ୍କ ପ୍ରତି) । କାହାକୁ, କୌଣସି ମତକୁ ବିଦ୍ୱେଷ କରିବା ଠିକ୍ ନୁହେଁ । ନିରାକାର-ବାଦୀ, ସାକାର-ବାଦୀ, ସମସ୍ତେ ତାଙ୍କ ଆଡ଼କୁ ଯାଉଛନ୍ତି; ଜ୍ଞାନୀ, ଯୋଗୀ, ଭକ୍ତ ସମସ୍ତେ ତାଙ୍କୁ ଖୋଜୁଛନ୍ତି, ଜ୍ଞାନପଥର ଲୋକ ତାଙ୍କୁ କହନ୍ତି **ବ୍ରହ୍ମ**, ଯୋଗୀମାନେ କହନ୍ତି **ଆତ୍ମା, ପରମାତ୍ମା** । ଭକ୍ତମାନେ କହନ୍ତି **ଭଗବାନ**; ପୁଣି ଅଛି ଯେ, **ନିତ୍ୟ ଠାକୁର, ନିତ୍ୟ ଦାସ** ।

ଜୟଗୋପାଳ—ସବୁ ପଥ ହିଁ ସତ୍ୟ, କିପରି ଜାଣିବି ?

ଶ୍ରୀରାମକୃଷ୍ଣ—ଗୋଟିଏ ପଥ ଦେଇ ଠିକ୍ ଯାଇ ପାରିଲେ ତାଙ୍କ ପାଖରେ ପହଞ୍ଚାଯାଏ । ସେତେବେଳେ ସବୁ ପଥ'ର ଖବର ଜଣାଯାଏ । ଯେପରି ଥରେ କୌଣସି ଉପାୟରେ ଛାତକୁ ଉଠି ପାରିଲେ, କାଠର ସିଡ଼ି ଦେଇ ଓହ୍ଲାଯାଏ, ପକ୍କା ସିଡ଼ି ଦେଇ ଓହ୍ଲାଯାଏ, ଗୋଟାଏ ବାଉଁଶ ଦେଇ ମଧ୍ୟ ଓହ୍ଲାଯାଏ; ଗୋଟାଏ ଦୌଡ଼ି ଦେଇ ମଧ୍ୟ ଓହ୍ଲାଯାଏ ।

"ତାଙ୍କର କୃପା ହେଲେ, ଭକ୍ତ ସବୁ ଜାଣିପାରେ । ତାଙ୍କୁ ଥରେ ଲାଭ କରିଲେ ସବୁ ଜାଣି ପାରିବ । ଥରେ କୌଣସି ପ୍ରକାରରେ ବଡ଼ ବାବୁଙ୍କ ସଙ୍ଗରେ ଦେଖା କରିବାକୁ ହୁଏ, ଆଳାପ କରିବାକୁ ହୁଏ । ସେତେବେଳେ ନିଜେ ବାବୁ କହିଦେବେ ତାଙ୍କର କେତୋଟି ଉଦ୍ୟାନ, ପୋଖରୀ, କମ୍ପାନୀର କାଗଜ ।"

### ଈଶ୍ୱର ଦର୍ଶନର ଉପାୟ

ଜୟଗୋପାଳ—କିପରି ତାଙ୍କର କୃପା ହୁଏ ?

ଶ୍ରୀରାମକୃଷ୍ଣ—ତାଙ୍କର ନାମ ଗୁଣ କୀର୍ତ୍ତନ ସର୍ବଦା କରିବାକୁ ହୁଏ । ବିଷୟଚିନ୍ତା ଯେତେପାର ତ୍ୟାଗ କରିବାକୁ ହୁଏ । ତୁମେ ଚାଷ କରିବା ପାଇଁ କ୍ଷେତକୁ ଅନେକ କଷ୍ଟରେ ଜଳ ଆଣୁଛ, କିନ୍ତୁ ଗଳିଆ ଦେଇ ସବୁ ବାହାରି ଯାଉଛି । ନାଳ କାଟି ଜଳ ଆଣିବା ପରିଶ୍ରମ ବୃଥା ହେଲା ।

"ଚିତ୍ତଶୁଦ୍ଧି ହେଲେ, ବିଷୟାସକ୍ତି ଚାଲିଗଲେ, ବ୍ୟାକୁଳତା ଆସିବ, ତୁମର ପ୍ରାର୍ଥନା ଈଶ୍ୱରଙ୍କ ପାଖରେ ପହଞ୍ଚିବ । ଟେଲିଗ୍ରାଫ୍ ତାରରେ ଅନ୍ୟ ଜିନିଷ ଲାଗିରହିଲେ ବା ରନ୍ଧ୍ର ରହିଲେ ତାରର ଖବର ପହଞ୍ଚିବ ନାହିଁ ।

"ମୁଁ ବ୍ୟାକୁଳ ହୋଇ ଏକା ଏକା କାନ୍ଦୁଥିଲି କେଉଁଠାରେ ନାରାୟଣ ଏହା କହି କାନ୍ଦୁଥିଲି । କାନ୍ଦୁ କାନ୍ଦୁ ଅଜ୍ଞାନ ହୋଇଯାଉଥିଲି **ମହାବାୟୁରେ ଲୀନ !**

''ଯୋଗ କିପରି ହୁଏ ? ଟେଲିଗ୍ରାଫ ତାରରେ ଅନ୍ୟ ଜିନିଷ ବା ରନ୍ଧ୍ର ନ ଥିଲେ ହୁଏ । ଏକାବେଳକେ ବିଷୟାସକ୍ତି ତ୍ୟାଗ ।

''କୌଣସି କାମନା ବାସନା ରଖିବା ଠିକ୍ ନୁହେଁ । କାମନା ବାସନା ରହିଲେ ସକାମ ଭକ୍ତି କହନ୍ତି । ନିଷ୍କାମ ଭକ୍ତିକୁ କହନ୍ତି ଅହେତୁକୀ ଭକ୍ତି । ତୁମେ ଭଲ ପାଅ ବା ନ ପାଅ, ତଥାପି ତୁମକୁ ଭଲ ପାଏ । ଏହାର ନାମ ଅହେତୁକୀ ।

''କଥାଟା ଏହି ଯେ, ତାଙ୍କୁ ଭଲ ପାଇବା । ଖୁବ୍ ଶ୍ରଦ୍ଧା ହେଲେ ଦର୍ଶନ ହୁଏ । ସତୀର ପତି ଉପରେ ଟାଣ, ମାଆର ସନ୍ତାନ ଉପରେ ଟାଣ, ବିଷୟୀର ବିଷୟ ଉପରେ ଟାଣ । ଏହି ତିନି ଟାଣ ଯଦି ଏକତ୍ର ହୁଏ ତାହା ହେଲେ ଈଶ୍ୱର ଦର୍ଶନ ହୁଏ । ଜୟଗୋପାଳ ବିଷୟୀ ଲୋକ; ତେଣୁ ଶ୍ରୀରାମକୃଷ୍ଣ କଅଣ ତାଙ୍କ ଉପଯୋଗୀ ଏସବୁ ଉପଦେଶ ଦେଉଛନ୍ତି ?''

### ଜ୍ଞାନ ପଥ ଓ ବିଚାର ପଥ । ଭକ୍ତିଯୋଗ ଓ ବ୍ରହ୍ମଜ୍ଞାନ

ଠାକୁର ଶ୍ରୀରାମକୃଷ୍ଣ ଘରେ ବସିଛନ୍ତି । ରାତ୍ର ପ୍ରାୟ ୮ଟା ହେବ । ଆଜି ପୌଷ ଶୁକ୍ଳ ପଞ୍ଚମୀ, ବୁଧବାର ୨ ତାରିଖ ଜାନୁୟାରୀ ୧୮୮୪ ଖ୍ରୀଷ୍ଟାବ୍ଦ । ଘରେ ରାଖାଲ ଓ ମଣି ଅଛନ୍ତି । ମଣିଙ୍କର ଆଜି ପ୍ରଭୁଙ୍କ ସଙ୍ଗରେ ଏକ ବିଂଶତି ଦିବସ ।

ଠାକୁର ମଣିଙ୍କୁ ବିଚାର କରିବାକୁ ବାରଣ କରିଛନ୍ତି ।

ଶ୍ରୀରାମକୃଷ୍ଣ(ରାଖାଲଙ୍କ ପ୍ରତି)—ବେଶୀ ବିଚାର କରିବା ଭଲ ନୁହେଁ । ଆଗେ ଈଶ୍ୱର ତା'ପରେ ଜଗତ୍; ତାଙ୍କୁ ଲାଭ କଲେ ତାଙ୍କ ଜଗତର ବିଷୟ ମଧ୍ୟ ଜଣାଯାଏ ।

(ମଣି ଓ ରାଖାଲଙ୍କ ପ୍ରତି)—''ଯଦୁ ମଲ୍ଲିକଙ୍କ ସଙ୍ଗରେ ଆଳାପ କଲେ ତାଙ୍କର ଘର, ବଗିଚା, କମ୍ପାନୀର କାଗଜ ସବୁ ଜଣାଯାଏ ।

''ତେଣୁ ତ ଋଷିମାନେ ବାଲ୍ମୀକିଙ୍କୁ 'ମରା' 'ମରା' ଜପ କରିବାକୁ କହିଲେ । ଏହାର ଗୋଟିଏ ଅର୍ଥ ଅଛି; 'ମ' ମାନେ ଈଶ୍ୱର, 'ରା' ମାନେ ଜଗତ୍, ଆଗେ ଈଶ୍ୱର, ତା'ପରେ ଜଗତ୍ ।

### କୃଷ୍ଣକିଶୋରଙ୍କ ସହିତ 'ମରା' ମନ୍ତ୍ର କଥା ।

''କୃଷ୍ଣକିଶୋର କହିଲେ, ଋଷି ଦେଇଥିବାରୁ 'ମରା' 'ମରା' ହେଉଛି ଶୁଦ୍ଧ ମନ୍ତ୍ର,—'ମ' ମାନେ ଈଶ୍ୱର, 'ରା' ମାନେ ଜଗତ୍ ।

''ତେଣୁ ପ୍ରଥମେ ବାଲ୍ମୀକିଙ୍କ ପରି ସବୁ ତ୍ୟାଗ କରି ନିର୍ଜନରେ ଗୋପନରେ ବ୍ୟାକୁଳ ହୋଇ କାନ୍ଦି କାନ୍ଦି ଡାକିବାକୁ ହୁଏ । ପ୍ରଥମେ ଦରକାର ଈଶ୍ୱର ଦର୍ଶନ । ତା'ପରେ ବିଚାର-ଶାସ୍ତ୍ର; ଜଗତ୍ ।

### ଠାକୁରଙ୍କର ରାସ୍ତାରେ କ୍ରନ୍ଦନ—

### 'ମା' ବିଚାର ବୁଦ୍ଧିରେ ବଜ୍ରାଘାତ ଦିଅ'—୧୮୬୮

ଶ୍ରୀରାମକୃଷ୍ଣ(ମଣିଙ୍କ ପ୍ରତି)—''ତେଣୁ ତୁମକୁ କହୁଛି, ଆଉ ବିଚାର କର ନାହିଁ। ମୁଁ ଏହି କଥା କହିବାକୁ ଝାଉଁତଳରୁ ଯାଉଥିଲି। ବେଶି ବିଚାର କଲେ ନିଜର ହାନି ହୁଏ—ଶେଷରେ ହାଜରା ପରି ହୋଇଯିବ। ମୁଁ ରାତିରେ ଏକା ରାସ୍ତାରେ କାନ୍ଦି କାନ୍ଦି ବୁଲୁଥିଲି ଆଉ କହୁଥିଲି—**ମା' ବିଚାର ବୁଦ୍ଧିରେ ବଜ୍ରାଘାତ ଦିଅ।**

''କହ ଆଉ (ବିଚାର) କରିବ ନାହିଁ ?''

ମଣି—ଆଜ୍ଞା, ନା।

ଶ୍ରୀରାମକୃଷ୍ଣ-**ଭକ୍ତିରେ ହିଁ ସବୁ ମିଳେ**। ଯେଉଁମାନେ ବ୍ରହ୍ମଜ୍ଞାନ ଚାହାଁନ୍ତି, ଯଦି ଭକ୍ତିର ରାସ୍ତା ଧରି ରହନ୍ତି, ସେମାନେ ବ୍ରହ୍ମଜ୍ଞାନ ମଧ୍ୟ ପାଇବେ।

''ତାଙ୍କର ଦୟା ହେଲେ କଅଣ ଜ୍ଞାନର ଅଭାବ ରହେ ? ସେ ଦେଶରେ ଧାନ ମାପନ୍ତି, ଯହୁଁ ଧାନ ଶେଷ ହୁଏ ଜଣେ ଧାନ ଠେଲି ଦିଏ। ମା' ଜ୍ଞାନରାଶି ଠେଲି ଦିଅନ୍ତି।

### ପଦ୍ମଲୋଚନଙ୍କର ଠାକୁରଙ୍କ ପ୍ରତି ଭକ୍ତି।

### ପଞ୍ଚବଟୀରେ ସାଧନ କାଳରେ ପ୍ରାର୍ଥନା

''ତାଙ୍କୁ ଲାଭ କଲେ ପଣ୍ଡିତମାନଙ୍କୁ ନଗଣ୍ୟ ବୋଧ ହୁଏ। ପଦ୍ମଲୋଚନ କହିଥିଲେ, ତୁମ ସଙ୍ଗରେ କୈବର୍ତ୍ତ ସଭାକୁ ଯିବି, ଆଉ ବେଶୀ କଥା କଅଣ ? ତୁମ ସଙ୍ଗରେ ହାଡ଼ି ଘରକୁ ଯାଇ ଖାଇପାରେ।

''ଭକ୍ତି ଦ୍ୱାରା ହିଁ ସବୁ ମିଳେ। ତାଙ୍କୁ ଭଲ ପାଇପାରିଲେ ଆଉ କୌଣସି ଜିନିଷର ଅଭାବ ରହେ ନାହିଁ। ଭଗବତୀଙ୍କ ପାଖରେ କାର୍ତ୍ତିକ ଓ ଗଣେଶ ବସିଥିଲେ। ତାଙ୍କ ଗଳାରେ ମଣିମୟ ରତ୍ନମାଳା। ମା' କହିଲେ, ଯେ ବ୍ରହ୍ମାଣ୍ଡ ଆଗ ପ୍ରଦକ୍ଷିଣ କରି ଆସି ପାରିବ, ତାଙ୍କୁ ଏହି ମାଳା ଦେବି। କାର୍ତ୍ତିକ ତତ୍କ୍ଷଣାତ୍ କାଳବିଳମ୍ବ ନକରି ମୟୂର ପୃଷ୍ଠରେ ବସି ବାହାରିଗଲେ। ଗଣେଶ ଆସ୍ତେ ଆସ୍ତେ ମାଆଙ୍କୁ ପ୍ରଦକ୍ଷିଣ କରି ପ୍ରଣାମ କଲେ। ଗଣେଶ ଜାଣନ୍ତି, ମାଆଙ୍କ ଭିତରେ ହିଁ ବ୍ରହ୍ମାଣ୍ଡ ! ମା' ପ୍ରସନ୍ନା ହୋଇ ଗଣେଶଙ୍କ ଗଳାରେ ହାର ଲମ୍ବାଇ ଦେଲେ। ଅନେକକ୍ଷଣ ପରେ କାର୍ତ୍ତିକ ଆସି ଦେଖନ୍ତି ଯେ, ଭାଇ ହାର ପିନ୍ଧି ବସିଛି।

''ମାଆଙ୍କୁ କାନ୍ଦି କାନ୍ଦି ମୁଁ କହିଥିଲି, 'ମା' ବେଦ ବେଦାନ୍ତରେ କଅଣ ଅଛି ମୋତେ ଜଣାଇ ଦିଅ। ସେ ଗୋଟିଏ ଗୋଟିଏ କରି ମୋତେ ସବୁ ଜଣାଇ ଦେଇଛନ୍ତି।

''ସେ ମୋତେ ସବୁ ଜଣାଇ ଦେଇଛନ୍ତି କେତେ ସବୁ ଦେଖାଇ ଦେଇଛନ୍ତି।

**ସାଧନକାଳରେ ଠାକୁରଙ୍କ ଦର୍ଶନ । ଶିବଶକ୍ତି,**
**ନୃମୁଣ୍ଡସ୍ତୁପ, ଗୁରୁ କର୍ଣ୍ଣଧାର, ସଚ୍ଚିଦାନନ୍ଦ ସାଗର ।**

''ଦିନେ ଦେଖାଇଲେ ଚତୁର୍ଦ୍ଦିଗରେ ଶିବ ଆଉ ଶକ୍ତି । ଶିବ ଶକ୍ତିର ରମଣ । ମନୁଷ୍ୟ, ଜୀବଜନ୍ତୁ, ତରୁଲତା ସମସ୍ତଙ୍କ ଭିତରେ ହିଁ ସେହି ଶିବ ଆଉ ଶକ୍ତି ! ପୁରୁଷ ଆଉ ପ୍ରକୃତି ଏମାନଙ୍କର ରମଣ ।

''ଆଉ ଦିନେ ଦେଖାଇଲେ ନୃମୁଣ୍ଡସ୍ତୁପାକାର ! ପର୍ବତାକାର ! ଆଉ କିଛି ହିଁ ନାହିଁ । ମୁଁ ତାହା ମଧ୍ୟ ଏକା ବସିଛି ।

''ଆଉ ଥରେ ଦେଖାଇଲେ ମହାସମୁଦ୍ର ! ମୁଁ ଲବଣ ପୁତ୍ତଳିକା ହୋଇ ମାପିବାକୁ ଯାଉଛି । ମାପିବାକୁ ଯାଇ ଗୁରୁଙ୍କ କୃପାରେ ପଥର ହୋଇଗଲି !—ଗୋଟିଏ ଜାହାଜ ଦେଖି, ସଙ୍ଗେ ସଙ୍ଗେ ଉଠିପଡ଼ିଲି !—ଗୁରୁ କର୍ଣ୍ଣଧାର । ସଚ୍ଚିଦାନନ୍ଦ ଗୁରୁଙ୍କୁ ପ୍ରତିଦିନ ସକାଳେ ଡାକ ?''

ମଣି—ଆଜ୍ଞା, ହଁ ।

ଶ୍ରୀରାମକୃଷ୍ଣ—**ଗୁରୁ କର୍ଣ୍ଣଧାର** ! ସେତେବେଳେ ଦେଖିଲି, ମୁଁ ଗୋଟିଏ, ତୁମେ ଗୋଟିଏ । ପୁଣି ଡେଇଁ ପଡ଼ି ମୀନ ହେଲି । ସଚ୍ଚିଦାନନନ୍ଦ ସାଗରରେ ଆନନ୍ଦରେ ବୁଲୁଛି ଦେଖିଲି ।

''ଏସବୁ ଅତି ଗୁହ୍ୟ କଥା ! ବିଚାର କରି କଅଣ ବୁଝିବ ? ସେ ଯେତେବେଳେ ଦେଖାଇ ଦିଅନ୍ତି, ସେତେବେଳେ ସବୁ ମିଳିଯାଏ, କୌଣସିଥିରେ ଅଭାବ ରହେ ନାହିଁ ।''

## (୩)

ପରଦିନ ଶୁକ୍ରବାର ୪ ଜାନୁୟାରୀ ୧୮୮୪ ଖ୍ରୀଷ୍ଟାବ୍ଦ, ସମୟ ଅପରାହ୍ଣ ୪ଟା । ଶ୍ରୀରାମକୃଷ୍ଣ ପଞ୍ଚବଟୀରେ ବସିଛନ୍ତି । ସହାସ୍ୟ ବଦନ । ସଙ୍ଗରେ ମଣି, ହରିପଦ ପ୍ରଭୃତି ଆନନ୍ଦ ଚାଟାର୍ଜିଙ୍କର କଥା ହରିପଦଙ୍କ ସହିତ ହେଉଅଛି ଓ ଘୋଷପଡ଼ାର ସାଧନ ଭଜନର କଥା ।

ଶ୍ରୀରାମକୃଷ୍ଣ କ୍ରମେ ନିଜ ଘରେ ଆସି ବସିଛନ୍ତି । ମଣି ହରିପଦ ରାଖାଲାଦି, ଭକ୍ତଗଣ ମଧ୍ୟ ରହନ୍ତି । ମଣି ବେଲତଳାରେ ଅନେକ ସମୟ ରହନ୍ତି ।

ଶ୍ରୀରାମକୃଷ୍ଣ(ମଣିଙ୍କ ପ୍ରତି)—**ବିଚାର ଆଉ କର ନାହିଁ** । ସେଥିରେ ଶେଷରେ ହାନି ହୁଏ । ତାଙ୍କୁ ଡାକିବା ସମୟରେ ଗୋଟିଏ ଭାବ ଆଶ୍ରୟ କରିବାକୁ ହୁଏ । ସଖୀଭାବ, ଦାସୀଭାବ, ସନ୍ତାନଭାବ ବା ବୀରଭାବ ।

''ମୋର ସନ୍ତାନଭାବ । ଏ ଭାବ ଦେଖିଲେ ମାୟାଦେବୀ ପଥ ଛାଡ଼ି ଦିଅନ୍ତି—ଲଜ୍ଜାରେ ।

''ବୀରଭାବ ବଡ଼ କଠିନ । ଶାକ୍ତ ଓ ବୈଷ୍ଣବ ବାଉଲମାନଙ୍କର ଅଛି । ଏ ଭାବରେ ରହିବା ବଡ଼ ଶକ୍ତ । ପୁଣି ଅଛି—ଶାନ୍ତ, ଦାସ୍ୟ, ସଖ୍ୟ, ବାତ୍ସଲ୍ୟ ଓ ମଧୁରଭାବ । ମଧୁର ଭାବରେ ସବୁ ଅଛି—ଶାନ୍ତ, ଦାସ୍ୟ, ସଖ୍ୟ ଓ ବାତ୍ସଲ୍ୟ ।

ମଣିଙ୍କ ପ୍ରତି—''ତୁମକୁ କେଉଁଟା ଭଲ ଲାଗେ ?''

ମଣି—ସବୁ ଭାବ ଭଲ ଲାଗେ ।

ଶ୍ରୀରାମକୃଷ୍ଣ—ସବୁ ଭାବ ସିଦ୍ଧ ଅବସ୍ଥାରେ ଭଲ ଲାଗେ । ସେ ଅବସ୍ଥାରେ କାମ ଗନ୍ଧ ରହିବ ନାହିଁ । ବୈଷ୍ଣବ ଶାସ୍ତ୍ରରେ ଅଛି ଚଣ୍ଡୀଦାସ ଓ ଧୋବଣୀର କଥା—ସେମାନଙ୍କର ଶ୍ରଦ୍ଧା କାମ ଗନ୍ଧ ବିବର୍ଜିତ ।

''ଏ ଅବସ୍ଥାରେ ପ୍ରକୃତିଭାବ । ଆପଣାକୁ ପୁରୁଷ ବୋଲି ବୋଧ ରହେ ନାହିଁ । ସନାତନ ଗୋସ୍ୱାମୀ ମୀରାବାଈ ସ୍ତ୍ରୀଲୋକ ବୋଲି ତାଙ୍କ ସହିତ ଦେଖା କରିବାକୁ ଚାହିଁ ନ ଥିଲେ । ମୀରାବାଈ କହି ପଠାଇଲେ ଶ୍ରୀକୃଷ୍ଣ ହିଁ ଏକମାତ୍ର ପୁରୁଷ; ବୃନ୍ଦାବନରେ ସମସ୍ତେ ସେହି ପୁରୁଷଙ୍କର ଦାସୀ; ଗୋସ୍ୱାମୀଙ୍କର ପୁରୁଷ ଅଭିମାନ କରିବା କଅଣ ଠିକ୍ ହୋଇଛି ?''

ସନ୍ଧ୍ୟା ପରେ ମଣି ପୁଣି ଶ୍ରୀରାମକୃଷ୍ଣଙ୍କର ପାଦମୂଳରେ ବସିଛନ୍ତି । ସମ୍ବାଦ ଆସିଛି ଯେ ଶ୍ରୀଯୁକ୍ତ କେଶବ ସେନ୍‌ଙ୍କର ରୋଗ ବଢ଼ିଛି । ତାଙ୍କରି କଥା ପ୍ରସଙ୍ଗରେ ବ୍ରାହ୍ମ ସମାଜର କଥା ହେଉଛି ।

ଶ୍ରୀରାମକୃଷ୍ଣ(ମଣିଙ୍କ ପ୍ରତି)—ହଇ ହେ, ସେମାନଙ୍କର ସେଠାରେ କଅଣ କେବଳ ଲେକ୍‌ଚର ଦେବା ? ନା ଧ୍ୟାନ ମଧ୍ୟ ଅଛି ? ସେମାନେ କହନ୍ତି ଉପାସନା ।

''କେଶବ ଆଗେ ଖ୍ରୀଷ୍ଟିଆନ୍ ଧର୍ମ, ଖ୍ରୀଷ୍ଟିଆନ୍ ମତ ଖୁବ୍ ଚିନ୍ତା କରିଥିଲେ । ସେହି ସମୟରେ ଓ ତାହା ଆଗରୁ ଦେବେନ୍ଦ୍ର ଠାକୁରଙ୍କ ନିକଟରେ ଥିଲେ ।''

ମଣି—କେଶବ ବାବୁ ପ୍ରଥମରୁ ଯଦି ଏଠାକୁ ଆସିଥାଆନ୍ତେ, ତାହାହେଲେ ସମାଜ ସଂସ୍କାର ନେଇ ବ୍ୟସ୍ତ ହୁଅନ୍ତେ ନାହିଁ । ଜାତିଭେଦ ଉଠାଇ ଦେବା, ବିଧବା ବିବାହ, ଅନ୍ୟ ଜାତିର ବିବାହ, ସ୍ତ୍ରୀଶିକ୍ଷା ଇତ୍ୟାଦି ସାମାଜିକ କର୍ମ ନେଇ ଏତେ ବ୍ୟସ୍ତ ହୋଇ ନ ଥାନ୍ତେ ।

ଶ୍ରୀରାମକୃଷ୍ଣ—କେଶବ ବର୍ତ୍ତମାନ କାଳୀ ମାନନ୍ତି—ଚିନ୍ମୟୀ କାଳୀ—ଆଦ୍ୟାଶକ୍ତି, ଆଉ ମା' ମା' ବୋଲି ତାଙ୍କର ନାମ ଗୁଣ କୀର୍ତ୍ତନ କରନ୍ତି ।

''ଆଚ୍ଛା, ବ୍ରାହ୍ମସମାଜ ସେହିପରି କଅଣ ଗୋଟାଏ ପରେ ଠିଆ ହେବ ?''

ମଣି—ଏ ଦେଶରେ ମାଟି ସେପରି ନୁହେଁ । ଠିକ୍ ଯାହା ତାହା ଥରେ ହେବ ହିଁ ହେବ ।

ଶ୍ରୀରାମକୃଷ୍ଣ—ହଁ, ସନାତନ ଧର୍ମ, ଋଷିମାନେ ଯାହା କହିଛନ୍ତି, ତାହା ହିଁ ରହିବ । ତେବେ ବ୍ରାହ୍ମସମାଜ ଓ ଏହିପରି ସମ୍ପ୍ରଦାୟ ମଧ୍ୟ ଟିକିଏ ରହିବ । ସବୁ ହିଁ ଈଶ୍ୱରଙ୍କ ଇଚ୍ଛାରେ ହେଉଛି ଯାଉଛି ।

ଉପରବେଳା କଲିକତାରୁ କେତେଜଣ ଭକ୍ତ ଆସିଛନ୍ତି । ସେମାନେ ଅନେକ ଗୀତ ଠାକୁରଙ୍କୁ ଶୁଣାଇଥିଲେ । ତନ୍ମଧ୍ୟରେ ଗୋଟିଏ ଗୀତରେ ଅଛି 'ମା' ତୁମେ ଆମମାନଙ୍କୁ ଲାଲ ଚୁଚୁମା ମୁଖରେ ଦେଇ ଭୁଲାଇ ରଖିଛ, ଆମ୍ଭେମାନେ ଚୁଚୁମା ଫିଙ୍ଗି ଯେତେବେଳେ ତୁମ ପାଇଁ ଚିତ୍କାର କରି କାନ୍ଦିବୁ ସେତେବେଳେ ତୁମେ ଆମମାନଙ୍କ ପାଖକୁ ନିଶ୍ଚୟ ଦୌଡ଼ି ଆସିବ ।'

ଶ୍ରୀରାମକୃଷ୍ଣ(ମଣିଙ୍କ ପ୍ରତି)—ସେମାନେ କେବଳ ଲାଲ ଚୁଚୁମାର ଗୀତ ଗାଇଲେ—

ମଣି—ଆଜ୍ଞା ଆପଣ କେଶବ ସେନ୍‌ଙ୍କୁ ଏହି ଲାଲ ଚୁଚୁମା କଥା କହିଥିଲେ ।

ଶ୍ରୀରାମକୃଷ୍ଣ—ହଁ; ଆଉ **ଚିଦାକାଶର କଥା**—ଆଉ ସବୁ ଅନେକ କଥା ହେଉଥିଲା । ନୃତ୍ୟ ଗୀତ ହେଉଥିଲା । ଖୁବ୍ ଆନନ୍ଦ ହେଉଥିଲା ।

## (୪)

### ସାଧନ କାଳରେ ବେଲତଳାରେ ଧ୍ୟାନ ୧୮୫୯-୬୧—କାମିନୀ କାଞ୍ଚନ ତ୍ୟାଗ

(ଶ୍ରୀରାମକୃଷ୍ଣଙ୍କର ଜନ୍ମଭୂମିକୁ ଗମନ—ରଘୁବୀରଙ୍କ ଜମି ରେଜେଷ୍ଟ୍ରି—୧୮୭୮-୮୦)

ଠାକୁରଙ୍କର ମଧ୍ୟାହ୍ନରେ ସେବା ହୋଇଛି । ସମୟ ପ୍ରାୟ ଗୋଟାଏ, ଶନିବାର, ୫ ଜାନୁୟାରୀ ୧୮୮୪ । ମଣିଙ୍କର ଆଜି ପ୍ରଭୁଙ୍କ ସାଙ୍ଗରେ ତ୍ରୟୋବିଂଶତି ଦିବସ ।

ମଣି ଆହାରାନ୍ତେ ନହବତରେ ଥିଲେ—ହଠାତ୍ ଶୁଣିଲେ, କିଏ ତାଙ୍କ ନାମ ଧରି ତିନି ଚାରିଥର ଡାକିଲେ । ବାହାରକୁ ଆସି ଦେଖିଲେ, ଠାକୁରଙ୍କ ଘରର ଉତ୍ତରର ଲମ୍ବା ବାରଣ୍ଡାରୁ ଠାକୁର ଶ୍ରୀରାମକୃଷ୍ଣ ତାଙ୍କୁ ଡାକୁଛନ୍ତି । ମଣି ଆସି ତାଙ୍କୁ ପ୍ରଣାମ କଲେ ।

ଦକ୍ଷିଣଦିଗ ବାରଣ୍ଡାରେ ମଣିଙ୍କ ସହିତ ବସି କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ—ତୁମେମାନେ କିପରି ଧ୍ୟାନ କର ? ମୁଁ ବେଲତଳାରେ ସ୍ପଷ୍ଟ ନାନାରୂପ ଦର୍ଶନ କରେ । ଦିନେ ଦେଖିଲି, ସମ୍ମୁଖରେ ଟଙ୍କା, ଶାଲ, ସରାଏ ସନ୍ଦେଶ, ଦୁଇଜଣ ସ୍ତ୍ରୀଲୋକ ! ମନକୁ ପ୍ରଶ୍ନ କଲି, 'ମନ ! ତୁ ଏସବୁ କିଛି ଚାହୁଁ ? ସନ୍ଦେଶ, ଦେଖିଲି ଯେପରି ବିଷ୍ଠା । ସ୍ତ୍ରୀଲୋକ ମଧ୍ୟରେ ଜଣଙ୍କର ଜାଲି ନୋଥ । ସେମାନଙ୍କର ଭିତର ବାହାର ସବୁ ଦେଖିଲି ନାଡ଼ୀ-ଭୁଡି, ମଳ-ମୂତ୍ର, ହାଡ଼-ମାଂସ, ରକ୍ତ ! ମନ କିଛି ହିଁ ଚାହିଁଲା ନାହିଁ ।'

''କେବଳ ତାଙ୍କ ପାଦ ପଦ୍ମରେ ମନ ରହିଲା । ନିକିତିର ତଳ କଣ୍ଟା ଆଉ ଉପର କଣ୍ଟା । ମନ ସେହି ତଳ କଣ୍ଟା । କାଳେ ଉପର କଣ୍ଟା (ଈଶ୍ୱର) ରୁ ମନ ବିମୁଖ ହୁଏ, ସର୍ବଦା ଆତଙ୍କ ! ପୁଣି ଜଣେ ହାତରେ ତ୍ରିଶୂଳ ଧରି ନିକଟରେ ସର୍ବଦା ବସିରହନ୍ତି; ଭୟ ଦେଖାଇଲେ, ତଳ କଣ୍ଟା ଉପର କଣ୍ଟାରୁ ତଫାତ୍ ହେଲେ ଏହି ତ୍ରିଶୂଳରେ ମାରିବି !

''**କିନ୍ତୁ କାମିନୀ-କାଞ୍ଚନ ତ୍ୟାଗ ନ ହେଲେ ହେବ ନାହିଁ ।** ମୁଁ ତିନି ତ୍ୟାଗ କରିଥିଲି — ଜମି, ସ୍ତ୍ରୀ, ଟଙ୍କା ।[୧] ''ରଘୁବୀରଙ୍କର ଜମି ସେ ଦେଶରେ ରେଜେଷ୍ଟ୍ରି କରିବାକୁ ଯାଇଥିଲି । ମୋତେ ସ୍ୱାକ୍ଷର କରିବାକୁ କହିଲେ, ମୁଁ ସ୍ୱାକ୍ଷର କଲି ନାହିଁ ।

''ମୋର ଜମି ବୋଲି ତ ବୋଧ ନ ଥିଲା । କେଶବ ସେନ୍‌ଙ୍କ ଗୁରୁ ବୋଲି ଖୁବ୍ ଆଦର କରିଥିଲେ । ଆମ୍ବ ଆଣି ଦେଲେ, ତାହା ଘରକୁ ନେଇଯିବାର ଶକ୍ତି ନାହିଁ । **ସନ୍ୟାସୀଙ୍କର ସଞ୍ଚୟ କରିବା ମନା ।**

''ତ୍ୟାଗ ନ କଲେ କିପରି ତାଙ୍କୁ ଲାଭ କରାଯିବ । ଯଦି ଗୋଟିଏ ଜିନିଷ ଉପରେ ଆଉ ଗୋଟିଏ ଜିନିଷ ଥାଏ, ତା' ହେଲେ ପ୍ରଥମ ଜିନିଷଟି ନ ଉଠାଇଲେ କିପରି ଅନ୍ୟ ଜିନିଷଟି ପାଇବ ?

''ନିଷ୍କାମ ହୋଇ ତାଙ୍କୁ ଡାକିବାକୁ ହୁଏ । ତେବେ ସକାମ ଭଜନ କରୁ କରୁ ନିଷ୍କାମ ହୁଏ । ଧ୍ରୁବ ରାଜ୍ୟ ପାଇଁ ତପସ୍ୟା କରିଥିଲେ, କିନ୍ତୁ ଭଗବାନଙ୍କୁ ପାଇଲେ । କହିଲେ, 'ଯଦି କାଚ ଗୋଟାଇବାକୁ ଆସି କାଞ୍ଚନ ପାଏ, ତାହା ଛାଡ଼ିବି କାହିଁକି ?

## ଦୟା, ଦାନାଦି ଓ ଠାକୁର ଶ୍ରୀରାମକୃଷ୍ଣ — ଚୈତନ୍ୟଦେବଙ୍କର ଦାନ

''ସତ୍ତ୍ୱ ଗୁଣ ହେଲେ ତେବେ ତାଙ୍କୁ ଲାଭ କରାଯାଏ । ଦାନାଦି କର୍ମ ସଂସାରୀ ଲୋକର ପ୍ରାୟ ସକାମ ହିଁ ହୁଏ; ସେ ଭଲ ନୁହେଁ । ତେବେ ନିଷ୍କାମ କଲେ ଭଲ । କିନ୍ତୁ ନିଷ୍କାମ କରିବା ବଡ଼ କଠିନ ।

''ସାକ୍ଷାତ୍କାର ହେଲେ ଈଶ୍ୱରଙ୍କ ନିକଟରେ କଅଣ ପ୍ରାର୍ଥନା କରିବ ଯେ, ମୁଁ କେତେଗୁଡ଼ିଏ ପୋଖରୀ, ରାସ୍ତା, ଘାଟ, ଡ଼ିସ୍‌ପେନ୍‌ସାରୀ, ହାସ୍‌ପାତାଳ ଏହିସବୁ କରିବି; ପ୍ରଭୁ ମୋତେ ବର ଦିଅ । ତାଙ୍କର ସାକ୍ଷାତ୍କାର ହେଲେ ଏସବୁ ବାସନା ଏକ ପାଖରେ ପଡ଼ି ରହେ ।

''ତେବେ ଦୟାର କାର୍ଯ୍ୟ, ଦାନାଦି କାର୍ଯ୍ୟ କଅଣ କିଛି କରିବ ନାହିଁ ?

---

୧. ଭିକ୍ଷୁଃ ସୌବର୍ଣ୍ଣାଦୀନାଂ ନୈବ ପରିଗ୍ରହେତ୍ । ଯସ୍ମାଦ୍‌ଭିକ୍ଷୁର୍ହିରଣ୍ୟଂ ରସେନ ଦୃଷ୍ଟଂଚ ସ ବ୍ରହ୍ମହା ଭବେତ୍ ଯସ୍ମାଦ୍ ଭିକ୍ଷୁର୍ହିରଣ୍ୟଂ ରସେନ ସ୍ପୃଷ୍ଟଂ ଚ ସ ପୌଲ୍‌କସୋ ଭବେତ୍ । ଯସ୍ମାଦ୍‌ଭିକ୍ଷୁର୍ହିରଣ୍ୟଂ ରସେନ ଗ୍ରାହ୍ୟଂ ଚ ସ ଆତ୍ମହା ଭବେତ୍ । ତସ୍ମାଦ୍‌ଭିକ୍ଷୁର୍ହିରଣ୍ୟ ରସେନ ନ ଦୃଷ୍ଟଞ୍ଚ ସ୍ପୃଷ୍ଟଞ୍ଚ ନ ଗ୍ରାହ୍ୟଞ୍ଚ । — ପରମହଂସୋପନିଷଦ୍

''ତାହା ନୁହେଁ । ସମ୍ମୁଖରେ ଦୁଃଖ କଷ୍ଟ ଦେଖିଲେ ଟଙ୍କା ଥିଲେ ଦେବା ଉଚିତ୍ । ଜ୍ଞାନୀ କହେ, 'ଦେ ରେ ଦେ ରେ ଆରେ କିଛି ଦେ ।' ତା'ନ ହେଲେ, 'ମୁଁ କଅଣ କରିପାରେ, ଈଶ୍ୱର ହିଁ କର୍ତ୍ତା ଆଉ ସବୁ ଅକର୍ତ୍ତା' ଏହିପରି ବୋଧ ହୁଏ ।

''ମହାପୁରୁଷମାନେ ଜୀବ ଦୁଃଖରେ କାତର ହୋଇ ଭଗବାନଙ୍କର ପଥ ଦେଖାଇ ଦିଅନ୍ତି । ଶଙ୍କରାଚାର୍ଯ୍ୟ ଜୀବ-ଶିକ୍ଷା ପାଇଁ ବିଦ୍ୟାର ମୁଁ ରଖିଥିଲେ ।

''ଅନ୍ନଦାନ ଅପେକ୍ଷା ଜ୍ଞାନଦାନ, ଭକ୍ତିଦାନ ଆହୁରି ବଡ଼ । ଚୈତନ୍ୟଦେବ ତେଣୁ ଆଚଣ୍ଡାଳରେ ଭକ୍ତି ବିତରଣ କରିଥିଲେ । ଦେହର ସୁଖ-ଦୁଃଖ ତ ଅଛି । ଏଠାକୁ ଆମ୍ବ ଖାଇବାକୁ ଆସିଛ, ଆମ୍ବ ଖାଇଯାଅ । ଜ୍ଞାନଭକ୍ତିର ପ୍ରୟୋଜନ । ଈଶ୍ୱର ହିଁ ବସ୍ତୁ ଆଉ ସବୁ ଅବସ୍ତୁ ।

### ସ୍ୱାଧୀନ ଇଚ୍ଛା (Free will) କଅଣ ଅଛି ?

### ଠାକୁରଙ୍କ ସିଦ୍ଧାନ୍ତ

''ସେ ସବୁ କରୁଛନ୍ତି, ଯଦି କହ ତା' ହେଲେ ଲୋକମାନେ ପାପ କରିପାରନ୍ତି ? ତାହା ନୁହେଁ ଯାହାର ଠିକ୍ ବୋଧ ହୋଇଛି 'ଈଶ୍ୱର ହିଁ କର୍ତ୍ତା ମୁଁ ଅକର୍ତ୍ତା' ତାହାର ଆଉ ବେତାଳରେ ପାଦ ପଡ଼େ ନାହିଁ ।

''Englishman ଯାହାକୁ ସ୍ୱାଧୀନ ଇଚ୍ଛା (Free will) କହନ୍ତି, ସେହି ସ୍ୱାଧୀନ ଇଚ୍ଛାବୋଧ ସେ ହିଁ କେବଳ ରଖିଦିଅନ୍ତି ।

''ଯେଉଁମାନେ ତାଙ୍କୁ ଲାଭ କରିନାହାନ୍ତି ସେମାନଙ୍କ ଭିତରେ ଏହି ସ୍ୱାଧୀନ ଇଚ୍ଛାବୋଧ ନ ହେଲେ ପାପର ବୃଦ୍ଧି ହୁଅନ୍ତା, ନିଜ ଦୋଷରେ ପାପ କରୁଛି, ଏ ବୋଧ ଯଦି ସେ ନ ଦିଅନ୍ତି, ତାହାହେଲେ ପାପର ଆହୁରି ବୃଦ୍ଧି ହୁଅନ୍ତା ।

''ଯେଉଁମାନେ ତାଙ୍କୁ ଲାଭ କରିଛନ୍ତି, ସେମାନେ ଜାଣନ୍ତି ବାହାରକୁ 'ସ୍ୱାଧୀନ ଇଚ୍ଛା'—ବସ୍ତୁତଃ ସେ ଯନ୍ତ୍ରୀ, ମୁଁ ଯନ୍ତ୍ର; ସେ ଇଞ୍ଜିନିୟର, ମୁଁ ଗାଡ଼ି ।''

## (୫)

### ଗୁରୁଦେବ ଶ୍ରୀରାମକୃଷ୍ଣ—ଭକ୍ତଙ୍କ ପାଇଁ କ୍ରନ୍ଦନ ଓ ପ୍ରାର୍ଥନା

ସମୟ ଅପରାହ୍ଣ ଚାରିଟା ବାଜଛି । ପଞ୍ଚବଟୀ ଘରେ ଶ୍ରୀଯୁକ୍ତ ରାଖାଲ ଓ ଆଉ ମଧ୍ୟ ଜଣେ ଦୁଇଜଣ ଭକ୍ତ ମଣିଙ୍କର କୀର୍ତ୍ତନ ଶୁଣୁଛନ୍ତି ।

ରାଖାଲ କୀର୍ତ୍ତନ ଶୁଣି ଭାବାବିଷ୍ଟ ହୋଇଛନ୍ତି । କିୟତ୍କ୍ଷଣ ପରେ ଠାକୁର ଶ୍ରୀରାମକୃଷ୍ଣ ପଞ୍ଚବଟୀକୁ ଆସିଛନ୍ତି । ତାଙ୍କ ସଙ୍ଗରେ ବାବୁରାମ, ହରୀଶ; କ୍ରମେ ରାଖାଲ ଓ ମଣି ।

ରାଖାଲ—ଏ ଆଜି କୀର୍ତ୍ତନ କରି ବହୁତ ଆନନ୍ଦ ଦେଇଛନ୍ତି—

ଠାକୁର ଶ୍ରୀରାମକୃଷ୍ଣ ଭାବାବିଷ୍ଟ ହୋଇ ଗୀତ ଗାଉଛନ୍ତି—

'ବଞ୍ଚିଲି ସଖି ଶୁଣି କୃଷ୍ଣ ନାମ'

(ମଣିଙ୍କ ପ୍ରତି) — ଏହିସବୁ ଗୀତ ଗାଇବ ।

ପୁଣି କହୁଛନ୍ତି ''ଏଇ ଆଉ କଅଣ ! — ଭକ୍ତି ଭକ୍ତ ନେଇ ରହିବା ।''

**ଶ୍ରୀରାଧା ଓ ଯଶୋଦା ସମ୍ବାଦ — ଠାକୁରଙ୍କ ଆପଣାର ଲୋକ**

''କୃଷ୍ଣ ମଥୁରାକୁ ଗଲାରୁ ଯଶୋଦା ଶ୍ରୀମତୀଙ୍କ ନିକଟକୁ ଆସିଥିଲେ । ଶ୍ରୀମତୀ ଧ୍ୟାନସ୍ଥ ଥିଲେ । ତାହା ପରେ ଯଶୋଦାଙ୍କୁ କହିଲେ, 'ମୁଁ ଆଦ୍ୟା ଶକ୍ତି, ମୋ ନିକଟରୁ କିଛି ବର ନିଅ ।' ଯଶୋଦା କହିଲେ, 'ବର ଆଉ କଅଣ ଦେବ ! ତେବେ ଏହା କୁହ ଯେପରି କାୟମନବାକ୍ୟରେ ତାଙ୍କରି ସେବା କରିପାରେ, ଯେପରି ଏହି ଚକ୍ଷୁରେ ତାଙ୍କ ଭକ୍ତଙ୍କର ଦର୍ଶନ ହୁଏ, ଏହି ମନରେ ତାଙ୍କର ଧ୍ୟାନ ଚିନ୍ତା ଯେପରି ହୁଏ । ଆଉ ବାକ୍ୟ ଦ୍ୱାରା ତାଙ୍କର ନାମଗୁଣଗାନ ଯେପରି ହୁଏ ।

''ତେବେ ଯାହାଙ୍କର ଖୁବ୍ ପକ୍‌କା ହୋଇଯାଇଛି, ତାଙ୍କର ଭକ୍ତ ନ ହେଲେ ମଧ୍ୟ ଚଳେ, — ବେଳେବେଳେ ଭକ୍ତ ଭଲ ଲାଗେ ନାହିଁ । ଶଙ୍ଖ ମଲମଲ କାମ ଉପରେ ଚୂନ କାମ ଫାଟିଯାଏ । ଅର୍ଥାତ୍ ଭଗବାନ ଯାହାଙ୍କର ଅନ୍ତରେ ଓ ବାହାରେ ତାଙ୍କର ଏହିପରି ଅବସ୍ଥା ।

ଠାକୁର ଝାଉଁତଳରୁ ଫେରି ଆସି ପଞ୍ଚବଟୀରେ ମଣିଙ୍କୁ ପୁଣି କହୁଛନ୍ତି — ''ତୁମର କଣ୍ଠସ୍ୱର ନାରୀଙ୍କ ପରି — ଏହି ରକମ ଗୀତ ଅଭ୍ୟାସ କରିପାର ? 'ସଖି ସେ ବନ କେତେଦୂର ! — ଯେ ବନେ ଆମର ଶ୍ୟାମସୁନ୍ଦର ।'

(ବାବୁରାମଙ୍କୁ ଦେଖି, ମଣିଙ୍କ ପ୍ରତି) — ''ଦେଖ, ଯେଉଁମାନେ ଆପଣାର ସେମାନେ ହେଲେ ପର, — ରାମଲାଲ ପ୍ରଭୃତି ଯେପରି ଅନ୍ୟ କେହି । ଯେଉଁମାନେ ପର ସେମାନେ ହେଲେ ଆପଣାର, — ଦେଖନା, ବାବୁରାମଙ୍କୁ କହୁଛି — 'ପୋଖରୀକୁ ଯା — ମୁହଁ ଧୋ' ! ବର୍ତ୍ତମାନ ଭକ୍ତମାନେ ହିଁ ଆତ୍ମୀୟ ।''

ମଣି କହୁଛନ୍ତି — ଆଜ୍ଞା, ହଁ ।

**ଉନ୍ମାଦ ପୂର୍ବରୁ ପଞ୍ଚବଟୀରେ ସାଧନା — ୧୮୫୭-୫୮**

**ଚିତ୍‌ଶକ୍ତି ଓ ଚିଦାତ୍ମା**

ଶ୍ରୀରାମକୃଷ୍ଣ (ପଞ୍ଚବଟୀ ଆଡ଼କୁ ଚାହିଁ) — ଏହି ପଞ୍ଚବଟୀରେ ବସେ । କାଳେ ଉନ୍ମାଦ ହେଲି । ତାହା ମଧ୍ୟ ଗଲା । **କାଳ ହିଁ ବ୍ରହ୍ମ** । ଯେ କାଳ ସହିତ ରମଣ କରେ, ସେ ହିଁ **କାଳୀ**-ଆଦ୍ୟାଶକ୍ତି । ଅଟଳକୁ ଟଳାଇ ଦିଅନ୍ତି ।

ଏହା କହି ଠାକୁର ଗୀତ ଗାଉଛନ୍ତି — 'ଭାବ କି ଭାବି ପରାଣ ଗଲା, ଯା'ର ନାମ ହରେ କାଳ, ପଦତଳେ ମହାକାଳ, ତା'ର କଳାରୂପ କିମ୍ପା ହେଲା ।'

''ଆଜି ଶନିବାର, ମା' କାଳୀଙ୍କ ଘରକୁ ଯାଅ । ବକୁଳ ଗଛ ନିକଟକୁ ଆସି ଠାକୁର ମଣିଙ୍କୁ କହୁଛନ୍ତି ।

''ଚିଦାତ୍ମା ଆଉ ଚିତ୍‌ଶକ୍ତି । ଚିଦାତ୍ମା ପୁରୁଷ, ଚିତ୍‌ଶକ୍ତି ପ୍ରକୃତି । ଚିଦାତ୍ମା ଶ୍ରୀକୃଷ୍ଣ, ଚିତ୍‌ଶକ୍ତି 'ଶ୍ରୀରାଧା' । ଭକ୍ତ ଏହି ଚିତ୍‌ଶକ୍ତିଙ୍କର ଗୋଟିଏ ଗୋଟିଏ ରୂପ ।

''ଅନ୍ୟାନ୍ୟ ଭକ୍ତ ସଖୀଭାବ ବା ଦାସଭାବରେ ରହିବେ । ଏହି **ମୂଳକଥା ।** ସନ୍ଧ୍ୟା ପରେ ଠାକୁର କାଳୀ ମନ୍ଦିରକୁ ଯାଉଛନ୍ତି । ମଣି ସେଠାରେ ମାଆଙ୍କର ଚିନ୍ତା କରୁଛନ୍ତି ଦେଖି ଠାକୁର ପ୍ରସନ୍ନ ହୋଇଛନ୍ତି ।

### ଭକ୍ତମାନଙ୍କ ପାଇଁ ଜଗନ୍ମାତାଙ୍କ ପାଖରେ କ୍ରନ୍ଦନ

### ଭକ୍ତମାନଙ୍କୁ ଆଶୀର୍ବାଦ

ସମସ୍ତ ଦେବାଳୟର ଆରତି ହୋଇଗଲା । ଠାକୁର ଘରେ ଖଟ ଉପରେ ବସି ମାଆଙ୍କ ଚିନ୍ତା କରୁଛନ୍ତି ।

ଠାକୁର ସମାଧିସ୍ଥ ହୋଇଛନ୍ତି ।

କିୟତ୍କ୍ଷଣ ପରେ ସମାଧି ଭଙ୍ଗ ହୋଇଛି । ବର୍ତ୍ତମାନ ଭାବର ପୂର୍ଣ୍ଣମାତ୍ରା — ଠାକୁର ମା'ଙ୍କ ସଙ୍ଗରେ କହୁଛନ୍ତି, ଛୋଟ ପିଲା ଯେପରି ମା'ଙ୍କ ନିକଟରେ ଅଳି କରି କଥା କହେ । ମା'ଙ୍କୁ କରୁଣ ସ୍ୱରରେ କହୁଛନ୍ତି । ''ହେ ମା' କାହିଁକି ଏ ରୂପ ଦେଖାଇଲୁ ନାହିଁ ! ସେହି ଭୁବନମୋହିନୀ ରୂପ ! ଏତେ କରି ତୋତେ କହିଲି ! ତେବେ ତୋତେ କହିଲେ ମଧ, ତୁ ଶୁଣିବୁ ନାହିଁ । ତୁ **ଇଚ୍ଛାମୟୀ ।**''

ସୁର କରି ମା'ଙ୍କୁ ଏହି କଥାଗୁଡ଼ିକ କହିଲେ, ଶୁଣିଲେ ପାଷାଣ ତରଳି ଯିବ । ଠାକୁର ପୁଣି ମା'ଙ୍କ ସଙ୍ଗରେ କଥା କହୁଛନ୍ତି ।

**''ମା' ବିଶ୍ୱାସ ଦରକାର** । ଯାଉ ଶଳା ବିଚାର । ସାତ ନଳର ବିଚାର ଏକ ନଳରେ ଯାଉ । ବିଶ୍ୱାସ, ବିଶ୍ୱାସ, (ଗୁରୁବାକ୍ୟରେ ବିଶ୍ୱାସ), ବାଳକ ପରି ବିଶ୍ୱାସ । ମା'କହିଛି ସେଠାରେ ଭୂତ ଅଛି, ତେଣୁ ଠିକ୍ ଜାଣିଛି ଯେ ଭୂତ ଅଛି । ମା'କହିଛି ସେଠାରେ କକବାୟା ! ତାହା ହିଁ ଠିକ୍ ଜାଣିଛି । ମା' କହିଛି ସେ ତୋର ଭାଇ ହୁଏ — ତେଣୁ ସେ ଜାଣିଛି ଷୋଳଅଣା ଭାଇ । **ବିଶ୍ୱାସ ଦରକାର !**

''କିନ୍ତୁ ମା' ସେମାନଙ୍କର ବା ଦୋଷ କ'ଣ ! ସେମାନେ କ'ଣ କରିବେ । ବିଚାର ତ ଥରେ କରିନେବାକୁ ହୁଏ । — ଦେଖନା ଏଇ ସେଦିନ ଏତେ କରି କହିଲି କିଛି ହେଲା ନାହିଁ । ଆଜି କାହିଁକି ଏକାବେଳକେ — ****

ଠାକୁର ମା'ଙ୍କ ନିକଟରେ କରୁଣ ଗଦ୍‌ଗଦ ସ୍ୱରରେ କାନ୍ଦି କାନ୍ଦି ପ୍ରାର୍ଥନା କରୁଛନ୍ତି । କି ଆଶ୍ଚର୍ଯ୍ୟ ଭକ୍ତମାନଙ୍କ ପାଇଁ ମା'ଙ୍କ ନିକଟରେ କାନ୍ଦୁଛନ୍ତି — 'ମା' ଯେଉଁମାନେ ତୁମ ପାଖକୁ ଆସନ୍ତି ତାଙ୍କର ମନବାଞ୍ଛା ପୂର୍ଣ୍ଣ କର — ସବୁ ତ୍ୟାଗ କରାଅ ନାହିଁ ମା' ! — ଆଚ୍ଛା ଶେଷରେ ଯାହା ଇଚ୍ଛା ତାହା କର ।

''ମା', ସଂସାରରେ ଯଦି ରଖ, ତେବେ ଥରେ ଥରେ ଦେଖାଦିଅ — ନୋହିଲେ କିପରି ରହିବେ ! ଥରେ ଥରେ ଦେଖା ନ ଦେଲେ ଉତ୍ସାହ ହେବ କିପରି ମା' ! — ତାହାପରେ ଶେଷରେ ଯାହା ହୁଏ ତାହା କର ।

ଠାକୁର ବର୍ତ୍ତମାନ ମଧ୍ୟ ଭାବାବିଷ୍ଟ । ସେହି ଅବସ୍ଥାରେ ହଠାତ୍ ମଣିକୁ କହୁଛନ୍ତି, 'ଦେଖ ତୁମେ ଯାହା ବିଚାର କରୁଛ, ଅନେକ ହୋଇଛି ! — ଆଉ ନା । କହ ଆଉ କରିବି ନାହିଁ ?'

ମଣି (କରଯୋଡ଼ି) — କହୁଛନ୍ତି, ଆଜ୍ଞା, ନା ।

ଶ୍ରୀରାମକୃଷ୍ଣ — ଅନେକ ହୋଇଛି । — ତୁମେ ଯେତେବେଳେ ପ୍ରଥମେ ଆସୁଥିଲ ସେତେବେଳେ ତୁମକୁ ତ ମୁଁ କହିଥିଲି — ତୁମର ଘର — ମୁଁ ତ ସବୁ ଜାଣେ ।

ମଣି (କୃତାଞ୍ଜଳି ହୋଇ) — ଆଜ୍ଞା, ହଁ ।

ଶ୍ରୀରାମକୃଷ୍ଣ — ତୁମର ଘର, ତୁମେ କିଏ, ତୁମର ଅନ୍ତର ବାହାର, ତୁମର ଆଗକାର କଥା, ତୁମର ପରେ କଅଣ ହେବ, — ଏସବୁ ତ ମୁଁ ଜାଣେ ।

ମଣି (କରଯୋଡ଼ି) — ଆଜ୍ଞା, ହଁ ।

ଶ୍ରୀରାମକୃଷ୍ଣ — ସନ୍ତାନ ହୋଇଛି ଶୁଣି ଗାଳି ଦେଇଥିଲି ! ବର୍ତ୍ତମାନ ଯାଇ ଘରେ ରହ — ସେମାନଙ୍କୁ ଜାଣ ଯେପରି ତୁମେ ତାଙ୍କର ଆପଣାର । ଭିତରେ ଜାଣିବ, 'ତୁମେ ତାଙ୍କର ଆପଣାର ନୁହଁ, ସେମାନେ ମଧ୍ୟ ତୁମର ଆପଣାର ନୁହଁନ୍ତି ।'

ମଣି ନୀରବ ଅଛନ୍ତି । ଠାକୁର ପୁଣି କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ — ଆଉ ବାପ ସଙ୍ଗରେ ପ୍ରୀତି କର — ବର୍ତ୍ତମାନ ଉଡ଼ିବାକୁ ଶିଖ, — ତୁମେ ବାପାଙ୍କୁ ଅଷ୍ଟାଙ୍ଗ ପ୍ରଣାମ କରିପାରିବ ନାହିଁ ?

ମଣି (କରଯୋଡ଼ି) — ଆଜ୍ଞା, ହଁ ।

ଶ୍ରୀରାମକୃଷ୍ଣ — ତୁମକୁ ଆଉ କଅଣ କହିବି, ତୁମେ ତ ସବୁ ଜାଣ । ସବୁ ବୁଝୁଛ ?

(ମଣି ନୀରବ ଅଛନ୍ତି) ।

ଠାକୁର — ସବୁତ ବୁଝୁଛ ?

ମଣି — ଆଜ୍ଞା, ଅଳ୍ପ ବୁଝୁଛି ।

ଶ୍ରୀରାମକୃଷ୍ଣ — ଅନେକ ତ ବୁଝୁଛ । ରାଖାଲ ଯେ ଏଠାରେ ଅଛନ୍ତି, ଏହାଙ୍କ ପିତା ସନ୍ତୁଷ୍ଟ ଅଛନ୍ତି ।

ମଣି (ହାତଯୋଡ଼ି) ନୀରବ ଅଛନ୍ତି ।

ଶ୍ରୀରାମକୃଷ୍ଣ ପୁଣି କହୁଛନ୍ତି । "ତୁମେ ଯାହା ଭାବୁଛ, ତାହା ହିଁ ହୋଇଯିବ ।"

**ଭକ୍ତସଙ୍ଗରେ କୀର୍ତ୍ତନାନନ୍ଦରେ ମା ଓ ଜନନୀ — କାହିଁକି ନରଲୀଳା ?**

ଠାକୁର ଏଥର ପ୍ରକୃତିସ୍ଥ ହୋଇଛନ୍ତି । ଘରେ ରାଖାଲ, ରାମଲାଲ । ରାମଲାଲଙ୍କୁ ଗୀତ ଗାଇବାକୁ କହୁଛନ୍ତି । ରାମଲାଲ ଗୀତ ଗାଉଛନ୍ତି ।

ଗୀତ—ରଣାଙ୍ଗନ କରେ ଆଲୋକିତ କା'ର କାମିନୀ !

ଗୀତ—ରଣେ କିଏ ନାଚେ ବାମା ନୀରଦବରଣୀ ।

ଶ୍ରୀରାମକୃଷ୍ଣ—ମା' ଆଉ ଜନନୀ । ଯିଏ ଜଗତ୍ ରୂପରେ ଅଛନ୍ତି—ସର୍ବବ୍ୟାପୀ ହୋଇ ସେ କେବଳ ମା' । ଜନନୀ ଯେ ଜନ୍ମସ୍ଥାନ । ମୁଁ ମା' କହୁ କହୁ ସମାଧିସ୍ଥ ହୁଏ !—ମା' କହୁ କହୁ ଯେପରି ଜଗତର ଈଶ୍ୱରଙ୍କୁ ଟାଣି ଆଣେ । ଯେପରି ଧୀବରମାନେ ଜାଲ ପକାନ୍ତି, କିଛିକ୍ଷଣ ପରେ ଜାଲ ଗୋଟାଇଆଣନ୍ତି; ଜାଲରେ ବଡ଼ ବଡ ମାଛ ପଡ଼ିଥାଏ ।

## ଗୌରୀ ପଣ୍ଡିତଙ୍କର କଥା—କାଳୀ ଓ ଶ୍ରୀଗୌରାଙ୍ଗ ଏକ

''ଗୌରୀ କହିଥିଲା, କାଳୀ ଓ ଗୌରାଙ୍ଗ ଏକ ବୋଧ ହେଲେ, ତେବେ ଠିକ୍ ଜ୍ଞାନ ହୁଏ । ଯେ ବ୍ରହ୍ମ ସେ ହିଁ ଶକ୍ତି (କାଳୀ) । ସେ ହିଁ ନରରୂପେ ଶ୍ରୀଗୌରାଙ୍ଗ ।''

ଠାକୁର କଅଣ ଇଙ୍ଗିତ କରି କହୁଛନ୍ତି, ଯେ ଆଦ୍ୟାଶକ୍ତି ସେ ହିଁ କେବଳ ନରରୂପୀ ଶ୍ରୀରାମକୃଷ୍ଣ ହୋଇ ଆସିଛନ୍ତି ।

ଶ୍ରୀଯୁକ୍ତ ରାମଲାଲ ଠାକୁରଙ୍କ ଆଦେଶରେ ପୁଣି ଗାଉଛନ୍ତି,—ଏଥର ଶ୍ରୀଗୌରାଙ୍ଗ-ଲୀଳା ।

ଗୀତ—କି ଦେଖିଲିରେ କେଶବ ଭାରତୀ କୁଟୀରେ,
ଅପରୂପ ଜ୍ୟୋତି, ଶ୍ରୀଗୌରାଙ୍ଗ ମୂରତି,
ନୟନୁ ବହେ ପ୍ରେମ-ଅଶ୍ରୁ ଶତଧାରେ !

ଶ୍ରୀରାମକୃଷ୍ଣ (ମଣିଙ୍କ ପ୍ରତି)—ଯାହାଙ୍କର ନିତ୍ୟ ତାଙ୍କରି ହିଁ ଲୀଳା । ଭକ୍ତଙ୍କ ପାଇଁ ଲୀଳା । ତାଙ୍କୁ ନରରୂପରେ ଦେଖିବାକୁ ପାଇଲେ ତେବେ ତ ଭକ୍ତମାନେ ଭଲ ପାଇପାରିବେ, ତେବେ ତ ଭାଇ-ଭଉଣୀ, ବାପ-ମା' ସନ୍ତାନ ପରି ସ୍ନେହ କରିପାରିବେ ।

**''ଭକ୍ତଙ୍କ ପ୍ରେମ ପାଇଁ ଭଗବାନ ନରରୂପ ଧାରଣ କରି ଲୀଳା କରିବାକୁ ଆସନ୍ତି ।''**

# ସପ୍ତଦଶ ପରିଚ୍ଛେଦ

## (୧)

## ଦକ୍ଷିଣେଶ୍ୱର ମନ୍ଦିରରେ ରାଖାଲ, ଲାଟୁ, ମାଷ୍ଟର, ମହିମା ପ୍ରଭୃତିଙ୍କ ସଙ୍ଗରେ

**(ଶ୍ରୀରାମକୃଷ୍ଣଙ୍କ ହସ୍ତରେ ଆଘାତ । ସମାଧି ଓ ଜଗନ୍ମାତାଙ୍କ ସହିତ କଥା) ।**

ଠାକୁର ଦକ୍ଷିଣେଶ୍ୱର ମନ୍ଦିରରେ ସେହି ଘରେ ଅବସ୍ଥାନ କରୁଛନ୍ତି । ସମୟ ତିନିଟା । ଶନିବାର,ମାଘ ଶୁକ୍ଳା ଷଷ୍ଠୀ, ୨ ଫେବୃୟାରୀ ୧୮୮୪ ଖ୍ରୀଷ୍ଟାବ୍ଦ ।

ଦିନେ ଠାକୁର ଭାବାବିଷ୍ଟ ହୋଇ ଝାଉଁତଳା ଆଡ଼କୁ ଯାଉଥିଲେ । ସଙ୍ଗରେ କେହି ନ ଥିବାରୁ ରେଳ ପାଖରେ ପଡ଼ିଗଲେ । ଫଳରେ ତାଙ୍କର ବାମ ହାତରେ ହାଡ଼ ଖସିଗଲା ଓ ଖୁବ୍ ଆଘାତ ଲାଗିଲା । ମାଷ୍ଟର କଲିକତାରୁ ଭକ୍ତଙ୍କ ପାଖରୁ ପଟା, ପ୍ୟାଡ୍ ଓ ବ୍ୟାଣ୍ଡେଜ୍ ଆଣିଛନ୍ତି ।

ଶ୍ରୀଯୁକ୍ତ ରାଖାଲ, ମହିମାଚରଣ, ହାଜରା ପ୍ରଭୃତି ଭକ୍ତମାନେ ଘରେ ଅଛନ୍ତି । ମାଷ୍ଟର ଆସି ଭୂମିଷ୍ଠ ହୋଇ ଠାକୁରଙ୍କର ଚରଣ ବନ୍ଦନା କଲେ ।

ଶ୍ରୀରାମକୃଷ୍ଣ — ହଇହେ ! ତୁମର କ'ଣ ବେମାର ହୋଇଥିଲା ? ବର୍ତ୍ତମାନ ଛାଡ଼ିଛି ତ ?

ମାଷ୍ଟର — ଆଜ୍ଞା, ହଁ ।

ଶ୍ରୀରାମକୃଷ୍ଣ (ମହିମାଙ୍କ ପ୍ରତି) — ହଇହୋ, ''ମୁଁ ଯନ୍ତ୍ର' ତୁମେ ଯନ୍ତ୍ରୀ ।'' ତେବେ ଏପରି ହେଲା କାହିଁକି ? ଠାକୁର ଖଟ ଉପରେ ବସିଛନ୍ତି । ମହିମାଚରଣ ନିଜର ତୀର୍ଥ-ଦର୍ଶନର ଗଳ୍ପ କରୁଛନ୍ତି । ଠାକୁର ଶୁଣୁଛନ୍ତି । ଦ୍ୱାଦଶ ବର୍ଷ ପୂର୍ବେ ତୀର୍ଥ-ଦର୍ଶନ ।

ମହିମା ଚରଣ — କାଶୀ ସିକ୍‌ରୋଲର ଉଦ୍ୟାନରେ ଜଣେ ବ୍ରହ୍ମଚାରୀ ଦେଖିଲି । କହିଲେ, ''ଏ ଉଦ୍ୟାନରେ କୋଡ଼ିଏ ବର୍ଷ ହେଲା ଅଛି । କିନ୍ତୁ କାହାର ଉଦ୍ୟାନ ଜାଣେ ନାହିଁ ।'' ମୋତେ ପଚାରିଲେ, ''ବାବୁ, ନୌକରୀ କର ?'' ମୁଁ କହିଲି, ନା । ତା' ପରେ କହିଲେ — ''କ୍ୟା, ପରିବ୍ରାଜକ ହ୍ୟାୟ ?''

ନର୍ମଦାତୀରରେ ଜଣେ ସାଧୁଙ୍କୁ ଦେଖିଲି । ଅନ୍ତରରେ ଗାୟତ୍ରୀ ଜପ କରୁଛନ୍ତି ଶରୀର ପୁଲକ ହେଉଛି ! ପୁଣି ଏପରି ପ୍ରଣବ ଆଉ ଗାୟତ୍ରୀ-ଉଚ୍ଚାରଣ କରନ୍ତି ଯେ, ଯେଉଁମାନେ ବସିଥାଆନ୍ତି, ସେମାନଙ୍କର ରୋମାଞ୍ଚ ଆଉ ପୁଲକ ହୁଏ ।'

ଠାକୁରଙ୍କର ବାଳକ-ସ୍ୱଭାବ, କ୍ଷୁଧା ଲାଗିଛି; ମାଷ୍ଟରଙ୍କୁ କହୁଛନ୍ତି — ''କାହିଁ, କଅଣ ଆଣିଛ ?'' ରାଖାଲଙ୍କୁ ଦେଖି ଠାକୁର ସମାଧିସ୍ଥ ହେଲେ ।

ସମାଧି ଭଙ୍ଗ ହେଉଛି । ପ୍ରକୃତିସ୍ଥ ହେବାପାଇଁ ଠାକୁର କହୁଛନ୍ତି, — 'ମୁଁ ଜିଲିପି ଖାଇବି, ''ମୁଁ ପାଣି ପିଇବି'' ।

ଠାକୁର ବାଳକ-ସ୍ୱଭାବ, ଜଗନ୍ମାତାଙ୍କୁ କାନ୍ଦି କାନ୍ଦି କହୁଛନ୍ତି, — 'ବ୍ରହ୍ମମୟୀ ! ମୋତେ ଏପରି କାହିଁକି କଲ ? ମୋ ହାତରେ ବଡ଼ କଷ୍ଟ ହେଉଛି । — (ରାଖାଲ, ମହିମା, ହାଜରା ପ୍ରଭୃତିଙ୍କ ପ୍ରତି) ''ମୋର ଭଲ ହେବ !''

ଭକ୍ତମାନେ ଛୋଟ ପିଲାଙ୍କୁ ଯେପରି ବୁଝାନ୍ତି, ସେହିପରି କହୁଛନ୍ତି, ନିଶ୍ଚୟ ଭଲ ହୋଇଯିବ ।

ଶ୍ରୀରାମକୃଷ୍ଣ (ରାଖାଲଙ୍କ ପ୍ରତି) — ଯଦିବା ଶରୀର ରକ୍ଷା ପାଇଁ ତୁ ଅଛୁ, ତୋର ଦୋଷ ନାହିଁ, କାହିଁକି ନା, ତୁ ରହିଲେ ମଧ୍ୟ ରେଳ ପର୍ଯ୍ୟନ୍ତ ତ ଯାଇ ନ ଥାନ୍ତୁ ।

## ଶ୍ରୀରାମକୃଷ୍ଣଙ୍କ ସନ୍ତାନଭାବ
## 'ବ୍ରହ୍ମଜ୍ଞାନକୁ ମୋର କୋଟି ନମସ୍କାର'

ଠାକୁର ପୁଣି ଭାବାବିଷ୍ଟ ହେଲେ । ଭାବାବିଷ୍ଟ ହୋଇ କହୁଛନ୍ତି ''ଓଁ ଓଁ ଓଁ '' ମା', ମୁଁ କଅଣ କହୁଛି । ମା', ମୋତେ ବ୍ରହ୍ମଜ୍ଞାନ ଦେଇ ବେହୋସ୍ କର ନାହିଁ — ମା' ମୋତେ ବ୍ରହ୍ମଜ୍ଞାନ ଦିଅ ନାହିଁ । ମୁଁ ଯେ ସନ୍ତାନ ! — ଭୟଗ୍ରସ୍ତ । ମୁଁ ମା' ଚାହେଁ । ବ୍ରହ୍ମଜ୍ଞାନକୁ ମୋର କୋଟି ନମସ୍କାର । ତାହା ଯେଉଁମାନଙ୍କୁ ଦେବାକୁ ହୁଏ, ସେମାନଙ୍କୁ ଦିଅ । ଆନନ୍ଦମୟୀ ! — ଆନନ୍ଦମୟୀ !''

ଠାକୁର ଉଚ୍ଚସ୍ୱରରେ 'ଆନନ୍ଦମୟୀ, ଆନନ୍ଦମୟୀ' କହି କାନ୍ଦୁଛନ୍ତି ଆଉ କହୁଛନ୍ତି —

''ମା' ମୋର ଦୁଃଖ ଭାରୀ, ତୁମେ ଥାଉ ଥାଉ ମା; ମୋ ଘରେ ହୁଏ ଚୋରି ।।''

ଠାକୁର ପୁଣି ମାଆଙ୍କୁ କହୁଛନ୍ତି — ମୁଁ କଅଣ ଅନ୍ୟାୟ କରିଛି ମା' ? ମୁଁ କଅଣ କିଛି କରେ ମା' ? — ତୁମେ ଯେ ମା' ସବୁ କରୁଛ । ମୁଁ ଯନ୍ତ୍ର, ତୁମେ ଯନ୍ତ୍ରୀ ।'

(ରାଖାଲଙ୍କ ପ୍ରତି ସହାସ୍ୟ) — ଦେଖ, ତୁ ଯେପରି ନ ପଡୁ । ମାନ କରି ଯେପରି ନ ଠକୁ ।

ଠାକୁର ପୁଣି ମାଆଙ୍କୁ କହୁଛନ୍ତି — 'ମା, ମୋତେ ବାଧିଛି ବୋଲି କ'ଣ ମୁଁ କାନ୍ଦୁଛି ? ମା' ମୋର ଦୁଃଖ ଭାରୀ, ତୁମେ ଥାଉ ଥାଉ ମା ମୋ ଘରେ ହୁଏ ଚୋରି ।

## (୨)

### ଈଶ୍ୱରଙ୍କୁ କିପରି ଡାକିବାକୁ ହୁଏ, — 'ବ୍ୟାକୁଳ ହୁଅ'

ଠାକୁର ଶ୍ରୀରାମକୃଷ୍ଣ ବାଳକ ପରି ପୁଣି ହସୁଛନ୍ତି ଓ କଥା କହୁଛନ୍ତି — ବାଳକ ଯେପରି ବେଶୀ ବେମାର ହେଲେ ମଧ୍ୟ ଥରେ ଥରେ ହସି ଖେଳି ବୁଲେ । ମହିମାଦି ଭକ୍ତଙ୍କ ସହିତ କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ — ସଚ୍ଚିଦାନନ୍ଦ ଲାଭ ନ ହେଲେ କିଛି ହେଲା ନାହିଁ ବାବୁ !

''ବିବେକ ବୈରାଗ୍ୟ ପରି ଆଉ ଜିନିଷ ନାହିଁ ।

''ସଂସାରୀମାନଙ୍କର ଅନୁରାଗ କ୍ଷଣିକ — ତତଲା କରେଇରେ ପାଣି ଯେତେକ୍ଷଣ ରହେ — ଗୋଟିଏ ଫୁଲ ଦେଖି ହୁଏତ କହେ, ଆହା ! କି ଚମତ୍କାର ଈଶ୍ୱରଙ୍କର ସୃଷ୍ଟି !

''ବ୍ୟାକୁଳତା ଦରକାର । ଯେତେବେଳେ ସନ୍ତାନ ସମ୍ପତ୍ତିର ଭାଗ ପାଇଁ ବ୍ୟତିବ୍ୟସ୍ତ କରେ, ସେତେବେଳେ ବାପା, ମାଆ ଦୁଇଜଣ ପରାମର୍ଶ କରନ୍ତି — ଆଉ ସନ୍ତାନକୁ ଆଗେ ଭାଗ ଦେଇ ଦିଅନ୍ତି । **ବ୍ୟାକୁଳ ହେଲେ ସେ ଶୁଣିବେ ହିଁ ଶୁଣିବେ** । ସେ ଯେତେବେଳେ ଜନ୍ମ ଦେଇଛନ୍ତି, ସେତେବେଳେ ତାଙ୍କ ଘରେ ଆମର ଭାଗ ଅଛି । ସେ ଆପଣାର ବାପା, ଆପଣାର ମା', — ତାଙ୍କ ଉପରେ ଜୋର୍ ଖଟେ । 'ପରିଚୟ ଦିଅ । ନ ହେଲେ ଛୁରିରେ ଗଳା କାଟିବି ।'

କିପରି ମାଆଙ୍କୁ ଡାକିବାକୁ ହେବ, ଠାକୁର ଶିଖାଉଛନ୍ତି — ''ମୁଁ, ମାଆ ବୋଲି ଏପରି ଡାକେ — 'ମା' ଆନନ୍ଦମୟୀ ! — ଦେଖା ଦେବାକୁ ହେବ ।'

''ପୁଣି କେତେବେଳେ କହେ, — 'ଆହେ ଦୀନନାଥ-ଜଗନ୍ନାଥ — ମୁଁ ତ ଜଗତ୍ ଛଡ଼ା ନୁହେଁ ପ୍ରଭୁ । ମୁଁ ଜ୍ଞାନହୀନ-ସାଧନହୀନ-ଭକ୍ତିହୀନ — ମୁଁ କିଛି ଜାଣେନାହିଁ — ଦେଖାଦେବାକୁ ହେବ ।'

ଠାକୁର ଅତି କରୁଣ ସ୍ୱରରେ ସୁର କରି, କିପରି ତାଙ୍କୁ ଡାକିବାକୁ ହୁଏ, ଶିଖାଉଛନ୍ତି । ସେହି କରୁଣ ସ୍ୱର ଶୁଣି ଭକ୍ତମାନଙ୍କର ହୃଦୟ ଦ୍ରବୀଭୂତ ହେଉଛି, — ମହିମାଚରଣଙ୍କ ଚକ୍ଷୁରେ ଅଶ୍ରୁ ।

ମହିମାଚରଣଙ୍କୁ ଦେଖି ଠାକୁର ପୁଣି କହୁଛନ୍ତି —

ଗୀତ — ଆକୁଳେ ଡାକ ମନ ତୁହି ଶ୍ୟାମା ମା'ରେ ।

''ଯେ ଡାକ ଶୁଣିଲେ ମା' ତୋର ପାଶେ ଆସିବରେ; ନ ରହି ପାରିବ ଦୂରେ ।''

## (୩)

### ଶିବପୁରଭକ୍ତଗଣ ଓ ଆମୋକ୍ତାରୀ (ବକଲମା) ଶ୍ରୀ ମଧୁ ଡାକ୍ତର

ଶିବପୁରଠାରୁ ଭକ୍ତମାନେ ଆସିଛନ୍ତି । ସେମାନେ ଏତେ ଦୂରରୁ କଷ୍ଟ କରି ଆସିଛନ୍ତି, ଠାକୁର ଶ୍ରୀରାମକୃଷ୍ଣ ଆଉ ଚୁପ୍ କରି ରହିପାରିଲେ ନାହିଁ । ସାରସାର କେତୋଟି କଥା ସେମାନଙ୍କୁ କହୁଛନ୍ତି ।

ଶ୍ରୀରାମକୃଷ୍ଣ(ଶିବପୁରର ଭକ୍ତମାନଙ୍କ ପ୍ରତି)—**ଈଶ୍ୱର ହିଁ ନିତ୍ୟ ଆଉ ସବୁ ଅନିତ୍ୟ** । ବାବୁ ଆଉ ଉଦ୍ୟାନ । ଈଶ୍ୱର ଓ ତାଙ୍କର ଐଶ୍ୱର୍ଯ୍ୟ । ଲୋକ ଉଦ୍ୟାନକୁ ହିଁ ଦେଖନ୍ତି ବାବୁଙ୍କୁ ଚାହାଁନ୍ତି କେତେଜଣ ?

ଭକ୍ତ—ଆଜ୍ଞା, ଉପାୟ କଅଣ ?

ଶ୍ରୀରାମକୃଷ୍ଣ—ସଦସତ୍ ବିଚାର । ସେ ସତ୍ୟ ଆଉ ସବୁ ଅନିତ୍ୟ ଏହିଟି ସର୍ବଦା ବିଚାର । ବ୍ୟାକୁଳ ହୋଇ ଡାକିବା ।

ଭକ୍ତ—ଆଜ୍ଞା, ସମୟ କାହିଁ ?

ଶ୍ରୀରାମକୃଷ୍ଣ—ଯାହାଙ୍କର ସମୟ ଅଛି, ସେମାନେ ଧ୍ୟାନ-ଭଜନ କରିବେ ।

"ଯେଉଁମାନେ ଏକାନ୍ତ ପାରିବେ ନାହିଁ, ସେମାନେ ଦୁଇବେଳା ଦୁଇଥର ଭଲ କରି ପ୍ରଣାମ କରିବେ । ସେ'ତ ଅନ୍ତର୍ଯ୍ୟାମୀ,—ବୁଝୁଛନ୍ତି ଯେ, ଏମାନେ କଅଣ କରନ୍ତି । ଅନେକ କାର୍ଯ୍ୟ କରିବାକୁ ହୁଏ । ତୁମମାନଙ୍କର ଡାକିବାର ସମୟ ନାହିଁ—ତାଙ୍କୁ ଆମୋକ୍ତାରୀ (ବକଲମା) ଦିଅ । କିନ୍ତୁ ତାଙ୍କୁ ଲାଭ ନ କଲେ— ତାଙ୍କୁ ଦର୍ଶନ ନ କଲେ, କିଛି ହିଁ ହେଲାନାହିଁ ।"

ଜଣେ ଭକ୍ତ—ଆଜ୍ଞା, ଆପଣଙ୍କୁ ଦେଖିବା ଯାହା ଈଶ୍ୱରଙ୍କୁ ଦେଖିବା ତାହା ।

ଶ୍ରୀରାମକୃଷ୍ଣ—ସେ କଥା ଆଉ କହ ନାହିଁ । ଗଙ୍ଗାର ହିଁ ଢ଼େଉ; ଢ଼େଉର କିଛି ଗଙ୍ଗା ନୁହେଁ । ମୁଁ ଏତେ ବଡ଼ ଲୋକ, ମୁଁ ଅମୁକ ଏହି ସବୁ ଅହଂକାର ନ ଗଲେ ତାଙ୍କୁ ମିଳେ ନାହିଁ । 'ମୁଁ' ଢିପକୁ ଭକ୍ତି ଜଳରେ ସିକ୍ତ କରି ସମତଳ ଭୂମି କରିଦିଅ ।

### ସଂସାର କାହିଁକି ?

### ଭୋଗାନ୍ତ ହେଲେ ବ୍ୟାକୁଳତା ଓ ଈଶ୍ୱରଲାଭ

ଭକ୍ତ—ସଂସାରରେ ସେ କାହିଁକି ରଖିଛନ୍ତି ?

ଶ୍ରୀରାମକୃଷ୍ଣ—ସୃଷ୍ଟି ପାଇଁ ରଖିଛନ୍ତି—ତାଙ୍କର ଇଚ୍ଛା । ତାଙ୍କର ମାୟା । କାମିନୀ କାଞ୍ଚନ ଦେଇ ସେ ଭୁଲାଇ ରଖିଛନ୍ତି ।

ଭକ୍ତ — କାହିଁକି ଭୁଲାଇ ରଖିଛନ୍ତି ? କାହିଁକି ତାଙ୍କର ଇଚ୍ଛା ?

ଶ୍ରୀରାମକୃଷ୍ଣ — ସେ ଯଦି ଈଶ୍ୱରଙ୍କର ଆନନ୍ଦ ଥରେ ଦିଅନ୍ତେ, ତାହାହେଲେ ଆଉ କେହି ସଂସାର କରନ୍ତେ ନାହିଁ, ସୃଷ୍ଟି ମଧ୍ୟ ଚଳନ୍ତା ନାହିଁ ।

''ଚାଉଳ ଗୋଦାମରେ ବଡ଼ ବଡ଼ ଡୋଲି ଭିତରେ ଚାଉଳ ଥାଏ । କାଳେ ମୂଷାଗୁଡ଼ିକ ଏହି ଚାଉଳର ସନ୍ଧାନ ପାଇବେ, ତେଣୁ ଦୋକାନୀ ଗୋଟାଏ କୁଲାରେ ଖଇ, ଉଖୁଡ଼ା ରଖିଦିଏ । ଏଇ ଖଇ ଉଖୁଡ଼ାଗୁଡିକ ମିଠା ଲାଗେ, ତେଣୁ ମୂଷାଗୁଡ଼ାକ ସମସ୍ତ ରାତ୍ରି କଡ଼ର ମଡ଼ର କରି ଖାଆନ୍ତି । ଚାଉଳର ସନ୍ଧାନ ଆଉ ପାଆନ୍ତି ନାହିଁ ।

''କିନ୍ତୁ ଦେଖ, ସେରେ ଧାନରେ ଅନେକ ଖଇ ହୁଏ । କାମିନୀ କାଞ୍ଚନର ଆନନ୍ଦ ଅପେକ୍ଷା ଈଶ୍ୱରୀୟ ଆନନ୍ଦ କେତେ ବେଶୀ, ତାଙ୍କ ରୂପ ଚିନ୍ତା କଲେ ରମ୍ଭା ତିଳୋତ୍ତମାଙ୍କ ରୂପ ଚିତାର ଭସ୍ମ ବୋଲି ବୋଧହୁଏ ।''

ଭକ୍ତ — ତାଙ୍କୁ ଲାଭ କରିବା ପାଇଁ ବ୍ୟାକୁଳତା ହୁଏ ନାହିଁ କାହିଁକି ?

ଶ୍ରୀରାମକୃଷ୍ଣ — **ଭୋଗାନ୍ତ ନ ହେଲେ ବ୍ୟାକୁଳତା ହୁଏ ନାହିଁ** । କାମିନୀ କାଞ୍ଚନର ଭୋଗ ଯେଉଁ ଟିକକ ଅଛି, ସେ ଟିକକ ତୃପ୍ତି ନ ହେଲେ ଜଗତର ମାଆଙ୍କୁ ମନେ ପଡ଼େ ନାହିଁ । ସନ୍ତାନ ଯେତେବେଳେ ଖେଳରେ ମତ୍ତ ହୁଏ, ସେତେବେଳେ ମାଆଙ୍କୁ ଚାହେଁ ନାହିଁ । ଖେଳ ଶେଷ ହୋଇଗଲେ ସେତେବେଳେ କହେ, 'ମା' ଯିବି' । ହୃଦୁର ପୁଅ ପାରା ନେଇ ଖେଳୁଥିଲା, ପାରାକୁ 'ଆ ତି ତି' ! କରି ଡାକୁଛି । ପାରା ନେଇ ତୃପ୍ତି ଯହୁଁ ହେଲା, ସଙ୍ଗେ ସଙ୍ଗେ କାନ୍ଦିବାକୁ ଆରମ୍ଭ କଲା । ସେତେବେଳେ ଜଣେ ଅଚିହ୍ନା ଲୋକ ଆସି କହିଲା, ମୁଁ ତୋତେ ମା' ପାଖକୁ ନେଇଯାଉଛି ଆ । ସେ ତାହାର କାନ୍ଧରେ ଚଢ଼ି ଅନାୟାସରେ ଗଲା ।

''ଯେଉଁମାନେ ନିତ୍ୟସିଦ୍ଧ, ସେମାନଙ୍କୁ ସଂସାରରେ ପଶିବାକୁ ହୁଏ ନାହିଁ । ସେମାନଙ୍କର ଭୋଗ ବାସନା ଜନ୍ମରୁ ମେଣ୍ଟି ଯାଇଛି ।''

### ଶ୍ରୀ ମଧୁ ଡାକ୍ତରଙ୍କ ଆଗମନ — ଶ୍ରୀମଧୁସୂଦନ ଓ ନାମ-ମାହାତ୍ମ୍ୟ

ପାଞ୍ଚଟା ବାଜିଛି । ମଧୁ ଡାକ୍ତର ଆସିଛନ୍ତି । ଠାକୁରଙ୍କ ହାତରେ ବ୍ୟାଣ୍ଡେଜ୍ ବାନ୍ଧୁଛନ୍ତି । ଠାକୁର ବାଳକ ପରି ହସୁଛନ୍ତି ଆଉ କହୁଛନ୍ତି, ଐହିକ ଓ ପାରତ୍ରିକର ମଧୁସୂଦନ ।

ମଧୁ (ସହାସ୍ୟ) — କେବଳ ନାମର ବୋଝ ବୋହି ମରେ ।

ଶ୍ରୀରାମକୃଷ୍ଣ (ସହାସ୍ୟ) — କାହିଁକି, ନାମ କଅଣ କମ୍ ? ସେ ଆଉ ତାଙ୍କ ନାମରେ ପାର୍ଥକ୍ୟ ନାହିଁ । ସତ୍ୟଭାମା ଯେତେବେଳେ ତୁଳା ଯନ୍ତ୍ରରେ ସ୍ୱର୍ଣ୍ଣ-ମଣି-ମାଣିକ୍ୟ ଦେଇ ଠାକୁରଙ୍କୁ ଓଜନ କଲେ, ସେତେବେଳେ ହେଲା ନାହିଁ ।

ଯେତେବେଳେ ରୁକ୍ମିଣୀ, ତୁଳସୀ ଆଉ କୃଷ୍ଣ ନାମ ଏକ ପାଖରେ ଲେଖିଦେଲେ, ସେତେବେଳେ ଠିକ୍ ଓଜନ ହେଲା ।

ଏଥର ଡାକ୍ତର ପଟା ବାନ୍ଧି ଦେବେ । ତଳେ ବିଛଣା ପରା ହେଲା । ଠାକୁର ହସି ହସି ତଳକୁ ଆସି ଶୟନ କରୁଛନ୍ତି । ସୁର ଧରି କହୁଛନ୍ତି । 'ରାଧାଙ୍କର ଦଶମ ଦଶା ! ବୃନ୍ଦା କହେ, ଆଉ କେତେ ବା ହେବ !'

ଭକ୍ତମାନେ ଚତୁର୍ଦ୍ଦିଗରେ ବସିଛନ୍ତି । ଠାକୁର ପୁଣି ଗାଉଛନ୍ତି—'ସବୁ ସଖି ମିଳିବସିଲେ—ସରୋବର କୂଳେ ।' ଠାକୁର ହସୁଛନ୍ତି, ଭକ୍ତମାନେ ମଧ୍ୟ ହସୁଛନ୍ତି । ପଟି ବନ୍ଧା ହୋଇଗଲା ପରେ ଠାକୁର କହୁଛନ୍ତି—

''ମୋର କଲିକତାର ଡାକ୍ତରମାନଙ୍କୁ ସେତେ ବିଶ୍ୱାସ ହୁଏ ନାହିଁ । ଶମ୍ଭୁଙ୍କର ବିକାର ହୋଇଛି, ଡାକ୍ତର (ସର୍ବାଧିକାରୀ) କହିଲେ ସେ କିଛି ନୁହେଁ, ସେ ଔଷଧର ନିଶା ।

ତାହାପରେ ଶମ୍ଭୁଙ୍କର ଦେହତ୍ୟାଗ ହେଲା ।[୧]

## (୪)

### ମହିମାଚରଣଙ୍କ ପ୍ରତି ଉପଦେଶ

ସନ୍ଧ୍ୟା ପରେ ଠାକୁରମନ୍ଦିରରେ ଆଳତି ହେଲା । କିୟତ୍କ୍ଷଣ ପରେ ଅଧର କଲିକତାରୁ ଆସିଲେ ଓ ଠାକୁରଙ୍କୁ ଭୂମିଷ୍ଠ ହୋଇ ପ୍ରଣାମ କଲେ । ଘରେ ମହିମାଚରଣ, ରାଖାଲ, ମାଷ୍ଟର । ହାଜରା ମଧ୍ୟ ଥରେ ଥରେ ଆସୁଛନ୍ତି ।

ଅଧର—ଆପଣ କିପରି ଅଛନ୍ତି ?

ଶ୍ରୀରାମକୃଷ୍ଣ(ସ୍ନେହବୋଳା ସ୍ୱରରେ)—ଏହି ଦେଖ ! ହାତ ଭାଙ୍ଗି କଅଣ ହୋଇଛି ? (ସହାସ୍ୟ) ଆଉ କିପରି ଅଛି !

ଅଧର ତଳେ ଭକ୍ତମାନଙ୍କ ସଙ୍ଗରେ ବସିଛନ୍ତି । ଠାକୁର ତାଙ୍କୁ କହୁଛନ୍ତି,— 'ତୁମେ ଥରେ ଏଠାରେ ହାତ ବୁଲାଇ ଦିଅତ !'

ଅଧର ଛୋଟ ଖଟଟିର ଉତ୍ତର ପ୍ରାନ୍ତରେ ବସି ଠାକୁରଙ୍କର ଶ୍ରୀଚରଣ ସେବା କରୁଛନ୍ତି । ଠାକୁର ମହିମାଚରଣଙ୍କ ସହିତ ପୁଣି କଥା କହୁଛନ୍ତି ।

### ମୂଳକଥା—ଅହୈତୁକୀ ଭକ୍ତି—'ସ୍ୱ-ସ୍ୱରୂପକୁ ଜାଣ'

ଶ୍ରୀରାମକୃଷ୍ଣ (ମହିମାଙ୍କ ପ୍ରତି)—ଅହୈତୁକୀ ଭକ୍ତି,—ତୁମେ ଏଇଟି ଯଦି ସାଧି ପାର ତାହାହେଲେ ବେଶ୍ ହେବ । ''ମୁକ୍ତି, ମାନ, ଟଙ୍କା, ରୋଗ ଭଲ ହେବା, ଦରକାର ନାହିଁ, କେବଳ ତୁମକୁ ଚାହେଁ । ଏହାର ନାମ ଅହୈତୁକୀ ଭକ୍ତି !'' ବାବୁଙ୍କ ପାଖକୁ ଅନେକେ ଆସନ୍ତି—ନାନା କାମନା କରନ୍ତି; କିନ୍ତୁ ଯଦି

---

୧. ଶମ୍ଭୁ ମଲ୍ଲିକଙ୍କର ମୃତ୍ୟୁ—୧୮୭୭ ।

କେହି କିଛି ଚାହେଁ ନା, କେବଳ ଭଲପାଏ ବୋଲି ବାବୁଙ୍କୁ ଦେଖିବାକୁ ଆସେ, ତାହାହେଲେ ବାବୁଙ୍କର ମଧ୍ୟ ତାହା ପ୍ରତି ଶ୍ରଦ୍ଧା ହୁଏ ।

''ପ୍ରହ୍ଲାଦଙ୍କର ଅହୈତୁକୀ ଭକ୍ତି—ଈଶ୍ୱରଙ୍କ ପ୍ରତି ଶୁଦ୍ଧ ନିଷ୍କାମ ପ୍ରୀତି ।

ମହିମାଚରଣ ନୀରବ ଅଛନ୍ତି । ଠାକୁର ପୁଣି ତାଙ୍କୁ କହୁଛନ୍ତି,—ଆଚ୍ଛା, ତୁମର ଯେପରି ଭାବ ସେହିପରି କହୁଛି, ଶୁଣ ।

ଶ୍ରୀରାମକୃଷ୍ଣ (ମହିମାଙ୍କ ପ୍ରତି) — ''ବେଦାନ୍ତମତରେ ସ୍ୱ-ସ୍ୱରୂପକୁ ଚିହ୍ନିବାକୁ ହୁଏ । କିନ୍ତୁ ଅହଂ ତ୍ୟାଗ ନ କଲେ ହୁଏ ନାହିଁ । ଅହଂ ଗୋଟିଏ ଲାଠି ପରି—ଯେପରି ଜଳକୁ ଦୁଇଭାଗ କରୁଛି । ମୁଁ ଅଲଗା ତୁମେ ଅଲଗା ।

''ସମାଧିସ୍ଥ ହୋଇ ଏହି ଅହଂ ଚାଲିଗଲେ ବ୍ରହ୍ମଙ୍କ ବୋଧରେ ବୋଧହୁଏ ।''

ଭକ୍ତମାନେ ହୁଏତ କେହି କେହି ଭାବୁଛନ୍ତି, ଠାକୁରଙ୍କର କଅଣ ବ୍ରହ୍ମଜ୍ଞାନ ହୋଇଛି ? ତାହା ଯଦି ହୋଇଥାଏ, ତେବେ ସେ 'ମୁଁ' 'ମୁଁ' କରୁଛନ୍ତି କାହିଁକି ?

ଠାକୁର ପୁଣି କଥା କହୁଛନ୍ତି—'ମୁଁ', ମହିମା ଚକ୍ରବର୍ତ୍ତୀ, ବିଦ୍ୱାନ,—ଏହି 'ମୁଁ' ତ୍ୟାଗ କରିବାକୁ ହେବ । 'ବିଦ୍ୟାର ମୁଁ' ରେ ଦୋଷ ନାହିଁ । ଶଙ୍କରାଚାର୍ଯ୍ୟ ଲୋକଶିକ୍ଷା ପାଇଁ 'ବିଦ୍ୟାର ମୁଁ' ରଖିଥିଲେ ।

**''ସ୍ତ୍ରୀଲୋକ ସମ୍ବନ୍ଧରେ ଖୁବ୍ ସାବଧାନ ନ ଥିଲେ, ବ୍ରହ୍ମଜ୍ଞାନ ହୁଏ ନାହିଁ । ତେଣୁ ସଂସାରରେ କଠିନ । ଯେତେ ସିଆଣା ହୁଅନା କାହିଁକି, ଅଳନ୍ଧୁ ଥିବା ଘରେ ରହିଲେ ଦେହରେ ଅଳନ୍ଧୁ ଲାଗିବ । ଯୁବତୀ ସଙ୍ଗରେ ନିଷ୍କାମର ମଧ୍ୟ କାମ ଜାତ ହୁଏ ।**

''ତେବେ ଜ୍ଞାନୀ ପକ୍ଷରେ ସ୍ୱଦାର ପାଖକୁ ବେଳେବେଳେ ଗମନ ଦୋଷ ଭିତରେ ନୁହେଁ । ଯେପରି ମଳମୂତ୍ର ତ୍ୟାଗ ସେହିପରି ରେତଃତ୍ୟାଗ—ପାଇଖାନା ଆଉ ମନେ ନାହିଁ ।

''ଛେନାର ଅଧା ପୁରଦିଆ ମଣ୍ଡା କେତେବେଳେ ବା ଖାଇଲେ (ମହିମାଙ୍କର ହାସ୍ୟ) ସଂସାରୀ ପାଇଁ ସେତେ ଦୋଷ ନୁହେଁ ।

## ସନ୍ନ୍ୟାସୀଙ୍କର କଠିନ ନିୟମ ଓ ଠାକୁର ଶ୍ରୀରାମକୃଷ୍ଣ

''ସନ୍ନ୍ୟାସୀଙ୍କ ପାଇଁ ଏହା ବଡ଼ ଦୋଷ । ସନ୍ନ୍ୟାସୀ ସ୍ତ୍ରୀଲୋକଙ୍କର ଚିତ୍ରପଟ ପର୍ଯ୍ୟନ୍ତ ଦେଖିବେ ନାହିଁ । ସନ୍ନ୍ୟାସୀ ପକ୍ଷରେ ସ୍ତ୍ରୀଲୋକ,—ଛେପ ପକାଇ ଛେପ ଖାଇବା ।

''ସ୍ତ୍ରୀଲୋକଙ୍କ ସଙ୍ଗରେ ସନ୍ନ୍ୟାସୀ ବସି ବସି କଥା କହିବେ ନାହିଁ— ହଜାରେ ଭକ୍ତ ହେଲେ ମଧ୍ୟ । ଜିତେନ୍ଦ୍ରିୟ ହେଲେ ମଧ୍ୟ ଆଳାପ କରିବେ ନାହିଁ ।

''ସନ୍ନ୍ୟାସୀ, କାମିନୀ କାଞ୍ଚନ ଦୁଇ ହିଁ ତ୍ୟାଗ କରିବେ—ଯେପରି ସ୍ତ୍ରୀଙ୍କର ଫଟୋ ପର୍ଯ୍ୟନ୍ତ ଦେଖିବେ ନାହିଁ, ସେପରି କାଞ୍ଚନ-ଟଙ୍କା-ସ୍ପର୍ଶ କରିବେ ନାହିଁ ।

''ଟଙ୍କା ପାଖରେ ରହିଲେ ବି ଖରାପ । ହିସାବ, ଦୁଶ୍ଚିନ୍ତା, ଟଙ୍କାର ଅହଙ୍କାର, ଲୋକଙ୍କ ଉପରେ କ୍ରୋଧ, ପାଖରେ ରହିଲେ ଏହି ସବୁ ଆସିଯାଏ । ସୂର୍ଯ୍ୟ ଦେଖା ଯାଉଥିଲେ, ମେଘ ଆସି ଢାଙ୍କି ଦେଲା ।

''ତେଣୁ ତ ମାରୱାଡ଼ୀ ଯେତେବେଳେ ହୃଦୁଙ୍କ ପାଖରେ ଟଙ୍କା ଜମା ଦେବାକୁ ଚାହିଁଲେ, ମୁଁ କହିଲି, 'ତାହା ବି ହେବ ନାହିଁ—ପାଖରେ ଥିଲେ ହିଁ ମେଘ ଉଠିବ ।'

''ସନ୍ନ୍ୟାସୀଙ୍କର ଏହି କଠିନ ନିୟମ କାହିଁକି ? ନିଶ୍ଚୟ ତାଙ୍କ ନିଜର ମଙ୍ଗଳ ପାଇଁ, ଆଉ ଲୋକଶିକ୍ଷା ପାଇଁ । ସନ୍ନ୍ୟାସୀ ଯଦି ନିର୍ଲିପ୍ତ ହୁଏ, ଜିତେନ୍ଦ୍ରିୟ ହୁଏ ଲୋକଶିକ୍ଷା ପାଇଁ କାମିନୀ କାଞ୍ଚନ ଏହିପରି ତ୍ୟାଗ କରିବ ।[୧]

''ସନ୍ନ୍ୟାସୀଙ୍କର ଷୋଳଅଣା ତ୍ୟାଗ ଦେଖିଲେ ତେବେ ତ ଲୋକଙ୍କର ସାହସ ହେବ । ତେବେ ତ ସେମାନେ କାମିନୀ କାଞ୍ଚନ ତ୍ୟାଗ କରିବାକୁ ଚେଷ୍ଟା କରିବେ ।

''ଏ ତ୍ୟାଗ ଶିକ୍ଷା ଯଦି ସନ୍ନ୍ୟାସୀ ନ ଦିଏ ତେବେ କିଏ ଦେବ !

### ଜନକାଦିଙ୍କର ଈଶ୍ୱରଲାଭ ପରେ ସଂସାର—
### ଋଷି ଓ ଶୂକର ମାଂସ

''ତାଙ୍କୁ ଲାଭ କରି ସଂସାରରେ ରହିପାର । ଯେପରି ଲହୁଣୀ ବାହାର କରି ପାଣିରେ ରଖିବା । ଜନକ ବ୍ରହ୍ମଜ୍ଞାନ ଲାଭ କଲାପରେ ସଂସାରରେ ଥିଲେ ।

''ଜନକ ଦୁଇଖଣ୍ଡ ତରବାରୀ ଘୂରାଉଥିଲେ—ଜ୍ଞାନର ପୁଣି କର୍ମର । ସନ୍ନ୍ୟାସୀ କର୍ମ ତ୍ୟାଗ କରେ । ତେଣୁ କେବଳ ଖଣ୍ଡେ ତରବାରୀ—ଜ୍ଞାନର । ଜନକଙ୍କ ପରି ଜ୍ଞାନୀ ସଂସାରୀ ଗଛର ତଳ ଫଳ ଉପର ଫଳ ଦୁଇ ହିଁ ଖାଇପାରେ । ସାଧୁସେବା, ଅତିଥିସତ୍କାର ଏ ସବୁ ମଧ୍ୟ ପାରେ । ମା'ଙ୍କୁ କହିଲି 'ମା', ମୁଁ ଶୁଷ୍କ ସାଧୁ ହେବି ନାହିଁ'

''ବ୍ରହ୍ମଜ୍ଞାନଲାଭ ପରେ ଖାଇବାର ମଧ୍ୟ ବିଚାର ରହେ ନାହିଁ । ବ୍ରହ୍ମଜ୍ଞାନୀ ଋଷି ବ୍ରହ୍ମାନନ୍ଦ ପରେ ସବୁ ଖାଇପାରନ୍ତି—ଶୂକର ମାଂସ ପର୍ଯ୍ୟନ୍ତ ।

### ଚାରି ଆଶ୍ରମ, ଯୋଗତତ୍ତ୍ୱ ଓ ଶ୍ରୀରାମକୃଷ୍ଣ

ଶ୍ରୀରାମକୃଷ୍ଣ (ମହିମାଙ୍କ ପ୍ରତି) — ''ମୋଟାମୋଟି ଦୁଇପ୍ରକାର ଯୋଗ —କର୍ମଯୋଗ ଆଉ ମନୋଯୋଗ—କର୍ମ ଦ୍ୱାରା ଯୋଗ ଓ ମନ ଦ୍ୱାରା ଯୋଗ ।

---

୧. ଭିକ୍ଷୁ (ସନ୍ନ୍ୟାସୀ) ହିରଣ୍ୟ (କାଞ୍ଚନ ଦେଖିବେ ନାହିଁ, ସ୍ପର୍ଶ କରିବେ ନାହିଁ,) ଗ୍ରହଣ କରିବେ ନାହିଁ; କାଳେ ଆସକ୍ତି ହେବ । —ପରମହଂସ ଉପନିଷଦ୍

"ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ଆଉ ସନ୍ନ୍ୟାସ — ଏହା ମଧ୍ୟରେ ପ୍ରଥମ ତିନୋଟିରେ କର୍ମ କରିବାକୁ ହୁଏ ! ସନ୍ନ୍ୟାସୀଙ୍କୁ ଦଣ୍ଡକମଣ୍ଡଳୁ ଭିକ୍ଷାପାତ୍ର ଧାରଣ କରିବାକୁ ହୁଏ । ସନ୍ନ୍ୟାସୀ ନିତ୍ୟକର୍ମ କରେ । କିନ୍ତୁ ହୁଏତ ମନର ଯୋଗ ନାହିଁ— ଜ୍ଞାନ ନାହିଁ, ଈଶ୍ୱରଙ୍କ ଠାରେ ମନ ନାହିଁ । କୌଣସି କୌଣସି ସନ୍ନ୍ୟାସୀ ନିତ୍ୟକର୍ମ କିଛି କିଛି ରଖନ୍ତି, — ଲୋକଶିକ୍ଷା ପାଇଁ । ଗୃହସ୍ଥ ବା ଅନ୍ୟାନ୍ୟ ଆଶ୍ରମୀ ଯଦି ନିଷ୍କାମ କର୍ମ କରିପାରନ୍ତି, ତା'ହେଲେ ତାଙ୍କର କର୍ମ ଦ୍ୱାରା ଯୋଗ ହୁଏ ।

"ପରମହଂସ ଅବସ୍ଥାରେ — ଯେପରି ଶୁକଦେବାଦିଙ୍କର — କର୍ମ ସବୁ ଉଠିଯାଏ । ପୂଜା, ଜପ, ତର୍ପଣ, ସନ୍ଧ୍ୟା ଏହି ସବୁ କର୍ମ । ଏ ଅବସ୍ଥାରେ କେବଳ ମନର ଯୋଗ । ବାହାରର କର୍ମ ବେଳେବେଳେ ଇଚ୍ଛା କରି କରେ — ଲୋକଶିକ୍ଷା ପାଇଁ । କିନ୍ତୁ ସର୍ବଦା ସ୍ମରଣ ମନନ ଥାଏ ।"

## (୫)

### ମହିମାଚରଣଙ୍କର ଶାସ୍ତ୍ରପାଠ ଶ୍ରବଣ ଓ ଠାକୁରଙ୍କର ସମାଧି

କଥା କହୁ କହୁ ରାତି ଆଠଟା ହୋଇଛି । ଠାକୁର ଶ୍ରୀରାମକୃଷ୍ଣ ମହିମାଚରଣଙ୍କୁ ଶାସ୍ତ୍ରରୁ କିଛି ସ୍ତବାଦି ଶୁଣାଇବାକୁ କହିଲେ । ମହିମାଚରଣ ଖଣ୍ଡେ ବହି ନେଇ ଉତ୍ତର ଗୀତାର ପ୍ରଥମରେ ପରମବ୍ରହ୍ମ ସମ୍ବନ୍ଧୀୟ ଯେଉଁ ଶ୍ଳୋକ ତାହା ଶୁଣାଉଛନ୍ତି —

"ୟଦେକଂ ନିଷ୍କଳଂ ବ୍ରହ୍ମ ବ୍ୟୋମାତୀତଂ ନିରଞ୍ଜନମ୍ ।'
ଅପ୍ରତର୍କ୍ୟମବିଜ୍ଞେୟଂ ବିନାଶୋତ୍ପତ୍ତିବର୍ଜିତମ୍ ।
କ୍ରମେ ତୃତୀୟ ଅଧ୍ୟାୟର ୭ମ ଶ୍ଳୋକ ପଢୁଛନ୍ତି —
"ଅଗ୍ନିର୍ଦେବୋ ଦ୍ୱିଜାତୀନାଂ ମୁନିନାଂ ହୃଦି ଦୈବତମ୍ ।
ପ୍ରତିମା ସ୍ୱଳ୍ପବୁଦ୍ଧିନାଂ ସର୍ବତ୍ର ସମଦର୍ଶିନାମ୍ ॥

ଅର୍ଥାତ୍ — ବ୍ରାହ୍ମଣମାନଙ୍କର ଦେବତା ଅଗ୍ନିରେ, ମୁନିମାନଙ୍କର ଦେବତା ହୃଦୟ ମଧ୍ୟରେ, ସ୍ୱଳ୍ପବୁଦ୍ଧି ମନୁଷ୍ୟମାନଙ୍କର ଦେବତା ପ୍ରତିମାରେ ଆଉ ସମଦର୍ଶୀ ମହାଯୋଗୀମାନଙ୍କର ଦେବତା ସର୍ବତ୍ର ହିଁ ଅଛନ୍ତି ।

**ସର୍ବତ୍ର ସମଦର୍ଶିନାମ୍** — ଏହି କଥା ଉଚ୍ଚାରଣ କରିବା ମାତ୍ରକେ ଠାକୁର ହଠାତ୍ ଆସନ ତ୍ୟାଗ କରି ଦଣ୍ଡାୟମାନ ହୋଇ ସମାଧିସ୍ଥ ହେଲେ । ହାତରେ ସେହି ପଟିବନ୍ଧା । ଭକ୍ତମାନେ ସମସ୍ତେ ଅବାକ୍ — ଏହି ସମଦର୍ଶୀ ମହଯୋଗୀଙ୍କର ଅବସ୍ଥା ନିରୀକ୍ଷଣ କରୁଛନ୍ତି ।

ଅନେକକ୍ଷଣ ଏହିପରି ଠିଆ ହୋଇ ପ୍ରକୃତିସ୍ଥ ହେଲେ ଓ ପୁଣି ଆସନ ଗ୍ରହଣ କଲେ । ମହିମାଚରଣଙ୍କୁ ଏଥର ସେହି ହରିଭକ୍ତିର ଶ୍ଳୋକ ଆବୃତ୍ତି କରିବାକୁ କହିଲେ । ମହିମା ନାରଦ ପଞ୍ଚରାତ୍ରରୁ ଆବୃତ୍ତି କରୁଛନ୍ତି —

ଅନ୍ତର୍ବହିର୍ଯଦିହରିସ୍ତପସା ତତଃ କିମ୍ । ନାନ୍ତର୍ବହିର୍ଯଦିହରିସ୍ତପସା ତତଃ କିମ୍ ॥

ଆରାଧିତୋ ଯଦି ହରିସ୍ତପସା ତତଃ କିମ୍ । ନାରାଧିତୋ ଯଦି ହରିସ୍ତପସା ତତଃ କିମ୍ ॥

ବିରମ୍ ବିରମ୍ ବ୍ରହ୍ମନ୍ କିଂ ତପସ୍ୟାସୁ ବସୁ । ବ୍ରଜ ବ୍ରଜ ଦ୍ୱିଜ ଶୀଘ୍ରଂ ଶଙ୍କରଂ ଜ୍ଞାନସିନ୍ଧୁମ୍ ॥ ଲଭ ଲଭ ହରିଭକ୍ତିଂ ବୈଷ୍ଣବୋକ୍ତାଂ ସୁପକ୍‌କାମ୍ । ଭବନିଗଡ଼ନିବନ୍ଧଛେଦନୀଂ କର୍ତ୍ତରୀଞ୍ଚ ॥

ଶ୍ରୀରାମକୃଷ୍ଣ—ଆହା ! ଆହା !

### ଭାଣ୍ଡ ଓ ବ୍ରହ୍ମାଣ୍ଡ—ତୁମେ ହିଁ ଚିଦାନନ୍ଦ—ନାଽହଂ ନାଽହଂ

ଶ୍ଳୋକ ଗୁଡ଼ିକର ଆବୃତ୍ତି ଶୁଣି ଠାକୁର ପୁଣି ଭାବାବିଷ୍ଟ ହେଉଥିଲେ । କଷ୍ଟରେ ଭାବ ସମ୍ବରଣ କଲେ । ଏଥର ଯତିପଞ୍ଚକ ପାଠ ହେଉଅଛି—

'ଯସ୍ୟାମିଦଂ କଲ୍ପିତମିନ୍ଦ୍ରଜାଲଂ, ଚରାଚରଂ, ଭାତି ମନୋବିଲାସମ୍ ।
ସଚ୍ଚିତ୍ସୁଖୈକଂ ଜଗଦାତ୍ମରୂପଂ, ସା କାଶିକାହଂ ନିଜ ବୋଧରୂପମ ॥'

''ସା କାଶିକାହଂ ନିଜ ବୋଧରୂପଂ'' —ଏହି କଥା ଶୁଣି ଠାକୁର ସହାସ୍ୟେ କହୁଛନ୍ତି,—'ଯାହା ଅଛି ଭାଣ୍ଡେ ତାହା ଅଛି ବ୍ରହ୍ମାଣ୍ଡେ ।''

ଏଥର ପାଠ ହେଉଅଛି ନିର୍ବାଣଷଟ୍‌କମ୍—

'ଓଁ ମନୋବୁଦ୍ଧ୍ୟହଙ୍କାରଚିତ୍ତାନି ନାହଂ, ନ ଚ ଶ୍ରୋତ୍ରଜିହ୍ୱେ ନ ଚ ଘ୍ରାଣନେତ୍ରେ ।

ନ ଚ ବ୍ୟୋମ ଭୂମିର୍ନ ତେଜୋ ନ ବାୟୁଶ୍ଚିଦାନନ୍ଦରୂପଃ ଶିବୋଽହଂ ଶିବୋଽହଂ ॥

ଯେତେଥର ମହିମାଚରଣ କହୁଛନ୍ତି,—**ଚିଦାନନ୍ଦରୂପଃ ଶିବୋଽହଂ ଶିବୋଽହଂ**, ସେତେଥର ଠାକୁର ସହାସ୍ୟେ କହୁଛନ୍ତି—

**''ନାଽହଂ ! ନାଽହଂ !—ତୁମେ ତୁମେ ଚିଦାନନ୍ଦ ।''**

ମହିମାଚରଣ ଜୀବନ୍ମୁକ୍ତି ଗୀତାରୁ କିଛି ପଢ଼ି, ଷଟ୍‌ଚକ୍ର ବର୍ଣ୍ଣନା ପଢୁଛନ୍ତି । ସେ ନିଜେ କାଶୀରେ ଯୋଗୀର ଯୋଗାବସ୍ଥାରେ ମୃତ୍ୟୁ ଦେଖିଥିଲେ, କହିଲେ ।

ଏଥର ଭୂଚରୀ ଓ ଖେଚରୀ ମୁଦ୍ରାର ଓ ସାମ୍ଭବୀ ବିଦ୍ୟାର ବର୍ଣ୍ଣନା କରୁଛନ୍ତି—ସାମ୍ଭବୀ :—ଯେଉଁଠି ସେଇଠି ଯାଏ, କୌଣସି ଉଦ୍ଦେଶ୍ୟ ନାହିଁ ।

### ପୂର୍ବକଥା

### ସାଧୁମାନଙ୍କ ପାଖରେ ଠାକୁରଙ୍କର ରାମଗୀତାପାଠ ଶ୍ରବଣ

ମହିମା—ରାମଗୀତାରେ ଭଲ ଭଲ କଥା ଅଛି ।

ଶ୍ରୀରାମକୃଷ୍ଣ(ସହାସ୍ୟ)—ତୁମେ ରାମଗୀତା ରାମଗୀତା କରୁଛ,—ତେବେ ତୁମେ ଘୋର ବେଦାନ୍ତୀ ! ସାଧୁମାନେ ଏଠାରେ କେତେ ପଢୁଥିଲେ !

ମହିମାଚରଣ ପ୍ରଣବ ଶବ୍ଦ କିପରି ତାହା ପଢୁଛନ୍ତି—

'ତୈଳଧାରାମବିଚ୍ଛିନ୍ନମ୍-ଦୀର୍ଘଘଣ୍ଟାନିନାଦବତ୍ ।

ପୁଣି ସମାଧିର ଲକ୍ଷଣ କହୁଛନ୍ତି—

ଊର୍ଦ୍ଧ୍ୱପୂର୍ଣ୍ଣମଧଃପୂର୍ଣ୍ଣଂ ମଧ୍ୟପୂର୍ଣ୍ଣଂ ଯଦାତ୍ମକମ୍ ।
ସର୍ବପୂର୍ଣ୍ଣଂ ସ ଆତ୍ମେତି ସମାଧିସ୍ଥସ୍ୟ ଲକ୍ଷଣମ୍ ।

ଅଧର, ମହିମାଚରଣ କ୍ରମେ ପ୍ରଣାମ କରି ବିଦାୟ ଗ୍ରହଣ କଲେ ।

(୬)

ପରଦିନ ରବିବାର, ମାଘ ୨୧ ଦିନ । ମାଘ ଶୁକ୍ଳା ସପ୍ତମୀ, ୩ ଫେବୃୟାରୀ ୧୮୮୪ ଖ୍ରୀଷ୍ଟାବ୍ଦ ।

ମଧ୍ୟାହ୍ନରେ ସେବା ପରେ ଠାକୁର ନିଜାସନରେ ବସିଛନ୍ତି । କଲିକତାରୁ ରାମ ସୁରେନ୍ଦ୍ର ପ୍ରଭୃତି ଭକ୍ତମାନେ ତାଙ୍କ ଅସୁସ୍ଥତା ବିଷୟ ଶୁଣି ଚିନ୍ତିତ ହୋଇ ଆସିଛନ୍ତି । ମାଷ୍ଟର ମଧ ପାଖରେ ବସିଛନ୍ତି । ଠାକୁରଙ୍କ ହାତରେ ପଟି ବନ୍ଧା ହୋଇଛି, ଭକ୍ତଙ୍କ ସହିତ କଥା କହୁଛନ୍ତି ।

**ପୂର୍ବକଥା—ଉନ୍ମାଦ, ଜାନବଜାରରେ ବାସ—**
**ସରଳତା ଓ ସତ୍ୟକଥା**

ଶ୍ରୀରାମକୃଷ୍ଣ(ଭକ୍ତମାନଙ୍କ ପ୍ରତି)—ଏପରି ଅବସ୍ଥାରେ ମାଆ ରଖିଛନ୍ତି ଯେ ଯୋଡ଼ା ଯୋଡ଼ି କରିବାର ଉପାୟ ନାହିଁ । ବାଳକର ଅବସ୍ଥା ।

''ରାଖାଲ ମୋର ଅବସ୍ଥା ବୁଝେନା । କାଳେ କେହି ଦେଖିପାରେ, ନିନ୍ଦା କରେ, ତେଣୁ ଦେହରେ ଲୁଗା ଦେଇ ଭଙ୍ଗାହାତ ଢାଙ୍କି ଦିଏ । ମଧୁ ଡାକ୍ତରଙ୍କୁ ଆଡୁଆଳକୁ ନେଇ ଯାଇ ସବୁ କଥା କହିଥିଲା । ସେତେବେଳେ ଚିତ୍କାର କରି କହିଲି—'କେଉଁଠି ହେ ମଧୁସୂଦନ, ଦେଖିବ ଆସ, ମୋର ହାତ ଭାଙ୍ଗି ଯାଇଛି ।'

''ସେଜୋବାବୁ ଆଉ ସେଜୋବାବୁଙ୍କ ସ୍ତ୍ରୀ ଯେଉଁ ଘରେ ଶୁଅନ୍ତି ସେହି ଘରେ ମୁଁ ମଧ ଶୁଏ । ସେମାନେ ଠିକ୍ ପିଲାଟି ପରି ମୋତେ ଯତ୍ନ କରନ୍ତି । ସେତେବେଳେ ମୋର ଉନ୍ମାଦ ଅବସ୍ଥା । ସେଜୋବାବୁ କହନ୍ତି, 'ବାବା ତୁମେ ଆମର କୌଣସି କଥାବାର୍ତ୍ତା ଶୁଣିବାକୁ ପାଅ ? ମୁଁ କହେ, 'ପାଏ' ।

''ସେଜୋବାବୁଙ୍କ ସ୍ତ୍ରୀ ସେଜୋବାବୁଙ୍କୁ ସନ୍ଦେହ କରି କହିଲେ, ଯଦି କେଉଁଠାକୁ ଯାଅ—ଭଟ୍ଟାଚାର୍ଯ୍ୟ ମହାଶୟ ତୁମ ସଙ୍ଗରେ ଯିବେ । ଗୋଟିଏ ଜାଗାକୁ ଗଲୁ—ମୋତେ ତଳେ ବସାଇଲେ । ତାହାପରେ ଅଧଘଣ୍ଟା ପରେ ଆସି କହିଲେ,

'ଚାଲ ବାବା ଗାଡ଼ିରେ ବସିବ ଚାଲ' । ସେଜୋବାବୁଙ୍କ ସ୍ତ୍ରୀ ପଚାରିଲେ, ମୁଁ ଠିକ୍ ଏହି ସବୁ କଥା କହିଲି । ମୁଁ କହିଲି, ଦେଖ, ଜଣକ ଘରକୁ ଆମେ ଗଲୁ, —ସେ ମୋତେ ତଳେ ବସାଇଲେ—ନିଜେ ଉପରକୁ ଗଲେ, ଅଧଘଣ୍ଟା ପରେ ଆସି କହିଲେ, 'ଚାଲ ବାବା ଚାଲ' । ସେଜୋବାବୁଙ୍କ ସ୍ତ୍ରୀ ଯାହାହୁଏ ବୁଝିନେଲେ ।

''ମଥୁରଙ୍କର ଜଣେ ଭାଗୁଆଳୀ ଏଠାକାର ଗଛର ଫଳ, କୋବି ଇତ୍ୟାଦି ଗାଡ଼ିରେ ଘରକୁ ଚାଲାଣ କରିଦିଅନ୍ତି । ଅନ୍ୟ ଭାଗୁଆଳୀମାନେ ପଚାରିବାରୁ ମୁଁ ଠିକ୍ ତାହା ହିଁ କହିଲି ।''

# ଅଷ୍ଟାଦଶ ପରିଚ୍ଛେଦ

## (୧)

## ଦକ୍ଷିଣେଶ୍ୱର ମନ୍ଦିରରେ ରାଖାଲ, ମାଷ୍ଟର, ମଣିଲାଲ ପ୍ରଭୃତିଙ୍କ ସଙ୍ଗରେ

(ଠାକୁର ଅଧୈର୍ଯ୍ୟ କାହିଁକି ? ମଣି ପଲ୍ଲିକଙ୍କ ପ୍ରତି ଉପଦେଶ ।)

ଠାକୁର ଶ୍ରୀରାମକୃଷ୍ଣ ମଧ୍ୟାହ୍ନ ସେବା ପରେ ଟିକିଏ ବିଶ୍ରାମ କରୁଛନ୍ତି । ତଳେ ମଣି ମଲ୍ଲିକ ବସିଛନ୍ତି । ଠାକୁରଙ୍କ ହାତରେ ବର୍ତ୍ତମାନ ମଧ ପଟା ବନ୍ଧା ହୋଇଛି । ମାଷ୍ଟର ଆସି ପ୍ରଣାମ କରି ମଣି ମଲ୍ଲିକଙ୍କ ପାଖରେ ତଳେ ବସିଲେ । ଆଜି ରବିବାର, ୧୩ ତାରିଖ ଫାଲଗୁନ, କୃଷ୍ଣା ତ୍ରୟୋଦଶୀ ତିଥି, ୨୪ ଫେବୃୟାରୀ ୧୮୮୪ ।

ଶ୍ରୀରାମକୃଷ୍ଣ(ମାଷ୍ଟରଙ୍କ ପ୍ରତି)—କିପରି ଆସିଲ ?

ମାଷ୍ଟର—ଆଜ୍ଞା, ଆଲମବଜାର ପର୍ଯ୍ୟନ୍ତ ଗାଡ଼ିରେ ଆସି ସେଠାରୁ ଚାଲି ଚାଲି ଆସିଛି ।

ମଣିଲାଲ—ଉଃ ! ଖୁବ୍ ଚାଲିଛନ୍ତି !

ଶ୍ରୀରାମକୃଷ୍ଣ(ସହାସ୍ୟେ)—ତେଣୁ ଭାବେ, ମୋର ଏସବୁ ପାଗଳାମି ନୁହେଁ । ତା' ନ ହେଲେ ଇଂଲିଶ୍‌ମ୍ୟାନ୍‌ମାନେ ଏତେ କଷ୍ଟ କରି ଆସନ୍ତେ !

(ଠାକୁର କିପରି ଅଛନ୍ତି—ହାତଭଙ୍ଗା କଥା ହେଉଛି ।)

ଶ୍ରୀରାମକୃଷ୍ଣ—ମୁଁ ଏଇଟା ପାଇଁ ଥରେ ଥରେ ଅଧୈର୍ଯ୍ୟ ହୁଏ । ଯାକୁ ଦେଖାଏ, ତା'କୁ ଦେଖାଏ—ପୁଣି କହେ, ହଇ ହେ କଅଣ ଭଲ ହେବ ?

''ରାଖାଲ ରାଗେ—ମୋର ଅବସ୍ଥା ବୁଝେନା । ଥରେ ଥରେ ମନେକରେ, ଏଠାରୁ ଚାଲି ଯାଉ, ପୁଣି ମାଆଙ୍କୁ କହେ—ମା' କେଉଁଠାକୁ ଯିବ—କେଉଁଠାକୁ ଜଳି ପୋଡ଼ିବାକୁ ଯିବ ?''

''ମୋର ବାଳକ ପରି ଅଧୈର୍ଯ୍ୟ ଅବସ୍ଥା ନୂଆ ନୁହେଁ । ସେଜୋବାବୁଙ୍କୁ ହାତ ଦେଖାଇ କହୁଥିଲି, ହଇହେ ମୋର କି ବେମାରି ହୋଇଛି ?

''ଆଛା, ତାହାହେଲେ ଈଶ୍ୱରଙ୍କ ଠାରେ ନିଷ୍ଠା କାହିଁ ? ସେ ଦେଶକୁ ଯିବା ସମୟରେ ଗୋରୁଗାଡ଼ି ନିକଟକୁ ଡକାୟତପରି ଲାଠି ହାତରେ ଧରି କେତେଜଣ ଲୋକ ଆସିଲେ । ମୁଁ ଈଶ୍ୱରଙ୍କ ନାମ କରିବାକୁ ଲାଗିଲି । କିନ୍ତୁ କେତେବେଳେ କହେ ରାମ, କେତେବେଳେ ଦୁର୍ଗା, କେତେବେଳେ ଓଁ ତତ୍‌ସତ୍—ଯେଉଁଟା ଖଟେ ।''

(ମାଷ୍ଟରଙ୍କ ପ୍ରତି)—''ଆଛା, ମୋର ଏତେ ଅଧୈର୍ଯ୍ୟ କାହିଁକି ?''

ମାଷ୍ଟର—ଆପଣ ସର୍ବଦା ହିଁ ସମାଧିସ୍ଥ,—ଭକ୍ତମାନଙ୍କ ପାଇଁ ଟିକିଏ ମନ ଶରୀର ଉପରେ ରଖିଛନ୍ତି, ତେଣୁ ଶରୀର ରକ୍ଷା ପାଇଁ ଥରେ ଥରେ ଅଧୈର୍ଯ୍ୟ ହୁଅନ୍ତି ।

ଶ୍ରୀରାମକୃଷ୍ଣ—ହଁ, ଟିକିଏ ମନ ଅଛି କେବଳ ଶରୀରରେ,—ଆଉ ଭକ୍ତି ଭକ୍ତ ନେଇ ରହିବାକୁ ।

### ପ୍ରଦର୍ଶନୀ ଦର୍ଶନ ପ୍ରସ୍ତାବ । ଠାକୁରଙ୍କର ଚିଡ଼ିଆଖାନା ଦର୍ଶନ

ମଣିଲାଲ ମଲ୍ଲିକ ପ୍ରଦର୍ଶନୀର ଗଳ୍ପ କରୁଛନ୍ତି ।

ଯଶୋଦା କୃଷ୍ଣଙ୍କୁ କୋଳରେ ଧରିଛନ୍ତି—ବଡ଼ ସୁନ୍ଦର ମୂର୍ତ୍ତି—ଶୁଣି ଠାକୁରଙ୍କର ଚକ୍ଷୁ ଅଶ୍ରୁପୂର୍ଣ୍ଣ । ସେହି ବାତ୍ସଲ୍ୟରସର ପ୍ରତିମା ଯଶୋଦାଙ୍କର କଥା ଶୁଣି ଠାକୁରଙ୍କର ଉଦ୍ଦୀପନା ହୋଇଛି—ତେଣୁ କାନ୍ଦୁଛନ୍ତି ।

ମଣିଲାଲ—ଆପଣଙ୍କର ବେମାରୀ,—ତା ନହେଲେ ଆପଣ ଥରେ ଯାଇ ଦେଖି ଆସନ୍ତେ—ଗଡ଼ପଡ଼ିଆରେ ପ୍ରଦର୍ଶନୀ ।

ଶ୍ରୀରାମକୃଷ୍ଣ(ମାଷ୍ଟର ପ୍ରଭୃତିଙ୍କ ପ୍ରତି)—ମୁଁ ଗଲେ ସବୁ ଦେଖିପାରିବି ନାହିଁ । ଗୋଟିଏ କିଛି ଦେଖି ବେହୋସ ହୋଇଯିବି—ଆଉ କିଛି ଦେଖା ହେବ ନାହିଁ । ଚିଡ଼ିଆଖାନା ଦେଖାଇବାକୁ ନେଇଥିଲେ । ସିଂହ ଦର୍ଶନ କରି ମୁଁ ସମାଧିସ୍ଥ ହୋଇଗଲି ! ଈଶ୍ୱରୀଙ୍କ ବାହନ ଦେଖି ଈଶ୍ୱରୀଙ୍କ ଉଦ୍ଦୀପନ ହେଲା—ସେତେବେଳେ ଆଉ ଅନ୍ୟ ଜନ୍ତୁ କିଏ ଦେଖେ ! ସିଂହ ଦେଖି ଫେରି ଆସିଲି । ତେଣୁ ଯଦୁ ମଲ୍ଲିକଙ୍କର ମା' ଥରେ କହିଲା, ପ୍ରଦର୍ଶନୀକୁ ଏହାଙ୍କୁ ନେଇ ଚାଲ,—ପୁଣି କହିଲା ନା ।

ମଣି ମଲ୍ଲିକ ପୁରାତନ ବ୍ରହ୍ମଜ୍ଞାନୀ । ବୟସ ପ୍ରାୟ ୬୫ ହୋଇଛି । ଠାକୁର ତାଙ୍କରି ଭାବରେ, କଥାଛଳରେ, ତାହାଙ୍କୁ ଉପଦେଶ ଦେଉଛନ୍ତି ।

### ପୂର୍ବ କଥା—ଜୟନାରାୟଣ ପଣ୍ଡିତଙ୍କୁ ଦର୍ଶନ—ଗୌରୀ ପଂଣ୍ଡିତ

ଶ୍ରୀରାମକୃଷ୍ଣ—ଜୟନାରାୟଣ ପଣ୍ଡିତ ଖୁବ୍ ଉଦାର ଥିଲେ । ଯାଇ ଦେଖିଲି ବେଶ୍ ଭାବଟି । ପିଲାମାନେ ବୁଟ୍ ପିନ୍ଧିଛନ୍ତି, ନିଜେ କହିଲେ, ମୁଁ କାଶୀ ଯିବି । ଯାହା କହିଲେ ତାହା ହିଁ ଶେଷରେ କଲେ । କାଶୀରେ ବାସ—ଆଉ କାଶୀରେ ହିଁ ଦେହତ୍ୟାଗ ହେଲା ।[୧]

"ବୟସ ହେଲେ ଏହିପରି ଚାଲିଯାଇ ଈଶ୍ୱର ଚିନ୍ତା କରିବା ଭଲ । କଅଣ କହୁଛ ?"

ମଣିଲାଲ—ହଁ, ସଂସାରର ଝଞ୍ଜାଟ ଭଲଲାଗେ ନାହିଁ ।

---

୧. ଶ୍ରୀରାମକୃଷ୍ଣ ୧୮୬୯ ପୂର୍ବରୁ ପଣ୍ଡିତଙ୍କୁ ଦେଖିଥିଲେ । ପଣ୍ଡିତ ଜୟନାରାୟଣଙ୍କର କାଶୀ ଗମନ ୧୮୬୯ । ଜନ୍ମ—୧୮୦୪, କାଶୀପ୍ରାପ୍ତି—୧୮୭୩ ଖ୍ରୀଷ୍ଟାବ୍ଦ ।

ଶ୍ରୀରାମକୃଷ୍ଣ — ଗୌରୀ ସ୍ତ୍ରୀଙ୍କୁ ପୁଷ୍ପାଞ୍ଜଳି ଦେଇ ପୂଜା କରେ । ସମସ୍ତ ସ୍ତ୍ରୀ ହିଁ ଭଗବତୀଙ୍କର ଗୋଟିଏ ଗୋଟିଏ ରୂପ ।

(ମଣିଲାଲଙ୍କ ପ୍ରତି) — ତୁମର ସେହି କଥାଟି ଏମାନଙ୍କୁ କୁହତ ।

ମଣିଲାଲ (ସହାସ୍ୟ) — ନୌକା କରି କେତେ ଜଣ ଗଙ୍ଗା ପାର ହେଉଥିଲେ । ଜଣେ ପଣ୍ଡିତ ବହୁତ ବିଦ୍ୟାର ପରିଚୟ ଦେଉଥିଲେ । 'ମୁଁ ନାନା ଶାସ୍ତ୍ର ପଢ଼ିଛି, — ବେଦ — ବେଦାନ୍ତ — ଷଡ଼ଦର୍ଶନ ।' ଜଣକୁ ପ୍ରଶ୍ନ କଲେ — 'ବେଦାନ୍ତ ଜାଣ ?' ସେ କହିଲା 'ଆଜ୍ଞା ନା ।' 'ତୁମେ ସାଂଖ୍ୟ ପାତାଞ୍ଜଳ ଜାଣ ?' — 'ଆଜ୍ଞା ନା' । 'ଦର୍ଶନ ଫର୍ଶନ କିଛି ପଢ଼ିଛ ?' — 'ଆଜ୍ଞା ନା ।'

ପଣ୍ଡିତ ସଗର୍ବେ କଥା କହୁଛନ୍ତି ଓ ଲୋକ ଚୁପ୍ କରି ବସିଛି । ଏହି ସମୟରେ ଭୟଙ୍କର ଝଡ଼ — ନୌକା ବୁଡ଼ିବାକୁ ଲାଗିଲା । ସେହି ଲୋକଟି କହିଲା, 'ପଣ୍ଡିତଜୀ, ଆପଣ ପହଁରି ଜାଣନ୍ତି ? ପଣ୍ଡିତ କହିଲେ, 'ନା' । ସେ କହିଲା, 'ମୁଁ ସାଂଖ୍ୟ, ପାତଞ୍ଜଳ ଜାଣେ ନାହିଁ, କିନ୍ତୁ ପହଁରି ଜାଣେ ।

## ଈଶ୍ୱର ହିଁ ବସ୍ତୁ ଆଉ ସବୁ ଅବସ୍ତୁ — ଲକ୍ଷ୍ୟ ଭେଦ

ଶ୍ରୀରାମକୃଷ୍ଣ(ସହାସ୍ୟ) — ନାନା ଶାସ୍ତ୍ର ଜାଣିଲେ କ'ଣ ହେବ । ଭବନଦୀ ପାରି ହେବାକୁ ଜାଣିବା ଦରକାର । **ଈଶ୍ୱର ହିଁ ବସ୍ତୁ ଆଉ ସବୁ ଅବସ୍ତୁ ।**

''ଲକ୍ଷ୍ୟଭେଦ ସମୟରେ ଦ୍ରୋଣାଚାର୍ଯ୍ୟ ଅର୍ଜୁନଙ୍କୁ ପଚାରିଲେ, ତୁମେ କଅଣ କଅଣ ଦେଖି ପାରୁଛ ? — ଏହି ରାଜାମାନଙ୍କୁ କଅଣ ତୁମେ ଦେଖି ପାରୁଛ ? ଅର୍ଜୁନ କହିଲେ, — 'ନା' । ମୋତେ ଦେଖି ପାରୁଛ ? — 'ନା' — ଗଛ ଉପରେ ପକ୍ଷୀ ଦେଖିପାରୁଛ' ? — 'ନା' । 'ତେବେ କଅଣ ଦେଖିପାରୁଛ' ? — 'କେବଳ ପକ୍ଷୀର ଚକ୍ଷୁ' ।

''ଯେ କେବଳ ପକ୍ଷୀର ଚକ୍ଷୁଟି ଦେଖିପାରେ, ସେ ଲକ୍ଷ୍ୟ ବିନ୍ଧି ପାରେ ।

''ଯେ କେବଳ ଦେଖେ ଈଶ୍ୱର ହିଁ ବସ୍ତୁ ଆଉ ସବୁ ଅବସ୍ତୁ, ସେ ହିଁ ଚତୁର । ଅନ୍ୟ ଖବରରେ ଆମର କାର୍ଯ୍ୟ କଅଣ ? ହନୁମାନ କହିଥିଲେ, ମୁଁ ତିଥି ନକ୍ଷତ୍ର ଏତେ ଜାଣେ ନାହିଁ, — କେବଳ ରାମ ଚିନ୍ତା କରେ ।

(ମାଷ୍ଟରଙ୍କ ପ୍ରତି) — ''ଏଠା ପାଇଁ କେତେଖଣ୍ଡ ପଙ୍ଖା କିଣି ଦିଅ ।

(ମଣିଲାଲଙ୍କ ପ୍ରତି) — ''ଆହେ ତୁମ୍ଭେ ଥରେ ଏହାଙ୍କ (ମାଷ୍ଟରଙ୍କର) ବାପାଙ୍କ ପାଖକୁ ଯାଅ । ଭକ୍ତ ଦେଖିଲେ ଉଦ୍ଦୀପନ ହେବ ।''

## ଶ୍ରୀଯୁକ୍ତ ମଣିଲାଲ ପ୍ରଭୃତିଙ୍କ ପ୍ରତି ଉପଦେଶ — ନରଲୀଳା

ଶ୍ରୀରାମକୃଷ୍ଣ ନିଜ ଆସନରେ ବସିଛନ୍ତି । ମଣିଲାଲ ପ୍ରଭୃତି ଭକ୍ତମାନେ ତଳେ ବସି ଠାକୁରଙ୍କର ମଧୁର କଥାମୃତ ପାନ କରୁଛନ୍ତି ।

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି) — ଏହି ହାତ ଭଙ୍ଗାପରେ ଗୋଟାଏ ଅବସ୍ଥା ବଦଳି ଯାଉଛି । ନରଲୀଳାଟି କେବଳ ଭଲ ଲାଗୁଛି ।

''ନିତ୍ୟ ଆଉ ଲୀଳା । ନିତ୍ୟ—ସେହି ଅଖଣ୍ଡ ସଚ୍ଚିଦାନନ୍ଦ । ଲୀଳା—ଈଶ୍ୱରଲୀଳା, ଦେବଲୀଳା, ନରଲୀଳା, ଜଗତ୍‌ଲୀଳା ।

**ତୁମେ ସଚ୍ଚିଦାନନ୍ଦ, ବୈଷ୍ଣବଚରଣଙ୍କ ଶିକ୍ଷା**

**ଠାକୁରଙ୍କର ରାମଲୀଳା ଦର୍ଶନ**

''ବୈଷ୍ଣବଚରଣ କହେ ନରଲୀଳାରେ ବିଶ୍ୱାସ ହେଲେ ତେବେ ପୂର୍ଣ୍ଣଜ୍ଞାନ ହେବ । ସେତେବେଳେ ଶୁଣୁ ନ ଥିଲି । ବର୍ତ୍ତମାନ ଦେଖୁଛି ଠିକ୍ । ବୈଷ୍ଣବଚରଣ ମନୁଷ୍ୟର ଛବି ଦେଖି କୋମଳ ଭାବ ପ୍ରେମର ଭାବ ପସନ୍ଦ କରନ୍ତି ।

(ମଣିଲାଲଙ୍କ ପ୍ରତି)—ଈଶ୍ୱର ହିଁ ମନୁଷ୍ୟ ହୋଇ ଲୀଳା କରୁଛନ୍ତି—ସେହିଁ କେବଳ ମଣି ମଲ୍ଲିକ ହୋଇଛନ୍ତି । ଶିଖମାନେ ଶିକ୍ଷା ଦିଅନ୍ତି—**ତୁମେ ସଚ୍ଚିଦାନନ୍ଦ !**

''ଥରେ ଥରେ ନିଜର ସ୍ୱରୂପ (ସଚ୍ଚିଦାନନ୍ଦ) ଦେଖି ପାରି ମନୁଷ୍ୟ ଅବାକ୍ ହୁଏ, ଆଉ ଆନନ୍ଦରେ ଭାସେ । ହଠାତ୍ ଆତ୍ମୀୟ ଦର୍ଶନ ହେଲେ ଯେପରି ହୁଏ । (ମାଷ୍ଟରଙ୍କ ପ୍ରତି)—ସେଦିନ ସେହି ଗାଡ଼ିରେ ଆସୁ ଆସୁ ବାବୁରାମଙ୍କୁ ଦେଖି ଯେପରି ହୋଇଥିଲା ।

''ଶିବ ଯେତେବେଳେ ସ୍ୱ-ସ୍ୱରୂପକୁ ଦେଖନ୍ତି, ସେତେବେଳେ 'ମୁଁ କିଏ !' 'ମୁଁ କିଏ ।' ବୋଲି ନୃତ୍ୟ କରନ୍ତି ।

''ଅଧ୍ୟାତ୍ମରେ (ଅଧ୍ୟାତ୍ମ ରାମାୟଣରେ) ଏହି କଥା ଅଛି । ନାରଦ କହୁଛନ୍ତି, 'ହେ ରାମ, ଯେତେ ପୁରୁଷ ସବୁ ତୁମେ,—ସୀତା କେବଳ ସବୁ ସ୍ତ୍ରୀଲୋକ ହୋଇଛନ୍ତି' ।

''ରାମଲୀଳାରେ ଅଭିନେତାମାନଙ୍କୁ ଦେଖି ବୋଧହେଲା ନାରାୟଣ ହିଁ ଏହିସବୁ ମନୁଷ୍ୟର ରୂପ ଧରି ରହିଛନ୍ତି । ଅସଲ ନକଲ ସମାନ ବୋଧ ହେଲା ।

''କୁମାରୀ ପୂଜା କରନ୍ତି କାହିଁକି ? ସବୁ ସ୍ତ୍ରୀଲୋକ ଭଗବତୀଙ୍କର ଗୋଟିଏ ଗୋଟିଏ ରୂପ । ଶୁଦ୍ଧାତ୍ମା କୁମାରୀଙ୍କଠାରେ ଭଗବତୀଙ୍କର ବେଶୀ ପ୍ରକାଶ ।

**କାହିଁକି ବେମାରିରେ ଠାକୁର ବେଶୀ ଅଧୈର୍ଯ୍ୟ**

**—ଠାକୁରଙ୍କର ବାଳକ ଓ ଭକ୍ତର ଅବସ୍ଥା**

(ମାଷ୍ଟରଙ୍କ ପ୍ରତି)—କାହିଁକି ମୁଁ ବେମାରି ହେଲେ ଅଧୈର୍ଯ୍ୟ ହୁଏ । ମୋତେ ବାଳକ ସ୍ୱଭାବରେ ରଖିଛନ୍ତି । ବାଳକର ସବୁ ନିର୍ଭର ମାଆ ଉପରେ ।

''ଦାସୀର ପୁତ୍ର ବାବୁଙ୍କ ପୁତ୍ର ସଙ୍ଗରେ କଳି କରୁକରୁ କହେ ମୁଁ ମାଆକୁ କହିଦେବି ।

**ରାଧାବଜାରରେ ସୁରେନ୍ଦ୍ର କର୍ତ୍ତୃକ ଫଟୋ ତୋଳା ୧୮୮୧**

''ରାଧାବଜାରକୁ ମୋର ଛବି ଉଠାଇବା ପାଇଁ ନେଇଥିଲେ । ସେଦିନ ରାଜେନ୍ଦ୍ର ମିତ୍ରଙ୍କ ଘରକୁ ଯିବାର କଥା ଥିଲା—କେଶବ ସେନ ଏବଂ ଅନ୍ୟମାନେ

ଆସିବେ ବୋଲି ଶୁଣିଥିଲି । କେତେଟା କଥା କହିବି ବୋଲି ଠିକ୍ କରିଥିଲି । ରାଧାବଜାରକୁ ଯାଇ ସବୁ ଭୁଲିଗଲି । ସେତେବେଳେ କହିଲି, 'ମା' ତୁମେ କହିବ ! ମୁଁ ଆଉ କଅଣ କହିବି !

### ପୂର୍ବକଥା—କୋୟାର ସିଂ । ରାମଲାଲଙ୍କର ମା', କୁମାରୀ-ପୂଜା

''ମୋର ଜ୍ଞାନୀର ସ୍ୱଭାବ ନୁହେଁ । ଜ୍ଞାନୀ ନିଜକୁ ଦେଖେ ବଡ଼—କହେ, ମୋର ପୁଣି ରୋଗ !

''କୋୟାର ସିଂ କହିଲେ, ତୁମର ବର୍ତ୍ତମାନ ମଧ୍ୟ ଦେହପାଇଁ ଭାବନା ଅଛି ?

''ମୋର ସ୍ୱଭାବ ଏହି ଯେ—ମୋର ମା' ସବୁ ଜାଣେ । ରାଜେନ୍ଦ୍ର ମିତ୍ରଙ୍କର ଘରେ ସେ କଥା କହିବେ । ସେହି କଥା ହିଁ କଥା । ସରସ୍ୱତୀଙ୍କର ଜ୍ଞାନର ଗୋଟିଏ କିରଣରେ ହଜାର ପଣ୍ଡିତ ଚୁପ୍ ହୋଇ ଯାଆନ୍ତି ।

''ଭକ୍ତ ଅବସ୍ଥାରେ—ବିଜ୍ଞାନୀ ଅବସ୍ଥାରେ—ରଖିଛନ୍ତି । ତେଣୁ ରାଖାଲ ପ୍ରଭୃତିଙ୍କ ସଙ୍ଗରେ ଫେଚ୍‌କାମି କରେ । ଜ୍ଞାନୀ ଅବସ୍ଥାରେ ରଖିଲେ ସେହିଟି ହୁଅନ୍ତା ନାହିଁ ।

''ଏ ଅବସ୍ଥାରେ ଦେଖେ ମାଆ ହିଁ ସବୁ ହୋଇଛନ୍ତି । ସର୍ବତ୍ର ତାଙ୍କୁ ଦେଖିବାକୁ ପାଏ ।

''କାଳୀଘରେ ଦେଖିଲି, ମାଆ ହିଁ ସବୁ ହୋଇଛନ୍ତି—ଦୁଷ୍ଟଲୋକ ପର୍ଯ୍ୟନ୍ତ—ଭାଗବତ ପଣ୍ଡିତଙ୍କର ଭାଇ ପର୍ଯ୍ୟନ୍ତ ।

''ରାମଲାଲଙ୍କର ମାଆଙ୍କୁ ଗାଳି ଦେବାକୁ ଯାଇ ଆଉ ପାରିଲି ନାହିଁ । ଦେଖିଲି ତାଙ୍କର ଗୋଟିଏ ରୂପ । ମାଆଙ୍କୁ କୁମାରୀଙ୍କ ଭିତରେ ଦେଖିବାକୁ ପାଏ ବୋଲି, କୁମାରୀ ପୂଜା କରେ ।

''ମୋର ସ୍ତ୍ରୀ (ଭକ୍ତମାନଙ୍କର ଶ୍ରୀଶ୍ରୀମା') ପାଦରେ ହାତ ବୁଲାଇ ଦିଅନ୍ତି, ତାହାପରେ ମୁଁ ପୁଣି ନମସ୍କାର କରେ ।

''ତୁମ୍ଭେମାନେ ମୋ ପାଦରେ ହାତ ଦେଇ ନମସ୍କାର କର, ହୃଦୁ ଥିଲେ ପାଦରେ ହାତ ଦିଏ କିଏ !—କାହାକୁ ହେଲେ ପାଦ ଛୁଇଁବାକୁ ଦିଏ ନାହିଁ ।

''ଏହି ଅବସ୍ଥାରେ ରଖିଛନ୍ତି ବୋଲି ନମସ୍କାର ଫେରାଇବାକୁ ହୁଏ ।

''ଦେଖ ଦୁଷ୍ଟଲୋକଙ୍କ ପର୍ଯ୍ୟନ୍ତ ବାଦ ଦେବାର କୁ ନାହିଁ । ତୁଳସୀ ଶୁଖିଲା ହେଉ, ଛୋଟ ହେଉ—ଠାକୁର ସେବାରେ ଲାଗିବ ।''

# ଉନବିଂଶ ପରିଚ୍ଛେଦ

## (୧)

## ଦକ୍ଷିଣେଶ୍ୱର ମନ୍ଦିରରେ ନରେନ୍ଦ୍ରାଦି ଭକ୍ତମାନଙ୍କ ସଙ୍ଗରେ

ଠାକୁର ଶ୍ରୀରାମକୃଷ୍ଣ କାଳୀମନ୍ଦିରରେ ସେହି ପୂର୍ବ ପରିଚିତ ଘରେ ଛୋଟ ଖଟଟିରେ ବସି ଗୀତ ଶୁଣୁଛନ୍ତି । ବ୍ରାହ୍ମ ସମାଜର ଶ୍ରୀଯୁକ୍ତ ତ୍ରୈଲୋକ୍ୟ ସାନ୍ୟାଲ ଗୀତ ଗାଉଛନ୍ତି । ଆଜି ରବିବାର ୨୦ ତାରିଖ ଫାଲ୍‌ଗୁନ; ଶୁକ୍ଳାପଞ୍ଚମୀ ତିଥି, ୨ ମାର୍ଚ୍ଚ ୧୮୮୪ ଖ୍ରୀଷ୍ଟାବ୍ଦ । ତଳେ ଭକ୍ତମାନେ ବସିଛନ୍ତି ଓ ଗୀତ ଶୁଣୁଛନ୍ତି — ନରେନ୍ଦ୍ର, ସୁରେନ୍ଦ୍ର (ମିତ୍ର), ମାଷ୍ଟର, ତ୍ରୈଲୋକ୍ୟ ପ୍ରଭୃତି ଅନେକେ ବସିଛନ୍ତି ।

ଶ୍ରୀଯୁକ୍ତ ନରେନ୍ଦ୍ରଙ୍କ ପିତା ବଡ଼ ଅଦାଲତରେ ଓକିଲ ଥିଲେ; ତାଙ୍କର ପରଲୋକ ପ୍ରାପ୍ତି ହେବାରୁ ତାଙ୍କର ପରିବାରବର୍ଗ ବଡ଼ କଷ୍ଟରେ ପଡ଼ିଛନ୍ତି । ଏପରିକି ମଝିରେ ମଝିରେ ଖାଇବାକୁ କିଛି ନ ଥାଏ । ନରେନ୍ଦ୍ର ଏହିସବୁ ଭାବନାରେ ଅତି କଷ୍ଟରେ ଅଛନ୍ତି ।

ହାତ ଭାଙ୍ଗିଯିବା ଦିନଠାରୁ ଠାକୁରଙ୍କର ଶରୀର ଭଲ ନାହିଁ । ହାତରେ ଅନେକ ଦିନ ପଟି ଦେଇ ରଖା ହୋଇଥିଲା ।

ତ୍ରୈଲୋକ୍ୟ ମାଆଙ୍କର ଗୀତ ଗାଉଛନ୍ତି । ଗୀତରେ କହୁଛନ୍ତି, 'ମା' ତୁମ କୋଳରେ ନେଇ ଅଞ୍ଚଳରେ ଢାଙ୍କି ମୋତେ ବକ୍ଷ ଉପରେ ରଖ ।'

ଲୁଚି ରହିବି ମା' ତୁମ କୋଳରେ ।
ମା' ମା' ଡାକି ତୁମ ମୁଖ ଦେଖିବି ମୁଁ ଆନନ୍ଦରେ ॥
ମହାଯୋଗେ ନିଦ୍ରାବଶେ ମଜ୍ଜି ଚିଦାନନ୍ଦ ରସେ,
ନୟନେ ନୟନ ରଖି ଚାହିଁବି ରୂପ ଅନିମେଷେ ॥
ଦେଖି ଶୁଣି ଭୟ କରେ, ପ୍ରାଣ କାନ୍ଦି ଉଠେ ଡରେ ।
ଢାଙ୍କି ତୋ ସ୍ନେହ ଅଞ୍ଚଳେ, ନିଅ ମା' ଗୋ ମୋତେ କୋଳେ ॥

ଠାକୁର ଶୁଣୁ ଶୁଣୁ ପ୍ରେମାଶ୍ରୁ ବିସର୍ଜନ କରୁଛନ୍ତି ଆଉ କହୁଛନ୍ତି, ଆହା ! କି ଭାବ ! ତ୍ରୈଲୋକ୍ୟ ପୁଣି ଗାଉଛନ୍ତି —

(ଲୋଫା)
ଲଜ୍ଜା ନିବାରଣ ହରି ମୋହର
(ମନବାଞ୍ଛା ପ୍ରଭୁ ପୂରଣ କର)
ଭକତର ମାନ, ଆହେ ଭଗବାନ ତୁମ ବିନା କିଏ ରଖିବ ମୋର
ତୁମେ ପ୍ରାଣପତି ପ୍ରାଣାଧାର, ମୁଁ ଚିର କ୍ରୀତଦାସ ତୁମର
(ବଡ଼ ଦଶକାମୀ)
ତୁମ ପଦ ସାର କରି, ଜାତି କୁଳ ପରିହରି, ଲାଜ ଭୟ ଦେଲି ଜଳାଞ୍ଜଳି

ପଥର ପଥିକ ହୋଇ ଏବେ ମୁଁ କୁଆଡ଼େ ଯିବି,
ତୁମ ପାଇଁ ପ୍ରଭୁ ମୁଁ ହୋଇଲି କଳଙ୍କଭାଗୀ,
ନିନ୍ଦା ଓ ଗଞ୍ଜନା ଶୁଣେ ତୁମ ସହ ପ୍ରୀତି କରି ।
ସରମ ଭରମ ମୋର, ଏବେ ଯେ ସକଳ ତୋର,
ରଖ ବା ନ ରଖ ତୁମ ଦାୟ, ମୋ ମାନ ସହ ତୁମ ମାନ ଯାଏ ।
ତୁମେ ହେ ହୃଦୟ ସ୍ୱାମୀ, ତୁମ ମାନେ ମୁଁ ହିଁ ମାନୀ
ଯାହା ଇଚ୍ଛା କର ପ୍ରଭୁ, ଗତି ମୋର ତୁମେ ସ୍ୱାମୀ ॥
(ଛୋଟ ଦଶକଶୀ)
ଘରୁ ବାହାର କରି, ମଜାଇଲ ଯଦି ହରି,
ତବ ଶ୍ରୀଚରଣେ ପ୍ରଭୁ ଦିଅ ମୋତେ ସ୍ଥାନ ।
ଅନୁଦିନ ପ୍ରେମମଧୁ, ପିଆଅ ପରାଣବନ୍ଧୁ, ପ୍ରେମଦାସେ କର ପରିତ୍ରାଣ ।

ଠାକୁର ପୁଣି ପ୍ରେମାଶ୍ରୁ ବିସର୍ଜନ କରୁ କରୁ ତଳେ ଆସି ବସିଲେ । ଆଉ ରାମ ପ୍ରସାଦ ଭାବରେ ଗାଉଛନ୍ତି —

'ଯଶ ଅପଯଶ, କୁରସ, ସୁରସ ସକଳ ରସ ତୁମରି ।
(ଓ ମା') । ରସରୁ ପୁଣି ରସଭଙ୍ଗ କିମ୍ବା ରସେଶ୍ୱରୀ ॥'

ତ୍ରୈଲୋକ୍ୟଙ୍କୁ କହୁଛନ୍ତି, ଆହା ! ତୁମର କି ଗୀତ ! ତୁମର ଗୀତ ଠିକ୍ ଠିକ୍ । ଯେ ସମୁଦ୍ରକୁ ଯାଏ ସେ ସମୁଦ୍ରର ଜଳ ଆଣି ଦେଖାଏ ।

ତ୍ରୈଲୋକ୍ୟ  ପୁଣି ଗୀତ ଗାଉଛନ୍ତି —
ନିଜେ ନାଚ, ନିଜେ ଗାଅ, ନିଜେ ବଜାଅ ତାଳେ ତାଳେ,
ମଣିଷ ସାକ୍ଷୀଗୋପାଳ ମିଛେ ମୋର ମୋର କହେ ।
ଦେହ ଯନ୍ତ୍ରେ ତୁମେ ଯନ୍ତ୍ରୀ, ଆତ୍ମାରଥେ ତୁମେ ରଥୀ,
ଜୀବ ଯେ ପାପର ଭାଗୀ, ନିଜ ସ୍ୱାଧୀନତା ଫଳେ ।

## (The Absolute Identical with the Phenomenal World)

## ନିତ୍ୟଲୀଳା ଯୋଗ — ପୂର୍ଣ୍ଣଜ୍ଞାନ ବା ବିଜ୍ଞାନ

ଗୀତ ସମାପ୍ତ ହେଲା । ଠାକୁର ଏଥର କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ(ତ୍ରୈଲୋକ୍ୟ ଓ ଅନ୍ୟାନ୍ୟ ଭକ୍ତମାନଙ୍କ ପ୍ରତି) — ହରି ହିଁ ସେବ୍ୟ ହରି ହିଁ ସେବକ — ଏହି ଭାବଟି ପୂର୍ଣ୍ଣ ଜ୍ଞାନର ଲକ୍ଷଣ । ପ୍ରଥମରେ ନେତି ନେତି କରି ହରି ହିଁ ସତ୍ୟ ଆଉ ସବୁ ମିଥ୍ୟା ବୋଲି ବୋଧହୁଏ । ତା' ପରେ ଦେଖେ ହରି ହିଁ ଏହିସବୁ ହୋଇଛନ୍ତି । ଈଶ୍ୱର ହିଁ ମାୟା, ଜୀବଜଗତ୍, ଏହିସବୁ ହୋଇଛନ୍ତି । ଅନୁଲୋମ ହୋଇ ତା' ପରେ ବିଲୋମ । ଏହିଟି ପୁରାଣର ମତ । ଯେପରି ଗୋଟିଏ ବେଲ ଭିତରେ ଶସ, ବୀଜ ଓ ଖୋଳ ଅଛି । ଖୋଳ ବୀଜ

ପକାଇ ଦେଲେ ଶସ ଟିକକ ମିଳେ କିନ୍ତୁ ବେଲଟି କେତେ ଓଜନର ଥିଲା ଜାଣିବାକୁ ହେଲେ, ଖୋଳ ଓ ବୀଜ ବାଦ ଦେଲେ ଚଳିବ ନାହିଁ । ତେଣୁ ଜୀବଜଗତକୁ ଛାଡ଼ି ପ୍ରଥମେ ସଚ୍ଚିଦାନନ୍ଦଙ୍କ ଠାରେ ପହଞ୍ଚିବାକୁ ହୁଏ, ତା'ପରେ ସଚ୍ଚିଦାନନ୍ଦଙ୍କୁ ଲାଭ କରି ଦେଖେ ଯେ, ସେ ହିଁ କେବଳ ଏହିସବୁ ଜୀବଜଗତ୍ ହୋଇଛନ୍ତି । ଶସ ଯେଉଁ ବସ୍ତୁର, ବୀଜ ଓ ଖୋଳ ସେହି ବସ୍ତୁର ହିଁ ହୋଇଛି; — ଯେପରି ଘୋଳର ଲହୁଣୀ, ଲହୁଣୀର ଘୋଳ ।

''ତେବେ କେହି କହିପାରେ ସଚ୍ଚିଦାନନ୍ଦ ଏତେ ଶକ୍ତ ହେଲେ କିପରି ? — ଏହି ଜଗତକୁ ଚିପିଲେ ଖୁବ୍ କଠିନ ବୋଧ ହୁଏ । ତାହାର ଉତ୍ତର ଏହି ଯେ, ଶୋଣିତ ଶୁକ୍ର ଏତେ ତରଳ ଜିନିଷ — କିନ୍ତୁ ସେଥିରୁ ଏତେ ବଡ଼ ଜୀବ — ମନୁଷ୍ୟ ତିଆରି ହେଉଛି । ତାଙ୍କଠାରୁ ସବୁ ହୋଇପାରେ । ଥରେ ଅଖଣ୍ଡ ସଚ୍ଚିଦାନନ୍ଦରେ ପହଞ୍ଚି, ତାହା ପରେ ଅବତରଣ କରି ଏହିସବୁ କଥା ।

### ସଂସାର ଈଶ୍ୱର ଛଡ଼ା ନୁହେଁ । ଯୋଗୀ ଓ ଭକ୍ତର ପ୍ରଭେଦ

ସେ ସବୁ ହୋଇଛନ୍ତି । ସଂସାର କିଛି ତାଙ୍କ ଛଡ଼ା ନୁହେଁ । ଗୁରୁଙ୍କ ପାଖରେ ବେଦ ପଢ଼ି ରାମଚନ୍ଦ୍ରଙ୍କର ବୈରାଗ୍ୟ ହେଲା । ସେ କହିଲେ, ସଂସାର ଯଦି ସ୍ୱପ୍ନବତ୍ ତେବେ ସଂସାର ତ୍ୟାଗ କରିବା ହିଁ ଭଲ । ଦଶରଥଙ୍କର ବଡ଼ ଭୟ ହେଲା । ସେ ରାମଙ୍କୁ ବୁଝାଇବାକୁ ଗୁରୁ ବଶିଷ୍ଠଙ୍କୁ ପଠାଇ ଦେଲେ । ବଶିଷ୍ଠ କହିଲେ — ରାମ, ତୁମେ ସଂସାର ତ୍ୟାଗ କରିବ କାହିଁକି ? ତୁମେ ମୋତେ ବୁଝାଇଦିଅ ଯେ ସଂସାର କି ଈଶ୍ୱରଙ୍କ ଛଡ଼ା ? ଯଦି ତୁମେ ବୁଝାଇ ଦେଇପାର ଈଶ୍ୱରଙ୍କଠାରୁ ସଂସାର ହୋଇ ନାହିଁ, ତାହା ହେଲେ ତୁମେ ତ୍ୟାଗ କରିପାର । ରାମ ସେତେବେଳେ ଚୁପ୍ କରି ରହିଲେ — କୌଣସି ଉତ୍ତର ଦେଇପାରିଲେ ନାହିଁ ।

''ସବୁ ତତ୍ତ୍ୱ ଶେଷରେ ଆକାଶତତ୍ତ୍ୱରେ ଲୟ ହୁଏ । ପୁଣି ସୃଷ୍ଟି ସମୟରେ ଆକାଶତତ୍ତ୍ୱରୁ ମହତ୍‌ତତ୍ତ୍ୱ , ମହତ୍‌ତତ୍ତ୍ୱରୁ ଅହଂକାର, ଏହି ସବୁ କ୍ରମେ କ୍ରମେ ସୃଷ୍ଟି ହୋଇଛି । ଅନୁଲୋମ ବିଲୋମ । ଭକ୍ତ ସମସ୍ତଙ୍କୁ ନିଏ । ଭକ୍ତ ଅଖଣ୍ଡ ସଚ୍ଚିଦାନନ୍ଦଙ୍କୁ ନିଏ, ପୁଣି ଜୀବଜଗତକୁ ମଧ୍ୟ ନିଏ ।

''ଯୋଗୀର ପଥ କିନ୍ତୁ ଅଲଗା । ସେ ପରମାତ୍ମାରେ ପହଞ୍ଚି ଆଉ ଫେରେ ନାହିଁ । ସେହି ପରମାତ୍ମାଙ୍କ ସଙ୍ଗରେ ଯୋଗ ହୋଇଯାଏ ।

''ଟିକକ ଭିତରେ ଯିଏ ଈଶ୍ୱରଙ୍କୁ ଦେଖେ ତାହାର ନାମ **ଖଣ୍ଡଜ୍ଞାନୀ** — ସେ ମନେକରେ ଯେ ତାହାର ଆରପଟେ ସେ ନାହାନ୍ତି ।

''**ଭକ୍ତ ତିନି ଶ୍ରେଣୀର** । ଅଧମ ଭକ୍ତ କହେ 'ଏହି ଈଶ୍ୱର' ଅର୍ଥାତ୍ ଆକାଶ ଆଡ଼କୁ ସେ ଦେଖାଇ ଦିଏ । ମଧ୍ୟମ ଭକ୍ତ କହେ ଯେ, ସେ ହୃଦୟ ମଧ୍ୟରେ ଅନ୍ତର୍ଯ୍ୟାମୀ ରୂପେ ଅଛନ୍ତି । ଆଉ ଉତ୍ତମ ଭକ୍ତ କହେ ଯେ, ସେ ଏହି ସବୁ ହୋଇଛନ୍ତି, — ଯାହା କିଛି ଦେଖୁଛି ସମସ୍ତ ହିଁ ତାଙ୍କର ଗୋଟିଏ ଗୋଟିଏ

ରୂପ । ନରେନ୍ଦ୍ର ଆଗେ ଥଟ୍ଟା କରୁଥିଲା । ଆଉ କହୁଥିଲା, ସେ ସବୁ ହୋଇଛନ୍ତି, ତାହାହେଲେ ଈଶ୍ୱର ଡ଼ାଳ, ଈଶ୍ୱର ଗିନା (ସମସ୍ତଙ୍କର ହାସ୍ୟ) ।

**ଈଶ୍ୱରଙ୍କ ଦର୍ଶନରେ ସଂଶୟ ଯାଏ, କର୍ମତ୍ୟାଗ ହୁଏ—ବିରାଟ ଶିବ**

"ତାଙ୍କୁ କିନ୍ତୁ ଦର୍ଶନ କଲେ ସବୁ ସଂଶୟ ଚାଲିଯାଏ । ଶୁଣା ଗୋଟିଏ, ଦେଖା ଆଉ ଗୋଟିଏ । ଶୁଣିଲେ ଷୋଳଅଣା ବିଶ୍ୱାସ ହୁଏନାହିଁ । ସାକ୍ଷାତ୍କାର ହେଲେ ଆଉ ବିଶ୍ୱାସରେ କିଛି ବାକି ରହେ ନାହିଁ ।

"ଈଶ୍ୱରଦର୍ଶନ କଲେ କର୍ମ ତ୍ୟାଗ ହୁଏ । ମୋର ଏହିପରି ପୂଜା ଉଠିଗଲା । କାଳୀମନ୍ଦିରରେ ପୂଜା କରୁଥାଏ । ହଠାତ୍ ଦେଖାଇ ଦେଲେ ସବୁ ଚିନ୍ମୟ—କୋଶାକୁଶି, ବେଦୀ, ଘରର ଚୌକାଠ—ସବୁ ଚିନ୍ମୟ ! ମନୁଷ୍ୟ, ଜୀବ, ଜନ୍ତୁ ସବୁ ଚିନ୍ମୟ । ସେତେବେଳେ ଉନ୍ମତ୍ତପରି ଚତୁର୍ଦ୍ଦିଗରେ ପୁଷ୍ପବର୍ଷଣ କରିବାକୁ ଲାଗିଲି । ଯାହା ଦେଖେ ତାହା ପୂଜା କରେ ।

"ଦିନେ ପୂଜା ସମୟରେ ଶିବଙ୍କ ମୁଣ୍ଡରେ ବଜ୍ର ଦେଉଛି ଏପରି ସମୟରେ ଦେଖାଇଲେ—**ଏହି ବିରାଟ ମୂର୍ତ୍ତି ହିଁ ଶିବ** । ସେତେବେଳ, ଶିବ ଗଢ଼ି ପୂଜା କରିବା ବନ୍ଦ ହେଲା । ଫୁଲ ତୋଳୁଛି ହଠାତ୍ ଦେଖାଇଦେଲେ ଯେ ଫୁଲର ଗଛଗୁଡ଼ାକ ଯେପରି ଗୋଟିଏ ଗୋଟିଏ ଫୁଲର ପେଣ୍ଡା ।"

**କାବ୍ୟରସ ଓ ଈଶ୍ୱର ଦର୍ଶନର ପ୍ରଭେଦ—**

**'ନ କବିତାଂ ବା ଜଗଦୀଶ'**

ତ୍ରୈଲୋକ୍ୟ—ଆହା, ଈଶ୍ୱରଙ୍କର ସୃଷ୍ଟି କି ସୁନ୍ଦର !

ଶ୍ରୀରାମକୃଷ୍ଣ—ନାହେ, ଠିକ୍ ଦପ୍ କରି ଦେଖାଇଲେ । ହିସାବ କରି ନୁହେଁ । ଦେଖାଇଦେଲେ, ଯେପରି ଗୋଟିଏ ଗୋଟିଏ ଫୁଲଗଛ ଗୋଟିଏ ଗୋଟିଏ ଫୁଲର ପେଣ୍ଡା, ସେହି ବିରାଟ ମୂର୍ତ୍ତି ଉପରେ ଶୋଭା ପାଉଛି । ସେହିଦିନଠାରୁ ଫୁଲତୋଳା ବନ୍ଦ ହୋଇଗଲା । ମନୁଷ୍ୟଙ୍କୁ ମୁଁ ଠିକ୍ ସେହିରୂପେ ଦେଖେ ! ସେ ହିଁ କେବଳ ମନୁଷ୍ୟ ଶରୀରଟାକୁ ହଲଚଲ କରାଇ ବୁଲୁଛନ୍ତି । ଯେପରି ଢେଉ ଉପରେ ଗୋଟିଏ ତକିଆ ଭାସୁଛି,—ତକିଆଟା ଏପଟ ସେପଟ ହଲି ହଲି ଯାଉଛି । କିନ୍ତୁ ଢେଉ ଲାଗି ଥରେ ଉଚ୍ଚକୁ ଉଠୁଛି ପୁଣି ଢେଉ ସଙ୍ଗରେ ତଳକୁ ଆସି ପଡୁଛି ।

**ଠାକୁରଙ୍କର ଶରୀରଧାରଣ କାହିଁକି । ଠାକୁରଙ୍କର ଇଚ୍ଛା**

"ଶରୀରଟା ଦୁଇଦିନ ପାଇଁ, ସେ ହିଁ କେବଳ ସତ୍ୟ, ଶରୀର ଏଇ ଅଛି ଏଇ ନାହିଁ । ଅନେକଦିନ ପୂର୍ବରୁ, ଯେତେବେଳେ ପେଟ ବେମାରି ଖୁବ୍ ଭୋଗୁଥିଲି, ହୃଦୁ କହିଲା ମାଆଙ୍କୁ ଥରେ କହନା, ଯେଉଁଥିରେ ଆରାମ ହୁଏ । ମୋର ରୋଗ ପାଇଁ କହିବାକୁ ଲଜ୍ଜା ହେଲା ! କହିଲି, ମା' ସୋସାଇଟିରେ (Asiatic Society) ମନୁଷ୍ୟର ହାଡ଼ ଦେଖିଥିଲି, ତାର ଦ୍ୱାରା ଜୋଡ଼ି ଜୋଡ଼ି

ସେଇ ସବୁ ମନୁଷ୍ୟର ଆକୃତି, ମା' ! ଏହି ପ୍ରକାର କରି ଶରୀର ଟିକିଏ ଶକ୍ତ କରିଦିଅ 'ମା', ତାହାହେଲେ ତୁମର ନାମ ଗୁଣ କୀର୍ତ୍ତନ କରିବି ।

''ବଞ୍ଚିବାର ଇଚ୍ଛା କାହିଁକି ? ରାବଣ ବଧ ପରେ ରାମ ଲକ୍ଷ୍ମଣ ଲଙ୍କାରେ ପ୍ରବେଶ କଲେ, ରାବଣ ଘରକୁ ଯାଇ ଦେଖନ୍ତି ରାବଣର ମା' ନିକଷା ପଳାଇ ଯାଉଛି । ଲକ୍ଷ୍ମଣ ଆଶ୍ଚର୍ଯ୍ୟ ହୋଇ କହିଲେ ରାମ, ନିକଷାର ସବଂଶ ନାଶ ହେଲା । ତଥାପି ପ୍ରାଣ ଉପରେ ଏତେ ଟାଣ ! ନିକଷାକୁ ନିକଟକୁ ଡାକି ରାମ କହିଲେ, ତୁମର ଭୟ ନାହିଁ । ତୁମେ କାହିଁକି ପଳାଉଥିଲ ? ନିକଷା କହିଲା ରାମ ! ମୁଁ ସେଥିପାଇଁ ପଳାଇ ନାହିଁ—ବଞ୍ଚିଥିଲି ବୋଲି ତୁମର ଏତେ ଲୀଳା ଦେଖିଲି, ଯଦି ପୁଣି ବଞ୍ଚେ ତାହାହେଲେ ଆଉ ମଧ୍ୟ କେତେ ଲୀଳା ଦେଖିପାରିବି । ତେଣୁ ବଞ୍ଚିବା ପାଇଁ ଇଚ୍ଛା ।

''ବାସନା ନ ଥିଲେ ଶରୀର ଧାରଣ ହୁଏ ନାହିଁ । (ସହାସ୍ୟ) ମୋର ଗୋଟିଏ ଅଧେ ଇଚ୍ଛା ଥିଲା । କହିଲି ମା' କାମିନୀକାଞ୍ଚନତ୍ୟାଗୀର ସଙ୍ଗ ଦିଅ ଆଉ କହିଲି, ତୋର ଜ୍ଞାନୀ ଓ ଭକ୍ତର ସଙ୍ଗ କରିବି, ତେଣୁ ଟିକିଏ ଶକ୍ତି ଦିଅ । ଯେଉଁଥିରେ ଚାଲିପାରେ, ଏଠାକୁ ସେଠାକୁ ଯାଇପାରେ । କିନ୍ତୁ ସେହି ଚାଲିବାର ଶକ୍ତି ମଧ୍ୟ ଦେଲେ ନାହିଁ ।

ତ୍ରୈଲୋକ୍ୟ(ସହାସ୍ୟ)—ଆଶା କଅଣ ମେଣ୍ଟିଛି ?

ଶ୍ରୀରାମକୃଷ୍ଣ(ସହାସ୍ୟ)—ଟିକିଏ, ବାକି ଅଛି ! (ସମସ୍ତଙ୍କର ହାସ୍ୟ) ''ଶରୀରଟା ଦୁଇଦିନ ପାଇଁ । ହାତ ଯେତେବେଳେ ଭାଙ୍ଗିଗଲା, ମାଆଙ୍କୁ କହିଲି, ମାଆ ବଡ଼ ବାଧୁଛି । ସେତେବେଳେ ଦେଖାଇ ଦେଲେ ଗାଡ଼ି ଆଉ ତାହାର ଇଞ୍ଜିନିୟର୍ । ଗାଡ଼ିରୁ ଗୋଟିଏ ଯୋଡ଼ିଏ ସ୍କ୍ରୁ ଅଲଗା ହୋଇ ଯାଇଛି । ଇଞ୍ଜିନିୟର୍ ଯେପରି ଚଳାଉଛି ଗାଡ଼ି ସେହିପରି ଚାଲୁଛି । ନିଜର କୌଣସି କ୍ଷମତା ନାହିଁ ।

''ତେବେ ଦେହର ଯତ୍ନ କରେ କାହିଁକି ? ଈଶ୍ୱରଙ୍କୁ ନେଇ ସମ୍ଭୋଗ କରିବି, ତାଙ୍କର ନାମ ଗୁଣ ଗାଇବି, ତାଙ୍କର ଜ୍ଞାନୀ, ଭକ୍ତ ଦେଖି ଦେଖି ବୁଲିବି ।''

## (୨)

### ନରେନ୍ଦ୍ରାଦିଙ୍କ ସଙ୍ଗରେ—ନରେନ୍ଦ୍ରଙ୍କ ସୁଖ-ଦୁଃଖ-ଦେହର ସୁଖ-ଦୁଃଖ

ନରେନ୍ଦ୍ର ତଳେ ସମ୍ମୁଖରେ ବସିଛନ୍ତି ।

ଶ୍ରୀରାମକୃଷ୍ଣ(ତ୍ରୈଲୋକ୍ୟ ଓ ଭକ୍ତମାନଙ୍କ ପ୍ରତି)—ଦେହର ସୁଖ-ଦୁଃଖ ମଧ୍ୟ ଅଛି । ଦେଖନା, ନରେନ୍ଦ୍ର—ବାପ ମରିଯାଇଛି, ଘରେ ବଡ଼ କଷ୍ଟ, କୌଣସି ଉପାୟ ନାହିଁ । ସେ କେତେବେଳେ ସୁଖରେ ରଖନ୍ତି କେତେବେଳେ ମଧ୍ୟ ଦୁଃଖରେ ।

ତ୍ରୈଲୋକ୍ୟ—ଆଜ୍ଞା, ଈଶ୍ୱରଙ୍କର (ନରେନ୍ଦ୍ରଙ୍କ ଉପରେ) ଦୟା ହେବ ।

ଶ୍ରୀରାମକୃଷ୍ଣ(ସହାସ୍ୟ)—ଆଉ କେତେବେଳେ ହେବ ! କାଶୀରେ ଅନ୍ନପୂର୍ଣ୍ଣାଙ୍କର ଘର, କେହି ଅଭୁକ୍ତ ରହନ୍ତି ନାହିଁ ସତ୍ୟ, କିନ୍ତୁ କାହାକୁ ସନ୍ଧ୍ୟା ପର୍ଯ୍ୟନ୍ତ ବସି ରହିବାକୁ ହୁଏ ।

''ହୃଦୁ ଶମ୍ଭୁ ମଲ୍ଲିକଙ୍କୁ କହିଥିଲା—'ମୋତେ କିଛି ଟଙ୍କା ଦିଅ' । ଶମ୍ଭୁ ମଲ୍ଲିକଙ୍କର ଇଂରାଜୀ ମତ, ସେ କହିଲେ ତୁମଙ୍କୁ କାହିଁକି ଦେବାକୁ ଯିବି ? ତୁମେ ଖଟି ଖାଇପାର, ତୁମେ ଯାହାହେଉ କିଛି ରୋଜଗାର କରୁଛ । ତେବେ ଖୁବ୍ ଗରିବ ହେଲେ ସେ ଅଲଗା କଥା, ହୁଏତ କଣା, ଖଣ୍ଡିଆ, ପଙ୍ଗୁ, ଏମାନଙ୍କୁ ଦେଲେ କାମ ହୁଏ । ସେତେବେଳେ ହୃଦୁ କହିଲା, — ମହାଶୟ ! ଆପଣ ସେହିଟି କହିବେ ନାହିଁ । ମୋର ଟଙ୍କାରେ କାର୍ଯ୍ୟ ନାହିଁ । ଈଶ୍ୱର କରନ୍ତୁ ଯେପରି ମୋତେ କଣା, ପଙ୍ଗୁ, ଅତି ଦରିଦ୍ର, ଏସବୁ ନ ହେବାକୁ ହୁଏ ! ଆପଣଙ୍କର ଦେବାର ଦରକାର ନାହିଁ । ମୋର ନେବାର ମଧ୍ୟ ଦରକାର ନାହିଁ ।

### ନରେନ୍ଦ୍ର ଓ ନାସ୍ତିକ ମତ—ଈଶ୍ୱରଙ୍କର କାର୍ଯ୍ୟ ଓ ଭୀଷ୍ମଦେବ

ଈଶ୍ୱର ନରେନ୍ଦ୍ରଙ୍କୁ କାହିଁକି ବର୍ତ୍ତମାନ ମଧ୍ୟ ଦୟା କରୁ ନାହାନ୍ତି, —ଠାକୁର ଯେପରି ଅଭିମାନ କରି ଏହି କଥା କହୁଛନ୍ତି । ଠାକୁର ନରେନ୍ଦ୍ରଙ୍କ ଆଡ଼କୁ ଥରେ ଥରେ ସସ୍ନେହରେ ଦୃଷ୍ଟିପାତ କରୁଛନ୍ତି ।

ନରେନ୍ଦ୍ର—ମୁଁ ନାସ୍ତିକ ମତ ପଢୁଛି ।

ଶ୍ରୀରାମକୃଷ୍ଣ—ଦୁଇଟି ଅଛି, ଅସ୍ତି ଆଉ ନାସ୍ତି, ନାସ୍ତିଟି ନେବ ନାହିଁ କାହିଁକି ?

ସୁରେନ୍ଦ୍ର—ଈଶ୍ୱର ତ ନ୍ୟାୟପରାୟଣ, ସେ ତ ଭକ୍ତଙ୍କୁ ଦେଖିବେ ।

ଶ୍ରୀରାମକୃଷ୍ଣ — ଆଇନରେ (ଶାସ୍ତ୍ରରେ) ଅଛି, ପୂର୍ବଜନ୍ମରେ ଯେଉଁମାନେ ଦାନ, ଧ୍ୟାନ କରନ୍ତି ସେହିମାନଙ୍କର ହିଁ ଧନ ହୁଏ । ତେବେ କଣ ଜାଣ ? ଏ ସଂସାର ତାଙ୍କର ମାୟା, ମାୟାର କାର୍ଯ୍ୟ ଭିତରେ ଅନେକ ଗୋଳମାଳ, କିଛି ବୁଝାଯାଏ ନାହିଁ ।

''ଈଶ୍ୱରଙ୍କ କାର୍ଯ୍ୟ କିଛି ବୁଝାଯାଏ ନାହିଁ । ଭୀଷ୍ମଦେବ ଶରଶଯ୍ୟାରେ ଶୋଇଛନ୍ତି; ପାଣ୍ଡବମାନେ ଦେଖିବାକୁ ଆସିଛନ୍ତି । ସଙ୍ଗରେ କୃଷ୍ଣ, ଆସି ଅନେକକ୍ଷଣ ପରେ ଦେଖନ୍ତି, ଭୀଷ୍ମଦେବ କାନ୍ଦୁଛନ୍ତି । ପାଣ୍ଡବମାନେ କୃଷ୍ଣଙ୍କୁ କହିଲେ,— କୃଷ୍ଣ, କି ଆଶ୍ଚର୍ଯ୍ୟ ! ପିତାମହ ଅଷ୍ଟବସୁଙ୍କ ମଧ୍ୟରେ ଏକ ବସୁ; ଏହାଙ୍କ ପରି ଜ୍ଞାନୀ ଦେଖାଯାଆନ୍ତି ନାହିଁ ଏ ମଧ୍ୟ ମୃତ୍ୟୁ ସମୟରେ ମାୟାରେ କାନ୍ଦୁଛନ୍ତି; କୃଷ୍ଣ କହିଲେ,—ଭୀଷ୍ମ ସେଥିପାଇଁ କାନ୍ଦୁ ନାହାନ୍ତି ତାଙ୍କୁ ପ୍ରଶ୍ନ କର ଦେଖି ? ପ୍ରଶ୍ନ କରିବାରୁ ଭୀଷ୍ମ କହିଲେ,—କୃଷ୍ଣ, ଈଶ୍ୱରଙ୍କର କାର୍ଯ୍ୟ କିଛି ବୁଝିପାରିଲି ନାହିଁ । ମୁଁ ଏଥିପାଇଁ କାନ୍ଦୁଛି ଯେ, ସଙ୍ଗେ ସଙ୍ଗେ ସାକ୍ଷାତ ନାରାୟଣ ବୁଲୁଛନ୍ତି, କିନ୍ତୁ

ପାଣ୍ଡବମାନଙ୍କର ବିପଦର ଶେଷ ନାହିଁ । ଏହି କଥା ଯେତେବେଳେ ଭାବେ ଦେଖେ ଯେ, ତାଙ୍କର କାର୍ଯ୍ୟ କିଛି ହିଁ ବୁଝିବାର ଶକ୍ତି ନାହିଁ !

## ଶୁଦ୍ଧ ଆତ୍ମା ଏକ ମାତ୍ର ଅଟଳ–ସୁମେରୁବତ୍

''ମୋତେ ସେ ଦେଖାଇଥିଲେ, ପରମାତ୍ମା, ଯାହାଙ୍କୁ ବେଦରେ ଶୁଦ୍ଧ ଆତ୍ମା କୁହାଯାଏ, ସେହି କେବଳ ଏକମାତ୍ର ଅଟଳ ସୁମେରୁବତ୍ ନିର୍ଲିପ୍ତ, ଆଉ ସୁଖ–ଦୁଃଖର ଅତୀତ । ତାଙ୍କ ମାୟାର କାର୍ଯ୍ୟରେ ଅନେକ ଗୋଳମାଳ, ଏଇଟିର ପରେ ସେଇଟି, ଏଇଟିରୁ ସେଇଟି ହେବ, ଏସବୁ କହିବାର ଶକ୍ତି ନାହିଁ ।''

ସୁରେନ୍ଦ୍ର(ସହାସ୍ୟ)—ପୂର୍ବଜନ୍ମରେ ଦାନ–ଧ୍ୟାନ କଲେ ତେବେ ଧନ ହୁଏ, ତାହାହେଲେ ତ ଆମମାନଙ୍କର ଦାନ–ଧ୍ୟାନ କରିବା ଉଚିତ୍ ।

ଶ୍ରୀରାମକୃଷ୍ଣ—ଯାହାର ଟଙ୍କା ଅଛି ତାହାର ଦେବା ଉଚିତ୍ । (ତ୍ରୈଲୋକ୍ୟଙ୍କ ପ୍ରତି)—ଜୟଗୋପାଳ ସେନ୍‌ର ଟଙ୍କା ଅଛି । ତାଙ୍କର ଦାନ କରିବା ଉଚିତ୍ । ସେ ଯେ କରେନା ସେଇଟା ନିନ୍ଦାର କଥା । ଜଣେ ଜଣେ ଟଙ୍କା ଥିଲେ ମଧ୍ୟ ହିସାବୀ (କୃପଣ) ହୁଅନ୍ତି, ଟଙ୍କା ଯେ କିଏ ଭୋଗ କରିବ ତାହାର ଠିକ୍ ନାହିଁ ।

''ସେଦିନ ଜୟଗୋପାଳ ଗାଡ଼ି କରି ଆସିଥିଲା । ଗାଡ଼ିରେ ଭଙ୍ଗା ଲଣ୍ଠନ;-ମଡ ପଡ଼ିଆରୁ ଫେରିଥିବା ଘୋଡ଼ା;—ମେଡ଼ିକାଲ କଲେଜର ହାସପାତାଳରୁ ଫେରିଥିବା ଦରୁଆନ୍—ଆଉ ଏଠାପାଇଁ ଆଣିଥିଲା ଦୁଇଟା ପଚା ଡାଳିମ୍ବ ।'' (ସମସ୍ତଙ୍କର ହାସ୍ୟ)

ସୁରେନ୍ଦ୍ର—ଜୟଗୋପାଳବାବୁ ବ୍ରାହ୍ମସମାଜର । ବର୍ତ୍ତମାନ ବୋଧ ହୁଏ କେଶବବାବୁଙ୍କ ବ୍ରାହ୍ମସମାଜରେ ସେଭଳି ଲୋକ ନାହାନ୍ତି । ବିଜୟ ଗୋସ୍ୱାମୀ, ଶିବନାଥ ଓ ଆଉ ବାବୁମାନେ ସାଧାରଣ ବ୍ରାହ୍ମସମାଜ କରିଛନ୍ତି ।

ଶ୍ରୀରାମକୃଷ୍ଣ(ସହାସ୍ୟ)—ଗୋବିନ୍ଦ ଅଧିକାରୀ ଯାତ୍ରା ଦଳରେ ଭଲ ଲୋକ ରଖେ ନାହିଁ-ଭାଗ ଦେବାକୁ ହେବ ବୋଲି । (ସମସ୍ତଙ୍କର ହାସ୍ୟ) ।

''କେଶବର ଜଣେ ଶିଷ୍ୟକୁ ସେଦିନ ଦେଖିଲି । କେଶବର ଘରେ ସେଦିନ ଥିଏଟର୍ ହେଉଥିଲା । ଦେଖିଲି, ସେ ପିଲା ଧରି କୋଳ କରି ନାଚୁଛି । ପୁଣି ଶୁଣିଲି ଲେକ୍ଚର ଦିଏ । ନିଜକୁ କିଏ ଶିକ୍ଷା ଦିଏ ତାହାର ଠିକ୍ ନାହିଁ ।''

ତ୍ରୈଲୋକ୍ୟ ଗାଉଛନ୍ତି,—ଚିଦାନନ୍ଦ ସିନ୍ଧୁନୀରେ ପ୍ରେମାନନ୍ଦ ଲହରୀ ।

ଗୀତ ସମାପ୍ତହେବାପରେ ଶ୍ରୀରାମକୃଷ୍ଣ ତ୍ରୈଲୋକ୍ୟଙ୍କୁ କହୁଛନ୍ତି—ଏହି ଗୀତଟା ଗାଅ ତ,—ଦେ ମା' ମୋତେ ପାଗଳ କରି ଇତ୍ୟାଦି ।

# ବିଂଶ ପରିଚ୍ଛେଦ

## (୧)

## ଦକ୍ଷିଣେଶ୍ୱରରେ ମଣିଲାଲ ପ୍ରଭୃତି ଭକ୍ତମାନଙ୍କ ସଙ୍ଗରେ

ଆଜି ରବିବାର, ୯ ମାର୍ଚ୍ଚ ୧୯୮୪ ଖ୍ରୀଷ୍ଟାବ୍ଦ । ଶ୍ରୀରାମକୃଷ୍ଣ ଦକ୍ଷିଣେଶ୍ୱର ମନ୍ଦିରରେ ଭକ୍ତମାନଙ୍କ ସଙ୍ଗରେ ବସିଛନ୍ତି; ମଣିଲାଲ ମଲ୍ଲିକ, ସିଁଥିର ମହେନ୍ଦ୍ର କବିରାଜ, ବଳରାମ, ମାଷ୍ଟର, ଭବନାଥ, ରାଖାଲ, ଲାଟୁ, ଅଧର, ମହିମାଚରଣ, ହରୀଶ, କିଶୋରୀ (ଗୁପ୍ତ), ଶିବଚନ୍ଦ୍ର ପ୍ରଭୃତି । ବର୍ତ୍ତମାନ ମଧ୍ୟ ଗିରୀଶ, କାଳୀ, ସୁବୋଧ ପ୍ରଭୃତି ଆସି ଜୁଟି ନାହାନ୍ତି । ଶରତ୍, ଶଶୀ, ପ୍ରଭୃତି ଥରେ ଦୁଇଥର ଦର୍ଶନ କରିଛନ୍ତି । ପୂର୍ଣ୍ଣ, ଛୋଟ ନରେନ୍ ପ୍ରଭୃତି ମଧ୍ୟ ତାହାଙ୍କୁ ଦେଖି ନାହାନ୍ତି ।

ଶ୍ରୀରାମକୃଷ୍ଣଙ୍କ ହାତରେ ପଟି ବନ୍ଧା ହୋଇଛି । ରେଳଲାଇନ୍ କଡ଼ରେ ପଡ଼ିଯାଇ ହାତ ଭାଙ୍ଗି ଯାଇଛି—ସେତେବେଳ ଭାବରେ ବିଭୋର ହୋଇଥିଲେ । ହାତ ଭାଙ୍ଗି ଯାଇଛି, ସର୍ବଦା ହାତରେ ଯନ୍ତ୍ରଣା, କିନ୍ତୁ, ଏହି ଅବସ୍ଥାରେ ପ୍ରାୟ ସମାଧିସ୍ଥ ରହନ୍ତି ଓ ଭକ୍ତମାନଙ୍କ ସହିତ ଗଭୀର ତତ୍ତ୍ୱ କଥା କହନ୍ତି ।

ଦିନେ ଯନ୍ତ୍ରଣାରେ କାନ୍ଦୁଛନ୍ତି, ଏପରି ସମୟରେ ସମାଧିସ୍ଥ ହେଲେ । ସମାଧି ପରେ ପ୍ରକୃତିସ୍ଥ ହୋଇ ମହିମାଚରଣ ପ୍ରଭୃତି ଭକ୍ତମାନଙ୍କୁ କହୁଛନ୍ତି,—ବାବୁ **ସଚ୍ଚିଦାନନ୍ଦ ଲାଭ ନ ହେଲେ କିଛି ହେଲା ନାହିଁ** । ବ୍ୟାକୁଳତା ନ ହେଲେ ହେବନାହିଁ । ମୁଁ କାନ୍ଦି କାନ୍ଦି ଡାକେ ଆଉ କହେ,—'ଆହେ ଦୀନନାଥ, ମୁଁ ଭଜନ-ସାଧନହୀନ, ମୋତେ ଦେଖା ଦେବାକୁ ହେବ ।'

ସେହିଦିନ ରାତିରେ ପୁଣି ମହିମାଚରଣ, ଅଧର, ମାଷ୍ଟର ପ୍ରଭୃତି ବସିଛନ୍ତି ।

ଶ୍ରୀରାମକୃଷ୍ଣ(ମହିମାଚରଣଙ୍କ ପ୍ରତି)—ଏକ ପ୍ରକାର ଅଛି **ଅହେତୁକୀ ଭକ୍ତି**, ଏହିଟି ଯଦି ସାଧି ପାର ।

ପୁଣି ଅଧରଙ୍କୁ କହୁଛନ୍ତି—ଏହି ହାତଟାରେ ଟିକିଏ ହାତ ବୁଲାଇ ଦେଇପାର ? ମଣିଲାଭ ମଲ୍ଲିକ ଓ ଭବନାଥ ପ୍ରଦର୍ଶନୀର କଥା କହୁଛନ୍ତି,—୧୮୮୩-୮୪ ଖ୍ରୀଷ୍ଟାବ୍ଦ ଏସିଆଟିକ୍ ମିଉଜିୟମ୍ ପାଖରେ ହୋଇଥିଲା । ସେମାନେ କହୁଛନ୍ତି, କେତେ ରାଜା ବହୁମୂଲ୍ୟ ଜିନିଷ ସବୁ ପଠାଇଛନ୍ତି ! ସୁନାର ଖଟ ଇତ୍ୟାଦି—ଗୋଟିଏ ଦେଖିବାର ଜିନିଷ ।

### ଶ୍ରୀରାମକୃଷ୍ଣ ଓ ଧନ, ଐଶ୍ୱର୍ଯ୍ୟ

ଶ୍ରୀରାମକୃଷ୍ଣ(ଭକ୍ତମାନଙ୍କ ପ୍ରତି ସହାସ୍ୟ)—ହଁ, ଗଲେ ଗୋଟିଏ ବେଶ୍ ଲାଭ ହୁଏ । ଏସବୁ ସୁନାର ଜିନିଷ, ରାଜା ରାଜୁଡ଼ାର ଜିନିଷ ଦେଖି ସବୁ ଛି ହୋଇଯାଏ । ସେଥିରେ ମଧ୍ୟ ଅନେକ ଲାଭ । କଲିକତାକୁ ଯେତେବେଳେ ମୁଁ ଆସେ, ହୃଦୁ, ମୋତେ ଲାଟ୍ସାହେବଙ୍କର କୋଠି ଦେଖାଏ—ମାମୁଁ ଏହି ଦେଖ,

ଲାଟସାହେବଙ୍କର କୋଠି, ବଡ଼ ବଡ଼ ଖମ୍ବ । ମା' ଦେଖାଇଦେଲେ, କେତେଗୁଡ଼ିଏ ମାଟିର ଇଟା ଉଚ୍ଚ କରି ସଜା ହୋଇଛି ।

''ଭଗବାନ ଓ ତାଙ୍କର ଐଶ୍ୱର୍ଯ୍ୟ । ଐଶ୍ୱର୍ଯ୍ୟ ଦୁଇଦିନ ପାଇଁ, ଭଗବାନ ହିଁ ସତ୍ୟ; ବାଜିକର ଆଉ ତାହାର ବାଜି ! ବାଜି ଦେଖି ସବୁ ଅବାକ୍, କିନ୍ତୁ ସବୁ ମିଥ୍ୟା ବାଜିକର ହିଁ ସତ୍ୟ । ବାବୁ ଆଉ ତାଙ୍କର ଉଦ୍ୟାନ । ଉଦ୍ୟାନ ଦେଖି ଉଦ୍ୟାନର ମାଲିକ ବାବୁଙ୍କୁ ସନ୍ଧାନ କରିବାକୁ ହୁଏ ।''

ମଣି ମଲ୍ଲିକ(ଶ୍ରୀରାମକୃଷ୍ଣଙ୍କ ପ୍ରତି)—ପୁଣି କେତେ ବଡ଼ ଇଲେକ୍ଟ୍ରିକ ଲାଇଟ୍ କରିଛନ୍ତି । ସେତେବେଳ ଆମମାନଙ୍କର ମନେ ହୁଏ, ସେ କେତେ ବଡ଼ ଯେ ଇଲେକ୍ଟ୍ରିକ୍ ଲାଇଟ୍ କରିଛନ୍ତି !

ଶ୍ରୀରାମକୃଷ୍ଣ(ମଣିଲାଲଙ୍କ ପ୍ରତି)—ପୁଣି ଗୋଟିଏ ମତରେ ଅଛି, ସେ ଏହିସବୁ ହୋଇଛନ୍ତି, ପୁଣି ଆଉ ଯେ କହୁଛନ୍ତି ସେ ମଧ୍ୟ ସେହି । **ଈଶ୍ୱର ମାୟା, ଜୀବ, ଜଗତ ।**

ମିଉଜିୟମର୍ କଥା ପଡ଼ିଲା ।

## ଶ୍ରୀରାମକୃଷ୍ଣ ଓ ସାଧୁସଙ୍ଗ—ଯୋଗୀର ଛବି

ଶ୍ରୀରାମକୃଷ୍ଣ (ଭକ୍ତମାନଙ୍କ ପ୍ରତି)—ମୁଁ ଥରେ ମିଉଜିୟମକୁ ଯାଇଥିଲି; ଦେଖାଇଲେ ଇଟା, ପଥର ହୋଇଯାଇଛନ୍ତି । ଜନ୍ତୁମାନେ ପଥର ହୋଇ ଯାଇଛନ୍ତି । ଦେଖିଲ, ସଙ୍ଗର ଗୁଣ କଅଣ ! ସେହିପରି ସର୍ବଦା ସାଧୁସଙ୍ଗ କଲେ ତାହା ହିଁ ହୋଇଯିବାକୁ ପଡ଼େ ।

ମଣିମଲ୍ଲିକ (ସହାସ୍ୟ)—ଆପଣ ସେଠାକୁ ଥରେ ଗଲେ ଆମମାନଙ୍କର ୧୦/୧୫ ବର୍ଷ ଉପଦେଶ ଚାଲନ୍ତା ।

ଶ୍ରୀରାମକୃଷ୍ଣ(ସହାସ୍ୟ)—କଅଣ ଉପମା ପାଇଁ ?

ବଳରାମ—ନାହିଁ, ଏଠାକୁ-ସେଠାକୁ ଗଲେ ହାତ ଆରୋଗ୍ୟ ହେବ ନାହିଁ ।

ଶ୍ରୀରାମକୃଷ୍ଣ—ମୋର ଇଚ୍ଛା ଯେ ଦୁଇଖଣ୍ଡ ଛବି ଯଦି ପାଆନ୍ତି । ଗୋଟିଏ ଛବି, ଯୋଗୀ ଧୁନି ଜାଳି ବସିଅଛି ଆଉ ଗୋଟିଏ ଛବି, ଯୋଗୀ ଗଞ୍ଜେଇ ଚିଲମ ମୁଖରେ ଦେଇ ଟାଣୁଛି, ଆଉ ସେଇଟା ଦପ୍ କରି ଜଳି ଉଠୁଛି ।

''ଏ ସବୁ ଛବିରେ ବେଶ୍ ଉଦ୍ଦୀପନ ହୁଏ । ଯେପରି ସୋଲର ଆତ ଦେଖିଲେ ସତ୍ୟ ଆତର ଉଦ୍ଦୀପନ ହୁଏ ।

''ତେବେ ଯୋଗର ବିଘ୍ନ କାମିନୀ-କାଞ୍ଚନ । ଏହି ମନ ଶୁଦ୍ଧ ହେଲେ ଯୋଗ ହୁଏ । ମନର ବାସ କପାଳରେ (ଆଜ୍ଞା ଚକ୍ରରେ) କିନ୍ତୁ ଦୃଷ୍ଟି ଲିଙ୍ଗ, ଗୁହ୍ୟ, ନାଭିରେ—ଅର୍ଥାତ୍ କାମିନୀ-କାଞ୍ଚନରେ; ସାଧନ କଲେ ଏହି ମନର ଉର୍ଦ୍ଧ୍ୱଦୃଷ୍ଟି ହୁଏ ।

''କିପରି ସାଧନ କଲେ ମନର ଊର୍ଦ୍ଧ୍ୱଦୃଷ୍ଟି ହୁଏ ? ସର୍ବଦା ସାଧୁସଙ୍ଗ କଲେ ସବୁ ଜାଣିହୁଏ ।

''ଋଷିମାନେ ସର୍ବଦା ହୁଏତ ନିର୍ଜନରେ, ନ ହେଲେ ସାଧୁସଙ୍ଗରେ ରହୁଥିଲେ—ତେଣୁ ସେମାନେ ଅନାୟାସରେ କାମିନୀ-କାଞ୍ଚନ ତ୍ୟାଗ କରି ଈଶ୍ୱରଙ୍କ ଠାରେ ମନଯୋଗ କରୁଥିଲେ—ନିନ୍ଦା, ଭୟ କିଛି ନଥିଲା ।

''ତ୍ୟାଗ କରିବାକୁ ହେଲେ ଈଶ୍ୱରଙ୍କ ପାଖରେ ପୁରୁଷକାର ପାଇଁ ପ୍ରାର୍ଥନା କରିବାକୁ ହୁଏ । ଯାହା ମିଥ୍ୟା ବୋଲି ବୋଧ ତାହା ତତ୍କ୍ଷଣାତ୍ ତ୍ୟାଗ ।

''ଋଷିମାନଙ୍କର ଏହି ପୁରୁଷକାର ଥିଲା । ଏହି ପୁରୁଷକାର ଦ୍ୱାରା ଋଷିମାନେ ଇନ୍ଦ୍ରିୟ ଜୟ କରିଥିଲେ ।

''କଚ୍ଛପ ଯଦି ହାତ ପାଦ ଭିତରକୁ ଜାକି ଦିଏ, ଚାରିଖଣ୍ଡ କରି କାଟିଲେ ମଧ୍ୟ ହାତ ପାଦ ପାହାର କରିବ ନାହିଁ ।

''ସଂସାରୀଲୋକ କପଟ ହୁଏ, ସରଳ ହୁଏ ନାହିଁ । ମୁହଁରେ କହେ ଈଶ୍ୱରଙ୍କୁ ଭଲପାଏ, କିନ୍ତୁ ବିଷୟରେ ଯେତେ ଟାଣ, କାମିନୀ-କାଞ୍ଚନରେ ଯେତେ ପ୍ରୀତି ତା'ର ଅତି ଅଳ୍ପ ଅଂଶ ମଧ୍ୟ ଈଶ୍ୱରଙ୍କ ଦିଗରେ ଦିଏ ନାହିଁ । ଅଥଚ, ମୁହଁରେ କହେ ଈଶ୍ୱରଙ୍କୁ ଭଲ ପାଏ ।

(ମଣି ମଲ୍ଲିକଙ୍କ ପ୍ରତି)—''କପଟତା ଛାଡ଼ ।''

ମଣିଲାଲ—ମନୁଷ୍ୟ ସମ୍ବନ୍ଧରେ ନା ଈଶ୍ୱର ସମ୍ବନ୍ଧରେ ?

ଶ୍ରୀରାମକୃଷ୍ଣ—ସବୁ ପ୍ରକାର । ମନୁଷ୍ୟ ସମ୍ବନ୍ଧରେ, ଆଉ ଈଶ୍ୱରଙ୍କ ସମ୍ବନ୍ଧରେ ମଧ୍ୟ,କପଟତା କରିବା ଉଚିତ୍ ନୁହେଁ ।

''ଭବନାଥ କିପରି ସରଳ ! ବିବାହ କରି ଆସି ମୋତେ କହୁଛି, ସ୍ତ୍ରୀ ଉପରେ ମୋର ଏତେ ସ୍ନେହ ହେଉଛି କାହିଁକି ? ଆହା ! ସେ ଭାରି ସରଳ ।

''ତେବେ କ'ଣ ସ୍ତ୍ରୀ ଉପରେ ପ୍ରୀତି ହେବ ନାହିଁ ? ଏହିଟି ଜଗନ୍ମାତାଙ୍କର ଭୁବନମୋହିନୀ ମାୟା । ସ୍ତ୍ରୀକୁ ବୋଧ ହୁଏ ଯେ ପୃଥିବୀରେ ଏପରି ଆପଣାର ଲୋକ ଆଉ ମିଳିବ ନାହିଁ—ଆପଣାର ଲୋକ, ଜୀବନରେ ମରଣରେ, ଇହକାଳରେ ପରକାଳରେ ।

''ଏହି ସ୍ତ୍ରୀ ନେଇ ମନୁଷ୍ୟ କି ଦୁଃଖ ଭୋଗ ନ କରୁଛି; ତେବେ ମଧ୍ୟ ମନେକରେ ଯେ, ଏପରି ଆତ୍ମୀୟ ଆଉ କେହି ନାହିଁ । କି ଦୁରବସ୍ଥା ! କୋଡ଼ିଏ ଟଙ୍କା ମାସିକ—ତିନୋଟି ପିଲା ହୋଇଛନ୍ତି—ସେମାନଙ୍କୁ ଭଲ କରି ଖୁଆଇବାର ଶକ୍ତି ନାହିଁ, ଘରର ଛାତ ଦେଇ ପାଣି ପଡୁଛି, ମରାମତି କରିବାର ପଇସା ନାହିଁ—ପିଲାର ନୂଆ ବହି କିଣି ଦେଇ ପାରେ ନାହିଁ—ପିଲାକୁ ବ୍ରତ କରିପାରେ ନାହିଁ—ଏହା ପାଖରୁ ଆଠଣା ତା ପାଖରୁ ଚାରଣା ଭିକ୍ଷା କରେ ।

''ବିଦ୍ୟାରୂପିଣୀ ସ୍ତ୍ରୀ ଯଥାର୍ଥ ସହଧର୍ମିଣୀ । ସ୍ୱାମୀଙ୍କୁ ଈଶ୍ୱରଙ୍କ ପଥରେ ଯିବାକୁ ବିଶେଷ ସହାୟତା କରେ । ଦୁଇଟି ଗୋଟିଏ ପିଲା ପରେ ଦୁଇଜଣ ଭାଇଭଉଣୀ ପରି ରହନ୍ତି । ଦୁଇଜଣ ହିଁ ଈଶ୍ୱରଙ୍କର ଭକ୍ତ—ଦାସ ଓ ଦାସୀ । ସେମାନଙ୍କ ସଂସାର, ବିଦ୍ୟାର ସଂସାର । ଈଶ୍ୱରଙ୍କୁ ଓ ଭକ୍ତମାନଙ୍କୁ ନେଇ ସର୍ବଦା ଆନନ୍ଦ । ସେମାନେ ଜାଣନ୍ତି, ଈଶ୍ୱର ହିଁ ଏକମାତ୍ର ଆପଣାର ଲୋକ—ଅନନ୍ତକାଳରୁ ଆପଣାର । ସୁଖରେ-ଦୁଃଖରେ ତାଙ୍କୁ ଭୁଲନ୍ତି ନାହିଁ—ଯେପରି ପାଣ୍ଡବମାନେ ।''

## ସଂସାରୀ ଭକ୍ତ ଓ ତ୍ୟାଗୀ ଭକ୍ତ

''ସଂସାରୀମାନଙ୍କର ଈଶ୍ୱରାନୁରାଗ କ୍ଷଣିକ—ଯେପରି ତତଲା କରେଇରେ ଜଳ ପଡ଼ିଛି, ଚେଁ କରି ଉଠିଲା—ତାହାପରେ ଶୁଖିଗଲା ।

''ସଂସାରୀ ଲୋକଙ୍କର ଭୋଗ ଦିଗରେ ମନ ରହିଛି—ସେଥିପାଇଁ ସେ ଅନୁରାଗ, ସେ ବ୍ୟାକୁଳତା ହୁଏ ନାହିଁ ।

''ଏକାଦଶୀ ତିନି ପ୍ରକାର । ପ୍ରଥମ—ନିର୍ଜଳା ଏକାଦଶୀ, ଜଳ ପର୍ଯ୍ୟନ୍ତ ଗ୍ରହଣ କରନ୍ତି ନାହିଁ, ଯେପରି ଫକିର—ପୂର୍ଣ୍ଣତ୍ୟାଗୀ, ଏକାବେଳକେ ସବୁ ଭୋଗ ତ୍ୟାଗ । ଦ୍ୱିତୀୟ ଦୁଧ, ସନ୍ଦେଶ ଖାଏ—ଭକ୍ତ ଯେପରି ଗୃହରେ ସାମାନ୍ୟ ଭୋଗ ରଖି ଦେଇଛି । ତୃତୀୟ—ଲୁଚି, ତରକାରୀ ଖାଇ ଏକାଦଶୀ—ପେଟ ଭରି ଖାଉଛି, ହୁଏତ ଦୁଇଖଣ୍ଡ ରୁଟି ଦୁଧରେ ବତୁରୁଛି, ପରେ ଖାଇବ ।

ଲୋକମାନେ ସାଧନ-ଭଜନ କରନ୍ତି, କିନ୍ତୁ ମନ କାମିନୀ-କାଞ୍ଚନରେ, ମନ ଭୋଗ ଦିଗରେ ରହେ । ତେଣୁ ସାଧନ-ଭଜନ ଠିକ୍ ହୁଏ ନାହିଁ ।

''ହାଜରା ଏଠାରେ ଅନେକ ଜପତପ କରୁଥିଲେ, କିନ୍ତୁ ଘରେ ସ୍ତ୍ରୀ ପିଲାପିଲି, ଜମି ଏସବୁ ଥିଲା । ସୁତରାଂ ଜପତପ ବି କରେ, ଭିତରେ ଭିତରେ ଦଲାଲି ମଧ୍ୟ କରେ । ଏ ସବୁ ଲୋକଙ୍କ କଥା ଠିକ୍ ରହେ ନାହିଁ । ହଠାତ୍ କହେ, ମାଛ ଖାଇବି ନାହିଁ, ପୁଣି ଖାଏ ।

''ଟଙ୍କା ପାଇଁ ଲୋକେ କଅଣ ନ କରି ପାରନ୍ତି । ବ୍ରାହ୍ମଣକୁ, ସାଧୁକୁ ଗଣ୍ଠିଲି ବୁହାଇ ପାରନ୍ତି ।'

''ସନ୍ଦେଶ ନଷ୍ଟ ହୋଇଯାଏ, ତଥାପି ଏ ସବୁ ଲୋକଙ୍କୁ ଦେଇ ପାରେନାହିଁ । ଅନ୍ୟ ଲୋକଙ୍କ ପୋଖରୀପାଣି ଯିବାର ଡାଳ ନେଇପାରେ, କିନ୍ତୁ ଏପରି ଲୋକଙ୍କ ଡାଳ ଛୁଏଁ ନାହିଁ ।

''ହାଜରା ଟଙ୍କାବାଲା ଲୋକ ଦେଖିଲେ ପାଖକୁ ଡାକେ—ଡାକି ବଡ଼ ବଡ଼ କଥା ଶୁଣାଏ; ପୁଣି ସେମାନଙ୍କୁ କହେ, ରାଖାଲ ଫାଖାଲ ଯାହା ସବୁ ଦେଖୁଛ, ସେମାନେ ଜପ-ତପ କରିପାରନ୍ତି ନାହିଁ । ହୋ ହା କରି ବୁଲନ୍ତି ।

''ମୁଁ ଜାଣେ ଯେ ଯଦି କେହି ପର୍ବତ ଗୁହାରେ ବାସ କରେ, ଦେହରେ ପାଉଁଶ ବୋଳି ହୁଏ, ଉପବାସ କରେ, ନାନା କଠୋରତା କରେ, କିନ୍ତୁ ଭିତରେ ଭିତରେ ବିଷୟରେ ମନ, କାମିନୀ-କାଞ୍ଚନରେ ମନ—ସେ ଲୋକଙ୍କୁ ମୁଁ କହେ ଧିକ୍; ଆଉ ଯାହାର କାମିନୀ-କାଞ୍ଚନରେ ମନ ନାହିଁ—ଖାଇ ପିଇ ବୁଲେ, ତାକୁ କହେ ଧନ୍ୟ ।

(ମଣି ମଲ୍ଲିକଙ୍କୁ ଦେଖାଇ)—''ଏହାଙ୍କ ଘରେ ସାଧୁଙ୍କର ଛବି ନାହିଁ । ସାଧୁଙ୍କ ଛବି ରଖିଲେ ଈଶ୍ୱରଙ୍କର ଉଦ୍ଦୀପନ ହୁଏ ।

ମଣିଲାଲ—ଅଛି, ନନ୍ଦିନୀ[୧] ଘରେ ଭକ୍ତ ମେମ୍‌ଙ୍କର ଛବି ଅଛି । ମେମ୍ ଭଜନ କରୁଛନ୍ତି । ଆଉ ଖଣ୍ଡେ ଛବି ଅଛି—ବିଶ୍ୱାସ ପାହାଡ଼ ଧରି ଜଣେ ଅଛି, ତଳେ ଅତଳସ୍ପର୍ଶ ସମୁଦ୍ର, ବିଶ୍ୱାସ ଛାଡ଼ିଦେଲେ ଏକାବେଳକେ ଅତଳ ଜଳରେ ପଡ଼ିଯିବ ।

''ଆଉ ଗୋଟିଏ ଛବି ଅଛି—କେତେଜଣ ବାଳିକା, ବର ଆସିବ ବୋଲି ପ୍ରଦୀପରେ ତେଲ ଭରି ଜାଗି ବସିଛନ୍ତି । ଯେ ଶୋଇ ପଡ଼ିଛି, ସେ ଦେଖି ପାରିବ ନାହିଁ । ଈଶ୍ୱରଙ୍କୁ ବର ବୋଲି ବର୍ଣ୍ଣନା କରାଯାଇଛି ।[୨]''

ଶ୍ରୀରାମକୃଷ୍ଣ(ସହାସ୍ୟ)—ଏହିଟି ବେଶ୍ ।

ମଣିଲାଲ—ଆଉ ଛବି ଅଛି, ବିଶ୍ୱାସର ବୃକ୍ଷ ! ଆଉ ପାପ-ପୁଣ୍ୟର ଛବି । (Sin & Virtue)

ଶ୍ରୀରାମକୃଷ୍ଣ(ଭଗବନାଥଙ୍କ ପ୍ରତି)—ଭଲ ଛବି ତୁମେ ଦେଖିବାକୁ ଯାଅ ।

''କିଯତ୍‌କ୍ଷଣ ପରେ ଠାକୁର କହୁଛନ୍ତି, ''ବେଳେବେଳେ ଭାବେ—ସେତେବେଳେ ସେ ସବୁ ଭଲ ଲାଗେ ନାହିଁ । ପ୍ରଥମେ ଥରେ ପାପ ପାପ କହିବାକୁ ହୁଏ, କିପରି ପାପରୁ ମୁକ୍ତି ମିଳେ, କିନ୍ତୁ ତାଙ୍କ କୃପାରୁ ଥରେ ଶ୍ରଦ୍ଧା ଯଦି ଆସେ, ଥରେ ରାଗଭକ୍ତି ଯଦି ଆସେ ତାହାହେଲେ ପାପ-ପୁଣ୍ୟ ସବୁ ଭୁଲ ହୋଇଯାଏ । ସେତେବେଳେ ଆଇନ୍‌ଠାରୁ, ଶାସ୍ତ୍ରଠାରୁ ଅଲଗା ହୋଇଯାଏ । ଅନୁତାପ କରିବାକୁ ହେବ, ପ୍ରାୟଶ୍ଚିତ୍ତ କରିବାକୁ ହେବ, ଏସବୁ ଭାବନା ଆଉ ରହେ ନାହିଁ ।

''ଯେପରି ବଙ୍କା ନଦୀଦେଇ ଅନେକ କଷ୍ଟରେ ଏବଂ ଅନେକକ୍ଷଣ ପରେ ଗନ୍ତବ୍ୟ ସ୍ଥାନକୁ ଯାଉଛ । କିନ୍ତୁ ଯଦି ବନ୍ୟା ହୁଏ, ତାହାହେଲେ ସହଜପଥ ଦେଇ ଅଳ୍ପକ୍ଷଣ ମଧ୍ୟରେ ଗନ୍ତବ୍ୟ ସ୍ଥାନରେ ପହଞ୍ଚାଯାଏ । ସେତେବେଳେ ବିଲରେ ମଧ୍ୟ କାତେ ପାଣି ।

''ପ୍ରଥମ ଅବସ୍ଥାରେ ଅନେକ ବୁଲିବାକୁ ହୁଏ । ଅନେକ କଷ୍ଟ କରିବାକୁ ହୁଏ । ରାଗଭକ୍ତି ଆସିଲେ ଖୁବ୍ ସହଜ । ଯେପରି କ୍ଷେତ ଉପରେ ଧାନକଟା

---

୧. ନନ୍ଦିନୀ—ମଣି ମଲ୍ଲିକଙ୍କର ବିଧବା କନ୍ୟା, ଠାକୁରଙ୍କର ଭକ୍ତ ।

୨. Parable of the Ten Virgins.

ପରେ ଯେଉଁ ବାଟରେ ଇଚ୍ଛା ଯାଅ । ଆଗେ ହିଡ଼ ଉପରଦେଇ ବୁଲି ବୁଲି ଯିବାକୁ ହେଉଥିଲା । ବର୍ତ୍ତମାନ ଯେଉଁ ଦିଗ ଦେଇ ଯାଅ, ଯଦି କିଛି କିଛି ମୂଳି ଥାଏ, ଗୋଡ଼ରେ ଜୋତା ପିନ୍ଧି ଚାଲିଗଲେ ଆଉ କୌଣସି କଷ୍ଟ ନାହିଁ । ବିବେକ, ବୈରାଗ୍ୟ, ଗୁରୁବାକ୍ୟରେ ବିଶ୍ୱାସ, ଏସବୁ ଥିଲେ ଆଉ କୌଣସି କଷ୍ଟ ନାହିଁ ।''

## ଶ୍ରୀରାମକୃଷ୍ଣ ଓ ଧ୍ୟାନଯୋଗ, ଶିବଯୋଗ, ବିଷ୍ଣୁଯୋଗ— ନିରାକାର ଧ୍ୟାନ ଓ ସାକାରଧ୍ୟାନ

ମଣିଲାଲ(ଶ୍ରୀରାମକୃଷ୍ଣଙ୍କ ପ୍ରତି)—ଆଚ୍ଛା, ଧ୍ୟାନର କି ନିୟମ ? କେଉଁଠାରେ ଧ୍ୟାନ କରିବାକୁ ହୁଏ ?

ଶ୍ରୀରାମକୃଷ୍ଣ—ହୃଦୟ ହେଉଛି ପ୍ରଶସ୍ତ ସ୍ଥାନ । ହୃଦୟରେ ଧ୍ୟାନ ହୋଇପାରେ ଅଥବା ସହସ୍ରାରରେ, ଏଗୁଡ଼ିକ ଆଇନର ଧ୍ୟାନ—ଶାସ୍ତ୍ରରେ ଅଛି । ତେବେ ତୁମର ଯେଉଁଠାରେ ଅଭିରୁଚି ସେଠାରେ ଧ୍ୟାନ କରିପାର । ସବୁ ସ୍ଥାନ ତ ବ୍ରହ୍ମମୟ; କେଉଁଠାରେ ସେ ନାହାନ୍ତି ?

''ଯେତେବେଳେ ବଳିଙ୍କ ପାଖରେ ନାରାୟଣ ତିନି ପାଦରେ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ଢାଙ୍କି ଦେଲେ, ସେତେବେଳେ କଅଣ କୌଣସି ସ୍ଥାନ ବାକିଥିଲା ? ଗଙ୍ଗାତୀର ଯେପରି ପବିତ୍ର ଯେଉଁଠାରେ ଖରାପ ମାଟି ଅଛି ସେ ସ୍ଥାନ ମଧ୍ୟ ସେପରି ପବିତ୍ର । ପୁଣି ଅଛି ଏ ସମସ୍ତ ତାଙ୍କର ହିଁ ବିରାଟମୂର୍ତ୍ତି ।

''**ନିରାକାର ଧ୍ୟାନ ଓ ସାକାର ଧ୍ୟାନ**—ନିରାକାର ଧ୍ୟାନ ବଡ଼ କଠିନ । ସେ ଧ୍ୟାନରେ ଯାହା କିଛି ଦେଖୁଛ ଶୁଣୁଛ—ଲୀନ ହୋଇଯିବା, କେବଳ ସ୍ୱ-ସ୍ୱରୂପ ଚିନ୍ତା । ସେହି ସ୍ୱରୂପ ଚିନ୍ତା କରି ଶିବ ନୃତ୍ୟ କରନ୍ତି । 'ମୁଁ କିଏ, ମୁଁ କଣ' ଏହା କହି ନୃତ୍ୟ କରନ୍ତି ।'

''ଏହାକୁ କହନ୍ତି **ଶିବଯୋଗ**, ଧ୍ୟାନ ସମୟରେ କପାଳରେ ଦୃଷ୍ଟି ରଖିବାକୁ ହୁଏ । 'ନେତି' 'ନେତି' କରି ଜଗତ୍ ଛାଡ଼ି ସ୍ୱ-ସ୍ୱରୂପ ଚିନ୍ତା ।

''ଆଉ ଗୋଟିଏ ଅଛି **ବିଷ୍ଣୁଯୋଗ** । ନାସାଗ୍ରେ ଦୃଷ୍ଟି; ଅର୍ଦ୍ଧେକ ଜଗତରେ, ଅର୍ଦ୍ଧେକ ଅନ୍ତରରେ । ସାକାର ଧ୍ୟାନରେ ଏହିପରି ହୁଏ ।

''ଶିବ ବେଳେ ବେଳେ କେତେବେଳେ ସାକାର ଚିନ୍ତା କରି ନାଚନ୍ତି । 'ରାମ' 'ରାମ' କହି ନାଚନ୍ତି ।''

## (୨)

## ଈଶ୍ୱର ଦର୍ଶନର ପର ଅବସ୍ଥା

ମଣିଲାଲ ମଲ୍ଲିକ ପୁରାତନ ବ୍ରହ୍ମଜ୍ଞାନୀ । ଭବନାଥ, ରାଖାଲ, ମାଷ୍ଟର ମଝିରେ ମଝିରେ ବ୍ରାହ୍ମସମାଜକୁ ଯାଆନ୍ତି । ଶ୍ରୀରାମକୃଷ୍ଣ, ଓଁକାରର ବ୍ୟାଖ୍ୟା ଓ ଠିକ୍ ବ୍ରହ୍ମଜ୍ଞାନ ଏବଂ ବ୍ରହ୍ମଦର୍ଶନର ପର ଅବସ୍ଥା ବର୍ଣ୍ଣନା କରୁଛନ୍ତି ।

ଶ୍ରୀରାମକୃଷ୍ଣ (ଭକ୍ତମାନଙ୍କ ପ୍ରତି)—ଶବ୍ଦ ବ୍ରହ୍ମ, ମୁନିଋଷିମାନେ ସେହି ଶବ୍ଦ ଲାଭପାଇଁ ତପସ୍ୟା କରନ୍ତି । ସିଦ୍ଧ ହେଲେ ଶୁଣିବାକୁ ପାଆନ୍ତି, ନାଭିରୁ ଏହି ଶବ୍ଦ ସ୍ୱତଃ ଉଠୁଛି—**ଅନାହତ ଶବ୍ଦ ।**

''ଏକ ମତରେ କେବଳ ଶବ୍ଦ ଶୁଣିଲେ କଅଣ ହେବ ? ଦୂରରୁ ଶବ୍ଦ-କଲ୍ଲୋଳ ଶୁଣାଯାଏ । ସେହି ଶବ୍ଦ କଲ୍ଲୋଳ ଧରି ଗଲେ ସମୁଦ୍ରରେ ପହଞ୍ଚ। ହୁଏ । ଯେତେବେଳେ କଲ୍ଲୋଳ ଅଛି ସେତେବେଳେ ସମୁଦ୍ର ମଧ୍ୟ ଅଛି । ଅନାହତ ଧ୍ୱନି ଧରି ଧରି ଗଲେ ତାହାର ପ୍ରତିପାଦ୍ୟ ବ୍ରହ୍ମ, ତାଙ୍କ ପାଖରେ ପହଞ୍ଚାଯାଏ । ତାଙ୍କୁ ହିଁ **ପରମପଦ**[୧] କହିଛି । 'ମୁଁ' ଥାଉ ଥାଉ ଏପରି ଦର୍ଶନ ହୁଏ ନାହିଁ । ଯେଉଁଠାରେ 'ମୁଁ' ନାହିଁ, 'ତୁମେ' ମଧ୍ୟ ନାହିଁ, ଏକ ନାହିଁ ଅନେକ ମଧ୍ୟ ନାହିଁ; ସେହିଠାରେ ହିଁ ଏହି ଦର୍ଶନ' ।

## ଜୀବାତ୍ମା ଓ ପରମାତ୍ମାଙ୍କର ଯୋଗ ଓ ସମାଧି

''ମନେ କର ସୂର୍ଯ୍ୟ ଏବଂ ଦଶଟି ଜଳପୂର୍ଣ୍ଣ ଘଟ ରହିଅଛି, ପ୍ରତ୍ୟେକ ଘଟରେ ସୂର୍ଯ୍ୟଙ୍କର ପ୍ରତିବିମ୍ବ ଦେଖା ଯାଉଛି । ପ୍ରଥମେ ଦେଖାଯାଇଛି ଗୋଟିଏ ସୂର୍ଯ୍ୟ ଓ ଦଶଟି ପ୍ରତିବିମ୍ବ ସୂର୍ଯ୍ୟ । ଯଦି ନଅଟା ଘଟ ଭାଙ୍ଗି ଦିଆଯାଏ, ତାହାହେଲେ ବାକି ରହେ ଗୋଟିଏ ସୂର୍ଯ୍ୟ ଓ ଗୋଟିଏ ପ୍ରତିବିମ୍ବ ସୂର୍ଯ୍ୟ । ଗୋଟିଏ ଗୋଟିଏ ଘଟ ଯେପରି ଗୋଟିଏ ଗୋଟିଏ ଜୀବ । ପ୍ରତିବିମ୍ବ ସୂର୍ଯ୍ୟ ଧରି ଧରି ସତ୍ୟ ସୂର୍ଯ୍ୟଙ୍କ ପାଖକୁ ଯିବାକୁ ହୁଏ । ଜୀବାତ୍ମାରୁ ପରମାତ୍ମାରେ ପହଞ୍ଚାଯାଏ । ଜୀବ (ଜୀବାତ୍ମା) ଯଦି ସାଧନ ଭଜନ କରେ ତାହାହେଲେ ପରମାତ୍ମା ଦର୍ଶନ କରିପାରେ । ଶେଷ ଘଟଟି ଭାଙ୍ଗିଦେଲେ କଅଣ ଅଛି ମୁହଁରେ କୁହାଯାଏ ନାହିଁ ।

''ଜୀବ ପ୍ରଥମେ ଅଜ୍ଞାନ ହୋଇଥାଏ । ଈଶ୍ୱର ବୋଧ ନାହିଁ, ନାନା ଜିନିଷ ବୋଧ—ଅନେକ ଜିନିଷ ବୋଧ । ଯେତେବେଳେ ଜ୍ଞାନ ହୁଏ ସେତେବେଳେ ତାହାର ବୋଧ ହୁଏ ଯେ, ଈଶ୍ୱର ସର୍ବଭୂତରେ ଅଛନ୍ତି । ଯେପରି ପାଦରେ କଣ୍ଟା ଫୁଟିଛି, ଆଉ ଗୋଟିଏ କଣ୍ଟା ଯୋଗାଡ଼ କରି ଆଣି ଏହି କଣ୍ଟାଟି କାଢ଼ିବା । ଅର୍ଥାତ୍ ଜ୍ଞାନ କଣ୍ଟା ଦ୍ୱାରା ଅଜ୍ଞାନ କଣ୍ଟା କାଢ଼ିପକାଇବା ।

''ପୁଣି ବିଜ୍ଞାନ ହେଲେ, ଦୁଇକଣ୍ଟାକୁ ପକାଇ ଦେବା—ଅଜ୍ଞାନ କଣ୍ଟା ଏବଂ ଜ୍ଞାନ  କଣ୍ଟା । ସେତେବେଳେ ଈଶ୍ୱରଙ୍କ ସଙ୍ଗରେ ନିଶିଦିନ କଥା, ଆଳାପ ହେଉଛି—କେବଳ ଦର୍ଶନ ନୁହେଁ ।

''ଯେ ଦୁଧର କଥା କେବଳ ଶୁଣିଛି ସେ ଅଜ୍ଞାନ; ଯେ ଦୁଧ ଦେଖିଛି ତାହାର ଜ୍ଞାନ ହୋଇଛି । ଯେ ଦୁଧ ଖାଇ ହୃଷ୍ଟପୁଷ୍ଟ ହୋଇଛି ତାହାର ବିଜ୍ଞାନ ହୋଇଛି ।''

---

୧. 'ଯତ୍ରନାଦୋ ବିଲୀୟତେ' । ତଦ୍‌ବିଷ୍ଣୋଃ ପରମଂ ପଦଂ ସଦା ପଶ୍ୟନ୍ତି ସୂରୟଃ' ।

ଏଥର ଭକ୍ତମାନଙ୍କୁ ବୋଧହୁଏ ନିଜର ଅବସ୍ଥା ବୁଝାଇ ଦେଉଛନ୍ତି । ବିଜ୍ଞାନୀର ଅବସ୍ଥା ବର୍ଣ୍ଣନା କରି ବୋଧହୁଏ ନିଜର ଅବସ୍ଥା କହୁଛନ୍ତି ।

**ଶ୍ରୀରାମକୃଷ୍ଣଙ୍କର ଅବସ୍ଥା–ଶ୍ରୀମୁଖ କଥିତ**

**ଈଶ୍ୱର ଦର୍ଶନର ପର ଅବସ୍ଥା**

ଶ୍ରୀରାମକୃଷ୍ଣ (ଭକ୍ତମାନଙ୍କ ପ୍ରତି)—ଜ୍ଞାନୀ ସାଧୁ ଆଉ ବିଜ୍ଞାନୀ ସାଧୁର ପ୍ରଭେଦ ଅଛି । ଜ୍ଞାନୀ ସାଧୁର ବସିବାର ଭଙ୍ଗି ଅଲଗା । ନିଶ ମୋଡ଼ି ବସେ । କେହି ଆସିଲେ କହେ, କ'ଣ ବାବୁ ତୁମର କିଛି ପ୍ରଶ୍ନ ଅଛି ?'

''ଯେ ଈଶ୍ୱରଙ୍କୁ ସର୍ବଦା ଦର୍ଶନ କରୁଛି, ତାହାଙ୍କ ସଙ୍ଗରେ କଥା କହୁଛି (ବିଜ୍ଞାନୀ) ତାହାର ସ୍ୱଭାବ ଅଲଗା; କେତେବେଳେ ଜଡ଼ବତ୍, କେତେବେଳେ ପିଶାଚବତ୍, କେତେବେଳେ ବାଳକବତ୍, କେତେବେଳେ ମଧ୍ୟ ଉନ୍ମାଦବତ୍ ।

''କେତେବେଳେ ମଧ୍ୟ ସମାଧିସ୍ଥ ହୋଇ ବାହ୍ୟଜ୍ଞାନ ଶୂନ୍ୟ ହୁଏ—ଜଡ଼ବତ୍ ହୋଇଯାଏ ।''

''ବ୍ରହ୍ମମୟ ଦେଖେ ତେଣୁ ପିଶାଚବତ୍; ଶୁଚି ଅଶୁଚି ବୋଧ ରହେ ନାହିଁ । ହୁଏତ ଝାଡ଼ା ଫେରୁଫେରୁ କୋଳି ଖାଉଛି, ବାଳକପରି । ସ୍ୱପ୍ନଦୋଷ ପରେ ଅଶୁଦ୍ଧି ବୋଧ କରେ ନାହିଁ—ଶୁକ୍ରରେ ଶରୀର ହୋଇଛି ଏହା ଭାବି ।

''ବିଷ୍ଠା ମୂତ୍ର ଜ୍ଞାନ ନାହିଁ ସବୁ ବ୍ରହ୍ମମୟ । ଭାତ-ଡାଲି ଅନେକ ଦିନ ରଖିଲେ ବିଷ୍ଠାପରି ହୋଇଯାଏ ।''

''ପୁଣି ଉନ୍ମାଦବତ୍, ତାହାର ଢଙ୍ଗ-ଢାଙ୍ଗ ଦେଖି ଲୋକମାନେ ମନେ କରନ୍ତି ପାଗଳ ।

ପୁଣି କେତେବେଳେ ମଧ୍ୟ ବାଳକବତ୍; କୌଣସି ପାଶ ନାହିଁ, ଲଜ୍ଜା, ଘୃଣା, ସଂକୋଚ ପ୍ରଭୃତି ।

''ଈଶ୍ୱର ଦର୍ଶନ ପରେ ଏହି ଅବସ୍ଥା । ଯେପରି ଚୁମ୍ବକ ପାହାଡ଼ ପାଖଦେଇ ଜାହାଜ ଯାଉଛି, ଜାହାଜର ସ୍କ୍ରୁ କଣ୍ଟା ଅଲଗା ହୋଇ ଖୋଲିଯାଏ । ଈଶ୍ୱର ଦର୍ଶନ ପରେ କାମ କ୍ରୋଧାଦି ଆଉ ରହେ ନାହିଁ ।

''ମା' କାଳୀଙ୍କ ମନ୍ଦିରରେ ଯେତେବେଳେ ବଜ୍ର ପଡ଼ିଥିଲା, ସେତେବେଳେ ଦେଖିଥିଲି, ସ୍କ୍ରୁର ମୁହଁ ଉଡ଼ିଯାଇଛି ।

''ଯେ ଈଶ୍ୱର ଦର୍ଶନ କରିଛନ୍ତି, ତାଙ୍କ ଦ୍ୱାରା ଆଉ ପୁଅ ଝିଅଙ୍କର ଜନ୍ମ ଦେବା, ସୃଷ୍ଟିର କାର୍ଯ୍ୟ ହୁଏ ନାହିଁ । ଧାନ ପୋତିଲେ ଗଛ ହୁଏ, କିନ୍ତୁ ଧାନ ସିଦ୍ଧ କରି ପୋତିଲେ ଗଛ ହୁଏ ନାହିଁ ।

''ଯେ ଈଶ୍ୱର ଦର୍ଶନ କରିଛନ୍ତି, ତାଙ୍କର 'ମୁଁ' ଟା ନାମକୁ ମାତ୍ର ରହେ, ସେ 'ମୁଁ' ଦ୍ୱାରା କୌଣସି ଅନ୍ୟାୟ କାର୍ଯ୍ୟ ହୁଏ ନାହିଁ । ନାମମାତ୍ର ରହେ—

ଯେପରି ନଡ଼ିଆ ବାହୁଙ୍ଗାର ଦାଗ । ବାହୁଙ୍ଗା ଖସି ପଡ଼ିଛି—ବର୍ତ୍ତମାନ ଗଛରେ ଦାଗ ମାତ୍ର ଅଛି ।

### ଈଶ୍ୱର ଦର୍ଶନ ପରେ 'ମୁଁ'–ଶ୍ରୀରାମକୃଷ୍ଣ ଓ କେଶବ ସେନ୍

ଶ୍ରୀରାମକୃଷ୍ଣ(ଭକ୍ତମାନଙ୍କ ପ୍ରତି)—''ମୁଁ କେଶବ ସେନ୍‌ଙ୍କୁ କହିଲି, 'ମୁଁ' ତ୍ୟାଗ କର—ମୁଁ କର୍ତ୍ତା–ମୁଁ ଲୋକଙ୍କୁ ଶିକ୍ଷା ଦେଉଛି । କେଶବ କହିଲେ, 'ମହାଶୟ,' ତାହାହେଲେ ଦଳଫଳ ରହିବ ନାହିଁ । ମୁଁ କହିଲି, 'ବଜ୍ଜାତ୍ ମୁଁ' ତ୍ୟାଗ କର ।

''ଈଶ୍ୱରଙ୍କର 'ଦାସ ମୁଁ' , ଈଶ୍ୱରଙ୍କର 'ଭକ୍ତ ମୁଁ' ତ୍ୟାଗ କରିବାକୁ ହେବ ନାହିଁ । 'ବଜ୍ଜାତ୍ ମୁଁ' ଅଛି ବୋଲି 'ଈଶ୍ୱରଙ୍କର ମୁଁ' ରହେ ନାହିଁ ।

### ଶ୍ରୀରାମକୃଷ୍ଣ—ମନୁଷ୍ୟଲୀଳା ଓ ଅବତାର ତତ୍ତ୍ୱ

ଶ୍ରୀରାମକୃଷ୍ଣ(ଭକ୍ତମାନଙ୍କ ପ୍ରତି)—''ଦେଖ, ଏହି ହାତରେ ଆଘାତ ପାଇବାରୁ ମୋର ସ୍ୱଭାବ ପରିବର୍ତ୍ତନ ହେଉଛି । ବର୍ତ୍ତମାନ ମନୁଷ୍ୟ ଭିତରେ ଈଶ୍ୱରଙ୍କର ବେଶୀ ପ୍ରକାଶ ଦେଖାଇ ଦେଉଛନ୍ତି । ଯେପରି କହୁଛନ୍ତି—'ମୁଁ ମନୁଷ୍ୟ ଭିତରେ ରହିଛି, ତୁମେ ମନୁଷ୍ୟ ନେଇ ଆନନ୍ଦ କର ।'

''ସେ ଶୁଦ୍ଧ ଭକ୍ତ ଭିତରେ ବେଶୀ ପ୍ରକାଶିତ ତେଣୁ ନରେନ୍ଦ୍ର, ରାଖାଲ ଏମାନଙ୍କ ପାଇଁ ଏତେ ବ୍ୟାକୁଳ ହୁଏ ।

''ଜଳାଶୟ କୂଳରେ ଛୋଟଛୋଟ ଗର୍ତ୍ତ ଥାଏ, ସେହିଠାରେ ମାଛ, କଙ୍କଡ଼ା ଆସି ରହନ୍ତି, ସେହିପରି ମନୁଷ୍ୟ ଭିତରେ ଈଶ୍ୱରଙ୍କର ପ୍ରକାଶ ବେଶୀ ।

''ଏହିପରି ଅଛି ଯେ, ଶାଳଗ୍ରାମଠାରୁ ମଧ୍ୟ ମନୁଷ୍ୟ ବଡ଼ । **ନରନାରାୟଣ ।**

''ପ୍ରତିମାରେ ତାଙ୍କର ଆବିର୍ଭାବ ହୁଏ ଆଉ ମନୁଷ୍ୟରେ ହେବ ନାହିଁ ? ସେ ନରଲୀଳା କରିବା ପାଇଁ ମନୁଷ୍ୟ ଭିତରେ ଅବତୀର୍ଣ୍ଣ ହୁଅନ୍ତି, ଯେପରି ରାମଚନ୍ଦ୍ର, ଶ୍ରୀକୃଷ୍ଣ, ଚୈତନ୍ୟଦେବ । ଅବତାରଙ୍କୁ ଚିନ୍ତା କଲେ ତାଙ୍କର ଚିନ୍ତା କରା ହୁଏ ।

ବ୍ରାହ୍ମଭକ୍ତ—ଭଗବାନ ଦାସ ଆସିଛନ୍ତି ।

ଶ୍ରୀରାମକୃଷ୍ଣ(ଭଗବାନ ଦାସଙ୍କ ପ୍ରତି)—ଋଷିମାନଙ୍କର ଧର୍ମ ସନାତନ ଧର୍ମ ଅନନ୍ତ କାଳ ଅଛି ଓ ରହିବ । ଏହି ସନାତନ ଧର୍ମ ଭିତରେ ନିରାକାର ସାକାର ସବୁ ରକମ ପୂଜା ଅଛି । ଜ୍ଞାନପଥ, ଭକ୍ତିପଥ ସବୁ ଅଛି । ଅନ୍ୟାନ୍ୟ ଯେ ସବୁ ଧର୍ମ, ଆଧୁନିକ ଧର୍ମ, କିଛିଦିନ ରହିବ ପୁଣି ଯିବ ।''

# ଏକବିଂଶ ପରିଚ୍ଛେଦ

## (୧)

## ଠାକୁର ଶ୍ରୀରାମକୃଷ୍ଣ ଦକ୍ଷିଣେଶ୍ୱର ମନ୍ଦିରରେ ରାଖାଲ, ରାମ, ନିତ୍ୟ, ଅଧର, ମାଷ୍ଟର, ମହିମା ପ୍ରଭୃତି ଭକ୍ତଙ୍କ ସଙ୍ଗରେ

ଶ୍ରୀରାମକୃଷ୍ଣ ଅସୁସ୍ଥ ଅବସ୍ଥାରେ ଅଧୈର୍ଯ୍ୟ କାହିଁକି ? ବିଜ୍ଞାନୀର ଅବସ୍ଥା ।

ଠାକୁର ଶ୍ରୀରାମକୃଷ୍ଣ ମଧ୍ୟାହ୍ନର ସେବାପରେ ରାଖାଲ, ରାମ ପ୍ରଭୃତି ଭକ୍ତମାନଙ୍କ ସଙ୍ଗରେ ବସିଛନ୍ତି । ଶରୀର ସଂପୂର୍ଣ୍ଣ ସୁସ୍ଥ ନୁହେଁ । ବର୍ତ୍ତମାନ ମଧ୍ୟ ହାତରେ ପଟି ବନ୍ଧା ହୋଇଛି । ଆଜି ରବିବାର, ୨୩ ମାର୍ଚ୍ଚ ୧୮୮୪ ଖ୍ରୀଷ୍ଟାବ୍ଦ ।

ନିଜର ଅସୁସ୍ଥତା, କିନ୍ତୁ ଠାକୁର ଆନନ୍ଦର ହାଟ ବସାଇଛନ୍ତି । ଦଳେ ଦଳେ ଭକ୍ତ ଆସୁଛନ୍ତି । ସର୍ବଦା ଈଶ୍ୱର କଥା ପ୍ରସଙ୍ଗରେ—ଆନନ୍ଦରେ । କେତେବେଳେ ମଧ୍ୟ କୀର୍ତ୍ତନାନନ୍ଦ, କେତେବେଳେ ବା ଠାକୁର ସମାଧିସ୍ଥ ହୋଇ ବ୍ରହ୍ମାନନ୍ଦ ଭୋଗ କରୁଛନ୍ତି । ଭକ୍ତମାନେ ଅବାକ୍ ହୋଇ ଦେଖୁଛନ୍ତି । ଠାକୁର କଥା କହୁଛନ୍ତି ।

### ନରେନ୍ଦ୍ରଙ୍କର ବିବାହ-ସମ୍ବନ୍ଧ । ନରେନ୍ଦ୍ର 'ଦଳପତି'

ରାମ—ଆର୍. ମିତ୍ରଙ୍କର କନ୍ୟାଙ୍କ ସଙ୍ଗରେ ନରେନ୍ଦ୍ରଙ୍କର ସମ୍ବନ୍ଧ ହେଉଛି । ଅନେକ ଟଙ୍କା ଦେବେ ବୋଲି କହିଛନ୍ତି ।

ଶ୍ରୀରାମକୃଷ୍ଣ—(ସହାସ୍ୟ) ଏହିପରି ଗୋଟିଏ ଦଳପତି ଫଳପତି ହୋଇଯାଇପାରେ । ସେ ଯେଉଁ ଆଡ଼କୁ ଯିବ, ସେହି ଦିଗରେ ହିଁ ପ୍ରତିଷ୍ଠା ଲାଭ କରିବ । ଠାକୁର ନରେନ୍ଦ୍ରଙ୍କର କଥା ଆଉ ବେଶୀ ଉଠାଇବାକୁ ଦେଲେ ନାହିଁ ।

''(ରାମଙ୍କ ପ୍ରତି) ଆଚ୍ଛା, ଅସୁସ୍ଥ ହେଲେ ମୁଁ ଏତେ ଅଧୈର୍ଯ୍ୟ ହୁଏ କାହିଁକି ? ଥରେ ଏହାଙ୍କୁ ପଚାରେ କେଉଁଥିରେ ଭଲ ହେବ ? ଥରେ ତାଙ୍କୁ ପ୍ରଶ୍ନକରେ ?

''କଅଣ ଜାଣ, ହୁଏତ ସମସ୍ତଙ୍କୁ ବିଶ୍ୱାସ କରିବାକୁ ହୁଏ, ନ ହେଲେ କାହାରିକି ନୁହେଁ ।

''ସେ ହିଁ ଡାକ୍ତର କବିରାଜ ହୋଇଛନ୍ତି । ତେଣୁ ସକଳ ଚିକିତ୍ସକଙ୍କୁ ବିଶ୍ୱାସ କରିବାକୁ ହୁଏ । ମନୁଷ୍ୟ ମନେ କଲେ ବିଶ୍ୱାସ ହୁଏନାହିଁ ।

### ପୂର୍ବକଥା—ଶମ୍ଭୁ ମଲ୍ଲିକ ଓ ହଳଧାରୀଙ୍କର ବେମାରୀ

''ଶମ୍ଭୁର ଘୋର ବିକାର—ସର୍ବଧିକାରୀ ଦେଖି କହେ; ଔଷଧର ଗରମ ।

''ହଳଧାରୀ ହାତ ଦେଖାଇଲା । ଡାକ୍ତର କହିଲେ ଆଖି ଦେଖି; ଓ !—ହଳଦିଆ କାମଳ ହୋଇଛି । ହଳଧାରୀ କହିଲା, ହଳଦିଆ କାମଳ ତ କେଉଁଠି କିଛି ନାହିଁ ।

''ମଧୁ ଡାକ୍ତରଙ୍କର ଔଷଧଟି ଭଲ ।''

ରାମ — ଔଷଧରେ ଉପକାର ହୁଏ ନାହିଁ । ତେବେ ପ୍ରକୃତିକୁ ଅନେକ ସାହାଯ୍ୟ କରେ ।

ରାମକୃଷ୍ଣ — ଔଷଧର ଉପକାର ନ ହେଲେ ଅଫିମରେ ଝାଡ଼ା ବନ୍ଦ ହୁଏ କାହିଁକି ?

**କେଶବ ସେନ୍‌ଙ୍କ କଥା — ସୁଲଭ ସମାଚାରରେ ଠାକୁରଙ୍କ ବିଷୟ ଛାପିବା**

ରାମ କେଶବଙ୍କର ଶରୀର ତ୍ୟାଗ କଥା କହୁଛନ୍ତି ।

ରାମ — ଆପଣ ତ ଠିକ୍ କହିଥିଲେ, — ଭଲ ଗୋଲାପର (ବସରାଇ ଗୋଲାପର) ଗଛ ହେଲେ ମାଳୀ ମୂଳ ସୁଦ୍ଧା ଖୋଲି ଦିଏ, ଶିଶିର ପାଇଲେ ଆହୁରି ତେଜରେ ଗଛ ହେବ । ସିଦ୍ଧବଚନ ତ ଫଳିଛି !

ଶ୍ରୀରାମକୃଷ୍ଣ — କେଜାଣି ବାବୁ, ଏତେ ହିସାବ କରି ନାହିଁ, ତୁମ୍ଭେମାନେ ତ କହୁଛ । ରାମ — ସେମାନେ ଆପଣଙ୍କର ବିଷୟ (ସୁଲଭ ସମାଚାରରେ) ଛପାଇ ଦେଇଥିଲେ ।

ଶ୍ରୀରାମକୃଷ୍ଣ — ଛପାଇବା ! ଏ କଅଣ । ବର୍ତ୍ତମାନ ଛପାଇବା କାହିଁକି ? — ମୁଁ ଖାଇପିଇ ଥାଏ । ଆଉ କିଛି ଜାଣେ ନାହିଁ ।

''କେଶବ ସେନଙ୍କୁ ମୁଁ କହିଲି, କାହିଁକି ଛପାଇଲ ? ସେ କହିଲେ — ତୁମ ପାଖକୁ ଲୋକ ଆସିବେ ବୋଲି ।

**ଲୋକଶିକ୍ଷା ଈଶ୍ୱରଙ୍କ ଶକ୍ତିଦ୍ୱାରା — ହନୁମାନ ସିଂଙ୍କର କୁସ୍ତି ଦର୍ଶନ**

ଶ୍ରୀରାମକୃଷ୍ଣ (ରାମପ୍ରଭୃତିଙ୍କ ପ୍ରତି) — ''**ମନୁଷ୍ୟ ଶକ୍ତି ଦ୍ୱାରା ଲୋକଶିକ୍ଷା ହୁଏ ନାହିଁ । ଈଶ୍ୱରଙ୍କର ଶକ୍ତି ନ ହେଲେ ଅବିଦ୍ୟା ଜୟ କରାଯାଏ ନାହିଁ ।**

''ଦୁଇଜଣ କୁସ୍ତି ଲଢୁଥିଲେ । ହନୁମାନ ସିଂ ଆଉ ଜଣେ ପଞ୍ଜାବୀ ମୁସଲମାନ । ମୁସଲ୍‌ମାନଟି ଖୁବ୍ ହୃଷ୍ଟପୁଷ୍ଟ । କୁସ୍ତିର ପନ୍ଦରଦିନ ଆଗରୁ ମାଂସ ଘିଅ ବେଶୀ ପରିମାଣରେ ଖାଇଲା । ସମସ୍ତେ ଭାବିଲେ, ଏ ଜିତିବ ।

''ହନୁମାନ ସିଂ — ଦେହରେ ମଇଳା ଲୁଗା — କେତେଦିନ ଧରି କମ୍ କମ୍ ଖାଇଲା, ଆଉ ମହାବୀରଙ୍କର ନାମ ଜପିବାକୁ ଲାଗିଲା । ଯେଉଁଦିନ କୁସ୍ତି ହେଲା, ସେଦିନ ଏକାବେଳକେ ଉପବାସ । ସମସ୍ତେ ଭାବିଲେ, ଏ ନିଶ୍ଚୟ ହାରିବ ।

''କିନ୍ତୁ ସେ ଜିତିଲେ । ଯେ ପନ୍ଦରଦିନ ଧରି ବେଶୀ ବେଶୀ ଖାଇଲା ସେ ହାରିଲା !

''ଛପାଛପି କଲେ କଅଣ ହେବ ? ଯେ ଲୋକ ଶିକ୍ଷା ଦେବ ତାର ଶକ୍ତି ଈଶ୍ୱରଙ୍କ ନିକଟରୁ ଆସିବ । ଆଉ ତ୍ୟାଗୀ ନ ହେଲେ ଲୋକଶିକ୍ଷା ହୁଏ ନାହିଁ ।

### ବାଲ୍ୟକାଳ—କାମାରପୁକୁରରେ ଲାହାମାନଙ୍କର ଘରେ ସାଧୁମାନଙ୍କର ପାଠ ଶ୍ରବଣ

"ମୁଁ ମୂର୍ଖୋତ୍ତମ (ସମସ୍ତଙ୍କର ହାସ୍ୟ) ।"

ଜଣେ ଭକ୍ତ—ତାହାହେଲେ ଆପଣଙ୍କର ମୁଖରୁ ବେଦ ବେଦାନ୍ତ ଏବଂ ଅନ୍ୟ କେତେ କଅଣ ବାହାରେ କାହିଁକି ?

ଶ୍ରୀରାମକୃଷ୍ଣ—(ସହାସ୍ୟ) କିନ୍ତୁ ପିଲାବେଳେ ଲାହାଙ୍କର ସେଠାରେ (କାମାରପୁକୁରରେ) ସାଧୁମାନେ ଯାହା ପଢ଼ନ୍ତି, ବୁଝିପାରୁଥିଲି । ତେବେ ଗୋଟାଏ ଅଧେ ବାଦ୍ ଯାଏ । କୌଣସି ପଣ୍ଡିତ ଆସି ଯଦି ସଂସ୍କୃତରେ କଥା କହନ୍ତି, ତାହା ବୁଝିପାରେ, କିନ୍ତୁ ନିଜେ ସଂସ୍କୃତ କଥା କହିପାରେ ନାହିଁ ।

### ପାଣ୍ଡିତ୍ୟ କ'ଣ ଜୀବନର ଉଦ୍ଦେଶ୍ୟ ? ମୂର୍ଖ ଓ ଈଶ୍ୱରଙ୍କର କୃପା

ଶ୍ରୀରାମକୃଷ୍ଣ—ତାଙ୍କୁ ଲାଭ କରିବା ହିଁ ଜୀବନର ଉଦ୍ଦେଶ୍ୟ । ଲକ୍ଷ୍ୟ ବିନ୍ଧିବା ସମୟରେ ଅର୍ଜୁନ କହିଲେ, 'ମୁଁ ଆଉ କିଛି ଦେଖିପାରୁ ନାହିଁ, କେବଳ ପକ୍ଷୀର ଚକ୍ଷୁ ଦେଖି ପାରୁଛି । ରାଜାଙ୍କୁ ମଧ୍ୟ ଦେଖିପାରୁ ନାହିଁ । ଗଛ ଦେଖିପାରୁ ନାହିଁ—ପକ୍ଷୀ ପର୍ଯ୍ୟନ୍ତ ଦେଖିପାରୁ ନାହିଁ ।

"ତାଙ୍କୁ ଲାଭ କରିଲେ ହିଁ ହେଲା । ସଂସ୍କୃତ ନ ଜାଣିଲି ନାହିଁ ।

"ତାଙ୍କର କୃପା ପଣ୍ଡିତ ମୂର୍ଖ ସବୁ ପିଲାଙ୍କ ଉପରେ—ଯେ ତାଙ୍କୁ ପାଇବା ପାଇଁ ବ୍ୟାକୁଳ ହୁଏ । **ବାପର ସମସ୍ତଙ୍କ ଉପରେ ସମାନ ସ୍ନେହ ।**

"ବାପର ପାଞ୍ଚଟି ପୁଅ, ଜଣେ ଦୁଇଜଣ 'ବାପା' ବୋଲି ଡାକି ପାରନ୍ତି । ପୁଣି କେହି 'ବା' ବୋଲି ଡାକେ, କେହି 'ପା' ବୋଲି ଡାକେ, ସବୁଟା ଉଚ୍ଚାରଣ କରିପାରେ ନାହିଁ । ଯେ ବାପା ବୋଲି ଡାକେ, ତା' ଉପରେ କଅଣ ବାପର ବେଶି ସ୍ନେହ ହେବ—ଯେ 'ପା' କହେ, ତାହା ଅପେକ୍ଷା ? ବାପା ଜାଣନ୍ତି, ଏମାନେ ଛୋଟ ପିଲା, ଠିକ୍ ଭାବରେ 'ବାପା' ଉଚ୍ଚାରଣ କରିପାରୁ ନାହାନ୍ତି ।[୧]

### ଠାକୁର ଶ୍ରୀରାମକୃଷ୍ଣଙ୍କର ନରଲୀଳାରେ ମନ

ଶ୍ରୀରାମକୃଷ୍ଣ—ଏହି ହାତ-ଭଙ୍ଗା ପରେ ଗୋଟିଏ ଅବସ୍ଥା ବଦଳି ଯାଉଛି—ନରଲୀଳା ଦିଗରେ ମନଟା ଭାରି ଯାଉଛି । ସେ ମନୁଷ୍ୟ ହୋଇ ଖେଳା କରୁଛନ୍ତି ।

ମାଟି ପ୍ରତିମାରେ ତାଙ୍କର ପୂଜା ହୁଏ ! ଆଉ ମନୁଷ୍ୟରେ ହୁଏ ନାହିଁ ?

ଜଣେ ସୌଦାଗର ଲଙ୍କା ନିକଟରେ ଜାହାଜ ବୁଡ଼ି ଯିବାରୁ ଲଙ୍କା କୂଳକୁ ଭାସି ଆସିଥିଲା । ବିଭୀଷଣଙ୍କର ଲୋକମାନେ ବିଭୀଷଣଙ୍କ ଆଜ୍ଞାରେ ଲୋକଟିକୁ ତାଙ୍କ ପାଖକୁ ନେଇଗଲେ । 'ଆହା ! ଏହିଟି ମୋର ରାମଚନ୍ଦ୍ରଙ୍କ ପରି ମୂର୍ତ୍ତି ।

---

୧. See Maxmuller's Hibbert Lectures.

ସେହି ନରରୂପ ଏହାକହି ବିଭୀଷଣ ଆନନ୍ଦରେ ବିଭୋର ହେଲେ । ଆଉ ଏହି ଲୋକଟିକୁ ବସନ ଭୂଷଣ ପିନ୍ଧାଇ ପୂଜା ଆଉ ଆଳତି କରିବାକୁ ଲାଗିଲେ ।

''ଏହି କଥାଟି ମୁଁ ଯେତେବେଳେ ପ୍ରଥମେ ଶୁଣିଲି, ସେତେବେଳେ ମୋର ଯେ କିପରି ଆନନ୍ଦ ହେଲା, ତାହା କଥାରେ କହିହେବ ନାହିଁ ।

### ପୂର୍ବକଥା–ବୈଷ୍ଣବଚରଣ । ଫୁଲୁଇ ଶ୍ୟାମବଜାରର କର୍ତ୍ତାଭଜାଙ୍କର କଥା

''ବୈଷ୍ଣବଚରଣଙ୍କ ପ୍ରଶ୍ନ କରିବାରେ କହିଲେ, ଯେ ଯାହାକୁ ଭଲପାଏ, ସେ ତାହାକୁ ଇଷ୍ଟ ବୋଲି ଜାଣିଲେ, ଭଗବାନଙ୍କଠାରେ ଶୀଘ୍ର ମନ ହୁଏ । 'ତୁମେ କାହାକୁ ଭଲପାଅ ? 'ଅମୁକ ପୁରୁଷଙ୍କୁ' — 'ତେବେ ତାଙ୍କୁ ହିଁ ତୁମର ଇଷ୍ଟ ବୋଲି ଜାଣ ।' ସେ ଦେଶରେ (କାମାରପୁକୁରର ଶ୍ୟାମବଜାରରେ), ମୁଁ କହିଲି— 'ଏପରି ମତ ମୋର ନୁହେଁ ।' ମୋର ମାତୃଭାବ । ଦେଖିଲି ଯେ, ବଡ଼ ବଡ଼ କଥା କହନ୍ତି, ପୁଣି ବ୍ୟଭିଚାର କରନ୍ତି । ସ୍ତ୍ରୀଲୋକମାନେ ପ୍ରଶ୍ନ କଲେ — ଆମର କଅଣ ମୁକ୍ତି ହେବ ନାହିଁ ? ମୁଁ କହିଲି — ହେବ ଯଦି ଜଣଙ୍କଠାରେ ଭଗବାନ ବୋଲି ନିଷ୍ଠା ରହେ । ପାଞ୍ଚଟା ପୁରୁଷଙ୍କ ସଙ୍ଗରେ ରହିଲେ ହେବ ନାହିଁ ।'

ରାମ — କେଦାରବାବୁ କର୍ତ୍ତାଭଜାମାନଙ୍କ ପାଖକୁ ବୋଧହୁଏ ଯାଇଥିଲେ ।

ଶ୍ରୀରାମକୃଷ୍ଣ — ସେ ପଞ୍ଚପୁଷ୍ପରୁ ମଧୁ ଆହରଣ କରେ ।

### 'ହଳଧାରୀର ବାପା' — 'ମୋର ବାପା' ବୃନ୍ଦାବନରେ ଫେରନ୍ତା ଗୋଷ୍ଠଦର୍ଶନରେ ଭାବ

ଶ୍ରୀରାମକୃଷ୍ଣ — (ରାମ, ନିତ୍ୟଗୋପାଳ ପ୍ରଭୃତିଙ୍କ ପ୍ରତି) — 'ଏହି କେବଳ ମୋର ଇଷ୍ଟ', ଏହିଟି ଷୋଳଅଣା ବିଶ୍ୱାସ ହେଲେ — ତାଙ୍କୁ ଲାଭ ହୁଏ, — ଦର୍ଶନ ହୁଏ ।

''ଆଗକାର ଲୋକଙ୍କର ବିଶ୍ୱାସ ଥିଲା । ହଳଧାରୀର ବାପାର କି ବିଶ୍ୱାସ !

''ଝିଅ ଘରକୁ ଯାଉଥିଲା । ରାସ୍ତାରେ ମଲ୍ଲୀଫୁଲ ଓ ଭଲ ବେଲପତ୍ର ଦେଖି, ଠାକୁରଙ୍କର ସେବା ପାଇଁ ସେହି ସବୁ ନେଇ ଦୁଇ ତିନି କ୍ରୋଶ ପଥ ଫେରି ନିଜ ଘରକୁ ଆସିଲା ।

''ରାମଲୀଳା ହେଉଥିଲା । କୈକେୟୀ ରାମଙ୍କୁ ବନବାସ ଯିବାକୁ କହିଲେ । ହଳଧାରୀର ବାପା ଯାତ୍ରା ଦେଖିବାକୁ ଯାଇଥିଲା — ସଙ୍ଗେ ସଙ୍ଗେ ଉଠିପଡ଼ିଲା — ଯେ କୈକେୟୀ ସାଜିଥିଲା ତାହାପାଖକୁ ଯାଇ 'ପାମରୀ' — ଏହା କହି ଦୀପ ନେଇ ତାହା ମୁହଁ ପୋଡ଼ିବାକୁ ଗଲା ।

''ସ୍ନାନ କରିବା ପରେ ଯେତେବେଳେ ପାଣିରେ ଠିଆ ହୋଇ 'ରକ୍ତ ବର୍ଣ୍ଣଂ ଚତୁର୍ମୁଖଂ' — ଏହି ସବୁ କହି ଧ୍ୟାନ କରୁଥିଲେ ସେତେବେଳେ ଚକ୍ଷୁରୁ ଧାର ଧାର ହୋଇ ଅଶ୍ରୁ ଝରି ଯାଉଥିଲା ।

''ମୋର ପିତା ଯେତେବେଳେ କଠଉ ପିନ୍ଧି ରାସ୍ତାରେ ଚାଲି ଚାଲି ଯାଉଥିଲେ, ଗ୍ରାମର ଦୋକାନୀମାନେ ଠିଆ ହୋଇଯାଉଥିଲେ, କହୁଥିଲେ, ହେଇ ଆସୁଛନ୍ତି ।

ଯେତେବେଳେ ହାଲଦାରପୁଷ୍କୁରରେ ସ୍ନାନ କରୁଥିଲେ, ଲୋକମାନେ ସାହସ କରି ସ୍ନାନ କରିବାକୁ ଯାଉ ନ ଥିଲେ । ଖବର ନେଉଥିଲେ—ସେ କ'ଣ ସ୍ନାନ କରିବାକୁ ଯାଇଛନ୍ତି ? 'ରଘୁବୀର ! ରଘୁବୀର' କହନ୍ତି, ଆଉ ତାଙ୍କ ବକ୍ଷ ରକ୍ତବର୍ଣ୍ଣ ହୋଇଯାଏ ।

''ମୋର ମଧ୍ୟ ଏହିପରି ହୋଇଥିଲା । ବୃନ୍ଦାବନରେ ଫେରନ୍ତା ଗୋଷ୍ଠ ଦେଖି, ଭାବରେ ଶରୀର ଏହିପରି ହୋଇ ଯାଇଥିଲା ।

''ସେ ସମୟରେ ଲୋକଙ୍କର ଖୁବ୍ ବିଶ୍ୱାସ ଥିଲା । ହୁଏତ କାଳୀରୂପରେ ସେ ନାଚୁଛନ୍ତି, ସାଧକ ହାତତାଳି ଦେଉଛନ୍ତି ! ଏପରି କଥା ମଧ୍ୟ ଶୁଣାଯାଏ ।''

### ପଞ୍ଚବଟୀର ହଠଯୋଗୀ

ପଞ୍ଚବଟୀ ଘରକୁ ଜଣେ ହଠଯୋଗୀ ଆସିଛନ୍ତି । ଏଡ଼େଁଦେର କୃଷ୍ଣକିଶୋରଙ୍କର ପୁତ୍ର ରାମପ୍ରସନ୍ନ ଓ ଆହୁରି କେତେଜଣ ଲୋକ ଏହି ହଠଯୋଗୀଙ୍କୁ ବଡ଼ ଭକ୍ତି କରନ୍ତି । କିନ୍ତୁ ତାଙ୍କର ଅଫିମ ଆଉ ଦୁଧରେ ମାସକୁ ପଚିଶ ଟଙ୍କା ଖରଚ ହୁଏ । ରାମପ୍ରସନ୍ନ ଠାକୁରଙ୍କୁ କହିଲେ, 'ଆପଣଙ୍କର ଏଠାକୁ ଅନେକ ଭକ୍ତ ଆସିଛନ୍ତି, ଟିକିଏ କହିବେ—ହଠଯୋଗୀଙ୍କ ପାଇଁ ତାହାହେଲେ କିଛି ଟଙ୍କା ମିଳିଯିବ ।

ଠାକୁର କେତେଜଣ ଭକ୍ତଙ୍କୁ କହିଲେ ପଞ୍ଚବଟୀରେ ହଠଯୋଗୀଙ୍କୁ ଦେଖିଆସ, କିପରି ଲୋକଟି ।

### ଠାକୁରଦାଦା ଓ ମହିମାଚରଣଙ୍କ ପ୍ରତି ଉପଦେଶ

'ଠାକୁରଦାଦା' ଜଣେ ଦୁଇଜଣ ବନ୍ଧୁଙ୍କ ସଙ୍ଗରେ ଆସି ଠାକୁରଙ୍କୁ ପ୍ରଣାମ କଲେ । ବୟସ ୨୭/୨୮ ହେବ । ବରାହନଗରରେ ବାସ । ବ୍ରାହ୍ମଣ ପଣ୍ଡିତଙ୍କର ପୁଅ,—କଥକତା ଅଭ୍ୟାସ କରୁଛନ୍ତି । ସଂସାରରେ ପଡ଼ିଛନ୍ତି,—କେତେଦିନ ବୈରାଗ୍ୟ ହୋଇ ନିରୁଦ୍ଦେଶ ହୋଇଥିଲେ । ବର୍ତ୍ତମାନ ମଧ୍ୟ ସାଧନ ଭଜନ କରନ୍ତି ।

ଶ୍ରୀରାମକୃଷ୍ଣ—ତୁମେ କ'ଣ ଚାଲିଚାଲି ଆସିଛ ? ଘର କେଉଁଠାରେ ?

ଠାକୁରଦାଦା—ଆଜ୍ଞା ହଁ । ବରାହନଗରରେ ଘର ।

ଶ୍ରୀରାମକୃଷ୍ଣ—ଏଠାରେ କ'ଣ ଦରକାର ଥିଲା ?

ଠାକୁରଦାଦା—ଆଜ୍ଞା, ଆପଣଙ୍କୁ ଦର୍ଶନ କରିବାକୁ ଆସିଛି । ତାଙ୍କୁ ଡାକି-ମଝିରେ ମଝିରେ ଅଶାନ୍ତି ହୁଏ କାହିଁକି ? ଚାରି ପାଞ୍ଚଦିନ ଆନନ୍ଦରେ କଟେ,—ତା' ହେଲେ ଅଶାନ୍ତି କାହିଁକି ?

**କାରିଗର; ମନ୍ତ୍ରରେ ବିଶ୍ୱାସ, ହରିଭକ୍ତି, ଜ୍ଞାନର ଦୁଇଟି ଲକ୍ଷଣ**

ଶ୍ରୀରାମକୃଷ୍ଣ—ବୁଝିଛି, ଠିକ୍ ପଡୁ ନାହିଁ । କାରିଗର ଦାନ୍ତରେ ଦାନ୍ତ ବସାଇ ଦିଏ—ତେବେ ଯାଇ ହୁଏ—ଟିକିଏ କେଉଁଠାରେ ଅଟକି ଅଛି ।

ଠାକୁର ଦାଦା—ଆଜ୍ଞା ଏପରି ଅବସ୍ଥା କାହିଁକି ହୋଇଛି ?

ଶ୍ରୀରାମକୃଷ୍ଣ—ମନ୍ତ୍ର ନେଇଛ ?

ଠାକୁରଦାଦା—ଆଜ୍ଞା ନେଇଛି ।

ଶ୍ରୀରାମକୃଷ୍ଣ—ମନ୍ତ୍ରରେ ବିଶ୍ୱାସ ଅଛି ?

ଠାକୁରଦାଦାଙ୍କର ବନ୍ଧୁ କହୁଛନ୍ତି—ଏ ଭଲ ଗୀତ ଗାଇପାରନ୍ତି । ଠାକୁର କହୁଛନ୍ତି—ଗୋଟିଏ ଗୀତ ଗାଅ । ଠାକୁରଦାଦା ଗାଉଛନ୍ତି—

ପ୍ରେମ-ଗିରି-କନ୍ଦରେ ଯୋଗୀ ହୋଇ ରହିବି ।
ଆନନ୍ଦ ନିର୍ଝର ପାଶେ ଯୋଗଧ୍ୟାନେ ମାତିବି ।।
ତତ୍ତ୍ୱ ଫଳ ଆହରିଣ, ଜ୍ଞାନ କ୍ଷୁଧା ନିବାରିବି
ବୈରାଗ୍ୟ-କୁସୁମ ଦେଇ ଶ୍ରୀପାଦପଦ୍ମ ପୂଜିବି ।
ତୃଷ୍ଣା ହେଲେ ପାଣି ପାଇଁ କୂଅ ପାଶେ ନ ଯିବି,
ହୃଦୟ-କନ୍ଦରୁ ମୁହିଁ ଶାନ୍ତି ବାରି ପାଇବି ।
ଭାବ ଶୃଙ୍ଗ ପରେ ପୁଣି ପଦାମୃତ ପାନ କରି,
ହସିବି କାନ୍ଦିବି ପୁଣି ନାଚିବି ଗାଇବି ।

ଶ୍ରୀରାମକୃଷ୍ଣ—ଆହା ! କି ସୁନ୍ଦର ଗୀତ ! ଆନନ୍ଦ ନିର୍ଝର ! ତତ୍ତ୍ୱ ଫଳ ! ହସିବି, କାନ୍ଦିବି, ନାଚିବି, ଗାଇବି ।

''ତୁମ ମୁହଁରୁ ଏପରି ଗୀତ ଭଲ ଲାଗୁଛି—ଆଉ ଅଧିକ କ'ଣ !

''ସଂସାରରେ ରହିବାକୁ ଗଲେ ସୁଖ ଦୁଃଖ ଅଛି । ଟିକିଏ ଅଧେ ଅଶାନ୍ତି ଅଛି । **ଅଳନ୍ଧୁ ଥିବା ଘରେ ରହିଲେ ଟିକିଏ କଳା ଲାଗିବ ହିଁ ଲାଗିବ ।''**

ଶ୍ରୀରାମକୃଷ୍ଣ—ହାତତାଳି ଦେଇ ସକାଳେ ଉପରବେଳା ହରିନାମ କରିବ—'ହରିବୋଲ', —'ହରିବୋଲ'—'ହରିବୋଲ'କହିବ ।

ଆଉ ଥରେ ଆସିବ,—ମୋର ହାତଟା ଟିକିଏ ଭଲ ହେଉ ।

ମହିମାଚରଣ ଆସି ଠାକୁରଙ୍କୁ ପ୍ରଣାମ କଲେ ।

ଶ୍ରୀରାମକୃଷ୍ଣ(ମହିମାଙ୍କ ପ୍ରତି)—ଆହା ! ଏ ଗୋଟିଏ ସୁନ୍ଦର ଗୀତ ଗାଇଛନ୍ତି—ସେ ଗୀତଟି ଆଉ ଥରେ ଗାଅତ ।

ଠାକୁରଦାଦା ଆଉ ଥରେ ଗାଇଲେ, 'ପ୍ରେମ-ଗିରି କନ୍ଦରେ ଇତ୍ୟାଦି ।'

ଗୀତ ସମାପ୍ତ ହେବାରୁ ଠାକୁର ମହିମାଚରଣଙ୍କୁ କହୁଛନ୍ତି—ତୁମେ ସେହି ଶ୍ଲୋକଟି ଥରେ ପଢ଼—ହରିଭକ୍ତିର କଥା ।

ମହିମାଚରଣ ନାରଦ ପଞ୍ଚରାତ୍ରରୁ ସେହି ଶ୍ଲୋକଟି ଆବୃତ୍ତି କରୁଛନ୍ତି,—
ଅନ୍ତର୍ବହିର୍ୟଦି ହରିସ୍ତପସା ତତଃ କିମ୍ । ନାନ୍ତର୍ବହିର୍ୟଦି ହରିସ୍ତପସା ତତଃ କିମ୍ ।

ଆରାଧିତୋ ଯଦି ହରିସ୍ତପସା ତତଃ କିମ୍ । ନାରାଧିତୋ ଯଦି ହରିସ୍ତପସା ତତଃ କିମ୍ ॥

ଶ୍ରୀରାମକୃଷ୍ଣ—ସେଇଟା ମଧ୍ୟ ପଢ଼—ଲଭ ଲଭ ହରିଭକ୍ତିଂ ।

ମହିମାଚରଣ କହୁଛନ୍ତି——

ବିରମ ବିରମ ବ୍ରହ୍ମନ୍ କିଂ ତପସ୍ୟାସୁ ବତ୍ସ । ବ୍ରଜ ବ୍ରଜ ଦ୍ୱିଜ ଶୀଘ୍ରଂ ଶଙ୍କରଂ ଜ୍ଞାନସିନ୍ଧୁମ୍ ॥

ଲଭ ଲଭ ହରିଭକ୍ତିଂ ବୈଷ୍ଣବୋକ୍ତାଂ ସୁପକ୍‌କାମ୍ । ଭବନିଗଡ଼ନିବନ୍ଧଛେଦନୀଂ କର୍ତ୍ତରୀଞ୍ଚ ॥

ଶ୍ରୀରାମକୃଷ୍ଣ—ଶଙ୍କର ହରିଭକ୍ତି ଦେବେ ।

ମହିମା—ପାଶମୁକ୍ତଃ ସଦାଶିବଃ ।

ଶ୍ରୀରାମକୃଷ୍ଣ—ଲଜ୍ଜା, ଘୃଣା, ଭୟ, ସଙ୍କୋଚ—ଏସବୁ ପାଶ । କଅଣ କହୁଛ ?

ମହିମା—ଆଜ୍ଞା ହଁ, ଗୋପନ କରିବାର ଇଚ୍ଛା, ପ୍ରଶଂସାରେ କୁଣ୍ଠିତ ହେବା ।

ଶ୍ରୀରାମକୃଷ୍ଣ—ଜ୍ଞାନର ଦୁଇଟି ଲକ୍ଷଣ । ପ୍ରଥମ କୁଟସ୍ଥ ବୁଦ୍ଧି । ହଜାର ଦୁଃଖ-କଷ୍ଟ ବିପଦ ବିଘ୍ନ ହେଉ ପଛକେ ନିର୍ବିକାର, ଯେପରି କମାରଶାଳର ଲୁହା—ଯାହା ଉପରେ ହାତୁଡ଼ି ଦେଇ ପିଟନ୍ତି । ଆଉ ଦ୍ୱିତୀୟ, ପୁରୁଷକାର—ଖୁବ୍ ଜିଦ୍ । କାମ, କ୍ରୋଧ ମୋର ଅନିଷ୍ଟ କରୁଛି ତ ସମ୍ପୂର୍ଣ୍ଣ ତ୍ୟାଗ । କଚ୍ଛପ ଯଦି ହାତ ଗୋଡ଼ ଭିତରେ ଲୁଚାଏ, ଚାରିଖଣ୍ଡ କରି କାଟିଲେ ମଧ୍ୟ ଆଉ ବାହାର କରିବ ନାହିଁ ।

## ତୀବ୍ର, ମାନ୍ଦା ଓ ମର୍କଟ ବୈରାଗ୍ୟ

(ଠାକୁରଦାଦା ପ୍ରଭୃତିଙ୍କ ପ୍ରତି)—ବୈରାଗ୍ୟ ଦୁଇ ପ୍ରକାର, ତୀବ୍ର ବୈରାଗ୍ୟ ଓ ମାନ୍ଦା ବୈରାଗ୍ୟ । ମାନ୍ଦା ବୈରାଗ୍ୟ—ହେଉଛି ହେବ, ଧୀରେ ଧୀରେ ଆଗେଇବା । ତୀବ୍ର ବୈରାଗ୍ୟ—ଶାଣିତ କ୍ଷୁରର ଧାର—ମାୟା ପାଶ କଚ୍ କଚ୍ କରି କାଟିଦିଏ ।

"ଜଣେ ଚଷା କେତେଦିନ ଧରି ଖଟୁଛି—ପୁଷ୍କରିଣୀର ଜଳ କ୍ଷେତକୁ ଆଉ ଆସୁ ନାହିଁ । ମନରେ ଜିଦ୍ ନାହିଁ । ଆଉ ଜଣେ ଦୁଇ ଚାରିଦିନ ପରେ, ଆଜି ଜଳ ଆଣିବି ତ ଛାଡ଼ିବି ଏହି ପ୍ରତିଜ୍ଞା କଲା । ଗାଧୋଇବା, ଖାଇବା ସବୁ ବନ୍ଦ । ସମସ୍ତ ଦିନ ଖଟି ସନ୍ଧ୍ୟା ସମୟରେ ଯେତେବେଳେ ଜଳ କଳ କଳ ଶବ୍ଦ କରି ଆସିଲା, ସେତେବେଳେ ଆନନ୍ଦ । ତା'ପରେ ଘରକୁ ଯାଇ ସ୍ତ୍ରୀକୁ କହିଲା,

'ଦେ ବର୍ତ୍ତମାନ ତେଲ ଦେ ଗାଧୋଇ ଯିବି ।' ଗାଧୋଇ ସାରି ଖାଇବା ପରେ ନିଶ୍ଚିନ୍ତରେ ଶୋଇଲା ।

''ଜଣଙ୍କର ସ୍ତ୍ରୀ କହିଲା ଅମୁକ ଲୋକର ଭାରୀ ବୈରାଗ୍ୟ ହୋଇଛି, ତୁମର କିଛି ହେଲା ନାହିଁ । ଯାହାର ବୈରାଗ୍ୟ ହୋଇଛି, ସେ ଲୋକଟିର ଷୋଳଜଣ ସ୍ତ୍ରୀ । ଜଣ ଜଣ କରି ତାଙ୍କୁ ତ୍ୟାଗ କରୁଛି ।

''ସ୍ୱାମୀ ଗାଧୋଇବାକୁ ଯାଉଥିଲା, କାନ୍ଧରେ ଗାମୁଛା । କହିଲା ପାଗଳି ! ସେ ଲୋକ ତ୍ୟାଗ କରିପାରିବ ନାହିଁ ।

''ଟିକିଏ ଟିକିଏ କରି କଅଣ ତ୍ୟାଗ ହୁଏ ? ମୁଁ ତ୍ୟାଗ କରି ପାରିବି । ଏହି ଦେଖ୍, ମୁଁ ଚାଲିଲି ।

''ସେ ଘର ବିଷୟରେ କିଛି ଠିକ୍ ଠାକ୍ ନ କରି କାନ୍ଧରେ ଗାମୁଛା ଥିବା ଅବସ୍ଥାରେ ଘର ତ୍ୟାଗ କରି ଚାଲିଗଲା । ଏହାର ନାମ ହିଁ ତୀବ୍ର ବୈରାଗ୍ୟ ।

''ଆଉ ଏକ ପ୍ରକାର ବୈରାଗ୍ୟ, ତାକୁ କହନ୍ତି ମର୍କଟ ବୈରାଗ୍ୟ । ସଂସାର ଜ୍ୱାଳାରେ ଜଳି ଗେରୁଆବସନ ପିନ୍ଧି କାଶୀ ଗଲା । ଅନେକଦିନ ପର୍ଯ୍ୟନ୍ତ କୌଣସି ଖବର ନାହିଁ । ତାହାପରେ ଖଣ୍ଡେ ଚିଠି ଆସିଲା । ତୁମେମାନେ ମୋ ପାଇଁ ବ୍ୟସ୍ତ ହେବ ନାହିଁ । ଏଠାରେ ମୋର ଗୋଟିଏ ଚାକିରି ହୋଇଛି ।

''ସଂସାରର ଜ୍ୱାଳା ତ ଅଛି । ସ୍ତ୍ରୀ ଅବାଧ । କୋଡ଼ିଏ ଟଙ୍କା ମାସିକ । ପୁତ୍ରର ଅନ୍ନପ୍ରାଶନ କରିପାରୁ ନାହିଁ, ପୁତ୍ରକୁ ପଢ଼ାଇପାରୁ ନାହିଁ, ଭଙ୍ଗାଘର, ଛାତ ଦେଇ ପାଣି ପଡୁଛି, ମରାମତି କରିବାକୁ ଟଙ୍କା ନାହିଁ । ତେଣୁ ଯୁବକମାନେ ଆସିଲେ ମୁଁ ପ୍ରଶ୍ନ କରେ, ତୁମର କିଏ କିଏ ଅଛନ୍ତି ?

(ମହିମାଙ୍କ ପ୍ରତି)—ତୁମମାନଙ୍କର ସଂସାର ତ୍ୟାଗର କି ଦରକାର ? ସାଧୁଙ୍କର କେତେ କଷ୍ଟ ! ଜଣଙ୍କର ସ୍ତ୍ରୀ କହିଲେ, ତୁମେ ସଂସାର ତ୍ୟାଗ କରିବ କାହିଁକି ? ବାର ଘରେ ବୁଲି ବୁଲି ଭିକ୍ଷା କରିବାକୁ ହେବ । ତାହା ଅପେକ୍ଷା ଗୋଟିଏ ଘରେ ଖାଇବାକୁ ପାଉଛ, ଏହା କ'ଣ ଭଲ ନୁହେଁ ?

''ଅନ୍ନଛତ୍ର ଖୋଜି ଖୋଜି ସାଧୁ ନିଜ ରାସ୍ତାରୁ ତିନି କ୍ରୋଶ ଦୂରକୁ ଚାଲିଯାଏ । ଦେଖିଛି, ଜଗନ୍ନାଥ ଦର୍ଶନ କରିବାକୁ ସୋଜାପଥ ଦେଇ ସାଧୁ ଆସୁଛି । ଅନ୍ନଛତ୍ର ପାଇଁ ତାକୁ ସୋଜାପଥ ଛାଡ଼ି ଯିବାକୁ ହୁଏ ।

''ଏ ତ ବେଶ୍ କିଲ୍ଲାରେ ରହି ଯୁଦ୍ଧ । ଖୋଲା ପଡ଼ିଆରେ ଠିଆ ହୋଇ ଯୁଦ୍ଧ କଲେ ଅନେକ ଅସୁବିଧା । ବିପଦ । ଦେହ ଉପରେ ଗୁଳି ଗୋଳା ଆସି ପଡ଼େ ।

''ତେବେ କିଛି ଦିନ ନିର୍ଜନକୁ ଯାଇ, ଜ୍ଞାନ ଲାଭ କରି ସଂସାରରେ ଆସି ରହିବାକୁ ହୁଏ । ଜନକ ଜ୍ଞାନ ଲାଭ କରି ସଂସାରରେ ଥିଲେ । ଜ୍ଞାନ ପରେ ଯେଉଁଠାରେ ଥାଅ, ସେଥିରେ କ୍ଷତି କଅଣ ?

ମହିମାଚରଣ—ମହାଶୟ, ମନୁଷ୍ୟ କାହିଁକି ବିଷୟରେ ମୁଗ୍ଧ ହୋଇଯାଏ ?

ଶ୍ରୀରାମକୃଷ୍ଣ—ତାଙ୍କୁ ଲାଭ ନ କରି ବିଷୟ ମଧ୍ୟରେ ରହେ ବୋଲି । ତାଙ୍କୁ ଲାଭ କଲେ ଆଉ ମୁଗ୍ଧ ହୁଏ ନାହିଁ । ଝଡ଼ିପୋକ ଯଦି ଥରେ ଆଲୁଅ ଦେଖିବାକୁ ପାଏ, ତାହାହେଲେ ତାହାକୁ ଅନ୍ଧକାର ଆଉ ଭଲ ଲାଗେ ନାହିଁ ।

**ଊର୍ଦ୍ଧ୍ୱରେତା, ଧୈର୍ଯ୍ୟରେତା ଓ ଈଶ୍ୱର ଲାଭ ସନ୍ନ୍ୟାସୀର କଠିନ ନିୟମ**

''ତାଙ୍କୁ ପାଇବାକୁ ଗଲେ ବୀର୍ଯ୍ୟ ଧାରଣ କରିବାକୁ ହୁଏ । ଶୁକଦେବାଦି ଊର୍ଦ୍ଧ୍ୱରେତା । ଏମାନଙ୍କର ରେତଃପାତ କେବେ ହୋଇ ନାହିଁ ।

''ଆଉ ଏକ ଅଛି ଧୈର୍ଯ୍ୟରେତା । ଆଗେ ରେତଃପାତ ହୋଇଛି, କିନ୍ତୁ ତା'ପରେ ବୀର୍ଯ୍ୟଧାରଣ । ବାରବର୍ଷ ଧୈର୍ଯ୍ୟରେତା ହେଲେ ବିଶେଷ ଶକ୍ତି ଜନ୍ମେ । ଭିତରେ ଗୋଟିଏ ନୂତନ ନାଡ଼ି ହୁଏ, ତାହାର ନାମ ମେଧା ନାଡ଼ି । ସେ ନାଡ଼ି ହେଲେ ସବୁ ସ୍ମରଣ ରହେ, ସବୁ ଜାଣିପାରେ ।

''ବୀର୍ଯ୍ୟପାତରେ ବଳକ୍ଷୟ ହୁଏ । ସ୍ୱପ୍ନଦୋଷରେ ଯାହା ବାହାରିଯାଏ, ସେଥିରେ ଦୋଷ ନାହିଁ । ତାହା ଅନ୍ନ ଗୁଣରୁ ହୁଏ । ସେ ସବୁ ବାହାରି ଯାଇ ମଧ୍ୟ ଯାହା ରହେ ସେଥିରେ କାର୍ଯ୍ୟ ହୁଏ । ତେବେ ସ୍ତ୍ରୀ ସଙ୍ଗ କରିବା ଉଚିତ ନୁହେଁ ।

''ଶେଷରେ ଯାହା ରହେ ତାହା ଖୁବ୍ ରିଫାଇନ୍ ହୋଇ ରହେ । ସେଠାରେ ଲାହାମାନଙ୍କ ଘରେ ଗୁଡ଼ର ଘୁମ ସବୁ ରଖିଥିଲେ । ଘୁମ ତଳେ ଗୋଟିଏ ଗୋଟିଏ ଛିଦ୍ର ଥିଲା, ବର୍ଷକ ପରେ ଦେଖିଲେ, ସବୁ ଦାନା ବାନ୍ଧି ଯାଇଛି, ମିଶିରି ପରି । ରସ ଯାହା ବାହାରି ଯିବାର ଛିଦ୍ର ଦେଇ ତାହା ବାହାରି ଯାଇଛି ।

''ସନ୍ନ୍ୟାସୀ ପକ୍ଷରେ ସ୍ତ୍ରୀଲୋକ ଏକାବେଳକେ ତ୍ୟାଗ । ତୁମମାନଙ୍କର ହୋଇଯାଇଛି । ସେଥିରେ ଦୋଷ ନାହିଁ ।''

''ସନ୍ନ୍ୟାସୀ ସ୍ତ୍ରୀଲୋକଙ୍କର ଚିତ୍ରପଟ ପର୍ଯ୍ୟନ୍ତ ଦେଖିବେ ନାହିଁ । ସାଧାରଣ ଲୋକେ ତାହା ପାରନ୍ତି ନାହିଁ । ସା, ରେ, ଗା, ମା, ପା, ଧା, ନୀ । 'ନୀ' ରେ ଅନେକକ୍ଷଣ ରହି ହୁଏ ନାହିଁ ।

''ସନ୍ନ୍ୟାସୀ ପକ୍ଷରେ ବୀର୍ଯ୍ୟପାତ ବଡ଼ ଖରାପ । ତେଣୁ ସେମାନଙ୍କୁ ବଡ଼ ସାବଧାନରେ ରହିବାକୁ ହୁଏ । ସ୍ତ୍ରୀରୂପ ଦର୍ଶନ ଯେଉଁଥିରେ ନ ହୁଏ । ଭକ୍ତ ସ୍ତ୍ରୀଲୋକ ହେଲେ ମଧ୍ୟ ତାଙ୍କଠାରୁ ଦୂରରେ ରହିବେ । ସ୍ତ୍ରୀ ରୂପ ଦେଖିବା ମଧ୍ୟ ଖରାପ । ଜାଗ୍ରତ ଅବସ୍ଥାରେ ନ ହେଲେବି ସ୍ୱପ୍ନରେ ବୀର୍ଯ୍ୟପାତ ହୁଏ ।

''ସନ୍ନ୍ୟାସୀ ଜିତେନ୍ଦ୍ରିୟ ହେଲେ ମଧ୍ୟ ଲୋକ-ଶିକ୍ଷା ପାଇଁ ସ୍ତ୍ରୀଲୋକଙ୍କ ସଙ୍ଗରେ ଆଳାପ କରିବେ ନାହିଁ । ଭକ୍ତ ସ୍ତ୍ରୀଲୋକ ହେଲେ ମଧ୍ୟ ବେଶିକ୍ଷଣ ଆଳାପ କରିବେ ନାହିଁ । ସନ୍ନ୍ୟାସୀର ହେଉଛି ନିର୍ଜଳା ଏକାଦଶୀ । ଆଉ ଦୁଇ ରକମ ଏକାଦଶୀ ଅଛି । ଫଳମୂଳ ଖାଇ,—ଆଉ ଲୁଚି, ତରକାରୀ ଖାଇ (ସମସ୍ତଙ୍କର ହାସ୍ୟ) ।''

''ଲୁଚି ତରକାରି ସଙ୍ଗରେ ହୁଏତ ଦୁଇଖଣ୍ଡ ରୁଟି ଦୁଧରେ ବଡୁରୁଛି । (ସମସ୍ତଙ୍କ ହାସ୍ୟ) । (ସହାସ୍ୟ) ତୁମ୍ଭେମାନେ ନିର୍ଜଳା ଏକାଦଶୀ ପାରିବ ନାହିଁ ।

**ପୂର୍ବକଥା — କୃଷ୍ଣକିଶୋରଙ୍କର ଏକାଦଶୀ — ରାଜେନ୍ଦ୍ର ମିତ୍ର**

''କୃଷ୍ଣକିଶୋରଙ୍କୁ ଦେଖିଲି, ଏକାଦଶୀରେ ଲୁଚି, ତରକାରୀ ଖାଇଲା । ମୁଁ ହୃଦୁକୁ କହିଲି — ହୃଦୁ, ମୋର କୃଷ୍ଣକିଶୋରର ଏକାଦଶୀ କରିବାର ଇଚ୍ଛା ହେଉଛି । (ସମସ୍ତଙ୍କର ହାସ୍ୟ) । ତେଣୁ ଦିନେ କଲି । ଖୁବ୍ ପେଟ ଭରି ଖାଇଲି, ତାହା ପରଦିନ ଆଉ କିଛି ଖାଇ ପାରିଲି ନାହିଁ (ସମସ୍ତଙ୍କର ହାସ୍ୟ) ।''

ଯେଉଁ କେତେଜଣ ଭକ୍ତ ପଞ୍ଚବଟୀରେ ହଠଯୋଗୀଙ୍କୁ ଦେଖିବାକୁ ଯାଇଥିଲେ, ସେମାନେ ଫେରିଲେ । ଶ୍ରୀରାମକୃଷ୍ଣ ସେମାନଙ୍କୁ କହୁଛନ୍ତି, ''ହଇହେ କିପରି ଦେଖିଲ ? ତୁମମାନଙ୍କର ଗଜ ଦେଇ ମାପିଲ ତ ? ଠାକୁର ଦେଖିଲେ, ଭକ୍ତମାନେ ପ୍ରାୟ କେହି ହଠଯୋଗୀଙ୍କୁ ଟଙ୍କା ଦେବାକୁ ରାଜି ନୁହଁନ୍ତି ।

ଶ୍ରୀରାମକୃଷ୍ଣ — ସାଧୁଙ୍କୁ ଟଙ୍କା ଦେବାକୁ ହେଲେ ତାଙ୍କୁ ଆଉ ଭଲ ଲାଗେ ନାହିଁ ।

''ରାଜେନ୍ଦ୍ର ମିତ୍ର — ଆଠଶ ଟଙ୍କା ମାସିକ ବେତନ — ପ୍ରୟାଗରେ କୁମ୍ଭମେଳା ଦେଖିବାକୁ ଯାଇଥିଲା । ମୁଁ ପଚାରିଲି — ମେଳାରେ କିପରି ସବୁ ସାଧୁଙ୍କୁ ଦେଖିଲ ? ରାଜେନ୍ଦ୍ର କହିଲା, କାହିଁ ସେପରି ସାଧୁ ଦେଖିବାକୁ ପାଇଲି ନାହିଁ । ଜଣଙ୍କୁ ଦେଖିଲି ସତ, କିନ୍ତୁ ସେ ମଧ୍ୟ ଟଙ୍କା ନିଅନ୍ତି ।

''ମୁଁ ଭାବେ ଯେ, ସାଧୁଙ୍କୁ କେହି ଟଙ୍କା ପଇସା ଦେବେ ନାହିଁ ତ ଖାଇବେ କିପରି ? ଏଠାରେ ଦକ୍ଷିଣା ଦେବାକୁ ହୁଏ ନାହିଁ । ତେଣୁ ସମସ୍ତେ ଆସନ୍ତି, ମୁଁ ଭାବେ ଆହା, ସେମାନେ ଟଙ୍କାକୁ ଭାରୀ ଭଲ ପାଆନ୍ତି । ତାହା ନେଇ ରହନ୍ତୁ ।''

ଠାକୁର ଟିକିଏ ବିଶ୍ରାମ କରୁଛନ୍ତି । ଜଣେ ଭକ୍ତ ଛୋଟ ଖଟଟିର ଉତ୍ତର ଦିଗରେ ବସି ତାଙ୍କର ପଦସେବା କରୁଛନ୍ତି । ଠାକୁର ଭକ୍ତଟିକୁ ଆସ୍ତେ ଆସ୍ତେ କହୁଛନ୍ତି । ଯେ ନିରାକାର, ସେ ହିଁ ସାକାର — ସାକାର ରୂପ ମାନିବାକୁ ହୁଏ । କାଳୀରୂପ ଚିନ୍ତା କରୁ କରୁ ସାଧକ କାଳୀରୂପକୁ ହିଁ ଦର୍ଶନ କରେ । ତାହାପରେ ଦେଖିବାକୁ ପାଏ ଯେ, ସେହି ରୂପ ଅଖଣ୍ଡରେ ଲୀନ ହୋଇଗଲା । ଯେ ଅଖଣ୍ଡ ସଚ୍ଚିଦାନନ୍ଦ ସେ ହିଁ କାଳୀ ।''

## (୩)

**ମହିମାଙ୍କର ପାଣ୍ଡିତ୍ୟ । ମଣି ସେନ୍, ଅଧର ଓ ମିଟିଙ୍ଗ୍**

ଠାକୁର ପଶ୍ଚିମ ଦିଗକୁ ଥିବା ଗୋଲ ବାରଣ୍ଡାରେ ମହିମା ପ୍ରଭୃତିଙ୍କ ସହିତ ହଠଯୋଗୀଙ୍କ କଥା କହୁଛନ୍ତି । ରାମପ୍ରସନ୍ନ ଭକ୍ତ କୃଷ୍ଣକିଶୋରଙ୍କର ପୁତ୍ର, ତେଣୁ ଠାକୁର ତାହାଙ୍କୁ ସ୍ନେହ କରନ୍ତି ।

ଶ୍ରୀରାମକୃଷ୍ଣ — ରାମପ୍ରସନ୍ନ କେବଳ ଏହିପରି ହୋ ହା କରି ବୁଲୁଛି । ସେଦିନ ଏଠାରେ ଆସି ବସିଲା, ଟିକିଏ କଥା କହିବ ନାହିଁ । ପ୍ରାଣାୟାମ କରି ନାକ ଚିପି ବସି ରହିଲା । ଖାଇବାକୁ ଦେଲି, ତାହା ଖାଇଲା ନାହିଁ । ଆଉ ଦିନେ ଡାକି ବସାଇଲି । ସେତେବେଳେ ପାଦ ଉପରେ ପାଦ ଦେଇ ବସିଲା । କ୍ୟାପ୍‌ଟେନ୍ ଆଡ଼କୁ ପାଦଟା ଦେଲା । ତା'ମାଆର ଦୁଃଖ ଦେଖି ମୁଁ କାନ୍ଦେ ।

ଶ୍ରୀରାମକୃଷ୍ଣ(ମହିମାଙ୍କ ପ୍ରତି) — ''ସେହି ହଠଯୋଗୀଙ୍କ କଥା ତୁମକୁ କହିବାକୁ କହିଛି । ସାଢେ ଛଅ ଅଣା ଦିନକୁ ଖରଚ । ଏଣେ ନିଜେ ପୁଣି କହିବ ନାହିଁ ।''

ମହିମା କହିଲେ ଶୁଣିବ କିଏ ? (ଠାକୁରଙ୍କର ଓ ସମସ୍ତଙ୍କର ହାସ୍ୟ)

ଠାକୁର ଘର ମଧ୍ୟକୁ ଆସି ନିଜ ଆସନରେ ବସିଛନ୍ତି । ଶ୍ରୀଯୁକ୍ତ ମଣି ସେନ୍ (ଯାହାଙ୍କର ପେନେଟୀରେ ଠାକୁର ମନ୍ଦିର ଅଛି) ଜଣେ ଦୁଇଜଣ ବନ୍ଧୁଙ୍କ ସଙ୍ଗରେ ଆସିଛନ୍ତି ଓ ଠାକୁରଙ୍କର ହାତଭଙ୍ଗା ସମ୍ବନ୍ଧରେ ପଚରା ଉଚରା କରୁଛନ୍ତି । ତାଙ୍କ ସଙ୍ଗୀମାନଙ୍କ ମଧ୍ୟରେ ଜଣେ ଡାକ୍ତର ।

ଠାକୁର ଡାକ୍ତର ପ୍ରତାପ ମଜୁମଦାରଙ୍କ ଔଷଧ ସେବନ କରୁଛନ୍ତି । ମଣିବାବୁଙ୍କର ସଙ୍ଗୀ ଡାକ୍ତର ତାଙ୍କ ବ୍ୟବସ୍ଥାର ଅନୁମୋଦନ କଲେ ନାହିଁ । ଠାକୁର ତାଙ୍କୁ କହୁଛନ୍ତି, — ''ସେ (ପ୍ରତାପ) ତ ବୋକା ନୁହେଁ । ତାହାହେଲେ ତୁମେ ଏପରି କଥା କହୁଛ କାହିଁକି ?''

ଏପରି ସମୟରେ ଲାଟୁ ଉଚ୍ଚ ସ୍ୱରରେ କହୁଛନ୍ତି, ଶିଶି ପଡ଼ି ଭାଙ୍ଗି ଯାଇଛି ।

ମଣି (ସେନ୍) ହଠଯୋଗୀଙ୍କ କଥା ଶୁଣି କହୁଛନ୍ତି, 'ହଠଯୋଗୀ କାହାକୁ କହନ୍ତି ? ହଟ୍ (Hot)ମାନେ ତ ଗରମ' ।

ମଣି ସେନ୍‌ଙ୍କର ଡାକ୍ତର ସମ୍ବନ୍ଧରେ ଠାକୁର ଭକ୍ତମାନଙ୍କୁ ପରେ କହିଲେ, ''ତାଙ୍କୁ ଜାଣେ । ଯଦୁ ମଲ୍ଲିକଙ୍କୁ କହିଥିଲି ଏ ଡ଼ାକ୍ତର ତୁମର ମହାକାଳ ଫଳ । ଅମୁକ ଡାକ୍ତରଙ୍କର ଅପେକ୍ଷା ମୋଟା ବୁଦ୍ଧି ।''

### ଶ୍ରୀଯୁକ୍ତ ମାଷ୍ଟରଙ୍କ ସହିତ ଏକାନ୍ତରେ କଥା

ଏପର୍ଯ୍ୟନ୍ତ ସନ୍ଧ୍ୟା ହୋଇନାହିଁ । ଠାକୁର ନିଜ ଆସନରେ ବସି ମାଷ୍ଟରଙ୍କ ସହିତ କଥା କହୁଛନ୍ତି । ସେ ଖଟ ପାଖରେ ପାପୋଛରେ ପଶ୍ଚିମାଭିମୁଖ ହୋଇ ବସିଛନ୍ତି । ଏଣେ ମହିମାଚରଣ ପଶ୍ଚିମର ଗୋଲ ବାରଣ୍ଡାରେ ବସି ମଣିସେନ୍ ଓ ଡାକ୍ତରଙ୍କ ସହିତ ଉଚ୍ଚ ସ୍ୱରରେ ଶାସ୍ତ୍ରାଳାପ କରୁଛନ୍ତି । ଠାକୁର ନିଜ ଆସନରେ ଥାଇ ଶୁଣିବାକୁ ପାଉଛନ୍ତି ଓ ଈଷତ୍ ହାସ୍ୟ କରି ମାଷ୍ଟରଙ୍କୁ କହୁଛନ୍ତି, ''ଖୁବ୍ ଝାଡୁଛି ! ରଜୋଗୁଣ ! ରଜୋଗୁଣରେ ଟିକିଏ ପାଣ୍ଡିତ୍ୟ ଦେଖାଇବାକୁ ଲେକ୍ଚର ଦେବାକୁ ହୁଏ । ସତ୍ତ୍ୱ ଗୁଣରେ ଅନ୍ତର୍ମୁଖ ହୁଏ, ଆଉ ଗୋପନ । କିନ୍ତୁ ଗୁଣୀଲୋକ । ଈଶ୍ୱରଙ୍କ କଥାରେ ଏତେ ଉଲ୍ଲାସ !''

ଅଧର ଆସି ପ୍ରଣାମ କଲେ ଓ ମାଷ୍ଟରଙ୍କ ପାଖରେ ବସିଲେ ।

ଶ୍ରୀଯୁକ୍ତ ଅଧର ସେନ୍ ଡେପୁଟି ମାଜିଷ୍ଟ୍ରେଟ । ବୟସ ତିରିଶ ବର୍ଷ ହେବ । ଅନେକଦିନ ଧରି ସମସ୍ତଦିନ ଅଫିସ୍‌ର ପରିଶ୍ରମ ପରେ ଠାକୁରଙ୍କ ପାଖକୁ ପ୍ରାୟ ପ୍ରତ୍ୟହ ସନ୍ଧ୍ୟାପରେ ଆସନ୍ତି । ତାଙ୍କର ଘର କଲିକତା ଶୋଭାବଜାରର ବେନେଟୋଲାରେ । ଅଧର କେତେଦିନ ହେଲା ଆସି ନ ଥିଲେ ।

ଶ୍ରୀରାମକୃଷ୍ଣ — କିହେ, ଏତେଦିନ ଆସି ନାହଁ କାହିଁକି ?

ଅଧର — ଆଜ୍ଞା ଅନେକଗୁଡ଼ିଏ କାର୍ଯ୍ୟରେ ବ୍ୟସ୍ତ ଥିଲି । ସ୍କୁଲ ସମ୍ବନ୍ଧରେ ସଭା ଏବଂ ଅନ୍ୟ ମିଟିଙ୍ଗ୍‌କୁ ଯିବାକୁ ହୋଇଥିଲା ।

ଶ୍ରୀରାମକୃଷ୍ଣ — ମିଟିଙ୍ଗ୍, ସ୍କୁଲ ଏହିସବୁ ନେଇ ଏକାବେଳକେ ଭୁଲି ଯାଇଥିଲ ।

ଅଧର(ବିନୀତ ଭାବରେ) — ଆଜ୍ଞା, ସବୁ ଚାପା ପଡ଼ିଯାଇଥିଲା । ଆପଣଙ୍କ ହାତଟା କିପରି ଅଛି ?

ଶ୍ରୀରାମକୃଷ୍ଣ — ହେଇ ଦେଖ ବର୍ତ୍ତମାନ ମଧ୍ୟ ଭଲ ହୋଇ ନାହିଁ । ପ୍ରତାପଙ୍କର ଔଷଧ ଖାଉଥିଲି ।

କିୟତ୍‌କ୍ଷଣ ପରେ ଠାକୁର ହଠାତ୍ ଅଧରଙ୍କୁ କହୁଛନ୍ତି, ''ଦେଖ୍ ଏସବୁ ଅନିତ୍ୟ । ମିଟିଙ୍ଗ୍, ସ୍କୁଲ, ଅଫିସ ଏସବୁ ଅନିତ୍ୟ । ଈଶ୍ୱର ହିଁ ବସ୍ତୁ ଆଉ ସବୁ ଅବସ୍ତୁ । ପୂରା ମନ ଦେଇ ତାଙ୍କୁ ଆରାଧନା କରିବା ଉଚିତ । ଅଧର ଚୁପ୍ କରିଛନ୍ତି ।

ଶ୍ରୀରାମକୃଷ୍ଣ — ଏସବୁ ଅନିତ୍ୟ । ଶରୀର ଏହି ଅଛି ଏହି ନାହିଁ । ଶୀଘ୍ର ତାଙ୍କୁ ଡାକିବାକୁ ହୁଏ ।[୧]

''ତୁମମାନଙ୍କର ସବୁ ତ୍ୟାଗ କରିବା ଦରକାର ନାହିଁ । କଚ୍ଛପ ପରି ସଂସାରରେ ରହ । କଚ୍ଛପ ନିଜେ ଜଳରେ ଚରି ବୁଲେ, କିନ୍ତୁ ଅଣ୍ଡା ଗାତରେ ରଖେ । ସବୁ ମନଟା ତାହାର ଅଣ୍ଡା ଯେଉଁଠାରେ ସେହିଠାରେ ପଡ଼ିଥାଏ ।

''କ୍ୟାପ୍‌ଟେନ୍‌ର ବେଶ୍ ସ୍ୱଭାବ ହୋଇଛି । ଯେତେବେଳେ ପୂଜା କରିବାକୁ ବସେ, ଠିକ୍ ଗୋଟିଏ ଋଷିଙ୍କ ପରି । ଏଣେ କର୍ପୂରର ଆଳତି, ସୁନ୍ଦର ସ୍ତବପାଠ କରେ । ପୂଜା କରି ଯେତେବେଳେ ଉଠେ, ଚକ୍ଷୁକୁ ଯେପରି ପିମ୍ପୁଡ଼ି କାମୁଡ଼ିଛି । ଆଉ ସର୍ବଦା ଗୀତା, ଭାଗବତ ଏସବୁ ପାଠ କରେ । ମୁଁ ଗୋଟାଏ ଦୁଇଟା ଇଂରାଜୀ କଥା କହିଥିଲି, ତେଣୁ ରାଗିଗଲା । କହିଲା ଇଂରାଜୀ ପଢ଼ା ଲୋକ ଭ୍ରଷ୍ଟାଚାରୀ ।

---

୧. ଅଧର କେତେମାସ ପରେ ଦେହତ୍ୟାଗ କଲେ ।

କିୟତ୍କ୍ଷଣପରେ ଅଧର ଅତି ବିନୀତ ଭାବରେ କହୁଛନ୍ତି, ''ଆପଣ ଆମ ଘରକୁ ଅନେକଦିନ ଯାଇ ନାହାନ୍ତି । ବୈଠକଖାନା ଘରେ ଗନ୍ଧ ହୋଇଯାଇଛି— ଆଉ ଯେପରି ସବୁ ଅନ୍ଧକାର !''

ଭକ୍ତଙ୍କର ଏହି କଥା ଶୁଣି ଠାକୁରଙ୍କର ସ୍ନେହସାଗର ଯେପରି ଉଚ୍ଛୁଳି ଉଠିଲା । ସେ ହଠାତ୍ ଦଣ୍ଡାୟମାନ ହୋଇ ଭାବରେ ଅଧର ଓ ମାଷ୍ଟରଙ୍କ ମସ୍ତକ ଓ ହୃଦୟ ସ୍ପର୍ଶ କରି ଆଶୀର୍ବାଦ କଲେ । ଆଉ ସ୍ନେହରେ କହୁଛନ୍ତି,—''ମୁଁ ତୁମମାନଙ୍କୁ ନାରାୟଣ ଭାବରେ ଦେଖୁଛି, ତୁମେମାନେ ହିଁ ମୋର ଆପଣାର ଲୋକ ।''

ଏଥର ମହିମାଚରଣ ଆସି ଘର ମଧ୍ୟରେ ବସିଲେ ।

ଶ୍ରୀରାମକୃଷ୍ଣ(ମହିମାଙ୍କ ପ୍ରତି)—ଧୈର୍ଯ୍ୟରେତାର କଥା ସେତେବେଳେ ଯାହା କହୁଥିଲ, ତାହା ଠିକ୍ । ବୀର୍ଯ୍ୟଧାରଣ ନ କଲେ ଏ ସବୁ (ଉପଦେଶ) ଧାରଣା ହୁଏ ନାହିଁ ।

''ଜଣେ ଚୈତନ୍ୟଦେବଙ୍କୁ କହିଲା,ଆପଣ ଏମାନଙ୍କୁ (ଭକ୍ତମାନଙ୍କୁ) ଏତେ ଉପଦେଶ ଦିଅନ୍ତି, କିନ୍ତୁ ସେମାନେ ସେପରି ଉନ୍ନତି କରିପାରୁ ନାହାଁନ୍ତି କାହିଁକି ? ସେ କହିଲେ,—'ଏମାନେ ଯୋଷିତ୍ ସଙ୍ଗ କରି ସବୁ ଅପବ୍ୟୟ କରନ୍ତି । ତେଣୁ ଧାରଣା କରିପାରନ୍ତି ନାହିଁ ।' କଣାମାଠିଆରେ ଜଳ ରଖିଲେ ଜଳ କ୍ରମେ କ୍ରମେ ବାହାରିଯାଏ ।'' ମହିମା ପ୍ରଭୃତି ଭକ୍ତମାନେ ଚୁପ୍ ଅଛନ୍ତି ।

କିୟତ୍କ୍ଷଣ ପରେ ମହିମାଚରଣ କହୁଛନ୍ତି, ଈଶ୍ୱରଙ୍କ ପାଖରେ ଆମମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ, ଯେପରି ଆମର ସେହି ଶକ୍ତି ହୁଏ ।

ଶ୍ରୀରାମକୃଷ୍ଣ—ବର୍ତ୍ତମାନ ମଧ୍ୟ ସାବଧାନ ହୁଅ । ଆଷାଢ଼ ମାସର ଜଳ, ଠିକ୍ ରୋଧ କରିବା ଶକ୍ତ, କିନ୍ତୁ ଜଳ ଅନେକ ତ ବାହାରି ଯାଇଛି । ବର୍ତ୍ତମାନ ବନ୍ଧଦେଲେ ରହିବ ।

# ଦ୍ୱାବିଂଶ ପରିଚ୍ଛେଦ

## ଦକ୍ଷିଣେଶ୍ୱରରେ ପ୍ରାଣକୃଷ୍ଣ, ମାଷ୍ଟର ପ୍ରଭୃତି ଭକ୍ତମାନଙ୍କ ସଙ୍ଗରେ

## (୧)

### ଶ୍ରୀରାମକୃଷ୍ଣ ସଙ୍ଗରେ ପ୍ରାଣକୃଷ୍ଣ, ମାଷ୍ଟର, ରାମ, ଗିରୀନ୍ଦ୍ର ଓ ଗୋପାଳ

ଆଜି ଶନିବାର, ୨୪ତାରିଖ ଚୈତ୍ର, ୫ ଏପ୍ରିଲ ୧୮୮୪ ଖ୍ରୀଷ୍ଟାବ୍ଦ । ସମୟ ସକାଳ ଆଠଟା । ମାଷ୍ଟର ଦକ୍ଷିଣେଶ୍ୱରରେ ଉପସ୍ଥିତ ହୋଇ ଦେଖିଲେ, ଶ୍ରୀରାମକୃଷ୍ଣ ସହାସ୍ୟ ବଦନ, କକ୍ଷ ମଧ୍ୟରେ ଛୋଟ ଖଟଟି ଉପରେ ଉପବିଷ୍ଟ । ତଳେ କେତେଜଣ ଭକ୍ତ ବସିଛନ୍ତି, ତନ୍ମଧ୍ୟରେ ଶ୍ରୀଯୁକ୍ତ ପ୍ରାଣକୃଷ୍ଣ ମୁଖୋପାଧ୍ୟାୟ ଅଛନ୍ତି ।

ପ୍ରାଣକୃଷ୍ଣ ଜନାଇଁର ମୁଖାର୍ଜୀଙ୍କ ବଂଶସମ୍ଭୂତ । କଲିକତାର ଶ୍ୟାମପୁକୁରରେ ଘର । ମେକେଣ୍ଟି ଲାୟାଲେର ନାମକ ନିଲାମ ଘରର କାର୍ଯ୍ୟାଧ୍ୟକ୍ଷ । ସେ ଗୃହସ୍ଥ, କିନ୍ତୁ ବେଦାନ୍ତ ଚର୍ଚ୍ଚାରେ ବଡ଼ ପ୍ରୀତି । ପରମହଂସଦେବଙ୍କୁ ବଡ଼ ଭକ୍ତି କରନ୍ତି ଓ ମଝିରେ ମଝିରେ ଆସି ଦର୍ଶନ କରନ୍ତି । ଏହା ମଧ୍ୟରେ ଦିନେ ନିଜ ଘରେ ଠାକୁରଙ୍କୁ ନେଇ ଯାଇ ମହୋତ୍ସବ କରିଥିଲେ । ସେ ବାଗବଜାର ଘାଟରେ ପ୍ରତ୍ୟହ ପ୍ରତ୍ୟୁଷରେ ଗଙ୍ଗାସ୍ନାନ କରନ୍ତି ଓ ନୌକା ସୁବିଧା ହେଲା ମାତ୍ରକେ ଦକ୍ଷିଣେଶ୍ୱରକୁ ଆସି ଠାକୁରଙ୍କୁ ଦର୍ଶନ କରନ୍ତି । ଆଜି ଏହିପରି ନୌକା ଭଡ଼ା କରିଥିଲେ । ନୌକା କୂଳଠାରୁ ଟିକିଏ ଅଗ୍ରସର ହେଲା ମାତ୍ରକେ ଢ଼େଉ ଉଠିଲା । ମାଷ୍ଟର କହିଲେ ମୋତେ ଓହ୍ଲାଇ ଦେବାକୁ ହେବ । ପ୍ରାଣକୃଷ୍ଣ ଓ ତାଙ୍କର ବନ୍ଧୁ ଅନେକ ବୁଝାଇବାକୁ ଲାଗିଲେ, କିନ୍ତୁ କୌଣସି ମତେ ଶୁଣିଲେ ନାହିଁ, କହିଲେ, 'ମୋତେ ଓହ୍ଲାଇ ଦେବାକୁ ହେବ, ମୁଁ ଚାଲି କରି ଦକ୍ଷିଣେଶ୍ୱରକୁ ଯିବି ।' ଅଗତ୍ୟା ପ୍ରାଣକୃଷ୍ଣ ତାହାଙ୍କୁ ଓହ୍ଲାଇ ଦେଲେ ।

ମାଷ୍ଟର ପହଞ୍ଚି ଦେଖନ୍ତି ଯେ, ସେମାନେ କିୟତ୍‌କ୍ଷଣ ହେଲା ପହଞ୍ଚିଛନ୍ତି ଓ ଠାକୁରଙ୍କ ସଙ୍ଗରେ ଆଳାପ କରୁଛନ୍ତି । ଠାକୁରଙ୍କୁ ଭୂମିଷ୍ଠ ହୋଇ ପ୍ରଣାମ କରି ସେ ଗୋଟିଏ ପାଖରେ ବସିଲେ ।

### ଅବତାରବାଦ—Humanity and Divinity of Incarnation

ଶ୍ରୀରାମକୃଷ୍ଣ (ପ୍ରାଣକୃଷ୍ଣଙ୍କ ପ୍ରତି)—କିନ୍ତୁ ମନୁଷ୍ୟ ଭିତରେ ତାଙ୍କର ବେଶୀ ପ୍ରକାଶ । ଯଦି କହ, ଅବତାର କିପରି ହେବ ଯାହାଙ୍କର କ୍ଷୁଧା-ତୃଷ୍ଣା ଏଇ ସବୁ ଜୀବର ଧର୍ମ ଅନେକ ଅଛି, ଆଉ ରୋଗ ଶୋକ ମଧ୍ୟ ଅଛି । ତା'ର ଉତ୍ତର ଏହି ଯେ, **'ପଞ୍ଚଭୂତର ଫାନ୍ଦେ ବ୍ରହ୍ମ ପଡ଼ି କାନ୍ଦେ ।'**

''ଦେଖ, ରାମଚନ୍ଦ୍ର, ସୀତାଙ୍କ ଶୋକରେ କାତର ହୋଇ କାନ୍ଦିଥିଲେ । ପୁଣି ହିରଣାକ୍ଷ ବଧ କରିବା ପାଇଁ ବରାହ ଅବତାର ହେଲେ । ହିରଣାକ୍ଷ ବଧ

ହେଲା, କିନ୍ତୁ ନାରାୟଣ ସ୍ୱଧାମକୁ ଯିବାକୁ ଚାହାଁନ୍ତି ନାହିଁ । ବରାହ ହୋଇଛନ୍ତି, କେତେଗୁଡ଼ିଏ ପିଲାଝିଲା ହୋଇଛନ୍ତି । ସେମାନଙ୍କୁ ନେଇ ଏକ ପ୍ରକାର ବେଶ୍ ଆନନ୍ଦରେ ରହିଛନ୍ତି । ଦେବତାମାନେ କହିଲେ, ଏ କ'ଣ ହେଲା, ଭଗବାନ ଯେ ଆସିବାକୁ ଚାହାଁନ୍ତି ନାହିଁ । ସେତେବେଳେ ସମସ୍ତେ ଶିବଙ୍କ ପାଖକୁ ଗଲେ ଓ ଘଟଣାଟି ନିବେଦନ କଲେ । ଶିବ ଯାଇ ତାଙ୍କ ସଙ୍ଗରେ ଅନେକ ଜିଦ୍ କଲେ କିନ୍ତୁ ସେ ପିଲାଝିଲାଙ୍କୁ ଦୁଧ ଦେବାକୁ ଲାଗିଲେ, (ସମସ୍ତଙ୍କର ହାସ୍ୟ) । ସେତେବେଳେ ଶିବ ତ୍ରିଶୂଳ ଆଣି ଶରୀରଟାକୁ ଧ୍ୱଂସ କରିଦେଲେ । ତା'ପରେ ଭଗବାନ ହସି ହସି ସ୍ୱଧାମକୁ ଚାଲିଗଲେ ।''

ପ୍ରାଣକୃଷ୍ଣ(ଠାକୁରଙ୍କ ପ୍ରତି)—ମହାଶୟ ! ଅନାହତ ଶବ୍ଦଟି କଅଣ ?

ଶ୍ରୀରାମକୃଷ୍ଣ—ଅନାହତ ଶବ୍ଦ ସର୍ବଦା ଏହିପରି ହେଉଛି । ପ୍ରଣବର ଧ୍ୱନି । ପରଂବ୍ରହ୍ମଙ୍କଠାରୁ ଆସୁଛି, ଯୋଗୀମାନେ ଶୁଣିବାକୁ ପାଆନ୍ତି । ବିଷୟାସକ୍ତ ଜୀବ ଶୁଣିବାକୁ ପାଆନ୍ତି ନାହିଁ । ଯୋଗୀ ଜାଣିପାରେ ଯେ, ସେହି ଧ୍ୱନି ଏକଦିଗରେ ନାଭିରୁ ଉଠେ ଓ ଆଉ ଅନ୍ୟଦିଗରେ ସେହି କ୍ଷୀରୋଦଶାୟୀ ପରଂବ୍ରହ୍ମଙ୍କଠାରୁ ଉଠେ ।

## ପରଲୋକ ସମ୍ବନ୍ଧରେ ଶ୍ରୀଯୁକ୍ତ କେଶବ ସେନଙ୍କର ପ୍ରଶ୍ନ

ପ୍ରାଣକୃଷ୍ଣ—ମହାଶୟ ! ପରଲୋକ କିପରି ?

ଶ୍ରୀରାମକୃଷ୍ଣ—କେଶବ ସେନ ମଧ୍ୟ ଏହି ପ୍ରଶ୍ନ କରିଥିଲା । ଯେତେକ୍ଷଣ ମନୁଷ୍ୟ ଅଜ୍ଞାନ ଥାଏ ଅର୍ଥାତ୍ ଯେତେକ୍ଷଣ ଈଶ୍ୱର ଲାଭ ହୋଇ ନାହିଁ, ସେତେକ୍ଷଣ ଜନ୍ମଗ୍ରହଣ କରିବାକୁ ହେବ । କିନ୍ତୁ ଜ୍ଞାନଲାଭ ହେଲେ ଆଉ ଏ ସଂସାରକୁ ଆସିବାକୁ ହୁଏ ନାହିଁ । ପୃଥିବୀ ବା ଅନ୍ୟ କୌଣସି ଲୋକକୁ ଯିବାକୁ ହୁଏ ନାହିଁ ।

''କୁମ୍ଭାରମାନେ ହାଣ୍ଡି ଖରାରେ ଶୁଖାଇବାକୁ ଦିଅନ୍ତି, ଦେଖି ନାହଁ, ତାହା ଭିତରେ ପୋଡ଼ା ହାଣ୍ଡି ଅଛି, କଞ୍ଚା ହାଣ୍ଡି ମଧ୍ୟ ଅଛି ? ଗୋରୁ ଗାଈ ଚାଲିଗଲେ ହାଣ୍ଡି କେତେ ଭାଙ୍ଗିଯାଏ । ପୋଡା ହାଣ୍ଡି ଭାଙ୍ଗିଗଲେ କୁମ୍ଭାର ସେଗୁଡ଼ାକ ପକାଇ ଦିଏ, ତାହାଦ୍ୱାରା ଆଉ କୌଣସି କାମ ହୁଏ ନାହିଁ । କଞ୍ଚା ହାଣ୍ଡି ଭାଙ୍ଗିଗଲେ କୁମ୍ଭାର ସେଗୁଡ଼ାକ ପୁଣି ନିଏ, ନେଇ ଚକରେ ପିଣ୍ଡୁଳା କରି ପକାଇ ଦିଏ, ନୂତନ ହାଣ୍ଡି ତିଆରି କରେ । ତେଣୁ ଯେତେକ୍ଷଣ ଈଶ୍ୱର ଦର୍ଶନ ହୋଇନାହିଁ, ସେତେକ୍ଷଣ କୁମ୍ଭାର ହାତକୁ ଯିବାକୁ ହେବ । ଅର୍ଥାତ୍ ଏହି ସଂସାରକୁ ଫେରି ଫେରି ଆସିବାକୁ ହେବ ।

''ସିଦ୍ଧ ଧାନ ପୋତିଲେ କଅଣ ହେବ ? ଆଉ ଗଛ ହୁଏ ନାହିଁ । ମନୁଷ୍ୟ ଜ୍ଞାନାଗ୍ନିରେ ସିଦ୍ଧ ହେଲେ ତାହା ଦ୍ୱାରା ଆଉ ନୂତନ ସୃଷ୍ଟି ହୁଏ ନାହିଁ, ସେ ମୁକ୍ତ ହୋଇଯାଏ ।

**ବେଦାନ୍ତ ଓ ଅହଂକାର । ବେଦାନ୍ତ 'ଅବସ୍ଥାତ୍ରୟ-ସାକ୍ଷୀ' ଜ୍ଞାନ ଓ ବିଜ୍ଞାନ ।**

''ପୁରାଣ ମତରେ ଭକ୍ତ ଗୋଟିଏ, ଭଗବାନ ଗୋଟିଏ—ମୁଁ ଗୋଟିଏ ତୁମେ ଗୋଟିଏ, ଶରୀର ମଧ୍ୟରେ ମନ, ବୁଦ୍ଧି, ଅହଂକାରରୂପକ ଜଳ ରହିଛି । ବ୍ରହ୍ମ ସୂର୍ଯ୍ୟ ସ୍ୱରୂପ । ସେ ଏହି ଜଳରେ ପ୍ରତିବିମ୍ବିତ ହେଉଛନ୍ତି । ଭକ୍ତ ତେଣୁ ଈଶ୍ୱରୀୟ ରୂପ ଦର୍ଶନ କରେ ।

''**ବେଦାନ୍ତ** (ବେଦାନ୍ତ-ଦର୍ଶନ) ମତରେ ବ୍ରହ୍ମ ହିଁ ବସ୍ତୁ, ଆଉ ସମସ୍ତ ମାୟା, ସ୍ୱପ୍ନବତ୍, ଅବସ୍ତୁ, ଅହଂରୂପ ଗୋଟିଏ ଲାଠି ସଚ୍ଚିଦାନନ୍ଦ ସାଗରର ମଝିରେ ପଡ଼ିଅଛି । ମାଷ୍ଟରଙ୍କ ପ୍ରତି—ତୁମେ ଏହିଟି ଶୁଣି ଯାଆ, ଅହଂ ବାଡିଟି କାଢ଼ିନେଲେ ଏକ ସଚ୍ଚିଦାନନ୍ଦ ସମୁଦ୍ର, ଅହଂ ବାଡିଟି ରହିଲେ ଦୁଇଟି ଦେଖାଏ, ଏ ଗୋଟିଏ ଭାଗ ଜଳ, ସେ ଗୋଟିଏ ଭାଗ ଜଳ । ବ୍ରହ୍ମଜ୍ଞାନ ହେଲେ ସମାଧି ହୁଏ । ସେତେବେଳେ ଏହି ଅହଂ ଲିଭିଯାଏ ।

''ତେବେ ଲୋକ ଶିକ୍ଷା ପାଇଁ ଶଙ୍କରାଚାର୍ଯ୍ୟ 'ବିଦ୍ୟା ମୁଁ' ରଖିଥିଲେ । (ପ୍ରାଣକୃଷ୍ଣଙ୍କ ପ୍ରତି)—କିନ୍ତୁ ଜ୍ଞାନୀର ଲକ୍ଷଣ ଅଛି । କେହି କେହି ମନେ କରନ୍ତି, ମୁଁ ଜ୍ଞାନୀ ହୋଇଛି । ଜ୍ଞାନୀର ଲକ୍ଷଣ କଅଣ ? ଜ୍ଞାନୀ କାହାର ଅନିଷ୍ଟ କରିପାରେ ନାହିଁ । ବାଳକ ପରି ହୋଇଯାଏ । ଲୁହାର ଖଣ୍ଡା ଯଦି ପରଶମଣି ଛୁଆଁ ହୁଏ, ଖଣ୍ଡା ସୁନା ହୋଇଯାଏ । ସୁନାରେ ହିଂସାର କାମ ହୁଏ ନାହିଁ । ବାହାରେ ହୁଏତ ଦେଖାଏ ଯେ, ରାଗ ଅଛି କି ଅହଂକାର ଅଛି, କିନ୍ତୁ ବସ୍ତୁତଃ ଜ୍ଞାନୀର ସେସବୁ କିଛି ରହେ ନାହିଁ ।

''ଦୂରରୁ ପୋଡ଼ା ଦୌଡ଼ି, ବୋଧହୁଏ, ଠିକ୍ ଗୋଛାଏ ଦୌଡ଼ି ପଡ଼ିଅଛି । କିନ୍ତୁ ପାଖକୁ ଆସି ଫୁଙ୍କିଦେଲେ ସବୁ ଉଡ଼ିଯାଏ । କ୍ରୋଧର, ଅହଂକାରର ଆକାର କେବଳ, ସତ୍ୟକାର କ୍ରୋଧ ନୁହେଁ, ଅହଂକାର ନୁହେଁ ।''

''ବାଳକର ଆଣ୍ଟ ରହେ ନାହିଁ । ଏହି ଖେଳଘର କଲା, କେହି ହାତ ଦେଲେ ଧେଇ ଧେଇ କରି ନାଚି କାନ୍ଦିବାକୁ ଆରମ୍ଭ କରିବ । ପୁଣି ସବୁ ନିଜେ ଭାଙ୍ଗି ପକାଇବ । ବର୍ତ୍ତମାନ ଲୁଗାଟାରେ ଏତେ ଆଣ୍ଟ, କହୁଛି, 'ମୋର ବାପା ଦେଇଛି ମୁଁ ଦେବି ନାହିଁ' । ପୁଣି ଗୋଟିଏ କଣ୍ଢେଇ ଦେଲେ ପରେ ଭୁଲିଯାଏ, ଲୁଗାଖଣ୍ଡ ପକାଇ ଦେଇ ଚାଲିଯାଏ ।

''ଏହି ସବୁ ଜ୍ଞାନୀର ଲକ୍ଷଣ । ହୁଏତ ଘରେ ଖୁବ୍ ଐଶ୍ୱର୍ଯ୍ୟ, କାଉଚ୍, ଚୌକି, ଛବି, ଗାଡ଼ି, ଘୋଡ଼ା; ପୁଣି ସବୁ ପକାଇ କାଶୀ ଚାଲିଯିବ ।

''ବେଦାନ୍ତ ମତରେ ଜାଗରଣ ଅବସ୍ଥା ମଧ୍ୟ କିଛି ନୁହେଁ । ଜଣେ କାଠୁରିଆ ସ୍ୱପ୍ନ ଦେଖିଥିଲା । ଜଣେ ଲୋକ ତା'ର ନିଦ ଭାଙ୍ଗି ଦେବାରୁ ସେ ବିରକ୍ତ ହୋଇ କହିଲା, 'ତୁ କାହିଁକି ମୋର ନିଦ ଭାଙ୍ଗିଲୁ ? ମୁଁ ରାଜା ହୋଇଥିଲି । ଶହେ ପୁତ୍ରଙ୍କର ବାପ ହୋଇଥିଲି । ପିଲାମାନେ ସବୁ ଲେଖା, ପଢ଼ା, ଅସ୍ତ୍ରବିଦ୍ୟା ସବୁ

ଶିଖୁ ଥିଲେ । ମୁଁ ସିଂହାସନରେ ବସି ରାଜତ୍ୱ କରୁଥିଲି । କାହିଁକି ତୁ ମୋର ସୁଖର ସଂସାର ଭାଙ୍ଗିଦେଲୁ ? ସେ ବ୍ୟକ୍ତି କହିଲା, ସେ ତ ସ୍ୱପ୍ନ, ସେଥିରେ ଆଉ କଅଣ ହୋଇଛି ? କାଠୁରିଆ କହିଲା, ଦୂର, ତୁ ବୁଝୁ ନାହୁଁ ମୋର କାଠୁରିଆ ହେବା ଯେପରି ସତ୍ୟ, ସ୍ୱପ୍ନରେ ରାଜା ହେବା ସେହିପରି ସତ୍ୟ, କାଠୁରିଆ ହେବା ଯଦି ସତ୍ୟ ହୁଏ, ତାହାହେଲେ ସ୍ୱପ୍ନରେ ରାଜା ହେବା ମଧ୍ୟ ସତ୍ୟ ।''

ପ୍ରାଣକୃଷ୍ଣ ଜ୍ଞାନ ଜ୍ଞାନ କରନ୍ତି, ତେଣୁ ବୋଧହୁଏ ଠାକୁର ଜ୍ଞାନୀର ଅବସ୍ଥା କହୁଥିଲେ । ଏଥର ଠାକୁର ବିଜ୍ଞାନୀର ଅବସ୍ଥା କହୁଛନ୍ତି । ଏଥିରେ କଅଣ ସେ ନିଜର ଅବସ୍ଥା ଇଙ୍ଗିତ କରୁଛନ୍ତି ?

ଶ୍ରୀରାମକୃଷ୍ଣ — 'ନେତି' 'ନେତି' କରି, ଆତ୍ମାକୁ ଧରିବାର ନାମ ଜ୍ଞାନ, 'ନେତି' 'ନେତି' ବିଚାର କରି ସମାଧିସ୍ଥ ହେଲେ ଆତ୍ମାକୁ ଧରାଯାଏ ।

''ବିଜ୍ଞାନ କଅଣ ନା ବିଶେଷରୂପରେ ଜାଣିବା । କେହି ଦୁଧ ଶୁଣିଛି, କେହି ଦୁଧ ଦେଖିଛି, କେହି ଦୁଧ ଖାଇଛି । ଯେ କେବଳ ଶୁଣିଛି, ସେ ଅଜ୍ଞାନ । ଯେ ଦେଖିଛି, ସେ ଜ୍ଞାନୀ । ଯେ ଖାଇଛି, ତା'ର ହିଁ ବିଜ୍ଞାନ ଅର୍ଥାତ୍ ବିଶେଷରୂପରେ ଜଣା ହୋଇଛି । ଈଶ୍ୱର ଦର୍ଶନ କରି ତାଙ୍କ ସହିତ ଆଳାପ, ଯେପରି ସେ ପରମାତ୍ମୀୟ, ଏହାର ନାମ ବିଜ୍ଞାନ ।

''ପ୍ରଥମେ 'ନେତି' 'ନେତି' କରିବାକୁ ହୁଏ । ସେ ପଞ୍ଚଭୂତ ନୁହଁନ୍ତି, ଇନ୍ଦ୍ରିୟ ନୁହଁନ୍ତି, ମନ, ବୁଦ୍ଧି, ଅହଂକାର ନୁହଁନ୍ତି, ସେ ସକଳ ତତ୍ତ୍ୱର ଅତୀତ । ଛାତ ଉପରକୁ ଉଠିବାକୁ ହେବ, ସବୁ ସିଡ଼ି ଗୋଟିଏ ଗୋଟିଏ ତ୍ୟାଗ କରି ଯିବାକୁ ହେବ । ସିଡ଼ି କିନ୍ତୁ ଛାତ ନୁହେଁ । କିନ୍ତୁ ଛାତ ଉପରେ ପହଞ୍ଚି ଦେଖାଯାଏ ଯେ, ଯେଉଁ ଜିନିଷରେ ଛାତ ତିଆରି, ଇଟା, ଚୂନ, ସୁରକି, — ସେହି ଜିନିଷରେ ସିଡ଼ି ମଧ୍ୟ ତିଆରି । ଯେ ପରଂବ୍ରହ୍ମ ସେ ହିଁ ଏହି ଜୀବଜଗତ ହୋଇଛନ୍ତି, ଚତୁର୍ବିଂଶତି ତତ୍ତ୍ୱ ହୋଇଛନ୍ତି । ଯେ ଆତ୍ମା, ସେ ମଧ୍ୟ ପଞ୍ଚଭୂତ ହୋଇଛନ୍ତି । ମାଟି ଏତେ ଶକ୍ତ କାହିଁକି, ଯଦି ଆତ୍ମାରୁ ହିଁ ହୋଇଛି । ତାଙ୍କ ଇଚ୍ଛାରେ ସବୁ ହୋଇପାରେ । ଶୋଣିତ ଶୁକ୍ରରୁ ଯେ ହାଡ଼ ମାଂସ ହେଉଛି ! ସମୁଦ୍ରର ଫେଣ କେତେ ଶକ୍ତ ହୁଏ ।

### ଗୃହସ୍ଥର କଅଣ ବିଜ୍ଞାନ ହୋଇପାରେ — ସାଧନ ଦରକାର

''ବିଜ୍ଞାନ ହେଲେ ସଂସାରରେ ମଧ୍ୟ ରହିବା ହୁଏ । ସେତେବେଳେ ସ୍ପଷ୍ଟ ଅନୁଭବ ହୁଏ ଯେ, ସେ ହିଁ କେବଳ ଜୀବଜଗତ ହୋଇଛନ୍ତି, ସେ ସଂସାର ଛଡ଼ା ନୁହଁନ୍ତି । ରାମଚନ୍ଦ୍ର ଯେତେବେଳେ ଜ୍ଞାନଲାଭ ପରେ ସଂସାରରେ ରହିବି ନାହିଁ ବୋଲି କହିଲେ ଦଶରଥ ବଶିଷ୍ଠଙ୍କୁ ତାଙ୍କ ପାଖକୁ ପଠାଇ ଦେଲେ, ବୁଝାଇବା ପାଇଁ । ବଶିଷ୍ଠ କହିଲେ, 'ରାମ ! ଯଦି ସଂସାର ଈଶ୍ୱରଙ୍କ ଛଡ଼ା ହୁଏ, ତୁମେ ତ୍ୟାଗ କରିପାର ।' ରାମଚନ୍ଦ୍ର ନୀରବ ରହିଲେ । ସେ ବେଶ୍ ଜାଣନ୍ତି ଯେ, ଈଶ୍ୱରଙ୍କ ଛଡ଼ା କୌଣସିର ଅସ୍ତିତ୍ୱ ନାହିଁ । ତାଙ୍କର ଆଉ ସଂସାର ତ୍ୟାଗ କରିବା ହେଲା ନାହିଁ ।

(ପ୍ରାଣକୃଷ୍ଣଙ୍କ ପ୍ରତି)—କଥାଟା ଏହି, ଦିବ୍ୟ ଚକ୍ଷୁ ଆବଶ୍ୟକ । ମନ ଶୁଦ୍ଧ ହେଲେ ସେହି ଚକ୍ଷୁ ହୁଏ । ଦେଖନା, କୁମାରୀ ପୂଜା । ସାଧାରଣ ବାଳିକା, ତାଙ୍କୁ ଠିକ୍ ଦେଖିଲି, ସାକ୍ଷାତ୍ ଭଗବତୀ । ଏକ ଦିଗରେ ସ୍ତ୍ରୀ, ଏକ ଦିଗରେ ପୁଅ, ଦୁଇ ଜଣଙ୍କୁ ହିଁ ଆଦର କରୁଛି, କିନ୍ତୁ ଭିନ୍ନ ଭାବ । ତେବେ ହେଲା, ମନ ନେଇ କଥା । ଶୁଦ୍ଧ ମନରେ ଏକ ଭାବ ହୁଏ । ସେହି ମନଟି ପାଇଲେ ସଂସାରରେ ଈଶ୍ୱର ଦର୍ଶନ ହୁଏ, ତେବେ ସାଧନ ଦରକାର ।

**ସାଧନ** ଦରକାର । ଏହିଟି ଜାଣ ଯେ, ସ୍ତ୍ରୀଲୋକ ସମ୍ବନ୍ଧରେ ଆସକ୍ତି ସହଜେ ହୁଏ । ସ୍ତ୍ରୀଲୋକ ସ୍ୱଭାବତଃ ପୁରୁଷକୁ ଭଲ ପାଏ । ପୁରୁଷ ସ୍ୱଭାବତଃ ସ୍ତ୍ରୀଲୋକକୁ ଭଲ ପାଏ । ତେଣୁ ଦୁଇଜଣ ଶୀଘ୍ର ପଡ଼ିଯାଆନ୍ତି ।

''କିନ୍ତୁ ସଂସାରରେ ସେପରି ଅନେକ ସୁବିଧା । ବିଶେଷ ଦରକାର ହେଲେ, ହୁଏତ ସ୍ୱଦାରା ସହବାସ କଲ । (ହସିହସି) ମାଷ୍ଟର ହସୁଛ କାହିଁକି ?''

ମାଷ୍ଟର (ସ୍ୱଗତ)—ସଂସାରୀ ଲୋକ ଏକାବେଳକେ ସମସ୍ତ ତ୍ୟାଗ କରିପାରିବ ନାହିଁ ବୋଲି, ଠାକୁର ଏହିପର୍ଯ୍ୟନ୍ତ ଅନୁମତି ଦେଉଛନ୍ତି । ଷୋଳଅଣା ବ୍ରହ୍ମଚର୍ଯ୍ୟ ସଂସାରରେ ଥାଇ କଅଣ ଏକାବେଳକେ ଅସମ୍ଭବ ?

ହଠଯୋଗୀର ପ୍ରବେଶ ।

ପଞ୍ଚବଟୀରେ ଜଣେ ହଠଯୋଗୀ କେତେଦିନ ହେଲା ଅଛନ୍ତି । ସେ କେବଳ ଦୁଧ ଖାଆନ୍ତି, ଅଫିମ ଖାଆନ୍ତି, ଆଉ ହଠଯୋଗ କରନ୍ତି, ଭାତ-ଫାତ ଖାଆନ୍ତି ନାହିଁ । ଅଫିମ ଓ ଦୁଧ ପାଇଁ ପଇସାର ଅଭାବ । ଠାକୁର ଯେତେବେଳେ ପଞ୍ଚବଟୀ ପାଖକୁ ଯାଇଥିଲେ, ହଠଯୋଗୀ ସହିତ ଆଳାପ କରିଥିଲେ । ହଠଯୋଗୀ ରାଖାଲଙ୍କୁ କହିଲେ, 'ପରମହଂସଜୀଙ୍କୁ କହି ଯେପରି ମୋର କିଛି ବ୍ୟବସ୍ଥା କରାଯାଏ ।' ଠାକୁର କହି ପଠାଇଥିଲେ, 'କଲିକତାର ବାବୁମାନେ ଆସିଲେ ସେ କହି ଦେଖିବେ ।'

ହଠଯୋଗୀ (ଠାକୁରଙ୍କ ପ୍ରତି)—ଆପଣ ରାଖାଲଙ୍କୁ କଅଣ କହିଥିଲେ ?

ଶ୍ରୀରାମକୃଷ୍ଣ—ହଁ, କହିଥିଲି, ଯଦି କୌଣସି ବାବୁ କିଛି ଦିଅନ୍ତି, ତେବେ କାହିଁ ? (ପ୍ରାଣକୃଷ୍ଣାଦିଙ୍କ ପ୍ରତି)—ତୁମେମାନେ ବୋଧହୁଏ ଏମାନଙ୍କୁ ଭଲ ପାଅ ନାହିଁ ?

ପ୍ରାଣକୃଷ୍ଣ ଚୁପ୍ କରି ରହିଲେ ।(ହଠଯୋଗୀ ପ୍ରସ୍ଥାନ କଲେ) ଠାକୁରଙ୍କ କଥା ଚାଲିବାକୁ ଲାଗିଲା ।

## (୨)

### ଶ୍ରୀରାମକୃଷ୍ଣ ଓ ସତ୍ୟକଥା—ନରଲୀଳାରେ ବିଶ୍ୱାସ କର

ଶ୍ରୀରାମକୃଷ୍ଣ(ପ୍ରାଣକୃଷ୍ଣାଦି ଭକ୍ତମାନଙ୍କ ପ୍ରତି)—ଆଉ ସଂସାରରେ ରହିବାକୁ ଗଲେ ସତ୍ୟ କଥାପ୍ରତି ଖୁବ୍ ଆଷ୍ଟ ଦରକାର । **ସତ୍ୟରେ ହିଁ ଭଗବାନଙ୍କୁ**

**ଲାଭ କରାଯାଏ ।** ମୋର ସତ୍ୟକଥାର ଆଣ୍ଟ ବର୍ତ୍ତମାନ ତଥାପି ଟିକିଏ କମିଛି, ଆଗେ ଭାରି ଆଣ୍ଟ ଥିଲା । ଯଦି କହେ, 'ଗାଧୋଇବି', ଗଙ୍ଗା ପାଖକୁ ଗଲି, ମନ୍ତ୍ରଉଚ୍ଚାରଣ କଲି, ମଥାରେ ଟିକିଏ ଜଳ ମଧ୍ୟ ଦେଲି, ତଥାପି ସନ୍ଦେହ ହେଲା, ବୋଧହୁଏ ପୂରା ଗାଧୁଆ ହେଲା ନାହିଁ । ଅମୁକ ଜାଗାକୁ ଝାଡ଼ା ଯିବି । ତେବେ ସେଠାକୁ ହିଁ ଯିବାକୁ ହେବ । ରାମର ଘରକୁ ଗଲି, କଲିକତାକୁ । କହିଦେଇଛି, ଲୁଚି ଖାଇବି ନାହିଁ । ଯେତେବେଳେ ଖାଇବାକୁ ଦେଲେ ସେତେବେଳେ ପୁଣି କ୍ଷୁଧା ଲାଗିଛି । କିନ୍ତୁ ଲୁଚି ଖାଇବି ନାହିଁ କହିଛି, ସେତେବେଳେ ମିଠାଇ ଖାଇ ପେଟ ଭରିଲି (ସମସ୍ତଙ୍କର ହାସ୍ୟ) ।

"ତେବେ ବର୍ତ୍ତମାନ ଟିକିଏ ଆଣ୍ଟ କମିଛି । ଝାଡ଼ା ଦେଖାଉ ନାହିଁ, ଯିବି କହିଦେଇଛି, କଅଣ ହେବ ? ରାମକୁଂ ପ୍ରଶ୍ନ କଲି । ସେ କହିଲା ଯିବା ଦରକାର ନାହିଁ । ସେତେବେଳେ ବିଚାର କଲି ସବୁତ ନାରାୟଣ । ରାମ ମଧ୍ୟ ନାରାୟଣ । ତା'ର କଥା ନ ଶୁଣିବି କାହିଁକି ? ହାତୀ ନାରାୟଣ ସତ, ମାହୁନ୍ତ ମଧ୍ୟ ନାରାୟଣ । ମାହୁନ୍ତ ଯେତେବେଳେ କହିଛି, ହାତୀ ପାଖକୁ ଆସ ନାହିଁ, ସେତେବେଳେ ମାହୁନ୍ତର କଥା ନ ଶୁଣିବି କାହିଁକି ? ଏହିପରି ବିଚାର କରି ଆଗ ଅପେକ୍ଷା ଟିକିଏ ଆଣ୍ଟ କମିଛି ।

ପୂର୍ବକଥା — ବୈଷ୍ଣବଚରଣଙ୍କର ଉପଦେଶ ନରଲୀଳାରେ ବିଶ୍ୱାସ କର ।

ଶ୍ରୀରାମକୃଷ୍ଣ — "ବର୍ତ୍ତମାନ ଦେଖୁଛି, ଗୋଟିଏ ଅବସ୍ଥା ବଦଳିଛି । ଅନେକଦିନ ହେଲା, ବୈଷ୍ଣବ ଚରଣ କହିଥିଲା, ମନୁଷ୍ୟ ଭିତରେ ଯେତେବେଳେ ଈଶ୍ୱର ଦର୍ଶନ ହେବ, ସେତେବେଳେ ପୂର୍ଣ୍ଣଜ୍ଞାନ ହେବ । ବର୍ତ୍ତମାନ ଦେଖୁଛି, ସେ ହିଁ କେବଳ ଏକ ଏକ ରୂପେ ବୁଲୁଛନ୍ତି । କେତେବେଳେ ସାଧୁରୂପରେ, କେତେବେଳେ ଛଳରୂପରେ କେଉଁଠାରେ ଖଳରୂପରେ, ତେଣୁ କହେ ସାଧୁରୂପ ନାରାୟଣ, ଛଳରୂପ ନାରାୟଣ, ଖଳରୂପ ନାରାୟଣ, ଲମ୍ପଟରୂପ ନାରାୟଣ ।

"ବର୍ତ୍ତମାନ ଭାବନା ହୁଏ ସମସ୍ତଙ୍କୁ ଖୁଆଇବା କିପରି ସମ୍ଭବ ହେବ । ସମସ୍ତଙ୍କୁ ଖୁଆଇବାକୁ ଇଚ୍ଛା କରେ । ତେଣୁ ଜଣକୁ ଏଠାରେ ରଖି ଖୁଆଏ ।"

ପ୍ରାଣକୃଷ୍ଣ (ମାଷ୍ଟରଙ୍କୁ ଚାହିଁ ସହାସ୍ୟ) — ଆଚ୍ଛା ଲୋକ ! (ଶ୍ରୀରାମକୃଷ୍ଣଙ୍କ ପ୍ରତି) — ମହାଶୟ, ନୌକାରୁ ଓହ୍ଲାଇ ତେବେ ଛାଡ଼ିଲେ ।

ଶ୍ରୀରାମକୃଷ୍ଣ(ହସି ହସି) — କଅଣ ହୋଇଥିଲା ?

ପ୍ରାଣକୃଷ୍ଣ — ନୌକାରେ ଉଠିଥିଲେ । ଟିକିଏ ଢେଉ ଦେଖି କହିଲେ ଓହ୍ଲାଇ ଦିଅ ।

(ମାଷ୍ଟରଙ୍କ ପ୍ରତି) — କିପରି ଆସିଲେ ?

ମାଷ୍ଟର (ସହାସ୍ୟ) — ଚାଲିକରି । (ଠାକୁର ହସିବାକୁ ଲାଗିଲେ ।)

---

୧. ରାମ ଚାଟାର୍ଜୀ ଠାକୁରମନ୍ଦିରର ଶ୍ରୀରାଧାକାନ୍ତଙ୍କର ସେବକ ।

**ସଂସାରୀ ଲୋକର ବିଷୟ-କର୍ମ ତ୍ୟାଗ କରିବା କଠିନ — ପଣ୍ଡିତ ଓ ବିବେକ**

ପ୍ରାଣକୃଷ୍ଣ(ଠାକୁରଙ୍କ ପ୍ରତି) — ମହାଶୟ, ଏଥର ମନେ କରୁଛି କର୍ମ ଛାଡ଼ି ଦେବି । କର୍ମ କରିବାକୁ ଗଲେ ଆଉ କିଛି ହୁଏ ନାହିଁ । (ସାଙ୍ଗରେ ଆସିଥିବା ବାବୁଙ୍କ ଦେଖାଇ) ଏହାକୁ କାର୍ଯ୍ୟ ଶିଖାଉଛି, ମୁଁ ଛାଡ଼ିଦେଲେ, ଏ କାର୍ଯ୍ୟ କରିବେ । ଆଉ ପାରୁନାହିଁ ।

ଶ୍ରୀରାମକୃଷ୍ଣ — ହଁ ବଡ଼ ଝଞ୍ଜଟ୍ । ବର୍ତ୍ତମାନ କେତେକ ଦିନ ନିର୍ଜନରେ ଈଶ୍ୱର ଚିନ୍ତା କରିବା ଖୁବ୍ ଭଲ । କିନ୍ତୁ ତୁମେ କହୁଛ ଛାଡ଼ିବ । କ୍ୟାପ୍‌ଟେନ୍ ମଧ୍ୟ ଏହି କଥା କହିଥିଲା । ସଂସାରୀ ଲୋକମାନେ କହନ୍ତି, କିନ୍ତୁ ପାରିଉଠନ୍ତି ନାହିଁ ।

''ଅନେକ ପଣ୍ଡିତ ଅଛନ୍ତି, କେତେ ଜ୍ଞାନର କଥା କହନ୍ତି । ମୁହଁରେ କହନ୍ତି, କାର୍ଯ୍ୟରେ କିଛି ନ ଥାଏ । ଯେପରି ଶକୁନି ଖୁବ୍ ଉଚ୍ଚକୁ ଉଠେ, କିନ୍ତୁ ମଢ଼ ଉପରେ ନଜର, ଅର୍ଥାତ୍ ସେହି କାମିନୀ କାଞ୍ଚନ ଉପରେ, ସଂସାର ଉପରେ ଆସକ୍ତି । ଯଦି ଶୁଣେ, ପଣ୍ଡିତର ବିବେକ ବୈରାଗ୍ୟ ଅଛି, ତେବେ ଭୟ ହୁଏ; ତା' ନ ହେଲେ କୁକୁର ଛାଗଳ ଜ୍ଞାନ ହୁଏ ।''

ପ୍ରାଣକୃଷ୍ଣ ପ୍ରଣାମ କରି ବିଦାୟ ଗ୍ରହଣ କଲେ ଓ ମାଷ୍ଟରଙ୍କୁ କହିଲେ, ଆପଣ ଯିବେ ? ମାଷ୍ଟର କହିଲେ, ନା, ଆପଣମାନେ ଆସନ୍ତୁ । ପ୍ରାଣକୃଷ୍ଣ ହସିଲେ ଓ କହିଲେ, ଆଚ୍ଛା, ତୁମ୍ଭେ ଯାଅ ! (ସମସ୍ତଙ୍କର ହାସ୍ୟ) ।

ମାଷ୍ଟର ପଞ୍ଚବଟୀ ପାଖରେ ଟିକିଏ ବୁଲି ଠାକୁର ଯେଉଁ ଘାଟରେ ସ୍ନାନ କରନ୍ତି, ସେହି ଘାଟରେ ସ୍ନାନ କଲେ । ତା'ପରେ ଭବତାରିଣୀ ଓ ରାଧାକାନ୍ତଙ୍କୁ ଦର୍ଶନ ଓ ପ୍ରଣାମ କଲେ, ଭାବୁଛନ୍ତି, ଶୁଣିଥିଲି ଈଶ୍ୱର ନିରାକାର, ତେବେ ଏହି ପ୍ରତିମା ସମ୍ମୁଖରେ କାହିଁକି ପ୍ରଣାମ ? ଠାକୁର ଶ୍ରୀରାମକୃଷ୍ଣ ସାକାର ଦେବଦେବୀ ମାନନ୍ତି, ଏଥିପାଇଁ ? ମୁଁ ତ ଈଶ୍ୱରଙ୍କ ସମ୍ବନ୍ଧରେ କିଛି ଜାଣେ ନାହିଁ, ବୁଝେ ନାହିଁ । ଠାକୁର ଯେତେବେଳେ ମାନନ୍ତି, ମୁଁ କି ଛାର, ମାନିବାକୁ ହେବ ।

ମାଷ୍ଟର ଭବତାରିଣୀଙ୍କୁ ଦର୍ଶନ କରୁଛନ୍ତି, ଦେଖିଲେ ବାମହସ୍ତଦ୍ୱୟରେ **ନରମୁଣ୍ଡ ଓ ଅସି** ଦକ୍ଷିଣ ହସ୍ତଦ୍ୱୟରେ **ବରାଭୟ** । ଗୋଟିଏ ଦିଗରେ ଭୟଙ୍କର । ଆଉ ଅନ୍ୟ ଦିଗରେ ମା' ଭକ୍ତବତ୍ସଳା । ଦୁଇଟି ଭାବର ସମାବେଶ । ଭକ୍ତ ପାଖରେ, ତାଙ୍କର ଦୀନହୀନ ଜୀବ ପାଖରେ ମା' ଦୟାମୟୀ, ସ୍ନେହମୟୀ, ପୁଣି ଏ ମଧ୍ୟ ସତ୍ୟ **ମା' ଭୟଙ୍କରୀ** କାଳକାମିନୀ ! ଏକାଧାରେ କାହିଁକି ଦୁଇଭାବ, ମା' କେବଳ ଜାଣନ୍ତି ।

ଠାକୁରଙ୍କର ଏହି ବ୍ୟାଖ୍ୟା, ମାଷ୍ଟର ସ୍ମରଣ କରୁଛନ୍ତି । ଆଉ ଭାବୁଛନ୍ତି, ଶୁଣିଛି, କେଶବ ସେନ୍, ଠାକୁରଙ୍କ ପାଖରେ କାଳୀ ମାନିଛନ୍ତି, ଏହି ଯେ, 'ମୃଣ୍ମୟ ଆଧାରେ ଚିନ୍ମୟୀ ଦେବୀ', କେଶବ ଏହି କଥା କହନ୍ତି ।

### ସମାଧିସ୍ଥ ପୁରୁଷଙ୍କର (ଶ୍ରୀରାମକୃଷ୍ଣଙ୍କର) ଢାଳ, ଗିନାର ଖବର

ଏଥର ସେ ଠାକୁର ଶ୍ରୀରାମକୃଷ୍ଣଙ୍କ ନିକଟରେ ଆସି ବସିଲେ । ସ୍ନାନ କରିଛନ୍ତି ଦେଖି ଠାକୁର ତାଙ୍କୁ ଫଳମୂଳାଦି ପ୍ରସାଦ ଖାଇବାକୁ ଦେଲେ । ସେ ଗୋଲ୍ ବାରଣ୍ଡାରେ ବସି ପ୍ରସାଦ ପାଇଲେ । ପିଇବା ପାଣି ଢାଳ ବାରଣ୍ଡାରେ ହିଁ ରହିଲା । ଠାକୁରଙ୍କ ପାଖକୁ ଶୀଘ୍ର ଆସି ଘର ଭିତରେ ବସିବାକୁ ଯାଉଛନ୍ତି, ଠାକୁର କହିଲେ ଢାଳ ଆଣିଲ ନାହିଁ ?

ମାଷ୍ଟର — ଆଜ୍ଞା ହଁ, ଆଣୁଛି ।

ଶ୍ରୀରାମକୃଷ୍ଣ — ବାଃ !

ମାଷ୍ଟର ଅପ୍ରସ୍ତୁତ । ବାରଣ୍ଡାକୁ ଯାଇ ଢାଳ ଆଣି ଘର ଭିତରେ ରଖିଲେ । ମାଷ୍ଟରଙ୍କ ଘର କଲିକତାରେ । ସେ ଘରେ ଅଶାନ୍ତି ହେବାରୁ ଶ୍ୟାମପୁକରରେ ଘରଭଡ଼ା ନେଇଛନ୍ତି । ସେହି ଘର ପାଖରେ କର୍ମସ୍ଥଳ । ତାଙ୍କର ନିଜ ଘରେ ତାଙ୍କର ପିତା ଓ ଭାଇମାନେ ରହନ୍ତି । ଠାକୁରଙ୍କର ଇଚ୍ଛା ଯେ, ସେ ନିଜ ଘରେ ଯାଇ ରହନ୍ତେ । କାହିଁକି ନା, ଏକାନ୍ନଭୁକ୍ତ ପରିବାର ମଧ୍ୟରେ ଈଶ୍ୱରଚିନ୍ତା କରିବାର ଅନେକ ସୁବିଧା, କିନ୍ତୁ ଠାକୁର ମଝିରେ ମଝିରେ ଯଦିଓ ଏହିପରି କହନ୍ତି, ତାଙ୍କର ଦୁର୍ଦ୍ଦୈବକ୍ରମେ ସେ ଘରକୁ ଫେରି ଯାଆନ୍ତି ନାହିଁ । ଆଜି ଠାକୁର ପୁଣି ସେହି ଘର କଥା ଉଠାଇଲେ ।

ଶ୍ରୀରାମକୃଷ୍ଣ — ଆଚ୍ଛା, ଏଥର ତୁମେ ଘରକୁ ଯିବ ?

ମାଷ୍ଟର — ମୋର ସେଠାକୁ ଯିବାକୁ କୌଣସି ପ୍ରକାରେ ମନ ହେଉ ନାହିଁ ।

ଶ୍ରୀରାମକୃଷ୍ଣ — କାହିଁକି ? ତୁମର ବାପା ଘର ଭାଙ୍ଗିଭୁଙ୍ଗି ନୂତନ କରୁଛନ୍ତି ।

ମାଷ୍ଟର — ଘରେ ମୁଁ ଅନେକ କଷ୍ଟ ପାଇଛି । ମୋର ଯିବାକୁ କୌଣସି ମତେ ମନ ହେଉ ନାହିଁ ।

ଶ୍ରୀରାମକୃଷ୍ଣ — କାହାକୁ ତୁମର ଭୟ ?

ମାଷ୍ଟର — ସମସ୍ତଙ୍କୁ ।

ଶ୍ରୀରାମକୃଷ୍ଣ(ଗମ୍ଭୀର ସ୍ୱରରେ) — ତାହା ତୁମର ଯେପରି ନୌକାକୁ ଉଠିବାକୁ ଭୟ ।

ଦେବଦେବୀମାନଙ୍କର ଭୋଗ ହୋଇଗଲା । ଆଳତି ହେଉଛି ଓ ଘଣ୍ଟା ବାଜୁଛି । କାଳୀଘର ଆନନ୍ଦରେ ପରିପୂର୍ଣ୍ଣ । ଆଳତିର ଶବ୍ଦ ଶୁଣି କାଙ୍ଗାଳୀ, ସାଧୁ, ଫକିର, ସମସ୍ତେ ଅତିଥିଶାଳାକୁ ଛୁଟି ଆସୁଛନ୍ତି । କାହା ହାତରେ ଶାଳପତ୍ର, କାହା ହାତରେ ବା କଂସାଥାଳୀ, ଲୋଟା । ସମସ୍ତେ ପ୍ରସାଦ ପାଇଲେ । ଆଜି ମାଷ୍ଟର ମଧ୍ୟ ଭବତାରିଣୀଙ୍କର ପ୍ରସାଦ ପାଇଲେ ।

## (ଗ)

### ଶ୍ରୀ କେଶବଚନ୍ଦ୍ର ସେନ ଓ 'ନବବିଧାନ' —ନବବିଧାନରେ ସାର ଅଛି

ଠାକୁର ପ୍ରସାଦ ଗ୍ରହଣାନ୍ତର କିଞ୍ଚିତ୍ ବିଶ୍ରାମ କରୁଛନ୍ତି । ଏପରି ସମୟରେ ରାମ ,ଗିରୀନ୍ଦ୍ର ଓ ଆଉ କେତେଜଣ ଭକ୍ତ ଆସି ଉପସ୍ଥିତ । ଭକ୍ତମାନେ ଭୂମିଷ୍ଠ ହୋଇ ପ୍ରଣାମ କଲେ ଓ ତପ୍ରରେ ଆସନ ଗ୍ରହଣ କଲେ ।

ଶ୍ରୀଯୁକ୍ତ କେଶବ ସେନଙ୍କର ନବବିଧାନର କଥା ମନେ ପଡ଼ିଲା ।

ରାମ (ଠାକୁରଙ୍କ ପ୍ରତି) — ମହାଶୟ, ନବବିଧାନରେ କିଛି ଉପକାର ହୋଇଛି ବୋଲି ମୋର ତ ବୋଧ ହୁଏ ନାହିଁ । କେଶବବାବୁ ଯଦି ଖାଣ୍ଟି ହୋଇଥା'ନ୍ତେ, ଶିଷ୍ୟମାନଙ୍କର ଅବସ୍ଥା ଏପରି କାହିଁକି ? ମୋର ମତରେ ତାହା ଭିତରେ କିଛି ନାହିଁ । ଯେପରି ଭଙ୍ଗା ଖପରା ଗୋଟାଇ ଘରେ ତାଲା ଦେବା । ଲୋକେ ମନେ କରନ୍ତି, ଖୁବ୍ ଟଙ୍କା ଝଣଝଣ କରୁଛି, କିନ୍ତୁ ଭିତରେ କେବଳ ଭଙ୍ଗା ଖପରା, ବାହାରର ଲୋକେ ଭିତରର ଖବର କିଛି ଜାଣନ୍ତି ନାହିଁ ।

ଶ୍ରୀରାମକୃଷ୍ଣ—କିଛି ସାର ଅଛି । ତାହା ନ ହେଲେ ଏତେ ଲୋକ କେଶବଙ୍କୁ ମାନନ୍ତି କାହିଁକି ? ଶିବନାଥଙ୍କୁ କାହିଁକି ଲୋକମାନେ ଚିହ୍ନନ୍ତି ନାହିଁ ? ଈଶ୍ୱରଙ୍କ ଇଚ୍ଛା ନ ଥିଲେ, ଏପରି କଥା ହୁଏ ନାହିଁ ।

''ତେବେ ସଂସାର ତ୍ୟାଗ ନ କଲେ ଆଚାର୍ଯ୍ୟର କାର୍ଯ୍ୟ ହୁଏ ନାହିଁ, ଲୋକମାନେ ମାନନ୍ତି ନାହିଁ । ଲୋକମାନେ କହନ୍ତି, ଏ ସଂସାରୀ ଲୋକ, ଏ ନିଜେ କାମିନୀ-କାଞ୍ଚନ ଗୋପନରେ ଭୋଗ କରେ, ଆମମାନଙ୍କୁ କହେ, 'ଈଶ୍ୱର ସତ୍ୟ', 'ସଂସାର ସ୍ୱପ୍ନବତ୍ ଅନିତ୍ୟ' । ସର୍ବତ୍ୟାଗୀ ନହେଲେ ତା'ର କଥା ସମସ୍ତେ ନିଅନ୍ତି ନାହିଁ । ଐହିକ ବା ସଂସାରୀ ଯେଉଁମାନେ କେହି କେହି ନେଇ ପାରନ୍ତି । କେଶବର ସଂସାର ଥିଲା, ଅତଏବ ସଂସାର ଉପରେ ମଧ୍ୟ ମନ ଥିଲା । ସଂସାରକୁ ତ ରକ୍ଷା କରିବାକୁ ହେବ । ତେଣୁ ଏତେ ଲେକ୍‌ଚର ଦେଇଛି କିନ୍ତୁ ସଂସାରଟି ବେଶ୍ ପକ୍‌କା କରି ରଖିଯାଇଛି । ଏଭଳି ଜ୍ୱାଇଁ ! ଘର ଭିତରକୁ ଗଲି, ବଡ଼ ବଡ଼ ଖଟ ! ସଂସାର କରିବାକୁ ଗଲେ କ୍ରମେ ସବୁ ଆସି ଜୁଟେ । ଭୋଗର ଜାଗା ହିଁ ସଂସାର ।''

ରାମ—ସେ ଖଟ, ଘର ଭାଗବଣ୍ଟା ସମୟରେ କେଶବ ସେନ ପାଇଥିଲେ; କେଶବ ସେନଙ୍କର ଭାଗ । ମହାଶୟ, ଯାହା କହନ୍ତୁ ବିଜୟ ବାବୁ କହିଛନ୍ତି, କେଶବ ସେନ୍ ଏପରି କଥା ବିଜୟ ବାବୁଙ୍କୁ କହିଛନ୍ତି ଯେ, 'ମୁଁ ଖ୍ରୀଷ୍ଟ ଆଉ ଗୌରାଙ୍ଗର ଅଂଶ, ତୁମେ କହ ଯେ ତୁମେ ଅଦ୍ୱୈତ ।' ପୁଣି କଅଣ କହନ୍ତି ଜାଣନ୍ତି ? ଆପଣ ମଧ୍ୟ ନବବିଧାନୀ ! (ଠାକୁରଙ୍କର ଓ ସମସ୍ତଙ୍କର ହାସ୍ୟ) ।

ଶ୍ରୀରାମକୃଷ୍ଣ(ହସି ହସି)—କେଜାଣି ବାବୁ, ମୁଁ କିନ୍ତୁ ନବବିଧାନର ମାନେ ଜାଣେ ନାହିଁ । (ସମସ୍ତଙ୍କର ହାସ୍ୟ)

ରାମ — କେଶବଙ୍କର ଶିଷ୍ୟମାନେ କହନ୍ତି, ଜ୍ଞାନ ଓ ଭକ୍ତିର ପ୍ରଥମ ସାମଞ୍ଜସ୍ୟ କେଶବବାବୁ କରିଛନ୍ତି ।

ଶ୍ରୀରାମକୃଷ୍ଣ(ଅବାକ୍ ହୋଇ) — ସେ କଅଣ ହେ ! ଅଧ୍ୟାତ୍ମ (ରାମାୟଣ) ତେବେ କଅଣ ? ନାରଦ ରାମଚନ୍ଦ୍ରଙ୍କୁ ସ୍ତବ କରିବାକୁ ଲାଗିଲେ, ''ହେ ରାମ । ବେଦରେ ଯେଉଁ ପରଂବ୍ରହ୍ମଙ୍କର କଥା ଅଛି, ସେ ତୁମେ ହିଁ । ତୁମେ ହିଁ ମନୁଷ୍ୟ ରୂପରେ ଆମମାନଙ୍କ ପାଖରେ ରହିଛ । ତୁମେ ହିଁ ମନୁଷ୍ୟ ବୋଲି ବୋଧ ହେଉଛ, ବସ୍ତୁତଃ ତୁମେ ମନୁଷ୍ୟ ନୁହଁ, ସେହି ପରଂବ୍ରହ୍ମ ।'' ରାମଚନ୍ଦ୍ର କହିଲେ, ''ନାରଦ ! ତୁମ ଉପରେ ବଡ଼ ପ୍ରସନ୍ନ ହୋଇଛି, ତୁମେ ବର ନିଅ ।'' ନାରଦ କହିଲେ, ''ରାମ ! ଆଉ କି ବର ଚାହିଁବି ? ତୁମ ପାଦପଦ୍ମରେ ଶୁଦ୍ଧାଭକ୍ତି ଦିଅ । ଆଉ ତୁମର ଭୁବନମୋହିନୀ ମାୟାରେ ଯେପରି ମୁଗ୍ଧ କରନାହିଁ ।'' ଅଧ୍ୟାତ୍ମରେ କେବଳ ଜ୍ଞାନ ଭକ୍ତିର ହିଁ କଥା ।

କେଶବଙ୍କର ଶିଷ୍ୟ ଅମୃତର କଥା ପଡ଼ିଲା ।

ରାମ — ଅମୃତବାବୁ ଅନ୍ୟ ପ୍ରକାର ହୋଇ ଯାଇଛନ୍ତି ।

ଶ୍ରୀରାମକୃଷ୍ଣ — ହଁ, ସେଦିନ ବଡ଼ ରୁଗ୍ଣ ଦେଖିଲି ।

ରାମ — ମହାଶୟ ! ଲେକ୍‌ଚର କଥା ଶୁଣନ୍ତୁ । ଯେତେବେଳେ ଖୋଳର ଶବ୍ଦ ହୁଏ ସେହି ସମୟରେ କହନ୍ତି 'କେଶବଙ୍କର ଜୟ' । ଆପଣ କହନ୍ତି ଗାଡ଼ିଆ ପୋଖରୀରେ ଦଳ ହୁଏ, ତେଣୁ ଦିନେ ଲେକ୍‌ଚରରେ ଅମୃତବାବୁ କହିଲେ, ସାଧୁ କହିଛନ୍ତି ସତ, ଗାଡ଼ିଆ ପୋଖରୀରେ ଦଳ ହୁଏ, କିନ୍ତୁ ଭାଇ, ଦଳ ଦରକାର, ଦଳ ଦରକାର ! ସତ୍ୟ କହୁଛି, ଦଳ ଦରକାର । (ସମସ୍ତଙ୍କର ହାସ୍ୟ)

ଶ୍ରୀରାମକୃଷ୍ଣ — ଏ କଅଣ ? ଛି ! ଛି ! ଛି ! ଏ କଅଣ ଲେକ୍‌ଚର !

କେହି କେହି ଟିକିଏ ପ୍ରଶଂସା ଭଲ ପାଆନ୍ତି, ଏହି କଥା ପଡ଼ିଲା ।

ଶ୍ରୀରାମକୃଷ୍ଣ — ନିମାଇଁ ସନ୍ନ୍ୟାସର ଯାତ୍ରା ହେଉଥିଲା । କେଶବଙ୍କର ସେଠାକୁ ମୋତେ ନେଇ ଯାଇଥିଲେ । ସେହିଦିନ ଦେଖିଥିଲି, କେଶବ ଆଉ ପ୍ରତାପଙ୍କୁ ଜଣେ କେହି କହିଲେ, ଏମାନେ ଦୁଇଜଣ ଗୌର ନିତାଇ । ପ୍ରସନ୍ନ ସେତେବେଳେ ମୋତେ ପ୍ରଶ୍ନ କଲେ, ତାହା ହେଲେ ଆପଣ କିଏ ? ଦେଖିଲି କେଶବ ଚାହିଁ ରହିଲେ, ମୁଁ କଅଣ କହେ ଦେଖିବା ପାଇଁ । ମୁଁ କହିଲି, ''ମୁଁ ତୁମମାନଙ୍କର ଦାସାନୁଦାସ, ରେଣୁର ରେଣୁ ।'' କେଶବ ହସି ହସି କହିଲେ, ''ଏ ଧରା ଦିଅନ୍ତି ନାହିଁ ।''

ରାମ — କେଶବ ବେଳେବେଳେ କହନ୍ତି, ଆପଣ ଜନ୍ ଦି ବ୍ୟାପ୍‌ଟିଷ୍ଟ ।

ଜଣେ ଭକ୍ତ — ପୁଣି ବେଳେବେଳେ କହନ୍ତି ଊନବିଂଶ ଶତାବ୍ଦୀର ଚୈତନ୍ୟ ଆପଣ ।

ଶ୍ରୀରାମକୃଷ୍ଣ — ତାହାର ମାନେ କଅଣ ?

ଭକ୍ତ—ଇଂରାଜୀରେ ଏହି ଶତାବ୍ଦୀରେ ଚୈତନ୍ୟଦେବ ପୁଣି ଆସିଛନ୍ତି, ସେ ହେଉଛନ୍ତି ଆପଣ ।

ଶ୍ରୀରାମକୃଷ୍ଣ(ଅନ୍ୟମନସ୍କ ହୋଇ)—ତାହା ତ ହେଲା । ବର୍ତ୍ତମାନ ହାତଟା ଆରାମ କିପରି ହୁଏ କହ ଦେଖି ? ଆଜିକାଲି କେବଳ ଭାବୁଛି, କିପରି ହାତଟା ଭଲ ହେବ ?

ତ୍ରୈଲୋକ୍ୟ ଗୀତର କଥା ପଡ଼ିଲା । ତ୍ରୈଲୋକ୍ୟ କେଶବଙ୍କ ସମାଜରେ ଈଶ୍ୱରଙ୍କର ନାମଗୁଣ କୀର୍ତ୍ତନ କରନ୍ତି ।

ଶ୍ରୀରାମକୃଷ୍ଣ—ଆହା ! ତ୍ରୈଲୋକ୍ୟର କି ଗୀତ !

ରାମ—କ'ଣ ଠିକ୍ ଠିକ୍ ସବୁ ?

ଶ୍ରୀରାମକୃଷ୍ଣ—ହଁ ଠିକ୍, ଠିକ୍, ତାହା ନ ହେଲେ ମନକୁ ଏତେ ଆକର୍ଷଣ କରେ କାହିଁକି ?

ରାମ—ସମସ୍ତେ ନିଜ ନିଜର ଭାବାନୁଯାୟୀ ଗୀତ ବାନ୍ଧିଛନ୍ତି । କେଶବ ସେନ ଉପାସନା ସମୟରେ ସେହି ଭାବଗୁଡ଼ିକ ସବୁ ବର୍ଣ୍ଣନା କରନ୍ତି, ଆଉ ତ୍ରୈଲୋକ୍ୟ ବାବୁ ସେହିପରି ଗୀତ ବାନ୍ଧନ୍ତି । ଦେଖନ୍ତୁ , ଏହି ଗୀତଟା —

''ପ୍ରେମର ବଜାରେ ଆନନ୍ଦର ମେଳା ।
ହରିଭକ୍ତ ସଙ୍ଗେ ରସରଙ୍ଗେ କରୁଛନ୍ତି କେତେ ଖେଳା ।।

ଆପଣ ଭକ୍ତଙ୍କ ସଙ୍ଗରେ ଆନନ୍ଦ କରନ୍ତି ଦେଖି ଏହି ଗୀତ ସବୁ ବନ୍ଧା ହୋଇଛି ।

ଶ୍ରୀରାମକୃଷ୍ଣ(ସହାସ୍ୟ)—ତୁମେ ଆଉ ବିରକ୍ତ କର ନାହିଁ । ପୁଣି ମୋତେ ଜଡ଼ାଅ କାହିଁକି ? (ସମସ୍ତଙ୍କର ହାସ୍ୟ)

ଗିରୀନ୍ଦ୍ର—ବ୍ରାହ୍ମମାନେ କହନ୍ତି, ପରମହଂସଦେବଙ୍କର faculty of organisation ନାହିଁ ।

ଶ୍ରୀରାମକୃଷ୍ଣ—ଏହାର ମାନେ କଅଣ ?

ମାଷ୍ଟର—ଆପଣ ଦଳ-ସଂଗଠନ ଜାଣନ୍ତି ନାହିଁ । ଆପଣଙ୍କର ବୁଦ୍ଧି କମ୍, ଏହି କଥା କହନ୍ତି । (ସମସ୍ତଙ୍କର ହାସ୍ୟ) ।

ଶ୍ରୀରାମକୃଷ୍ଣ(ରାମଙ୍କ ପ୍ରତି)—ବର୍ତ୍ତମାନ କହ ଦେଖି ମୋର ହାତ କାହିଁକି ଭାଙ୍ଗିଲା ? ତୁମେ ଏ ବିଷୟରେ ଠିଆ ହୋଇ ଗୋଟାଏ ଲେକ୍‌ଚର ଦିଅ । (ସମସ୍ତଙ୍କର ହାସ୍ୟ) ।

**ବ୍ରାହ୍ମସମାଜ, ବୈଷ୍ଣବ ଓ ଶାକ୍ତଙ୍କୁ, ସାମ୍ପ୍ରଦାୟିକତା ସମ୍ପର୍କରେ ଉପଦେଶ**

ଶ୍ରୀରାମକୃଷ୍ଣ—''ବ୍ରହ୍ମଜ୍ଞାନୀମାନେ ନିରାକାର ନିରାକାର କହନ୍ତି, ତାହାହେଲେ ମଧ୍ୟ ଆନ୍ତରିକ ତାଙ୍କୁ ଡାକିଲେ ହିଁ ହେଲା । ଯଦି ଆନ୍ତରିକ ହୁଏ ସେ ତ ଅନ୍ତର୍ଯ୍ୟାମୀ, ସେ ଅବଶ୍ୟ ଜଣାଇ ଦେବେ ତାଙ୍କର ସ୍ୱରୂପ କଅଣ ।

ତେବେ ଏପରି କହିବାଟା ଭଲ ନୁହେଁ ଯେ, ଆମେମାନେ ଯାହା ବୁଝିଛୁ ତାହା ହିଁ ଠିକ୍ । ଆଉ ଯେ, ଯାହା କହୁଛନ୍ତି, ସବୁ ଭୁଲ । ଆମେମାନେ ନିରାକାର କହୁଛୁ, ଅତଏବ ସେ ନିରାକାର, ସେ ସାକାର ନୁହଁନ୍ତି, ଆମେମାନେ ସାକାର କହୁଛୁ, ଅତଏବ ସେ ସାକାର, ସେ ନିରାକାର ନୁହଁନ୍ତି । ମନୁଷ୍ୟ କଅଣ ତାଙ୍କର ଇତି କରିପାରେ ? ଏହିପରି ବୈଷ୍ଣବ ଶାକ୍ତମାନଙ୍କ ଭିତରେ ଗୁଷା ଗୁଷି । ବୈଷ୍ଣବ କହନ୍ତି ଆମର କେଶବ, — ଶାକ୍ତ କହନ୍ତି, ଆମର ଭଗବତୀ, ଏକମାତ୍ର ଉଦ୍ଧାର କର୍ତ୍ତା ।

''ମୁଁ ବୈଷ୍ଣବଚରଣଙ୍କୁ ସେଜୋବାବୁଙ୍କ ପାଖକୁ ନେଇ ଯାଇଥିଲି । ବୈଷ୍ଣବଚରଣ ବୈରାଗୀ, ଖୁବ୍ ପଣ୍ଡିତ, କିନ୍ତୁ ଖୁବ୍ ଆଚାରୀ ବୈଷ୍ଣବ । ଏଣେ ସେଜୋବାବୁ ଭଗବତୀଙ୍କର ଭକ୍ତ । ବେଶ୍ କଥା ହେଉଥିଲା । ବୈଷ୍ଣବଚରଣ କହି ପକାଇଲେ, ମୁକ୍ତି ଦେବାର ଏକମାତ୍ର କର୍ତ୍ତା କେଶବ ! କହିବା ମାତ୍ରକେ ସେଜୋବାବୁଙ୍କର ମୁହଁ ଲାଲ୍ ହୋଇଗଲା । କହିଲେ, 'ଶଳା' । (ସମସ୍ତଙ୍କର ହାସ୍ୟ) ଶାକ୍ତତ । କହିବ ନାହିଁ ? ମୁଁ ପୁଣି ବୈଷ୍ଣବଚରଣଙ୍କ ଦେହରେ ହାତ ମାରି ଠାରିଲି ।

''ଯେତେ ଲୋକ ଦେଖୁଛି ଧର୍ମ ଧର୍ମ କହି, ଏ ତାହା ସଙ୍ଗରେ ଝଗଡ଼ା କରୁଛି, ସେ ଏହା ସଙ୍ଗରେ ଝଗଡ଼ା କରୁଛି । ମୁସଲମାନ, ବ୍ରହ୍ମଜ୍ଞାନୀ, ଶାକ୍ତ, ବୈଷ୍ଣବ, ଶୈବ, ସବୁ ପରିବାର ଝଗଡ଼ା । ଏହି ବୁଦ୍ଧି ନାହିଁ ଯେ ଯାହାଙ୍କୁ କୃଷ୍ଣ କହୁଛି, ତାଙ୍କୁ ହିଁ ଶିବ, ତାଙ୍କୁ ହିଁ ଆଦ୍ୟାଶକ୍ତି କୁହାଯାଏ ତାଙ୍କୁ ହିଁ ଯୀଶୁ, ତାଙ୍କୁ ହିଁ ଆଲ୍ଲା କୁହାଯାଏ । ଏକ ରାମ ତାଙ୍କର ହଜାର ନାମ ।

''ବସ୍ତୁ ଏକ, ନାମ ଅଲଗା । ସମସ୍ତେ ଏକଜିନିଷକୁ ଚାହାଁନ୍ତି । ତେବେ ଅଲଗା ଜାଗା, ଅଲଗା ପାତ୍ର, ଅଲଗା ନାମ । ଗୋଟିଏ ପୋଖରୀରେ ଅନେକଗୁଡ଼ିଏ ଘାଟ ଅଛି । ହିନ୍ଦୁମାନେ ଗୋଟିଏ ଘାଟରୁ ମାଠିଆରେ ଜଳ ନେଉଛନ୍ତି, କହୁଛନ୍ତି 'ଜଳ' । ମୁସଲମାନମାନେ ଆଉ ଗୋଟିଏ ଘାଟରୁ ଜଳ ନେଉଛନ୍ତି, ଚମଡ଼ାର ଥଳିରେ, ସେମାନେ କହୁଛନ୍ତି 'ପାନୀ' । ଖ୍ରୀଷ୍ଟିଆନ୍‌ମାନେ ଆଉ ଏକ ଘାଟରୁ ଜଳ ନେଉଛନ୍ତି, ସେମାନେ କହୁଛନ୍ତି 'ୱାଟର୍' । (ସମସ୍ତଙ୍କର ହାସ୍ୟ) ।

''ଯଦି କେହି କହେ, ନା, ଏ ଜିନିଷଟା ଜଳ ନୁହେଁ ପାନୀ, କି ପାନୀ ନୁହେଁ ୱାଟର୍, କି ୱାଟର୍ ନୁହେଁ ଜଳ, ତାହା ହେଲେ ହାସ୍ୟାସ୍ପଦ ହୁଏ । ତେଣୁ ଦଳାଦଳି, ମନାନ୍ତର, ଝଗଡ଼ା, ଧର୍ମକୁ ନେଇ ଠେଙ୍ଗାବାଡ଼ି, ମରାମରି, କଟାକଟି ଏସବୁ ଭଲ ନୁହେଁ । ସମସ୍ତେ ତାଙ୍କ ପଥରେ ଯାଉଛନ୍ତି । ଆନ୍ତରିକ ହେଲେ, ବ୍ୟାକୁଳ ହେଲେ ତାଙ୍କୁ ଲାଭ କରିବ । (ମଣିଙ୍କ ପ୍ରତି) — ତୁମେ ଏହିଟା ଶୁଣିଯାଅ ।

ବେଦ, ପୁରାଣ, ତନ୍ତ୍ର ସବୁ ଶାସ୍ତ୍ରରେ ତାଙ୍କୁ ହିଁ ଚାହାଁନ୍ତି । ଆଉ କାହାକୁ ଚାହାଁନ୍ତି ନାହିଁ । ସେହି ଏକ ସଚ୍ଚିଦାନନ୍ଦ । ଯାହାଙ୍କୁ ବେଦରେ **'ସଚ୍ଚିଦାନନ୍ଦ ବ୍ରହ୍ମ'**

କହିଛି । ତନ୍ତ୍ରରେ ତାଙ୍କୁ ହିଁ 'ସଚ୍ଚିଦାନନ୍ଦ ଶିବଃ' କହିଛି, ତାଙ୍କୁ ହିଁ ପୁରାଣରେ **'ସଚ୍ଚିଦାନନ୍ଦଃ କୃଷ୍ଣଃ'** କହିଛି ।''

ଶ୍ରୀରାମକୃଷ୍ଣ ଶୁଣିଲେ, ରାମ ଘରେ ମଝିରେ ମଝିରେ ନିଜେ ରାନ୍ଧି ଖାଆନ୍ତି ।

ଶ୍ରୀରାମକୃଷ୍ଣ (ମଣିଙ୍କ ପ୍ରତି)—ତୁମେ ମଧ୍ୟ ହାତରେ ରାନ୍ଧି ଖାଅ ?

ମଣି—ଆଜ୍ଞା ନା !

ଶ୍ରୀରାମକୃଷ୍ଣ—ଦେଖନା, ଟିକିଏ ଗୁଆଘିଅ ଦେଇ ଖାଇବ । ବେଶ୍ ଶରୀର ମନ ଶୁଦ୍ଧ ବୋଧ ହେବ ।

## (୪)

### ପିତା ଧର୍ମଃ ପିତା ସ୍ୱର୍ଗଃ ପିତା ହିଁ ପରମ ତପଃ

ରାମଙ୍କର ଘରକରଣାର ଅନେକ କଥା ହେଉଅଛି । ରାମଙ୍କର ପିତା ପରମ ବୈଷ୍ଣବ । ଘରେ ଶ୍ରୀଧରଙ୍କ ସେବା । ରାମଙ୍କର ପିତା ଦ୍ୱିତୀୟ ପକ୍ଷ ବିବାହ କରିଥିଲେ । ରାମଙ୍କର ସେତେବେଳେ ଖୁବ୍ ଅଳ୍ପ ବୟସ । ପିତା ଓ ବିମାତା ରାମଙ୍କ ଘରେ ଥିଲେ । କିନ୍ତୁ ବିମାତାଙ୍କ ସଙ୍ଗରେ ଘର କରି ସେ ସନ୍ତୁଷ୍ଟ ହୋଇ ନଥିଲେ । ବର୍ତ୍ତମାନ ବିମାତାଙ୍କର ବୟସ ଚାଳିଶ ବର୍ଷ । ବିମାତାଙ୍କ ପାଇଁ ସେ ପିତାଙ୍କ ଉପରେ ମଝିରେ ମଝିରେ ଅଭିମାନ କରନ୍ତି । ଆଜି ସେହିସବୁ କଥା ହେଉଅଛି ।

ରାମ—ବାପା ଖରାପ ହୋଇଯାଇଛନ୍ତି ।

ଶ୍ରୀରାମକୃଷ୍ଣ(ଭକ୍ତମାନଙ୍କ ପ୍ରତି)—ଶୁଣିଲ ? ବାପା ଖରାପ ହୋଇ-ଯାଇଛନ୍ତି । ଆଉ ଏ ଭଲ ଅଛନ୍ତି ।

ରାମ—ସେ (ବିମାତା) ଘରକୁ ଆସିଲା ମାତ୍ରକେ ଅଶାନ୍ତି । କିଛି ନା କିଛି ଗଣ୍ଡଗୋଳ ହେବ । ଆମମାନଙ୍କର ସଂସାର ଭାଙ୍ଗି ଯାଉଛି । ତେଣୁ ମୁଁ କହେ ସେ ବାପଘରେ ଯାଇ ରହୁ ନାହାଁନ୍ତି କାହିଁକି ?

ଗିରୀନ୍ଦ୍ର(ରାମଙ୍କ ପ୍ରତି)—ତୁମର ସ୍ତ୍ରୀଙ୍କୁ ମଧ୍ୟ ଏହିପରି ବାପଘରେ ରଖ ନା ! (ସମସ୍ତଙ୍କର ହାସ୍ୟ) ।

ଶ୍ରୀରାମକୃଷ୍ଣ(ସହାସ୍ୟ)—ଏ କଅଣ ହାଣ୍ଡି ମାଠିଆ ହୋଇଛି ? ହାଣ୍ଡି ଗୋଟିଏ ଜାଗାରେ ରହିଲା, ସରା ଆଉ ଗୋଟିଏ ଜାଗାରେ ରହିଲା । ଶିବ ଗୋଟିଏ ଦିଗରେ, ଶକ୍ତି ଅନ୍ୟଦିଗରେ !

ରାମ—ମହାଶୟ, ଆମେମାନେ ଆନନ୍ଦରେ ଅଛୁ । ସେ ଆସିଲେ ସଂସାର ଭାଙ୍ଗିବେ, ଏପରି ସ୍ଥଳେ—

ଶ୍ରୀରାମକୃଷ୍ଣ—ହଁ, ତେବେ ଅଲଗା ଘର କରି ଦେଇପାର, ସେ ଏକ ପ୍ରକାର ! ମାସକୁ ମାସ ସବୁ ଖରଚ ଦେବ । ବାପ, ମା' କେତେ ବଡ଼ ଗୁରୁ !

ରାଖାଲ ମୋତେ ପଚାରିଲା, ବାପାଙ୍କ ପତ୍ରରେ କଅଣ ଖାଇବି ? ମୁଁ କହିଲି ସେ କଅଣରେ ! ତୋର କଅଣ ହୋଇଛି ଯେ, ତୋ ବାପାଙ୍କ ପତ୍ରରେ ଖାଇବୁ ନାହିଁ ?

''ତେବେ ଗୋଟିଏ କଥା ଅଛି, ଯେଉଁମାନେ ସତ୍,ସେମାନେ ଉଚ୍ଛିଷ୍ଟ, କାହାକୁ ମଧ୍ୟ ଦିଅନ୍ତି ନାହିଁ । ଏପରି କି ଉଚ୍ଛିଷ୍ଟ କୁକୁରକୁ ମଧ୍ୟ ଦିଆଯାଏ ନାହିଁ ।''

**ଗୁରୁଙ୍କ ଇଷ୍ଟବୋଧରେ ପୂଜା—ଅସଚ୍ଚରିତ୍ର ହେଲେ ମଧ୍ୟ ଗୁରୁତ୍ୟାଗ ନିଷେଧ**

ଗିରୀନ୍ଦ୍ର—ମହାଶୟ, ବାପା, ମା' ଯଦି କୌଣସି ଗୁରୁତର ଅପରାଧ କରିଥାଆନ୍ତି, କୌଣସି ଭୟାନକ ପାପ କରିଥାଆନ୍ତି ?

ଶ୍ରୀରାମକୃଷ୍ଣ—ତାହା ହେଉ । ମା' ଦ୍ୱିଚାରିଣୀ ହେଲେ ମଧ୍ୟ ତ୍ୟାଗ କରିବ ନାହିଁ । ଅମୁକ ବାବୁଙ୍କ ଗୁରୁପତ୍ନୀଙ୍କ ଚରିତ୍ର ନଷ୍ଟ ହେବାରୁ ସେମାନେ କହିଲେ ଯେ, ତାଙ୍କ ପୁଅଙ୍କୁ ଗୁରୁ କରାଯାଉ । ମୁଁ କହିଲି,ସେ କଅଣ ହେ ! ଓଲୁଅକୁ ଛାଡ଼ି ଓଲୁଅର ପୁଆକୁ ନେବ ? ନଷ୍ଟ ହେଲେ ବା କଅଣ ଅଛି ? ତୁମେ ତାଙ୍କୁ ଇଷ୍ଟ ବୋଲି ଜାଣିବ ।

''ଯଦ୍ୟପି ମୋ ଗୁରୁ ଶୁଣ୍ଡିଘର ଯାଏ, ତଥାପି ମୋ ଗୁରୁ ନିତ୍ୟାନନ୍ଦ ରାୟ ।

**ଚୈତନ୍ୟଦେବ ଓ ମା'—ମନୁଷ୍ୟର ଋଣ**

''ମା-ବାପା କଣ କମ୍ ଜିନିଷ ହେ ? ସେମାନେ ପ୍ରସନ୍ନ ନ ହେଲେ ଧର୍ମ-କର୍ମ କିଛି ହୁଏ ନାହିଁ । ଚୈତନ୍ୟଦେବ ତ ପ୍ରେମରେ ଉନ୍ମତ୍ତ, ତଥାପି ସନ୍ନ୍ୟାସ ପୂର୍ବରୁ କେତେଦିନ ଧରି ମାଆଙ୍କୁ ବୁଝାଇଲେ । କହିଲେ ମୁଁ ମଝିରେ ମଝିରେ ଆସି ତୁମକୁ ଦେଖାକରିବି । (ମାଷ୍ଟରଙ୍କ ପ୍ରତି ତିରସ୍କାର କରୁ କରୁ) ଆଉ ତୁମକୁ କହେ, ବାପା, ମା', ମନୁଷ୍ୟ କଲେ, ବର୍ତ୍ତମାନ ଅନେକ ପିଲାପିଲି ମଧ୍ୟ ହେଲେ, ସ୍ତ୍ରୀ ନେଇ ବାହାରି ଆସିବା ! ବାପା ମାଆଙ୍କୁ ଫାଙ୍କି ଦେଇ, ସ୍ତ୍ରୀ ପିଲାଙ୍କୁ ନେଇ ବାଉଲ ବୈଷ୍ଣବୀ ସାଜି ବାହାରନ୍ତି । ତୁମର ବାପାଙ୍କର ଅଭାବ ନାହିଁ ବୋଲି; ତାହା ନ ହେଲେ ମୁଁ କହନ୍ତି, ଧିକ୍ ! (ସଭାରେ ସମସ୍ତେ ସ୍ତବ୍ଧ) ।

''କେତେଗୁଡ଼ିଏ ଋଣ ଅଛି । ଦେବଋଣ, ଋଷିଋଣ, ପୁଣି ପିତୃଋଣ, ସ୍ତ୍ରୀଋଣ । ମା', ବାପାଙ୍କର ଋଣ ପରିଶୋଧ ନ କଲେ କୌଣସି କାର୍ଯ୍ୟ ହୁଏ ନାହିଁ । ସ୍ତ୍ରୀ ନିକଟରେ ମଧ୍ୟ ଋଣ ଅଛି । ହରୀଶ ସ୍ତ୍ରୀକୁ ତ୍ୟାଗ କରି ଏଠାରେ ଆସି ରହିଛି । ଯଦି ତାର ସ୍ତ୍ରୀର ଖାଇବା ଯୋଗାଡ଼ ନ ଥାଆନ୍ତା, ତାହାହେଲେ କହନ୍ତି ଶଳା ଢେମଣା !

''ଜ୍ଞାନ ପରେ ଏହି ସ୍ତ୍ରୀକୁ ଦେଖିବ ସାକ୍ଷାତ୍ ଭଗବତୀ । ଚଣ୍ଡୀରେ ଅଛି, ଯା ଦେବୀ ସର୍ବଭୁତେଷୁ ମାତୃରୂପେଣ ସଂସ୍ଥିତା ।' ସେ ହିଁ କେବଳ ମା' ହୋଇଛନ୍ତି ।

''ଯେତେ ସ୍ତ୍ରୀ ଦେଖ, ସବୁ ସେ ହିଁ । ମୁଁ ତେଣୁ ବୃନ୍ଦାଙ୍କୁ[୧] କିଛି କହିପାରେ ନାହିଁ ।' କେହି କେହି ଶ୍ଳୋକ ଝାଡ଼େ, ଲମ୍ବା ଲମ୍ବା କଥା କହେ, କିନ୍ତୁ ବ୍ୟବହାର ଆଉ ଏକପ୍ରକାର । ରାମପ୍ରସନ୍ନ[୨] ଏହି ହଠଯୋଗୀର କିପରି ଅଫିମ ଆଉ ଦୁଧର ଯୋଗାଡ଼ ହୁଏ, ଏହି କାମକରି ବୁଲୁଛି । ପୁଣି କହେ, 'ମନୁରେ ସାଧୁ ସେବାର କଥା ଅଛି !' ଏଣେ ମା'ବୁଢ଼ି ଖାଇବାକୁ ପାଏ ନାହିଁ, ନିଜେ ହାଟ ବଜାର କରିବାକୁ ଯାଏ ! ଏମିତି ରାଗ ହୁଏ ।

## ସମସ୍ତ ଋଣରୁ କିଏ ମୁକ୍ତ ? ସନ୍ୟାସୀ ଓ କର୍ତ୍ତବ୍ୟ

''ତେବେ ଗୋଟିଏ କଥା ଅଛି । ଯଦି ପ୍ରେମୋନ୍ମାଦ ହୁଏ, ତାହାହେଲେ କିଏବା ବାପ, କିଏବା ମା', କିଏବା ସ୍ତ୍ରୀ । ଈଶ୍ୱରଙ୍କ ପ୍ରତି ଏତେ ପ୍ରୀତି ଯେ, ପାଗଳ ପରି ହୋଇଯାଇଛି । ତାହାର କିଛି ହିଁ କର୍ତ୍ତବ୍ୟ ନାହିଁ । ସବୁ ଋଣରୁ ମୁକ୍ତ । ପ୍ରେମୋନ୍ମାଦ କିପରି ? ସେ ଅବସ୍ଥା ହେଲେ ଜଗତ୍ ଭୁଲ ହୋଇଯାଏ, ନିଜର ଦେହ ଯେ ଏତେ ପ୍ରିୟ ଜିନିଷ ତାହା ମଧ୍ୟ ଭୁଲ ହୋଇଯାଏ ! ଚୈତନ୍ୟଦେବଙ୍କର ହୋଇଥିଲା । ସାଗରରେ ଝାମ୍ପ ଦେଇ ପଡ଼ିଲେ, ସାଗର ବୋଲି ବୋଧ ନାହିଁ । ମାଟିରେ ବାରମ୍ବାର କଚାଡ଼ି ହୋଇପଡୁଛନ୍ତି—କ୍ଷୁଧା ନାହିଁ, ତୃଷା ନାହିଁ, ଶରୀର ବୋଲି ବୋଧ ମଧ୍ୟ ନାହିଁ !''

## ଶ୍ରୀଯୁକ୍ତ ବୃଦ୍ଧ ଗୋପାଳଙ୍କର[୩] ତୀର୍ଥଯାତ୍ରା–ଠାକୁର ବିଦ୍ୟମାନ, ତୀର୍ଥ କାହିଁକି ? ଅଧରଙ୍କର ନିମନ୍ତ୍ରଣ–ରାମଙ୍କର ଅଭିମାନ । ଠାକୁର ମଧ୍ୟସ୍ଥ

ଠାକୁର **''ହା ଚୈତନ୍ୟ !''** କହି ଉଠିଲେ (ଭକ୍ତମାନଙ୍କ ପ୍ରତି) 'ଚୈତନ୍ୟ ନା **ଅଖଣ୍ଡ ଚୈତନ୍ୟ** । ବୈଷ୍ଣବ ଚରଣ କହନ୍ତି, ଗୌରାଙ୍ଗ ଏହି ଅଖଣ୍ଡ ଚୈତନ୍ୟଙ୍କର ଗୋଟିଏ ବୁଦ୍‌ବୁଦ୍ ।'

ଶ୍ରୀରାମକୃଷ୍ଣ—ତୁମର କ'ଣ ଇଚ୍ଛା ବର୍ତ୍ତମାନ ତୀର୍ଥ ଯିବାକୁ ?

ବୃଦ୍ଧ ଗୋପାଳ—ଆଜ୍ଞା ହଁ । ଟିକିଏ ବୁଲାବୁଲି କରି ଆସେ ।

ରାମ(ବୃଦ୍ଧ ଗୋପାଳଙ୍କ ପ୍ରତି)—ଏ କହନ୍ତି, ବହୁଦିନପରେ କୁଟୀଚକ । ଯେ ସାଧୁ ଅନେକ ତୀର୍ଥ ଭ୍ରମଣ କରନ୍ତି, ତାଙ୍କ ନାମ ବହୁଦକ । ଯାହାଙ୍କର ଭ୍ରମଣ କରିବାର ଇଚ୍ଛା ମେଣ୍ଟିଯାଇଛି, ଆଉ ଗୋଟିଏ ସ୍ଥାନରେ ସ୍ଥିର ହୋଇ ଆସନ କରି ଯେ ବସନ୍ତି ତାଙ୍କୁ କହନ୍ତି କୁଟୀଚକ ।

---

୧. ବୃନ୍ଦା ଦାସୀ, ଠାକୁରଙ୍କ ପରିଚାରିକା । ୨୫ ଜୁନ ୧୮୭୭ ଖ୍ରୀଷ୍ଟାବ୍ଦରେ କର୍ମରେ ନିଯୁକ୍ତ ହୋଇଥିଲେ ।

୨. ଏଁଡ଼େଦାର ଭକ୍ତ କୃଷ୍ଣକିଶୋରଙ୍କ ପୁତ୍ର ।

୩. ବୃଦ୍ଧ ଗୋପାଳ—ଏହାଙ୍କର ଘର ସିଁଥି । ଠାକୁରଙ୍କର ଜଣେ ସନ୍ୟାସୀ ଭକ୍ତ । ଠାକୁର ବୃଦ୍ଧ ଗୋପାଳ ବୋଲି ଡାକୁଥିଲେ ।

''ଆଉ ଗୋଟିଏ କଥା ଏ କହନ୍ତି । ଗୋଟିଏ ପକ୍ଷୀ ଜାହାଜର ମାସ୍ତୁଲ ଉପରେ ବସିଥିଲା । ଜାହାଜ ଗଙ୍ଗାରୁ କେତେବେଳେ କଳାପାଣିରେ ଯାଇ ପହଞ୍ଚିଲା, ତା'ର ହୋସ୍ ନାହିଁ । ଯେତେବେଳେ ହୋସ୍ ହେଲା, ସେତେବେଳେ କେଉଁ ଦିଗରେ କୂଳ ଜାଣିବା ପାଇଁ ଉତ୍ତର ଦିଗକୁ ଉଡ଼ିଗଲା । କେଉଁଠାରେ ଥଳକୂଳ ନାହିଁ, ସେତେବେଳେ ପୁଣି ଟିକିଏ ବିଶ୍ରାମ କରି ଦକ୍ଷିଣ ଦିଗକୁ ଗଲା । ସେ ଦିଗରେ ମଧ୍ୟ ଥଳକୂଳ ନାହିଁ । ସେତେବେଳେ ଧକେଇ ଧକେଇ ଫେରି ଆସିଲା । ଟିକିଏ ବିଶ୍ରାମ କରି ଏହିପରି ପୂର୍ବ ଦିଗକୁ ଓ ପଶ୍ଚିମ ଦିଗକୁ ଗଲା । ଯେତେବେଳେ ଦେଖିଲା, କୌଣସି ଦିଗରେ ଥଳକୂଳ ନାହିଁ, ସେତେବେଳେ ମାସ୍ତୁଲ ଉପରେ ଚୁପ୍ ହୋଇ ବସି ରହିଲା ।''

ଶ୍ରୀରାମକୃଷ୍ଣ(ବୃଦ୍ଧ ଗୋପାଳ ଓ ଭକ୍ତମାନଙ୍କ ପ୍ରତି)—ଯେତେକ୍ଷଣ ବୋଧ ଯେ, ଈଶ୍ୱର ସେଠାରେ, ସେତେକ୍ଷଣ ଅଜ୍ଞାନ । ଯେତେବେଳେ ଏଠାରେ ଏଠାରେ, ସେତେବେଳେ ଜ୍ଞାନ ।

''ଜଣେ ତମାଖୁ ଖାଇବ ବୋଲି ପ୍ରତିବେଶୀର ଘରକୁ ନିଆଁ ଆଣିବାକୁ ଯାଇଥିଲା । ରାତି ଅନେକ ହୋଇଥିବାରୁ ସେମାନେ ଶୋଇପଡ଼ିଥିଲେ । ଅନେକକ୍ଷଣ ଠେଲାଠେଲି କରିବା ପରେ, ଜଣେ ଦୁଆର ଖୋଲି ବାହାରି ଆସିଲା । ଲୋକଟିକୁ ଦେଖି ସେ ପଚାରିଲା କିହେ, କାହିଁକି ଡାକୁଛ ? ସେ କହିଲା ଆଉ କାହିଁକି ତମାଖୁ ନିଶା ଅଛି ଜାଣ ତ ଟିକିଏ ନିଆଁ ଦରକାର ! ସେତେବେଳେ ଲୋକଟି କହିଲା, ବାଃ, ତୁମେ ତ ବେଶ୍ ଲୋକ । ଏତେ କଷ୍ଟ କରି ଆସିଲ, ପୁଣି ଦୁଆର ଠେଲାଠେଲି ! ତୁମ ହାତରେ ଯେ ଲଣ୍ଠନ ରହିଛି ! (ସମସ୍ତଙ୍କର ହାସ୍ୟ)

''ଯାହା ଚାହେଁ ତାହା ପାଖରେ ଅଛି । ଅଥଚ ଲୋକମାନେ ନାନା ସ୍ଥାନରେ ଘୂରନ୍ତି ।''

ଠାକୁର କଅଣ ଇଙ୍ଗିତ କରୁଛନ୍ତି, ସେ ବିଦ୍ୟମାନ, ତୀର୍ଥ କାହିଁକି ?

ରାମ—ମହାଶୟ ! ଏହାର ମାନେ ବୁଝିଛି, ଗୁରୁ କାହିଁକି କୌଣସି କୌଣସି ଶିଷ୍ୟଙ୍କୁ କହନ୍ତି, ଚାରିଧାମ ବୁଲିଆସ । ଯେତେବେଳେ ଥରେ ଘୂରି ଦେଖେ ଯେ, ଏଠାରେ ଯାହା, ସେଠାରେ ମଧ୍ୟ ତାହା, ସେତେବେଳେ ପୁଣି ଗୁରୁଙ୍କ ପାଖକୁ ଫେରିଆସେ । ଏହା ସବୁ କେବଳ ଗୁରୁବାକ୍ୟରେ ବିଶ୍ୱାସ ଆଣିବା ପାଇଁ ।

କଥା ଟିକିଏ ବନ୍ଦ ହେବା ପରେ ଠାକୁର ରାମଙ୍କର ଗୁଣ ଗାଉଛନ୍ତି ।

ଶ୍ରୀରାମକୃଷ୍ଣ(ଭକ୍ତମାନଙ୍କ ପ୍ରତି)—ରାମଙ୍କର କେତେ ଗୁଣ ! କେତେ ଭକ୍ତମାନଙ୍କର ସେବା, ଆଉ ପ୍ରତିପାଳନ ! (ରାମଙ୍କ ପ୍ରତି) ଅଧର କହୁଥିଲା, ତୁମେ ତାକୁ ଖୁବ୍ ଖାତିର କରିଛ !

ଅଧରଙ୍କର ଶୋଭାବଜାରରେ ଘର । ଠାକୁରଙ୍କର ପରମ ଭକ୍ତ । ତାଙ୍କ ଘରେ ଚଣ୍ଡୀ-ଗୀତ ହୋଇଥିଲା । ଠାକୁର ଓ ଭକ୍ତମାନେ ଅନେକେ ଉପସ୍ଥିତ ଥିଲେ । ଅଧରଙ୍କର କିନ୍ତୁ ରାମଙ୍କୁ ନିମନ୍ତ୍ରଣ କରିବାକୁ ଭୁଲ ହୋଇଯାଇଥିଲା । ରାମ ବଡ଼ ଅଭିମାନୀ — ସେ ଲୋକମାନଙ୍କ ପାଖରେ ଦୁଃଖ ପ୍ରକାଶ କରିଥିଲେ । ତେଣୁ ଅଧର ରାମଙ୍କ ଘରଠାକୁ ଯାଇଥିଲେ । ତାଙ୍କର ଭୁଲ୍ ହୋଇ ଯାଇଥିଲା, ଏଥିପାଇଁ ଦୁଃଖ ପ୍ରକାଶ କରିବାକୁ ଯାଇଥିଲେ ।

ରାମ — ସେଇଟା ଅଧରଙ୍କର ଦୋଷ ନୁହେଁ, ମୁଁ ଜାଣିପାରିଛି, ତାହା ରାଖାଲଙ୍କର ଦୋଷ । ରାଖାଲଙ୍କ ଉପରେ ଭାର ଥିଲା ।

ଶ୍ରୀରାମକୃଷ୍ଣ — ରାଖାଲର ଦୋଷ ଧରିବାର ନୁହେଁ, ଗାଲ ଚିପିଲେ ଦୁଧ ବାହାରେ !

ରାମ — ମହାଶୟ ! କଅଣ କହୁଛନ୍ତି, ଚଣ୍ଡୀ-ଗୀତ ହେଲା, —

ଶ୍ରୀରାମକୃଷ୍ଣ — ଅଧର ଜାଣି ନ ଥିଲେ । ଏହି ଦେଖୁନା, ସେଦିନ ଯଦୁ ମଲ୍ଲିକଙ୍କ ଘରକୁ ମୋ ସଙ୍ଗରେ ଯାଇଥିଲେ । ମୁଁ ଚାଲିଆସିବା ସମୟରେ ପଚାରିଲି, ତୁମେ ସିଂହବାହିନୀଙ୍କ ପାଖରେ ପ୍ରଣାମୀ ଦେଲ ନାହିଁ । ସେ କହିଲେ, ମହାଶୟ ! ମୁଁ ଜାଣିନଥିଲି ଯେ, ପ୍ରଣାମୀ ଦେବାକୁ ହୁଏ ।

''ସେ ଯଦି ନ କହିଥା'ନ୍ତି, ହରିନାମରେ ଦୋଷ କଅଣ ? **ଯେଉଁଠାରେ ହରିନାମ ସେଠାକୁ ନ କହିଲେ ମଧ୍ୟ ଯିବାକୁ ହୁଏ । ନିମନ୍ତ୍ରଣ ଦରକାର ନାହିଁ ।''**

# ତ୍ରୟୋବିଂଶ ପରିଚ୍ଛେଦ

## (୧)

## ଦକ୍ଷିଣେଶ୍ୱରରେ ଶ୍ରୀରାମକୃଷ୍ଣ — ଫଳହାରିଣୀ ପୂଜା ଓ ବିଦ୍ୟାସୁନ୍ଦର ଯାତ୍ରା

### (ଦକ୍ଷିଣେଶ୍ୱରରେ ଶ୍ରୀରାମକୃଷ୍ଣ, ରାଖାଲ (ସ୍ୱାମୀ ବ୍ରହ୍ମାନନ୍ଦ), ଅଧର, ହରି (ସ୍ୱାମୀ ତୁରୀୟାନନ୍ଦ) ପ୍ରଭୃତି ଭକ୍ତମାନଙ୍କ ସଙ୍ଗରେ)

ଠାକୁର ଶ୍ରୀରାମକୃଷ୍ଣ ସେହି ପୂର୍ବ ପରିଚିତ ଘରେ ବସିଛନ୍ତି, ସମୟ ୧୧ଟା ହୋଇଛି । ରାଖାଲ, ମାଷ୍ଟର ପ୍ରଭୃତି ଭକ୍ତମାନେ ସେହି ଘରେ ଉପସ୍ଥିତ ଅଛନ୍ତି । ଗତ ରାତିରେ ଫଳହାରିଣୀ କାଳୀପୂଜା ହୋଇଯାଇଛି, ସେହି ଉତ୍ସବ ଉପଲକ୍ଷେ ନାଟମନ୍ଦିରରେ ରାତିରେ ଯାତ୍ରା ହୋଇଛି — ବିଦ୍ୟାସୁନ୍ଦର ଯାତ୍ରା । ଶ୍ରୀରାମକୃଷ୍ଣ ସକାଳେ ମନ୍ଦିରରେ ମା'ଙ୍କୁ ଦର୍ଶନ କରିବାକୁ ଯାଇ ଟିକିଏ ଯାତ୍ରା ମଧ୍ୟ ଶୁଣିଛନ୍ତି । ଯାତ୍ରାବାଲାମାନେ ସ୍ନାନାନ୍ତେ ଠାକୁର ଶ୍ରୀରାମକୃଷ୍ଣଙ୍କୁ ଦର୍ଶନ କରିବାକୁ ଆସିଛନ୍ତି ।

ଆଜି ଶନିବାର ୧୨ଦିନ ଜ୍ୟେଷ୍ଠ, ୨୪ ମଇ ୧୮୮୪ ଖ୍ରୀଷ୍ଟାବ୍ଦ, ଅମାବାସ୍ୟା । ଯେଉଁ ଗୌରବର୍ଣ୍ଣ ଯୁବକଟି ବିଦ୍ୟା ସାଜି ଥିଲେ ସେ ସୁନ୍ଦର ଅଭିନୟ କରିଥିଲେ । ଶ୍ରୀରାମକୃଷ୍ଣ ତାଙ୍କ ସହିତ ଆନନ୍ଦରେ ଅନେକ ଈଶ୍ୱରୀୟ କଥା କହୁଛନ୍ତି । ଭକ୍ତମାନେ ଆଗ୍ରହ ସହିତ ସମସ୍ତ ଶୁଣୁଛନ୍ତି ।

ଶ୍ରୀରାମକୃଷ୍ଣ (ବିଦ୍ୟା ଅଭିନେତାଙ୍କ ପ୍ରତି) — ତୁମ ଅଭିନୟ ଭାରୀ ଭଲ ହୋଇଛି । ଯଦି କେହି ଗାଇବାରେ, ବଜାଇବାରେ, ନାଚିବାରେ କି ଗୋଟିଏ କୌଣସି ବିଦ୍ୟାରେ ଭଲ କରେ, ସେ ଯଦି ଚେଷ୍ଟା କରେ ଶୀଘ୍ର ଈଶ୍ୱରଲାଭ କରିପାରେ ।

### ଯାତ୍ରାବାଲାଙ୍କୁ ଓ ଚାନକର ସିପାହିମାନଙ୍କୁ ଶିକ୍ଷା — ଅଭ୍ୟାସ ଯୋଗ, "ମୃତ୍ୟୁ ସ୍ମରଣ କର"

"ଆଉ ତୁମ୍ଭେମାନେ ଯେପରି ଅନେକ ଅଭ୍ୟାସ କରି ଗାଇବାକୁ ବଜାଇବାକୁ ବା ନାଚିବାକୁ ଶିଖ, ସେହିପରି ଈଶ୍ୱରଙ୍କ ଠାରେ ମନର ଯୋଗ ଅଭ୍ୟାସ କରିବାକୁ ହୁଏ; ପୂଜା, ଜପ, ଧ୍ୟାନ ଏ ସବୁ ନିୟମିତ ଅଭ୍ୟାସ କରିବାକୁ ହୁଏ ।[୧]

"ତୁମର କ'ଣ ବିବାହ ହୋଇଛି ? ପିଲା — ପିଲି ?"

ବିଦ୍ୟା — ଆଜ୍ଞା ଗୋଟିଏ କନ୍ୟା ଗତ; ଆଉ ଗୋଟିଏ ସନ୍ତାନ ହୋଇଛି ।

---

୧. ଅଭ୍ୟାସଯୋଗେନ ତତୋ ମାମିଚ୍ଛାପ୍ତୁଂ ଧନଞ୍ଜୟ । (ଗୀତା , ୧୨/୯)

ଶ୍ରୀରାମକୃଷ୍ଣ—ଏହା ମଧ୍ୟରେ ଆସିଲା ପୁଣି ଗଲା । ତୁମର ଏତେ କମ୍ ବୟସ । କଥାରେ କହନ୍ତି, ଠିକ୍ ବିବାହ ପରେ ସ୍ୱାମୀ ମଲେ, ମୋତେ ଅନେକ ରାତି କାନ୍ଦିବାକୁ ହେବ । (ସମସ୍ତଙ୍କର ହାସ୍ୟ)

''ସଂସାରରେ ସୁଖ ତ ଦେଖୁଛ ! ଯେପରି ଆମ୍ବଡ଼ା, କେବଳ ଟାକୁଆ ଆଉ ଚୋପା । ଖାଇଲେ ଅମ୍ଳଶୂଳ ହୁଏ ।

''ଯାତ୍ରାରେ ଅଭିନୟ କରୁଛ ତାହା ବେଶ୍ । କିନ୍ତୁ ବଡ଼ କଷ୍ଟ । ବର୍ତ୍ତମାନ କମ୍ ବୟସ, ସେଥିପାଇଁ ଗୋଲଗାଲ ଚେହେରା । ତାହାପରେ ସବୁ ମଉଳି ଯିବ । ଯାତ୍ରାବାଲାମାନେ ପ୍ରାୟ ସେହିପରି ହୁଅନ୍ତି । ଠାକରା ଗାଲ, ପେଟ ବଡ଼, ହାତରେ ତାଗା (ସମସ୍ତଙ୍କର ହାସ୍ୟ)

''ମୁଁ କାହିଁକି ବିଦ୍ୟାସୁନ୍ଦର ଶୁଣିଲି ? ଦେଖିଲି — ତାଳ, ମାନ, ଗାନ ବେଶ୍ । ତାହାପରେ ମା' ଦେଖାଇଦେଲେ ଯେ **ନାରାୟଣ** ହିଁ ଏହି ଯାତ୍ରାବାଲାମାନଙ୍କର ରୂପ ଧାରଣା କରି ଯାତ୍ରା କରୁଛନ୍ତି ।''

ବିଦ୍ୟା — ଆଜ୍ଞା, କାମ ଆଉ କାମନାରେ ପାର୍ଥକ୍ୟ କଅଣ ?

ଶ୍ରୀରାମକୃଷ୍ଣ — କାମ ଯେପରି ଗଛର ମୂଳ, କାମନା ଯେପରି ଡାଳପତ୍ର ।

''ଏହି କାମ, କ୍ରୋଧ, ଲୋଭ ଇତ୍ୟାଦି ଛଅ ରିପୁ ଏକାବେଳକେ ତ ଯିବେ ନାହିଁ, ସେଥିପାଇଁ ଈଶ୍ୱରଙ୍କ ଆଡ଼କୁ ମୁଖ ଫେରାଇ ଦେବାକୁ ହେବ । ଯଦି କାମନା କରିବାକୁ ହୁଏ, ଲୋଭ କରିବାକୁ ହୁଏ ତେବେ ଈଶ୍ୱରଙ୍କଠାରେ ଭକ୍ତି-କାମନା କରିବାକୁ ହୁଏ, ଆଉ ତାଙ୍କୁ ପାଇବାର ଲୋଭ କରିବାକୁ ହୁଏ ! ଯଦି ମଦ ଅର୍ଥାତ୍ ମତ୍ତତା କରିବାକୁ ହୁଏ, ଅହଂକାର କରିବାକୁ ହୁଏ ତାହାହେଲେ ମୁଁ ଈଶ୍ୱରଙ୍କର ଦାସ, ଈଶ୍ୱରଙ୍କର ସନ୍ତାନ, ଏହା କହି ମତ୍ତତା, ଅହଂକାର କରିବାକୁ ହୁଏ ।

**''ସବୁ ମନ ତାଙ୍କୁ ନ ଦେଲେ ତାଙ୍କ ଦର୍ଶନ ହୁଏ ନାହିଁ ।**

## (ଭୋଗାନ୍ତେ ଯୋଗ — ଭ୍ରାତୃସ୍ନେହ ଓ ସଂସାର ।)

''କାମିନୀ-କାଞ୍ଚନରେ ମନର ବାଜେ ଖରଚ ହୁଏ । ଏହି ଦେଖୁନା, ପୁଅ ଝିଅ ହୋଇଛନ୍ତି, ଯାତ୍ରା କରାହେଉଛି — ଏହିସବୁ ନାନା କାର୍ଯ୍ୟରେ ଈଶ୍ୱରଙ୍କଠାରେ ମନର ଯୋଗ ହୁଏ ନାହିଁ ।

''**ଭୋଗ ରହିଲେ ହିଁ ଯୋଗ କମିଯାଏ** । ଭୋଗ ରହିଲେ ହିଁ ପୁଣି ଜ୍ୱାଳା । ଶ୍ରୀମଦ୍ଭାଗବତରେ ଅଛି — ଅବଧୂତ ଚିଲକୁ ଚବିଶ ଗୁରୁ ମଧ୍ୟରେ ଗୋଟିଏ ଗୁରୁ କରିଥିଲେ । ଚିଲ ମୁହଁରେ ମାଛ ଥିଲା, ସେଥିପାଇଁ ହଜାରେ କୁଆ ତାକୁ ଘେରି ଗଲେ, ଯେଉଁ ଦିଗକୁ ଚିଲ ମୁହଁରେ ମାଛ ନେଇଯାଏ ସେହି ଦିଗରେ କୁଆଗୁଡ଼ାକ ପଛେ ପଛେ କା କା କରି ଯାଆନ୍ତି । ଯେତବେଳେ ଚିଲ ମୁହଁରୁ

ମାଛଟା ଆପେ ପଡ଼ିଗଲା ସେତେବଳେ କୁଆଗୁଡ଼ାକ ମାଛ ଆଡ଼କୁ ଗଲେ, ଚିଲ ଆଡ଼କୁ ଗଲେ ନାହିଁ ।[୧]

"ମାଛ ଅର୍ଥାତ୍ ଭୋଗର ବସ୍ତୁ । କୁଆ ଗୁଡ଼ାକ ଭାବନା ଚିନ୍ତା । ଯେଉଁଠାରେ ଭୋଗ ସେହିଠାରେ ଭାବନା ଚିନ୍ତା; **ଭୋଗ ତ୍ୟାଗ ହୋଇଗଲେ ଶାନ୍ତି** ।

"ଆଉ ଦେଖ, ଅର୍ଥ ପୁଣି ଅନର୍ଥ ହୁଏ । ତୁମେମାନେ ଭାଇ ଭାଇ ଭଲ ଅଛ, କିନ୍ତୁ ଭାଇ ଭାଗ ନେଇ ଗୋଳ ହୁଏ । କୁକୁରଗୁଡ଼ାକ ଦେହ ଚଟାଚଟି କରୁଛନ୍ତି, ପରସ୍ପର ବେଶ୍ ଭାବ । କିନ୍ତୁ ଗୃହସ୍ଥ ଯଦି ଗଣ୍ଡାଏ ଭାତ ପକାଇ ଦିଏ ତାହାହେଲେ ପରସ୍ପର କାମୁଡ଼ା କାମୁଡ଼ି କରିବେ ।

"ମଝିରେ ମଝିରେ ଏଠାକୁ ଆସିବ । (ମାଷ୍ଟର ପ୍ରଭୃତିଙ୍କୁ ଦେଖାଇ) ଏମାନେ ଆସନ୍ତି । ରବିବାର କିମ୍ବା ଅନ୍ୟ ଛୁଟି ଦିନରେ ଆସନ୍ତି ।"

ବିଦ୍ୟା—ଆମମାନଙ୍କର ରବିବାର ତିନିମାସ । ଶ୍ରାବଣ, ଭାଦ୍ରବ, ଆଉ ପୌଷ—ବର୍ଷା ଆଉ ଧାନ କାଟିବା ସମୟ । ଆଜ୍ଞା, ଆପଣଙ୍କ ନିକଟକୁ ଆସିବୁ ସେ ତ ଆମମାନଙ୍କର ଭାଗ୍ୟ ।

"ଦକ୍ଷିଣେଶ୍ୱରକୁ ଆସିବା ସମୟରେ ଦୁଇ ଜଣଙ୍କର କଥା ଶୁଣିଥିଲି— ଆପଣଙ୍କର ଆଉ ଜ୍ଞାନାର୍ଣ୍ଣବଙ୍କର ।"

ଶ୍ରୀରାମକୃଷ୍ଣ—ଭାଇମାନଙ୍କ ସଙ୍ଗରେ ଏକ ମେଳରେ ରହିବ । ମେଳ ରହିଲେ ହିଁ ଦେଖାଶୁଣା କରିବାକୁ ଭଲ । ଯାତ୍ରାରେ ଦେଖି ନାହଁ ? ଚାରିଜଣ ଗୀତ ଗାଉଛନ୍ତି କିନ୍ତୁ ପ୍ରତ୍ୟେକେ ଯଦି ଭିନ୍ନ ଭିନ୍ନ ସୁର ଧରନ୍ତି, ତାହାହେଲେ ଯାତ୍ରା ଭାଙ୍ଗିଯାଏ ।

ବିଦ୍ୟା—ଜାଲରେ ଅନେକ ପକ୍ଷୀ ପଡ଼ିଛନ୍ତି, ଯଦି ଏକ ସଙ୍ଗରେ ଚେଷ୍ଟା କରି ଏକ ଦିଗକୁ ଜାଲଟା ନେଇଯାଆନ୍ତି ତାହାହେଲେ କିଛିଟା ରକ୍ଷା ହୁଏ । କିନ୍ତୁ ନାନା ଦିଗରେ ଯଦି ନାନା ପକ୍ଷୀ ଉଡ଼ିବାର ଚେଷ୍ଟା କରନ୍ତି ତାହାହେଲେ ହୁଏ ନାହିଁ ।

"ଯାତ୍ରାରେ ମଧ୍ୟ ଦେଖାଯାଏ ମୁଣ୍ଡରେ କଳସି ରଖିଛି ପୁଣି ନାଚୁଛି ।"

ଶ୍ରୀରାମକୃଷ୍ଣ—ସଂସାର କରିବ ପୁଣି ମୁଣ୍ଡରେ କଳସି ଠିକ୍ ରଖିବ, ଅର୍ଥାତ୍ ଈଶ୍ୱରଙ୍କ ଆଡ଼କୁ ମନ ଠିକ୍ ରଖିବ ।

"ମୁଁ ଚାନକଠାରେ ପଲ୍‌ଟନର ସିପାହିମାନଙ୍କୁ କହିଥିଲି, ତୁମେମାନେ ସଂସାରର କାର୍ଯ୍ୟ କରିବ, କିନ୍ତୁ **କାଳରୂପ** (ମୃତ୍ୟୁରୂପ) ତିଙ୍କ ହାତରେ ପଡ଼ିବ, ଏହିଟି ମନେରଖ ।

---

୧. ସାମିଷଂ କୁରରଂ ଜଘ୍ନୁର୍ବଲିନୋଽନ୍ୟେ ନିରାମିଷାଃ
ତଦାମିଷଂ ପରିତ୍ୟଜ୍ୟ ସ ସୁଖଂ ସମବିନ୍ଦତ ॥ —ଶ୍ରୀମଦ୍‌ଭାଗବତ ୧୧/୯/୨

''ସେ ଦେଶରେ (କାମାରପୁକୁରରେ) କେଉଟ ଘର ସ୍ତ୍ରୀ ଲୋକମାନେ ଢିଙ୍କିରେ ଚୁଡ଼ା କୁଟନ୍ତି । ଜଣେ ଗୋଡ଼ ଦେଇ ଢିଙ୍କି କୁଟେ, ଆଉ ଜଣେ ଶୁଖାଇ ଦିଏ । ସେ ହୋସ୍ ରଖେ ଯେମିତି ଢିଙ୍କିର ମୁଷଳଟା ହାତ ଉପରେ ନ ପଡ଼େ । ଏଣେ ପିଲାକୁ ଦୁଧ ପିଆଏ, ଆଉ ଏକ ହାତରେ ଓଦା ଧାନ ହାଣ୍ଡିରେ ଭାଜିନିଏ । ପୁଣି ଖରିଦ୍‌ଦାରଙ୍କ ସଙ୍ଗରେ କଥା କହୁଛି, 'ତୁମ ପାଖରେ ଏତେ ବାକି ପାଉଣା ଅଛି ଦେଇଯାଅ ।'

''ଈଶ୍ୱରଙ୍କଠାରେ ମନ ରଖି ସେହିପରି ସଂସାରରେ ନାନା କାର୍ଯ୍ୟ କରିପାର । କିନ୍ତୁ ଅଭ୍ୟାସ ପ୍ରୟୋଜନ, ଆଉ ହୁସିଆର ହେବା ପ୍ରୟୋଜନ; ତେବେ ଦୁଇଦିଗ ରଖାଯାଏ ।''

### ଆତ୍ମଦର୍ଶନ ବା ଈଶ୍ୱର ଦର୍ଶନର ଉପାୟ ସାଧୁସଙ୍ଗ — Not Science

ବିଦ୍ୟା — ଆଜ୍ଞା, ଆତ୍ମା ଯେ ଦେହଠାରୁ ପୃଥକ ତାହାର ପ୍ରମାଣ କଅଣ ?

ଶ୍ରୀରାମକୃଷ୍ଣ — ପ୍ରମାଣ ? ଈଶ୍ୱରଙ୍କୁ ଦେଖାଯାଏ; ତପସ୍ୟା କଲେ ତାଙ୍କର କୃପାରେ ଈଶ୍ୱର ଦର୍ଶନ ହୁଏ । ଋଷିମାନେ ଆତ୍ମାର ସାକ୍ଷାତ୍‌କାର କରିଥିଲେ । Scienceରେ ଈଶ୍ୱରତତ୍ତ୍ୱ ଜଣାଯାଏ ନାହିଁ, ସେଥିରେ କେବଳ ଏଇଟା ସଙ୍ଗରେ ସେଇଟା ମିଶାଇଲେ ଏହି ହୁଏ, ଆଉ ସେଇଟା ସଙ୍ଗରେ ଏଇଟା ମିଶାଇଲେ ଏହି ହୁଏ; ଏହି ସବୁ ଇନ୍ଦ୍ରିୟ ଗ୍ରାହ୍ୟ ଜିନିଷର ଖବର ଜଣାଯାଏ ।

''ସେଥିପାଇଁ ଏହି ବୁଦ୍ଧି ଦ୍ୱାରା ଏହା ସବୁ ବୁଝାଯାଏ ନାହିଁ । ସାଧୁସଙ୍ଗ କରିବାକୁ ହୁଏ । ବୈଦ୍ୟସଙ୍ଗରେ ବୁଲୁ ବୁଲୁ ନାଡ଼ିଚିପା ଶିଖାଯାଏ ।''

ବିଦ୍ୟା — ଆଜ୍ଞା, ଏଥର ବୁଝିଛି ।

ଶ୍ରୀରାମକୃଷ୍ଣ-**ତପସ୍ୟା** ପ୍ରୟୋଜନ, ତେବେ ବସ୍ତୁଲାଭ ହେବ । ଶାସ୍ତ୍ରର ଶ୍ଳୋକ ମୁଖସ୍ଥ କଲେ ମଧ୍ୟ କିଛି ହେବ ନାହିଁ । 'ସିଦ୍ଧି ସିଦ୍ଧି' ମୁଖରେ କହିଲେ ନିଶା ହୁଏ ନାହିଁ । ସିଦ୍ଧି ଖାଇବାକୁ ହୁଏ ।

''ଈଶ୍ୱର ଦର୍ଶନର କଥା ଲୋକଙ୍କୁ ବୁଝାଇ ଦିଆଯାଇପାରେ ନାହିଁ । ପାଞ୍ଚବର୍ଷର ବାଳକକୁ ସ୍ୱାମୀ ସ୍ତ୍ରୀର ମିଳନର ଆନନ୍ଦର କଥା ବୁଝାଇ ଦିଆଯାଇ ପାରେ ନାହିଁ ।''

ବିଦ୍ୟା(ଶ୍ରୀରାମକୃଷ୍ଣଙ୍କ ପ୍ରତି) — ଆଜ୍ଞା, **ଆତ୍ମଦର୍ଶନ** କେଉଁ ଉପାୟରେ ହୋଇପାରେ ?

### ରାଖାଲଙ୍କ ପ୍ରତି ଶ୍ରୀରାମକୃଷ୍ଣଙ୍କର ଗୋପାଳ ଭାବ

ଏହି ସମୟରେ ରାଖାଲ ଘର ମଧ୍ୟରେ ଆହାର କରିବାକୁ ବସୁଛନ୍ତି । ଠାକୁର ଆଜିକାଲି ରାଖାଲଙ୍କୁ ଗୋପାଳ ଭାବରେ ପାଳନ କରୁଛନ୍ତି, ଠିକ୍ ଯେପରି ମା' ଯଶୋଦାଙ୍କର ବାତ୍ସଲ୍ୟଭାବ !

ଶ୍ରୀରାମକୃଷ୍ଣ (ରାଖାଲଙ୍କ ପ୍ରତି)—ବସି ଖାଉନ୍ତୁ ! ଏମାନେ ନ ହେଲେ ଉଠି ଠିଆ ହୁଅନ୍ତୁ । (ଜଣେ ଭକ୍ତଙ୍କ ପ୍ରତି) ରାଖାଲ ପାଇଁ ବରଫ ରଖ । (ରାଖାଲ ପ୍ରତି) ତୁ ପୁଣି ବନହୁଗ୍‌ଲି ଯିବୁ ? ଖରାରେ ଯାଅନା ।

ରାଖାଲ ଆହାର କରିବାକୁ ବସିଲେ । ଠାକୁର ପୁଣି ବିଦ୍ୟା-ଅଭିନେତା ଯାତ୍ରାବାଲା ଯୁବକଟି ସଙ୍ଗରେ କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ(ବିଦ୍ୟାଙ୍କ ପ୍ରତି)—ତୁମେମାନେ ସମସ୍ତେ ଠାକୁର ମନ୍ଦିରରେ ପ୍ରସାଦ ପାଇଲ ନାହିଁ କାହିଁକି ? ଏଠାରେ ଖାଇଥିଲେ ହୋଇଥା'ନ୍ତା ।

ବିଦ୍ୟା—ଆଜ୍ଞା, ସମସ୍ତଙ୍କର ମତି ସମାନ ନୁହେଁ, ସେଥିପାଇଁ ଅଲଗା ରନ୍ଧାବଢ଼ା ହୋଇଛି । ସମସ୍ତେ ଅତିଥିଶାଳରେ ଖାଇବାକୁ ଚାହାଁନ୍ତି ନାହିଁ ।

ରାଖାଲ ଖାଇବାକୁ ବସିଛନ୍ତି । ଠାକୁର ଭକ୍ତସଙ୍ଗରେ ବାରଣ୍ଡାରେ ବସି ପୁଣି କଥା କହୁଛନ୍ତି ।

## (୨)

## ଯାତ୍ରାବାଲା ଓ ସଂସାରରେ ସାଧନା—
## ଈଶ୍ୱର ଦର୍ଶନର (ଆତ୍ମ ଦର୍ଶନର) ଉପାୟ

ଶ୍ରୀରାମକୃଷ୍ଣ(ବିଦ୍ୟାଅଭିନେତାଙ୍କ ପ୍ରତି)—ଆତ୍ମଦର୍ଶନର ଉପାୟ **ବ୍ୟାକୁଳତା ।** କାୟମନୋବାକ୍ୟରେ ତାହାଙ୍କୁ ପାଇବାର ଚେଷ୍ଟା । ଯେତେବେଳେ ଅନେକ ପିତ୍ତ ଜମେ ସେତେବେଳେ କାମଳ ରୋଗ ହୁଏ; ସବୁ ଜିନିଷ ହଳଦିଆ ଦେଖାଯାଏ । ହଳଦିଆ ରଙ୍ଗ ଛଡ଼ା ଆଉ କୌଣସି ରଙ୍ଗ ଦେଖାଯାଏ ନାହିଁ ।

''ତୁମର ଯାତ୍ରାବାଲାମାନଙ୍କ ଭିତରେ ଯେଉଁମାନେ କେବଳ ସ୍ତ୍ରୀ ବେଶ ହୁଅନ୍ତି ସେମାନଙ୍କର ପ୍ରକୃତି ଭାବ ହୋଇଯାଏ । ସ୍ତ୍ରୀ ଚିନ୍ତା କରି ସ୍ତ୍ରୀ ପରି ଢଙ୍ଗଢାଙ୍ଗ ସବୁ ହୁଏ । ସେହିପରି ଈଶ୍ୱରଙ୍କୁ ରାତି ଦିନ ଚିନ୍ତା କରି ତାଙ୍କରି ସତ୍ତା ପ୍ରାପ୍ତ ହୁଏ ।

''ମନକୁ ଯେଉଁ ରଙ୍ଗରେ ରଙ୍ଗାଇବ ସେହି ରଙ୍ଗ ହୋଇଯିବ । ମନ ଧୋବା ଘରର ଲୁଗା ।''

ବିଦ୍ୟା—ତାହାହେଲେ ଥରେ ଧୋବା ଘରକୁ ଦେବାକୁ ହେବ ।

ଶ୍ରୀରାମକୃଷ୍ଣ—ହଁ, ପ୍ରଥମେ **ଚିତ୍ତଶୁଦ୍ଧି;** ତାହାପରେ ମନକୁ ଯଦି ଈଶ୍ୱର ଚିନ୍ତାରେ ପକାଇ ରଖ ତେବେ ସେହି ରଙ୍ଗ ହିଁ ହେବ । ପୁଣି ଯଦି ସଂସାର କରିବାରେ, ଯାତ୍ରାବାଲାର କାର୍ଯ୍ୟ କରିବାରେ ପକାଇ ରଖ, ତାହାହେଲେ ସେହି ରକମ ହୋଇଯିବ ।

## (୩)

### ହରି (ତୁରୀୟାନନ୍ଦ), ନାରାୟଣ ପ୍ରଭୃତି ଭକ୍ତଙ୍କ ସଙ୍ଗରେ

ଶ୍ରୀରାମକୃଷ୍ଣ ଟିକିଏ ବିଶ୍ରାମ କରୁ ନ କରୁଣୁ କଲିକତାରୁ ହରି, ନାରାୟଣ, ନରେନ୍ଦ୍ର ବନ୍ଦୋପାଧ୍ୟାୟ ପ୍ରଭୃତି ଆସି ତାହାଙ୍କୁ ଭୂମିଷ୍ଠ ହୋଇ ପ୍ରଣାମ କଲେ । ନରେନ୍ଦ୍ର ବନ୍ଦୋପାଧ୍ୟାୟ ''ପ୍ରେସିଡ଼େନ୍ସୀ କଲେଜ''ର ସଂସ୍କୃତ ଅଧ୍ୟାପକ ରାଜକୃଷ୍ଣ ବନ୍ଦୋପାଧ୍ୟାୟଙ୍କ ପୁତ୍ର । ଘରେ ମିଳିମିଶି ନ ରହି ପାରିବାରୁ ଶ୍ୟାମପୁକୁରରେ ଅଲଗା ବସା କରି ସ୍ତ୍ରୀ ପୁତ୍ର ନେଇ ଅଛନ୍ତି । ଲୋକଟି ଭାରୀ ସରଳ । ବର୍ତ୍ତମାନ ବୟସ ୨୯।୩୦ ବର୍ଷ ହେବ । ଶେଷ ଜୀବନରେ ସେ ଏଲାହାବାଦରେ ବାସ କରିଥିଲେ । ୫୮ ବର୍ଷ ବୟସରେ ତାଙ୍କର ଶରୀର ତ୍ୟାଗ ହୋଇଥିଲା । ସେ ଧ୍ୟାନ ସମୟରେ ଘଣ୍ଟା ନିନାଦ ପ୍ରଭୃତି ଅନେକ ରକମ ଶୁଣିବାକୁ ଓ ଦେଖିବାକୁ ପାଉଥିଲେ । ଭୂଟାନ, ଉତ୍ତର-ପଶ୍ଚିମ ଓ ନାନା ସ୍ଥାନରେ ଅନେକ ଭ୍ରମଣ କରିଥିଲେ । ଠାକୁରଙ୍କୁ ମଝିରେ ମଝିରେ ଦର୍ଶନ କରିବାକୁ ଆସୁଥିଲେ ।

ହରି (ସ୍ୱାମୀ ତୁରୀୟାନନ୍ଦ) ସେତେବେଳେ ତାଙ୍କର ବାଗ୍‌ବଜାର ଘରେ ଭାଇମାନଙ୍କ ସଙ୍ଗରେ ରହୁଥିଲେ । ଜେନେରାଲ ଆସେମ୍ବ୍ଲିରେ (General Assembly) ପ୍ରବେଶିକା ପର୍ଯ୍ୟନ୍ତ ପଢ଼ି ଆପାତତଃ ଘରେ ଈଶ୍ୱର-ଚିନ୍ତା, ଶାସ୍ତ୍ର-ପାଠ ଓ ଯୋଗାଭ୍ୟାସ କରୁଥିଲେ । ମଝିରେ ମଝିରେ ଶ୍ରୀରାମକୃଷ୍ଣଙ୍କୁ ଦକ୍ଷିଣେଶ୍ୱରକୁ ଆସି ଦର୍ଶନ କରୁଥିଲେ । ଠାକୁର ବାଗ୍‌ବଜାରରେ ବଳରାମଙ୍କ ଘରକୁ ଗମନ କଲେ ତାହାଙ୍କୁ ବେଳେ ବେଳେ ଡ଼କାଇ ପଠାଉଥିଲେ ।

### ବୌଦ୍ଧ ଧର୍ମର କଥା

### ବ୍ରହ୍ମ ବୋଧ ସ୍ୱରୂପ—ଠାକୁରଙ୍କୁ ତୋତାପୁରୀଙ୍କର ଶିକ୍ଷା ।

ଶ୍ରୀରାମକୃଷ୍ଣ (ଭକ୍ତମାନଙ୍କ ପ୍ରତି)— ବୁଦ୍ଧଦେବଙ୍କର କଥା ଅନେକ ଶୁଣିଛି, ସେ ଦଶାବତାର ଭିତରେ ଜଣେ ଅବତାର । ବ୍ରହ୍ମ ଅଚଳ, ଅଟଳ, ନିଷ୍କ୍ରିୟ ବୋଧ-ସ୍ୱରୂପ । ବୁଦ୍ଧି ଯେତେବେଳେ ଏହି ବୋଧ-ସ୍ୱରୂପରେ ଲୟ ହୁଏ ସେତେବେଳେ ବ୍ରହ୍ମ-ଜ୍ଞାନ ହୁଏ; ସେତେବେଳେ ମନୁଷ୍ୟ ବୁଦ୍ଧ ହୋଇଯାଏ ।

''ଲଙ୍ଗୁଳୀ କହନ୍ତି ମନର ଲୟ, ବୁଦ୍ଧିରେ ବୁଦ୍ଧିର ଲୟ ବୋଧ-ସ୍ୱରୂପରେ ।

''ଯେତେକ୍ଷଣ ପର୍ଯ୍ୟନ୍ତ ଅହଂ ଥାଏ, ସେତେକ୍ଷଣ ପର୍ଯ୍ୟନ୍ତ ବ୍ରହ୍ମ-ଜ୍ଞାନ ହୁଏ ନାହିଁ । ବ୍ରହ୍ମ-ଜ୍ଞାନ ହେଲେ, ଈଶ୍ୱର-ଦର୍ଶନ ହେଲେ ତେବେ ଅହଂ ନିଜ ବଶକୁ ଆସେ; ତାହା ନ ହେଲେ ଅହଂକୁ ବଶ କରାଯାଏ ନାହିଁ । ନିଜର ଛାୟାକୁ ଧରିବା କଷ୍ଟ ତେବେ ସୂର୍ଯ୍ୟ ମୁଣ୍ଡ ଉପରକୁ ଆସିଲେ ଛାୟା ଅଧ ହାତ ମଧ୍ୟରେ ରହେ ।''

### ବନ୍ଦୋପାଧ୍ୟାୟଙ୍କୁ ଶିକ୍ଷା—ଈଶ୍ୱର ଦର୍ଶନ—ଉପାୟ ସାଧୁସଙ୍ଗ

ଭକ୍ତ—ଈଶ୍ୱର ଦର୍ଶନ କିପରି ?

ଶ୍ରୀରାମକୃଷ୍ଣ — ଥିୟେଟର୍‌ରେ ଅଭିନୟ ଦେଖିନ ? ଲୋକସବୁ ପରସ୍ପର କଥା କହୁଛନ୍ତି, ଏପରି ସମୟରେ ପର୍ଦ୍ଦା ଉଠିଗଲା; ସେତେବେଳେ ସମସ୍ତଙ୍କ ସମସ୍ତ ମନଟା ଅଭିନୟକୁ ଯାଏ ଆଉ ବାହ୍ୟ ଦୃଷ୍ଟି ରହେ ନାହିଁ — ଏହାରି ନାମ **ସମାଧିସ୍ଥ** ହେବା ।

''ପୁଣି ପର୍ଦ୍ଦା ପଡ଼ିଗଲେ ବାହାରେ ଦୃଷ୍ଟି । ମାୟାରୂପ ଯବନିକା ପଡ଼ିଗଲେ ପୁଣି ମନୁଷ୍ୟ ବହିର୍ମୁଖ ହୁଏ ।

(ନରେନ୍ଦ୍ର ବନ୍ଦୋପାଧ୍ୟାୟଙ୍କ ପ୍ରତି) — ''ତୁମେ ଅନେକ ଭ୍ରମଣ କରିଛ, ସାଧୁମାନଙ୍କର କିଛି ଗଳ୍ପ କର ।''

ବନ୍ଦୋପାଧ୍ୟାୟ ଭୁଟାନରେ ଦୁଇଜଣ ଯୋଗୀ ଦେଖିଥିଲେ, ସେମାନେ ଅଧସେର ଲିମ୍ବରସ ଖାଆନ୍ତି; ଏହି ସବୁ ଗଳ୍ପ କରୁଛନ୍ତି । ପୁଣି ନର୍ମଦାତୀରରେ ସାଧୁଙ୍କ ଆଶ୍ରମକୁ ଯାଇଥିଲେ । ସେହି ଆଶ୍ରମର ସାଧୁ ପେଣ୍ଟଲୁନ୍-ପିନ୍ଧା ବଙ୍ଗାଳୀ ବାବୁଙ୍କୁ ଦେଖି କହିଥିଲେ 'ଇସ୍‌କା ପେଟ୍ ମେ ଛୁରି ହ୍ୟାୟ ।'

ଶ୍ରୀରାମକୃଷ୍ଣ — ଦେଖ, ସାଧୁମାନଙ୍କର ଛବି ଘରେ ରଖିବାକୁ ହୁଏ; ତାହାହେଲେ ସର୍ବଦା ଈଶ୍ୱରଙ୍କର ଉଦ୍ଦୀପନ ହୁଏ ।

ବନ୍ଦୋପାଧ୍ୟାୟ — ଆପଣଙ୍କର ଛବି ଘରେ ରଖିଛି; ଆଉ ପାହାଡ଼ି ସାଧୁଙ୍କ ଛବି, ହାତରେ ଗଞ୍ଜେଇ ଚିଲମରେ ଅଗ୍ନି ଦିଆହେଉଛି ।

ଶ୍ରୀରାମକୃଷ୍ଣ — ହଁ ସାଧୁମାନଙ୍କର ଛବି ଦେଖିଲେ ଉଦ୍ଦୀପନ ହୁଏ, ସୋଲ ଆତ ଦେଖିଲେ ଯେପରି ସତ୍ୟ ଆତର ଉଦ୍ଦୀପନ ହୁଏ; **ଯୁବତୀ ସ୍ତ୍ରୀଲୋକ** ଦେଖିଲେ ଲୋକର ଯେପରି ଭୋଗର ଉଦ୍ଦୀପନ ହୁଏ ।

''ସେଥିପାଇଁ ତୁମମାନଙ୍କୁ କହେ — **ସର୍ବଦା ହିଁ ସାଧୁସଙ୍ଗ ଦରକାର ।**

(ବନ୍ଦୋପାଧ୍ୟାୟଙ୍କ ପ୍ରତି) — **''ସଂସାରର ଜ୍ୱାଳା ତ ଦେଖୁଛ । ଭୋଗ ନେବାକୁ ଗଲେ ହିଁ ଜ୍ୱାଳା । ଚିଲ ମୁଖରେ ଯେତେକ୍ଷଣ ମାଛ ଥିଲା, ସେତେକ୍ଷଣ ଦଳେ ଦଳେ କାଉ ଆସି ତାକୁ ବିରକ୍ତ କରିଥିଲେ ।**

**''ସାଧୁସଙ୍ଗରେ ଶାନ୍ତି ହୁଏ; ଜଳରେ କୁମ୍ଭୀର ଅନେକକ୍ଷଣ ରହେ; ଥରେ ଥରେ ଜଳରେ ଭାସେ, ନିଶ୍ୱାସ ନେବାପାଇଁ । ସେତେବେଳେ ନିଶ୍ୱାସ ନେଇ ବଞ୍ଚେ ।''**

### ଯାତ୍ରାବାଲା ଓ ଈଶ୍ୱର 'କଳ୍ପତରୁ' — ସକାମ ପ୍ରାର୍ଥନାର ବିପଦ

ଯାତ୍ରାବାଲା — ଆଜ୍ଞା, ଆପଣ ଭୋଗର କଥା ଯାହା କହିଲେ ତାହା ଠିକ୍ । ଈଶ୍ୱରଙ୍କ ପାଖରେ ଭୋଗର କାମନା କଲେ ଶେଷକାଳରେ ବିପଦରେ ପଡ଼ିବାକୁ ହୁଏ । ମନରେ କେତେ ରକମ କାମନା ବାସନା ଉଠୁଛି, ସବୁ କାମନାରେ ତ ମଙ୍ଗଳ ହୁଏ ନାହିଁ । **ଈଶ୍ୱର କଳ୍ପତରୁ**, ତାଙ୍କ ପାଖରେ ଯାହା କାମନା କରି ମାଗିବ ତାହା ଆସି ପଡ଼ିବ । ବର୍ତ୍ତମାନ ମନରେ ଯଦି ଉଠେ 'ଏ କଳ୍ପତରୁ ଆଛା

ଦେଖେ ବାଘ ଯଦି ଆସେ ।' ବାଘକୁ ମନେ କରିବାରେ ବାଘ ଆସିଗଲା; ଆଉ ଲୋକଟାକୁ ଖାଇଦେଲା ।

ଶ୍ରୀରାମକୃଷ୍ଣ — ହଁ, ଏହି ବୋଧ, ସେ ବାଘ ଆସେ ।

''ଆଉ କଅଣ କହିବି, ସେ ଦିଗରେ ମନ ରଖ, **ଈଶ୍ୱରଙ୍କୁ ଭୁଲ ନାହିଁ — ସରଳ ଭାବରେ ତାଙ୍କୁ ଡାକିଲେ ସେ ଦେଖା ଦେବେ ।**

''ଆଉ ଗୋଟିଏ କଥା — ଯାତ୍ରା ଶେଷରେ କିଛି **ହରିନାମ** କରି ଉଠ । ତାହାହେଲେ ଯେଉଁମାନେ ଗାଆନ୍ତି ଏବଂ ଯେଉଁମାନେ ଶୁଣନ୍ତି ସମସ୍ତେ ଈଶ୍ୱର ଚିନ୍ତା କରୁ କରୁ ନିଜ ନିଜ ସ୍ଥାନକୁ ଯିବେ ।''

ଯାତ୍ରାବାଲାମାନେ ପ୍ରଣାମ କରି ବିଦାୟ ଗ୍ରହଣ କଲେ ।

## ଶ୍ରୀରାମକୃଷ୍ଣ ଓ ଗୃହସ୍ଥାଶ୍ରମର ଭକ୍ତ — ବଧୂମାନଙ୍କ ପ୍ରତି ଉପଦେଶ

ଦୁଇଜଣ ଭକ୍ତଙ୍କର ସ୍ତ୍ରୀ ଆସି ଠାକୁରଙ୍କୁ ପ୍ରଣାମ କଲେ । ସେମାନେ ଠାକୁରଙ୍କୁ ଦର୍ଶନ କରିବାକୁ ଆସିଛନ୍ତି, ତେଣୁ ଉପବାସ କରିଛନ୍ତି । ଦୁଇ ଯାଆ ଅବଗୁଣ୍ଠନବତୀ, ଦୁଇଭାଇଙ୍କର ସ୍ତ୍ରୀ । ବୟସ ୨୨।୨୩ ବର୍ଷ ମଧ୍ୟରେ, ଦୁଇଜଣ ସନ୍ତାନର ମା' ।

ଶ୍ରୀରାମକୃଷ୍ଣ(ବଧୂମାନଙ୍କ ପ୍ରତି) — ଦେଖ, ତୁମେମାନେ **ଶିବ ପୂଜା** କରୁଛ । କିପରି ପୂଜା କରିବାକୁ ହୁଏ **'ନିତ୍ୟକର୍ମ'** ବୋଲି ବହି ଅଛି, ସେହି ବହି ପଢ଼ି ଦେଖି ନେବ । ଠାକୁର ପୂଜା କରିବାକୁ ହେଲେ ଠାକୁରଙ୍କର କାମ ଅନେକକ୍ଷଣ ଧରି କରିପାରିବ । ଫୁଲତୋଳା, 'ଚନ୍ଦନ ଘୋରା' ଠାକୁରଙ୍କର ବାସନ ମଜା, ଠାକୁରଙ୍କର ନୈବେଦ୍ୟ ପ୍ରସ୍ତୁତ କରିବା, ଏହିସବୁ କରିବାକୁ ହେଲେ ସେହି ଦିଗରେ ମନ ରହିବ । ହୀନବୁଦ୍ଧି, ରାଗ, ହିଂସା ଏହି ସବୁ ଚାଲିଯିବ । ଦୁଇଯାଆ ଯେତେବେଳେ କଥାବାର୍ତ୍ତା କରିବ ସେତେବେଳେ ଠାକୁରଦେବତାଙ୍କର ହିଁ କଥାବାର୍ତ୍ତା କରିବ ।

## Sree Ramakrishna and the value of Image Worship.

''କୌଣସି ପ୍ରକାରେ ଈଶ୍ୱରଙ୍କଠାରେ ମନର ଯୋଗ କରିବା । ଥରେ ବି ଯେପରି ତାଙ୍କୁ ଭୁଲି ନ ଯାଅ; ଯେପରି ତେଲର ଧାରା, ତାହା ଭିତରେ ଫାଙ୍କ ନାହିଁ ! ଖଣ୍ଡେ ଇଟାକୁ ବା ପଥରକୁ ଈଶ୍ୱର ବୋଲି ଯଦି ଭକ୍ତି ଭାବରେ ପୂଜା କର, ସେଥିରେ ମଧ୍ୟ ତାଙ୍କ କୃପାରୁ ଈଶ୍ୱର ଦର୍ଶନ ହୋଇପାରେ ।

''ପ୍ରଥମେ ଯାହା କହିଲି **ଶିବପୂଜା** — ଏହି ସବୁ ପୂଜା କରିବାକୁ ହୁଏ; ତାହାପରେ ପକା ହୋଇଗଲେ ବେଶୀ ଦିନ ପୂଜା କରିବାକୁ ହୁଏ ନାହିଁ । ସେତେବେଳେ ସର୍ବଦା ମନର ଯୋଗହୋଇ ରହେ; ସର୍ବଦା ସ୍ମରଣ ମନନ ଥାଏ ।

ବଡ଼ ବୋହୂ(ଶ୍ରୀରାମକୃଷ୍ଣଙ୍କ ପ୍ରତି)—ଆମମାନଙ୍କୁ କ'ଣ ଟିକିଏ କିଛି କହି ଦେବେ ?

ଶ୍ରୀରାମକୃଷ୍ଣ(ସସ୍ନେହରେ)—ମୁଁ ତ ମନ୍ତ୍ର ଦିଏ ନାହିଁ । ମନ୍ତ୍ର ଦେଲେ ଶିଷ୍ୟର ପାପ-ତାପ ନେବାକୁ ହୁଏ । ମା' ମୋତେ ବାଳକ ଅବସ୍ଥାରେ ରଖିଛନ୍ତି । ବର୍ତ୍ତମାନ ତୁମେମାନେ ଶିବ ପୂଜା ଯାହା କହିଦେଲି ତାହା କର । ମଝିରେ ମଝିରେ ଆସିବ—ପରେ ଈଶ୍ୱରଙ୍କ ଇଚ୍ଛାରେ ଯାହା ହେବାର ହେବ । ସ୍ନାନଯାତ୍ରା ଦିନ ପୁଣି ଆସିବା ପାଇଁ ଚେଷ୍ଟା କରିବ ।

''ଘରେ ହରିନାମ କରିବାକୁ ମୁଁ ଯେ କହିଥିଲି, ତାହା କ'ଣ ହେଉଛି ?''

ବଧୂ(ଶ୍ରୀରାମକୃଷ୍ଣଙ୍କ ପ୍ରତି)—ଆଜ୍ଞା, ହଁ ।

ଶ୍ରୀରାମକୃଷ୍ଣ—ତୁମେମାନେ ଉପବାସ କରି ଆସିଛ କାହିଁକି ? ଖାଇସାରି ଆସିବାକୁ ହୁଏ ।

**''ସ୍ତ୍ରୀଲୋକମାନେ ମୋର ମାଆଙ୍କର ଗୋଟିଏ ଗୋଟିଏ ରୂପ;**[୧] ସେଥିପାଇଁ ସେମାନଙ୍କ କଷ୍ଟ ମୁଁ ଦେଖିପାରେ ନାହିଁ ଜଗନ୍ମାତାଙ୍କର ଗୋଟିଏ ଗୋଟିଏ ରୂପ । ଖାଇ ଆସିବ, ଆନନ୍ଦରେ ରହିବ ।''

ଏହା କହି ଶ୍ରୀଯୁକ୍ତ ରାମଲାଲଙ୍କୁ ବଧୂମାନଙ୍କୁ ବସାଇ ଜଳଖିଆ ଦେବାକୁ ଆଦେଶ କଲେ । ଫଳହାରିଣୀ ପୂଜାର ପ୍ରସାଦ, ଲୁଚି, ନାନାବିଧ ଫଳ, ଗ୍ଲାସରେ ଚିନିର ପଣା ଓ ମିଷ୍ଟାନ୍ନାଦି ସେମାନେ ପାଇଲେ ।

ଠାକୁର କହିଲେ, ''ତୁମେମାନେ କିଛି ଖାଇଲ, ବର୍ତ୍ତମାନ ମୋର ମନଟା ଶୀତଳ ହେଲା । **ମୁଁ ସ୍ତ୍ରୀଲୋକମାନଙ୍କୁ ଉପବାସୀ ଦେଖିପାରେ ନାହିଁ ।''**

## (୪)

### ଭକ୍ତଙ୍କ ସଙ୍ଗରେ ଗୁହ୍ୟ କଥା—ଶ୍ରୀଯୁକ୍ତ କେଶବ ସେନ

ଶ୍ରୀରାମକୃଷ୍ଣ ଶିବ-ମନ୍ଦିରର ସିଡ଼ିରେ ବସିଛନ୍ତି । ସମୟ ଅପରାହ୍ନ ୫ଟା ହୋଇଛି; ପାଖରେ ଅଧର, ଡାକ୍ତର, ନିତାଇ, ମାଷ୍ଟର ପ୍ରଭୃତି କେତେଜଣ ଭକ୍ତ ବସିଛନ୍ତି ।

ଶ୍ରୀରାମକୃଷ୍ଣ (ଭକ୍ତମାନଙ୍କ ପ୍ରତି)—ଦେଖ, ମୋର ସ୍ୱଭାବ ବଦଳି ଯାଉଛି ।

ଏଥର କ'ଣ ଗୁହ୍ୟ କଥା କହିବେ ବୋଲି ସିଡ଼ିରେ ଏକ ପାହାଚ ଓହ୍ଲାଇ ଭକ୍ତମାନଙ୍କ ସଙ୍ଗରେ ବସିଲେ । ପୁଣି କ'ଣ କହୁଛନ୍ତି—

(God's highest Manifestation in Man. The Mystery of Divine Incarnation)

---

୧. ସ୍ତ୍ରିୟଃ ସମସ୍ତାଃ ସକଳା ଜଗତ୍ସୁ—ଶ୍ରୀଦେବୀମାହାତ୍ମ୍ୟମ୍, ୧୧/୬

''ତୁମେମାନେ ଭକ୍ତ, ତୁମମାନଙ୍କୁ କହିଲେ କ୍ଷତି ନାହିଁ ଆଜିକାଲି ଈଶ୍ୱରଙ୍କର **ଚିନ୍ମୟ** ରୂପ ଦର୍ଶନ ହୁଏ ନାହିଁ । ବର୍ତ୍ତମାନ **ସାକାର ନରରୂପ** ଏଇଟି କହି ଦେଉଛି । ମୋର ସ୍ୱଭାବ ଈଶ୍ୱର ରୂପ ଦର୍ଶନ-ସ୍ପର୍ଶନ-ଆଲିଙ୍ଗନ କରିବା । ବର୍ତ୍ତମାନ କହି ଦେଉଛି, 'ତୁମେ ଦେହ ଧାରଣ କରିଛ, ସାକାର ନରରୂପ ଧାରଣକରି ଆନନ୍ଦ କର ।'

''ସେ ତ ସକଳଭୂତରେ ଅଛନ୍ତି, ତେବେ ମନୁଷ୍ୟ ଭିତରେ ବେଶୀ ପ୍ରକାଶ ।

''ମନୁଷ୍ୟ କ'ଣ କମ୍ ହେ ? ଈଶ୍ୱର ଚିନ୍ତା କରିପାରେ, ଅନନ୍ତଙ୍କୁ ଚିନ୍ତା କରିପାରେ, ଅନ୍ୟ ଜୀବଜନ୍ତୁ ପାରନ୍ତି ନାହିଁ ।

''ଅନ୍ୟ ଜୀବଜନ୍ତୁଙ୍କ ଭିତରେ, ଗଛ ପତ୍ର ଭିତରେ, ପୁଣି ସର୍ବଭୂତରେ ସେ ଅଛନ୍ତି; **କିନ୍ତୁ ମନୁଷ୍ୟଠାରେ ବେଶୀ ପ୍ରକାଶ ।**

''ଅଗ୍ନିତତ୍ତ୍ୱ ସର୍ବଭୂତରେ ଅଛି, ସବୁ ଜିନିଷରେ ଅଛି, କିନ୍ତୁ କାଷ୍ଠରେ ବେଶୀ ପ୍ରକାଶ ।

''ରାମ ଲକ୍ଷ୍ମଣଙ୍କୁ କହିଥିଲେ, ଭାଇ ଦେଖ ହାତୀ ଏତେ ବଡ଼ ଜନ୍ତୁ, କିନ୍ତୁ ଈଶ୍ୱର ଚିନ୍ତା କରିପାରେ ନାହିଁ ।

''ପୁଣି ଅବତାରରେ ବେଶୀ ପ୍ରକାଶ । ରାମ ଲକ୍ଷ୍ମଣଙ୍କୁ କହିଥିଲେ, ଭାଇ, ଯେଉଁ ମନୁଷ୍ୟଠାରେ ଦେଖିବ ଉର୍ଜିତାଭକ୍ତି; ଭାବରେ ହସେ କାନ୍ଦେ ନାଚେ ଗାଏ, ସେହିଠାରେ ମୁଁ ଅଛି ।''

ଠାକୁର ପୁଣି ଚୁପ୍ କରିଅଛନ୍ତି । କିୟତ୍‌କ୍ଷଣପରେ ପୁଣି କଥା କହୁଛନ୍ତି ।

(Influence of Sri Ramakrishna on
Sj. Keshab Chandra Sen.)

ଶ୍ରୀରାମକୃଷ୍ଣ—ଆଚ୍ଛା, କେଶବ ଯେ ଖୁବ୍ ଆସୁଥିଲା । ଏଠାକୁ ଆସି ଅନେକ ବଦଳିଗଲା । ଇଦାନୀଂ ବିଖ୍ୟାତ ଲୋକ ହୋଇଥିଲା । ଏଠାକୁ ଅନେକ ଥର ଦଳବଳ ନେଇ ଆସିଥିଲା । ପୁଣି ଏକ୍‌ଲା ଏକ୍‌ଲା ଆସିବାର ଇଚ୍ଛା ଥିଲା ।

''କେଶବର ଆଗେ ସେପରି ସାଧୁସଙ୍ଗ ହୋଇ ନାହିଁ ।''

''କଲୁଟୋଲାର ଘରେ ଦେଖାହେଲା; ହୃଦୁ ସଙ୍ଗରେ ଥିଲା । କେଶବ ସେନ୍ ଯେଉଁ ଘରେ ଥିଲା, ସେହି ଘରେ ଆମମାନଙ୍କୁ ବସାଇଲା । ଟେବୁଲରେ ଲେଖୁଥିଲା, ଅନେକକ୍ଷଣ ପରେ କଲମ ଛାଡ଼ି ଚୌକିରୁ ଓହ୍ଲାଇ ତଳେ ବସିଲା କିନ୍ତୁ ଆମମାନଙ୍କୁ ନମସ୍କାର ଫମସ୍କାର ନାହିଁ ।

''ଏଠାକୁ ମଝିରେ ମଝିରେ ଆସୁଥିଲା । ମୁଁ ଦିନେ ଭାବାବସ୍ଥାରେ କହିଲି, ସାଧୁ ସମ୍ମୁଖରେ ଗୋଡ଼ ଉପରେ ଗୋଡ଼ ରଖି ବସିବା ଉଚିତ ନୁହେଁ । ସେଥିରେ

ରଜୋଗୁଣ ବୃଦ୍ଧି ହୁଏ । ସେମାନେ ଆସିଲେ ମୁଁ ନମସ୍କାର କରେ, ସେମାନେ ସେତେବେଳେ କ୍ରମେ ଭୂମିଷ୍ଠ ହୋଇ ନମସ୍କାର କରିବାକୁ ଶିଖିଲେ ।

### ବ୍ରାହ୍ମ-ସମାଜରେ ହରିନାମ ଓ ମାଆଙ୍କର ନାମ—ଭକ୍ତହୃଦୟରେ ଈଶ୍ୱର ଦର୍ଶନ

''ଆଉ କେଶବକୁ କହିଲି, ତୁମେମାନେ **ହରିନାମ** କର, କଳିରେ ତାଙ୍କର ନାମ ଗୁଣ କୀର୍ତ୍ତନ କରିବାକୁ ହୁଏ । ସେତେବେଳେ ସେମାନେ ଖୋଳ କରତାଳ ନେଇ ହରିନାମ କଲେ ।[୧]

''ହରିନାମରେ ବିଶ୍ୱାସ ମୋର ଅଧିକ ହେଲା କାହିଁକି ? ଏହି ଠାକୁର ମନ୍ଦିରକୁ ସାଧୁମାନେ ମଝିରେ ମଝିରେ ଆସନ୍ତି; ଜଣେ ମୁଲତାନ୍‌ର ସାଧୁ ଆସିଥିଲେ, ଗଙ୍ଗାସାଗରର ଲୋକଙ୍କ ପାଇଁ ଅପେକ୍ଷା କରୁଥିଲେ । (ମାଷ୍ଟରଙ୍କୁ ଦେଖାଇ) ଏମାନଙ୍କ ବୟସର ସାଧୁ । ସେ କହିଥିଲେ, '**ଉପାୟ ନାରଦୀୟ ଭକ୍ତି** ।'

### କେଶବଙ୍କୁ ଉପଦେଶ—କାମିନୀ-କାଞ୍ଚନ ଆଇଁଷପାଛିଆ—ସାଧୁସଙ୍ଗ ଫୁଲର ଗନ୍ଧ—ମଝିରେ ମଝିରେ ନିର୍ଜନରେ ସାଧନା

''କେଶବ ଦିନେ ଆସିଥିଲା; ରାତି ୧୦ଟା ପର୍ଯ୍ୟନ୍ତ ଥିଲା । ପ୍ରତାପ ଆଉ କେହି କେହି କହିଲେ, ଆଜି ଏଠାରେ ରହିଯିବୁ; ସମସ୍ତେ ବଟତଳାଠାରେ (ପଞ୍ଚବଟୀଠାରେ) ବସିଥିଲେ । କେଶବ କହିଲା, ନା କାର୍ଯ୍ୟ ଅଛି, ଯିବାକୁ ହେବ ।

''ସେତେବେଳେ ମୁଁ ହସି କହିଲି, ଆଇଁଷ ପାଛିଆର ଗନ୍ଧ ନ ହେଲେ କ'ଣ ନିଦ ହେବ ନାହିଁ ? ଜଣେ କେଉଟୁଣୀ ମାଳୀଘରେ ଅତିଥି ହୋଇଥିଲା; ମାଛ ବିକ୍ରୀ କରି ଆସୁଛି; ପାଛିଆ ହାତରେ ଅଛି । ତାକୁ ଫୁଲ ଘରେ ଶୋଇବାକୁ ଦିଆଗଲା । ଅନେକ ରାତି ପର୍ଯ୍ୟନ୍ତ ଫୁଲ ଗନ୍ଧରେ ନିଦ ହେଉନାହିଁ; ଘରର ମାଲିକ ସେହି ଅବସ୍ଥା ଦେଖି କହିଲେ, କିଲୋ ତୁ ଛଟପଟ୍ କରୁଛୁ କାହିଁକି ? ସେ କହିଲା, କେଜାଣି ବାବୁ, ବୋଧ ହୁଏ ଏହି ଫୁଲ ଗନ୍ଧରେ ନିଦ ହେଉନାହିଁ; ମୋ ଆଇଁଷ ପାଛିଆଟି ଆଣିଦେଇପାରିବ ? ତାହାହେଲେ ବୋଧହୁଏ ନିଦ ହୋଇପାରେ । ଶେଷରେ ଆଇଁଷ ପାଛିଆ ଆଣିବାରୁ ସେଥିରେ ପାଣି ଛାଟି ଦେଇ ନାକ ପାଖରେ ରଖି ଘୁଙ୍ଗୁଡ଼ିମାରି ଶୋଇବାକୁ ଲାଗିଲା ।

---

୧. ଶ୍ରୀଯୁକ୍ତ କେଶବ ସେନ ଖୋଳ କରତାଳ ନେଇ କେତେବର୍ଷ ବ୍ରହ୍ମନାମ କରୁଥିଲେ । ଶ୍ରୀରାମକୃଷ୍ଣଙ୍କ ସହିତ ୧୮୭୫ ମସିହାରେ ଦେଖାହେବା ପରଠାରୁ ବିଶେଷ ଭାବରେ **ହରିନାମ ଓ ମା'ଙ୍କ ନାମ** ଖୋଳ କରତାଳ ନେଇ କୀର୍ତ୍ତନ କରିବାକୁ ଲାଗିଲେ ।

''ଗଳ୍ପ ଶୁଣି କେଶବଙ୍କ ଦଳର ଲୋକମାନେ ହୋ-ହୋ କରି ହସିବାକୁ ଲାଗିଲେ ।

''କେଶବ ସନ୍ଧ୍ୟା ପରେ ଘାଟରେ ଉପାସନା କଲା । ଉପାସନା ପରେ ମୁଁ କେଶବକୁ କହିଲି, ଦେଖ, ଭଗବାନ ହିଁ ଏକ ରୂପରେ ଭାଗବତ ହୋଇଛନ୍ତି, ତେଣୁ ବେଦ ପୁରାଣ, ତନ୍ତ୍ର ଏସବୁ ପୂଜା କରିବାକୁ ହୁଏ । ପୁଣି ଏକ ରୂପରେ ସେ ଭକ୍ତ ହୋଇଛନ୍ତି, **ଭକ୍ତର ହୃଦୟ ତାଙ୍କର ବୈଠକଖାନା;** ବୈଠକଖାନାକୁ ଗଲେ ଯେପରି ବାବୁଙ୍କୁ ଅନାୟାସରେ ଦେଖାଯାଏ । ସେଥିପାଇଁ ଭକ୍ତର ପୂଜାରେ ଭଗବାନଙ୍କର ପୂଜା ହୁଏ ।

''କେଶବ ଆଉ ତାଙ୍କ ଦଳର ଲୋକମାନେ ଏହି କଥାଗୁଡ଼ିକ ଖୁବ୍ ମନ ଦେଇ ଶୁଣିଲେ । ପୂର୍ଣ୍ଣିମା, ଚାରିଦିଗରେ ଚାନ୍ଦର ଆଲୋକ । ଗଙ୍ଗା କୂଳରେ, ସିଡ଼ିର ଚାନ୍ଦିନୀରେ ସମସ୍ତେ ବସିଛନ୍ତି । ମୁଁ କହିଲି, ସମସ୍ତେ କହ **'ଭାଗବତ ଭକ୍ତ ଭଗବାନ ।**

''ସେତେବେଳେ ସମସ୍ତେ ଏକ ସ୍ୱରରେ କହିଲେ, **ଭାଗବତ ଭକ୍ତ ଭଗବାନ** । ପୁଣି କହିଲେ, କହ **'ବ୍ରହ୍ମ ହିଁ ଶକ୍ତି, ଶକ୍ତି ହିଁ ବ୍ରହ୍ମ ।'** ସେମାନେ ପୁଣି ଏକ ସ୍ୱରରେ କହିଲେ **'ବ୍ରହ୍ମ ହିଁ ଶକ୍ତି, ଶକ୍ତି ହିଁ ବ୍ରହ୍ମ ।'** ସେମାନଙ୍କୁ କହିଲି, ଯାହାକୁ ତୁମେମାନେ ବ୍ରହ୍ମ କହ, ତାଙ୍କୁ ହିଁ ମୁଁ ମା' କହେ; ମା' କହେ—ମା' ବଡ଼ ମଧୁର ନାମ ।

''ଯେତେବେଳେ ସେମାନଙ୍କୁ କହିଲି, ପୁଣି କହ **'ଗୁରୁ କୃଷ୍ଣ ବୈଷ୍ଣବ' ।** ସେତେବେଳେ କେଶବ କହିଲା, ମହାଶୟ ଏତେ ଦୂର ନୁହେଁ ! ତାହାହେଲେ ସମସ୍ତେ ଆମମାନଙ୍କୁ ଆଚାରୀ ବୈଷ୍ଣବ ମନେ କରିବେ ।

''କେଶବଙ୍କୁ ମଝିରେ ମଝିରେ କହେ, ତୁମେମାନେ ଯାହାଙ୍କୁ ବ୍ରହ୍ମ କହ, ତାଙ୍କୁ ହିଁ ମୁଁ **ଶକ୍ତି, ଆଦ୍ୟାଶକ୍ତି** କହେ । ଯେତେବେଳେ ବାକ୍ୟ ମନର ଅତୀତ, ନିର୍ଗୁଣ ନିଷ୍କ୍ରିୟ, ସେତେବେଳେ ବେଦରେ ତାଙ୍କୁ ବ୍ରହ୍ମ କହିଛି । ଯେତେବେଳେ ଦେଖେ ଯେ, ସେ ସୃଷ୍ଟି-ସ୍ଥିତି-ପ୍ରଳୟ କରୁଛନ୍ତି, ସେତେବେଳେ ତାଙ୍କୁ **ଶକ୍ତି, ଆଦ୍ୟାଶକ୍ତି,** ଏହିସବୁ କହେ ।

''କେଶବଙ୍କୁ କହିଲି, ସଂସାରରେ ରହିବା ବଡ଼ କଠିନ—ଯେଉଁ ଘରେ ଆଚାର ଆଉ ତେନ୍ତୁଳି ଆଉ ପାଣି ମାଠିଆ, ସେହି ଘରେ ହିଁ ବିକାର ରୋଗୀ କିପରି ଭଲ ହୁଏ ? ତେଣୁ ମଝିରେ ମଝିରେ ସାଧନ ଭଜନ କରିବା ପାଇଁ ନିର୍ଜନକୁ ଚାଲିଯିବାକୁ ହୁଏ । ଗଣ୍ଡି ମୋଟା ହେଲେ ହାତୀ ବାନ୍ଧି ଦିଆଯାଏ, କିନ୍ତୁ ଚାରାଗଛକୁ ଛେଳି ଗୋରୁ ଖାଇପକାନ୍ତି । ସେଥିପାଇଁ କେଶବ ଲେକ୍ଚରରେ କହିଲେ, ତୁମେମାନେ ପକ୍କା ହୋଇ ସଂସାରରେ ରହ ।

### ଅଧର, ମାଷ୍ଟର, ନିତାଇ ପ୍ରଭୃତିଙ୍କୁ ଉପଦେଶ—'ଆଗେଇ ଯାଅ'

(ଭକ୍ତମାନଙ୍କ ପ୍ରତି)—"ଦେଖ କେଶବ ଏଁତେ ପଣ୍ଡିତ । ଇଂରାଜୀରେ ଲେକ୍ଚର ଦିଏ । କେତେଲୋକ ତାଙ୍କୁ ମାନନ୍ତି, ସ୍ୱୟଂ କୁଇନ୍ ଭିକ୍ଟୋରିଆ ତାଙ୍କ ସଙ୍ଗରେ ବସି କଥା କହିଛନ୍ତି । ସେ କିନ୍ତୁ ଏଠାକୁ ଯେତେବେଳେ ଆସେ, ଖୋଲା ଦେହରେ; ସାଧୁ ଦର୍ଶନ କରିବାକୁ ହେଲେ ହାତରେ କିଛି ଆଣିବାକୁ ହୁଏ, ସେଥିପାଇଁ ଫଳ ହାତରେ ଧରି ଆସେ । ଏକାବେଳକେ ଅଭିମାନ ଶୂନ୍ୟ !

(ଅଧରଙ୍କ ପ୍ରତି)—"ଦେଖ, ତୁମେ ଏତେ ବିଦ୍ୱାନ ପୁଣି ଡେପୁଟି ତଥାପି ତୁମେ ସ୍ତ୍ରୀଙ୍କର ବଶ । ଆଗେଇ ପଡ଼ । ଚନ୍ଦନ କାଠ ପରେ ମଧ୍ୟ ଆଉ ଭଲ ଭଲ ଜିନିଷ ଅଛି; ରୂପାର ଖଣି, ତାହାପରେ ସୁନାର ଖଣି, ତାହାପରେ ହୀରା ମାଣିକ । କାଠୁରିଆ ବଣରେ କାଠ କାଟୁଥିଲା, ତେଣୁ ବ୍ରହ୍ମଚାରୀ ତାକୁ କହିଲେ, 'ଆଗେଇ ପଡ଼' ।"

ଶିବଙ୍କ ମନ୍ଦିରଠାରୁ ଅବତରଣ କରି ଶ୍ରୀରାମକୃଷ୍ଣ ପ୍ରାଙ୍ଗଣ ମଧ୍ୟ ଦେଇ ନିଜ ଘର ଦିଗକୁ ଆସୁଛନ୍ତି । ସଙ୍ଗରେ ଅଧର, ମାଷ୍ଟର ପ୍ରଭୃତି ଭକ୍ତମାନେ । ଏପରି ସମୟରେ ବିଷ୍ଣୁଘରର ସେବକ ପୂଜାରୀ ଶ୍ରୀଯୁକ୍ତ ରାମ ଚାଟାର୍ଜୀ ଆସି ଖବର ଦେଲେ ଶ୍ରୀଶ୍ରୀମା'ଙ୍କର ପରିଚାରିକାର ହଇଜା ହୋଇଛି ।

ରାମ ଚାଟାର୍ଜୀ(ଶ୍ରୀରାମକୃଷ୍ଣଙ୍କ ପ୍ରତି)—ମୁଁ ତ ଦଶଟା ସମୟରେ କହିଲି, ଆପଣମାନେ ଶୁଣିଲେ ନାହିଁ !

ଶ୍ରୀରାମକୃଷ୍ଣ—ମୁଁ କଅଣ କରିବି ?

ରାମ ଚାଟାର୍ଜୀ—ଆପଣ କଅଣ କରିବେ ? ରାଖାଲ, ରାମଲାଲ ଏମାନେ ସବୁ ଥିଲେ, ସେମାନେ କେହି କିଛି କହିଲେ ନାହିଁ ।

ମାଷ୍ଟର—କିଶୋରୀ (ଗୁପ୍ତ) ଔଷଧ ଆଣିବାକୁ ଯାଇଛନ୍ତି ଆଲମ୍‌ବଜାରକୁ ।

ଶ୍ରୀରାମକୃଷ୍ଣ—କ'ଣ ଏକା ? କେଉଁଠାରୁ ଆଣିବ ?

ମାଷ୍ଟର—ଆଉ କେହି ସଙ୍ଗରେ ନାହିଁ । ଆଲମବଜାରରୁ ଆଣିବେ ।

ଶ୍ରୀରାମକୃଷ୍ଣ(ମାଷ୍ଟରଙ୍କ ପ୍ରତି)—ଯେଉଁମାନେ ରୋଗୀଙ୍କୁ ଦେଖୁଛନ୍ତି ସେମାନଙ୍କୁ କହିଦିଅ ବଢ଼ିଲେ କଅଣ କରିବାକୁ ହେବ; କମିଲେ ବା କଅଣ ଖାଇବେ ।

ମାଷ୍ଟର—ଯେ ଆଜ୍ଞା ।

ଭକ୍ତବଧୂଗଣ ଏଥର ଆସି ପ୍ରଣାମ କଲେ । ସେମାନେ ବିଦାୟ ଗ୍ରହଣ କଲେ । ଶ୍ରୀରାମକୃଷ୍ଣ ସେମାନଙ୍କୁ ପୁଣି କହିଲେ, **"ଶିବପୂଜା ଯେପରି କହିଲି**

ସେପରି କରିବ । ଆଉ ଖାଇପିଇ ଆସ, ତାହା ନ ହେଲେ ମୋର କଷ୍ଟ ହୁଏ । ସ୍ନାନଯାତ୍ରା ଦିନ ପୁଣି ଆସିବାକୁ ଚେଷ୍ଟା କର ।''

## (୪)

### ବନ୍ଦୋପାଧ୍ୟାୟଙ୍କୁ ଶିକ୍ଷା—ଭାର୍ଯ୍ୟା ସଂସାରର କାରଣ—ଶରଣାଗତ ହୁଅ

ଶ୍ରୀରାମକୃଷ୍ଣ ଏଥର ପଶ୍ଚିମର ଗୋଲ ବାରଣ୍ଡାରେ ଆସି ବସିଛନ୍ତି । ବନ୍ଦୋପାଧ୍ୟାୟ, ହରି, ମାଷ୍ଟର ପ୍ରଭୃତି ପାଖରେ ବସିଛନ୍ତି । ବନ୍ଦୋପାଧ୍ୟାୟଙ୍କର ସଂସାରର କଷ୍ଟ ଠାକୁର ସବୁ ଜାଣନ୍ତି ।

ଶ୍ରୀରାମକୃଷ୍ଣ—ଦେଖ, ''ଏକ କୌପିନ୍‌କା ବାସ୍ତେ'' ଯେତେ କଷ୍ଟ । ବିବାହ କରି, ପିଲାପିଲି ହୋଇଛନ୍ତି, ତେଣୁ ଚାକିରୀ କରିବାକୁ ହୁଏ । ସାଧୁ କୌପିନ୍ ନେଇ ବ୍ୟସ୍ତ ସଂସାରୀ ବ୍ୟସ୍ତ ଭାର୍ଯ୍ୟାକୁ ନେଇ । ପୁଣି ଘର ଭିତରେ ମିଳାମିଶା ମଧ୍ୟ ନାହିଁ, ସେଥିପାଇଁ ଅଲଗା ବସା କରିବାକୁ ହୋଇଛି ! (ସହାସ୍ୟ) ଚୈତନ୍ୟଦେବ ନିତାଇଙ୍କୁ କହିଥିଲେ, ଶୁଣ ଶୁଣ ନିତ୍ୟାନନ୍ଦ ଭାଇ ସଂସାରୀ ଜୀବର କେବେ ଗତି ନାହିଁ ।

ମାଷ୍ଟର(ସ୍ୱଗତଃ)—ଠାକୁର ବୋଧହୁଏ ଅବିଦ୍ୟାର ସଂସାର କଥା କହୁଛନ୍ତି । ଅବିଦ୍ୟା ସଂସାରରେ ହିଁ ବୋଧହୁଏ 'ସଂସାରୀ ଜୀବ' ରହେ ।

(ମାଷ୍ଟରଙ୍କୁ ଦେଖାଇ, ସହାସ୍ୟ) ଏ ମଧ୍ୟ ଅଲଗା ବସା କରିଛନ୍ତି । 'ତୁମେ କିଏ, ନା 'ମୁଁ ବିଦେଶିନୀ' ଆଉ ତୁମେ କିଏ, ନା 'ମୁଁ' ବିରହିଣୀ' । (ସମସ୍ତଙ୍କର ହାସ୍ୟ) ବେଶ୍ ମେଳ ହୋଇ ରହିବ ।

''ତେବେ ତାଙ୍କର **ଶରଣାଗତ** ହେଲେ ଆଉ ଭୟ ନାହିଁ । ସେ ହିଁ କେବଳ ରକ୍ଷା କରିବେ ।''

ହରି ପ୍ରଭୃତି—ଆଚ୍ଛା ଅନେକଙ୍କର ତାଙ୍କୁ ଲାଭ କରିବାକୁ ଏତେ ଡେରି ହୁଏ କାହିଁକି ?

ଶ୍ରୀରାମକୃଷ୍ଣ—କ'ଣ ଜାଣ, **ଭୋଗ ଆଉ କର୍ମ** ଶେଷ ନ ହେଲେ ବ୍ୟାକୁଳତା ଆସେ ନାହିଁ । ବୈଦ୍ୟ କହନ୍ତି, ଦିନ କଟୁ—ତାହାପରେ ସାମାନ୍ୟ ଔଷଧରେ ଉପକାର ହେବ ।

''ନାରଦ ରାମଙ୍କୁ କହିଲେ, 'ରାମ ! ତୁମେ ଅଯୋଧ୍ୟାରେ ବସି ରହିଲେ, ରାବଣ ବଧ କିପରି ହେବ ? ତୁମେ ଯେ ସେଥିପାଇଁ ଅବତୀର୍ଣ୍ଣ ହୋଇଛ ! ରାମ କହିଲେ, 'ନାରଦ ! ସମୟ ହେଉ, ରାବଣର କର୍ମ-କ୍ଷୟ ହେଉ, ତେବେ ତା'ର ବଧର ଉଦ୍‌ଯୋଗ ହେବ ।[୧]''

୧. ଅଧ୍ୟାତ୍ମ ରାମାୟଣ, ଅଯୋଧ୍ୟାକାଣ୍ଡ ।

The Problem of Evil and Hari (Turiyananda)

### ଠାକୁରଙ୍କର ବିଜ୍ଞାନୀର ଅବସ୍ଥା

ହରି—ଆଚ୍ଛା, ସଂସାରରେ ଏତେ ଦୁଃଖ କାହିଁକି ?

ଶ୍ରୀରାମକୃଷ୍ଣ—ଏ ସଂସାର ତାଙ୍କର ଲୀଳା ଖେଳା ପରି । ଏହି ଲୀଳାରେ ସୁଖ-ଦୁଃଖ, ପାପ-ପୁଣ୍ୟ, ଜ୍ଞାନ-ଅଜ୍ଞାନ, ଭଲ-ମନ୍ଦ—ସବୁ ଅଛି । ଦୁଃଖ, ପାପ ଏ ସବୁ ଗଲେ ଲୀଳା ଚଳେ ନାହିଁ ।

''ଲୁଚକାଳି ଖେଳରେ ବୁଢ଼ୀକୁ ଛୁଇଁବାକୁ ହୁଏ । ଖେଳର ଆରମ୍ଭରେ ବୁଢ଼ୀକୁ ଛୁଇଁଲେ ବୁଢ଼ୀ ସନ୍ତୁଷ୍ଟ ହୁଏ ନାହିଁ । ଈଶ୍ୱରଙ୍କର (ବୁଢ଼ୀର) ଇଛା ଯେ ଖେଳଟା କିଛିକ୍ଷଣ ଚାଲୁ । ତାହାପରେ—

''ଲକ୍ଷେ ଗୁଡ଼ିରୁ କଟେ ଗୋଟେ-ଦୁଇଟି,
ହସି ଦିଅ ମା' ହାତ-ତାଳି ।

''ଅର୍ଥାତ୍ ଅନେକ ତପସ୍ୟା ପରେ ତାଙ୍କ କୃପାରୁ ଈଶ୍ୱରଦର୍ଶନ କରି, ଜଣେ ଦୁଇଜଣ ମୁକ୍ତ ହୋଇ ଯାଆନ୍ତି । ସେତେବେଳେ ମା' ଆନନ୍ଦରେ ହାତତାଳି ଦିଅନ୍ତି, କଟିଗଲା ହେ, ଏହା କହି ।''

ହରି—ଖେଳାରେ ଯେ, ଆମମାନଙ୍କର ପ୍ରାଣ ଯାଏ !

ଶ୍ରୀରାମକୃଷ୍ଣ(ସହାସ୍ୟ)—ତୁମେ କିଏ, କହ ଦେଖି; ଈଶ୍ୱର ସବୁ ହୋଇଛନ୍ତି—ମାୟା, ଜୀବ, ଜଗତ୍ ଚତୁର୍ବିଂଶତି ତତ୍ତ୍ୱ ।[୧]

''ସାପ ହୋଇ ଖାଏ, ପୁଣି ଗୁଣିଆ ହୋଇ ଝାଡ଼େ । ସେ ବିଦ୍ୟା ଅବିଦ୍ୟା ଦୁଇ ହୋଇ ରହିଛନ୍ତି । ଅବିଦ୍ୟା ମାୟାରେ ଅଜ୍ଞାନ ହୋଇ ରହିଛନ୍ତି; ବିଦ୍ୟା ମାୟାରେ ଓ ଗୁରୁରୂପରେ ଗୁଣିଆ ହୋଇ ଝାଡୁଛନ୍ତି ।

''ଅଜ୍ଞାନ, ଜ୍ଞାନ, ବିଜ୍ଞାନ । ଜ୍ଞାନୀ ଦେଖନ୍ତି ସେ ହିଁ କେବଳ ଅଛନ୍ତି, ସେ ହିଁ କେବଳ କର୍ତ୍ତା; ସୃଷ୍ଟି, ସ୍ଥିତି, ସଂହାର କରୁଛନ୍ତି । ବିଜ୍ଞାନୀ ଦେଖନ୍ତି ସେ ହିଁ କେବଳ ସବୁ ହୋଇରହିଛନ୍ତି ।

''ମହାଭାବ, ପ୍ରେମ ହେଲେ ଦେଖାଯାଏ ତାଙ୍କ ଛଡ଼ା ଆଉ କିଛି ନାହିଁ ।

''ଭାବ ପାଖରେ ଭକ୍ତି କିଛି ନୁହେଁ, ଭାବ ପକ୍ୱ ହେଲେ ମହାଭାବ, ପ୍ରେମ ।

(ବନ୍ଦୋପାଧ୍ୟାୟଙ୍କ ପ୍ରତି)—''ଧ୍ୟାନ ସମୟରେ ଘଣ୍ଟା ଶବ୍ଦ ବର୍ତ୍ତମାନ ମଧ୍ୟ କ'ଣ ଶୁଣ ?''

ବନ୍ଦ୍ୟୋ—ରୋଜ୍ ଏହି ଶବ୍ଦ ଶୁଣା ! ପୁଣି ରୂପ ଦର୍ଶନ ! ଥରେ ମନ ଧରିଲେ ଆଉ କ'ଣ ବିରାମ ହୁଏ ?

---

୧. ତ୍ୱ ସ୍ତ୍ରୀ ତ୍ୱଂ ପୁମାନସି, ତ୍ୱଂ କୁମାର ଉତ ବା କୁମାରୀ ।
ତ୍ୱଂ ଜୀର୍ଣୋ ଦଣ୍ଡେନ ବଞ୍ଚସି ତ୍ୱଂ ଜାତୋ ଭବସି ବିଶ୍ୱତୋମୁଖଃ ।
—ଶ୍ୱେତାଶ୍ୱେତର ଉପନିଷଦ୍ ୪/୩

ଶ୍ରୀରାମକୃଷ୍ଣ(ସହାସ୍ୟ)—ହଁ, କାଠରେ ଥରେ ଅଗ୍ନି ଧରିଲେ ଆଉ ଲିଭେ ନାହିଁ । (ଭକ୍ତମାନଙ୍କ ପ୍ରତି)ଏ ବିଶ୍ୱାସର କଥା ଅନେକ ଜାଣନ୍ତି ।

ବନ୍ଦ୍ୟୋ—ମୋର ବିଶ୍ୱାସଟା ଖୁବ୍ ବେଶୀ ।

ଶ୍ରୀରାମକୃଷ୍ଣ—କିଛି କୁହନା ।

ବନ୍ଦ୍ୟୋ—ଗୁରୁ ଜଣଙ୍କୁ ଗାରଡ଼ି ମନ୍ତ୍ର ଦେଇଥିଲେ, ଆଉ କହିଥିଲେ, ଗାରଡ଼ି ତୋର ଇଷ୍ଟ । ଗାରଡ଼ି ମନ୍ତ୍ର ଜପି ସେ ସିଦ୍ଧ ହେଲା ।

''ଘାସ କଟାଳୀ ରାମ ନାମ କରି ଗଙ୍ଗା ପାର ହୋଇ ଯାଇଥିଲା !''

ଶ୍ରୀରାମକୃଷ୍ଣ—ତୁମ ଘରର ସ୍ତ୍ରୀଲୋକମାନଙ୍କୁ ବଳରାମଙ୍କ ଘରର ସ୍ତ୍ରୀ-ଲୋକମାନଙ୍କ ସଙ୍ଗରେ ଆଣ ।

ବନ୍ଦ୍ୟୋ—ବଳରାମ କିଏ ?

ଶ୍ରୀରାମକୃଷ୍ଣ—ବଳରାମ କିଏ ଜାଣ ନାହିଁ ? ବୋସପଡ଼ାରେ ଘର ।

ସରଳ ଲୋକ ଦେଖିଲେ ଶ୍ରୀରାମକୃଷ୍ଣ ଆନନ୍ଦରେ ବିଭୋର ହୁଅନ୍ତି । ବନ୍ଦ୍ୟୋପାଧ୍ୟାୟ ଖୁବ୍ ସରଳ; ନିରଞ୍ଜନକୁ ମଧ୍ୟ ସରଳ ବୋଲି ଖୁବ୍ ଭଲ ପାଆନ୍ତି ।

ଶ୍ରୀରାମକୃଷ୍ଣ(ମାଷ୍ଟରଙ୍କ ପ୍ରତି)—ତୁମଙ୍କୁ ନିରଞ୍ଜନଙ୍କ ସଙ୍ଗରେ ଦେଖା କରିବାକୁ କହୁଛି କାହିଁକି ? ସେ ସରଳ, ସତ୍ୟବାଦୀ । ଏହିଟି ଦେଖିବ ବୋଲି ।

# ଚତୁର୍ବିଂଶ ପରିଚ୍ଛେଦ

## ଠାକୁର ଶ୍ରୀରାମକୃଷ୍ଣ ଦକ୍ଷିଣେଶ୍ୱର ମନ୍ଦିରରେ, ଜନ୍ମୋତ୍ସବ ଦିବସରେ, ବିଜୟ, କେଦାର, ରାଖାଲ, ସୁରେନ୍ଦ୍ର ପ୍ରଭୃତି ଭକ୍ତଙ୍କ ସଙ୍ଗରେ

**(ପଞ୍ଚବଟୀ ମୂଳରେ ଜନ୍ମୋତ୍ସବ ଦିବସରେ ବିଜୟ ପ୍ରଭୃତି ଭକ୍ତଙ୍କ ସଙ୍ଗେ ।)**

ଠାକୁର ଶ୍ରୀରାମକୃଷ୍ଣ ପଞ୍ଚବଟୀ ତଳେ ପୁରାତନ ବଟବୃକ୍ଷ ମୂଳରେ ଚାନ୍ଦିନୀ ଉପରେ ବିଜୟ, କେଦାର, ସୁରେନ୍ଦ୍ର, ଭବନାଥ, ରାଖାଲ, ପ୍ରଭୃତି ଅନେକ ଭକ୍ତଙ୍କ ସଙ୍ଗରେ ଦକ୍ଷିଣାଭିମୁଖ ହୋଇ ବସିଛନ୍ତି । କେତେଜଣ ଭକ୍ତ ଚାନ୍ଦିନୀ ଉପରେ ବସିଛନ୍ତି । ଅଧିକାଂଶ ଚାନ୍ଦିନୀ ତଳେ, ଚତୁର୍ଦ୍ଦିଗରେ ଠିଆ ହୋଇଛନ୍ତି । ସମୟ ଗୋଟାଏ ହେବ । ରବିବାର, ୧୩ ତାରିଖ ଜ୍ୟେଷ୍ଠ ୨୫ ମଇ ୧୮୮୪ ଖ୍ରୀଷ୍ଟାବ୍ଦ । ଶୁକ୍ଳା ପ୍ରତିପଦ ।

ଠାକୁରଙ୍କର ଜନ୍ମଦିନ ଫାଲ୍‌ଗୁନ ମାସର ଶୁକ୍ଳ ପକ୍ଷର ଦ୍ୱିତୀୟା ତିଥି । କିନ୍ତୁ ତାଙ୍କ ହାତରେ ବେରାମ ବୋଲି ଏତେଦିନ ଜନ୍ମୋତ୍ସବ ହୋଇନାହିଁ । ବର୍ତ୍ତମାନ ଅନେକଟା ସୁସ୍ଥ ହୋଇଛନ୍ତି । ତେଣୁ ଆଜି ଭକ୍ତମାନେ ଆନନ୍ଦ କରିବେ । ସହଚରୀ ଗୀତ ଗାଇବେ । ସହଚରୀ ପ୍ରବୀଣା ହୋଇଛନ୍ତି କିନ୍ତୁ ପ୍ରସିଦ୍ଧ କୀର୍ତ୍ତନୀ ।

ମାଷ୍ଟର ଠାକୁରଙ୍କ ଘରେ ଠାକୁରଙ୍କୁ ଦେଖି ନ ପାରି ପଞ୍ଚବଟୀକୁ ଆସି ଦେଖନ୍ତି ଯେ, ଭକ୍ତମାନେ ସହାସ୍ୟ ବଦନ ଆନନ୍ଦରେ ଅବସ୍ଥାନ କରୁଛନ୍ତି । ଠାକୁର ବୃକ୍ଷମୂଳରେ ଚାନ୍ଦିନୀ ଉପରେ ଯେ ବସିଛନ୍ତି, ସେ ଦେଖିପାରି ନାହାନ୍ତି । ଅଥଚ ଠାକୁରଙ୍କ ଠିକ୍ ସମ୍ମୁଖରେ ଆସି ଠିଆ ହୋଇଛନ୍ତି । ସେ ବ୍ୟସ୍ତ ହୋଇ ପ୍ରଶ୍ନ କରୁଛନ୍ତି—ସେ କେଉଁଠାରେ ? ଏହି କଥା ଶୁଣି ଉଚ୍ଚହାସ୍ୟ କଲେ । ହଠାତ୍ ସମ୍ମୁଖରେ ଠାକୁରଙ୍କୁ ଦର୍ଶନ କରି, ମାଷ୍ଟର ଅପ୍ରସ୍ତୁତ ହୋଇ ତାହାଙ୍କୁ ଭୂମିଷ୍ଠ ହୋଇ ପ୍ରଣାମ କଲେ । ଦେଖିଲେ ଠାକୁରଙ୍କର ବାମ ଦିଗରେ କେଦାର (ଚାଟାର୍ଜୀ) ଏବଂ ବିଜୟ (ଗୋସ୍ୱାମୀ) ଚାନ୍ଦିନୀ ଉପରେ ବସିଛନ୍ତି । ଠାକୁର ଦକ୍ଷିଣାଭିମୁଖ ।

ଶ୍ରୀରାମକୃଷ୍ଣ(ସହାସ୍ୟ, ମାଷ୍ଟରଙ୍କ ପ୍ରତି)—ଦେଖ, କିପରି ଦୁଇଜଣଙ୍କୁ (କେଦାର ଓ ବିଜୟଙ୍କୁ) ମିଳାଇ ଦେଇଛି !

ଶ୍ରୀବୃନ୍ଦାବନଠାରୁ ମାଧବୀଲତା ଆଣି ଠାକୁର ପଞ୍ଚବଟୀରେ ୧୮୬୮ ଖ୍ରୀଷ୍ଟାବ୍ଦରେ ରୋପଣ କରିଥିଲେ । ବର୍ତ୍ତମାନ ମାଧବୀ ବଡ଼ ହୋଇଛି । ଛୋଟ ଛୋଟ ପିଲାମାନେ ଉଠି ଦୋଳୁଛନ୍ତି, ନାଚୁଛନ୍ତି—ଠାକୁର ଆନନ୍ଦରେ ଦେଖୁଛନ୍ତି ଓ କହୁଛନ୍ତି—"ମାଙ୍କଡ଼ ଛୁଆର ଭାବ । ପଡ଼ିଲେ ଛାଡ଼େ ନାହିଁ ।" ସୁରେନ୍ଦ୍ର ଚାନ୍ଦିନୀ ତଳେ ଠିଆ ହୋଇଛନ୍ତି । ଠାକୁର ସସ୍ନେହରେ କହୁଛନ୍ତି, "ତୁମେ ଉପରକୁ ଆସ । ଏପରି (ଗୋଡ଼ଲମ୍ବାଇ) ବସିଲେ ଭଲ ହେବ ।"

ସୁରେନ୍ଦ୍ର ଉପରକୁ ଯାଇ ବସିଲେ । ଭବନାଥ ଜାମା ପିନ୍ଧି ବସିଛନ୍ତି ଦେଖି ସୁରେନ୍ଦ୍ର କହୁଛନ୍ତି — ''କି ହୋ କ'ଣ ବିଲାତକୁ ଯିବ ?''

ଠାକୁର ହସୁଛନ୍ତି ଓ କହୁଛନ୍ତି — ''ଆମର ବିଲାତ ଈଶ୍ୱରଙ୍କ ପାଖରେ ।'' ଠାକୁର ଭକ୍ତମାନଙ୍କ ସହିତ ନାନା ବିଷୟରେ କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ — ମୁଁ ମଝିରେ ମଝିରେ ଲୁଗା ଫିଙ୍ଗି, ଆନନ୍ଦମୟ ହୋଇ ବୁଲୁଥିଲି ! ଶମ୍ଭୁ ଦିନେ କହୁଛି, 'ଆହେ ତୁମେ ତେବେ ଲଙ୍ଗୁଳୀ ହୋଇ ବୁଲ ! ବେଶ୍ ଆରାମ ମୁଁ ଦିନେ ଦେଖିଲି !'

ସୁରେନ୍ଦ୍ର ଅଫିସ୍‌ରୁ ଆସି ଜାମା ଚାପକାନ ଖୋଲିବା ସମୟରେ କହେ — ମା' ତୁମେ କେତେ ବନ୍ଧାଇ ବାନ୍ଧିଛ !

### ସୁରେନ୍ଦ୍ରଙ୍କର ଅଫିସ୍ । ସଂସାର, ଅଷ୍ଟପାଶ ଓ ତିନିଗୁଣ

ଶ୍ରୀରାମକୃଷ୍ଣ — ଅଷ୍ଟପାଶ ଦେଇ ବନ୍ଧନ । ଲଜ୍ଜା, ଘୃଣା, ଭୟ, ଜାତି, ଅଭିମାନ, ସଙ୍କୋଚ, ଗୋପନର ଇଚ୍ଛା, — ଏହିସବୁ ।

ଠାକୁର ଗୀତ ଗାଉଛନ୍ତି —

ମା' ମୋର ଦୁଃଖ ଭାରୀ,
ତୁମେ ଥାଉଁ ଥାଉଁ ମା' ମୋର ଘରେ ହୁଏ ଚୋରି ।
ଗୀତ — ଭବ ସଂସାର ବଜାରରେ ଶ୍ୟାମା ମା' ଉଡାଏ ଗୁଡ଼ି,
ଗୁଡ଼ିରେ ଭରି ଆଶାବାୟୁ ଧରିଛି ବାନ୍ଧି ମାୟା ଦୌଡି ।
''ମାୟା ଦୌଡ଼ି ଅର୍ଥାତ୍ ସ୍ତ୍ରୀ-ପିଲା । ବିଷୟ କାମିନୀ-କାଞ୍ଚନ ।
ଗୀତ — ଆସି ସଂସାରେ ଖେଳିବି ପଶା ଥିଲା ମୋର କେତେ ଆଶା,
ପ୍ରଥମେ ପାଇ ପଞ୍ଜୁଡ଼ି ମୋର ଆଶା ହେଲା ନିରାଶା ।

''ପଞ୍ଜୁଡ଼ି ଅର୍ଥାତ୍ ପଞ୍ଚଭୂତ । ପଞ୍ଜା ଛକାରେ ବନ୍ଦୀ ହେବ । ଅର୍ଥାତ୍ ପଞ୍ଚଭୂତ ଓ ଛଅ ରିପୁଙ୍କ ବଶ ହେବା । 'ଛଅ ତିନି ନଅକୁ ଫାଙ୍କି ଦେବା' ଛଅକୁ ଫାଙ୍କି ଦେବା ଅର୍ଥାତ୍ ଛଅ ରିପୁଙ୍କ ବଶ ନ ହେବା । 'ତିନିକୁ ଫାଙ୍କି ଦେବ ।' ଅର୍ଥାତ୍ ତିନି ଗୁଣର ଅତୀତ ହେବା ।

''ସତ୍ତ୍ୱ , ରଜଃ, ତମଃ ଏହି ତିନି ଗୁଣ ମନୁଷ୍ୟକୁ ବଶ କରିଛି । ତିନିଭାଇ; ସତ୍ତ୍ୱ ଥିଲେ ରଜଃକୁ ଡାକି ପାରେ, ରଜଃ ଥିଲେ ତମଃକୁ ଡାକି ପାରେ । ତିନିଗୁଣ ହିଁ ଚୋର । ତମଗୁଣ ବିନାଶ କରେ, ରଜୋଗୁଣରେ ବଦ୍ଧ କରେ; ସତ୍ତ୍ୱ ଗୁଣର ବନ୍ଧନ ଖୋଲେ ସତ, କିନ୍ତୁ ଈଶ୍ୱରଙ୍କ ନିକଟକୁ ଯାଇପାରେ ନାହିଁ ।''

ବିଜୟ(ସହାସ୍ୟ) — ସତ୍ତ୍ୱ ମଧ୍ୟ ଚୋର ।

ଶ୍ରୀରାମକୃଷ୍ଣ(ସହାସ୍ୟ) — ଈଶ୍ୱରଙ୍କ ପାଖକୁ ନେଇ ଯାଇପାରେ ନାହିଁ, କିନ୍ତୁ ପଥ ଦେଖାଇ ଦିଏ ।

ଭବନାଥ — ବାଃ ! କି ଚମତ୍କାର କଥା !

ଶ୍ରୀରାମକୃଷ୍ଣ — ହଁ, ଏ ଖୁବ୍ ଉଚ୍ଚ କଥା ।

ଭକ୍ତମାନେ ଏହିସବୁ କଥା ଶୁଣି ଆନନ୍ଦ କରୁଛନ୍ତି ।

## (୨)

### ବିଜୟ ଓ କେଦାର ପ୍ରଭୃତିଙ୍କ ପ୍ରତି
### କାମିନୀ–କାଞ୍ଚନ ସମ୍ବନ୍ଧରେ ଉପଦେଶ

ଶ୍ରୀରାମକୃଷ୍ଣ — ବନ୍ଧନର କାରଣ କାମିନୀ-କାଞ୍ଚନ । କାମିନୀ-କାଞ୍ଚନ ହିଁ ସଂସାର । ଈଶ୍ୱରଙ୍କୁ ଦେଖିବାକୁ ଦିଏ ନାହିଁ ।

ଏହା କହି ଠାକୁର ନିଜର ଗାମୁଛା ନେଇ ସମ୍ମୁଖ ଆବରଣ କଲେ । ଆଉ କହୁଛନ୍ତି — "ଆଉ ମୋତେ ତୁମେମାନେ ଦେଖିପାରୁଛ ? — ଏହି ଆବରଣ ! ଏହି କାମିନୀ-କାଞ୍ଚନ ଆବରଣ ଗଲେ ଚିଦାନନ୍ଦ ଲାଭ ।

"ଦେଖ ନା, — **ଯେ ସ୍ତ୍ରୀ–ସୁଖ ତ୍ୟାଗ କରିଛି, ସେ ଜଗତ୍ ସୁଖ ତ୍ୟାଗ କରିଛି ! ଈଶ୍ୱର** ତାହାର ଅତି ନିକଟରେ ।

କେହି ବସି କେହି ଠିଆ ହୋଇ ନିଃଶବ୍ଦରେ ଏହି କଥା ଶୁଣୁଅଛନ୍ତି ।

(କେଦାର, ବିଜୟ ପ୍ରଭୃତିଙ୍କ ପ୍ରତି) — "ସ୍ତ୍ରୀ-ସୁଖ ଯେ ତ୍ୟାଗ କରିଛି, ସେ ଜଗତ ସୁଖ ତ୍ୟାଗ କରିଛି । ଏହି କାମିନୀ-କାଞ୍ଚନ ହିଁ ଆବରଣ । ତୁମମାନଙ୍କର ତ ଏତେ ବଡ଼ ବଡ଼ ନିଶ, ତଥାପି ତୁମେମାନେ ଏଥିରେ ହିଁ ରହିଛ ! କହ ! ମନେ ମନେ ବିବେଚନା କରି ଦେଖ — "

ବିଜୟ — ଆଜ୍ଞା, ତାହା ସତ କଥା ।

କେଦାର ଅବାକ୍ ହୋଇ ଚୁପ୍‌କରି ଅଛନ୍ତି । ଠାକୁର କହୁଛନ୍ତି —

ସମସ୍ତଙ୍କୁ ଦେଖୁଛି, ସ୍ତ୍ରୀଲୋକଙ୍କର ବଶ । କ୍ୟାପ୍‌ଟେନ୍‌ଙ୍କ ଘରକୁ ଯାଇଥିଲି — ତାଙ୍କ ଘର ହୋଇ ରାମଙ୍କ ଘରକୁ ଯିବି । ତେଣୁ କ୍ୟାପ୍‌ଟେନ୍‌ଙ୍କୁ କହିଲି, 'ଗାଡ଼ିଭଡ଼ା ଦିଅ' । କ୍ୟାପ୍‌ଟେନ୍ ତାଙ୍କର ସ୍ତ୍ରୀଙ୍କୁ କହିଲେ । ସେ ସ୍ତ୍ରୀ ମଧ୍ୟ ସେହିପରି — 'କ୍ୟା ହୁଆ' କ୍ୟା ହୁଆ' କରିବାକୁ ଲାଗିଲେ । ଶେଷରେ କ୍ୟାପ୍‌ଟେନ୍ କହିଲେ ଯେ, ସେମାନେ ହିଁ (ରାମ ପ୍ରଭୃତି) ଦେବେ । ଗୀତା, ଭାଗବତ, ବେଦାନ୍ତ, ସବୁ ତାଙ୍କ ଭିତରେ ! (ସମସ୍ତଙ୍କର ହାସ୍ୟ) ।

"ଟଙ୍କା କଉଡ଼ି ସର୍ବସ୍ୱ ସବୁ ସ୍ତ୍ରୀ ହାତରେ ! ପୁଣି କୁହାହୁଏ — 'ମୁଁ ଦୁଇଟା ଟଙ୍କା ମଧ୍ୟ ମୋ ପାଖରେ ରଖିପାରେ ନାହିଁ — କିପରି ମୋର ସ୍ୱଭାବ ।"

"ବଡ଼ବାବୁଙ୍କ ହାତରେ ଅନେକ କର୍ମ, କିନ୍ତୁ କରି ଦେଉନାହାଁନ୍ତି । ଜଣେ କହିଲା, 'ଗୋଲାପୀକୁ ଧର, ତେବେ କର୍ମ ହେବ ।' ଗୋଲାପୀ ବଡ଼ବାବୁଙ୍କର ରାଣ୍ଡ ।"

## ପୂର୍ବକଥା—ଫୋର୍ଟ ଦର୍ଶନ—ସ୍ତ୍ରୀଲୋକ ଓ ଗଡ଼ାଣିଆ ରାସ୍ତା

''ପୁରୁଷଗୁଡ଼ାକ ବୁଝିପାରନ୍ତି ନାହିଁ, କେତେ ତଳେ ଅଛନ୍ତି ।

''କିଲ୍ଲାରେ ଯେତେବେଳେ ଗାଡ଼ିରେ ଯାଇ ପହଞ୍ଚିଲି ସେତେବେଳେ ବୋଧ ହେଲା ଯେପରି ସାଧାରଣ ଭାବରେ ରାସ୍ତାରେ ଆସିଲି । ତାହାପରେ ଦେଖେ ଯେ ଚାରିତାଲା ତଳକୁ ଆସିଛି ! ଗଡ଼ାଣିଆ ରାସ୍ତା ! ଯାହାକୁ ଭୂତ ଲାଗିଛି, ସେ ଜାଣିପାରେ ନାହିଁ ଯେ ତାକୁ ଭୂତ ଲାଗିଛି । ସେ ଭାବେ, ସେ ଭଲ ଅଛି ।''

ବିଜୟ(ସହାସ୍ୟ)—ଗୁଣିଆ ମିଳିଗଲେ ଭୂତ ଝାଡ଼ିଦିଏ ।

ଶ୍ରୀରାମକୃଷ୍ଣ ସେ କଥାର ବେଶୀ ଉତ୍ତର ଦେଲେ ନାହିଁ । କେବଳ କହିଲେ, ''ସେ ଈଶ୍ୱରଙ୍କ ଇଚ୍ଛା ।'' ସେ ପୁଣି ସ୍ତ୍ରୀଲୋକ କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ—ଯାହାକୁ ପ୍ରଶ୍ନ କରେ, ସେ କହେ, ଆଜ୍ଞା ହଁ, ମୋର ସ୍ତ୍ରୀଟି ଭଲ । ଜଣଙ୍କର ହେଲେ ସ୍ତ୍ରୀ ମନ୍ଦ ନୁହନ୍ତି ! (ସମସ୍ତଙ୍କର ହାସ୍ୟ)

''ଯେଉଁମାନେ କାମିନୀ-କାଞ୍ଚନ ନେଇ ଥାଆନ୍ତି, ସେମାନେ ନିଶାରେ କିଛି ବୁଝିପାରନ୍ତି ନାହିଁ । ଯେଉଁମାନେ ଦାବାଗୋଟି ଖେଳନ୍ତି, ସେମାନେ ଅନେକ ସମୟରେ ଜାଣନ୍ତି ନାହିଁ, କିପରି ଠିକ୍ ଗୋଟି ଚଳାଇବାକୁ ହେବ । କିନ୍ତୁ ଯେଉଁମାନେ ଦୂରରୁ ଦେଖନ୍ତି, ସେମାନେ ଅନେକଟା ବୁଝିପାରନ୍ତି ।

''ସ୍ତ୍ରୀ ମାୟାରୂପିଣୀ । ନାରଦ ରାମଙ୍କୁ ସ୍ତବ କରିବାକୁ ଲାଗିଲେ—'ହେ ରାମ, ସବୁ ପୁରୁଷ ତୁମର ଅଂଶ ସବୁ ସ୍ତ୍ରୀ ତୁମର ମାୟାରୂପିଣୀ ସୀତାଙ୍କ ଅଂଶ । ଆଉ କୌଣସି ବର ଚାହେଁ ନାହିଁ—ଏହି ଆଶୀର୍ବାଦ କର ଯେପରି ତୁମ ପାଦପଦ୍ମରେ ଶୁଦ୍ଧା ଭକ୍ତି ହୁଏ, ଆଉ ଯେପରି ତୁମର ଜଗତମୋହିନୀ ମାୟାରେ ମୁଗ୍ଧ ନ ହୁଏ ।''

## ଗିରୀନ୍ଦ୍ର, ନଗେନ୍ଦ୍ର ପ୍ରଭୃତିଙ୍କ ପ୍ରତି ଉପଦେଶ

ସୁରେନ୍ଦ୍ରଙ୍କର କନିଷ୍ଠ ଭ୍ରାତା ଗିରୀନ୍ଦ୍ର ଓ ନଗେନ୍ଦ୍ର ପ୍ରଭୃତି ଭ୍ରାତୁଷ୍ପୁତ୍ରମାନେ ଆସିଛନ୍ତି । ଗିରୀନ୍ଦ୍ର ଅଫିସ କାର୍ଯ୍ୟରେ ନିଯୁକ୍ତ ହୋଇଛନ୍ତି । ନଗେନ୍ଦ୍ର ଓକିଲାତି ପାଇଁ ପ୍ରସ୍ତୁତ ହେଉଛନ୍ତି ।

ଶ୍ରୀରାମକୃଷ୍ଣ(ଗିରୀନ୍ଦ୍ର ପ୍ରଭୃତିଙ୍କ ପ୍ରତି)—ତୁମମାନଙ୍କୁ କହୁଛି—ତୁମେମାନେ ସଂସାରରେ ଆସକ୍ତ ହୁଅ ନାହିଁ । ଦେଖ, ରାଖାଲର ଜ୍ଞାନ-ଅଜ୍ଞାନ ବୋଧ ହୋଇଛି,—ସତ୍‌ଅସତ୍ ବିଚାର ହୋଇଛି !—ବର୍ତ୍ତମାନ ତାକୁ କହେ, 'ଘରକୁ ଯା, କେତେବେଳେ ବା ଏଠାକୁ ଆସିଲୁ, ଦୁଇଦିନ ରହିଲୁ ।'

''ଆଉ ତୁମେମାନେ ପରସ୍ପର ମିଳିମିଶି ରହିବ—ତେବେ ଯାଇ ମଙ୍ଗଳ ହେବ । ଆଉ ଆନନ୍ଦରେ ରହିବ । ଯାତ୍ରାବାଲାମାନେ ଯଦି ଏକ ସ୍ୱରରେ ଗାଆନ୍ତି, ତେବେ ଯାତ୍ରାଟି ଭଲ ହୁଏ ଆଉ ଯେଉଁମାନେ ଶୁଣନ୍ତି, ସେମାନଙ୍କର ମଧ୍ୟ ଆହ୍ଲାଦ ହୁଏ ।

''ଈଶ୍ୱରଙ୍କଠାରେ ବେଶୀ ମନ ରଖିବ, କିଛିଟା ମନଦେଇ ସଂସାରର କାର୍ଯ୍ୟ କରିବ ।

''ସାଧୁର ମନ ଈଶ୍ୱରଙ୍କଠାରେ ବାରଅଣା ଆଉ କାର୍ଯ୍ୟରେ ଚାରିଅଣା । ସାଧୁର ଈଶ୍ୱରଙ୍କ କଥାପ୍ରତି ବେଶି ନଜର । ସାପର ଲାଞ୍ଜ ମାଡ଼ିଲେ ଆଉ ରକ୍ଷା ନାହିଁ !—ଲାଞ୍ଜରେ ତା'ର ଯେପରି ବେଶି ବାଧେ ।''

### ପଞ୍ଚବଟୀରେ ସହଚରୀଙ୍କ କୀର୍ତ୍ତନ—ହଠାତ୍ ମେଘ ଓ ଝଡ଼

ଠାକୁର ଝାଉଁତଳାକୁ ଯିବା ସମୟରେ ସିଁଥିର ଗୋପାଳକୁ ଛତାର କଥା କହିଗଲେ । ଗୋପାଳ ମାଷ୍ଟରଙ୍କୁ କହୁଛନ୍ତି—''ଛତା ଘରେ ରଖି ଦେବାକୁ ସେ କହିଗଲେ ।'' ପଞ୍ଚବଟୀତଳେ କୀର୍ତ୍ତନର ଆୟୋଜନ ହେଲା । ଠାକୁର ଆସି ବସିଛନ୍ତି । ସହଚରୀ ଗୀତ ଗାଉଛନ୍ତି । ଭକ୍ତମାନେ ଚତୁର୍ଦ୍ଦିଗରେ କେହି ବସିଛନ୍ତି ତ କେହି ଠିଆ ହୋଇଛନ୍ତି ।

ଗତକାଲି ଶନିବାର ଅମାବାସ୍ୟା ଯାଇଛି । ଜ୍ୟେଷ୍ଠ ମାସ । ଆଜି ମଝିରେ ମଝିରେ ମେଘ ହେଉଥିଲା । ହଠାତ୍ ଝଡ଼ ଉପସ୍ଥିତ ହେଲା । ଠାକୁର ଭକ୍ତଙ୍କ ସଙ୍ଗରେ ନିଜ ଘରକୁ ଫେରି ଆସିଲେ । କୀର୍ତ୍ତନ ଘରେ ହେବ ବୋଲି ସ୍ଥିର ହେଲା ।

ଶ୍ରୀରାମକୃଷ୍ଣ(ସିଁଥିର ଗୋପାଳଙ୍କ ପ୍ରତି)—ହଇହୋ, ଛତାଟା ଆଣିଛ ?

ଗୋପାଳ—ଆଜ୍ଞା ନା, ଗୀତ ଶୁଣୁ ଶୁଣୁ ଭୁଲିଯାଇଛି ! ପଞ୍ଚବଟୀରେ ପଡ଼ି ରହିଛି; ଗୋପାଳ ଶୀଘ୍ର ଆଣିବାକୁ ଗଲେ ।

ଶ୍ରୀରାମକୃଷ୍ଣ—ମୁଁ ମଧ୍ୟ ଭୋଳା କିନ୍ତୁ ଏତେ ନୁହେଁ ।

''ରାଖାଲ ଗୋଟିଏ ସ୍ଥାନରେ ନିମନ୍ତ୍ରଣ କଥାରେ ୧୩କୁ କହେ ୧୧ !

''ଆଉ ଗୋପାଳ—ଗୋରୁର ପଲ ! (ସମସ୍ତଙ୍କର ହାସ୍ୟ) । ''ସେହି ଯେ ସୁନାରୀମାନଙ୍କର ଗଳ୍ପ ଅଛି । ଜଣେ କହୁଛି, 'କେଶବ' , ଜଣେ କହୁଛି, 'ଗୋପାଳ' ଜଣେ କହୁଛି, 'ହରି' ଜଣେ କହୁଛି, 'ହର' । ସେ 'ଗୋପାଳ' ର ମାନେ ଗୋରୁର ପଲ (ସମସ୍ତଙ୍କର ହାସ୍ୟ) ।

ସୁରେନ୍ଦ୍ର ଗୋପାଳଙ୍କୁ ଉଦ୍ଦେଶ୍ୟ କରି ଆନନ୍ଦରେ କହୁଛନ୍ତି—'କାହ୍ନୁ କେଉଁଠାରେ ?'

## (୩)

### ବିଜୟାଦି ଭକ୍ତଙ୍କ ସଙ୍ଗରେ ସଂକୀର୍ତ୍ତନାନନ୍ଦରେ— ସହଚରୀଙ୍କର ଗୌରାଙ୍ଗ ସନ୍ନ୍ୟାସ ଗୀତ

କୀର୍ତ୍ତନୀୟା ଗୌରାଙ୍ଗ ସନ୍ନ୍ୟାସ ଗାଉଛନ୍ତି ଓ ମଝିରେ ମଝିରେ ଆଖର ଦେଉଛନ୍ତି—

ନୟନେ ନ ଦେଖିବ ନାରୀ, ସନ୍ନ୍ୟାସୀର ଧର୍ମ ଅନୁସରି,
ଆସି ଅଛି ପରା ସେହି ଜୀବଦୁଃଖ ଦୂର କରି ।
କାଳେ ବୃଥା ହେବ ଗୌର ଅବତାର !

ଠାକୁର ଗୌରାଙ୍ଗଙ୍କର ସନ୍ନ୍ୟାସ କଥା ଶୁଣୁ ଶୁଣୁ ଦଣ୍ଡାୟମାନ ହୋଇ ସମାଧିସ୍ଥ ହେଲେ । ସଙ୍ଗେ ସଙ୍ଗେ ଭକ୍ତମାନେ ଗଳାରେ ଫୁଲମାଳ ପିନ୍ଧାଇ ଦେଲେ । ଭବନାଥ, ରାଖାଲ ଠାକୁରଙ୍କୁ ଧରିଛନ୍ତି—କାଳେ ପଡ଼ିଯିବେ । ଠାକୁର ଉତ୍ତରାଭିମୁଖ, ବିଜୟ, କେଦାର, ରାମ, ମାଷ୍ଟର, ମନମୋହନ, ଲାଟୁ, ପ୍ରଭୃତି ଭକ୍ତମାନେ ମଣ୍ଡଳାକାର କରି ତାଙ୍କୁ ଘେରି ଠିଆ ହୋଇଛନ୍ତି । ସାକ୍ଷାତ୍ ଗୌରାଙ୍ଗ କ'ଣ ଆସି ଭକ୍ତଙ୍କ ସଙ୍ଗରେ ହରିନାମ-ମହୋତ୍ସବ କରୁଛନ୍ତି ।

### ଶ୍ରୀକୃଷ୍ଣ ହିଁ ଅଖଣ୍ଡ ସଚ୍ଚିଦାନନ୍ଦ—ପୁଣି ଜୀବଜଗତ—ସ୍ୱରାଟ ବିରାଟ

ଧୀରେ ଧୀରେ ସମାଧି ଭଙ୍ଗ ହେଉଛି । ଠାକୁର ସଚ୍ଚିଦାନନ୍ଦ କୃଷ୍ଣଙ୍କ ସହିତ କଥା କହୁଛନ୍ତି । 'କୃଷ୍ଣ' ଏହି ଶବ୍ଦ ଥରେ ଥରେ ଉଚ୍ଚାରଣ କରୁଛନ୍ତି । ପୁଣି ଥରେ ଥରେ ପାରୁନାହାଁନ୍ତି । କହୁଛନ୍ତି **କୃଷ୍ଣ ! କୃଷ୍ଣ ! କୃଷ୍ଣ ! କୃଷ୍ଣ !** ସଚ୍ଚିଦାନନ୍ଦ ! କାହିଁ ତୁମର ରୂପ ଆଜିକାଲି ଦେଖୁ ନାହିଁ । ବର୍ତ୍ତମାନ ତୁମକୁ ଅନ୍ତରେ ବାହାରେ ଦେଖୁଛି !

ଜୀବ, ଜଗତ, ଚତୁର୍ବିଂଶତି ତତ୍ତ୍ୱ, ସବୁ ହିଁ ତୁମେ ! ମନ, ବୁଦ୍ଧି, ସବୁ ହିଁ ତୁମେ ! ଗୁରୁ ପ୍ରଣାମରେ ଅଛି—

ଅଖଣ୍ଡମଣ୍ଡଳାକାରଂ ବ୍ୟାପ୍ତଂ ଯେନ ଚରାଚରମ୍ ।
ତତ୍ପଦଂ ଦର୍ଶିତଂ ଯେନ ତସ୍ମୈ ଶ୍ରୀଗୁରବେ ନମଃ ।

"**ତୁମେ ହିଁ ଅଖଣ୍ଡ**—ତୁମେ ହିଁ ପୁଣି ଚରାଚର ବ୍ୟାପ୍ତ ହୋଇ ରହିଛ ! ତୁମେ ହିଁ ଆଧାର, ତୁମେ ହିଁ **ଆଧେୟ ! ପ୍ରାଣକୃଷ୍ଣ ! ମନକୃଷ୍ଣ ! ବୁଦ୍ଧିକୃଷ୍ଣ ! ଆତ୍ମାକୃଷ୍ଣ ! ପ୍ରାଣ ହେ ଗୋବିନ୍ଦ ମମ ଜୀବନ !**"

ବିଜୟ ମଧ୍ୟ ଆବିଷ୍ଟ ହୋଇଛନ୍ତି । ଠାକୁର କହୁଛନ୍ତି, "ବାବୁ, ତୁମେ ମଧ୍ୟ କ'ଣ ବେହୋସ ହୋଇଛ ?"

ବିଜୟ (ବିନୀତ ଭାବରେ)—ଆଜ୍ଞା, ନା ।

କୀର୍ତ୍ତନୀୟା ପୁଣି ଗାଉଛନ୍ତି—'ଆଁଧଲ ପ୍ରେମ' ! କୀର୍ତ୍ତନୀୟା ଯହୁଁ ଆଖର ଦେଲେ—

"ପ୍ରାଣବନ୍ଧୁ ହେ ସଦା ରଖନ୍ତି ତୁମକୁ ଅନ୍ତରରେ, ଦିବସେ ଅବା ରଜନୀରେ !"

ଠାକୁର ପୁଣି ସମାଧିସ୍ଥ ।—ଭବନାଥଙ୍କର କାନ୍ଧରେ ଭଙ୍ଗା ହାତଟି ରହିଛି ! କିଛି ହୋସ୍ ହେବାରୁ କୀର୍ତ୍ତନୀୟା ପୁଣି ଆଖର ଦେଉଛନ୍ତି—

"ସର୍ବସ୍ୱ ତ୍ୟାଗ କଲା ତୁମ ପାଇଁ ଯିଏ,
ସେ ପୁଣି କିମ୍ପା ପ୍ରଭୁ ଦୁଃଖ ଏତେ ପାଏ !"

ଠାକୁର କୀର୍ତ୍ତନୀୟାଙ୍କୁ ନମସ୍କାର କଲେ । ବସି କୀର୍ତ୍ତନ ଶୁଣୁଛନ୍ତି—ମଝିରେ ମଝିରେ ଭାବାବିଷ୍ଟ । କୀର୍ତ୍ତନୀୟା ଚୁପ୍ ହେଲେ । ଠାକୁର କଥା କହୁଛନ୍ତି ।

### ପ୍ରେମରେ ଦେହ ଓ ଜଗତ ଭୁଲ—

### ଠାକୁରଙ୍କର ଭକ୍ତଙ୍କ ସଙ୍ଗରେ ନୃତ୍ୟ ଓ ସମାଧି

ଶ୍ରୀରାମକୃଷ୍ଣ(ବିଜୟ ପ୍ରଭୃତି ଭକ୍ତଙ୍କ ପ୍ରତି)—ପ୍ରେମ କାହାକୁ କହନ୍ତି ? ଈଶ୍ୱରଙ୍କଠାରେ ଯାହାର ପ୍ରେମ ହୁଏ—ଯେପରି ଚୈତନ୍ୟଦେବଙ୍କର—ତାହାର ଜଗତ ତ ଭୁଲ ହୋଇଯିବ, ପୁଣି ଦେହ ଯେ ଏତେ ପ୍ରିୟ, ତାହା ମଧ୍ୟ ଭୁଲ ହୋଇଯିବ !

ପ୍ରେମ ହେଲେ କ'ଣ ହୁଏ, ଠାକୁର ଗୀତ ଗାଇ ବୁଝାଉଛନ୍ତି ।

ଗୀତ—ସେ ଦିନ କେବେ ବା ହେବ,
କହିଲେ ହରି, ନୟନୁ ଅଶ୍ରୁ ପଡ଼ିବ ଝରି,
ପୁଲକିତ ହେବ ଅଙ୍ଗ, ସଂସାର ବାସନା ଯିବ ।
ଯିବ ଦୁର୍ଦ୍ଦିନ, ଆସିବ ସୁଦିନ, ହରି ଦୟା କେବେ ହେବ ॥

ଠାକୁର ଠିଆ ହୋଇଛନ୍ତି ଓ ନୃତ୍ୟ କରୁଛନ୍ତି । ଭକ୍ତମାନେ ସଙ୍ଗେ ସଙ୍ଗେ ନାଚୁଛନ୍ତି । ଠାକୁର ମାଷ୍ଟରଙ୍କର ବାହୁ ଆକର୍ଷଣ କରି ମଣ୍ଡଳ ଭିତରକୁ ତାଙ୍କୁ ନେଉଛନ୍ତି ।

ନୃତ୍ୟ କରୁ କରୁ ପୁଣି **ସମାଧିସ୍ଥ** ! ଚିତ୍ରାର୍ପିତ ପରି ଠିଆ ହୋଇଛନ୍ତି ! କେଦାର ସମାଧି ଭଙ୍ଗ କରିବା ପାଇଁ ସ୍ତବ କରୁଛନ୍ତି—

"ହୃଦୟକମଳମଧ୍ୟେ ନିର୍ବିଶେଷଂ ନିରୀହମ୍,
ହରିହରବିଧିବେଦ୍ୟଂ ଯୋଗିଭିର୍ଧ୍ୟାନ ଗମ୍ୟମ୍ ।
ଜନମମରଣଭୀତିଭ୍ରଂଶି ସଚ୍ଚିତ୍ସ୍ୱରୂପମ୍,
ସକଲ ଭୁବନବୀଜଂ ବ୍ରହ୍ମଚୈତନ୍ୟମୀଡେ ॥"

କ୍ରମେ ସମାଧି ଭଙ୍ଗ ହେଲା । ଠାକୁର ଆସନ ଗ୍ରହଣ କରି ନାମ କହୁଛନ୍ତି — ଓଁ ସଚ୍ଚିଦାନନ୍ଦ !

ଗୋବିନ୍ଦ ! ଗୋବିନ୍ଦ ! ଗୋବିନ୍ଦ ! ଯୋଗମାୟା ! — **ଭାଗବତ-ଭକ୍ତ-ଭଗବାନ୍** । କୀର୍ତ୍ତନର ନୃତ୍ୟସ୍ଥଳରୁ ଧୂଳି ଠାକୁର ଗ୍ରହଣ କଲେ ।

## (୪)

### ସନ୍ନ୍ୟାସୀଙ୍କର କଠିନ ବ୍ରତ — ସନ୍ନ୍ୟାସୀ ଓ ଲୋକଶିକ୍ଷା ।

ଠାକୁର ଗଙ୍ଗାଧାରରେ ଗୋଲ ବାରଣ୍ଡାରେ ବସିଛନ୍ତି । ପାଖରେ ବିଜୟ, ଭବନାଥ, ମାଷ୍ଟର, କେଦାର ପ୍ରଭୃତି ଭକ୍ତଗଣ । ଠାକୁର ଥରେ କହୁଛନ୍ତି — 'ହା କୃଷ୍ଣଚୈତନ୍ୟ !'

ଶ୍ରୀରାମକୃଷ୍ଣ (ବିଜୟ ପ୍ରଭୃତି ଭକ୍ତଙ୍କ ପ୍ରତି) — ଘରେ ଅନେକ ହରିନାମ ହୋଇଛି — ତେଣୁ ଖୁବ୍ ଜମିଗଲା !

ଭବନାଥ — ସେଥିରେ ପୁଣି ସନ୍ନ୍ୟାସର କଥା !

ଶ୍ରୀରାମକୃଷ୍ଣ — 'ଆହା ! କିପରି ଭାବ !' ଏହା କହି ଗୀତ ଗାଇଲେ —

**ପ୍ରେମଧନ ବିତରେ ଗୋରାରାୟ !**
ପ୍ରେମ କଳସ କଳସ ଢାଳେ, ସରି ତା' ନ ଯାଏ ।
ଆସ ଆସ ଡାକେ ଚାନ୍ଦ ନିତାଇ, ସକଳେ ଡାକେ ପାଶେ ଆସିବା ପାଇଁ
ଶାନ୍ତିପୁର (ପ୍ରେମେ) ଉବୁଡୁବୁ ନଦୀୟା ଯେ ଭାସିଯାଏ ।

(ବିଜୟ ପ୍ରଭୃତିଙ୍କ ପ୍ରତି) — ବେଶ୍ ଗାଇଛନ୍ତି କୀର୍ତ୍ତନୀୟା । — **''ସନ୍ନ୍ୟାସୀ ନାରୀ ଦେଖିବ ନାହିଁ । ଏହା ସନ୍ନ୍ୟାସୀର ଧର୍ମ । କି ଭାବ !''**

ବିଜୟ — ଆଜ୍ଞା, ହଁ ।

ଶ୍ରୀରାମକୃଷ୍ଣ — ସନ୍ନ୍ୟାସୀଙ୍କୁ ଦେଖି ତେବେ ସମସ୍ତେ ଶିଖିବେ — ତେଣୁ ଏତେ କଠିନ ନିୟମ ! ସନ୍ନ୍ୟାସୀ ନାରୀର ଚିତ୍ରପଟ ପର୍ଯ୍ୟନ୍ତ ଦେଖିବେ ନାହିଁ ! — ଏପରି କଠିନ ନିୟମ ।

**''କଳାବୋଦା ମାଆଙ୍କ ସେବା ପାଇଁ ବଳି ଦେବାକୁ ହୁଏ — କିନ୍ତୁ ଟିକିଏ ଦାଗ ଥିଲେ ହୁଏ ନାହିଁ । ସନ୍ନ୍ୟାସୀ ରମଣୀସଙ୍ଗ ତ କରିବେ ନାହିଁ — ସ୍ତ୍ରୀଲୋକମାନଙ୍କ ସଙ୍ଗରେ ଆଳାପ ପର୍ଯ୍ୟନ୍ତ କରିବେ ନାହିଁ ।''**

ବିଜୟ — ଛୋଟ ହରିଦାସ ଭକ୍ତ ସ୍ତ୍ରୀଙ୍କ ସଙ୍ଗରେ ଆଳାପ କରିଥିଲେ । ଚୈତନ୍ୟଦେବ ହରିଦାସଙ୍କୁ ତ୍ୟାଗ କଲେ ।

## ପୂର୍ବକଥା—ଶ୍ରୀରାମକୃଷ୍ଣଙ୍କ ନାମରେ ମାରୋୟାଡ଼ୀଙ୍କ ଟଙ୍କା ଓ ମଥୁରଙ୍କର ଜମି ଲେଖିଦେବା ପାଇଁ ପ୍ରସ୍ତାବ

ଶ୍ରୀରାମକୃଷ୍ଣ—ସନ୍ନ୍ୟାସୀଙ୍କ ପକ୍ଷରେ **କାମିନୀ ଆଉ କାଞ୍ଚନ—ଯେପରି ସୁନ୍ଦରୀ ପକ୍ଷରେ ତାହାର ଦେହର ଫୁର୍କୁଟିଆ ଗନ୍ଧ । ସେଗନ୍ଧ ରହିଲେ ବୃଥା ସୌନ୍ଦର୍ଯ୍ୟ ।**

''ମାରୋୟାଡ଼ୀ ମୋ ନାମରେ ଟଙ୍କା ଲେଖିଦେବାକୁ ଚାହିଁଲା, ମଥୁର ଜମି ଲେଖିଦେବାକୁ ଚାହିଁଲା,—ତାହା ନେଇପାରିଲି ନାହିଁ ।''

''ସନ୍ନ୍ୟାସୀଙ୍କର ଭାରୀ କଠିନ ନିୟମ । ଯେତେବେଳେ ସାଧୁ-ସନ୍ନ୍ୟାସୀ ସାଜିଛି,—ସେତେବେଳେ ଠିକ୍ ସାଧୁ ସନ୍ନ୍ୟାସୀଙ୍କ ପରି କାର୍ଯ୍ୟ କରିବାକୁ ହେବ । ଥିୟେଟର୍‌ରେ ଦେଖି ନାହଁ !—ଯେ ରାଜା ସାଜେ ସେ ରାଜା ହିଁ ସାଜେ, ଯେ ମନ୍ତ୍ରୀ ସାଜେ ସେ ମନ୍ତ୍ରୀ ହିଁ ସାଜେ ।

''ଜଣେ ବହୁରୂପୀ ତ୍ୟାଗୀ ସାଧୁ ସାଜିଥିଲା । ବାବୁମାନେ ତାକୁ କିଛି ଟଙ୍କା ଦେବାକୁ ଗଲେ । ସେ 'ଉଁହୁ' କରି ଚାଲିଗଲା,—ଟଙ୍କା ଛୁଇଁଲା ନାହିଁ କିନ୍ତୁ କିଛିକ୍ଷଣ ପରେ ଦେହ-ହାତ-ପାଦ ଧୋଇ ଲୁଗା ପିନ୍ଧି ଆସିଲା କହିଲା, 'କଅଣ ଦେଉଥିଲେ, ବର୍ତ୍ତମାନ ଦିଅ ।' ଯେତେବେଳେ ସାଧୁ ସାଜିଥିଲା, ସେତେବେଳେ ଟଙ୍କା ଛୁଇଁ ପାରି ନାହିଁ । ବର୍ତ୍ତମାନ ଚାରିଅଣା ଦେଲେ ମଧ୍ୟ ନେବେ ।

''କିନ୍ତୁ ପରମହଂସ ଅବସ୍ଥାରେ ବାଳକ ହୋଇଯାଆନ୍ତି । ପାଞ୍ଚବର୍ଷର ବାଳକର ସ୍ତ୍ରୀ ପୁରୁଷ ଜ୍ଞାନ ନାହିଁ । ତେବେ ଲୋକଶିକ୍ଷା ପାଇଁ ସାବଧାନ ହେବାକୁ ହେବ ।''

## ଶ୍ରୀଯୁକ୍ତ କେଶବ ସେନଙ୍କ ଦ୍ୱାରା ଲୋକଶିକ୍ଷା ହେଲା ନାହିଁ କାହିଁକି

ଶ୍ରୀଯୁକ୍ତ କେଶବ ସେନ କାମିନୀ-କାଞ୍ଚନ ଭିତରେ ଥିଲେ—ତେଣୁ ଲୋକଶିକ୍ଷାରେ ବ୍ୟାଘାତ ହେଲା । ଠାକୁର ଏହି କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ—ଏ (କେଶବ)—ବୁଝିଛ ?

ବିଜୟ—ଆଜ୍ଞା, ହଁ ।

ଶ୍ରୀରାମକୃଷ୍ଣ—ଏପଟ-ସେପଟ ଉଭୟ ରଖିବାକୁ ଯାଇ ବେଶି କିଛି ପାରିଲେ ନାହିଁ ।

## ଶ୍ରୀ ଚୈତନ୍ୟଦେବ କାହିଁକି ସଂସାର ତ୍ୟାଗ କଲେ

ବିଜୟ—ଚୈତନ୍ୟଦେବ ନିତ୍ୟାନନ୍ଦଙ୍କୁ କହିଲେ, 'ନିତାଇ ମୁଁ ଯଦି ସଂସାର ତ୍ୟାଗ ନ କରେ, ତାହାହେଲେ ଲୋକଙ୍କର ଭଲ ହେବ ନାହିଁ । ସମସ୍ତେ ଦେଖା ଦେଖି ସଂସାର କରିବାକୁ ଚାହିଁବେ । କାମିନୀ-କାଞ୍ଚନ ତ୍ୟାଗ କରି, ହରିପାଦପଦ୍ମରେ ସମସ୍ତ ମନ ଦେବାକୁ କେହି ଚେଷ୍ଟା କରିବେ ନାହିଁ ।'

ଶ୍ରୀରାମକୃଷ୍ଣ — ଚୈତନ୍ୟଦେବ ଲୋକଶିକ୍ଷା ପାଇଁ ସଂସାର ତ୍ୟାଗ କଲେ ।

''ସାଧୁସନ୍ନ୍ୟାସୀ ନିଜର ମଙ୍ଗଳ ପାଇଁ କାମିନୀ-କାଞ୍ଚନ ତ୍ୟାଗ କରିବେ । ପୁଣି ନିର୍ଲିପ୍ତ ହେଲେ ମଧ୍ୟ ଲୋକଶିକ୍ଷା ପାଇଁ ନିକଟରେ କାମିନୀ-କାଞ୍ଚନ ରଖିବେ ନାହିଁ । ନ୍ୟାସୀ-ସନ୍ନ୍ୟାସୀ — ଜଗଦ୍‌ଗୁରୁ । ତାଙ୍କୁ ଦେଖି ତେବେ ତ ଲୋକଙ୍କର ଚୈତନ୍ୟ ହେବ ।''

ସନ୍ଧ୍ୟା ପ୍ରାୟ ଆଗତ । ଭକ୍ତମାନେ କ୍ରମେ ପ୍ରଣାମ କରି ବିଦାୟ ଗ୍ରହଣ କରୁଅଛନ୍ତି । ବିଜୟ କେଦାରକୁ କହୁଛନ୍ତି — 'ଆଜି ସକାଳେ (ଧ୍ୟାନ ସମୟରେ) ଆପଣଙ୍କୁ ଦେଖିଥିଲି; — ଦେହରେ ହାତ ଦେବାକୁ ଗଲି କେହି ନାହାନ୍ତି ।

# ପଞ୍ଚବିଂଶ ପରିଚ୍ଛେଦ

## (୧)

### ଶ୍ରୀଯୁକ୍ତ ସୁରେନ୍ଦ୍ରଙ୍କ ଉଦ୍ୟାନରେ ମହୋତ୍ସବ

ଆଜି ଠାକୁର ସୁରେନ୍ଦ୍ରଙ୍କ ବଗିଚାକୁ ଆସିଛନ୍ତି । ରବିବାର, ଜ୍ୟେଷ୍ଠମାସର କୃଷ୍ଣା ଷଷ୍ଠୀ ତିଥି, ୧୫ ଜୁନ୍ ୧୮୮୪ ଖ୍ରୀଷ୍ଟାବ୍ଦ । ଠାକୁର ସକାଳ ୯ ଟାରେ ଭକ୍ତଙ୍କ ସଙ୍ଗରେ ଆନନ୍ଦ କରୁଛନ୍ତି ।

ସୁରେନ୍ଦ୍ରଙ୍କ ଉଦ୍ୟାନ କଲିକତା ନିକଟସ୍ଥ କାଁକୁଡ଼ଗାଛି ନାମକ ପଲ୍ଲୀର ଅନ୍ତର୍ଗତ । ନିକଟରେ ରାମଙ୍କର ଉଦ୍ୟାନ—ଯେଉଁ ବଗିଚାକୁ ଠାକୁର ପ୍ରାୟ ଛଅମାସ ପୂର୍ବେ ଶୁଭାଗମନ କରିଥିଲେ । ଆଜି ସୁରେନ୍ଦ୍ରଙ୍କ ଉଦ୍ୟାନରେ ମହୋତ୍ସବ ହେଉଛି ।

ସକାଳଠାରୁ ସଂକୀର୍ତ୍ତନ ଆରମ୍ଭ ହୋଇଛି । କୀର୍ତ୍ତନୀୟାମାନେ ମଥୁରାଲୀଳା ଗାଉଥିଲେ । ଗୋପୀଙ୍କର ପ୍ରେମ; ଶ୍ରୀକୃଷ୍ଣଙ୍କର ବିରହରେ ଶ୍ରୀମତୀଙ୍କର ଶୋଚନୀୟ ଅବସ୍ଥା, ସମସ୍ତ ବର୍ଣ୍ଣିତ ହେଉଥିଲା । ଠାକୁର ମୂହୁର୍ମୁହୁଃ ଭାବାବିଷ୍ଟ ହେଉଛନ୍ତି । ଭକ୍ତଗଣ ଉଦ୍ୟାନ ଗୃହ ମଧ୍ୟରେ ଚାରିଆଡ଼େ ଦଳ ଦଳ ହୋଇ ଠିଆ ହୋଇଛନ୍ତି ।

ଉଦ୍ୟାନଗୃହ ମଧ୍ୟରେ ପ୍ରଧାନ ପ୍ରକୋଷ୍ଠରେ ସଂକୀର୍ତ୍ତନ ହେଉଥିଲା । ଘର ଚଟାଣରେ ଧଳା ଚଦର ପଡ଼ିଛି ଓ ମଝିରେ ମଝିରେ ତକିଆ ରହିଛି । ଏହି ପ୍ରକୋଷ୍ଠର ପୂର୍ବ ଓ ପଶ୍ଚିମରେ ଗୋଟିଏ ଲେଖାଏଁ କୋଠରୀ ଏବଂ ଉତ୍ତର ଓ ଦକ୍ଷିଣରେ ବାରଣ୍ଡା ଅଛି । ଉଦ୍ୟାନ ଗୃହର ସମ୍ମୁଖରେ ଅର୍ଥାତ୍ ଦକ୍ଷିଣ ଦିଗରେ ଗୋଟିଏ ବନ୍ଧାଘାଟବିଶିଷ୍ଟ ସୁନ୍ଦର ପୁଷ୍କରିଣୀ । ଗୃହ ଓ ପୁଷ୍କରିଣୀ ଘାଟର ମଧ୍ୟବର୍ତ୍ତୀ ପୂର୍ବ ପଶ୍ଚିମରେ ଉଦ୍ୟାନ ପଥ । ପଥର ଦୁଇ ଧାରରେ ପୁଷ୍ପବୃକ୍ଷ ଓ କ୍ରୋଟନାଦି ଗଛ । ଉଦ୍ୟାନ ଗୃହର ପୂର୍ବ ଧାରରେ ପୂର୍ବଠାରୁ ଉତ୍ତର ଆଡ଼କୁ ଫାଟକ ପର୍ଯ୍ୟନ୍ତ ଆଉ ଗୋଟିଏ ରାସ୍ତା ଯାଇଛି । ଲାଲ ସୁରକି ରାସ୍ତା । ତାହାର ଦୁଇ ପାର୍ଶ୍ୱରେ ନାନାବିଧ ପୁଷ୍ପବୃକ୍ଷ ଓ କ୍ରୋଟନାଦି ଗଛ । ଫାଟକ ନିକଟରେ ଓ ରାସ୍ତାର ପୂର୍ବଧାରରେ ଆଉ ଗୋଟିଏ ବନ୍ଧାଘାଟ ପୁଷ୍କରିଣୀ । ପଲ୍ଲୀବାସୀ ସାଧାରଣ ଲୋକମାନେ ଏଠାରେ ସ୍ନାନାଦି କରନ୍ତି ଏବଂ ପାନୀୟଜଳ ନିଅନ୍ତି । ଉଦ୍ୟାନ ଗୃହର ପଶ୍ଚିମ ଧାରରେ ମଧ୍ୟ ଉଦ୍ୟାନ ପଥ, ସେହି ପଥର ଦକ୍ଷିଣ ପଶ୍ଚିମରେ ରନ୍ଧନ ଶାଳା । ଆଜି ଏଠାରେ ଖୁବ୍ ଧୁମ୍ ଧାମ୍, ଠାକୁର ଓ ଭକ୍ତମାନଙ୍କର ସେବା ହେବ । ସୁରେଶ ଓ ରାମ ସର୍ବଦା ତତ୍ତ୍ୱାବଧାନ କରୁଛନ୍ତି ।

ଉଦ୍ୟାନ ଗୃହର ବାରଣ୍ଡାରେ ଭକ୍ତମାନଙ୍କର ସମାବେଶ ହୋଇଛି । କେହି କେହି ବା ବନ୍ଧୁ ସାଙ୍ଗରେ ପ୍ରଥମୋକ୍ତ ପୁଷ୍କରିଣୀ ଧାରରେ ଭ୍ରମଣ କରୁଛନ୍ତି । କେହି କେହି ବନ୍ଧା ଘାଟରେ ମଝିରେ ମଝିରେ ଆସି ବିଶ୍ରାମ କରୁଛନ୍ତି ।

ସଂକୀର୍ତ୍ତନ ଚାଲିଛି । ସଂକୀର୍ତ୍ତନ ଗୃହ ମଧ୍ୟରେ ଭକ୍ତଙ୍କର ସମାବେଶ ହୋଇଛି । ଭବନାଥ, ନିରଞ୍ଜନ, ରାଖାଲ, ସୁରେନ୍ଦ୍ର, ରାମ, ମାଷ୍ଟର, ମହିମାଚରଣ ଓ ମଣି ମଲ୍ଲିକ ପ୍ରଭୃତି ଅନେକେ ଉପସ୍ଥିତ ଅଛନ୍ତି । ଅନେକ ବ୍ରାହ୍ମଭକ୍ତ ମଧ୍ୟ ଉପସ୍ଥିତ ।

କୀର୍ତ୍ତନିୟା ପ୍ରଥମେ ଗାଉଛନ୍ତି । ଗୌରାଙ୍ଗ ସନ୍ନ୍ୟାସ ନେଉଛନ୍ତି—କୃଷ୍ଣଙ୍କ ପ୍ରେମରେ ପାଗଳ ହୋଇଛନ୍ତି । ତାଙ୍କର ଅଦର୍ଶନରେ ନବଦ୍ୱୀପର ଭକ୍ତମାନେ କାତର ହୋଇ କାନ୍ଦୁଛନ୍ତି । ତେଣୁ କୀର୍ତ୍ତନିୟା ଗାଉଛନ୍ତି—ଚାଲ ନଦୀୟାରେ, ଗୌର ବାରେ ।

ତତ୍‌ପରେ ଶ୍ରୀମତୀଙ୍କର ବିରହ ଅବସ୍ଥା ବର୍ଣ୍ଣନା କରି ପୁଣି ଗାଉଛନ୍ତି ।

ଠାକୁର ଭାବାବିଷ୍ଟ । ହଠାତ୍ ଦଣ୍ଡାୟମାନ ହୋଇ ଅତି କରୁଣ ସ୍ୱରରେ ଆଖର ଦେଉଛନ୍ତି— । ''ସଖି ! ପ୍ରାଣବଲ୍ଲଭଙ୍କୁ ମୋ ନିକଟକୁ ନେଇଆସ, ନ ହେଲେ ମୋତେ ସେଠାକୁ ନେଇ ଚାଲ ।'' ଠାକୁରଙ୍କର ଶ୍ରୀରାଧାଙ୍କ ଭାବ ହୋଇଛି । କଥାଗୁଡ଼ିକ କହୁ କହୁ ଠାକୁର ନିର୍ବାକ ହେଲେ, ଦେହ ସ୍ପନ୍ଦହୀନ, ଅର୍ଦ୍ଧନୀମିଳିତ ନେତ୍ର ! ସଂପୂର୍ଣ୍ଣ ବାହ୍ୟଶୂନ୍ୟ; ଠାକୁର ସମାଧିସ୍ଥ ହୋଇଛନ୍ତି !

ଅନେକକ୍ଷଣ ପରେ ପ୍ରକୃତିସ୍ଥ ହେଲେ । ପୁଣି ସେହି କରୁଣ ସ୍ୱର । କହୁଛନ୍ତି, ''ସଖି ! ତାଙ୍କ ପାଖକୁ ତୁମେ ମୋତେ ନେଇ ଚାଲ । ମୁଁ ତୁମମାନଙ୍କର ଦାସୀ ହୋଇ ରହିବି ! ତୁମେ ତ ମୋତେ କୃଷ୍ଣପ୍ରେମ ଶିଖାଇଥିଲ ! ପ୍ରାଣବଲ୍ଲଭ !''

କୀର୍ତ୍ତନିୟାମାନଙ୍କର କୀର୍ତ୍ତନ ଚାଲିଲା । ଶ୍ରୀମତୀ କହୁଛନ୍ତି, ସଖି ! ଯମୁନାର ଜଳ ଆଣିବାକୁ ମୁଁ ଯିବି ନାହିଁ । କଦମ୍ବ ତଳେ ମୁଁ ପ୍ରିୟସଖାକୁ ଦେଖିଥିଲି ସେଠାକୁ ଗଲା ମାତ୍ରେ ମୁଁ ବିହ୍ୱଳ ହୁଏ !''

ଠାକୁର ପୁଣି ଭାବାବିଷ୍ଟ ହେଉଛନ୍ତି । ଦୀର୍ଘନିଃଶ୍ୱାସ ପକାଇ କାତରରେ କହୁଛନ୍ତି । 'ଆହା' 'ଆହା' !

କୀର୍ତ୍ତନ ହେଉଛି—ଶ୍ରୀମତୀଙ୍କର ଉକ୍ତି—

କୀର୍ତ୍ତନ—ଶୀତଳ କରିଛି, ଅଙ୍ଗ କୃଷ୍ଣ ସଙ୍ଗ ଲାଳସା । (ହେ) ।

ମଝିରେ ମଝିରେ ଆଖର ଦେଉଛନ୍ତି ।

କୃଷ୍ଣରେ ଦେଖାଅ ମୋତେ ବାରେ,
ଭୂଷଣର ଭୂଷଣ ଯାଇଛି, ଆଉ କି ଭୂଷଣେ କାର୍ଯ୍ୟରେ ।
ସୁଦିନ ଯାଇ ଦୁର୍ଦ୍ଦିନ ହୋଇଛି, ଦୁର୍ଦ୍ଦିନ ଯେ ଶୀଘ୍ର ନ ସରେ ।

ଠାକୁର ଆଖର ଦେଉଛନ୍ତି—ମୋର କି ସୁଦିନ ଆସିନି ।

କୀର୍ତ୍ତନିୟା ଆଖର ଦେଉଛନ୍ତି—ଏତେ ଦିନ ଗଲା ସୁଦିନ କି ଆଉ ନାହିଁ ।

କୀର୍ତ୍ତନ—ମରିବି ମରିବି ସଖି, ନିଶ୍ଚୟ ମରିବି,

କୃଷ୍ଣ-ଗୁଣନିଧି ମୁହିଁ କା'ରେ ଦେଇଯିବି ।
ଅଙ୍ଗ-ଦାହ ନ କରିବ, ଜଳେ ନ ଭସାଇବ,
କଳା ତମାଳ ଗଛରେ ବାନ୍ଧିଣ ରଖିବ
ମୋର କୃଷ୍ଣ ଅନୁଗତ ତନୁ କୃଷ୍ଣ-ଛଡ଼ା ନ କରିବ ॥

**ଶ୍ରୀମତୀଙ୍କର ଦଶମ ଦଶା**—ମୂର୍ଚ୍ଛିତା ହୋଇ ପଡ଼ିଛନ୍ତି ।

କୀର୍ତ୍ତନ—ରାଧା ହେଲା ମୂର୍ଚ୍ଛିତା ନ ରହିଲା ଜ୍ଞାନ ।
କରୁ କରୁ କୃଷ୍ଣ ନାମ ମୁଦିଲା ନୟନ । ।

ମୂର୍ଚ୍ଛିତା ଦେଖି ସଖୀଗଣ କୃଷ୍ଣନାମ କରୁଛନ୍ତି । ଶ୍ୟାମନାମରେ ତାଙ୍କର ସଂଜ୍ଞା ହେଲା । ତମାଳ ଦେଖି ଭାବୁଛନ୍ତି, ମନେ ହୁଏ ସମ୍ମୁଖରେ କୃଷ୍ଣ ଆସିଛନ୍ତି ।

କୀର୍ତ୍ତନ—ଶ୍ୟାମ ନାମେ ପ୍ରାଣ ପାଇ, ଚକ୍ଷୁ ମେଲି ରାଧା ଚାହେଁ ।
ନ ଦେଖି ଶ୍ରୀକୃଷ୍ଣ ମୁଖ, କାନ୍ଦେ ପୁଣି ଉଚ୍ଚ ସ୍ୱରେ । ।

ସଖିମାନେ ଯୁକ୍ତିକରି ମଥୁରାକୁ ଦୂତୀ ପଠାଇଛନ୍ତି । ସେ ଜଣେ ମଥୁରାବାସିନୀଙ୍କ ସହିତ ପରିଚିତ ହେଲେ—

କୀର୍ତ୍ତନ—ଏକ ରମଣୀ ସମବୟସିନୀ, ନିଜ ପରିଚୟ ପଚାରେ ।

ଶ୍ରୀମତୀଙ୍କର ସଖୀ ଦୂତୀ କହୁଛନ୍ତି—ମୋତେ ଡାକିବାକୁ ହେବ ନାହିଁ, ସେ ନିଜେ ଆସିବେ । ଦୂତୀ ମଥୁରାବାସିନୀଙ୍କ ସଙ୍ଗରେ ଯେଉଁଠାରେ କୃଷ୍ଣ ଅଛନ୍ତି ସେହିଠାକୁ ଯାଉଛନ୍ତି । ତତ୍‌ପରେ ବ୍ୟାକୁଳ ହୋଇ କାନ୍ଦି କାନ୍ଦି ଡାକୁଛନ୍ତି—

"କେଉଁଠାରେ ହରି ହେ ଗୋପୀଜନଜୀବନ ! ପ୍ରାଣବଲ୍ଲଭ ! ରାଧାବଲ୍ଲଭ ! ଲଜ୍ଜାନିବାରଣ ହରି ! ଥରେ ଦେଖାଦିଅ । ମୁଁ ଅନେକ ଗର୍ବ କରି ଏମାନଙ୍କୁ କହିଛି, ତୁମେ ନିଜେ ଦେଖା ଦେବ ।"

କୀର୍ତ୍ତନ—ମଧୁପୁର ନାଗରୀ, ହସି କହନ୍ତି ପୁଣି;
ଗୋପାଳୁଣୀ, ବେଶ ତୋ କାଙ୍ଗାଳିନୀ;
ଅନ୍ତପୁରେ ରାଜାପାଶେ, ଏହି ଦୀନହୀନ ବେଶେ
ପ୍ରବେଶି ନ ପାରିବୁ ଗୋ । ।

କେଉଁଠାରେ ଗୋପୀଜନଜୀବନ ପ୍ରାଣବଲ୍ଲଭ ! ଏହି କଥା ଶୁଣି ଠାକୁର ସମାଧିସ୍ଥ ହେଲେ । କୀର୍ତ୍ତନାନ୍ତେ କୀର୍ତ୍ତନିୟାମାନେ ଉଚ୍ଚ ସଂକୀର୍ତ୍ତନ କରୁଛନ୍ତି । ପ୍ରଭୁ ପୁଣି ଦଣ୍ଡାୟମାନ । **ସମାଧିସ୍ଥ** ! ଆଂଶିକ ସଂଜ୍ଞା ଲାଭକରି ଅସ୍ଫୁଟ ସ୍ୱରରେ କହୁଛନ୍ତି, "କିଟ୍ନ କିଟ୍ନ" (କୃଷ୍ଣ କୃଷ୍ଣ) ଭାବରେ ନିମଗ୍ନ । ନାମ ସମ୍ପୂର୍ଣ୍ଣ ଉଚ୍ଚାରଣ ହେଉ ନାହିଁ ।

ରାଧାକୃଷ୍ଣଙ୍କର ମିଳନ ହେଲା । କୀର୍ତ୍ତନୀୟାଗଣ ସେହି ଭାବରେ କୀର୍ତ୍ତନ ଗାଉଛନ୍ତି । ଠାକୁର ଆଖର ଦେଉଛନ୍ତି—

ଚାହାଁଲୋ ସଜନୀ ଚାହାଁରେ,
କୃଷ୍ଣ ବାମେ ରାଧାରାଣୀ କି ସୁନ୍ଦର ଦିଶେରେ ।

ଏଥର ନାମ-ସଂକୀର୍ତ୍ତନ । ସେମାନେ ଖୋଳ-କରତାଳ ସଙ୍ଗରେ ଗାଇବାକୁ ଲାଗିଲେ ''ରାଧେ ଗୋବିନ୍ଦ ଜୟ !'' ସକଳ ଭକ୍ତ ଉନ୍ମତ୍ତ !

ଠାକୁର ନୃତ୍ୟ କରୁଛନ୍ତି । ଭକ୍ତମାନେ ତାହାଙ୍କୁ ଘେରି ଆନନ୍ଦରେ ନାଚୁଛନ୍ତି ! ମୁଖରେ ''ରାଧେ ଗୋବିନ୍ଦ ଜୟ; ରାଧେ ଗୋବିନ୍ଦ ଜୟ ।''

## (୨)

### ସରଳତା ଓ ଈଶ୍ୱର ଲାଭ—ଈଶ୍ୱରଙ୍କ ସେବା ଆଉ ସଂସାରର ସେବା

କୀର୍ତ୍ତନାନ୍ତେ ଠାକୁର ଭକ୍ତଙ୍କ ସଙ୍ଗରେ କିଛିକ୍ଷଣ ଉପବେଶନ କଲେ । ଏପରି ସମୟରେ ଗୋଟିଏ ଅଳ୍ପ ବୟସ୍କ ଭକ୍ତ ଆସି ଭୂମିଷ୍ଠ ହୋଇ ପ୍ରଣାମ କଲେ । ଠାକୁର ତାହାଙ୍କୁ ଦେଖି ଠିଆ ହେଲେ । ଆନନ୍ଦରେ ବିସ୍ତାରିତ ଲୋଚନ ସସ୍ମିତ ମୁଖ ମଣ୍ଡଳ ସସ୍ନେହରେ କହିଲେ, ''ତୁମେ ଆସିଛ !''

(ମାଷ୍ଟରଙ୍କ ପ୍ରତି)—''ଦେଖ, ଏ ପିଲାଟି ବଡ଼ ସରଳ । **ପୂର୍ବ ଜନ୍ମରେ ଅନେକ ତପସ୍ୟା ନ କଲେ ସରଳତା ହୁଏ ନାହିଁ ।** କପଟତା, ହିସାବୀ-ବୁଦ୍ଧି ଏସବୁ ରହିଲେ ଈଶ୍ୱର ମିଳନ୍ତି ନାହିଁ ।

''ଦେଖୁଛ ତ, ଭଗବାନ ଯେଉଁଠାରେ ଅବତାର ହୋଇଛନ୍ତି, ସେହିଠାରେ ସରଳତା । ଦଶରଥ କେତେ ସରଳ । ନନ୍ଦ—ଶ୍ରୀକୃଷ୍ଣଙ୍କର ପିତା କେତେ ସରଳ । ଲୋକେ କହନ୍ତି, **''ଆହା କିପରି ସ୍ୱଭାବ, ଠିକ୍ ଯେପରି ନନ୍ଦଘୋଷ ।''**

ଭକ୍ତମାନେ ସରଳ । ଠାକୁର କ'ଣ ଇଙ୍ଗିତ କରୁଛନ୍ତି ଯେ, ପୁଣି ଭଗବାନ ଅବତୀର୍ଣ୍ଣ ହୋଇଛନ୍ତି ?

ଶ୍ରୀରାମକୃଷ୍ଣ(ନିରଞ୍ଜନଙ୍କ ପ୍ରତି )—**ଦେଖ୍, ତୋ ମୁହଁରେ ଯେପରି ଗୋଟିଏ କଳା ଆବରଣ ପଡ଼ିଛି । ତୁ ଅଫିସରେ କାର୍ଯ୍ୟ କରୁଛୁ, ତେଣୁ ପଡ଼ିଛି । ଅଫିସ୍‌ର ହିସାବ ପତ୍ର କରିବାକୁ ହୁଏ, ଆଉ ମଧ୍ୟ ନାନାପ୍ରକାର କାର୍ଯ୍ୟ ଅଛି ।** ସର୍ବଦା ଭାବିବାକୁ ହୁଏ ।

''ସଂସାରୀ ଲୋକମାନେ ଯେପରି ଚାକିରି କରନ୍ତି, ତୁ ମଧ ସେହିପରି ଚାକିରି କରୁଛୁ । ତେବେ ଟିକିଏ ପାର୍ଥକ୍ୟ ଅଛି । ତୁ ମାଆଙ୍କ ପାଇଁ ଚାକିରି ସ୍ୱୀକାର କରିଛୁ ।

**''ମା' ଗୁରୁଜନ ବ୍ରହ୍ମମୟୀସ୍ୱରୂପା** । ଯଦି ସ୍ତ୍ରୀ ପିଲାଙ୍କ ପାଇଁ ଚାକିରି କରିଥାନ୍ତୁ ତାହାହେଲେ ମୁଁ କହନ୍ତି, ଧିକ୍ ! ଶତ ଧିକ୍ !

(ମଣିମଲ୍ଲିକଙ୍କ ପ୍ରତି)—"ଦେଖ, ପିଲାଟି ଭାରୀ ସରଳ । ତେବେ ଆଜିକାଲି ଗୋଟାଏ ଦୁଇଟା ମିଥ୍ୟା କଥା କହେ, ଏତକ ଯା' ଦୋଷ । ସେ ଦିନ କହିଗଲା ଯେ ଆସିବ, ଆଉ ଆସିଲା ନାହିଁ ।

(ନିରଞ୍ଜନଙ୍କ ପ୍ରତି ) ତେଣୁ ରାଖାଲ କହିଥିଲା—ତୁ ଏଁଡ଼େଦକୁ ଆସି ମଧ୍ୟ ଦେଖା କଲୁନାହିଁ କାହିଁକି ?"

ନିରଞ୍ଜନ—ମୁଁ ଏଁଡ଼େଦକୁ ମାତ୍ର ଦୁଇଦିନ ପାଇଁ ଆସିଥିଲି ।

ଶ୍ରୀରାମକୃଷ୍ଣ(ନିରଞ୍ଜନଙ୍କ ପ୍ରତି)—ଏ ହେଡ଼ମାଷ୍ଟର ! ତୋ ସଙ୍ଗରେ ଦେଖା କରିବାକୁ ଯାଇଥିଲେ । ମୁଁ ପଠାଇଥିଲି । (ମାଷ୍ଟରଙ୍କ ପ୍ରତି) ତୁମେ ସେଦିନ ବାବୁରାମକୁ ମୋ ପାଖକୁ ପଠାଇ ଦେଇଥିଲ ?

## (୩)

## ଶ୍ରୀରାମକୃଷ୍ଣ ଓ ଗୋପୀପ୍ରେମ

ଠାକୁର ପଶ୍ଚିମ ବଖରାରେ ଦୁଇଚାରିଜଣ ଭକ୍ତଙ୍କ ସହିତ କଥାବାର୍ତ୍ତା କରୁଛନ୍ତି । ସେହିଘରର ଟେବୁଲ ଚୌକି କେତେଖଣ୍ଡ ଏକତ୍ର କରି ରଖା ହୋଇଥିଲା ।

ଠାକୁର ଟେବୁଲ୍‌ରେ ଭରା ଦେଇ ଅଧା ଠିଆ ଓ ଅଧା ବସିଛନ୍ତି ।

ଶ୍ରୀରାମକୃଷ୍ଣ(ମାଷ୍ଟରଙ୍କ ପ୍ରତି)—ଆହା ! ଗୋପୀମାନଙ୍କର କିପରି ଅନୁରାଗ ! ତମାଳ ଦେଖି ଏକାବେଳେ ପ୍ରେମୋନ୍ମାଦ ।

ମାଷ୍ଟର—ଆଜ୍ଞା ହଁ । ଗୌରାଙ୍ଗଙ୍କର ଏପରି ହୋଇଥିଲା । ବନ ଦେଖି ବୃନ୍ଦାବନ ଭାବିଥିଲେ, ସମୁଦ୍ର ଦେଖି ଯମୁନା ଭାବିଥିଲେ ।

ଶ୍ରୀରାମକୃଷ୍ଣ—ଆହା, ସେହି ପ୍ରେମର ଯଦି ଗୋଟିଏ ବିନ୍ଦୁ କାହାରି ହୁଏ ! କି ଅନୁରାଗ କି ଶ୍ରଦ୍ଧା ! କେବଳ ଷୋଳଅଣା ଅନୁରାଗ ନୁହେଁ, ଷୋଳ ଅଣାରୁ ଅଧିକ । ଏହାରି ନାମ ହିଁ ପ୍ରେମୋନ୍ମାଦ । କଥାଟି ଏହି ଯେ ତାହାଙ୍କୁ ଭଲପାଇବାକୁ ହେବ । ତାଙ୍କ ପାଇଁ ବ୍ୟାକୁଳ ହେବାକୁ ହେବ । ତୁମେ ଯେଉଁ ପଥରେ ଥାଅନା କାହିଁକି ସାକାରରେ ବିଶ୍ୱାସ କର ବା ନିରାକାରରେ ବିଶ୍ୱାସ କର,—ଭଗବାନ ମନୁଷ୍ୟ ହୋଇ ଅବତାର ହୁଅନ୍ତି, ଏକଥା ବିଶ୍ୱାସ କର ବା ନ କର;—ତାଙ୍କଠାରେ ଅନୁରାଗ ଥିଲେ ହେଲା । ସେତେବେଳେ ସେ ଯେ କିପରି ସେ ନିଜେ ହିଁ ଜଣାଇ ଦେବେ ।

**"ଯଦି ପାଗଳ ହେବାକୁ ହୁଏ, ସଂସାରର ଜିନିଷ ନେଇ କାହିଁକି ପାଗଳ ହେବ ? ଯଦି ପାଗଳ ହେବାକୁ ହେବ ତେବେ ଈଶ୍ୱରଙ୍କ ପାଇଁ ପାଗଳ ହୁଅ !"**

## (୪)

### ଭବନାଥ, ମହିମା ପ୍ରଭୃତି ଭକ୍ତଙ୍କ ସଙ୍ଗରେ ହରିକଥା ପ୍ରସଙ୍ଗରେ

ଠାକୁର ହଲ୍ ଘରକୁ ପୁଣି ଫେରିଲେ । ତାଙ୍କର ବସିବା ଆସନ ପାଖରେ ଗୋଟିଏ ତକିଆ ଦିଆଗଲା । ଠାକୁର ବସିବା ସମୟରେ ''ଓଁ ତତ୍‌ସତ୍'' ଏହି ମନ୍ତ୍ର ଉଚ୍ଚାରଣ କରି ତକିଆ ସ୍ପର୍ଶ କଲେ । ବିଷୟୀ ଲୋକମାନେ ଏହି ବଗିଚାକୁ ଯିବା ଆସିବା କରନ୍ତି ଓ ଏହିସବୁ ତକିଆ ବ୍ୟବହାର କରନ୍ତି; ଏଥିପାଇଁ ବୋଧହୁଏ ଠାକୁର ଏହି ମନ୍ତ୍ର ଉଚ୍ଚାରଣ କରି ଉପାଧାନଟି ଶୁଦ୍ଧ କରି ନେଲେ; ଭବନାଥ ମାଷ୍ଟର ପ୍ରଭୃତି ପାଖରେ ବସିଛନ୍ତି । ବେଳ ଅନେକ ହେଲାଣି, ବର୍ତ୍ତମାନ ମଧ୍ୟ ଖିଆପିଆର ଆୟୋଜନ ହୋଇ ନାହିଁ । ଠାକୁରଙ୍କର ବାଳକ ସ୍ୱଭାବ । କହିଲେ, ''କାହିଁ ହେ, ବର୍ତ୍ତମାନ ମଧ୍ୟ ଦେଉ ନାହାନ୍ତି । ନରେନ୍ଦ୍ର କେଉଁଠାରେ ?''

ଜଣେ ଭକ୍ତ(ଠାକୁରଙ୍କ ପ୍ରତି ସହାସ୍ୟରେ)—ମହାଶୟ ! ରାମବାବୁ ଅଧ୍ୟକ୍ଷ । ସେ ସବୁ ଦେଖୁଛନ୍ତି । (ସମସ୍ତଙ୍କର ହାସ୍ୟ) ।

ଶ୍ରୀରାମକୃଷ୍ଣ(ହସି ହସି)—ରାମ ଅଧ୍ୟକ୍ଷ ! ତେବେ ତ ହୋଇଛି !

ଜଣେ ଭକ୍ତ—ଆଜ୍ଞା, ରାମବାବୁ ଯେଉଁଠାରେ ଅଧ୍ୟକ୍ଷ, ସେଠାରେ ଏହି ପ୍ରକାର ହୋଇଥାଏ । (ସମସ୍ତଙ୍କର ହାସ୍ୟ)

ଶ୍ରୀରାମକୃଷ୍ଣ(ଭକ୍ତଙ୍କ ପ୍ରତି)—ସୁରେନ୍ଦ୍ର କେଉଁଠାରେ ? ଆହା, ସୁରେନ୍ଦ୍ରର ସ୍ୱଭାବଟି ବେଶ୍ ହୋଇଛି । ବଡ଼ ସ୍ପଷ୍ଟବକ୍ତା, ସତ କହିବାକୁ ଭୟ କରେ ନାହିଁ । ଆଉ ଦେଖ ଖୁବ୍ ମୁକ୍ତହସ୍ତ । କେହି ତାହା ପାଖକୁ ସାହାଯ୍ୟ ପାଇଁ ଗଲେ ଖାଲି ହାତରେ ଫେରେ ନାହିଁ (ମାଷ୍ଟରଙ୍କ ପ୍ରତି) ତୁମେ ଭଗବାନ ଦାସଙ୍କ ପାଖକୁ ଯାଇଥିଲ, କିପରି ଦେଖିଲ ?

ମାଷ୍ଟର—ଆଜ୍ଞା, କାଲ୍‌ନାକୁ ଯାଇଥିଲି । ଭଗବାନ ଦାସ ଖୁବ୍ ବୁଢ଼ା ହେଲେଣି । ରାତିରେ ଦେଖା ହୋଇଥିଲା, କନ୍ଥା ଉପରେ ଶୋଇଥିଲେ । ପ୍ରସାଦ ଆଣି ଜଣେ ଖୁଆଇ ଦେବାକୁ ଲାଗିଲା, ବଡ଼ ପାଟିରେ କଥା କହିଲେ ଶୁଣନ୍ତି । ଆପଣଙ୍କର ନାମ ଶୁଣି କହିଲେ, ତୁମମାନଙ୍କର ଆଉ ଭାବନା କଅଣ ?

''ସେହି ଘରେ ନାମବ୍ରହ୍ମଙ୍କର ପୂଜା ହୁଏ ।''

ଭବନାଥ(ମାଷ୍ଟରଙ୍କ ପ୍ରତି)—ଆପଣ ଅନେକଦିନ ହେଲା ଦକ୍ଷିଣେଶ୍ୱରକୁ ଯାଇନାହାନ୍ତି । ଏ ମୋତେ ଦକ୍ଷିଣେଶ୍ୱରରେ ଆପଣଙ୍କ ବିଷୟ ପ୍ରଶ୍ନ କରିଥିଲେ ଆଉ କହିଲେ ଯେ, ମାଷ୍ଟରଙ୍କର କ'ଣ ଅରୁଚି ହୋଇଗଲା ।

ଏହା କହି ଭବନାଥ ହସିଲେ । ଠାକୁର ଉଭୟଙ୍କ କଥୋପକଥନ ସମସ୍ତ ଶୁଣୁଥିଲେ । ସେ ମାଷ୍ଟରଙ୍କ ପ୍ରତି ସସ୍ନେହ ଦୃଷ୍ଟି କରି କହିଲେ, ହଇହେ, ତୁମେ ଅନେକ ଦିନ ହେଲା ଯାଇ ନାହଁ କାହିଁକି କହ ଦେଖି ?

ମାଷ୍ଟର ଉଁ ଉଁ କରିବାକୁ ଲାଗିଲେ ।

ଏପରି ସମୟରେ ମହିମାଚରଣ ଆସି ଉପସ୍ଥିତ । ସେ କାଶୀପୁରବାସୀ । ଠାକୁରଙ୍କୁ ଭାରୀ ଶ୍ରଦ୍ଧା-ଭକ୍ତି କରନ୍ତି ଓ ସର୍ବଦା ଦକ୍ଷିଣେଶ୍ୱରକୁ ଯାଆନ୍ତି । ବ୍ରାହ୍ମଣ ସନ୍ତାନ, କିଛି ପୈତୃକ ସମ୍ପତ୍ତି ଅଛି । ସ୍ୱାଧୀନ ଭାବରେ ରହନ୍ତି, କାହାରି ଚାକିରି କରନ୍ତି ନାହିଁ । ସର୍ବଦା ଶାସ୍ତ୍ରାଲୋଚନା ଓ ଈଶ୍ୱରଚିନ୍ତା କରନ୍ତି । କିଛି ପାଣ୍ଡିତ୍ୟ ମଧ୍ୟ ଅଛି । ଇଂରାଜୀ ସଂସ୍କୃତ ଅନେକ ଗ୍ରନ୍ଥ ପଢ଼ିଛନ୍ତି ।

ଶ୍ରୀରାମକୃଷ୍ଣ(ସହାସ୍ୟରେ ମହିମାଙ୍କ ପ୍ରତି)—ଏ କଅଣ ! ଏଠାରେ ଜାହାଜ ଆସି ଉପସ୍ଥିତ ! (ସମସ୍ତଙ୍କର ହାସ୍ୟ) । ଏପରି ଜାଗାକୁ ଡଙ୍ଗା ଫଙ୍ଗା ଆସିପାରେ; ଏ ଯେ ଏକାବେଳକେ ଜାହାଜ । (ସମସ୍ତଙ୍କର ହାସ୍ୟ) । ତେବେ ଗୋଟିଏ କଥା ଅଛି । ଏଇଟା ଆଷାଢ଼ ମାସ । (ସମସ୍ତଙ୍କ ହାସ୍ୟ) ।

ମହିମାଚରଣଙ୍କ ସଙ୍ଗରେ ଅନେକ କଥାବାର୍ତ୍ତା ହେଲା ।

ଶ୍ରୀରାମକୃଷ୍ଣ(ମହିମାଙ୍କ ପ୍ରତି)—ଆଚ୍ଛା, ଲୋକଙ୍କୁ ଖୁଆଇବା ଏକପ୍ରକାର ତାଙ୍କରି ସେବା କରିବା, କଅଣ କହୁଛ ? ସବୁ ଜୀବଙ୍କ ଭିତରେ ସେ ଅଗ୍ନି ରୂପରେ ରହିଛନ୍ତି । ଖୁଆଇବା ଅର୍ଥାତ୍ ତାଙ୍କୁ ଆହୁତି ଦେବା ।

''କିନ୍ତୁ ତାହା ବୋଲି ଅସତ୍ ଲୋକଙ୍କୁ ଖୁଆଇବା ଠିକ୍ ନୁହେଁ । ଏପରି ଲୋକ ଯେଉଁମାନେ ବ୍ୟଭିଚାରାଦି ମହାପାତକ କରିଛନ୍ତି—ଘୋର ବିଷୟାସକ୍ତ ଲୋକ, ଏମାନେ ଯେଉଁଠାରେ ବସି ଖାଆନ୍ତି ସେ ଜାଗାରେ ସାତହାତ ମାଟି ଅପବିତ୍ର ହୁଏ ।

''ହୃଦୁ ସିଓଡ଼ରେ ଥରେ ଲୋକଙ୍କୁ ଖୁଆଇଥିଲା । ସେମାନଙ୍କ ମଧ୍ୟରେ ଅନେକ ଖରାପ ଲୋକ । ମୁଁ କହିଲି, 'ଦେଖ୍ ହୃଦୁ, ସେମାନଙ୍କୁ ଯଦି ତୁ ଖୁଆଇବୁ, ତେବେ ଏଇ ତୋ ଘରୁ ଗଲି ।' (ମହିମାଙ୍କ ପ୍ରତି)—ଆଚ୍ଛା, ମୁଁ ଶୁଣିଛି, ତୁମେ ଆଗେ ଲୋକଙ୍କୁ ଖୁବ୍ ଖୁଆଉଥିଲ, ବର୍ତ୍ତମାନ ବୋଧହୁଏ ଖରଚ ବଢ଼ିଯାଇଛି ?'' (ସମସ୍ତଙ୍କର ହାସ୍ୟ)

## (୫)

### ବ୍ରାହ୍ମଭକ୍ତଙ୍କ ସଙ୍ଗରେ

ଏଥର ପତ୍ର ପଡ଼ିବାକୁ ଲାଗିଲା । ଦକ୍ଷିଣ ବାରଣ୍ଡାରେ । ଠାକୁର ମହିମାଚରଣଙ୍କୁ କହିଲେ, ତୁମେ ଥରେ ଯାଇ ଦେଖ, ସେମାନେ କଅଣ କରୁଛନ୍ତି । ମୁଁ ତ ତୁମକୁ କହିପାରୁ ନାହିଁ, ନ ହେଲେ ଟିକିଏ ପରିବେଷଣ କରିଦେଲ ? ମହିମାଚରଣ କହୁଛନ୍ତି ''ନେଇ ଆସନ୍ତୁ ନା ତାହାପରେ ଦେଖାଯିବ'' ଏହା କହି

ହୁଁ ହୁଁ କରି ଟିକିଏ ରୋଷେଇ ଜାଗାକୁ ଗଲେ, କିନ୍ତୁ କିୟତ୍‌କ୍ଷଣ ପରେ ଫେରି ଆସିଲେ ।

ଠାକୁର ଭକ୍ତଙ୍କ ସଙ୍ଗରେ ପରମାନନ୍ଦରେ ଆହାର କରି ବସିଲେ । ଆହାରାନ୍ତେ ଘରକୁ ଆସି ବିଶ୍ରାମ କଲେ । ଭକ୍ତମାନେ ମଧ୍ୟ ଦକ୍ଷିଣ ପୁଷ୍କରିଣୀର ବନ୍ଧାଘାଟରେ ଆଚମନ କରି ପାନ ଖାଉ ଖାଉ ପୁଣି ଠାକୁରଙ୍କ ପାଖରେ ଆସି ଜୁଟିଲେ । ସମସ୍ତେ ଆସନ ଗ୍ରହଣ କଲେ । ବେଳା ଦୁଇଟା ପରେ ପ୍ରତାପ ଆସି ଉପସ୍ଥିତ ହେଲେ । ସେ ଜଣେ ବ୍ରାହ୍ମ ଭକ୍ତ; ଆସି ଠାକୁରଙ୍କୁ ଅଭିବାଦନ କଲେ । ଠାକୁର ମଧ୍ୟ ମସ୍ତକ ଅବନତ କରି ନମସ୍କାର କଲେ । ପ୍ରତାପଙ୍କ ସହିତ ଅନେକ କଥାବାର୍ତ୍ତା ହେଉଛି ।

ପ୍ରତାପ — ମହାଶୟ ! ମୁଁ ପାହାଡ଼କୁ ଯାଇଥିଲି (ଅର୍ଥାତ୍ ଦାର୍ଜିଲିଂକୁ) ।

ଶ୍ରୀରାମକୃଷ୍ଣ — କିନ୍ତୁ ତୁମର ଶରୀର ତ ସେତେ ଭଲ ହୋଇ ନାହିଁ । ତୁମର କ'ଣ ବେମାର ହୋଇଛି ?

ପ୍ରତାପ — ଆଜ୍ଞା, ତାଙ୍କର ଯେପରି ବେମାର ହୋଇଥିଲା, ମୋର ମଧ୍ୟ ସେହିପରି ବେମାର ।

କେଶବଙ୍କର ମଧ୍ୟ ଏହି ବେମାର ଥିଲା । କେଶବଙ୍କର କଥା ହେବାକୁ ଲାଗିଲା । ପ୍ରତାପ କହିଲେ, କେଶବଙ୍କର ବୈରାଗ୍ୟ ବାଲ୍ୟକାଳରୁ ଦେଖା ଯାଇଥିଲା । ତାଙ୍କୁ ଆମୋଦ ପ୍ରମୋଦ କରିବାରେ ପ୍ରାୟ ଦେଖାଯାଉ ନଥିଲା । ହିନ୍ଦୁ କଲେଜରେ ପଢୁଥିଲେ । ସେହି ସମୟରେ ସତ୍ୟେନ୍ଦ୍ରଙ୍କ ସଙ୍ଗରେ ତାଙ୍କର ଖୁବ୍ ବନ୍ଧୁତ୍ୱ ହୁଏ ଆଉ ଏହି ସୂତ୍ରେ ଶ୍ରୀଯୁକ୍ତ ଦେବେନ୍ଦ୍ରନାଥ ଠାକୁରଙ୍କ ସଙ୍ଗରେ ଆଳାପ ହୁଏ । କେଶବଙ୍କର ଦୁଇଟି ଥିଲା । ଯୋଗ ଥିଲା, ଭକ୍ତି ମଧ୍ୟ ଥିଲା । ତାଙ୍କ ଭକ୍ତିର ସମୟ ସମୟରେ ଏତେ ଉଚ୍ଛ୍ୱାସ ହୁଏ ଯେ, ମଝିରେ ମଝିରେ ମୂର୍ଚ୍ଛା ହେଉଥିଲା । ଗୃହସ୍ଥମାନଙ୍କ ଭିତରେ ଧର୍ମ ଆଣିବା ତାଙ୍କର ପ୍ରଧାନ ଉଦ୍ଦେଶ୍ୟ ଥିଲା ।

### ଲୋକମାନ୍ୟ ଓ ଅହଙ୍କାର — 'ମୁଁ କର୍ତ୍ତା' 'ମୁଁ ଗୁରୁ' — ଦର୍ଶନର ଲକ୍ଷଣ

ଜଣେ ମହାରାଷ୍ଟ୍ର ଦେଶୀୟ ସ୍ତ୍ରୀଲୋକ ସମ୍ବନ୍ଧରେ କଥା ହେଉଅଛି ।

ପ୍ରତାପ — ଏ ଦେଶର ସ୍ତ୍ରୀମାନେ କେହି କେହି ବିଲାତ ଯାଇଛନ୍ତି । ଜଣେ ମହାରାଷ୍ଟ୍ର ଦେଶର ସ୍ତ୍ରୀ ଖୁବ୍ ପଣ୍ଡିତ, ବିଲାତ ଯାଇଥିଲେ । ସେ କିନ୍ତୁ ଖ୍ରୀଷ୍ଟାନ୍ ହୋଇଛନ୍ତି । ମହାଶୟ, କ'ଣ ତାଙ୍କ ନାମ ଶୁଣିଛନ୍ତି ?

ଶ୍ରୀରାମକୃଷ୍ଣ — ନା, ତେବେ ତୁମ ମୁଖରୁ ଯାହା ଶୁଣିଲି, ସେଥିରୁ ବୋଧ ହେଉଛି ଯେ ତାଙ୍କର ଲୋକମାନ୍ୟ ହେବାର ଇଚ୍ଛା । ଏପରି ଅହଙ୍କାର ଭଲ ନୁହେଁ । 'ମୁଁ କରୁଛି" ଏହିଟି ଅଜ୍ଞାନରୁ ହୁଏ; ହେ ଈଶ୍ୱର, ତୁମେ କରୁଛ — ଏହିଟି ଜ୍ଞାନ । **ଈଶ୍ୱର ହିଁ କର୍ତ୍ତା ଆଉ ସବୁ ଅକର୍ତ୍ତା ।**

'ମୁଁ' 'ମୁଁ' କଲେ ଯେ କେତେ ଦୁର୍ଗତି ହୁଏ, ବାଛୁରୀର ଅବସ୍ଥା ଭାବିଲେ ବୁଝି ପାରିବ । ବାଛୁରୀ 'ହମ୍ ମା' ହମ୍ ମା', (ମୁଁ ମୁଁ) କରେ । ତାହାର ଦୁର୍ଗତି ଦେଖ । ହୁଏତ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଲଙ୍ଗଳ ଟାଣିବାକୁ ହେଉଛି; ଖରା ନାହିଁ, ବର୍ଷା ନାହିଁ । ହୁଏତ କଂସାଇ କାଟିଲେ । ମାଂସ ଲୋକେ ଖାଇବେ । ଛାଲଟା ଚମଡ଼ା ହେବ । ସେହି ଚମଡ଼ାରେ ଏଇ ଜୋତା ସବୁ ତିଆରି ହେବ । ଲୋକମାନେ ତାକୁ ପିନ୍ଧି ଚାଲିବେ । ସେଥିରେ ମଧ୍ୟ ଦୁର୍ଗତିର ଶେଷ ନାହିଁ । ଚମଡ଼ାରେ ଢୋଲ ତିଆରି ହୁଏ । ଆଉ ଢୋଲରେ କାଠି ଦେଇ ଅନବରତ ଚମଡ଼ା ଉପରେ ଆଘାତ ହୁଏ । ଅବଶେଷରେ ଅନ୍ତ ନେଇ ତନ୍ତ ତିଆରି ହୁଏ । ଯେତେବେଳେ ତୁଳାଭିଣାବାଲାର ତନ୍ତ ତିଆରି ହୁଏ, ସେତେବେଳେ ଅର୍ଥାତ୍ ଭିଣିବା ସମୟରେ ତୁହୁଁ ତୁହୁଁ ଶବ୍ଦ କରେ ଆଉ **'ହମ୍ ମା, ହମ୍ ମା' କରେ ନାହିଁ । ତୁହୁଁ ତୁହୁଁ କରେ, ସେତେବେଳେ ଯାଇ ନିସ୍ତାର, ସେତେବେଳେ ଯାଇ ତାହାର ମୁକ୍ତି । ଆଉ କର୍ମକ୍ଷେତ୍ରକୁ ଆସିବାକୁ ହୁଏ ନାହିଁ ।**

''ଜୀବ ଯେତେବେଳେ କହେ, ''ହେ ଈଶ୍ୱର, ମୁଁ କର୍ତ୍ତା ନୁହେଁ, ତୁମେ ହିଁ କର୍ତ୍ତା—ମୁଁ ଯନ୍ତ୍ର, ତୁମେ ଯନ୍ତ୍ରୀ,' ଜୀବର ସଂସାର ଯନ୍ତ୍ରଣା ଶେଷ ହୁଏ । ସେତେବେଳେ ଯାଇ ଜୀବର ମୁକ୍ତି ହୁଏ, ଆଉ ଏହି କର୍ମକ୍ଷେତ୍ରକୁ ଆସିବାକୁ ହୁଏ ନାହିଁ ।''

ଜଣେ ଭକ୍ତ—ଜୀବର ଅହଙ୍କାର କିପରି ଯାଏ ?

ଶ୍ରୀରାମକୃଷ୍ଣ—ଈଶ୍ୱରଙ୍କୁ ଦର୍ଶନ ନ କଲେ ଅହଙ୍କାର ଯାଏ ନାହିଁ । ଯଦି କାହାରି ଅହଙ୍କାର ଯାଇଥାଏ, ତାହାର ଅବଶ୍ୟ ଈଶ୍ୱର ଦର୍ଶନ ହୋଇଛି ।

ଜଣେ ଭକ୍ତ—ମହାଶୟ ! କିପରି ଜଣାଯାଏ ଯେ, ଈଶ୍ୱର ଦର୍ଶନ ହୋଇଛି ?

ଶ୍ରୀରାମକୃଷ୍ଣ—ଈଶ୍ୱର ଦର୍ଶନର ଲକ୍ଷଣ ଅଛି । ଶ୍ରୀମଦ୍ଭାଗବତରେ ଅଛି, ଯେଉଁ ବ୍ୟକ୍ତି ଈଶ୍ୱର ଦର୍ଶନ କରିଛି, ତାହାର ଚାରୋଟି ଲକ୍ଷଣ ହୁଏ : (୧) ବାଳକବତ୍ (୨) ପିଶାଚବତ୍ (୩) ଜଡ଼ବତ୍ (୪) ଉନ୍ମାଦବତ୍ ।

''ଯାହାର ଈଶ୍ୱର ଦର୍ଶନ ହୋଇଛି, ତାହାର ବାଳକର ସ୍ୱଭାବ ହୁଏ । ସେ ତ୍ରିଗୁଣାତୀତ୍—କୌଣସି ଗୁଣର ଆଣ୍ଟ ନାହିଁ । ଆଉ ଶୁଚି ଅଶୁଚି ଦୁଇ ତାହା ପାଖରେ ସମାନ—ତେଣୁ ପିଶାଚବତ୍ । ଆଉ ପାଗଳ ପରି କେବେ ହସେ, କେବେ କାନ୍ଦେ, ବାବୁପରି ସାଜସଜ୍ଜା ହୁଏ, ପରେ ପୁଣି କିଛି ସମୟ ପରେ ଲଙ୍ଗଳା; କାଖତଳେ ଲୁଗା ଜାକି ବୁଲୁଛି—ତେଣୁ ଉନ୍ମାଦବତ୍ । ଅନ୍ୟସମୟରେ ଜଡ଼ ପରି ଚୁପ୍ ହୋଇ ବସିଛି—ଜଡ଼ବତ୍ ।''

ଜଣେ ଭକ୍ତ—ଈଶ୍ୱର ଦର୍ଶନ ପରେ କଅଣ ଅହଙ୍କାର ଏକାବେଳକେ ଯାଏ ?

ଶ୍ରୀରାମକୃଷ୍ଣ—କେତେବେଳେ ଅହଙ୍କାର ପୋଛି ପକାନ୍ତି—ଯେପରି ସମାଧି ଅବସ୍ଥାରେ । ପୁଣି ସାମାନ୍ୟ ଟିକିଏ ଅହଙ୍କାର ରଖି ଦିଅନ୍ତି । କିନ୍ତୁ ସେ ଅହଙ୍କାରରେ ଦୋଷ ନାହିଁ । ଯେପରି ବାଳକର ଅହଙ୍କାର । ପାଞ୍ଚବର୍ଷର ବାଳକ 'ମୁଁ' 'ମୁଁ' କରେ, କିନ୍ତୁ କାହାରି ଅନିଷ୍ଟ କରି ଜାଣେ ନାହିଁ ।

''ପରଶମଣି ଛୁଇଁଲେ ଲୁହା ସୁନା ହୋଇଯାଏ । ଲୁହାର ତରବାରୀ ସୁନାର ତରବାରୀ ହୋଇଯାଏ । ତରବାରୀର ଆକାର ଥାଏ । କିନ୍ତୁ ସେଥିରେ କାହାରି ଅନିଷ୍ଟ କରିବା ହୁଏ ନାହିଁ । ସୁନାର ତରବାରୀରେ ହଣାମରା ଚଳେ ନାହିଁ ।''

## (୬)

### ବିଲାତ ଓ କାଞ୍ଚନର ପୂଜା—ଜୀବନର ଉଦ୍ଦେଶ୍ୟ କର୍ମ ନା ଈଶ୍ୱର ଲାଭ ?

ଶ୍ରୀରାମକୃଷ୍ଣ(ପ୍ରତାପଙ୍କ ପ୍ରତି)—ତୁମେ ବିଲାତ ଯାଇଥିଲ କଅଣ ଦେଖିଲ, ସବୁ କହତ ।

ପ୍ରତାପ—ବିଲାତର ଲୋକମାନେ ଆପଣ ଯାହାକୁ କାଞ୍ଚନ କହନ୍ତି, ତାହାରି ପୂଜା କରନ୍ତି—ତେବେ ଅବଶ୍ୟ କେହି କେହି ଭଲ ଲୋକ—ଅନାସକ୍ତ ଲୋକ ଅଛନ୍ତି । କିନ୍ତୁ ସାଧାରଣତଃ ମୂଳରୁ ଶେଷଯାଏ ରଜୋଗୁଣର କାଣ୍ଡ । ଆମେରିକାରେ ମଧ୍ୟ ତାହା ହିଁ ଦେଖି ଆସିଲି ।

### ବିଲାତ ଓ କର୍ମଯୋଗ—କଳିଯୁଗରେ କର୍ମଯୋଗ ନା ଭକ୍ତିଯୋଗ

ଶ୍ରୀରାମକୃଷ୍ଣ(ପ୍ରତାପଙ୍କ ପ୍ରତି )—ବିଷୟ କର୍ମରେ ଆସକ୍ତି ଖାଲି ଯେ ବିଲାତରେ ଅଛି, ଏପରି ନୁହେଁ । ସବୁ ଜାଗାରେ ଅଛି । ତେବେ କଅଣ ଜାଣ ? କର୍ମ କାଣ୍ଡ ହେଉଛି ଆଦିକାଣ୍ଡ । ସତ୍ତ୍ୱ ଗୁଣ (ଭକ୍ତି, ବିବେକ, ବୈରାଗ୍ୟ, ଦୟା ଏହି ସବୁ) ନ ହେଲେ ଈଶ୍ୱର ମିଳନ୍ତି ନାହିଁ । ରଜୋଗୁଣରେ କାର୍ଯ୍ୟର ଆଡ଼ମ୍ବର ହୁଏ । ତେଣୁ ରଜୋଗୁଣରୁ ତମୋଗୁଣ ଆସି ପଡ଼େ । **ବେଶୀ କାର୍ଯ୍ୟରେ ଜଡ଼ିତ ରହିଲେ ଈଶ୍ୱରଙ୍କୁ ଭୁଲି ଯାଏ । ଆଉ କାମିନୀ କାଞ୍ଚନରେ ଆସକ୍ତି ବଢ଼େ ।**

''ତେବେ କର୍ମତ୍ୟାଗ କରିବାର ବାଟ ନାହିଁ । ତୁମର ପ୍ରକୃତି ତୁମକୁ କର୍ମ କରାଇବ । ତାହା ତୁମେ ଇଚ୍ଛା କର ବା ନ କର । ତେଣୁ କୁହାଯାଇଛି ଅନାସକ୍ତ ହୋଇ କର୍ମ କର, ଅର୍ଥାତ୍ କର୍ମଫଳର ଆକାଂକ୍ଷା କରିବ ନାହିଁ । ଯେପରି ପୂଜା ଜପ ତପ କରୁଛ, କିନ୍ତୁ ଲୋକମାନ୍ୟ ହେବା ପାଇଁ ନୁହେଁ କିମ୍ବା ପୁଣ୍ୟ କରିବା ପାଇଁ ନୁହେଁ ।

''ଏପରି ଅନାସକ୍ତ ହୋଇ କର୍ମ କରିବାର ନାମ କର୍ମଯୋଗ । ଭାରୀ କଠିନ । ଏଥିରେ କଳିଯୁଗରେ ସହଜରେ ଆସକ୍ତି ଆସିଯାଏ । ମନେ କରୁଛି ଅନାସକ୍ତ ହୋଇ କାର୍ଯ୍ୟ କରୁଛି କିନ୍ତୁ କେଉଁବାଟେ ହେଲେ ଆସକ୍ତି ଆସିଯାଏ, ଜାଣି ହୁଏ ନାହିଁ । ହୁଏତ ପୂଜା ମହୋତ୍ସବ କଲି, କି ଅନେକ ଗରିବ କାଙ୍ଗାଳିମାନଙ୍କର ସେବା କଲି, ମନେ କଲି ଯେ ଅନାସକ୍ତ ହୋଇ କରୁଛି, କିନ୍ତୁ କେଉଁବାଟରେ ଯେ ଲୋକମାନ୍ୟ ହେବାର ଇଚ୍ଛା ହୋଇଛି, ଜାଣି ହୁଏ ନାହିଁ । ତେବେ ଏକାବେଳକେ ଅନାସକ୍ତ ହେବା ସମ୍ଭବ କେବଳ ତାଙ୍କର, ଯାହାଙ୍କର ଈଶ୍ୱର ଦର୍ଶନ ହୋଇଛି ।''

ଜଣେ ଭକ୍ତ — ଯେଉଁମାନେ ଈଶ୍ୱର ଲାଭ କରି ନାହାଁନ୍ତି ସେମାନଙ୍କର ଉପାୟ କଅଣ ? ସେମାନେ ବିଷୟ-କର୍ମ ସବୁ ଛାଡ଼ି ଦେବେ କି ?

ଶ୍ରୀରାମକୃଷ୍ଣ — କଳିରେ ଭକ୍ତିଯୋଗ । ନାରଦୀୟ ଭକ୍ତି । ଈଶ୍ୱରଙ୍କର ନାମ ଗୁଣ ଗାନ କରିବା ଓ ପ୍ରାର୍ଥନା କରିବା; 'ହେ ଈଶ୍ୱର ମୋତେ ଜ୍ଞାନ ଦିଅ, ଭକ୍ତି ଦିଅ, ମୋତେ ଦେଖା ଦିଅ ।' କର୍ମଯୋଗ ବଡ଼ କଠିନ । ତେଣୁ ପ୍ରାର୍ଥନା କରିବାକୁ ହୁଏ, 'ହେ ଈଶ୍ୱର, ମୋର କର୍ମ କମାଇ ଦିଅ । ଆଉ ଯେଉଁ ଟିକିଏ କର୍ମ ରଖିଛ, ସେ ଟିକକ ଯେପରି ତୁମ କୃପାରେ ଅନାସକ୍ତ ହୋଇ କରିପାରେ । ଆଉ ଯେପରି ବେଶୀ କର୍ମ ଜୁଟାଇବାକୁ ଇଚ୍ଛା ନ ହୁଏ ।'

''କର୍ମ ଛାଡ଼ିବାର ଶକ୍ତି ନାହିଁ । ମୁଁ ଚିନ୍ତା କରୁଛି, ମୁଁ ଧ୍ୟାନ କରୁଛି, ଏ ବି କର୍ମ । ଭକ୍ତି ଲାଭ କଲେ ବିଷୟ କର୍ମ ଆପେ ଆପେ କମି ଯାଏ । ଆଉ ଭଲ ଲାଗେ ନାହିଁ । ଭଲ ମିଶ୍ରିର ପଣା ପିଇଲେ ପାଣିଗୁଡ଼ର ପଣା କିଏ ଖାଇବାକୁ ଚାହେଁ ?''

ଜଣେ ଭକ୍ତ — ବିଲାତର ଲୋକମାନେ କେବଳ 'କର୍ମ କର' କର୍ମ କର' କହନ୍ତି । ତେବେ କର୍ମ କରିବା ଜୀବନର ଉଦ୍ଦେଶ୍ୟ ନୁହେଁ ?

ଶ୍ରୀରାମକୃଷ୍ଣ — **ଜୀବନର ଉଦ୍ଦେଶ୍ୟ ଈଶ୍ୱର ଲାଭ** । କର୍ମ ତ ଆଦିକାଣ୍ଡ ଜୀବନର ଉଦ୍ଦେଶ୍ୟ ହୋଇ ନ ପାରେ । ତେବେ ନିଷ୍କାମ କର୍ମ ଗୋଟିଏ ଉପାୟ, — ଉଦ୍ଦେଶ୍ୟ ନୁହେଁ । ''ଶମ୍ଭୁ କହିଲେ, ବର୍ତ୍ତମାନ ଏହି ଆଶୀର୍ବାଦ କରନ୍ତୁ ଯେ, ଯେତେ ଟଙ୍କା ଅଛି, ସେଗୁଡ଼ିକ ସଦ୍‌ବ୍ୟୟରେ ଯାଉ — ହାସପାତାଳ, ଡିସ୍‌ପେନ୍‌ସରୀ କରିବା, ବାଟ ଘାଟ କରିବା, କୂଅ କରିବା ଏହିସବୁ । ମୁଁ କହିଲି, ଏସବୁ କର୍ମ ଅନାସକ୍ତ ହୋଇ କରିପାରିଲେ ଭଲ, କିନ୍ତୁ ତାହା ବଡ଼ କଠିନ । ଆଉ ଯାହାହେଉ, ଏହା ଯେପରି ମନେ ରହେ ଯେ, ତୁମ ମାନବ ଜନ୍ମର ଉଦ୍ଦେଶ୍ୟ ଈଶ୍ୱର ଲାଭ । ହାସପାତାଳ, ଡିସ୍‌ପେନ୍‌ସରୀ କରିବା ନୁହେଁ । ମନେକର ଈଶ୍ୱର ତୁମ ସମ୍ମୁଖକୁ ଆସିଲେ; ଆସି କହିଲେ, ତୁମେ ବର ନିଅ । ତାହାହେଲେ ତୁମେ କଅଣ କହିବ, ମୋତେ କେତେଗୁଡ଼ିଏ ହାସପାତାଳ ଡିସ୍‌ପେନ୍‌ସରୀ, କରିବାକୁ

ଦିଅ, ନା କହିବ—ହେ ଭଗବାନ, ତୁମ ପାଦପଦ୍ମରେ ଯେପରି ମୋର ଶୁଦ୍ଧା ଭକ୍ତି ହୁଏ, ଆଉ ଯେପରି ତୁମଙ୍କୁ ସର୍ବଦା ଦେଖିବାକୁ ପାଏ । ହାସପାତାଳ ଡିସ୍‌ପେନ୍‌ସରୀ, ଏସବୁ ଅନିତ୍ୟ ବସ୍ତୁ । **ଈଶ୍ୱର କେବଳ ବସ୍ତୁ ଆଉ ସବୁ ଅବସ୍ତୁ ।** ତାଙ୍କୁ ଲାଭ କଲେ—ବୋଧହୁଏ, ସେହିଁ କେବଳ କର୍ତ୍ତା, ଆମେମାନେ ଅକର୍ତ୍ତା । ତେବେ କାହିଁକି ତାଙ୍କୁ ଛାଡ଼ି କାର୍ଯ୍ୟ ବଢ଼ାଇ ମରୁ ? ତାଙ୍କୁ ଲାଭ କଲେ, ତାଙ୍କ ଇଚ୍ଛାରେ ଅନେକ ହାସପାତାଳ, ଡିସ୍‌ପେନ୍‌ସରୀ ହୋଇପାରେ । ତେଣୁ କହେ, କର୍ମ ଆଦିକାଣ୍ଡ । କର୍ମ ଜୀବନର ଉଦ୍ଦେଶ୍ୟ ନୁହେଁ । ସାଧନ କରି ଆହୁରି ଆଗେଇ ପଡ଼ । ସାଧନ କରି କରି ଆଉ ଆଗେଇ ଗଲେ ଶେଷରେ ଜାଣିପାରିବ ଯେ, ଈଶ୍ୱର ହିଁ ବସ୍ତୁ, ଆଉ ସବୁ ଅବସ୍ତୁ, ଈଶ୍ୱରଲାଭ କେବଳ ଜୀବନର ଉଦ୍ଦେଶ୍ୟ ।

''ଜଣେ କାଠକଟାଳି ବଣକୁ କାଠ କାଟିବାକୁ ଯାଇଥିଲା । ହଠାତ୍ ଜଣେ ବ୍ରହ୍ମଚାରୀଙ୍କ ସଙ୍ଗରେ ଦେଖା ହେଲା । ବ୍ରହ୍ମଚାରୀ କହିଲେ, 'ଆହେ, ଆଗେଇ ଯାଅ ! କାଠକଟାଳି ଫେରି ଆସି ଭାବିଲା, ବ୍ରହ୍ମଚାରୀ ଆଗେଇ ଯିବାକୁ କହିଲେ କାହିଁକି ?

''ଏହିପରି କିଛିଦିନ ଗଲା । ଦିନେ ସେ ବସିଛି, ଏପରି ସମୟରେ ସେହି ବ୍ରହ୍ମଚାରୀଙ୍କ କଥା ମନେ ପଡ଼ିଲା । ସେତବେଳେ ସେ ମନେ ମନେ ଭାବିଲା ମୁଁ ଆଜି ଆହୁରି ଆଗେଇ ଯିବି । ବଣରେ ଆଉ ଆଗେଇ ଯାଇ ଦେଖେ ଯେ, ଅସଂଖ୍ୟ ଚନ୍ଦନ ଗଛ । ସେତେବେଳେ ଗାଡ଼ି ଗାଡ଼ି ଚନ୍ଦନ କାଠ ନେଇ ଆସିଲା ଏବଂ ବଜାରରେ ବିକି ଖୁବ୍ ବଡ଼ଲୋକ ହୋଇଗଲା ।

''ପୁଣି କିଛିଦିନ ଗଲା । ଆଉ ଦିନେ ମନେ ପଡ଼ିଲା ବ୍ରହ୍ମଚାରୀ କହିଛନ୍ତି 'ଆଗେଇ ଯାଅ' । ତେଣୁ ବଣକୁ ଯାଇ ଆଗେଇ ଦେଖେ ଯେ ନଦୀ କୂଳରେ ରୂପାର ଖଣି । ଏ କଥା ସ୍ୱପ୍ନରେ ମଧ୍ୟ ଭାବି ନଥିଲା । ସେତେବେଳେ ଖଣିରୁ କେବଳ ରୂପା ନେଇ ବିକ୍ରି କଲା । ଏପରିଭାବରେ ପ୍ରଚୁର ଟଙ୍କାର ମାଲିକ ହୋଇଗଲା ।

''ଆଉ କିଛିଦିନ ଗଲା । ଦିନେ ବସି ଭାବୁଛି ବ୍ରହ୍ମଚାରୀ ତ ମୋତେ ରୂପା ଖଣି ପର୍ଯ୍ୟନ୍ତ ଯିବାକୁ କହି ନାହାନ୍ତି—ସେ ତ ମୋତେ ଆଗେଇ ଯିବାକୁ କହିଛନ୍ତି । ଏଥର ନଦୀ କୂଳକୁ ଯାଇ ଦେଖିଲା ସୁନାର ଖଣି । ତେଣୁ ସେ ଭାବିଲା ଏଥିପାଇଁ ବ୍ରହ୍ମଚାରୀ କହିଥିଲେ, ଆଗେଇ ଯାଅ ।

''ପୁଣି କିଛି ଦିନ ପରେ ଆଗେଇ ଯାଇ ଦେଖେ ଯେ, ହୀରା ମାଣିକ ରାଶିକୃତ ପଡ଼ିରହିଛି । ସେତେବେଳେ ତା'ର କୁବେରଙ୍କ ପରି ଐଶ୍ୱର୍ଯ୍ୟ ହେଲା ।

''ତେଣୁ କହୁଛି, ଯାହା କିଛି କର ନା କାହିଁକି, ଆଗେଇ ଗଲେ ଆହୁରି ଭଲ ଜିନଷ ପାଇବ । ଟିକିଏ ଜପ କରି ଉଦ୍ଦୀପନ ହୋଇଛି ବୋଲି ମନେ କର

ନାହିଁ, ଯାହା ହେବାର ତ ହୋଇଯାଇଛି । କର୍ମ କିନ୍ତୁ ଜୀବନର ଉଦ୍ଦେଶ୍ୟ ନୁହେଁ । ଆହୁରି ଆଗେଇ ଯାଅ, କର୍ମ ନିଷ୍କାମ ଭାବରେ କରି ପାରିବ । ତେବେ ନିଷ୍କାମ କର୍ମ ବଡ଼ କଠିନ, ସେଥିପାଇଁ ଭକ୍ତି କରି ବ୍ୟାକୁଳ ହୋଇ ତାଙ୍କୁ ପ୍ରାର୍ଥନା କର, **'ହେ ଈଶ୍ୱର, ତୁମ ପାଦପଦ୍ମରେ ଭକ୍ତି ଦିଅ, ଆଉ କର୍ମ କମାଇ ଦିଅ ଯେଉଁ ଟିକିଏ ରଖିବ, ସେତକ କର୍ମ ଯେପରି ନିଷ୍କାମ ଭାବରେ କରିପାରେ ।**

''ଆଉ ଆଗେଇ ଗଲେ ଈଶ୍ୱର ଲାଭ ହେବ । ତାଙ୍କର ଦର୍ଶନ ମିଳିବ । କ୍ରମେ ତାଙ୍କ ସଙ୍ଗରେ ଆଳାପ କଥାବାର୍ତ୍ତା ହେବ ।

କେଶବଙ୍କର ସ୍ୱର୍ଗଲାଭ ପରେ ମନ୍ଦିରର ବେଦୀ ବିଷୟ ନେଇ ଯେଉଁ ବିବାଦ ହୋଇଥିଲା, ଏଥର ସେହି କଥା ପଡ଼ିଲା ।

ଶ୍ରୀରାମକୃଷ୍ଣ(ପ୍ରତାପଙ୍କ ପ୍ରତି)—ଶୁଣୁଛି ତୁମ ସଙ୍ଗରେ ବେଦୀ ବିଷୟ ନେଇ ଝଗଡ଼ା ହୋଇଛି । ଯେଉଁମାନେ ଝଗଡ଼ା କରୁଛନ୍ତି, ସେମାନେ ରାମା ଶାମା ଥାକର ଲୋକ (ସମସ୍ତଙ୍କର ହାସ୍ୟ) ।

(ଭକ୍ତମାନଙ୍କ ପ୍ରତି)—''ଦେଖ, ପ୍ରତାପ, ଅମୃତ—ଏସବୁ ଶଙ୍ଖ ବାଜନ୍ତି ! ଆଉ ଯାହା ସବୁ ଶୁଣ ସେମାନଙ୍କର କୌଣସି ଶବ୍ଦ ନାହିଁ ।'' (ସମସ୍ତଙ୍କର ହାସ୍ୟ) ।

ପ୍ରତାପ—ମହାଶୟ, ବାଜିବା କଥା ଯାହା କହିଲେ ତାହାହେଲେ ଆମ୍ବ-ଟାକୁଆ ତ ବାଜେ ।

## (୭)

## ବ୍ରାହ୍ମସମାଜ ଓ ଶ୍ରୀରାମକୃଷ୍ଣ—ପ୍ରତାପଙ୍କୁ ଶିକ୍ଷା

ଶ୍ରୀରାମକୃଷ୍ଣ(ପ୍ରତାପଙ୍କ ପ୍ରତି)—ଦେଖ, ତୁମମାନଙ୍କ ବ୍ରାହ୍ମସମାଜର ଲେକ୍ଚର ଶୁଣିଲେ ଲୋକର ଭାବ ବେଶ୍ ବୁଝାଯାଏ । ଗୋଟିଏ ହରିସଭାକୁ ମୋତେ ନେଇ ଯାଇଥିଲେ । ଆଚାର୍ଯ୍ୟ ହୋଇଥିଲେ ଜଣେ ପଣ୍ଡିତ, ତାଙ୍କର ନାମ ସାମାଧ୍ୟାୟୀ । କହିଲେ କଅଣ ନା, ଈଶ୍ୱର ନୀରସ, ଆମର ପ୍ରେମ-ଭକ୍ତି ଦେଇ ତାଙ୍କୁ ସରସ କରି ନେବାକୁ ହେବ । ଏହି କଥା ଶୁଣି ଅବାକ୍ । ସେତେବେଳେ ଗୋଟାଏ ଗଳ୍ପ ମନେ ପଡ଼ିଲା । ଗୋଟିଏ ପିଲା କହିଥିଲା, ମୋର ମାମୁଁ ଘରେ ଅନେକ ଘୋଡ଼ା ଅଛନ୍ତି, ଗୁହାଳେ ଘୋଡ଼ା ! ବର୍ତ୍ତମାନ ଗୁହାଳ ଯଦି ହୁଏ ତା'ହେଲେ କେବେହେଲେ ଘୋଡ଼ା ରହି ପାରନ୍ତି ନାହିଁ, ଗୋରୁ ଥିବା ସମ୍ଭବ । ଏପରି ଅସମ୍ଭବ କଥା ଶୁଣିଲେ ଲୋକ କଅଣ ଭାବିବେ ? ଏହା ଭାବିବେ ଯେ, ଘୋଡ଼ା ଫୋଡ଼ା କିଛି ନାହାନ୍ତି (ସମସ୍ତଙ୍କର ହାସ୍ୟ) ।

ଜଣେ ଭକ୍ତ—ଘୋଡ଼ା ତ ନାହାନ୍ତି । ଗୋରୁ ମଧ୍ୟ ନାହାନ୍ତି । (ସମସ୍ତଙ୍କର ହାସ୍ୟ) ।

ଶ୍ରୀରାମକୃଷ୍ଣ—ଦେଖ ଦେଖ୍, ଯେ ରସସ୍ୱରୂପ ତାଙ୍କୁ କୁହାଯାଉଛି 'ନୀରସ !' ଏଥିରୁ ଏହା ବୁଝାଯାଏ ଯେ, ଈଶ୍ୱର ଯେ କି ଜିନିଷ, କେବେହେଲେ ଅନୁଭବ କରି ନାହାନ୍ତି ।

**'ମୁଁ କର୍ତ୍ତା', 'ମୋର ଘର' ଅଜ୍ଞାନ—ଜୀବନର ଉଦ୍ଦେଶ୍ୟ 'ବୁଡ଼ି ଯାଅ'**

ଶ୍ରୀରାମକୃଷ୍ଣ (ପ୍ରତାପଙ୍କ ପ୍ରତି )—ଦେଖ, ତୁମଙ୍କୁ କହୁଛି, ତୁମେ ଲେଖାପଢ଼ା ଲୋକ, ବୁଦ୍ଧିମାନ୍, ଗମ୍ଭୀରାତ୍ମା । କେଶବ ଆଉ ତୁମେ ଥିଲ ଯେପରି ଗୌର-ନିତାଇ ଦୁଇଭାଇ । ଲେକ୍ଚର ଦେବା, ତର୍କ, ଝଗଡ଼ା, ବାଦ-ବିସମ୍ବାଦ ଏହିସବୁ ଅନେକ ତ ହେଲା । ଆଉ କଅଣ ଏସବୁ ତୁମଙ୍କୁ ଭଲ ଲାଗେ ? ଏବେ ପୂରା ମନଟାକୁ ଏକାଗ୍ର କରି ଈଶ୍ୱରଙ୍କୁ ଦିଅ । ଈଶ୍ୱରଙ୍କଠାରେ ଝାମ୍ପ ଦିଅ ।

ପ୍ରତାପ—ଆଜ୍ଞା ହଁ, ଏଥିରେ ସନ୍ଦେହ ନାହିଁ, ତାହା ହିଁ କରିବା କର୍ତ୍ତବ୍ୟ । ତେବେ ଏସବୁ କରିବାକୁ ହେଉଛି, ତାଙ୍କର ନାମଟା ଯେପରି ରହେ ।

ଶ୍ରୀରାମକୃଷ୍ଣ (ହସି ହସି)—ତୁମେ କହୁଛ ସତ, ତାଙ୍କର ନାମ ରଖିବା ପାଇଁ ସବୁ କରୁଛ; କିନ୍ତୁ କିଛିଦିନ ପରେ ଏହି ଭାବ ମଧ୍ୟ ରହିବ ନାହିଁ । ଗୋଟିଏ ଗଳ୍ପ ଶୁଣ—

''ଜଣେ ଲୋକର ପାହାଡ଼ ଉପରେ ଖଣ୍ଡେ ଘର ଥିଲା । କୁଡ଼ିଆ ଘର । ଅନେକ ପରିଶ୍ରମ କରି ଘରଖଣ୍ଡିକ କରିଥିଲା । କିଛିଦିନ ପରେ ଦିନେ ଭାରୀ ଝଡ଼ ହେଲା । ଘରଟି ଟଳମଳ ହେଲା । ସେତେବେଳେ ଘରକୁ ରକ୍ଷା କରିବା ପାଇଁ ଭାରୀ ଚିନ୍ତିତ ହେଲା । କହିଲା, ହେ ପବନଦେବ, ଦେଖ ଘରଟି ଭାଙ୍ଗ ନାହିଁ ବାବା ! ପବନଦେବ କିନ୍ତୁ ଶୁଣିଲେ ନାହିଁ ! ଘରଟି ମଡ଼ମଡ଼ କରିବାକୁ ଲାଗିଲା ସେତେବେଳେ ଲୋକଟି ଗୋଟିଏ ଫିକର ପାଞ୍ଚିଲା । ତାର ମନେ ପଡ଼ିଲା, ହନୁମାନ ପବନର ପୁଅ । ଯହୁଁ ମନେ ପଡ଼ିଲା, ସଙ୍ଗେ ସଙ୍ଗେ ବ୍ୟସ୍ତ ହୋଇ କହିବାକୁ ଲାଗିଲା—ବାବା ! ଘର ଭାଙ୍ଗ ନାହିଁ ! ହନୁମାନର ଘର, ତୁମଙ୍କୁ ଦୁହାଇ । ଘର ତଥାପି ମଡ଼ମଡ଼ ହେଲା, କିଏ ବା ତାର କଥା ଶୁଣୁଛି । ଥରକୁ ଥର 'ହନୁମାନର ଘର' 'ହନୁମାନର ଘର' କହିବା ପରେ ଦେଖିଲା କିଛି ହେଉନାହିଁ । ସେତେବେଳେ କହିଲା, ବାବା, 'ଲକ୍ଷ୍ମଣଙ୍କ ଘର !' 'ଲକ୍ଷ୍ମଣଙ୍କ ଘର !' ସେଥିରେ ବି ହେଲା ନାହିଁ, ସେତେବେଳେ କହିଲା, 'ରାମଙ୍କ ଘର !' 'ରାମଙ୍କ ଘର !' ଦେଖ ବାବା ଭାଙ୍ଗ ନାହିଁ, ଦୋହାଇ ତୁମଙ୍କୁ । ସେଥିରେ ମଧ୍ୟ କିଛି ହେଲା ନାହିଁ, ଘର ମଡ଼ମଡ଼ ହୋଇ ଭାଙ୍ଗିବାକୁ ଆରମ୍ଭ କଲା । କିନ୍ତୁ ପ୍ରାଣ ବଞ୍ଚାଇବାକୁ ହେବ, ଲୋକଟି ଘରୁ ବାହାରି ଆସିବା ସମୟରେ କହୁଛି—ଯା ଶଳା ଘର !

(ପ୍ରତାପଙ୍କ ପ୍ରତି)—''କେଶବଙ୍କ ନାମ ତୁମକୁ ରକ୍ଷା କରିବାକୁ ହେବ ନାହିଁ । ଯାହା କିଛି ହୋଇଛି, ଜାଣିବ—ଈଶ୍ୱରଙ୍କ ଇଚ୍ଛାରେ । ତାଙ୍କ ଇଚ୍ଛାରେ ହେଲା ଆଉ ତାଙ୍କ ଇଚ୍ଛାରେ ଯାଉଛି; ତୁମେ କଅଣ କରିବ ? ତୁମର ବର୍ତ୍ତମାନ କର୍ତ୍ତବ୍ୟ, ଈଶ୍ୱରଙ୍କଠାରେ ପୁରା ମନଦିଅ—ତାଙ୍କ ପ୍ରେମ ସାଗରରେ ଲମ୍ଫ ଦିଅ ।

ଏହି କଥା କହି ଠାକୁର ସେହି ଅତୁଳନୀୟ କଣ୍ଠରେ ମଧୁର ଗାନ ଗାଇବାକୁ ଆରମ୍ଭ କଲେ—

ବୁଡ଼ଦିଅ ରୂପସାଗରେ ମୋହର ମନ ।
ତଳେ, ପାତାଳେ ପାଇବ ପ୍ରେମ-ରତ୍ନଧନ ।।
ଖୋଜିଲେ ପାଇବ ଅନ୍ତରରେ ବୃନ୍ଦାବନ ।
ଦିକ୍ ଦିକ୍ କରି ହୃଦୟ ଜଳିବ ଜ୍ଞାନବତୀ ଅନୁକ୍ଷଣ ।।
ମାଟି ଉପରେ ଚଳାଏ ଡ଼ଙ୍ଗା କିଏ ସେ ଜନ ।
କୁବୀର କହେ ଶୁଣ ଶୁଣ, ଧ୍ୟାୟ ଗୁରୁ ଶ୍ରୀଚରଣ ।।

(ପ୍ରତାପଙ୍କ ପ୍ରତି)—''ଗାନ ଶୁଣିଲ ? ଲେକ୍ଚର ଝଗଡ଼ା ସେ ସବୁ ତ ଅନେକ ହେଲା, ବର୍ତ୍ତମାନ ଡୁବି ଯାଅ । ଏ ସମୁଦ୍ରରେ ଡୁବିଲେ ମରିବାର ଭୟ ନାହିଁ । ଏହା ଯେ ଅମୃତର ସାଗର । ମନେକରନା ଯେ ଏଥିରେ ମନୁଷ୍ୟ ବେହୋସ ହୁଏ; ମନେକର ନାହିଁ ଯେ ବେଶୀ ଈଶ୍ୱର ଈଶ୍ୱର କଲେ ମନୁ ପାଗଳ ହୋଇଯାଏ । ମୁଁ ନରେନ୍ଦ୍ରକୁ କହିଥିଲି—''

ପ୍ରତାପ—ମହାଶୟ, ନରେନ୍ଦ୍ର କିଏ ?

ଶ୍ରୀରାମକୃଷ୍ଣ—ସେ ଜଣେ ଯୁବକ । ମୁଁ ନରେନ୍ଦ୍ରକୁ କହିଥିଲି, ଦେଖ୍, ଈଶ୍ୱର ରସର ସାଗର । ଏହି ରସ ସାଗରରେ ବୁଡ଼ିବାକୁ ତୋର କ'ଣ ଇଚ୍ଛା ହୁଏ ନା ? ଆଚ୍ଛା ମନେ କର, ସରାଏ ରସ ଅଛି, ତୁ ମାଛି ହୋଇଛୁ, ତା'ହେଲେ କେଉଁଠାରେ ବସି ରସ ଖାଇବୁ ? ନରେନ୍ଦ୍ର କହିଲା, 'ମୁଁ ସରାର ଧାରରେ ବସି ମୁହଁ ବଢ଼ାଇ ଖାଇବି ।' ମୁଁ ପଚାରିଲି କାହିଁକି ? ଧାରରେ ବସି ଖାଇବୁ କାହିଁକି ? ସେ କହିଲା, 'ବେଶୀ ଦୂର ଗଲେ ବୁଡ଼ିଯିବି, ଆଉ ପ୍ରାଣ ହରାଇବି ! ସେତବେଳେ ମୁଁ କହିଲି, 'ବାବା ! ସଚ୍ଚିଦାନନ୍ଦ ସାଗରରେ ସେ ଭୟ ନାହିଁ ! ଏ ତ ଅମୃତ ସାଗର, ଏ ସାଗରରେ ବୁଡ଼ିଲେ ମୃତ୍ୟୁ ହୁଏ ନାହିଁ ମନୁଷ୍ୟ ଅମର ହୁଏ ! **ଈଶ୍ୱରଙ୍କ ପାଇଁ ପାଗଳ ହେଲେ ମନୁଷ୍ୟ ବେହୋସ ହୁଏ ନାହିଁ ।**

(ଭକ୍ତମାନଙ୍କ ପ୍ରତି )—'ମୁଁ' ଆଉ 'ମୋର' ଏହାର ନାମ ଅଜ୍ଞାନ । ରାସମଣି କାଳୀମନ୍ଦିର କରିଛନ୍ତି, ଏହି କଥା ହିଁ ଲୋକେ କହନ୍ତି । କେହିହେଲେ କହନ୍ତି ନାହିଁ ଈଶ୍ୱର କରିଛନ୍ତି । 'ବ୍ରାହ୍ମସମାଜ ଅମୁକ ଲୋକ କରି ଯାଇଛନ୍ତି', —ଏ କଥା କେହି କହନ୍ତି ନାହିଁ ଈଶ୍ୱରଙ୍କ ଇଚ୍ଛାରେ ଏହିଟି ହୋଇଛି ଏହିଟିର ନାମ

ଅଜ୍ଞାନ । ହେ ଈଶ୍ୱର, ତୁମେ କର୍ତ୍ତା ମୁଁ ଅକର୍ତ୍ତା; ତୁମେ ଯନ୍ତ୍ରୀ ମୁଁ ଯନ୍ତ୍ର; ଏହିଟିର ନାମ ଜ୍ଞାନ । ହେ ଈଶ୍ୱର ମୋର କିଛି ନୁହେଁ—ଏ ମନ୍ଦିର ମୋର ନୁହେଁ, ଏ କାଳୀମନ୍ଦିର ମୋର ନୁହେଁ, ଏ ସମାଜ ମୋର ନୁହେଁ, ସବୁ ତୁମର ଜିନିଷ; ଏହି ସ୍ତ୍ରୀ, ପୁତ୍ର, ପରିବାର ଏ ସବୁ କିଛି ମୋର ନୁହେଁ, ସବୁ ତୁମର ଜିନିଷ ! ଏହାର ନାମ ଜ୍ଞାନ ।

''ମୋର ଜିନିଷ, ମୋର ଜିନିଷ କହି—ସେହି ସମସ୍ତ ଜିନିଷକୁ ଭଲ ପାଇବାର ନାମ **ମାୟା** । ସମସ୍ତଙ୍କୁ ଭଲ ପାଇବାର ନାମ **ଦୟା** । କେବଳ ବ୍ରାହ୍ମସମାଜର ଲୋକମାନଙ୍କୁ ଭଲ ପାଏ, କି କେବଳ ନିଜ ପରିବାର ଲୋକଙ୍କୁ ଭଲ ପାଏ, ଏହାର ନାମ ମାୟା । ନିଜ ଦେଶର ଲୋକଙ୍କୁ ଭଲ ପାଇବାର ନାମ ମାୟା, ସବୁ ଦେଶର ଲୋକଙ୍କୁ ଭଲପାଇବା, ସବୁ ଧର୍ମର ଲୋକଙ୍କୁ ଭଲପାଇବା, ଏଇଟି ଦୟାରୁ ହୁଏ, ଭକ୍ତିରୁ ହୁଏ ।

''ମାୟାରେ ମନୁଷ୍ୟ ବଦ୍ଧ ହୋଇଯାଏ, ଭଗବାନଙ୍କଠାରୁ ବିମୁଖ ହୁଏ । ଦୟାରୁ ଈଶ୍ୱର ଲାଭ ହୁଏ । ଶୁକଦେବ, ନାରଦ ଏମାନେ ଦୟା ରଖିଥିଲେ ।''

## (୮)

### ପ୍ରତାପଙ୍କୁ ଶିକ୍ଷା—ବ୍ରାହ୍ମସମାଜ ଓ କାମିନୀ-କାଞ୍ଚନ

ପ୍ରତାପ—ଯେଉଁମାନେ ମହାଶୟଙ୍କ ନିକଟରେ ଅଛନ୍ତି, ସେମାନଙ୍କର କ୍ରମେ କ୍ରମେ ଉନ୍ନତି ହେଉଛି ତ ?

ଶ୍ରୀରାମକୃଷ୍ଣ—ମୁଁ କହେ, ସଂସାର କରିବାରେ ଦୋଷ କଅଣ ? ତେବେ ସଂସାରରେ ଦାସୀ ପରି ରହ ।

### ଗୃହସ୍ଥର ସାଧନ

''ଦାସୀ ମୁନିବର ଘର କଥାରେ କହେ, 'ଆମ ଘର ।' କିନ୍ତୁ ତା ନିଜ ଘର ହୁଏତ କୌଣସି ମଫସଲ ଗ୍ରାମରେ । ମୁନିବର ଘରକୁ ଦେଖାଇ ମୁହଁରେ କହେ, 'ଆମ ଘର ।' ମନେ ମନେ ଜାଣେ ସେ ଘର ଆମର ନୁହେଁ, ଆମ ଘର ସେହି ମଫସଲ ଗ୍ରାମରେ । ପୁଣି ମୁନିବ ପୁଅକୁ ଯତ୍ନ କରେ, କହେ, 'ହରି ମୋର ବଡ଼ ଦୁଷ୍ଟ ହୋଇଛି 'ମୋ ହରି ମିଠା ଖାଇବାକୁ ଭଲ ପାଏ ନାହିଁ ।' 'ମୋର ହରି' ମୁହଁରେ କହେ ସତ, **କିନ୍ତୁ ଜାଣେ ଯେ, ହରି ମୋର ନୁହେଁ, ମୁନିବର ପୁଅ ।**

''ତେଣୁ ଯେଉଁମାନେ ଆସନ୍ତି, ସେମାନଙ୍କୁ ମୁଁ କହେ ସଂସାର କର, ସେଥିରେ ଦୋଷ ନାହିଁ । ତେବେ ଈଶ୍ୱରଙ୍କଠାରେ ମନ ରଖି କର, ଜାଣ ଯେ ଘରଦ୍ୱାର ପରିବାର ମୋର ନୁହେଁ; ଏସବୁ ଈଶ୍ୱରଙ୍କର । ମୋର ଘର ଈଶ୍ୱରଙ୍କ

ନିକଟରେ । ଆଉ କହେ, ତାଙ୍କ ପାଦପଦ୍ମରେ ଭକ୍ତି ପାଇଁ ବ୍ୟାକୁଳ ହୋଇ ସର୍ବଦା ପ୍ରାର୍ଥନା କରିବ ।''

ବିଲାତର କଥା ପୁଣି ପଡ଼ିଲା । ଜଣେ ଭକ୍ତ କହିଲେ, ମହାଶୟ ଆଜିକାଲି ବିଲାତର ପଣ୍ଡିତମାନେ ଈଶ୍ୱର ଅଛନ୍ତି — କଥା ମାନନ୍ତି ନାହିଁ ।

ପ୍ରତାପ — ମୁହଁରେ ଯେ ଯାହା କହନ୍ତୁ, ଆନ୍ତରିକ ସେମାନେ ଯେ କେହି ନାସ୍ତିକ ତାହା ମୋର ମନେହୁଏ ନାହିଁ । ଏହି ଜଗତ ବ୍ୟାପାରର ପଛରେ ଯେ ଗୋଟିଏ ମହାଶକ୍ତି ଅଛି, ଏକଥା ଅନେକଙ୍କୁ ହିଁ ମାନିବାକୁ ହୋଇଛି ।

ଶ୍ରୀରାମକୃଷ୍ଣ — ତାହାହେଲେ ହେଲା; ଶକ୍ତି ତ ମାନୁଛନ୍ତି ? ନାସ୍ତିକ କାହିଁକି ହେବ ?

ପ୍ରତାପ — ତା' ଛଡ଼ା ଇଉରୋପରେ ପଣ୍ଡିତମାନେ Moral Government (ସତ୍‌କାର୍ଯ୍ୟର ପୁରସ୍କାର ଆଉ ପାପର ଶାସ୍ତି) ଏହି ଜଗତରେ ହୁଏ — ଏକଥା ତ ମାନନ୍ତି ।

ଅନେକ କଥାବାର୍ତ୍ତା ପରେ ପ୍ରତାପ ବିଦାୟ ନେବାକୁ ଗାତ୍ରୋତ୍‌ଥାନ କଲେ ।

ଶ୍ରୀରାମକୃଷ୍ଣ (ପ୍ରତାପଙ୍କ ପ୍ରତି) — ତୁମକୁ ଆଉ କଅଣ କହିବି ? ତେବେ କହିବା କଥା ଏହି ଯେ, ଝଗଡ଼ା-ବିବାଦ ଭିତରେ ରହ ନାହିଁ !

''ଗୋଟିଏ କଥା — କାମିନୀ-କାଞ୍ଚନ ହିଁ ଈଶ୍ୱରଙ୍କଠାରୁ ବିମୁଖ କରେ । ସେ ଦିଗକୁ ଯିବାକୁ ଦିଏ ନାହିଁ । ଦେଖୁ ନାହଁ ସମସ୍ତେ ନିଜର ସ୍ତ୍ରୀକୁ ପ୍ରଶଂସା କରନ୍ତି । (ସମସ୍ତଙ୍କର ହାସ୍ୟ) । ତାହା ଭଲ ହେଉ ବା ମନ୍ଦ ହେଉ, — ଯଦି ପ୍ରଶ୍ନ କର, ତୁମର ସ୍ତ୍ରୀ କିପରି ହେ, ସଙ୍ଗେ ସଙ୍ଗେ କହନ୍ତି, ଆଜ୍ଞା ଖୁବ୍ ଭଲ ।''

ପ୍ରତାପ — ତେବେ ମୁଁ ଆସୁଛି ।

ପ୍ରତାପ ଚାଲିଗଲେ । ଠାକୁରଙ୍କର ଅମୃତମୟୀ କଥା, କାମିନୀ-କାଞ୍ଚନ ତ୍ୟାଗର କଥା ସମାପ୍ତ ହେଲା ନାହିଁ । ସୁରେନ୍ଦ୍ରଙ୍କ ଉଦ୍ୟାନର ବୃକ୍ଷସ୍ଥିତ ପତ୍ରଗୁଡ଼ିକ ଦକ୍ଷିଣା ପବନରେ ମର୍ମର ଧ୍ୱନି ସୃଷ୍ଟି କରୁଥିଲେ । କଥାଗୁଡ଼ିକ ସେହି ଶବ୍ଦ ସଙ୍ଗରେ ମିଶି ଗଲା । ଥରେ ମାତ୍ର ଭକ୍ତମାନଙ୍କର ହୃଦୟରେ ଆଘାତ କରି ଅବଶେଷରେ ଅନନ୍ତ ଆକାଶରେ ଲୟ ପ୍ରାପ୍ତ ହେଲା ।

କିନ୍ତୁ ପ୍ରତାପଙ୍କ ହୃଦୟରେ କଅଣ ଏହି କଥା ପ୍ରତିଧ୍ୱନିତ ହୋଇ ନାହିଁ ?

କିୟତ୍‌କ୍ଷଣ ପରେ ଶ୍ରୀଯୁକ୍ତ ମଣିଲାଲ ମଲ୍ଲିକ ଠାକୁରଙ୍କୁ କହୁଛନ୍ତି —

ମହାଶୟ ଏହି ବେଳା ଦକ୍ଷିଣେଶ୍ୱର ଯାତ୍ରା କରନ୍ତୁ । ଆଜି ସେଠାରେ କେଶବ ସେନଙ୍କ ମା' ଓ ଘରର ସ୍ତ୍ରୀଲୋକମାନେ ଆପଣଙ୍କୁ ଦର୍ଶନ କରିବାକୁ

ଯିବେ । ସେମାନେ ଆପଣଙ୍କୁ ନ ଦେଖିପାରିଲେ ହୁଏତ ଦୁଃଖିତ ହୋଇ ଫେରି ଆସିବେ ।

କେତେମାସ ହେଲା କେଶବ ସ୍ୱର୍ଗାରୋହଣ କରିଛନ୍ତି । ତେଣୁ ତାଙ୍କର ବୃଦ୍ଧା ମାତା ଠାକୁରାଣୀ, ପରିବାର ଓ ଘରର ଅନ୍ୟାନ୍ୟ ସ୍ତ୍ରୀଲୋକମାନେ ଠାକୁରଙ୍କୁ ଦର୍ଶନ କରିବାକୁ ଯିବେ ।

ଶ୍ରୀରାମକୃଷ୍ଣ (ମଣି ମଲ୍ଲିକଙ୍କ ପ୍ରତି)—ରହ ବାବୁ, ଏକେ ତ ମୋର ନିଦ ଫିଦ ହୋଇ ନାହିଁ; ଡର ବର ହୋଇ ପାରିବି ନାହିଁ । ସେମାନେ ଯାଇଛନ୍ତି ତ ଆଉ କଅଣ କରିବି । ସେଠାରେ ସେମାନେ ବଗିଚାରେ ବୁଲିବେ—ବେଶ୍ ଆନନ୍ଦ ହେବ ।

କିୟତ୍କ୍ଷଣ ବିଶ୍ରାମ କରି ଠାକୁର ଯାତ୍ରା କରୁଛନ୍ତି—ଦକ୍ଷିଣେଶ୍ୱର ଯିବେ । ଯିବା ସମୟରେ ସୁରେନ୍ଦ୍ରଙ୍କର କଲ୍ୟାଣ ଚିନ୍ତା କରୁଛନ୍ତି । କିଛି ଅସମ୍ପୂର୍ଣ୍ଣ ରଖିବେ ନାହିଁ, ତେଣୁ ଠିଆ ହୋଇ କହୁଛନ୍ତି—"ମୁଁ ସେତେବେଳେ ଲୁଚି ଖାଇ ନାହିଁ, କିଛି ଲୁଚି ଆଣି ଦିଅ ।"

କଣିକାମାତ୍ର ନେଇ ଖାଉଛନ୍ତି । କହୁଛନ୍ତି—"ଏହାର ଅନେକ ମାନେ ଅଛି ! ଲୁଚି ଖାଇ ନାହିଁ ମନେ ହେଲେ ପୁଣି ଆସିବାକୁ ଇଚ୍ଛା ହେବ । (ସମସ୍ତଙ୍କ ହାସ୍ୟ) ।"

ମଣି ମଲ୍ଲିକ (ସହାସ୍ୟରେ)—ଭଲ ତ ଆମେମାନେ ମଧ୍ୟ ଆସିଥାଆନ୍ତୁ । ଭକ୍ତମାନେ ସମସ୍ତେ ହସୁଛନ୍ତି ।

# ଷଡ଼ବିଂଶ ପରିଚ୍ଛେଦ

## ଠାକୁର ଶ୍ରୀରାମକୃଷ୍ଣ ଦକ୍ଷିଣେଶ୍ୱର ମନ୍ଦିରରେ ସୁରେନ୍ଦ୍ର, ଭବନାଥ, ରାଖାଲ, ଲାଟୁ, ମାଷ୍ଟର, ଅଧର ପ୍ରଭୃତି ଭକ୍ତଙ୍କ ସଙ୍ଗରେ

## (୧)

### ଶ୍ରୀଯୁକ୍ତ ବାବୁରାମ, ରାଖାଲ, ଲାଟୁ, ନିରଞ୍ଜନ, ନରେନ୍ଦ୍ର ପ୍ରଭୃତିଙ୍କର ଚରିତ୍ର

ଠାକୁର ଶ୍ରୀରାମକୃଷ୍ଣ ଦକ୍ଷିଣେଶ୍ୱର-ମନ୍ଦିରରେ ନିଜ ଘରେ ଭକ୍ତମାନଙ୍କ ସଙ୍ଗରେ ବସିଛନ୍ତି । ସନ୍ଧ୍ୟା ହୋଇଛି, ତେଣୁ ଜଗନ୍ମାତାଙ୍କର ନାମ ଓ ଚିନ୍ତା କରୁଛନ୍ତି । ଘରେ ରାଖାଲ, ଅଧର, ମାଷ୍ଟର ଓ ଆଉ ଜଣେ ଦୁଇଜଣ ଭକ୍ତ ଅଛନ୍ତି ।

ଆଜି ଶୁକ୍ରବାର — ଜ୍ୟେଷ୍ଠ କୃଷ୍ଣା-ଦ୍ୱାଦଶୀ, ୨୦ ଜୁନ୍ ୧୮୮୪ ଖ୍ରୀଷ୍ଟାବ୍ଦ । ପାଞ୍ଚଦିନ ପରେ ରଥଯାତ୍ରା ହେବ ।

କିୟତ୍କ୍ଷଣ ପରେ ଠାକୁର ମନ୍ଦିରରେ ଆଳତି ଆରମ୍ଭ ହେଲା । ଅଧର ଆଳତି ଦେଖିବାକୁ ଗଲେ । ଠାକୁର ମଣିଙ୍କ ସହିତ କଥା କହୁଛନ୍ତି ଓ ଆନନ୍ଦରେ ମଣିଙ୍କ ଶିକ୍ଷା ପାଇଁ ଭକ୍ତମାନଙ୍କ ସଙ୍ଗରେ ଗଳ୍ପ କରୁଛନ୍ତି ।

ଶ୍ରୀରାମକୃଷ୍ଣ — ଆଚ୍ଛା, ବାବୁରାମର କଅଣ ପଢ଼ିବାର ଇଚ୍ଛା ଅଛି ?

''ବାବୁରାମକୁ କହିଲି, 'ତୁ ଲୋକଶିକ୍ଷା ପାଇଁ ପଢ଼ । ସୀତାଙ୍କ ଉଦ୍ଧାର ପରେ ବିଭୀଷଣ ରାଜ୍ୟ ଚଳାଇବାକୁ ରାଜି ହେଲେ ନାହିଁ । ରାମ କହିଲେ, ତୁମେ ମୂର୍ଖମାନଙ୍କର ଶିକ୍ଷା ପାଇଁ ରାଜ୍ୟ ଚଳାଅ । ତା' ନ ହେଲେ ସେମାନେ କହିବେ, ବିଭୀଷଣ ରାମଙ୍କର ସେବା କରିଛି ତାର କଅଣ ଲାଭ ହେଲା ? — ରାଜ୍ୟଲାଭ ଦେଖିଲେ ଖୁସି ହେବେ ।

''ତୁମକୁ କହୁଛି, ସେଦିନ ଦେଖିଲି — ବାବୁରାମ, ଭବନାଥ ଆଉ ହରୀଶ ଏମାନଙ୍କର ପ୍ରକୃତି ଭାବ ।

''ବାବୁରାମକୁ ଦେଖିଲି — ଦେବୀମୂର୍ତ୍ତି । ଗଳାରେ ହାର । ସଙ୍ଗରେ ସଖୀମାନେ । ସେ ସ୍ୱପ୍ନରେ କଅଣ ଦେଖିଛି, ତା'ର ଦେହ ଶୁଦ୍ଧ । ଅଳ୍ପ କିଛି କଲେ ତା'ର ହୋଇଯିବ ।

''କଅଣ ଜାଣ ଦେହରକ୍ଷାର ଅସୁବିଧା ହେଉଛି । ସେ ଆସି ରହିଲେ ଭଲ ହେବ । ଏମାନଙ୍କର ସ୍ୱଭାବ ସବୁ ଏକ ପ୍ରକାର ହୋଇଯାଇଛି । ନେଟୋ (ଲାଟୁ) ତ ଚଢ଼ି ରହିଛି (ସର୍ବଦା ଭାବରେ ରହିଛି) । କ୍ରମେ ଲୀନ ହେବାର ଅବସ୍ଥା ।

''ରାଖାଲର ଏପରି ଅବସ୍ଥା ହେବାକୁ ଯାଉଛି ଯେ, ତାକୁ ମୋତେ ପାଣି ଦେବାକୁ ହୁଏ ! (ମୋର) ସେବା କରିବାକୁ ସେତେ ପାରେ ନାହିଁ ।

''ବାବୁରାମ ଆଉ ନିରଞ୍ଜନ—ଏମାନଙ୍କୁ ଛାଡ଼ିଦେଲେ ଆଉ ଯୁବକ କାହାନ୍ତି ?—ଯଦି ଆଉ କେହି ଆସେ, ମନେହୁଏ, ସଙ୍ଗେ ସଙ୍ଗେ ଉପଦେଶ ନେଇ ଚାଲିଯିବ ।

''ତେବେ ଜୋର୍‌ଜାର କରି ଆସିବାକୁ କହେ ନାହିଁ, ଘରେ କିଛି ହଙ୍ଗାମା ହୋଇପାରେ'(ସହାସ୍ୟ)ମୁଁ ଯେତେବେଳେ କାହାକୁ କହେ 'ଚାଲିଆ ସେତେବେଳେ ସେ କହେ—ଆପଣ ନେଇ ନିଅନ୍ତୁ ନା । ରାଖାଲକୁ ଦେଖି କାନ୍ଦେ । କହେ, ସେ ଭଲରେ ଅଛି !

''ରାଖାଲ ବର୍ତ୍ତମାନ ଘର ପୁଅ ଭଳି ଅଛି; ଜାଣେ, ସେ ଆଉ ଆସକ୍ତ ହେବ ନାହିଁ । କହେ, 'ସେ ସବୁ ଭଲ ଲାଗେ ନାହିଁ !' ତା'ର ସ୍ତ୍ରୀ ଏଠାକୁ ଆସିଥିଲା । ୧୪ ବର୍ଷ ବୟସ । ଏଠାକୁ ଆସି କୋନ୍ନଗରକୁ ଗଲା । ସେମାନେ ତାକୁ କୋନ୍ନଗରକୁ ଯିବାକୁ କହିଲେ । ସେ ଗଲା ନାହିଁ । କହିଲା,—ମୋତେ ଆମୋଦ ପ୍ରମୋଦ ଭଲ ଲାଗେ ନାହିଁ ।''

''ନିରଞ୍ଜନକୁ ତୁମର କିପରି ବୋଧ ହୁଏ ?''

ମାଷ୍ଟର—ଆଜ୍ଞା, ସୁନ୍ଦର ଚେହେରା !

ଶ୍ରୀରାମକୃଷ୍ଣ—ନା, ଚେହେରା କେବଳ ନୁହେଁ । ସରଳ ! ସରଳ ହେଲେ ଈଶ୍ୱର ସହଜରେ ମିଳନ୍ତି । ସରଳ ହେଲେ ଉପଦେଶ ଶୀଘ୍ର କାର୍ଯ୍ୟ କରେ । ତିଆରି ଜମି ପ୍ରସ୍ତୁତ—ଗୋଡ଼ି ପଥର କିଛି ନାହିଁ, ବୀଜ ପଡ଼ିବା ମାତ୍ରେ ଗଛ ହୁଏ ଆଉ ଶୀଘ୍ର ଫଳ ହୁଏ ।

''ନିରଞ୍ଜନ ବିବାହ କରିବ ନାହିଁ । ତୁମେ କଅଣ କହୁଛ,—କାମିନୀ କାଞ୍ଚନ ହିଁ ବନ୍ଧ କରେ ?

ମାଷ୍ଟର—ଆଜ୍ଞା, ହଁ ।

### ଶ୍ରୀରାମକୃଷ୍ଣ—ପାନ ତମାଖୁ ଛାଡ଼ିଲେ କଅଣ ହେବ ?

### କାମିନୀ କାଞ୍ଚନ ତ୍ୟାଗ ହିଁ ତ୍ୟାଗ

''ଭାବରେ ଦେଖିଲି, ଯଦିଓ ଚାକିରି କରୁଛି, ତାକୁ କୌଣସି ଦୋଷ ସ୍ପର୍ଶ କରି ନାହିଁ । ମା' ପାଇଁ କାମ କରେ,—ସେଥିରେ ଦୋଷ ନାହିଁ ।

''ତୁମେ ଯେଉଁ କର୍ମ କର,—ଏଥିରେ ଦୋଷ ନାହିଁ । ଏ ଭଲ କାମ ।

''କିରାଣୀ ଜେଲ୍ ଗଲା—ବନ୍ଧ ହେଲା—ହାତକଡ଼ି ପଡ଼ିଲା—ପୁଣି ମୁକ୍ତ ହେଲା । ମୁକ୍ତ ହେବା ପରେ ସେ କଅଣ ଧେଇ ଧେଇ କରି ନାଚିବ ? ସେ ପୁଣି

କିରାଣୀଗିରି ହିଁ କରିବ । ତୁମର ଉପାର୍ଜନର ଇଚ୍ଛା ନାହିଁ । ସେମାନଙ୍କୁ ଖୁଆଇବା ପିଆଇବା । ସେମାନେ ତା'ନ ହେଲେ କୁଆଡ଼େ ଯିବେ ?''

ମଣି—କେହି ଦାୟିତ୍ୱ ନେଲେ ଛଡ଼ା ଯାଏ ।

ଶ୍ରୀରାମକୃଷ୍ଣ—ତା' ସତ । ବର୍ତ୍ତମାନ ଏହାକୁ କର ତାହାକୁ ମଧ୍ୟ କର ।

ମଣି—ସବୁ ତ୍ୟାଗ କରି ପାରିବା ଭାଗ୍ୟ ।

ଶ୍ରୀରାମକୃଷ୍ଣ—ତାହା ଠିକ୍ ! ତେବେ ଯେପରି ସଂସ୍କାର । ତୁମର ଟିକିଏ କର୍ମ ବାକି ଅଛି । ସେତକ ହୋଇଗଲା ପରେ ଶାନ୍ତି—ସେତେବେଳେ ତୁମକୁ ଛାଡ଼ିଦେବେ । ହାସପାତାଳରେ ନାମ ଲେଖାଇଲେ ସହଜରେ ଛାଡ଼ନ୍ତି ନାହିଁ । ରୋଗ ସମ୍ପୂର୍ଣ୍ଣ ଭଲ ହେଲେ ତେବେ ଛାଡ଼ନ୍ତି ।

**''ଯେଉଁ ଭକ୍ତମାନେ ଏଠାରେ ଅଛନ୍ତି—ସେମାନେ ଦୁଇ ଥାକର ।** ଗୋଟିଏ ଥାକର କହନ୍ତି, ମୋତେ ଉଦ୍ଧାର କର ! ହେ ଈଶ୍ୱର ! ଆଉ ଗୋଟିଏ ଥାକ, ସେମାନେ ଅନ୍ତରଙ୍ଗ, ସେମାନେ ସେ କଥା କହନ୍ତି ନାହିଁ । ସେମାନଙ୍କର ଦୁଇଟି ଜିନିଷ ଜାଣିଲେ ହେଲା, ପ୍ରଥମେ ମୁଁ (ଶ୍ରୀରାମକୃଷ୍ଣ) କିଏ ? ତା' ପରେ ସେମାନେ କିଏ—ମୋ ସାଙ୍ଗରେ ସମ୍ବନ୍ଧ କଅଣ ?

''ତୁମେ ଏହି ଶେଷ ଥାକର । ତା' ନ ହେଲେ ଏତେ ସବୁ କେହି କରେ—

## ନରେନ୍ଦ୍ର, ରାଖାଲ, ନିରଞ୍ଜନ, ଏମାନଙ୍କର ପୁରୁଷ-ଭାବ, ବାବୁରାମ, ଭବନାଥ ଏମାନଙ୍କର ପ୍ରକୃତି-ଭାବ

''ଭବନାଥ, ବାବୁରାମ ଏମାନଙ୍କର ପ୍ରକୃତି-ଭାବ । ହରୀଶ ସ୍ତ୍ରୀଲୁଗା ପିନ୍ଧି ଶୁଏ । ବାବୁରାମ କହିଛି, ସେହି ଭାବଟା ତାକୁ ଭଲଲାଗେ । ତା' ହେଲେ ମିଳୁଛି । ଭବନାଥର ମଧ୍ୟ ସେହି ଭାବ । ନରେନ୍ଦ୍ର, ରାଖାଲ, ନିରଞ୍ଜନ ଏମାନଙ୍କର ପୁରୁଷପିଲାଙ୍କ ଭାବ ।

## ହାତ ଭାଙ୍ଗିବାର ମାନେ—ସିଦ୍ଧି (Miracle) ଓ ଶ୍ରୀରାମକୃଷ୍ଣ

''ଆଚ୍ଛା ହାତ ଭାଙ୍ଗିଯିବାର ମାନେଟା କଅଣ ? ଆଗେ ଥରେ ଭାବାବସ୍ଥାରେ ଦାନ୍ତ ଭାଙ୍ଗି ଯାଇଥିଲା, ଏଥର ଭାବାବସ୍ଥାରେ ହାତ ଭାଙ୍ଗିଲା ।

ମଣି ଚୁପ୍‌କରି ଅଛନ୍ତି ଦେଖି ଠାକୁର ନିଜେ କହୁଛନ୍ତି—

''ହାତ ଭାଙ୍ଗିଛି ସବୁ ଅହଂକାର ନିର୍ମୂଳ କରିବା ପାଇଁ । ବର୍ତ୍ତମାନ ଭିତରୁ ମୁଁ ଖୋଜି ପାଉ ନାହିଁ । ଖୋଜିବାକୁ ଯାଇ ଦେଖେ, ସେ ରହିଛନ୍ତି । ଅହଂକାର ଏକାବେଳକେ ନ ଗଲେ ତାଙ୍କୁ ପାଇବାର ଉପାୟ ନାହିଁ !

''ଚାତକର କଥା ଦେଖ ମାଟିରେ ବସା, କିନ୍ତୁ କେତେ ଉପରକୁ ଉଠେ !

''ଥରେ ଥରେ ଦେହ କମ୍ପେ, ଯଦି ସେହି ଶକ୍ତି ଆସିଯାଏ । ଯଦି ସିଦ୍ଧି ଆସେ ଏଠାରେ ଡାକ୍ତରଖାନା, ହାସପାତାଳ ହୋଇଯିବ । ଲୋକମାନେ ଆସି କହିବେ, ମୋ ରୋଗ ଭଲ କରିଦିଅ ! ସିଦ୍ଧି କଅଣ ଭଲ ?''

ମାଷ୍ଟର—ଆଜ୍ଞା, ନା । ଆପଣ ତ କହିଛନ୍ତି, ଅଷ୍ଟ ସିଦ୍ଧି ମଧ୍ୟରୁ ଗୋଟିଏ ରହିଲେ ଭଗବାନ ମିଳନ୍ତି ନାହିଁ ।

ଶ୍ରୀରାମକୃଷ୍ଣ—ଠିକ୍ କହିଛ ! ଯେଉଁମାନଙ୍କ ହୀନବୁଦ୍ଧି, ସେମାନେ ସିଦ୍ଧି ଚାହାନ୍ତି ।

''ଯେଉଁ ଲୋକ ବଡ଼ଲୋକ ପାଖରୁ କିଛି ଚାହେଁ, ସେ ଆଉ ଖାତିର ପାଏ ନାହିଁ । ସେ ଲୋକକୁ ଏକା ଗାଡ଼ିରେ ଚଢ଼ିବାକୁ ଦିଅନ୍ତି ନାହିଁ;—ଆଉ ଯଦି ଚଢ଼ିବାକୁ ଦିଅନ୍ତି, ତେବେ ପାଖରେ ବସାଇ ଦିଅନ୍ତି ନାହିଁ । ତେଣୁ ନିଷ୍କାମ ଭକ୍ତି, ଅହେତୁକୀ ଭକ୍ତି—ସର୍ବାପେକ୍ଷା ଭଲ ।

## ସାକାର, ନିରାକାର ଦୁଇ ହିଁ ସତ୍ୟ—ଭକ୍ତର ଘର ଠାକୁରଙ୍କର ବୈଠକଖାନା

''ଆଚ୍ଛା, ସାକାର ନିରାକାର ଉଭୟ ସତ୍ୟ । କଅଣ କହୁଛ ?—ନିରାକାରରେ ମନ ଅନେକକ୍ଷଣ ରଖାଯାଏ ନାହିଁ—ତେଣୁ ଭକ୍ତଙ୍କ ପାଇଁ ସାକାର ।

କ୍ୟାପ୍‌ଟେନ୍ ବେଶ କହନ୍ତି । ପକ୍ଷୀ ବହୁତ ଉପରକୁ ଉଠେ, ଯେତେବେଳେ ଶ୍ରାନ୍ତ ହୁଏ, ସେତେବେଳେ ପୁଣି ଡାଳରେ ବସି ବିଶ୍ରାମ କରେ । ନିରାକାର ପରେ ସାକାର ।

''ତୁମର ଆଡ଼୍‌ଡାକୁ ଥରେ ଯିବାକୁ ହେବ । ଭାବରେ ଦେଖିଲି—ଅଧରଙ୍କର ଘର, ବଳରାମଙ୍କ ଘର—ଏହିସବୁ ମୋର ଆଡ଼୍‌ଡ଼ା ।

''କିନ୍ତୁ ସେମାନେ ଏଠାକୁ ନ ଆସିଲେ ମୋର କିଛି ଆପତ୍ତି ନାହିଁ ।''

## ଭକ୍ତଙ୍କ ସଙ୍ଗରେ ଲୀଳା ପର୍ଯ୍ୟନ୍ତ ବାଜିକରର ଖେଳା—ଚଣ୍ଡୀ—ଦୟା ଈଶ୍ୱରଙ୍କର

ମାଷ୍ଟର—ଆଜ୍ଞା, ତାହା କାହିଁକି ହେବ ? ସୁଖ ବୋଧ ହେଲେ ହିଁ ଦୁଃଖ । ଆପଣ ସୁଖ ଦୁଃଖର ଅତୀତ ।

ଶ୍ରୀରାମକୃଷ୍ଣ—ହଁ, ଆଉ ମୁଁ ଦେଖୁଛି,—ବାଜିକର ଓ ବାଜିକରର ଖେଳ । ବାଜିକର ସତ୍ୟ । ତା'ର ଖେଳ ସବୁ ଅନିତ୍ୟ—ସ୍ୱପ୍ନ ପରି ।

''ଯେତେବେଳେ ଚଣ୍ଡୀ ଶୁଣୁଥିଲି, ସେତେବେଳେ ଏଇଟି ବୋଧ ହୋଇଥିଲା । ଶୁମ୍ଭ ନିଶୁମ୍ଭଙ୍କର ଜନ୍ମ ହେଲା । କିଛିକ୍ଷଣ ପରେ ଶୁଣିଲି ବିନାଶ ହେଲେ ।''

ମାଷ୍ଟର—ଆଜ୍ଞା, ମୁଁ କାଲନାକୁ ଗଙ୍ଗାଧରଙ୍କ ସଙ୍ଗରେ ଜାହାଜରେ ଯାଉଥିଲି । ଜାହାଜର ଧକ୍‌କା ଲାଗି ଗୋଟିଏ ଲୋକଭରା ନୌକାରୁ କୋଡ଼ିଏ ପଚିଶ ଜଣ ବୁଡ଼ିଗଲେ ! ଷ୍ଟିମର୍ ତରଙ୍ଗର ଫେଣ ପରି ଜଳରେ ମିଶିଗଲେ !

''ଆଚ୍ଛା, ଯେ ବାଜି ଦେଖେ, ତା'ର କ'ଣ ଦୟା ଥାଏ—ତା'ର କ'ଣ କର୍ତ୍ତୃତ୍ୱବୋଧ ଥାଏ ? କର୍ତ୍ତୃତ୍ୱବୋଧ ରହିଲେ ତେବେ ତ ଦୟା ରହିବ ?''

ଶ୍ରୀରାମକୃଷ୍ଣ—ସେ ଏକାବେଳକେ ସବୁ ଦେଖେ,—ଈଶ୍ୱର, ମାୟା, ଜୀବ, ଜଗତ ।

''ସେ ଦେଖେ, ମାୟା (ବିଦ୍ୟା ମାୟା, ଅବିଦ୍ୟା ମାୟା) ଜୀବ, ଜଗତ—ଅଛି ଅଥଚ ନାହିଁ । ଯେତେକ୍ଷଣ ନିଜର 'ମୁଁ' ଅଛି, ସେତେକ୍ଷଣ ସେ ସବୁ ଅଛି । ଜ୍ଞାନ ଅସି ଦ୍ୱାରା କାଟିବା ପରେ ଆଉ କିଛି ନାହିଁ ! ସେତେବେଳେ ନିଜର 'ମୁଁ' ପର୍ଯ୍ୟନ୍ତ ବାଜିକରର ବାଜି ହୋଇପଡ଼େ !

ମଣି ଚିନ୍ତା କରୁଛନ୍ତି । ଶ୍ରୀରାମକୃଷ୍ଣ କହୁଛନ୍ତି, ''କିପରି ଜାଣ ?—ଯେପରି ପଚିଶ ପାଖୁଡ଼ାବାଲା ଫୁଲ । ଏକା ମାପରେ କଟା !

''କର୍ତ୍ତୃତ୍ୱ ! ରାମ ରାମ !—ଶୁକଦେବ, ଶଙ୍କରାଚାର୍ଯ୍ୟ ଏମାନେ ବିଦ୍ୟାର 'ମୁଁ' ରଖିଥିଲେ । ଦୟା ମନୁଷ୍ୟର ନୁହେଁ, ଦୟା ଈଶ୍ୱରଙ୍କର । ବିଦ୍ୟାର ମୁଁ ଭିତରେ ହିଁ ଦୟା, ବିଦ୍ୟାର 'ମୁଁ' ସେ ହୋଇଛନ୍ତି ।

## ଅତିଗୁହ୍ୟ କଥା—କାଳୀବ୍ରହ୍ମ—ଆଦ୍ୟାଶକ୍ତିଙ୍କ ଇଲାକା—କଲ୍‌କୀ ଅବତାର

''କିନ୍ତୁ ହଜାର ବାଜି ଦେଖ, ତଥାପି ତାଙ୍କ ଅଣ୍ଡର୍‌ରେ (under) (ଅଧୀନ) । ପଳାଇବାକୁ ବାଟ ନାହିଁ । ତୁମେ ସ୍ୱାଧୀନ ନୁହଁ । ସେ ଯେପରି କରାନ୍ତି ସେପରି କରିବାକୁ ହେବ । ସେହି ଆଦ୍ୟାଶକ୍ତି ବ୍ରହ୍ମଜ୍ଞାନ ଦେଲେ ତେବେ ବ୍ରହ୍ମଜ୍ଞାନ ହୁଏ—ତେବେ ବାଜିର ଖେଳା ଦେଖାଯାଏ ନଚେତ୍ ନୁହେଁ ।''

''ଯେତେକ୍ଷଣ ଟିକିଏ ମୁଁ ଥାଏ, ସେତେକ୍ଷଣ ସେହି ଆଦ୍ୟାଶକ୍ତିଙ୍କ ଇଲାକା । ତାଙ୍କ ଅଣ୍ଡରରେ ତାଙ୍କୁ ଛାଡ଼ିଯିବାକୁ ବାଟ ନାହିଁ ।

**''ଆଦ୍ୟାଶକ୍ତିଙ୍କ ସାହାଯ୍ୟରେ ଅବତାର ଲୀଳା ।** ତାଙ୍କ ଶକ୍ତିରେ ଅବତାର । ତେବେ ଯାଇ ଅବତାର କାର୍ଯ୍ୟ କରନ୍ତି । ସବୁକିଛି ହିଁ ମା'ଙ୍କ ଶକ୍ତି ।'

''କାଳୀମନ୍ଦିରର ଆଗର ଖାଜାଞ୍ଚି କେହି କିଛି ବେଶି ଟଙ୍କା ମାଗିଲେ କହୁଥିଲେ 'ଦୁଇ ତିନି ଦିନ ପରେ ଆସ' । ମାଲିକଙ୍କୁ ପଚାରିବେ ।''

''କଳିର ଶେଷରେ କଲ୍‌କୀ ଅବତାର ହେବ । ବ୍ରାହ୍ମଣର ପୁଅ—ସେ କିଛି ଜାଣେ ନାହିଁ—ହଠାତ୍ ଘୋଡ଼ା ଆଉ ତରବାରୀ ଆସିବ—''

**କେଶବ ସେନଙ୍କ ମାତା ଓ ଭଗିନୀ—ଧାତ୍ରୀ ଭୁବନମୋହିନୀ**

ଅଧର ଆଳତି ଦେଖି ଆସି ବସିଲେ । ଧାତ୍ରୀ ଭୁବନମୋହିନୀ ମଝିରେ ମଝିରେ ଠାକୁରଙ୍କୁ ଦର୍ଶନ କରିବାକୁ ଆସନ୍ତି । ଠାକୁର ସମସ୍ତଙ୍କର ଜିନିଷ ଖାଇ ପାରନ୍ତି ନାହିଁ—ବିଶେଷତଃ ଡାକ୍ତର, କବିରାଜ, ଧାତ୍ରୀଙ୍କର । ଅନେକ ଯନ୍ତ୍ରଣା ଦେଖିଲେ ମଧ୍ୟ ସେମାନେ ଟଙ୍କା ନିଅନ୍ତି, ଏଣୁ ଖାଇପାରନ୍ତି ନାହିଁ ।

ଶ୍ରୀରାମକୃଷ୍ଣ (ଅଧର ପ୍ରଭୃତି ଭକ୍ତଙ୍କ ପ୍ରତି)—ଭୁବନ ଆସିଥିଲା । ପଚିଶଟା ବୋମ୍ବାଇ ଆମ୍ବ ଆଉ ସନ୍ଦେଶ ରସଗୋଲା ଆଣିଥିଲା । ମୋତେ କହିଲା, ଆପଣ ଗୋଟାଏ ଆମ୍ବ ଖାଇବେ ? ମୁଁ କହିଲି—ମୋର ପେଟଭରା ଅଛି । ଆଉ ସତକୁ ସତ ଦେଖନା, ସାମାନ୍ୟ କଚୁଡ଼ି ସନ୍ଦେଶ ଖାଇ ପେଟ କିପରି ହୋଇଯାଇଛି ।

''କେଶବ ସେନଙ୍କ ମା' ଭଉଣୀ ଏମାନେ ଆସିଥିଲେ । ତେଣୁ ପୁଣି କିଛିଟା ନାଚିଲି । କଅଣ କରିବି !—**ଅନେକ ଦୁଃଖ ପାଇଛନ୍ତି ।**